# ଗୀତ ଗୋବିନ୍ଦ ଟୀକା

ଟୀକାକର
ବେଙ୍କଟ ବିହାରୀ ପ୍ରହରାଜ
ଗବେଷକ

ଗୀତ ଗୋବିନ୍ଦ
ଟୀକାକର :
ଶ୍ରୀ ବେଙ୍କଟ ବିହାରୀ ପ୍ରହରାଜ
ଋଷିକୂଲ୍ୟା ସରସତୀ ଗବେଷକ
ଯତିରାଜ ନିବାସ, ହିଲପାଟଣା
ବ୍ରହ୍ମପୁର, ଗଞ୍ଜାମ
ମୋ- ୮୭୬୩୬୦୨୫୨୦

ପ୍ରସ୍ତୁତି :
ତ୍ରିଧାରା ସାହିତ୍ୟ ସଂସଦ
ବ୍ରହ୍ମପୁର, ଗଞ୍ଜାମ ।

ଟୀକାକର ଦ୍ୱାରା ସର୍ବସତ୍ତ୍ୱ ସଂରକ୍ଷିତ

ପ୍ରଥମ ପକାଶନ
ବିଜୟା ଦଶମୀ – ୨୦୨୪

ଅକ୍ଷର ସଜ୍ଜା
ସୋନୁ ଡି.ଟି.ପି
ବ୍ରହ୍ମପୁର

ମୁଲ୍ୟ ୧୦୦/- (ଏକଶତ ଟଙ୍କା ମାତ୍ର)

## ଉତ୍ସର୍ଗ

ଯେଉଁମାନେ ମହାନ୍ ସ୍ରଷ୍ଟା  ଏ ଧରାପୃଷ୍ଠରେ ମତେ ଅବତରଣ କରାଇ ମୋର ପ୍ରତ୍ୟେକ ଅଳିଅର୍ଦ୍ଦଳୀ ଓ ସୁଖଦୁଃଖକୁ ଆପଣାଇ ପରିଚୟ କରାଇଛନ୍ତି ସେମାନଙ୍କର କରକମଳରେ ଏହାକୁ ଉତ୍ସର୍ଗ କଲି ।

ବେଙ୍କଟ

## ଅଭିମତ

ଓଡ଼ିଶାର ସାଂସ୍କୃତିକ ଇତିହାସ କ୍ରମବିକାଶରେ ଯେଉଁ ସବୁ ଉପାସନାର ଉତ୍ଥାନ ପତନ ହୋଇ ଗତି କରିଛି ସେହି ଉପାସନା ମଧ୍ୟରୁ କୃଷ୍ଣ ଉପାସନାର ଏକ ବଳିଷ୍ଠ ପରମ୍ପରା ରହିଛି ଯାହା କଳିଙ୍ଗର ମାଠର ବଂଶର ରାଜା ପ୍ରଭଞ୍ଜନ ବର୍ମା । (୪୬୦-୪୮୦)ଙ୍କ ସମୟକୁ ବୈଷ୍ଣବ ଧର୍ମର ପୃଷ୍ଠପୋଷକ ନନ୍ଦବଂଶର ରାଜା ସ୍କନ୍ଦବର୍ମା (୪୮୦-୫୦୦) ହରି ଉପାସକ । ଷଷ୍ଠ ଓ ସପ୍ତମ ଶତାବ୍ଦୀର କଳିଙ୍ଗର ଦୁର୍ଜୟ ବଂଶର ରାଜା ଓ କଙ୍ଗୋଦର ଶୈଳୋଦ୍ଭବ ବଂଶର ରାଜାମାନେ ବ୍ରାହ୍ମଣ୍ୟଧର୍ମର ଅନୁରାଗୀ ଥିଲେ । ତ୍ରିକଳିଙ୍ଗର ନନ୍ଦ ଓ କୋଶଳର ଶରଭପୂରୀୟ ରାଜାମାନେ ଭାଗବତ ଧର୍ମର ପୃଷ୍ଠପୋଷକ । କୋଶଳ ରାଜ୍ୟର ସୋମବଂଶୀ ରାଜା ବାଳାର୍ଜୁନ (୭୫୦-୮୯୦)ଙ୍କ ମାତା ନରସିଂହଙ୍କର ଉପାସକ । ଅଷ୍ଟମ ଓ ନବମ ଶତାବ୍ଦୀବେଳକୁ ବିଷ୍ଣୁଙ୍କର ଦଶାବତାର ମୂର୍ତ୍ତିର ପୂଜା ମଧ୍ୟ ଆରମ୍ଭ ହୋଇଯାଇଥିଲା । ଏହି ସମୟରେ ଖିଞ୍ଜିଳୀ ମଣ୍ଡଳର ଘୁମୁସର ଅଞ୍ଚଳରେ ଭଞ୍ଜ ରାଜାମାନେ ବିଷ୍ଣୁ ଉପାସକ ଥିଲେ । ନବମ ଶତାବ୍ଦୀରେ ପ୍ରାଚୀନ ଉପତ୍ୟକା, କଟକ ଓ ପୁରୀ ଜିଲ୍ଲାର ଅନେକ ସ୍ଥାନରେ ବିଷ୍ଣୁଙ୍କର ବହୁ ଚତୁର୍ଦ୍ଧାମୁର୍ତ୍ତି ଦେଖିବାକୁ ମିଳେ । (୯୨୫-୯୫୫) ପ୍ରଥମ ଯଯାତିକେଶରୀ ଶ୍ରୀକ୍ଷେତ୍ର ପୁରୀରେ ମନ୍ଦିର ନିର୍ମାଣ କରିବାଫଳରେ ଏହା ଦେଶର ମୁଖ୍ୟ ତୀର୍ଥ କ୍ଷେତ୍ର ଭାବେ ପରିଚୟ ଲାଭ କରିଥିଲା ।

ଗଙ୍ଗବଂଶର ରାଜାମାନେ କଳିଙ୍ଗ, କୋଶଳ ଉତ୍କଳଦେଶର ଓ ଖିଜୀଙ୍ଗୀ (ଗଙ୍ଗାଠାରୁ ଗୋଦାବରୀ) ପର୍ଯ୍ୟନ୍ତ ବିସ୍ତୃତ ରାଜ୍ୟରେ ରାଜୁତି କରୁଥିଲେ । ଚୋଳଗଙ୍ଗଦେବ ( ୧୦୭୭-୧୧୪୭) ପୁରୀ, ସୀମାଚାନ୍ଦ, ମୁଖଲିଙ୍ଗମ୍ ଇତ୍ୟାଦି ସ୍ଥାନମାନଙ୍କରେ ମନ୍ଦିର ନିର୍ମାଣ କରାଇଥିଲେ ।

ଦ୍ୱାଦଶ ଶତାବ୍ଦୀବେଳକୁ ଶ୍ରୀ ସଂପ୍ରଦାୟର ରାମାନୁଜଙ୍କ ପ୍ରଭାବ ଓଡ଼ିଶାରେ ବିସ୍ତାର ଲାଭ କରିଥିଲା । ରାମାନୁଜଙ୍କ ସମେତ ବିଷ୍ଣୁସ୍ୱାମୀ, ନିମ୍ବାର୍କ ଓ ମାଧବାଚାର୍ଯ୍ୟ ପ୍ରଭୃତି ବୈଷ୍ଣବ ସଂପ୍ରଦାୟର ଧର୍ମାଚାର୍ଯ୍ୟଗଣ ଏହି ଶତାବ୍ଦୀରେ ପୁରୀରେ ନିଜ ନିଜର ଧର୍ମ ପ୍ରଚାର କରିଥିଲେ । ଏହି ଶତାବ୍ଦୀରେ ଜୟଦେବଙ୍କର ଅମରକୃତି 'ଗୀତଗୋବିନ୍ଦ' ପ୍ରକାଶ ପାଇଥିଲା । ଦ୍ୱାଦଶ ଓ ତ୍ରୟୋଦଶ ଶତାବ୍ଦୀରେ ବହୁ ସ୍ଥାନରେ ଗୋପିନାଥ ମୂର୍ତ୍ତି ପ୍ରତିଷ୍ଠା ହୋଇଥିବାର ପ୍ରମାଣ ମିଳେ । ପ୍ରାଚୀ ମହାସମାଧିରେ ବର୍ଣ୍ଣନା ଅଛି ଯେ ଏହି ସମୟରେ ପ୍ରାଚୀ ଉପତ୍ୟକାରେ ଦ୍ୱାଦଶ ଶମ୍ଭୁଙ୍କର ସହ ଦ୍ୱାଦଶ ମାଧବଙ୍କର ଉପାସନା ପ୍ରଚଳିତ ଥିଲା ।

ପଞ୍ଚସଖାଙ୍କ ଧର୍ମ ଓ ଦର୍ଶନ ପ୍ରଭାବରେ କୃଷ୍ଣ ଅବତାର ଶ୍ରୀଜଗନ୍ନାଥଙ୍କର ଅବତାର ରୂପେ ଆବିର୍ଭୂତ ହେଲେ । ଜଗନ୍ନାଥ ହେଲେଏକାଧାରାରେ ବୁଦ୍ଧ, ଭୈରବ ଓ କୃଷ୍ଣ । ୧୫୭୧ ମସିହାରେ ଗୋଲକୁଣ୍ଡାର କୁତବ୍‌ଶାହା ଚିଲିକାର ଦକ୍ଷିଣ ଅଞ୍ଚଳକୁ ଅଧିକାର କରିଥିଲେ । ୧୫୯୦ରେ ଓଡ଼ିଶା ମୋଗଲମାନଙ୍କ ଦ୍ୱାରା ଅଧିକୃତ ହେଲା । ଏହି ସମୟରୁ ଓଡ଼ିଶାର ଧର୍ମସଂସ୍କୃତି ଉପରେ ପ୍ରବଳ ସଂଘାତ ଓ ଆକ୍ରମଣ ରହିଥିଲା । ବିଭିନ୍ନ ଧର୍ମାନୁଷ୍ଠାନର ଧ୍ୱଂସ ଶ୍ରୀମନ୍ଦିର ଆକ୍ରମଣ ଜଗନ୍ନାଥଙ୍କ ଅଜ୍ଞାତବାସ ଆଦି କ୍ରମାଗତ ଭାବେ ଲାଗି ରହିଥିଲା ।

ପଞ୍ଚସଖାର କବି ଜଗନ୍ନାଥ ଦାସଙ୍କର ଭାଗବତ, ଅଚ୍ୟୁତାନନ୍ଦଙ୍କ ହରିବଂଶ, ଭୁପତି ପଣ୍ଡିତଙ୍କ ପ୍ରେମପଞ୍ଚାମୃତରେ ରାଧାକୃଷ୍ଣଙ୍କର ଉଶୃଙ୍ଖଳ ରାସଲୀଳା ବର୍ଣ୍ଣନାରେ କୁଣ୍ଠାବୋଧ କରି ବରଂ ରାଧାଙ୍କ ପରିବର୍ତ୍ତେ ବୃନ୍ଦାବତୀର ଆବିଷ୍କାର କରିଥିଲେ । ଉକ୍ତଚରଣ 'ମଥୁରାମଙ୍ଗଳ'ରେ ରାଧା ଓ ବୃନ୍ଦାବତୀଙ୍କ ମଧ୍ୟରେ ଦୋଳାୟମାନ ଥିଲେ । ସପ୍ତଦଶ ଅଷ୍ଟାଦଶ ଶତାବ୍ଦୀରେ ଧନଞ୍ଜୟ ଭଞ୍ଜ ଘନଭଞ୍ଜ ଓ ଉପେନ୍ଦ୍ର ଭଞ୍ଜଙ୍କ ରଚନାରେ ଶୃଙ୍ଗାର ରସର ପ୍ରାବଲ୍ୟ ଦେଖି ଦେଇଥିଲେ ହେଁ ତାହା ସ୍ୱକୀୟ ପ୍ରେମର ପରିସରରେ ଆବଦ୍ଧ ରହିଛି ।

କେବଳ କବିସୂର୍ଯ୍ୟ ବଳଦେବଙ୍କ କିଶୋର ଚନ୍ଦ୍ରାନନ ଚମ୍ପୂ, ଅଭିମନ୍ୟୁଙ୍କର ବିଦଗ୍ଧ ଚିନ୍ତାମଣି ଆଦିରେ ପରକୀୟା ପ୍ରୀତିର ଦାର୍ଶନିକ ବା ମାନସିକ ବାଧା ନାହିଁ, ଅଛି କେବଳ ଏକ ସ୍ୱଚ୍ଛନ୍ଦ ଓ ସାବଲୀଳ ପ୍ରବୃତ୍ତିର ସ୍ୱତଃସ୍ଫୁର୍ତ୍ତ ପ୍ରକାଶ ।

ପ୍ରାଚୀ ନଦୀ କୂଳବର୍ତ୍ତୀ ପୁରୀ ଜିଲ୍ଲାର ଅନ୍ତର୍ଗତ କେନ୍ଦୁଲି /କେନ୍ଦୁବିଲ୍ୱ ଗ୍ରାମର ଭୋଜଦେବ ଓ ରମାଦେବୀଙ୍କ ପୁତ୍ର ଭାବେ ଜୟଦେବ ଜନ୍ମଗ୍ରହଣ କରିଥିଲେ । ଏଗାର ବର୍ଷ ବୟସରେ ପିତୃମାତୃଙ୍କ ବିୟୋଗରେ ଜୟଦେବ ନନ୍ଦ ଗ୍ରାମ ତ୍ୟାଗ କରି ଶ୍ରୀକ୍ଷେତ୍ରକୁ ଆସିଥିଲେ ଓ ସେ ଜଣେ ଶ୍ରେଷ୍ଠ ମାଧବଭକ୍ତ ଭାବେ ଜୀବନ ଅତିବାହିତ କରିଥିଲେ । ସେହି ସମୟରେ ସଂସ୍କୃତ ଭାଷା ସାହିତ୍ୟର ପ୍ରଭାବ ରହିଥିଲା ଯାହାଫଳରେ ଜୟଦେବ ଏହି ଗୀତଗୋବିନ୍ଦ ରଚନା କରିଥିଲେ । ଏହି ଗୀତଗୋବିନ୍ଦ ଏକ ଖଣ୍ଡକାବ୍ୟ ବା ଗୀତିକାବ୍ୟ ଭାବେ ପରିଚୟ ହୋଇଥିଲା ଏଥିରେ ୧୨ଟି ସର୍ଗ, ୨୪ଟି ଗୀତ ଓ ୭୨ଟି ଶ୍ଳୋକ ରହିଛି । ଏଥିରେ ଥିବା ଗୀତଗୁଡ଼ିକ ମଧ୍ୟରୁ ୧ମ ଗୀତଟି ୧୧ପଦ, ୧୦ମ ଗୀତଟି ୫ପଦ ଅବଶିଷ୍ଟ ୨୨ଟି ଗୀତ ୮ଗୀତ ପଦରେ ବିଭକ୍ତ । ତେଣୁ ପ୍ରାୟ ୮ପଦ ବିଶିଷ୍ଟ ଗୀତ ଏଥିରେ ରହିଥିବାରୁ ଏହାକୁ ଅଷ୍ଟପଦୀ ବୋଲି କୁହାଯାଏ । ସଂସ୍କୃତ ସାହିତ୍ୟରେ ଅନେକ ଲଘୁକାବ୍ୟ ମଧ୍ୟରୁ ଏହି ଗୀତିକାବ୍ୟ ଅନ୍ୟତମ । ଏହି ଗୀତିକାବ୍ୟର ଲକ୍ଷଣ ହେଲା, ସଂକ୍ଷିପ୍ତତା, ଭାବପ୍ରବଣତା, ଅନୁଭୂତିଶୀଳତା, ରସମାଦକତା, ଗାନଯୋଗ୍ୟତା ପକୃତି ଚିତ୍ରଣ ଆଦି । ଗୀତିକାବ୍ୟରେ ଉଭୟ ଅନ୍ତଃ ଏବଂ ବାହ୍ୟ ପ୍ରକୃତିର ଚିତ୍ରଣ କରାଯାଇଛି । ଏହାର ପ୍ରଧାନ ଗୁଣ ହେଲା ଗେୟତା ବା ଗାନଯୁକ୍ତ ଏଣୁ ଏହା ସଙ୍ଗୀତମୟ ହେବା ଆବଶ୍ୟକତା ରହିଥାଏ । ତେଣୁ ଏହିକାବ୍ୟ ଗୁଡିକର ଶୃଙ୍ଗାରୀ ଚେତନାର ଆବଶ୍ୟାକ ରହିଥାଏ । ରସର ମାଧୁର୍ଯ୍ୟ ଗୀତିକାବ୍ୟକୁ ରସାଳ କରିଥାଏ । କବିର ଅନୁଭୂତି ଅଭିବ୍ୟକ୍ତିର ପ୍ରତିପାଦିତ ହୋଇଥାଏ । କବିର ଭାବପ୍ରବଣତା ହିଁ ସଫଳ କାବ୍ୟ ସୃଷ୍ଟିର ମୂଳ କାରଣ ହୋଇଥାଏ ଯାହାକି ଜୟଦେବଙ୍କ ଗୀତ ଗୋବିନ୍ଦରେ ଦେଖିବାକୁ ମିଳିଥାଏ । ତେଣୁ ସଫଳ ଗୀତିକାବ୍ୟ ଭାବେ ନିଜସ୍ଥାନକୁ ବଜାୟ ରଖିପାରିଛି ।

ଗୀତଗୋବିନ୍ଦ ସଂସ୍କୃତ ସାହିତ୍ୟର ଏକ ଶ୍ରେଷ୍ଠ ଗୀତିକାବ୍ୟ ଭାବେ ପରିଚିତ ହେବାର ମୁଖ୍ୟ କାରଣ ହେଲା ଏଥିରେ ଶବ୍ଦ ସଂଯୋଜନା, ସଙ୍ଗୀତର ମୁର୍ଚ୍ଛନା ଓ ଉଭୟ ଅନ୍ତଃ ଓ ବାହ୍ୟ ପ୍ରକୃତିର ବର୍ଣ୍ଣନା ହିଁ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛି । ଗୀତଗୋବିନ୍ଦରେ ବର୍ଣ୍ଣିତ ୨୪ଟି ଗୀତ ଏହି ଗୀତମାନଙ୍କ ଆଦ୍ୟ ଓ ପ୍ରାନ୍ତରେ ଗୀତର କଥାବସ୍ତୁର କ୍ରମ ରକ୍ଷା କରି କେତେକ ଶ୍ଳୋକ ସନ୍ନିବିଷ୍ଟ ହୋଇଅଛି । ଏହି ଗୀତଗୁଡିକରେ ରାଗ ଓ ତାଳ ରହିଥିବାରୁ ଏହା ସ୍ୱର ତାଳରେ ଗାନ କରାଯାଇଥିଲେ ଓ ଶ୍ଳୋକ ଗୁଡିକ ଆବୃତ୍ତି କରାଯାଉଥିଲା ଗୀତଗୋବିନ୍ଦରେ ବର୍ଣ୍ଣିତ ୧୨ଟି ରାଗ ପାଞ୍ଚଟି ତାଳ ନିମ୍ନରେ ଦର୍ଶାଇ ଦିଆଗଲା ।

| ତାଳ | ରାଗ | ତାଳ | ରାଗ |
|---|---|---|---|
| ରୂପକ | ମାଳବ ଗୌଡ଼ୀ | ଯତି | ମାଳବ, ଗୌଡ଼ା |
| | ଗୁଣ୍ଡକିରୀ | | ବସନ୍ତ, କର୍ଣ୍ଣାଟ |
| | ଦେଶୀ ବରାଡ଼ି | | ରାମକେରୀ, ଗଞ୍ଜରୀ |
| | ବରାଡ଼ି | | ଭୈରବ |
| ନବସାର | ମଙ୍ଗଳ ଗୁଞ୍ଜରୀ | ଏକତାଳ | ଗୁଞ୍ଜରୀ |
| ଆଠତାଳ | ଦେଶୀବରାଡ଼ି | | ଦେଶାନ୍ଦ/ଖ୍ୟ |
| | | | ବିଭାସ/ଷ |

ସଙ୍ଗୀତ ଶାସ୍ତ୍ର ଅନୁଯାୟୀ, ରାଗ ମାତ୍ର ଛଅ ପ୍ରକାର ରହିଥିଲା ତାହା ପରବର୍ତ୍ତୀ ସମୟରେ ୩୬ରାଗିଣି ମିଶି ୪୨ରାଗ ହୋଇଛି । ସେଥିମଧରୁ ନୃସିଂହ ପୁରାଣକାର ପିତାମ୍ବର ଦାଶ ଏହି ରାଗିଣି ମିଶାଇ ୪୨ରାଗ ତାଙ୍କ ବିରଚିତ ନୃସିଂହପୁରାଣର ୧ମ ରତ୍ନାକର ଉଲ୍ଲେଖ କରିଛନ୍ତି । ସେହିପରି ସଙ୍ଗୀତ ନାରାୟଣରେ ୪୬ଟି ସ୍ୱଦେଶୀ ରାଗ ଉଲ୍ଲେଖ ଅଛି । ସଙ୍ଗୀତ ଶାସ୍ତ୍ର ଅନୁଯାୟୀ ପ୍ରଥମ ରାଗଠାରୁ କ୍ରମଅନୁଯାୟୀ ୪୨ରାଗ ବା ୪୬ରାଗର ସୃଷ୍ଟି ତାହାକୁ ଏଠାରେ ଆଲୋଚନା ଅନାବଶ୍ୟକ ମନେ କରେ, ମାତ୍ର ଗୀତଗୋବିନ୍ଦ ପରେ ଓଡ଼ିଆ ସାହିତ୍ୟରେ ସଙ୍ଗୀତ ବିକାଶଧାରା ଦୃଷ୍ଟିରୁ ହୋଇଥିବାର ଜଣାଯାଏ, ଏହି ରାଗପରି ତାଳର ମଧ୍ୟ ବହୁ ବିଧି ରହିଛି । ତାଳମାନଙ୍କ ସଂଖ୍ୟା ସଂପର୍କରେ ମଧ ବହୁବିଧି ମତ ପରିଦୃଷ୍ଟ ହୁଏ । ମାତ୍ର ଗୀତ ଗୋବିନ୍ଦରେ ମାତ୍ର ପାଞ୍ଚଗୋଟି ତାଳର ପ୍ରୟୋଗ କରାଯାଇଛି ।

ସଂସ୍କୃତ ସାହିତ୍ୟର ଗୀତଗୋବିନ୍ଦ ଓଡ଼ିଆ ଜନମାନସକୁ ଆନନ୍ଦିତ କରିଥିଲା କାରଣ ଓଡିଆଙ୍କ ପ୍ରାଣର ଠାକୁର ଜଗନ୍ନାଥ ମନ୍ଦିରରେ ଭୋଗ, ସଞ୍ଜଦୀପ ଓ ବଡ଼ ସିଂଘାର ଆଦିଠାରୁ ଏହାର ଗାନ ଓ ନୃତ୍ୟର ପରିବେଷଣ ଗଙ୍ଗବଂଶୀୟ ରାଜା ଦ୍ୱିତୀୟ ନରସିଂହଦେବଙ୍କ ସମୟରେ ଏହି ପ୍ରଥାର ପ୍ରଚଳନ କରାଯାଇଥିଲା । କପିଳେନ୍ଦ୍ରଦେବଙ୍କ ସମୟରେ ଏହି ଗୀତଗୋବିନ୍ଦର ପ୍ରଭାବରେ ସଙ୍ଗୀତର ବିକାଶ ହୋଇଥିବା କଥା ଅନୁମାନ କରାଯାଏ । କପିଳେନ୍ଦ୍ରଦେବଙ୍କ ‘ପର୍ଶୁରାମ ବିଜୟ’ନାଟକରୁ । ପରମୁହୁର୍ତ୍ତରେ ପ୍ରତାପରୁଦ୍ରଦେବଙ୍କ ସମୟରେ କାହାକୁ ବାଧତାମୂଳକ ବା ଏକ ବିଧି ରୂପେ ଜଗନ୍ନାଥ ମନ୍ଦିରରେ ଗ୍ରହଣ କରାଯାଇଥିଲା । ପ୍ରତାପରୁଦ୍ରଦେବଙ୍କ ପଞ୍ଚଅଙ୍କରେ ପ୍ରମାଣ ରହିଛି । ଠାକୁରଙ୍କ ଭୋଗବେଳେ ଏହା ନାଟ ହେବ ଏବଂ ସଞ୍ଜଧୂପ ସରିଲା ଠାରୁ ବଡ଼ସିଂହାର ପର୍ଯ୍ୟନ୍ତ ଏ ଗାନ ଓ ନୃତ୍ୟ ପରିବେଷଣ ହେବ । ଏହି ନାଚ ପାଇଁ ଏକ ଭିନ୍ନ ସଂପ୍ରଦାୟର ନୃତ୍ୟାଙ୍ଗନାମାନେ ରହିଥିଲେ କେବଳ ଗୀତଗୋବିନ୍ଦ ଗୀତ ଗାନ ଓ ନୃତ୍ୟ ପରିବେଷଣ କରିବେ । ଏଥିପାଇଁ ୪ଜଣ ଗାୟକ ଏହାକୁ ଗାନ କରୁଥିଲେ ନୀଟ ପରିବେଷଣ କରନ୍ତି ତାହାହେଲେ ସେ ଜଗନ୍ନାଥଙ୍କ ଦ୍ରୋହି ହେବ ।

ଏହା ଫଳରେ ଗୀତଗୋବିନ୍ଦର ନାଚ, ଗାନ ଓ ଶୈଳୀ ସହିତ ଦର୍ଶକ ଓ ଶ୍ରୋତାମାନେ ବାଧ ହେଉଥିଲେ ତାହାକୁ ଶୁଣିବା, ଗାଇବା ଓ ନାଚିବା ପାଇଁ ଏଣୁ ତାହାର ତାଳ, ଲୟ, ଭଙ୍ଗୀ ଓ ସଙ୍ଗୀତର ଗାୟନ ମୂର୍ଚ୍ଛନା ସାରା ଜଗତରେ ପ୍ରଭାବିତ ହୋଇଥିଲା ।

କେବଳ ଏତିକି ନୁହେଁ ପୁରୁଷୋତ୍ତମ ଦେବ ଏହି ଛାୟାରେ ‘ଅଭିନବ ଗୀତଗୋବିନ୍ଦମ୍’ ରଚନା କରି ଏହାକୁ ପରିବେଷଣ କରିଥିବାର କଥା ମଧ ଶୁଣିବାକୁ ମିଳୁଅଛି । ଜୟଦେବଙ୍କ ଗୀତଗୋବିନ୍ଦ ସମ୍ପର୍କରେ ଅନେକ କଥା କାହାଣୀ ଶୁଣିବାକୁ ମିଳେ । ସେହି ସବୁକୁ ବାଦ ଦେଇ ଏତିକି କୁହାଯାଅପାରେ ଯେ, ଗୀତଗୋବିନ୍ଦରେ ଥିବା ୭୫ ଶ୍ଲୋକରେ ନିଜର ଚିନ୍ତାଧାରା ଜୟଦେବ ଉପସ୍ଥାପନା କରିଛନ୍ତି । ଏହି ଗୀତଗୋବିନ୍ଦରେ (୧) ସଙ୍ଗୀତକଳାର ପ୍ରୟୋଗ କରାଯାଇଛି ଯାହାକୁ ଅପାଠକ ମଧ ମୁଖସ୍ଥକରି ଗାନ କରିବେ । ଏହା ଗାନ୍ଧବକଳା (୨) ଏଥିରେ ଆଧାତ୍ମିକତା ବା ଚିନ୍ତାଧାରାକୁ ପ୍ରତିପାଦିତ କରାଯାଇଛି ତେଣୁ ଯେକୌଣସି ଧାର୍ମିକ ପଣ୍ଡିତମାନେ ଭକ୍ତିଭାବନାରେ ଅନୁପ୍ରାଣିତ ହୋଇ ଆକୃଷ୍ଟ ହୋଇଛନ୍ତି ।

ନିଜ ନିଜ ଦୃଷ୍ଟିଭଙ୍ଗୀରୁ କିଏ କୃଷ୍ଣ, ରାମ, ଜଗନ୍ନାଥ, ଶିବ-ଭକ୍ତ ଆଦି ଦେବଦେବୀଙ୍କ ଲୀଳା ଭାବେ ଆକୃଷ୍ଟ ହୋଇ ଲେଖି ଚାଲିଛନ୍ତି । ଏଥିରେ ଥିବା ନବରସରେ ଶ୍ରେଷ୍ଠରସ ଶୃଙ୍ଗାର ରସ ଓ କାମସୂତ୍ରର ବିଭିନ୍ନ ତତ୍ତ୍ୱର କଥାକୁ ଛନ୍ଦର ଶବ୍ଦରେ ସଂଯୋଗ କରାଯାଇଛି ଯାହା ଫଳରେ ସାହିତ୍ୟକଳାର ଶ୍ରେଷ୍ଠତ୍ୱ ଭାବି ଏହି ରଚନା ପ୍ରତି ଆକୃଷ୍ଟ ହୋଇଛନ୍ତି । ତେଣୁ ଗୀତଗୋବିନ୍ଦ ସର୍ବଜନପ୍ରିୟତାର ଚରମ ଓ ପରମ ରହସ୍ୟ ଭେଦକରି ଜଣ ଓ ଗଣକୁ ସନ୍ତୁଷ୍ଟ କରିପାରିଛି । ଏହା ନିଃସନ୍ଦେହ ।

ଆଜି ପର୍ଯ୍ୟନ୍ତ ଅନେକ ଟୀକାକାର, ଆଲୋଚକ, ଅନୁବାଦକଙ୍କ ମନ ମଧରେ ଏହା ଏକ ରାଧାକୃଷ୍ଣଙ୍କ ପ୍ରେମାତ୍ମକ କାବ୍ୟଭାବେ ଗ୍ରହଣ କରିଛନ୍ତି କିନ୍ତୁ ଆଲୋଚ୍ୟ ବେଙ୍କଟ ବିହାରୀ ପ୍ରହରାଜଙ୍କ ଚିନ୍ତାଚେତନା ଏମାନଙ୍କଠାରୁ ଭିନ୍ନ ରହିଛି ।

ତାଙ୍କ ଦୃଷ୍ଟିରେ ଏହା ଏକ ପ୍ରକୃତି ଓ ପୁରୁଷର କଥା ଉପସ୍ଥାପନା କରିବା ସହ ପ୍ରକୃତିର ଉଭୟ ବାହ୍ୟ ଓ ଅନ୍ତଃ ପ୍ରକୃତି ବର୍ଣ୍ଣନା କରାଯାଇଛି ବୋଲି ମତବ୍ୟକ୍ତ କରନ୍ତି ।

ଜୟଦେବଙ୍କ ପତ୍ନୀ ପଦ୍ମାବତୀ ଓ ପ୍ରକୃତିରାଣୀ ଚିଲାକାର ସୌନ୍ଦର୍ଯ୍ୟ ସହ ପ୍ରାଚୀନଦୀ ଓ ପ୍ରାଚୀନଦୀର ଚତୁଃପାର୍ଶ୍ୱର ପରିବେଶକୁ ନେଇ ଗୀତଗୋବିନ୍ଦର ରଚନା କହିବା ବାହୁଲ୍ୟ ଏହି ଯେ, ଲେଖକ ବେଙ୍କଟ ବିହାରୀ ପ୍ରହରାଜଙ୍କ ପିତାମହ ଶ୍ରୀ ଲକ୍ଷ୍ମୀଚରଣ ବିଦ୍ୟାଳଙ୍କାର ପ୍ରହରାଜଙ୍କ ରଚିତ 'ନବନିବେଦନ ଷୋଡ଼ଶୀ'ରେ ରହିଥିବା ୧୬ଟି ଅଷ୍ଟପଦୀ କବିତା ଓ ବେଙ୍କଟବିହାରୀଙ୍କ ଚିନ୍ତାଧାରାରେ 'ଋଷିକୂଲ୍ୟା' କୂଲ୍ୟା ସରସ୍ୱତୀ ଓ ତାଙ୍କ ପିତା ଯତିରାଜ ପ୍ରହରାଜଙ୍କ ପ୍ରତିଷ୍ଠିତ ଗୀତଭବନର ମୂଳ ଉଦେଶ୍ୟ ଶ୍ରୀକୃଷ୍ଣ ସହ ରୁକ୍ମଣୀ, ସତ୍ୟଭାମାର ମନ୍ଦିର ଓ ଗୀତାର ପ୍ରଚାର ପ୍ରସାରର ଚିନ୍ତାସହ ସେ ଏକମତ ହୋଇ ବାଲ୍ୟକାଳରୁ ପ୍ରକୃତି ସହିତ ରହିବା ଆଧ୍ୟାତ୍ମିକ ଚିନ୍ତା ଓ ଚେତନାର ଊର୍ଦ୍ଧ୍ୱରେ ରହି ଏହାର ବାସ୍ତବ ରୂପକୁ ସାଧାରଣ ପାଠକ ପାଖରେ ପହଞ୍ଚାଇବାର ଯେଉଁ ମନୋଭାବ ପୋଷଣ କରିଥିଲେ ତାହାର ଏକ ଦଲିଲ ଭାବେ ଏହା କାର୍ଯ୍ୟ କରିପାରିଲେ ଲେଖକଙ୍କ ଶ୍ରମ ସାର୍ଥକ ହେବ । ଆଲୋଚ୍ୟ କାବ୍ୟରେ ୨୪ପ୍ରବନ୍ଧ, ୧୨ସର୍ଗ, ୭୭ଶ୍ଳୋକ ରଖିବା ସହ ଓଡ଼ିଆ ପ୍ରେମୀଙ୍କ ଦ୍ୱାରା ଆଦୃତ ୧୯ଟି ଶ୍ଳୋକକୁ ଏଥିରେ ସଂଲଗ୍ନ କରିଛନ୍ତି । ସେଗୁଡିକ ଭିନ୍ନ ଭିନ୍ନ ଅଞ୍ଚଳରୁ ସଂଗୃହୀତ ହୋଇଛି । ପ୍ରଥମ ସର୍ଗ ଠାରୁ ୧୦ ସର୍ଗର ଓ ଦ୍ୱାଦଶ ସର୍ଗରେ ଗୋଟିଏ ଗୋଟିଏ ଶ୍ଳୋକ ଏକାଦଶ ସର୍ଗରେ ୩ଗୋଟି ଶ୍ଳୋକ ସଂଲଗ୍ନ କରାଯାଇଛି ।

ଜୟଦେବଙ୍କ ଗୀତିକାବ୍ୟ ଗୀତଗୋବିନ୍ଦ ପଢ଼ିବାର ସୌଭାଗ୍ୟ ଓ ଆଉ ଏହି କାବ୍ୟ ସମ୍ପର୍କରେ କିଛି ଲେଖିବା ପାଇଁ ଯେଉଁ ମାନସିକ ପ୍ରସ୍ତୁତି ଓ ବିଭିନ୍ନ ପୁସ୍ତକ ପଢ଼ିବାର ଆଗ୍ରହ ସହ ବିଭିନ୍ନ ସ୍ରଷ୍ଟାଙ୍କ ସହ ଆଲୋଚନା କରିବାର ସୌଭାଗ୍ୟ ଲାଭ କରିଛି । ସଙ୍ଗୀତ, ସାହିତ୍ୟ, ଗୀତିକାବ୍ୟର ଧାରା ସଂସ୍କୃତ ସାହିତ୍ୟର ବିକାଶ ଧାରା ଓଡ଼ିଶା ଇତିହାସ ଜଗନ୍ନାଥ ଗୀତଗୋବିନ୍ଦ ସମ୍ପର୍କ ଓ ବୈଷ୍ଣବଧର୍ମର ବିକାଶଧାରାର କଥାକୁ ଅନୁଧ୍ୟାନ କରିଲେ ଅନେକ କଥାକାହାଣୀ ମନରୁ ଭୁଲି ହୋଇଯାଏ । ସତରେ ଗବେଷକମାନେ କେବଳ ଗବେଷକଙ୍କ ପଦପଦବୀକୁ ନଦେଖି ସୃଷ୍ଟିକୁ ଦେଖି ନିରୀକ୍ଷଣ କରି ଯଦି ନିଜ ଚିନ୍ତାଧାରାରେ ତାହା ଚିନ୍ତା କରନ୍ତି ତାହା ହେଲେ ସତ୍ୟାସତ୍ୟ ବାରିପାରିବ । ଗୀତଗୋବିନ୍ଦଙ୍କୁ ଅନେକ ବରିଷ୍ଠ, ବିଶିଷ୍ଟ ବ୍ୟକ୍ତି ବିଶେଷମାନେ ଟୀକା, ଅନୁବାଦ, ବ୍ୟାଖ୍ୟା କରିଥିଲେ ମଧ୍ୟ ଗବେଷକ ପ୍ରହରାଜଙ୍କ କୌଣସି ପଦବୀ, ଡିଗ୍ରୀ ନଥାଇ ଏହାକୁ ଏକ ଅଭିନବ ନୂତନ ଚିନ୍ତାଧାରାକୁ ସାଧାରଣ ପାଠକ ପାଖକୁ ପହଞ୍ଚାଇବାର ଉଦ୍ୟମ ଅତି ପ୍ରଶଂସନୀୟ ।

ବେଙ୍କଟବିହାରୀ ପ୍ରହରାଜଙ୍କ ସହ ମୋର ସମ୍ପର୍କ ଏହି କେତେବର୍ଷର । ସାହିତ୍ୟ, ପୁରାଣ କଥା ଆଲୋଚନା ଓ ବିଭିନ୍ନ ସଭାସମିତିରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ଆଦିକୁ ନେଇ କିଛି ଜ୍ଞାନ ଚର୍ଚ୍ଚା କରିବାସହ ଅନେକ ବ୍ୟକ୍ତିଗତ କଥାରୁ ଆମ ସମ୍ପର୍କ । ଏହି ଗୀତଗୋବିନ୍ଦ ଲେଖିବା ପରେ ପୁସ୍ତକ ସମ୍ପର୍କରେ କିଛି ଲେଖିବା ପାଇଁ ବହୁ ପଦପଦବୀଧାରୀମାନଙ୍କ ନିକଟକୁ ଯାଇଥିଲେ, କେହି ବି ମତାମତ ଦେବାକୁ ପ୍ରସ୍ତୁତ ହୋଇନଥିଲେ ଏବଂ ବହୁ ସମାଲୋଚନାର ଶରବ୍ୟ ହୋଇଥିଲେ, ଏହି କଥା ମୋତେ ବହୁତ କଷ୍ଟ ପ୍ରଦାନ କରିଥିଲା ବୋଧେ ଏହା ବିଧି ନିର୍ଦ୍ଦେଶ ଅନୁଯାୟୀ କୋଣାର୍କର ଦଧିନଉତି ଧରମା ହାତରେ ହେବାପାଇଁ ତାହା ମୋର ନିକଟରେ ଘଟିଲା, କିନ୍ତୁ ସମୁଦ୍ରରେ ଲମ୍ଫ ପ୍ରଦାନ ନକରି ସାହିତ୍ୟ ସମୁଦ୍ରରେ କିଛି ଉର୍ମୀକୁ ସାମ୍ନାକରି ଏହା ଲେଖିବାକୁ ଚେଷ୍ଟା କରିଛି । ଯଦି କିଛି ଦୋଷଥାଏ ମାର୍ଜିତ କରିଦେବେ ।

ଡକ୍ଟର ଲକ୍ଷ୍ମୀ ନାରାୟଣ ଦାଶ
ସଂପାଦକ, ତ୍ରିଧାରା ସାହିତ୍ୟ ସଂସଦ
ବ୍ରହ୍ମପୁର, ଗଞ୍ଜାମ

## ଗୀତ ଗୋବିନ୍ଦର ଯଥାର୍ଥତା

ସୃଷ୍ଟି ଆରମ୍ଭ ପୂର୍ବରୁ ଶ୍ରୀମଦ୍ ଭଗବଦ୍ ଗୀତାର ପ୍ରଚଳନ ରହି ଆସିଥିବା ଶାସ୍ତ୍ରୀୟ ପ୍ରମାଣ ମିଳେ । କିନ୍ତୁ ଗୀତାର ଯଥାର୍ଥ ଅଦ୍ୱିତୀୟ । କାରଣ ଏହାର ପ୍ରଭାବ ପ୍ରତିମୂହୁର୍ତ୍ତରେ ପ୍ରତ୍ୟେକ ପ୍ରାଣୀଙ୍କୁ ପ୍ରଭାବିତ କରି ଆସୁଛି । ସୃଷ୍ଟି ସ୍ଥିତିର ପ୍ରତିଭା ଥିବାପାଇଁ ପରିବେଶ ମଧ୍ୟରେ ପ୍ରଭାବିତ ରହିଥିବା ଘୋର କଳିର ପ୍ରଭାବ ବିସ୍ତାର ହୋଇ ରହିଥିବା ସତୀତ୍ୱ, ସତ୍ୟ ହିଁ ରହିଥିବ ସିନା ମିଥ୍ୟାର ପ୍ରଭାବରେ ପ୍ରତିହତ ହେବା ଅନିଶ୍ଚିତ। କାରଣ ମିଥ୍ୟାର ସ୍ଥିତି ତଥା ସତ୍ୟର ସ୍ଥିତି ମଧ୍ୟରେ ଯଦି ପରିବର୍ତ୍ତନ କରାଯିବ ତେବେ ବିଚାରରେ ଆକାଶ ପାତାଳର ପ୍ରଭେଦ ରହିବ । ଏଥିକୁ ନେଇ ଏଠାରେ ବହୁଳ ଉଦାହରଣ ପରିବର୍ତ୍ତେ ଗୋଟିଏ ବିଷୟକୁ କହି ରଖିବା ଉଚିତ୍ ହେବ ଯେ ସତ୍ୟର ସାମର୍ଥ୍ୟତାକୁ, ନିଶ୍ୱାସରେ ଥିବା ବିଶ୍ୱାସକୁ ହତ୍ୟାକରି ପରିବେଶ ବାତାବରଣକୁ ଅସନ୍ତୁଳିତ କରାଯାଉଛି ।

ବିଶ୍ୱାସ ଏପରି ଏକ ମୌଳିକତାର ବର୍ଣ୍ଣନ, ଯାହାକୁ ମାନ୍ୟତା ଦେବା ସୃଷ୍ଟିର ଉଚ୍ଚତମ ମାନ୍ୟତା ପ୍ରାପ୍ତ ବ୍ୟକ୍ତିତ୍ୱ ଗ୍ରହଣ କରିବାକୁ ବାଧ୍ୟ । ଯେଉଁ ମୌଳିକ ବାସ୍ତବତାର ପଞ୍ଚଭୂତାହୁ ବିଶ୍ୱାସର ସତ୍ୟ ଉତ୍ପତ୍ତି ହୋଇ ସମାଜକୁ ପରିଚାଳନା କରୁଛି । ସେହି ପ୍ରାଣୀଙ୍କର ଅନ୍ତର୍ନିହିତ ବିଶ୍ୱାସକୁ ବିଦ୍ୱାନ ବିଚାରପତିମାନେ ଅବିଶ୍ୱାସର ସରବ୍ୟ ମଧ୍ୟକୁ ଆସିଥିବା କାରଣରୁ, ବିଚାରାଳୟ ଗୁଡ଼ିକରେ ବାଦୀ ଏବଂ ପ୍ରତିବାଦୀମାନଙ୍କୁ ବିଚାର ଆରମ୍ଭରେ ଗୀତାକୁ ସଂକଳ୍ପ କରାଇଥାନ୍ତି । "ମୁଁ ଶ୍ରୀ ଅମୁକ ଗୀତା ଧରି ପ୍ରମାଣ କରି କହୁଛି ଯେ, ଯାହା କହିବି ତ କହିବି" ।

ଆତ୍ମବିଶ୍ୱାସର ସତ୍ୟତାକୁ ଦୃଢ଼ କରିବାପାଇଁ, ଗୋଟିଏ ବିଶ୍ୱାସ ଯୋଗ୍ୟ ବସ୍ତୁକୁ ଆଧାର କରି ସଂକଳ୍ପ କରିବାକୁ ପଡୁଛି । ସମାଜରେ ଏହି ବିଶ୍ୱାସ ଥିଲା ଯେହେତୁ ଉଚ୍ଚାରଣର ଆତ୍ମମର୍ଯ୍ୟାଦା । ରାଷ୍ଟ୍ର ସ୍ୱାଧିନତା ପରେ ସେହି ବିଶ୍ୱାସର କ୍ଷୟ ଧିରେ ଧିରେ ହେବାକୁ ଲାଗିଛି । ଅତଏବ କେବଳ ଗୀତା ବହି ଧରି ବାଦୀ, ପ୍ରତିବାଦୀ ପ୍ରମାଣ କରିଦେଲେ ବିଚାରରେ ସତ୍ୟତା ଉପଲବ୍ଧି ହୋଇପାରିବ ନାହିଁ। ବାଦୀ ପ୍ରତିବାଦୀ ସହ ଉଭୟଙ୍କ ଓକିଲ ସହ ବିଚାପତି ସ୍ୱୟଂ ସଂକଳ୍ପ କରି କହିବାକୁ ପଡ଼ିବ "ମୁଁ ଉଚିତ ନ୍ୟାୟ ଦେବି" ଏପରି କହିବା କାରଣ ରାଷ୍ଟ୍ରର ଜନସାଧାରଣ ଅପବିତ୍ର ପରିବେଶ ମଧ୍ୟରେ ପ୍ରଭାବିତ ହୋଇ ସାରିଛନ୍ତି । ସମୁଦାୟ ସମାଜ ଉପରେ ଅପବିତ୍ରତାର ପ୍ରଭାବ ପଡ଼ିବ ଯଦି କେବଳ ବାଦୀ ଓ ପ୍ରତିବାଦୀ ଉପରେ ପଡ଼ିବ କି ?

ପରିବେଶ ସ୍ତରର ବାତାବରଣ ମଧ୍ୟରେ ପରିବର୍ତ୍ତିତ ହୋଇ ଯାଇଛି ଯଦ୍ୱାରା ଶ୍ରୀକ୍ଷେତ୍ରସ୍ଥ ରତ୍ନସିଂହାସନର ବାସ୍ତୁର ଅପଚୟ ଘଟିଛି । ମୌଳିକ କ୍ଷେତ୍ରରେ ଏପରି ଅପଚୟ ଘଟିବା ଦ୍ୱାରା, କେବଳ ଆଧାତ୍ମିକବାଦୀଗଣ ଶ୍ରୀମଦ୍ ଭଗବଦ୍ ଗୀତା ଉପରେ ବିଶ୍ୱାସ ରଖିଛନ୍ତି । ବାସ୍ତବବାଦୀମାନେ ଗୀତାକୁ ଆଧାର କରି ସମାଜକୁ ଠକି ଚାଲିଛନ୍ତି । କିନ୍ତୁ ନାସ୍ତିକବାଦୀମାନେ ବ୍ରହ୍ମାଣ୍ଡରେ ସମସ୍ତ କିଛି ବିଧାନର ସେମାନଙ୍କ ଉପରେ କୌଣସି ପ୍ରଭାବ ପଡ଼େ ନାହିଁ । ବରଂ, ରାଜ୍ୟର ଉଚ୍ଚତମ ବିଚାରାଳୟରେ ବିଚାରପତି ପଦପ୍ରାପ୍ତ ହୋଇପାରିଥାନ୍ତି । ଏପରି ବିଚାରପତିମାନଙ୍କ ସମ୍ମୁଖରେ ଗୀତା ଗ୍ରନ୍ଥର ମହତ୍ୱ କେଉଁ କ୍ଷେତ୍ରରେ ରହିବ ? ବାମପନ୍ଥୀଙ୍କ ବିଚାରରେ ସାମାନ୍ୟ କିଛି ଆର୍ଦ୍ରତା ରହିବ । କିନ୍ତୁ ଏପରି ନାସ୍ତିକବାଦୀ ବିଚାରପତିମାନଙ୍କ ମନରେ କେବଳ ନେଷଢ଼ା ବିଚାର ରହିବ ଏହା ଆଜି ମଧ୍ୟ ପ୍ରମାଣ ଯୋଗ୍ୟ ।

ଗୀତା ଗ୍ରନ୍ଥର ପରିବେଶ ଉପରେ ଥିବା ମାର୍ମିକ ପ୍ରଭାବ ଉପରେ ସାମାନ୍ୟ ରଶ୍ମି ଦିଆଗଲା । ଗୀତା ଗ୍ରନ୍ଥ ବିଷୟରେ ଆଲୋକପାତ ସାମାନ୍ୟ ହେବ । ଆବଶ୍ୟକ କାରଣ ଗୀତାର ଆଧାତ୍ମିକ ପ୍ରଭାବ କେବଳ ବ୍ରହ୍ମାଣ୍ଡ ମଧ୍ୟରେ ସୀମିତ ନୁହେଁ । ଅନ୍ତରୀକ୍ଷ ବ୍ୟାପି ବିଶ୍ୱ ସମୁଦାୟକୁ ପ୍ରଭାବ ବିସ୍ତାର କରି ଆସିଛି । ଗୀତାର ପ୍ରତ୍ୟେକ ଶ୍ଳୋକ ଗୁଡ଼ିକୁ ଉଚ୍ଚାରଣ କରିବା ଆବଶ୍ୟକବାଦୀ ହେଉ କିମ୍ବା ପ୍ରତିବାଦୀ ହେଉ ବିଚାର ହେବା ପୂର୍ବରୁ ଯେପରି ବିଚାରାଳୟରେ ଗୀତାକୁ ସ୍ପର୍ଶ କରି ପ୍ରମାଣ କରିଥାନ୍ତି । ତାହା ବିଧି ନୁହେଁ, ଅବିଧେୟ ।

ବିଚାରାଳୟରେ, ବିଚାର ପୂର୍ବରୁ ବାଦୀ କିମ୍ବା ପ୍ରତିବାଦୀ ହେଉ ଗୀତା ସ୍ପର୍ଶ ନାମରେ ଗୋଟିଏ ରଙ୍ଗ କନା ବେଷ୍ଟିତ ପଦାର୍ଥଟି, ପ୍ରକୃତରେ ଶ୍ରୀମଦ୍ ଭଗବଦ୍ ଗୀତା ନା ଗୀତା ସଦୃଶ କାଠ ପଟା, ନା ଅନ୍ୟ କୌଣସି ବସ୍ତୁ ପ୍ରମାଣ କର୍ତ୍ତା ପ୍ରମାଣ କରି ମଧ୍ୟ ବୁଝିପାରିଲା ନାହିଁ । ଯଦି ସେଠାରେ ପଚରାଯାଏ, ପ୍ରକୃତରେ ବସ୍ତୁଟି କଣ ଗୀତା ନା ନୋବେଲ (ଉପନ୍ୟାସ)ର ସଙ୍ଗେ ସଙ୍ଗେ ପ୍ରଶ୍ନ ଆସେ ବୋଧ ହୁଏ ବିଚାରାଳୟ ପ୍ରତି ତୁମର ବିଶ୍ୱାସ ନାହିଁ ? ଏପରି ଅନ୍ୟ କିଛି ମୌଳିକତାକୁ ନେଇ ନ୍ୟାୟ ପାଇଁ ଯୁକ୍ତିତର୍କ କଲାବେଳେ ନିଜ କ୍ଷମତା ପ୍ରାପ୍ତ ଓକିଲଙ୍କ ଦ୍ୱାରା ଚୁପ୍ ହୋଇଯିବାକୁ ପଡୁଛି । ଏଥିରେ ସମାଜର ଜଣେ ସରଳ ବିଶ୍ୱାସୀ ବଞ୍ଚିରହିବାପାଇଁ କିପରି ବିଶ୍ୱାସ କରିବ ? ଅତଏବ ଗୀତାକବଚ ପ୍ରଭାବରେ ମହାଭାରତ ଯୁଦ୍ଧରେ ଅତିଥିମାନେ କେଉଁ ଆଡ଼େ ଲୋପ ପାଇ ଯାଇଛନ୍ତି । ଉଦୟ ହୋଇଥିବା ସାମାନ୍ୟ

ଚଞ୍ଚଳମନା ଅବାସ୍ତବ ଚତୁର ବ୍ୟକ୍ତି କେତେ ମୁହୂର୍ତ ପାଇଁ । ଅତଶବ ଶ୍ରୀମଦ୍ ଭଗବତ୍ ଗୀତା ପ୍ରତି ସତ୍ୟର ଅତୁଳନୀୟ ବିଶ୍ୱାସ ରହିବା ଆବଶ୍ୟକ । ଏଠାରେ ବିଦ୍ୱାନମାନଙ୍କ ଏକ ଉପଦେଶ ରହିବା ଉଚିତ୍ ହବେ, ଏହି ଯେ, ଯେଉଁମାନେ ସତ୍ୟଧାର ହେବାକୁ ଇଛା କରନ୍ତି ତଥା ଗୀତା କୁ ଧରାଇ ପ୍ରମାଣ କରାନ୍ତି, ସେମାନେ ସମୁଦାୟ ଗୀତାର ଯଥାର୍ଥତାକୁ ବ୍ୟଖ୍ୟା ନକଲେ ମଧ ପ୍ରଥମ ଅଧାୟରେ ପ୍ରଥମ ଶ୍ଳୋକଟିର ଶୁଭ୍ରତାକୁ ପ୍ରକାଶ କରିବା ଆବଶ୍ୟକ ।

ସୃଷ୍ଟି ଆରମ୍ଭର କେଉଁ ଅତୀତରୁ ଶ୍ରୀମଦ୍ ଭଗବତ୍ ଗୀତାର ପ୍ରସ୍ତୁତିକରଣ ହୋଇ ରହି ଆସିଛି । ଶାସ୍ତ୍ରୀୟ ଅନୁଧାନରୁ ଅନୁମେୟ ହୁଏ ଯେ, କଳ୍ପ ମନ୍ୱନ୍ତର, ମହାଯୁଗ, ଯୁଗାଦି ଧରି ପରିବେଶକୁ ଆସିଛି । ଶ୍ରୀମଦ୍ ଭଗବଦ୍ ଗୀତାକୁ ଯୁଗ ଯୁଗ ଧରି ପରିବେଶ ଆସିଥିବା ସତ୍ତ୍ୱେ, ନ୍ୟାୟ, ସତ୍ୟ, ନିଭୁତ, ପୂର୍ଣ୍ଣାଙ୍ଗ ନ ହୋଇଥିବା କାରଣରୁ ମହାଭାରତ ଯୁଦ୍ଧ ଆରମ୍ଭ ପୂର୍ବରୁ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବୁଝାଇ କହିଥିଲେ ।

ଦ୍ୱାଦଶ ଶତାବ୍ଦୀରେ ଧର୍ମ କ୍ଷେତ୍ରରେ ଏହି ମଧ ବିନ୍ଦୁ ଅଞ୍ଚଳରେ ରହି ଆସିଥିବା ଜନପଦ କେନ୍ଦୁବିଲ୍ୱରେ ଜନ୍ମଗ୍ରହଣ କରିଥିଲେ । ଗୋଟିଏ ବ୍ରାହ୍ମଣ ପରିବାରରେ ଜନ୍ମି ଭାଷା ସଂସ୍କୃତିରେ ଉତ୍ତମ ଜ୍ଞାନ ଅର୍ଜନ କରିଥିଲେ । ବୋଧହୁଏ ଶ୍ରୀମଦ୍ ଭଗବତ୍ ଗୀତା ପାଠକରି ଜିର୍ଣ୍ଣ କରି ସାରି ବିଚାର କରିଥିଲେ, ଗୀତା ପାଠକରି ବିଦ୍ୱାନମାନେ ମଧ ଏହାର ତତ୍ତ୍ୱମାନ ମଧରେ ପ୍ରବେଶ କରିବା ଅସମର୍ଥ । ବ୍ରହ୍ମାଣ୍ଡ ବର୍ଦ୍ଧିତ ଅନ୍ତରିକ୍ଷ ସଂପୃତିତ ବିଚାର ମର୍ମକୁ ସାଧାରଣ ଜନତା ବୁଝିବେ କଣ ? ଗୀତାର ମୌଳିକ ତତ୍ତ୍ୱକୁ ସାଧାରଣ ଜନତା ଯେପରି ବୁଝି ପାରିବେ ବିଚାର କରି ବିସ୍ତାରିତ ବିଶ୍ୱର ଅଂଶୁ କ୍ଷେତ୍ର ଚିଲିକାକୁ ଆଧାର କରି ଗୀତଗୋବିନ୍ଦ ନାମରେ ଏକ ଗ୍ରନ୍ଥ ରଚନା କରିଥିଲେ ଯେପରି ସର୍ବ ସାଧାରଣ ଅକ୍ଳେଶରେ ଗ୍ରହଣ କରିପାରିବେ ।

ବ୍ରହ୍ମାଣ୍ଡର ଆଭ୍ୟନ୍ତରୀଣ ଯେପରି ବ୍ୟାସଦେବ ଦଶ ଅବତାରରେ ଭାଗ ଭାଗ କରିଛନ୍ତି, ଯେପରି ଜୟଦେବ ଚିଲିକା ପରିବେଶକୁ ଦଶଟି ଭେଦ ସ୍ତରରେ ବିଭକ୍ତ କରିବାପରେ, ଚିଲିକାର ଉପୃତ୍ତି ସଂସ୍ଥାପନ ତଥା କ୍ରିୟାଶୀଳତାକୁ ନେଇ ବର୍ଣ୍ଣନା କରିଛନ୍ତି । କେବଳ ସ୍ତରର ଦଶଭାଗ ନୁହେଁ ୭୭ଗୋଟି ବାହା ବର୍ଣ୍ଣନା ଶ୍ଳୋକ ସହିତ ବାହ୍ୟ ପ୍ରବେଶ ପଣ୍ଡିତଗଣ ୨୯ଟି ଶ୍ଳୋକ ଯୁକ୍ତ କରିଛନ୍ତି । ତଥା ବର୍ଣ୍ଣନାର ୨୪ଟି ଗୀତ ପ୍ରଦାନ କରିଛନ୍ତି । ଏହି କ୍ଷେତ୍ରକୁ ଆଧାର କରି ଶବ୍ଦ ରାଗ, ତରଙ୍ଗ ଆଦି ଯେପରି ସୃଷ୍ଟି କରିଛନ୍ତି । ତାହା କେବଳ ପରିବେଶ ସମୃଦ୍ଧ ସକାଶେ ତଥା ଅତୀତର ପଞ୍ଚଭୁତାକାରର ଆତ୍ମ୍ ମର୍ଯ୍ୟାଦାକୁ ସମ୍ବଳ କରି ଗୀତଗୁଡିକର ଅଷ୍ଟମ ପଦରେ ଜୟଦେବ, ନିଜକୁ ସେ ଦିବ୍ୟ ଗ୍ରନ୍ଥ ରୂପେ ପ୍ରକାଶ କରିଛନ୍ତି । ଏହି ଦିବ୍ୟଗ୍ରନ୍ଥ ସ୍ୱରୂପ ଶ୍ରୀରାଧା ଶ୍ରୀକୃଷ୍ଣଙ୍କୁ ଆଧାର କରି ପଣ୍ଡିତମାନେ ଜନସମାଜକୁ ଭୁତେଇ ଆସିଛନ୍ତି । ଯଦ୍ୱାରା ପରିବେଶ ଉପରେ ଏକ ମିଥ୍ୟା ବଳୟର ପ୍ରଭାବ ପଡ଼ି ସମସ୍ତ କ୍ଷେତ୍ରରେ ପଛୁଆ ହେବାରେ ଲାଗିଛି । ଗୀତା ଶବ୍ଦର ପ୍ରଭାବ ଯେପରି ପଞ୍ଚଭୁତାକାର ପରିବେଶକୁ ଧରି ରହି ଆସିଛି । ଯେପରି ଏହି ଧାରାରେ ଭୁମି ପୃଥ୍ୱୀର ମଧବିନ୍ଦୁ କାଳଜୟୀ (କାଳିଜାଇ) ମେରୁ କ୍ଷେତ୍ରରେ ଗୋବିନ୍ଦର ଉପୃତି (ଗୋ +ବିନ୍ଦ)ର ଅନ୍ୟ ନାମ ବ୍ରହ୍ମରିରି । ବ୍ରହ୍ମଗିରି ଉପୃତି କାଳରୁ ବାସ୍ତବତାର ଉପୃତି ଏଣୁ ଆଜି ମଧ ବାସ୍ତବତାର ସ୍ମରଣକୁ ନେଇ ରାଧାପାଦ ରହିଆସିଛି । ଏହି ସ୍ମରଣୀୟ ଗୋ କ୍ଷେତ୍ରକୁ ଯଦି ଜଣାଯିବ, ତେବେ ଲକ୍ଷ ଲକ୍ଷ କୋଟି ଟଙ୍କାର ବିଭିନ୍ନ ଉନ୍ମାଦର ଭରା ହୋଇପାରିବ । ବ୍ରହ୍ମାଣ୍ଡ ମଧରେ କ୍ଷେତ୍ରଟି ଲକ୍ଷ୍ମୀଙ୍କ କ୍ଷେତ୍ର ହେତୁ ସର୍ବଜନ ବନ୍ଦନୀୟ । ଏହି ମହାନ୍ କ୍ଷେତ୍ରର ଅନେକ ମହାନତାରୁ ବିବରଣୀ ସମୁହ ଜାଣିବା ଉଚିତ୍ ।

# କବି ଜୟଦେବ ଓ ଗୀତ ଗୋବିନ୍ଦ

ବ୍ରହ୍ମାଣ୍ଡ ପୁରାଣ ଅଧ୍ୟାୟ ୪୬ ଶ୍ଳୋକ ୫ରେ କୁହାଯାଇଛି
ଭୂତ ସମ୍ମୋହନଂ ହ୍ୟେତଦ୍ ବ୍ରବୁଦୋ ମେ ନିବୋଧତ
ପ୍ରତ୍ୟକ୍ଷମପି ଦୃଶ୍ୟଂ ଯତ୍ତତ୍ ସମ୍ମୋହୟତେ ପ୍ରଜାଃ ।।

ବିଶ୍ୱସଂସ୍ଥାନ ନିୟତ ମଧ୍ୟରେ ପ୍ରତ୍ୟକ୍ଷ ବିଷୟରେ ସଂଚାଳକ ଗ୍ରହଗତି ମାଧ୍ୟମରେ ହିଁ ହୋଇଥାଏ । ପ୍ରତ୍ୟେକ ମାନବ ପକ୍ଷେ ଏହା କୌତୁହଳୋତ୍ପାଦକ ତଥା ଚମତ୍କାରୀ। ସର୍ବଦା ମାନବ ଏପରି ବାସ୍ତବମର୍ମର ରହସ୍ୟ ଉଦଘାଟନ ପାଇଁ ତତ୍ପର । ଏପରି କୌଶଳର ସମ୍ଭବ ଆଜିସୁଦ୍ଧା କିନ୍ତୁ ପ୍ରକଟ ହୋଇପାରିନାହିଁ।

ଦେବର୍ଷି ନାରଦ, ସନତ୍ କୁମାରଙ୍କ ସମ୍ମୁଖକୁ ଯାଇ ବିବେଦନ କଲେ । ହେ ମହାତ୍ମା । ଆପଣ ମତେ ଶିକ୍ଷା ଦିଅନ୍ତୁ । (ଛା.ଉ୧/୭) । ସନତ କୁମାରଙ୍କ ପ୍ରଶ୍ନରେ ନାରଦ କହିଲେ- ମୁଁ ବେଦ ସମୁଦାୟ ତଥା ପଞ୍ଚମ ବେଦ ସ୍ୱରୂପ ପୁରାଣ, ଇତିହାସ, ବ୍ୟାକରଣ ଶ୍ରାଦ୍ଧତତ୍ୱ, ଗଣିତ ଶାସ୍ତ୍ର, ଦୈବୀଉତ୍ପାତ, ନିଧିବିଦ୍ୟା, ତର୍କ, ନୀତି, ଦେବବୀଦ୍ୟା, ବ୍ରହ୍ମ ଓ ଭୁତ ବିଦ୍ୟା, ଅନ୍ତରିକ୍ଷ ଓ ନକ୍ଷତ୍ର ବିଦ୍ୟା, ସର୍ପ, ଦେବଜନ ଆଦି ବିଦ୍ୟା ମୁଁ ଜାଣେ । ହେ ଦେବର୍ଷି ! ବିସ୍ତୃତ ଜ୍ଞାନଭଣ୍ଡାର ବେଦ, ତୁମେ ଜାଣିଥିବା ସତ୍ୱେ ବେଦର ଆହୁରି ଅନେକ ଜ୍ଞାନ ଅଭାବ ରହିଛି । ଯାହାକି ଅବର୍ଣ୍ଣନୀୟ । ସଂସାର ମଧ୍ୟରେ ଆବଶ୍ୟକୀୟ ସମୁଦାୟ ତଥ୍ୟ ରହସ୍ୟ ରହିଛି କେବଳ ରୂପକ ନାମ ଛଳରେ । ସମୂହ ସୁକ୍ତ ପ୍ରକୃତି ମଧ୍ୟରେ ଯଥାର୍ଥତା କ୍ରମେ ରହିଛି । ପ୍ରତ୍ନତତ୍ୱଗଣ ଏପରି ଯଥାର୍ଥ ରହସ୍ୟ ଭେଦ କରିବାରେ ସମର୍ଥ ହୋଇପାରିଛନ୍ତି । ଯେହେତୁ ବିଶାଳ ବେଦ ଗ୍ରନ୍ଥ ମଧ୍ୟରେ ସମସ୍ତ କିଛି ରୂପାୟନ ହୋଇ ରହିଛି । ଏଥିରୁ ବହୁ ଅଂଶ ଲୁପ୍ତ ହୋଇ ଆସୁଛି । ସେହି ବେଦ ତଥ୍ୟ ରହସ୍ୟକୁ ମନୁଷ୍ୟ କିମ୍ବା ଦେବଗଣ ମଧ୍ୟ ଜାଣିବା କଷ୍ଟ । ଯେହେତୁ ଦର୍ଶନ ତଥ୍ୟ ଗୁଡିକ ସୂକ୍ଷ୍ମରେ ନୁହେଁ, ସ୍ଥୁଳ ରୂପରେ ରହିଛି (ଋ.ସଂ ୧୦/୮୫/୧)

ସତ୍ୟ ରୂପକ ଧର୍ମ ରକ୍ଷା କରିଛି ପୃଥିବୀ । (ପ୍ରଥମ କରି) ଯେଉଁ ଭୂଖଣ୍ଡାଂଶକୁ ପୃଥ୍ୱୀ କୁହାଯାଏ । ସମୁଦାୟ ମର୍ତ୍ତ୍ୟକୁ ମର୍ତ୍ତ୍ୟମଣ୍ଡଳ କୁହାଯାଏ । ଅର୍ଥାତ୍ ପୃଥିବୀ ଭୂଖଣ୍ଡାଂଶ ହିଁ ଧର୍ମଭୂମି । ସତ୍ୟ ପ୍ରଭାବରେ ଆକାଶ ରହିଛି । ପୁଣି ଆକାଶରେ ସୂର୍ଯ୍ୟଙ୍କ ଗତି ପ୍ରଚଳିତ । ସତ୍ୟ ଦ୍ୱାରା ଚନ୍ଦ୍ର ମଧ୍ୟ ପ୍ରକାଶିତ । ପ୍ରକୃତିର ସତ୍ୟ ହିଁ କାର୍ଯ୍ୟାବଳୀ । ଉକ୍ତ ସତ୍ୟ ତଥ୍ୟକୁ ଆଧାର କରି ଗବେଷକ, ଭାବୁକ, ଲେଖକ ଆଦି ବିଭିନ୍ନ ରୂପରେ ରୂପାୟନ ହୋଇ ସତ୍ୟ ରହସ୍ୟ ଘୋଷଣା କରି ଚାଲି ଆସିଛି ।

ସୃଷ୍ଟି ଆରମ୍ଭରେ ଏକମାତ୍ର ବେଦ 'ଋଗ୍' ଥିଲା । ଋଗ୍ ଶବ୍ଦ ଋଗ୍‌ରେ ପରିଣତ ହୋଇ ବେଦରେ ଖ୍ୟାତ ହେଲା । ବେଦ ସ୍ଥିର ହେବା ପୂର୍ବରୁ ପ୍ରଳୟ ଜଳ ମଧ୍ୟରେ ଅତ୍ୟନ୍ତ ସଂଘର୍ଷ କରି ସ୍ଥିର ଭାବ ଧାରଣ କରିଥିଲା । ଅର୍ଥାତ୍ ତେଜସ୍ ଆକାଶ ଭୂତର ପ୍ରଭାବ ଥିଲା । ବେଦ ସ୍ୱରୂପ ମୃତ୍ତିକା ଭୂତର ସଂଯୋଗ ହୋଇ ପାରିଥିଲା । ପରେ ପରେ ବ୍ରହ୍ମସଭା ସ୍ୱରୂପ ଏକବିଂଶ ପ୍ରଜାପତିଙ୍କ ମୃତ୍ତିକା ରୂପକ ବେଦରେ ପ୍ରାଦୁର୍ଭାବ ହୋଇପାରିଥିଲା । ପ୍ରଜାପତିମାନଙ୍କ ଧନ୍ୟବାଦ ସହ ଅର୍ଚ୍ଚନାର ସ୍ୱରୂପ ହିଁ ଋଗ୍ ବେଦ ନାମେ ପରିଚିତ । ବ୍ରହ୍ମକୃପା ମହର୍ଷି କର୍ଦ୍ଦମ ପ୍ରକଟ, ବେଦ କ୍ଷେତ୍ରରେ ଦଶ ହଜାର ବର୍ଷ ଯେପରି ତପସ୍ୟା କରିବାପରେ ବାରୁଣୀ ଯଜ୍ଞ କରାଇ ମଧୁର ଜଳକୁ ସର ସାୟନ ବା ସରସ କରାଇଥିଲେ । ଆର୍ଦ୍ରତା ସରସ ହେବା ପୂର୍ବରୁ କୁଲ୍ୟା ଓ ନାଦର ପ୍ରକଟ ହୋଇ ପରିବେଶ ମଧ୍ୟରେ ପଞ୍ଚଭୁତ ସାକାର ହୋଇପାରିଥିଲା ।

ପଞ୍ଚଭୁତାକାର ହୋଇ ପ୍ରକୃତି ସ୍ୱୟଂକ୍ରିୟ ହୋଇ ଉଠିବା ପରେ ଋଗ୍‌ବେଦ ମର୍ମ କଣ ଆପେ ଆପେ ସମୁହେ ବୁଝିବା ଆବଶ୍ୟକ । ସନତ୍ କାଳରୁ ବେଦର ପ୍ରକଟ ହୋଇ ଏପରି ରହି ଆସିଛି ।

ମହର୍ଷି ପରାଶର ନନ୍ଦନ ଶ୍ରୀକୃଷ୍ଣ ଦ୍ୱୈପାୟନ ବ୍ୟାସ ପରିବେଶର ଉତ୍ପତି ସମୃଦ୍ଧି ଓ ପରିବର୍ତ୍ତନର ସ୍ଥିତି, ନିଜର ଗବେଷଣାତ୍ମକ ବିଚାର ଆଧାରରେ ପ୍ରଚଳିତ ପରିବେଶକୁ ଆରମ୍ଭରୁ ଆଜିଯାଏଁ ଚାଲି ଆସିଥିବା ସମୟକୁ ଭାଗ ଭାଗ କରି ୨୪ ଭାଗରେ ବିଭକ୍ତ କରିଯାଇ ଅଛନ୍ତି । (ଶ୍ରୀମଦ୍ ଭା.ପୁ ୧/୩/୧୬) ଶ୍ଳୋକରେ ପୃଥିବୀ ରୂପକ ବେଦକୁ ୨୪ ସ୍ତରରେ ବିଭକ୍ତ କରି କହିଛନ୍ତି –

ଅବତାରା ହ୍ୟସଂଭବିୟା ହରୋଃ ସତ୍ତ୍ୱନିଧେର୍ଦ୍ୱିଜାଃ ।
ଯଥାବିଦାସିନଃ କୂଲ୍ୟାଃ ସରସଃ ସ୍ୟୁଃ ସହସ୍ରଶଃ ।।

ପୃଥିବୀ ପୃଷ୍ଠରେ ପ୍ରବାହିତ ସରସ୍ୱତୀ ତଟରେ ଥିବା ନିଜ ଆଶ୍ରମ (ବର୍ତ୍ତମାନର ଜଉଗଡ଼ ବୋଲାଉ ଥିବା କ୍ଷେତ୍ର)ଠାରେ ସମୟର ପରିକଳ୍ପନା କରି, ଅବତାର, ରୂପ, ଗଠନ କରିଥିଲେ । ଉପରୋକ୍ତ ୨୪ ଅବତାର ପ୍ରତି ବଦଳରେ

ମୋଟା ମୋଟି ମୁଖ୍ୟ ଦଶ ଅବତାରକୁ ବ୍ୟାସଦେବ ଗ୍ରହଣ କରିଛନ୍ତି । (ମହାଶାନ୍ତି ପର୍ବ ୩୩୯/୭୮୧/୨) ।

ବ୍ୟାସଦେବକୃତ ମହାଭାରତରେ, ଦଶ ଅବତାରକୁ ନେଇ ଯେଉଁ ବର୍ଣ୍ଣନା ରହିଛି କେବଳ ପୃଥିବୀ ସମୁଦାୟକୁ ଆଧାର କରି କୁହାଯାଇଛି । ତଥା ପରିବେଶରେ ଜୀବ ଜଗତକୁ ପଞ୍ଚଭୁତାକାର ପରିବର୍ତ୍ତନରେ ମାନବ ଚରିତ୍ରରେ ପ୍ରତିକ୍ରିୟାର ସ୍ୱରୂପ ଦର୍ଶାଯାଇଛି । କିନ୍ତୁ ଗୀତ ଗୋବିନ୍ଦ, ଗ୍ରନ୍ଥର ଦଶ ଅବତାର ବର୍ଣ୍ଣନାରେ ପରିବେଶ ଭକ୍ତ ଜୟଦେବ ଯାହା ବର୍ଣ୍ଣନା କରିଛନ୍ତି ତାହା କେବଳ ଚିଲିକାର ବସତି, ଉତ୍ପତ୍ତିର କ୍ରୀୟାଶୀଳତାକୁ ନେଇ ବର୍ଣ୍ଣନା ରହିଛି । ଯାହାକୁ ସେ ବଧ ବୋଲି କହିଛନ୍ତି ।

ପରିବେଶ ବିତ୍ ଜୟଦେବ, କେବଳ ଚିଲିକା ହ୍ରଦକୁ ଆଧାର କରି ଗୀତ ଗୋବିନ୍ଦ ରଚନା କରିଥିବା କାରଣ କଣ ହୋଇପାରେ ? କାରଣ ଏୟା ହୋଇପାରେ ଚିଲିକା କ୍ଷେତ୍ରରେ ମଧ୍ୟବିନ୍ଦୁ, ପୃଥିବୀ ଉତ୍ପତ୍ତିର ମେରୁକ୍ଷେତ୍ର ବା କାଳଜୟୀ ଅଟେ । ଆଜି ସର୍ବସାଧାରଣ ଯାହାକୁ କାଳିଯାଇ କହି ବୁଝନ୍ତି । କ୍ଷେତ୍ରସ୍ଥଳିକୁ ବ୍ରହ୍ମ ଅବତରଣ କରିଥିବା କାରଣକୁ ଆଧାର କରି ବ୍ରହ୍ମଗିରି ନାମେ ପରିଚିତ । ଏହି ବ୍ରହ୍ମଗିରିକୁ ହିଁ ଜୟଦେବ ଗୋବିନ୍ଦ ସ୍ୱରୂପ ଗ୍ରହଣ କରି ଗ୍ରନ୍ଥ ନାମକୁ ଗୀତଗୋବିନ୍ଦ କହିଛନ୍ତି ।

## ଗୀତ ଗୋବିନ୍ଦ

ଜୟଦେବ କବି ଗ୍ରନ୍ଥ ରଚନାର ଶିରୋନାମା 'ଗୀତଗୋବିନ୍ଦ' କହିଥିବା ଠିକ୍ କରିଛନ୍ତି । ଗୀତ ଅର୍ଥାତ୍ ବିଶାଳତାର ଭାବନାକୁ ସଂକ୍ଷିପ୍ତରେ ବୁଝିଯିବା ବିଷୟ ହିଁ ଗୀତ ବୋଲାଯାଏ । ଗୋବିନ୍ଦର ସାରମର୍ମ ନିର୍ଦ୍ଦିଷ୍ଟ ଦୈର୍ଘ୍ୟର ପରିସୀମାକୁ ବୁଝାଏ । 'ଗୋ' ର ଅନେକ ସାରମର୍ମ ଉର୍ଦ୍ଧରେ ରହିଛି । ସେଥିମଧ୍ୟରୁ 'ବିନ୍ଦ' ପୂର୍ବ 'ଗୋ' ଯଥାର୍ଥ ନିମ୍ନମତେ ଅଟେ । ଗୋ- ଗୌ ଅର୍ଥାତ୍ ପୃଥିବୀ କ୍ଷେତ୍ରରେ ଏକ ନିର୍ଦ୍ଦିଷ୍ଟ ସ୍ଥଳରେ ଯାହାର ଅସ୍ତିତ୍ୱ କେବଳ ଘୁରି ବୁଲୁଥିବା ବା ଶବ୍ଦଟି ଉଭୟ ଲିଙ୍ଗ ପ୍ରଭାବରେ ଆସି ଗଚ୍ଛତ୍ୟନେନ ବା ଗମ୍ୟକରଣେ ଡୋ ତାରା ସମ୍ପର୍କିତ ଭାବରେ ଉର୍ଦ୍ଧଗମନ କରିବାକୁ 'ଗୋ' ଧରାଯାଇଛି । ବିନ୍ଦ - ବିନ୍ଦୁ ଶବ୍ଦରୁ ଉଧୃତ । ଏକ ନିର୍ଦ୍ଦିଷ୍ଟ ବିନ୍ଦୁକୁ ଲକ୍ଷ୍ୟ କରି ଯେଉଁ ସରଳ ରେଖା ସ୍ପର୍ଶ କରେ ତଥା ତାରା ବଳୟ ମଧ୍ୟରେ ଯେଉଁ ଲକ୍ଷ ସୀମିତ ରହେ, ସେ ଲକ୍ଷ ସ୍ଥଳିକୁ 'ବିନ୍ଦ' ନାମେ ଧରାଯାଇଛି । ଉଭୟ ଶବ୍ଦର ମିଳନରେ 'ଗୋବିନ୍ଦ' ଶବ୍ଦ ହୋଇଛି ।

ଭାରତୀୟ ସଂସ୍କୃତି ଅନ୍ୟ ଏକ ଶବ୍ଦ 'ବିନ୍ଦ' ତୁଲ୍ୟ ମନ୍ଥନସୃଧି ଥିଲେ ମଧ୍ୟ ଅତ୍ୟନ୍ତ ଫରକ ଅଟେ । 'ବିନ୍ଦ' କେବଳ ତାରା ବଳୟ ମଧ୍ୟରେ ସ୍ଥିର, ସୀମିତ ରହେ । କିନ୍ତୁ ମନ୍ଥନସୃଧି ସ୍ଥିରତା ନ ରହି, ଯେ କି ତପସ୍ୟା ଲକ୍ଷରେ ଉର୍ଦ୍ଧଗାମୀ ହୋଇ କାଳ ବଳୟକୁ ସ୍ପର୍ଶ କରି ଆଗକୁ ଆଗ ହୋଇ ଚାଲିଥାଏ । ଯେଉଁ ମନ୍ଥନସୃଧିକୁ ସର୍ବଦା ସ୍ପର୍ଶ ପାଇଁ ତତ୍ପର ତଥା ତପରତ । ଏହି ଉଦାହରଣ ସ୍ପଷ୍ଟ କରେ । ପରଂବ୍ରହ୍ମ ପରବ୍ରହ୍ମ ଜଗନ୍ନାଥଙ୍କ ସମୀପ ହେବାକୁ ଯେପରି ଚେଷ୍ଟା କରି ଚାଲିଛନ୍ତି । ସେପରି ମର୍ତ୍ତ୍ୟବାସୀ କେବଳ ଗୋବିନ୍ଦ ମଧ୍ୟରୁ ସାହାଯ୍ୟ ସହଯୋଗ ପାଇ ଜୀବନଟାକୁ କୃତାର୍ଥ କରି, ଉପଭୋଗ କରି ହେବ । ଜୟଦେବ ଗ୍ରନ୍ଥଟିରେ ବର୍ଣ୍ଣନା କରିଛନ୍ତି ।

## ଚିଲିକା ମଧ୍ୟରେ ଗୋବିନ୍ଦ -

'ଚ' ଶବ୍ଦର ଯଥାର୍ଥ ଏହି ଯେ, ଯେଉଁ କ୍ଷେତ୍ର ବୀଜହୀନ, ନିର୍ବିର୍ଯ୍ୟ ହୋଇ ମଧ୍ୟ ଚିଲିକା ବା ଐଶ୍ୱର୍ଯ୍ୟମୟ କ୍ଷେତ୍ରରୂପେ ପ୍ରଚଳିତ କ୍ରମେ ରହି ଆସିଛି । କ୍ଷେତ୍ରାଞ୍ଚଳ 'ଚିଲିକା' ହ୍ରଦରେ ପରିଣତ ନହେବା ପୂର୍ବରୁ ତଥା ପୂର୍ଣ୍ଣାଙ୍ଗ ପଞ୍ଚଭୂତାକାର ପରିବେଶରେ କ୍ରିୟାଶିଳ ହେବାପରେ ଆଦିରାଜ ସ୍ୱୟଂଭୁବ ମନୁ, ରାଣୀ ଶତରୂପାଙ୍କ ସହ ଏହି ମେରୁ କ୍ଷେତ୍ରରେ ରହି ପୃଥିବୀ ଶାସନ କରୁଥିଲେ । ସ୍ୱୟଂଭୁବ ମନୁ ନିଜ ମନ୍ୱନ୍ତରର ସମୁଦାୟ ୩୧କୋଟି ବର୍ଷ ଶାସନ କରିଥିଲେ ।

ସ୍ୱୟଂଭୁବ ମନୁ ଏଠାରେ ଶାସନ ପ୍ରକ୍ରିୟା ପ୍ରଚଳନ ସକାଶେ ମନୁସ୍ମୃତି ନାମକ ସମ୍ବିଧାନ ପ୍ରଚଳନ କରିଥିଲେ । ଏତଦ୍ ପରେ ସ୍ୱୟଂ ନାରାୟଣ ଏଠାରେ ଧର୍ମ ବା ଗୋବିନ୍ଦ କ୍ଷେତ୍ରରେ ଯେ କି ସମ୍ପୂର୍ଣ୍ଣ ଜଗତର ଆତ୍ମା, ପ୍ରକୃତି ମଧ୍ୟରୁ ବା ମୂର୍ତ୍ତିଙ୍କ ଗର୍ଭରୁ ଚାରି ଅବତାରରେ ମହର୍ଷି ମନୁଙ୍କ ପ୍ରଥମ ମହାଯୁଗ ସତା ଯୁଗରେ ପ୍ରକାଶ ପାଇଥିଲେ । ଚାରି ଅବତାର ଭେଦ ମଧ୍ୟରୁ ନର ଓ ନାରାୟଣ ଭେଦ ଦ୍ୱୟ ଗନ୍ଧମାର୍ଦନ ଗିରିର ବଦ୍ରିକାଶ୍ରମ (ଆଜିର ଜଉଗଡ଼)କୁ ଯାଇ, ସ୍ୱଚ୍ଛ ପରିବେଶ ପାଇଁ ଘୋର ତପସ୍ୟାରେ ଲାଗି ଥିଲେ । କୃଷ୍ଣ ନିଜକୁ ଦ୍ୱାରପାଳ ଅଲାରନାଥ ରୂପରେ ବ୍ରହ୍ମଦ୍ୱାରରେ ଆଜିସୁଦ୍ଧା ଜଗି ରହିଛନ୍ତି । କିନ୍ତୁ 'ହରି' ନିଜକୁ ବ୍ୟାପ୍ତ କରାଇ ଲତା, ଗୁଳ୍ମ, ବୃକ୍ଷ ରାଜିରେ ମଜି ଯାଇଛନ୍ତି । (ବ୍ୟାସକୃତ ମହାଭାରତ ଶାନ୍ତି ମୋକ୍ଷ ପର୍ବ ୩୩୪ ଅଧ୍ୟାୟ ୮/୯/୧୦ ଶ୍ଳୋକ ବର୍ଣ୍ଣିତ ।

ମହର୍ଷି ମନୁଙ୍କ ଶାସନ ସମୟରେ ମୈଥୁନ ପ୍ରକ୍ରିୟାରେ ସନ୍ତାନ ଉତ୍ପତି ହୋଇଥିଲା । ନିଜ ଔରସ ତଥା ଶତରୂପା ରାଣୀଙ୍କ ଗର୍ଭରୁ ପଞ୍ଚ ସନ୍ତାନର ପିତୃତ୍ୱ ଅର୍ଜନ କରିବାରେ ଏଠାରେ ସମର୍ଥ ହୋଇପାରିଥିଲେ । ଦୁଇପୁତ୍ର ଯଥା - ପ୍ରିୟବ୍ରତ ଓ ଉତାନପାଦ ତିନି କନ୍ୟା ଯଥା - ଆକୁତି, ଦେବହୁତି ଓ ପ୍ରସୂତି । ମହର୍ଷି ରଚିଙ୍କୁ 'ପୁତ୍ରିକା ଧର୍ମ'କୁ ଆଦରି, ଜ୍ୟେଷ୍ଠ କନ୍ୟା ଅକ୍ୱତୀଙ୍କ ବିବାହ ଦେଇଥିଲେ । ଅକୃତୀ ଦୁଇଟି ସନ୍ତାନର ମାତା ହେଇଥିଲେ । ଭଗବାନ୍ ଯଜ୍ଞ ଏବଂ ଭଗବାନ୍ ଯଜ୍ଞଙ୍କ ସମ୍ପର୍କ ସର୍ବଦା ରହୁଥିବା ଲକ୍ଷ୍ମୀ, ଅତଏବ ପୁତ୍ରିକା ସନ୍ତାନ ଭଗବାନ୍ ଯଜ୍ଞକୁ ପୁତ୍ରିକା ଧର୍ମ ପ୍ରକାରେ ନିଜ କ୍ଷେତ୍ରକୁ ନେଇ ପଳାଇ ଆସିଥିବା ପୁରାଣ କହୁଛି ।

ଭଗବାନ ଯଜ୍ଞ ମନୁଙ୍କ ରାଜଧାନୀ ବର୍ହିଷ୍ମତୀ ପୁରୀଠାରେ ରହି ପରିବେଶ ସ୍ୱଚ୍ଛ ସକାଶେ ଯଜ୍ଞର ପ୍ରସାର କରି ଚାଲିଥିଲେ । ଭା.ପୁ ୪/୧ ବର୍ହିଷ୍ମତୀ ପୁରୀ ବ୍ରହ୍ମାବର୍ତ୍ତ ଅନ୍ତର୍ଗତ ଥିଲା । ମହର୍ଷି ମନୁ ଅଲିଅଳ କନ୍ୟା ଦେବହୁତୀଙ୍କୁ ମହର୍ଷି କ୍ୱର୍ଦମଙ୍କୁ ବିନ୍ଦୁସାର ସରସ୍ୱତୀଠାରେ ବିବାହ ଦେଇ ନିଜ ରାଜଧାନୀକୁ ଫେରି ଆସୁଥିବା ଶୁଣି ପ୍ରଜାବର୍ଗ ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ । ରାଜଧାନୀ ବାହାରକୁ ପ୍ରଜାବର୍ଗ ଆସି ଗୀତ ବାଦ୍ୟ ଇତ୍ୟାଦି ସହିତ ଅପେକ୍ଷା କରିଥିଲେ । ମନୁଙ୍କ ରାଜଧାନୀ ସେହିଠାରେ ଥିଲା, ଯେଉଁଠାରେ ପୃଥ୍ୱୀକୁ ରସାତଳରୁ ହିରଣାକ୍ଷ ସହ ସଂଗ୍ରାମ କରି ଆଣିବା ପରେ ନିଜ ଶରୀରକୁ କମ୍ପାଇ ଥିବା ସମୟରେ ବରାହ ଭଗବାନଙ୍କ ରୁମ, ଶରୀରରୁ ଝଡ଼ି ପଡ଼ିଥିଲା । ସେହି ରୁମ ଗୁଡିକ ହିଁ ନିରନ୍ତର ଶାଗୁଆ ଶାଗୁଆ କୁଶ କାଶରେ ପରିଣତ ହୋଇଥିଲା । ଏବଂ ଋଷି ମୁନୀମାନଙ୍କ ଦ୍ୱାରା ଯଜ୍ଞାଗ୍ନେ ଅସୁରଙ୍କ ବିରୋଧରେ ପ୍ରୟୋଗ କରି ସୁରକ୍ଷା ଦିଅନ୍ତି । ମନୁ କନ୍ୟାଦାନ ପରେ ଫେରି କୁଶକାଶର ଚଟାଇ ପକାଇ ଭଗବାନଙ୍କୁ ଆରାଧନା କରିବାରେ ଲାଗିଲେ । (ଭା.ପୁ ୩/୨୨/୨୮-୩୧)

ସ୍ୱୟଂଭୁବ ମନୁଙ୍କ ମନ୍ୱନ୍ତରରେ ଅନେକ ପ୍ରକାରର ସମୃଦ୍ଧି ସୂଚକ ଘଟଣା ଘଟି ଆସିଛି । ଅତୀତରେ ଯାହା ପ୍ରଚଳିତ ଥିଲା ଆଜି ମଧ ସ୍ମୃତି ରହିଛି । ସ୍ୱୟମ୍ଭୁବ ମନୁ ଏପରି ପ୍ରାୟ ୩୧ କୋଟି ବର୍ଷ ପୃଥିବୀକୁ ପାଳନ କରି ଉତ୍ତ୍ର କ୍ଷେତ୍ର ପୃଥ୍ୱୀକୁ ଦୁଇଭାଗ କରି ଦୁଇ ପୁତ୍ରଙ୍କ ମଧରେ ଭାଗ କରିଦେଇଥିଲେ । ଉତ୍ତ୍ରର ଦକ୍ଷିଣ ଭାଗର ଶସକ ହେଲେ ମହାରାଜ ପ୍ରିୟବ୍ରତ । ଯାହାଙ୍କ ରାଜଧନୀ ଥିଲା ବର୍ହିଷ୍ମତି ପୁରୀ ଏବଂ ଉତ୍ତାନପାଦଙ୍କ ରାଜଧାନୀ ଥିଲା, ଆଜିକାର (ନିମାପଡ଼ା) କ୍ଷେତ୍ର । ଯେଉଁ କ୍ଷେତ୍ରକୁ ଉତାନପାଦ ଗୋଟିଏ ମନ୍ୱନ୍ତର ମହାରାଜା ଧ୍ରୁବ ୭୫ ହଜାର ବର୍ଷ ତଥା ଧ୍ରୁବ କୁମାର (ଉତ୍କଳ) ଶାସନ କରିବା ସମୟେ, ରାଜା ପ୍ରିୟବ୍ରତ ଏକାକୀ ଏଗାର ଅର୍ବୁଦ ବର୍ଷ ଶାସନ କରିଥିଲେ । ଭା.ପୁ୫/୧/୨୯ ଶ୍ଳୋକରେ ବର୍ଣ୍ଣିତ କ୍ରମେ ତିନି ମନ୍ୱନ୍ତର ଯଥା- ସ୍ୱରୋଚିଷ, ଉତ୍ତମ ତାମସ, ତଥା ରୈବତ ମନ୍ୱନ୍ତର ପ୍ରାୟ ଶାସନ କରିଥିଲେ । ସମୁଦାୟ ପ୍ରାୟ ୧୧୦ କୋଟି ବର୍ଷ ପୃଥ୍ୱୀ ପାଳନ କରି ଅନେକ ସ୍ମରଣୀୟ କାର୍ଯ୍ୟ କରିଥିଲେ ।

ସ୍ୱୟଂଭୁବ ମନୁ ବଂଶ ତଥା ଚାକ୍ଷୁଷ ମନ୍ୱନ୍ତର ଶେଷାଦ୍ଧ ବେଳକୁ ଭଗବାନ ଋଷଭ ଦେବ ତଥା ଭଗବାନ ପୃଥୁ ଏହି ବ୍ରହ୍ମାବର୍ତ୍ତ ବହିଷ୍ମତୀ ପୁରୀଠାରେ ପ୍ରକଟ ହୋଇ ପରିବେଶ ଆତ୍ମମର୍ଯ୍ୟାଦାର ବିକାଶକୁ ନେଇ ଐଶ୍ୱର୍ଯ୍ୟ ପ୍ରାଙ୍ଗଣ ସୃଷ୍ଟି କରିପାରିଥିଲେ । ଜପ, ତପ, ହୋମ ଯଜ୍ଞାଦି କରାଇ ଜଳବାୟୁ ସ୍ୱଚ୍ଛ କରାଇ ପାରିଥିଲେ । ମଳୟ ପର୍ବତ ସମୁଦାୟକୁ ନେଇ ମାଳବ ରାଷ୍ଟ୍ରରେ ପରିଣତ କରାଇ ପାରିଥିଲେ । କ୍ଷେତ୍ରଟିରେ ମଳୟର ପ୍ରଭାବ ଅତି ତୀବ୍ର ଥିଲା । ମରୁତଙ୍କ ତୀବ୍ର ପ୍ରଭାବରେ ଅତିଷ୍ଠ ହୋଇ ଇନ୍ଦ୍ରଦେବ ବଜ୍ର ଦ୍ୱାରା ମରୁତକୁ ୫୨ ଭାଗରେ ପରିଣତ କରିଦେଲେ । ମରୁତ ବାବନ ଭାଗରେ ପରିଣତ ହେବା ସତ୍ତ୍ୱେ ଏଠାରେ ମୂଳ ସାତ ନାମରେ ନିଜ ପରିଚୟ ପ୍ରଦାନ କଲେ । ଯଥା – ବାୟୁବେଗ, ବାୟୁବଳ, ବାୟୁଦା, ବାୟୁମଣ୍ଡଳ, ବାୟୁଜ୍ୱାଳ, ବାୟୁରେତା ଓ ବାୟୁଚକ୍ର । କାଳଯୟୀ ବା ମେରୁକ୍ଷେତ୍ର, ବାୟୁ ଓ ଜଳର ସଂଗମ କ୍ଷେତ୍ରର କାରଣ ଯୋଗୁଁ ୧. ଦୟାନଦୀର ଜଳାଧାର, ୨. ଭାର୍ଗବୀ ନଦୀର ଜଳଧାରା, ୩. କୁଶଭଦ୍ରା ନଦୀ ଜଳଧାରା, ୪. ମଲାଗୁଣୀ ନଦୀର ଦଳଧାରା, ୫ ଯମୁନୀ ନଦୀର ଜଳଧାରା ତଥା ୬ ଋଷିକୂଲ୍ୟା ନଦୀର ଜଳଧାରର ମିଳନ ହୋଇଛି । ସରସ୍ୱତି ସହିତ ଥିବା (୧) ସୁପ୍ରଭା, (୨) କାଞ୍ଚନୀକ୍ଷୀ, (୩) ବିଶାଳା, (୪) ମନୋରମା (୫) ସୁରେଶୁ (୬) ଅଧାବତୀ ତଥା (୭) ବିମୋଳଦା ଏହି ସପ୍ତ ନଦୀ ଧାରିଣୀ ଦିବ୍ୟ ଦେବତ୍ୱର ଧାରଣ କରି ଆସିଥିବା ଋଷିକୂଲ୍ୟା ସରସ୍ୱତୀର ପ୍ଲକ୍ଷ ଧାର ଯମୁନା ଧାର ମଧ ମେରୁ କ୍ଷେତ୍ରରେ ସଂଲଗ୍ନ ଥିଲା । ୩୦୩ ଖ୍ରୀଷ୍ଟ ମଧରୁ ମେରୁ ଓ ପ୍ରାଚୀ ସରସ୍ୱତୀଠାରୁ ବିଚ୍ଛେଦ ଘଟି ଆସିଛି ଏପରି ଏକ ଦିବ୍ୟ ମେରୁ କ୍ଷେତ୍ର ସପ୍ତସାରସ୍ୱତୀ ତୀର୍ଥ ଅଟେ । ଏହି ତୀର୍ଥ କ୍ଷେତ୍ରରେ ମହର୍ଷି ମଙ୍କଣକଙ୍କ ଆଶ୍ରମ ଥିଲା ।

ଅତୀତରେ ଦିନେ ମହର୍ଷି କୁଶ ସଂଗ୍ରହ କରୁ କରୁ କୁଶ ଅଙ୍ଗୁଳିରେ ପଶି ରକ୍ତ ବାହାରିଥିଲା ଉକ୍ତ ରକ୍ତ ରଙ୍ଗ ସବୁଜ ଦେଖି ମହର୍ଷି ଆନନ୍ଦରେ ନୃତ୍ୟ କରିବାରେ

ଲାଗିଲେ । ଆନନ୍ଦର ଆନନ୍ଦ ସେ ନୃତ୍ୟରେ ଜୀବଜଗତ ସହ ଜଙ୍ଗଲାଦି ମଧ୍ୟନୃତ୍ୟ କରିବାକୁ ଲାଗିଥିଲେ । ଯଦ୍ଦ୍ୱାରା ବ୍ରହ୍ମାଣ୍ଡର ସ୍ଥିତି ଅସ୍ଥିର ହେବାକୁ ଲାଗିଲା ବ୍ରହ୍ମାଦି ଦେବଗଣଙ୍କ ଅନୁରୋଧରେ ମହାଦେବ ଏଠାକୁ ଆସି ନୃତ୍ୟ ବନ୍ଦ କରାଇ, ପ୍ରଶ୍ନ କରିଥିଲେ, ହେ ମଙ୍କଣଙ୍କ ତୁମେ ଏପରି ନୃତ୍ୟ କାହିଁକି କରୁଥିଲ ? ଉତ୍ତର ପାଇଥିଲେ ପ୍ରଭୁ ଦେଖୁ ନାହାନ୍ତି, ମୋ ହାତରୁ କିପରି ସବୁଜର ରକ୍ତ ବାହାରୁଛି । ଏଥିରୁ ସ୍ପଷ୍ଟ ହୁଏ କ୍ଷେତ୍ରଟି ସର୍ବଦା ଆନନ୍ଦ ଦାୟକ ଥିଲା ।

ବୈବସତ୍ୱ ମନ୍ୱନ୍ତର ଆରମ୍ଭରେ, ହିମାଞ୍ଚଳ ପର୍ବତର ଉତ୍ପତ୍ତି ପରେ ମର୍ତ୍ତ୍ୟମଣ୍ଡଳ ଛିନ୍ନଛତ୍ର ହୋଇ ପଡ଼ିଥିଲା ଏକତ୍ରିତ ହୋଇ ରହିଥିବା ମର୍ତ୍ତ୍ୟ ଏସିଆ ମହାଦେଶ, ଆଫ୍ରିକା ଓ ଅଷ୍ଟ୍ରେଲିଆ ପରି ତିନି ଭାଗରେ ବିଭକ୍ତ ହୋଇ ପଡ଼ିଥିଲା । ଉକ୍ତ ପ୍ରଳୟରୁ ଉତ୍କୃଷ୍ଟ ବିଚାର ଧାରା ଜନକୁ ଭଗବାନଙ୍କ ରକ୍ଷା କରିବା ପାଇଁ ମତ୍ସ୍ୟ ଅବତାରରେ ଉଦ୍ଧାରକ ପାଲଟି ଥିଲେ । ଏହି କ୍ଷେତ୍ରରେ ଋଷି ମୁନିଙ୍କ ଉଦ୍ଧାର କରି ଏଠାରେ ସୁରକ୍ଷା ପାଇଁ ଆଣି ଛାଡ଼ନ୍ତି । ( ଉ.ପୁ ୮/୨୪/୬୧)

ମନ୍ଦରଗିରି ଦ୍ୱାର ଦେବାସୁରଙ୍କ ଏଠାରେ ମନ୍ଥନ ହୋଇଥିଲା ଭଗବାନ କଚ୍ଛପ ରୂପ ଧାରଣ କରି, ମନ୍ଥନରେ ସହଯୋଗ କରିଥିଲେ, ଉକ୍ତ ମନ୍ଥନରୁ କାମଧେନୁ, ଐରାବତ, ଉଚୈଶ୍ରବା, ଅପ୍ସରାଗଣ, ଦୌସ୍ତରୁ ମଣୀ ବାରୁଣୀ, ଶଙ୍ଖ, କଳ୍ପବୃକ୍ଷ ଚନ୍ଦ୍ର, ଲକ୍ଷ୍ମୀ ମାତା, କଦଳୀ ବୃକ୍ଷ, ସ୍ୱୟଂ ଭଗବାନ ଧନ୍ୱନ୍ତରୀ ଅବତାରରେ ଅମୃତ କଳସ ଧରି ପ୍ରକଟ ହୋଇଥିଲେ । ପରେ ପରେ ହଳାହଳ ବିଷ ପ୍ରକଟ ହୋଇଥିଲା । ସେହି ବିଷ ମହାଦେବ ଧାରଣ କରି ନୀଳକଣ୍ଠ ନାମେ ଖ୍ୟାତ ଅଟନ୍ତି ।

ଦେବାସୁରଙ୍କ ମଧ୍ୟରେ ଅମୃତ ବଣ୍ଟନକୁ ନେଇ ବାଦ ବିବାଦ ହେବାରୁ ଉଭୟଙ୍କ ମଧ୍ୟରେ ବଣ୍ଟନ ପାଇଁ ଭଗବାନ ମୋହିନୀରୂପ ଧରି ପ୍ରକଟ ହୋଇଥିଲେ । ଦେବତାମାନଙ୍କୁ ଗୋଟିଏ ଧାଡ଼ି ଓ ଅସୁରମାନଙ୍କୁ ଗୋଟିଏ ଧାଡ଼ି କରାଇ ବସାଇଦେଲେ । ବଡ଼ ଭାଇ ଦେବତାମାନେ କହି, ପ୍ରଥମେ ଦେବତାମାନଙ୍କଠାରୁ ମୋହିନୀ ରୂପ ଧାରୀ ବିଷ୍ଣୁ ଅମୃତ ବଣ୍ଟନ କରି ଚାଲିଲେ । ରାହୁ ନାମକ ଚତୁର ଅସ୍ଥିର, ଅସୁର ଧାଡ଼ି ତ୍ୟାଗ କରି ଦେବତା ବେଶ ଧାରଣ କରି ଦେବ ଧାଡ଼ିରେ ବସି ଅମୃତ ପାନ କରିଦେଲେ । ବିଷ୍ଣୁ ପ୍ରକୃତ କଥା ଜାଣିବା ପରେ ସୁଦର୍ଶନ ଚକ୍ର ଦ୍ୱାରା ରାହୁକୁ ଗୁଇଗଡ଼ି କରି ଦେଇଥିଲେ । ସେହି ଦିନଠାରୁ ଅମୃତ ପାନକାରୀ ରାହୁ ଗ୍ରହ ରୂପେ କେତୁ ନାମରେ ପରିବେଶ ମଧ୍ୟରେ ପ୍ରକଟ ହୋଇ ଆସିଛନ୍ତି । ଉଭୟ ଗ୍ରହଙ୍କ ନିଦ ଘର ରାଶି ଚକ୍ରରେ ନଥିବା କାରଣରୁ ଛାୟା ଗ୍ରହରୂପେ ପରିଚିତ ।

ପିତୃସତ୍ୟ ପାଳନ ସକାଶେ ମର୍ଯ୍ୟାଦା ପରୁଷୋତ୍ତମ ଶ୍ରୀରାମ ପ୍ରାୟ ଏକ କୋଟି ୭୧ ଲକ୍ଷ ବର୍ଷ ପୂର୍ବେ ଦଣ୍ଡାକାରଣ୍ୟରେ ପ୍ରବେଶ କରିଥିଲେ । ସେ ଅଯୋଧ୍ୟାରୁ ବାହାରି ମଧ୍ୟପ୍ରଦେଶ, କୋଶଳ ହୋଇ ବୈତରଣୀ ନଦୀ ତଟଦେଶରେ ଦେବୀ ବିରଜାଙ୍କୁ ଦର୍ଶନ କରିଥିଲେ । ପରେ ପରେ ପ୍ରାଚୀ ସରସ୍ୱତୀ ନଦୀର ଉତ୍ତର ତଟରେ ପଦ ଚାରଣ କରି ଏହି ମେରୁ କ୍ଷେତ୍ରରେ ପହଞ୍ଚି ପାରିଥିଲେ । ସେଠାରେ ମହାଦେବ ଦର୍ଶନ କରି ପୂଜା, ଅର୍ଚ୍ଚନା କରିଥିଲେ । ଶ୍ରୀରାମଙ୍କ ପୂଜା ଅର୍ଚ୍ଚନାରେ ମହାଦେବ ନୀଳକଣ୍ଠେଶ୍ୱର ସନ୍ତୋଷ ଲାଭ କରି ଦର୍ଶନ କ୍ଷେତ୍ରରେ ପରିଚୟ ସର୍ବଦା ରହୁ ବିଚାର କରି କ୍ଷେତ୍ରଟି ପୁରୁଷୋତ୍ତମ ନାମରେ ନାମିତ ଥିଲା । ମାନବ ଜାତି ତଥା ଜଳ, ସ୍ଥଳ, ବାୟୁର ମିଳନ ହୋଇଥିବା ପୂର୍ଣ୍ଣାଙ୍ଗ ସୁନ୍ଦର, ମଙ୍ଗଳ ଦାୟକ ରୂପ ପୁରୁଷ ଶ୍ରୀରାମଙ୍କ ଯମ ଏଠାରେ ରହୁ ସିଦ୍ଧାନ୍ତ ନେଇ ମହାଦେବ ପ୍ରସନ୍ନ ହୋଇଥିଲେ । ଏହି କାଳଜୟୀ କ୍ଷେତ୍ରଟି ସଂପୂର୍ଣ୍ଣ ରୂପେ ମର୍ଯ୍ୟଦା ପୁରୁଷୋତ୍ତମ କ୍ଷେତ୍ର ରୂପେ ପରିଚିତ ଥିଲେ ହେଁ ପରିବେଶର ବିଡ଼ମ୍ବନା କାରଣରୁ କ୍ଷେତ୍ରଟି ଚିଲିକା ହ୍ରଦରେ ପରିଣତ ପରେ ଶ୍ରୀକ୍ଷେତ୍ର ହିଁ ପୁରୁଷୋତ୍ତମ କ୍ଷେତ୍ର ବୋଲାଇ ଆସୁଛି ।

ଧର୍ମକ୍ଷେତ୍ରରେ ଚନ୍ଦ୍ରବଂଶୀ ରାଜା କୁରୁ, ବାରମ୍ବାର ହଳ ପରେ ହଳ କରି ମୃତିକା ଶିଦ୍ଧ ତଥା ଉର୍ବର କରିବାରେ ବିଚାର ଯେଉଁ କ୍ଷେତ୍ରରେ ଚାଷ ଆରମ୍ଭ କଲେ, ଉକ୍ତ କ୍ଷେତ୍ର କୁରୁ କ୍ଷେତ୍ର ଅଟେ । ରାଜା କୁରୁଙ୍କ ବିଚାର ମହାଭାରତ ଶଲ୍ୟ ପର୍ବରେ ଥିବା ଗଦା ପର୍ବରୁ ସୂଚନା ମିଳେ । ସମନ୍ତ ପଞ୍ଚକ କ୍ଷେତ୍ର ଅଟେ ସନାତନ ତୀର୍ଥ । କ୍ଷେତ୍ରଟି ପ୍ରଜାପତି ମାନଙ୍କ ଉତ୍ତର ବେଦି ଅଟେ । ପ୍ରାଚୀନ କାଳରେ ଏଠାରେ ବର ଦାୟକ ଦେବଗଣ ମହାନ୍ ଯଜ୍ଞ ଅନୁଷ୍ଠାନ କରିଥିଲେ । ମହାତ୍ମା କୁରୁ କ୍ଷେତ୍ରକୁ ଚାଷ କରିବା କାରଣ କ୍ଷେତ୍ରକୁ ଶୁଦ୍ଧ ରଖିବା ଦ୍ୱାରା ଯେଉଁ ପ୍ରାଣୀ ଏଠାରେ ପ୍ରାଣ ତ୍ୟାଗ କରିବସେ ପ୍ରାଣୀ ସିଧା ସ୍ୱର୍ଗ ପ୍ରାପ୍ତ ହେବ । ପବନ ଦ୍ୱାରା ଧୂଳୀ ଆସି କୁରୁକ୍ଷେତ୍ରରେ ପଡ଼ିଲେ ମଧ୍ୟ ପ୍ରାଣିଙ୍କୁ ପାପଶୂନ୍ୟ କରିଦେବ । ମହାଭାରତ ତୀର୍ଥ ଯାତ୍ରା ପର୍ବ ୮୪ର ଚାରି ଶ୍ଳୋକରୁ ସୂଚନା ମିଳେ ସରସ୍ୱତୀ ନଦୀର ଦକ୍ଷିଣ ତଥା ଦୃଷଦ୍ ବା ମହେନ୍ଦ୍ର ତନୟାର ଉତ୍ତର ତଥା ଏହି ଆଧାୟର ୨୪ ଶ୍ଳୋକରେ ବର୍ଣ୍ଣିତ ତରନ୍ତୁକ ଅରନ୍ତୁକ,

ରାମହ୍ଲଦ ବା ମଚକୁକ ମଧରେ ଥିବା କ୍ଷେତ୍ର ହିଁ କୁରୁକ୍ଷେତ୍ର ସମସ୍ତ ପଞ୍ଚକ ଅଟେ । ଏହି ଚାରି ଦ୍ୱାର ମଧରୁ ମଚକୁକ ଦ୍ୱାରା ହିଁ ଚିଲିକା ମଧରେ ଥିବା ମେରୁ କ୍ଷେତ୍ର ଅଟେ ।

ଏକଚକ୍ରୀ ନଗରୀ ଗୋଟିଏ ଜନପଦର ନାମ । ଜନପଦଟି ମହାଭାରତ ଯୁଦ୍ଧ ସମୟରେ ଚିଲିକା ଅନ୍ତର୍ଗତ ବର୍ତ୍ତମାନର କାଳିଯାୟୀ ସମିପସ୍ଥ ଥିଲା । ମହାଭାରତ ଆଦିପର୍ବ ୧୫୫ ଅଧ୍ୟାୟରେ କୁହାଯାଇଛି, ପାଣ୍ଡବମାନେ ଅନ୍ୟାୟର ଶୀକାର ହୋଇ ମାତା କୁନ୍ତିଙ୍କ ସହ ବନବାସ ଯିବା ସମୟରେ ବ୍ୟାସଦେବ ପଥ ମଧରେ ପଣ୍ଡବଙ୍କ ସହ ସାକ୍ଷାତରେ କହିଲେ ଯାଅ ତୁମେ ଏକଚକ୍ରା ନଗରୀରେ ମୁଁ ପୁନର୍ବାର ଆସିବା ଯାଏଁ ରହିଥାଅ । ପିତାମହ ବ୍ୟାସଦେବଙ୍କ ଆଦେଶ ପ୍ରକାରେ ଏକଚକ୍ରା ନଗରି ଜନପଦ ଯାତ୍ରାକରି ଜଣେ ବ୍ରାହ୍ମଣ ଘରେ ଆଶ୍ରୟ ନେଇ ଭିକ୍ଷା ବୃତି କରି ରହିବାକୁ ବାଧ ହୋଇଥିଲେ । ଏପରି କେତେ ଦିନ ପରେ ବ୍ରାହ୍ମଣ ଘରେ କାନ୍ଦବୋବାଳି ପଡିବାର ମାତା କୁନ୍ତି ଶୁଣି, ଘଟଣା କଣ ଜାଣିବାକୁ ଚେଷ୍ଟା କଲେ । ମହାଭାରତ ଆଦି ପର୍ବର ବକବଧ ପର୍ବର ସମୁଦାୟ ଅଧାୟ ପାଠ କଲେ ବ୍ରାହ୍ମଣର ଜୀବନ ରହସ୍ୟ, ଭୀମଙ୍କ ଦ୍ୱାରା ବକାସୁରର ବିନାଶ ତଥା ଏକଚକ୍ରା ନଗରୀର କ୍ଷେତ୍ର ମହିମା ଆଦି ବୁଝିହେବ । ଏଠାରୁ ଦ୍ରୌପଦୀ ସ୍ୱୟଂମ୍ବରକୁ ପାଣ୍ଡବଗଣ ମାତାଙ୍କ ସହ ପାଞ୍ଚାଳ ଗମନ ହୋଇଥିଲା ।

ମତ୍ସ୍ୟଦେଶ ରାଜଧାନୀ ତଥା ରାଜା ବିରାଟଙ୍କ ନଗରୀ ଥିଲା ଚିଲିକା ହ୍ରଦର ମଧ କ୍ଷେତ୍ର ସମିପରେ ଏବଂ ଯେଉଁ କିଚକ ବଳରେ ବିରାଟ ରାଜା ବୋଲି କଥା ରହି ଆସିଚି ସେହି ବଳଶାଳୀ ବୀର କିଚକର ବାସସ୍ଥାନ ଏହି କେନ୍ଦ୍ରଭୁମି ମେରୁ କ୍ଷେତ୍ରରେ ଥିଲା । ପାଣ୍ଡବମାନଙ୍କ ଦ୍ୱିତୀୟ ବନବାସ ଦ୍ରୌପଦୀଙ୍କ ସହ ହୋଇଥିଲା ତଥା ଅଜ୍ଞାତ ବନବାସ ଏହି ବିରାଟ ନଗରୀରେ କରିଥିଲେ । ଅଜ୍ଞାତରେ ହିଁ ଭୀମଙ୍କ ଦ୍ୱାରା କିଚକ ଓ ତାର ସହ ଭ୍ରାତା ନିଧନ ହେବା ଶୁଣିବା ପରେ, ଦୁର୍ଯ୍ୟୋଧନ ତାଙ୍କର ସମସ୍ତ ରଥି ମହାରଥି ସହ, ବିରାଟ ରାଜାଙ୍କ ବିଶାଳ ଗୋସମ୍ପଦ ହରଣ କରିବାକୁ ବିରାଟଙ୍କ ରାଜଧାନୀର ଉତ୍ତର ଦିଗରୁ ଆକ୍ରମଣ କରିଥିଲେ । ଆକ୍ରମଣ କରିବା ପୂର୍ବରୁ ତ୍ରିଗର୍ତ୍ତର ଆକ୍ରମଣକୁ ସମ୍ମୁଖୀନ ହେବାକୁ ବିରାଟ ରାଜାଙ୍କ ସହ ବିଶାଳ ସେନା ସହ ଯୁଦ୍ଧରେ ସମ୍ମୁଖୀନ ହେବାକୁ କେହି ନଥିଲେ । ବାଧରେ ବାଧକ ହୋଇ ରାଜକୁମାର ଉତ୍ତରା ତଥା ସ୍ତ୍ରୀ ବେଶ ଧାରିଣୀ (ବୃହନ୍ନଳା) ଅର୍ଜୁନ କୌରବ ସୈନ୍ୟଙ୍କ ସମ୍ମୁଖୀନ ହୋଇଥିଲେ । ଉତରା କୁମାର ରଥ ପରିଚାଳନା କରିବା ସମୟରେ ଅର୍ଜୁନ ଏକଲା ଗାଣ୍ଡିବରୁ ବାଣ ଚାଳନା କରି କୌରବ ଯୋଦ୍ଧାଙ୍କୁ ଅସ୍ତବ୍ୟସ୍ତ କରାଇ କ୍ଷେତ୍ରରୁ ବାହୁଡ଼ି ଯିବାକୁ ବାଧ କରିଥିଲେ । ଏଥି କାରଣକୁ ନେଇ, ପାରିକୁଦ କହି କୌଣସି ଜନପଦ ନଥିଲେ ମଧ ଏଠାରେ ପାରିକୁଦ ନାମ ବଳବତ୍ତର ରହିଛି କାରଣ ଏହି ଯେ ଅର୍ଜୁନ ଏଠାରେ ଏପରି ବାଣ ପ୍ରୟୋଗ କରିଥିଲେ, ଯଦ୍ୱାରା କୌରବଙ୍କୁ ସେ ବାଣଦ୍ୱାରା ଆହ୍ୱାନ କରିଥିଲେ ପାରିଲେ ଏପଟକୁ କୁଦ ।

ଭାରତ ବର୍ଷ ମଧରେ ମହାଭାରତ ସଂଗ୍ରାମର ପରିସମାପ୍ତି ଘଟିଛି । ମହାରାଜା ଯୁଧିଷ୍ଠିର ଚକ୍ରବର୍ତ୍ତୀ ପଦରେ ବିଭୁଷିତ ହୋଇଥିବା ସମୟରେ ଶ୍ରୀକୃଷ୍ଣ ନିଜର ବିଶାଳ ମହାପରାକ୍ରମୀ ଯଦୁବଂଶକୁ ଏକ ନୀଳ ବା ଉଗ୍ରସେନଙ୍କ ସହ ଯଦୁବଂଶ (୧୦୦୦୦୦୦୦୦୦୦୦୦୦୦) ବା ୧ରେ ଚଉଦ ସଂଖ୍ୟକ ଯଦୁବଂଶ ନିପାତ କରାଇ ସ୍ୱୟଂ ଶ୍ରୀକୃଷ୍ଣ ପରମ ଧାମ ଗମନ କରିଥିଲେ । ଭା.ପୁ ୧୦/୯୪/୪୨ ପୁନଃ (ଭା.ପୁ ୧୧/୩୧/୬) କହେ ଭଗବାନ ଶ୍ରୀକୃଷ୍ଣଙ୍କ ଶ୍ରୀବିଗ୍ରହ ଉପାସକଙ୍କ ଧାନ ଧାରଣାର ମଙ୍ଗଳମୟ ଆଧାର ତଥା ସମୂହ ଲୋକ ସକାଶେ ପରମ ରମଣୀୟ ଆଶ୍ରୟ ଯୋଗୁଁ ସେ ଯୋଗୀ ସଦୃଶ ଅଗ୍ନିଦେବତାଙ୍କ ସଂପର୍କିତ ନ ହୋଇ ଥିଲା ଯୋଗ ଧାରଣା ଦ୍ୱାରା ଶରୀର ବିଗ୍ରହକୁ ଅଗ୍ନି ସ୍ପର୍ଶ କରିନଥିଲା ଶରୀର ସ୍ୱତଃ ନିଜଧାମ ଚାଲିଯାଇଥିଲା ଶ୍ରୀକୃଷ୍ଣ ବିଗ୍ରହ ସ୍ୱଧାମ ଯିବା ପରେ ପରେ ସତ୍ୟ, ଧର୍ମ, ଧୈର୍ଯ୍ୟ କୀର୍ତ୍ତୀ ତଥା ଶ୍ରୀଦେବୀ ମଧ ସଂସାରରୁ ଚାଲି ଯାଇଥିଲେ । ଭା.ପୁ ୧୧/୩୧/୨୦ ପ୍ରକାରେ ବଳରାମଙ୍କ ପତ୍ନୀଗଣ ପତିଙ୍କ ଶରୀର ବାସୁଦେବଙ୍କ ପତ୍ନୀଗଣ ପତିଙ୍କ ଶରୀର ସହିତ ଅଗ୍ନି ପ୍ରବେଶ କରିଥିଲେ । ଶ୍ରୀକୃଷ୍ଣଙ୍କ ପତ୍ନୀଗଣ କିନ୍ତୁ ଶରୀର ବିଗ୍ରହକୁ ନ ପାଇ କେବଳ ଶ୍ରୀକୃଷ୍ଣଙ୍କୁ ସ୍ମରଣ କରି ଅଗ୍ନି ପ୍ରବେଶ କରିଥିଲେ ।

ଶ୍ରୀକୃଷ୍ଣ ସ୍ୱଧାମ ଗମନ ପରେ ଚକ୍ରବର୍ତ୍ତୀ ଯୁଧିଷ୍ଠିରଙ୍କ ସହ ପାଣ୍ଡବ ଗଣ ନିସ୍ତେଜ ହୋଇପଡିଥିଲେ । ଚକ୍ରବର୍ତ୍ତୀ ଯୁଧିଷ୍ଠିରଙ୍କ ବ ୩୬/୮/୨୫ ଦିନ ରାଜତ୍ୱ ସମୟରେ ପାଣ୍ଡବମାନେ ଶ୍ରୀକୃଷ୍ଣଙ୍କ ସ୍ୱଧାମ ଗମନ ଶୁଣିବା ପରେ କଳି ଯୁଗର ପ୍ରବେଶ ହୋଇ ସାରିଛି ବିଚାର କରି ଅଭିମନ୍ୟୁ ପୁତ୍ର ପରିକ୍ଷିତଙ୍କୁ ଚକ୍ରବର୍ତ୍ତୀ ପଦରେ ଅଭିଷେକ କରାଇ ସ୍ୱର୍ଗ ଆରୋହଣ ପାଣ୍ଡବ ମାନେ କରିଥିଲେ ।

ଚକ୍ରବର୍ତ୍ତୀ ପରିକ୍ଷିତ ଶାସନ ଗ୍ରହଣ ପରେ ଦିଗବିଜୟରେ ବାହାରି ଥିଲେ । ସେ ନିଜ ମାମୁଁ ଉତ୍ତରଙ୍କ କନ୍ୟା ଉରାବତୀଙ୍କୁ ବିବାହ କରିଥିଲେ । ଏବଂ ଏହି ଚିଲିକା କ୍ଷେତ୍ରକୁ ଦିଗ ବିଜୟର ଆସିବା ସମୟେ ଦେଖିଲେ ଗୋଟିଏ ଗାଈ, ଗୋଟିଏ ବଳଦ

ଜଣେ ଶୁଦ୍ର ରୂପ ରାଜବେଶ ଧାରଣ କରି ହଳ କରୁଥିବା ଦେଖିଲେ । ପୁଣି ଦେଖିଲେ ଉକ୍ତ ରାଜବେଶ ଧାରୀ ଶୁଦ୍ର ଗୋମାତାଙ୍କୁ ନାତ ମାରି ଚାଲିଛି । କୃଷକର ଏପରି ଆଚରଣ ଦେଖି ସେଠାରେହିଁ ଦଣ୍ଡ ଦେଇ ଛାଡି ଦେଇଥିଲେ । ଶ୍ରୀମଦ୍ ଭାଗବତ ପୁରାଣ ୧/୧୬/୧୭ ଅଧ୍ୟାୟ ଅନୁଧ୍ୟାନ କଲେ ବିସ୍ତୃତ ଭାବେ ଜାଣି ହେବ ଧର୍ମ ଓ ପୃଥିବୀର ଯଥାର୍ଥ । ପୃଥିବୀର ଆୟତନ ତଥା ଭୂମଣ୍ଡଳ ଆୟତନର ପରିସୀମା ଜାଣିବା ପରେ ଧର୍ମେକ୍ଷେତ୍ର ମହତ୍ୱକୁ ଅକ୍ଲେଶରେ ବୁଝିହେବ । ଚିଲାକାର ଧର୍ମ କ୍ଷେତ୍ର ମଧ୍ୟ ବିନ୍ଦୁ ମେରୁର ସ୍ଥିତି ତଥା ମଧ୍ୟ ବିନ୍ଦୁ ଧରି ବିସ୍ତୃତ ବଳୟାଂଚଳ ମଧ୍ୟରେ କୁରୁକ୍ଷେତ୍ର ରାଜା କୁରୁ ରାଜ୍ୟ ବିସ୍ତାର କରିବା ପରେ ୧୩ ପ୍ରଦେଶ ଗଠନ କରିଥିଲେ ଯାହା କୁରୁଜାଙ୍ଗଳ ଦେଶ ରୂପେ ପରିଚିତ ଥିଲା ।

କୁରୁଜାଙ୍ଗଳ ଦେଶକୁ ଚକ୍ରବର୍ତ୍ତୀ ମହାରାଜା ଶ୍ରୀକୃଷ୍ଣ କୃପାରୁ ୬୦ ବର୍ଷ ଶାସନ କରିବା ମଧ୍ୟରେ ପୂର୍ବବାହିନୀ ସରସ୍ୱତୀ (ଚିଲିକା ଉତ୍ପତି ନହୋଇ ଥିବା ପୂର୍ବରୁ) ତଟରେ ଧର୍ମ ଓ ପୃଥିବୀ ମଧ୍ୟରେ କଥୋପକଥନ ହେଉଥିବା ବିଷୟ ଶୁଣି କଳିଯୁଗ ବିପକ୍ଷରେ ପଦକ୍ଷେପ ନେଇଥିଲେ ।

ସମୟ ଆସୁଛି ପୃଥିବୀ କ୍ଷେତ୍ରରେ ଥିବା ଚିଲିକା କ୍ଷେତ୍ରକୁ ଯେଉଁ ବ୍ରହ୍ମାଣ୍ଡର ବିଭିନ୍ନ କ୍ଷେତ୍ରରୁ ନାନା ରଙ୍ଗର ପକ୍ଷୀମାନେ ପ୍ରତିବର୍ଷ ଯେପରି ଆସି ଆଳୟ କରୁଛନ୍ତି । କଇଁଛମାନେ ଆସି ଅଣ୍ଡା ଦେଇ ଫେରୁଛନ୍ତି, ଏଥିରୁ ସ୍ୱଷ୍ଟ ହୁଏ କେବଳ ଏହା ଗୋବିନ୍ଦ ମହିମା ଏହି ମହିମା ଉପରୋକ୍ତ ଚିଲିକାର ଆଉ ସତ୍ତା ନଥିବା କାରଣ ସର୍ବବ୍ୟାପକ ଭଗବାନ ସର୍ବଶକ୍ତିମାନ ଅଟନ୍ତି । ସେ ସର୍ବବ୍ୟାପକ ହେଲେ ମଧ୍ୟ ଚରାଚର ଜଗତରୁ ପରମ, ସଦଗୁରୁ ଅଟନ୍ତି ସେ ସାଧୁ ସ୍ୱଭାବ ପୁରୁଷଙ୍କ ଧର୍ମର ରକ୍ଷକ ଅଟନ୍ତି ଏପରି ଧର୍ମର ରକ୍ଷା ନିମନ୍ତେ ତଥା କର୍ମ ବନ୍ଧନରୁ ମୁକୁଳାଇବା ପାଇଁ ଜନ୍ମମୃତ୍ୟୁ ଚକ୍ରରେ ଅବତାର ରୂପ ଗ୍ରହଣ କରିଥାନ୍ତି । ଶ୍ରୀକୃଷ୍ଣ ବା ପରିବେଶର ବିଚାରରେ ଭବିଷ୍ୟତ କାଳରେ ଚିଲିକା ଅନ୍ତର୍ଗତ ଆର୍ଦ୍ର କ୍ଷେତ୍ର ମୃତିକା ପୂର୍ଣ୍ଣ ହୋଇ ଜନପଦମାନ ସୃଷ୍ଟି ହେବ । କ୍ଷେତ୍ର ଗୋବିନ୍ଦ ସ୍ଥାନରେ ସମ୍ବଳ ନାମରେ ଜନପଦଟିଏ ଗଠନ ହେବ । ବିଷ୍ଣୁ ଯଶ ନାମରେ ଜଣେ ବୈଷ୍ଣବ ବ୍ରାହ୍ମଣ ସେହି ଜନପଦରେ ହେବେ ତାଙ୍କର ହୃଦୟ ଅତି ଉଦାର ତଥା ଭଗବତ୍ ଭକ୍ତିରେ ସର୍ବଦା ଆସକ୍ତ ରହୁଥିବେ । ତାଙ୍କରି ପ୍ରାଙ୍ଗଣରେ ଭଗବାନ କଳ୍କୀ ପ୍ରକଟ ହେବେ । ସେ କଳ୍କୀ ଭଗବାନ୍ ଅଷ୍ଟସିଦ୍ଧିରେ ପୂର୍ଣ୍ଣଥିବେ ସମସ୍ତ ସଦଗୁରୁଙ୍କ ଏକମାତ୍ର ଆଶ୍ରୟ ହୋଇ ରହିଥିବେ । ସେ ଚରାଚର ଜଗତର ଏକମାତ୍ର ରକ୍ଷକ ରୂପେ ଉଭାହୋଇ ରହି, ଦେବଦତ ନାମକ ଅଶ୍ୱରେ ଘୁରି ଯେତେ ସବୁ ଦୁଷ୍ଟଙ୍କୁ ସଂହାର କରି ଚାଲିବେ । ପରିବେଶ ମଧ୍ୟରେ ଥିବା ତାକୁ ସ୍ୱାବର ସମୁହ ବ୍ୟକ୍ତି ସଂହାର ହୋଇଯିବା ପରେ, କଳ୍କୀ ଭଗବାନଙ୍କ ପରିବେଶ ଅଙ୍ଗରାଜ ସ୍ୱର୍ଣରେ ଆସି ଏହି ଦିବ୍ୟ କ୍ଷେତ୍ର ଚିଲାକା ଅଞ୍ଚଳରୁ ପୁନଃ ଦିବ୍ୟ ପ୍ରକାଶ ପ୍ରକାଶିତ ହୋଇ ଉଠିବ । ଉକ୍ତ ସମୟରେ ବୃହସ୍ପତି, ରବି ଓ ଚନ୍ଦ୍ର ଏକ କାଳିନ ମିଥୁନ ରାଶିରୁ କର୍କଟ ରାଶିକୁ ଗମନ କରିବେ ।

ଏହି ଚିଲିକା କ୍ଷେତ୍ରରେ ଅତୀତରୁ ଯେଉଁ ଦିବ୍ୟତା ଘଟି ଆସିଛି ସେହି ଘଟଣା ଜନମାନସରେ ଅବିସ୍ମରଣୀୟ ରହିବ ବିଚାର କରି ବୋଧହୁଏ ଏହି ଦିବ୍ୟଗ୍ରନ୍ଥ ଗୀତଗୋବିନ୍ଦ ରଚନା କରିଛନ୍ତି । ଏଚ୍ଚୁ ପଂଚଭୁତର ଦିବ୍ୟ ଏଲାକାରର ଏକତ୍ରିକରଣକ ପବିତ୍ରତାକୁ ପ୍ରକାଶ କରିଛନ୍ତି । କୁହାଯାଇପାରେ ବ୍ରହ୍ମାଣ୍ଡ ସୃଷ୍ଟିର ଗାଢ଼ ଅନ୍ଧକାର କୃଷ୍ଣ ମଧ୍ୟରୁ ବାସ୍ତବ ସତ୍ୟତାର ପ୍ରକାଶ ଚିଲିକା ମଧ୍ୟରୁ (ଗୋ ବିନ୍ଦ)ର ପ୍ରଭାବ କିପରି ହୋଇ ପାରିଥିଲା ।

ଗେବିନ୍ଦ ଶବ୍ଦ ପଦକୁ ଲକ୍ଷକରି ଏଥି ପୂର୍ବରୁ ସଙ୍କରାଚାର୍ଯ୍ୟ ନିଜ ବିଚାରକୁ କହିଛନ୍ତି –

ଭଜ ଗୋବିନ୍ଦଂ ସ୍ମର ଗୋବିନ୍ଦଂ<br>
ଗୋବିନ୍ଦଂ ଭଡ ମୂଢ଼ ମତେ<br>
ପ୍ରାପ୍ତେତୁ ସନ୍ନିହିତେ ନାହିଁ<br>
ନାହିଁ ରକ୍ଷତ ଦୁକୁର୍ଣ୍ଣ କରଣେ ।

ଏଥକୁ ନେଇ ବିଚାର କରାଯାଇପାରେ ଗୋବିନ୍ଦ ହିଁ ପରିବେଶ ମୂଳ ବା ମେରୁ ବା ଗେବିନ୍ଦର ସୁରକ୍ଷା ହିଁ ବ୍ରହ୍ମାଣ୍ଡର ମୂଳ କାରଣ ଅଟେ । ଅର୍ଥାତ୍ ବ୍ରହ୍ମାଣ୍ଡର ସମୁଦାୟ ପରିବେଶ ବ୍ୟତୀତ କେବଳ ଗୋବିନ୍ଦର ପାଦ ଦେଶକୁ ଭଜିବା ଆବଶ୍ୟକ । କିନ୍ତୁ ବର୍ତ୍ତମାନ ପାଦଦେଶ ସ୍ଥିର ଓ ବୌଦ୍ଧ ଅବତାର ଧାରଣ କରିଛନ୍ତି ଅର୍ଥାତ୍ ବୁଦ୍ଧ ଶରୀର ।

ବି.ଦ୍ର- ଚିଲିତା ଉପତ୍ୟକାରେ ଯେଉଁ ଅଞ୍ଚଳ ପାରିକୁଦ ବୋଲାଏ ଏବଂ ସେହି ଅଞ୍ଚଳ ମଧ୍ୟରେ ରହି ଆସିଥିବା ଜନପଦ ଗୁଡିକର ନାମକରଣକୁ ଯଦି ସମୀକ୍ଷା କରାଯାଏ ତେବେ ଜନପଦ ଗୁଡିକ କେଉଁ କେଉଁ ସମୟର ଜଣାଯିବ । ମହାଭାରତ (ବ୍ୟାସକୃତ) ଆଦିପର୍ବ ୨/୧୨ ଶ୍ଳୋକରେ ସୂତ କହିଛନ୍ତି – ଯେପରି ଲକ୍ଷଣ ଦ୍ୱାରା

ଯେଉଁ କ୍ଷେତ୍ରସ୍ଥଳି ଯୁକ୍ତ ହୋଇ ଯାଇଥାଏ, ତାହାର ମୌଳିକ ପରିଚୟ ସେହି ଲକ୍ଷଣକୁ ନେଇ ନାମ କରଣ ହେବା ଆବଶ୍ୟକ, ପଣ୍ଡିତମାନଙ୍କ ମଧ୍ୟ ଏକା ବିଚାର ।

୧୨୨୬ଠାରୁ ୧୨୩୯ ଶକାବ୍ଦ ପର୍ଯ୍ୟନ୍ତ ତ୍ରିକଳିଙ୍ଗ ଅଧିପତି ରାଜା ଚୋଡଗଙ୍ଗ ଦେବ ଥିଲେ । ସେ ତାଙ୍କର ଦିଗବିଜୟ ସମୟରେ ଅନେକ ପ୍ରାନ୍ତରୁ ଅନେକ ପଣ୍ଡିତ ଶ୍ରୀକ୍ଷେତ୍ର ଅଣାଇଥିଲେ । ସେଥି ମଧରେ ଥିଲେ ଶାକ୍ତ, ଶୈବ ଓ ଶ୍ରୀ ବୈଷ୍ଣବ ସମ୍ପ୍ରଦାୟର । ପରସ୍ପର ମଧରେ ଯେ ଯାହାର ସମ୍ପ୍ରଦାୟ ତରଫେ ତର୍କ ବିତର୍କ ସର୍ବଦା ପଣ୍ଡିତ ସଭାରେ ବାଢ଼ିଥାନ୍ତି । ସେମାନଙ୍କ ମଧରେ ବହୁ ସଂଖ୍ୟକ ଥିଲେ ଭାଗବତ ଧର୍ମୀ ତଥା ରାଧାକୃଷ୍ଣ ଉପାସକ । ସନାତନ ଧର୍ମ ମଧରେ ବିଭିନ୍ନ ଗୋଷ୍ଠି ଭିତରେ ମତଭେଦ ବାରମ୍ବାର ସୃଷ୍ଟି ହେବାରେ ଲାଗିଥିଲା ବାରମ୍ବାର ରାଜସଭାରେ ଅସନ୍ତୋଷ ଦେଖି ଚୋଡଗଙ୍ଗଦେବ ନିଜେ ପାଣ୍ଡିତ୍ୟର ପାରଦର୍ଶିତା ହୋଇଥିବା କାରଣରୁ ଏବଂ ବ୍ରାହ୍ମଣମାନଙ୍କୁ ଏକତା କରାଇ ରାଜକାର୍ଯ୍ୟରେ ଦୃଢ଼ତା ଆଣିବା ପାଇଁ ତ୍ରିକାଳ ମିମାଂସା ଉତ୍ତମ ରୂପେ ଅଧ୍ୟୟନ କରି ନବରାଜନିତୀ ରାଜ୍ୟରେ ପ୍ରଚଳିତ କରାଇଥିଲେ ତଦ୍ୱାରା ଦଧି ବାମନ ପ୍ରତିମା ରତ୍ନସିଂହାସନରେ ରହିଥିବା ପରିବର୍ତ୍ତେ ଶ୍ରୀ ପୁପୁଷୋତ୍ତମ ସହ ସଙ୍କର୍ଷଣ ଓ ସୁଭଦ୍ରା ପ୍ରତିଷ୍ଠା କରିଥିଲେ ଏପରି ପ୍ରତିଷ୍ଠା କରିବା ପରେ ଅବଶ୍ୟ ବ୍ରାହ୍ମଣ ସମସ୍ୟା ସମାଧାନ ହେଲା ସତ, କିନ୍ତୁ ସର୍ତ୍ତିତ୍ରୟ ସ୍ଥାପନ କାରଣରୁ ବସ୍ତୁର ଅପଚୟ ଘଟିଥିଲା ଯାହାକି ଆଜିସୁଦ୍ଧା ପ୍ରଚଳିତ ହୋଇ ରହି ଆସିଛି ।

ବୋଧହୁଏ ପରିବେଶବିତ ଜୟଦେବ ଗାଢ଼ ଅନ୍ଧକାର ସଦୃଶ (କୃଷ୍ଣ)ରୁ ବାସ୍ତବ ସତ୍ୟର ପ୍ରକାଶକୁ ନେଇ ତଥା କ୍ଷେତ୍ର ପରିବେଶ ଉପରେ ପଡିଥିବା ପ୍ରଭାବକୁ ଆଧାର ଉପରେ ଜୟଦେବ ଏହି ଗୀତଗୋବିନ୍ଦ ରଚନା କରିଥିବା ସନ୍ଦେହ ଯେହେତୁ ୩୦୩ ଖ୍ରୀଷ୍ଟାବ୍ଦରେ ରକ୍ତବାହୁ ଚନ୍ଦ୍ରବାହୁ ନାମକ ଦୁଇଟି ବାତ ବାୟୁ ସଙ୍ଗେ ସଙ୍ଗେ ପ୍ରକଟ ହୋଇ ଅଞ୍ଚଳକୁ ଅସ୍ତବ୍ୟସ୍ତ କରିବା ପରେ ପ୍ରାକୃତିକ ପରିବେଶର ସଠିକ୍ ସନ୍ତୁଳନ କରିନଥିଲା ଏବଂ ଦ୍ୱାଦଶ ଶତାବ୍ଦୀ ଅପରିପକ୍ୱତ ଜଳବାୟୁ ମଧରେ ଗତି କରୁଥିବା କାରଣରୁ ତଥା ଶୁଷ୍କ ପରିବେଶର ଆଧାର ଉପରେ ଗୀତ ଗୋବିନ୍ଦ ରଚନା କରିଥିବା ବିଧେୟ ।

ଏହି ପୁସ୍ତକ ରଚନା କରିବାରେ ଯେଉଁସବୁ ବ୍ୟକ୍ତି ବିଶେଷମାନେ ମତେ ସାହାଯ୍ୟ ଓ ସହଯୋଗ କରିବା ସହ ଉତ୍ସାହିତ କରିଛନ୍ତି । ଏହି ଲେଖା ଗୁଡ଼ିକ ପ୍ରବନ୍ଧ ଆକାରରେ ପତ୍ରିକା ଓ ଖବରକାଗଜର ସମ୍ପାଦକମାନେ ସ୍ଥାନ ଦେଇ ଲୋକଲୋଚନକୁ ଆଣିଛନ୍ତି ସେମାନଙ୍କ ନିକଟରେ ମୁଁ ଋଣୀ । ପାଣ୍ଡୁଲିପିକୁ ପଢ଼ି ଅଭିମତ ଓ ପ୍ରେରଣା ଯୋଗାଇଛନ୍ତି ସେମାନଙ୍କୁ ମୋର ସାଧୁବାଦ । ମୁଦ୍ରଣ, ଲିପିକାର ଓ ପ୍ରକାଶକଙ୍କୁ ମୋର ଧନ୍ୟବାଦ ।

ଲେଖକ

## ଜୟଦେବଙ୍କ ପରିବେଶ

ଅଲୌକିର ବିଲୌକିକ ବିଚାରର ଏକ ବିଦ୍ୱାନ ମଧ୍ୟ ଶ୍ରୀଯୁକ୍ତ ଭେଙ୍କୟା ନାଇଡୁ ଭାରତର ୨୦୧୭ ଠାରୁ ୨୦୨୨ ଯାଏଁ ଉପ ସଭାପତି ତଥା ରାଜ୍ୟସଭା ଅଧକ୍ଷ ଥିଲେ । ସେ ସ୍କୁଲ ଅଫ୍ ଲା ସହିତ ଅନେକ ଜ୍ଞାନର ଜ୍ଞାନୀ ଥାଇ ନିଜ ବିଚାରକୁ ଓଡ଼ିଶାର ଜୟଦେବ ରଚିତ ଗୀତଗୋବିନ୍ଦମ୍ ଆଧାରିତ ଅଷ୍ଟପଦୀ ଅଙ୍ଗମ୍‌କୁ ନେଇ ନିଜର ବିଚାର ରଖିଥିଲେ । ପୁଣି ସେ ବିଚାର ୨୨ ମେ ୨୦୧୮ରେ ଦୈନିକ ସମ୍ବାଦରେ ପ୍ରକାଶ ପାଇଥିଲା ।

ସେ ନିଜ ପଦବୀର ମର୍ଯଦା ବଞ୍ଚାଇବାକୁ ଯାଇ ଅତୀତକୁ ପରିବେଶ ମାଧମରେ ସ୍ମରଣ କରିଛନ୍ତି । ଶ୍ରୀରାଧା ଶ୍ରୀକୃଷ୍ଣ ପ୍ରେମ ଚରିତ ନ କହି ସୃଷ୍ଟି ଆରମ୍ଭରେ ରାଧାକୃଷ୍ଣଙ୍କ ବ୍ୟବସ୍ଥାକୁ ବର୍ଣ୍ଣନା ପ୍ରତି ପଦପଦକେ ସ୍ମରଣ କରିଛନ୍ତି । ରାଧେୟଙ୍କୁ ଆଧାର କରି ଗୀତ ଗୋବିନ୍ଦ ସେ ରଚନା କରିଛନ୍ତି ।

ସେ ପୁଣି ବର୍ଣ୍ଣନାରେ ଏପଟ ସେପଟ କରି ମୌଳିକତା କ୍ରମେ ଯୁକ୍ତିରେ କହିଛନ୍ତି ୩୦୩ ଖ୍ରୀଷ୍ଟାବ୍ଦରେ ଚିଲିକାର ଉତ୍ପତି କିପରି ହୋଇଛି ? ପୂର୍ବେ କ୍ଷେତ୍ର ଦୃଶ୍ୟ କଣ ଥିଲା, ଜୟଦେବ ନିଜ କଳ୍ପନା ତଥା ଇତିହାସକୁ ଆଧାର କରି ଲେଖିଥାଇ ପାରନ୍ତି ।

ପ୍ରତ୍ୟକ୍ଷରେ ନହେଲେ ସୁଦ୍ଧା ପରୋକ୍ଷରେ ସେ ଅଷ୍ଟପଦୀ ଅଙ୍ଗମ୍‌ରେ ସୂଚାଇଛନ୍ତି, ଏହି ଗୋବିନ୍ଦ କ୍ଷେତ୍ରରେ ଅମୃତଠାରୁ ଗରଳ ତଥା ମହାଲକ୍ଷ୍ମୀ ସଦୃଶ୍ୟ ସମସ୍ତ ସମ୍ପଦ ଏଠାରେ ଗଚ୍ଛିତ । ପ୍ରବନ୍ଧ ୧୯ ପଂକ୍ତି ଛ ରେ ବର୍ଣ୍ଣନା ରହିଛି – ସ୍ମର ଗରଳଖଣ୍ଡନଂ ମମ ଶିରସି ମଣ୍ଡନଂ, ଲ୍ୱଳିତିମୟି ଦାରୁଣୋ ମଦନକାନାନଳେ, ହରତୁ ତଦୁପାହିତ ବିକାରମ୍ ପ୍ରିୟଚାରୁଶୀଳେ ।

ଗୋବିନ୍ଦାୟ କ୍ଷେତ୍ର ଏତିକିରେ ସୀମିତ ନୁହେଁ, ମହର୍ଷି ମକଣଙ୍କ ଙ୍କ ନୃତ୍ୟ କ୍ଷେତ୍ର, ସପ୍ତ ସାରସ୍ୱତ ତୀର୍ଥ, ଏକଚକ୍ରା ନଗରୀ, ସମ୍ବଲ ଜନପଦ ତଥା ଅବତାର କଲ୍କୀଙ୍କ ପ୍ରକଟ କ୍ଷେତ୍ର ଅଟେ । ଇତ୍ୟାଦିର କୌଣସି ପ୍ରଶ୍ନର ଉତ୍ତର ଦେବାକୁ ସେ ନାରାଜ । କାରଣ କଣ ?

**ଶ୍ରୀ ବେଙ୍କଟ ବିହାରୀ ପ୍ରହରାଜ**

ଅତୀତ ହେଉ କିମ୍ବା ବର୍ତ୍ତମାନ ହେଉ, ବିଷୟାନୁରାଗକୁ ନେଇ ଯାହାକୁ ଗାୟନ କରାଯାଏ ସେ କ୍ରିୟାକୁ କୁହାଯାଏ ଗୀତ । ଏବଂ ବିଷୟାର ବିଶେଷକୁ ଏଠାରେ ଗୋବିନ୍ଦ କହି ସମ୍ବୋଧନ କରାଗଲା । କାରଣ କ୍ଷେତ୍ର ତାତ୍ପର୍ଯ୍ୟକୁ ଜୟଦେବ ଅତି ସରଳ ଭାବରେ ବୁଝି ପାରିଥିଲେ । ଦ୍ୱାଦଶ ଶତାବ୍ଦିର ୩୦୩ ଖ୍ରୀଷ୍ଟାବ୍ଦରେ ଲାଗେ ଲାଗେ ଦୁଇଟି ସୁନାମୀର ଏହି ଚିଲିକା କ୍ଷେତ୍ର ସମ୍ମୁଖୀନ ହୋଇଥିଲା । ପ୍ରଥମ ସୁନାମୀ ନାମ ରକ୍ତବାହୁ ହୋଇଥିବାବେଳେ ଦ୍ୱିତୀୟ ସୁନାମୀ ନାମ ଥିଲା ଚକ୍ରବାହୁ । କ୍ଷେତ୍ରଟି ମେଦିନୀର କେନ୍ଦ୍ରବିନ୍ଦୁ ରୂପେ ଅତୀତ ଶାସ୍ତ୍ର ଗୁଡ଼ିକ ମେରୁ, କାଳଜୟୀ, ନିତମ୍ବିନୀ, ବ୍ରହ୍ମଗିରି ଆଦି ଇଚ୍ଚାରଣରେ ଉଚ୍ଚାରିତ କରି ଆସୁଥିବା ସତ୍ୱେ ଜୟଦେବ ଗୋବିନ୍ଦ ନାମ ଦେଇ ସମ୍ବୋଧନ କଲେ । ଏବଂ ଏହି କ୍ଷେତ୍ରର ଘଟଣାବଳିକୁ ସେ ସୁରୁଚିପୂର୍ଣ୍ଣ ମଧୁର, ମନୋହର ଅମୃତ ତୁଲ୍ୟ ଶବ୍ଦ ଗୁଡ଼ିଏ ପ୍ରୟୋଗ କରି ଶ୍ଳୋକ, ପଦ, ଗୀତ ଆଦି ରଚନା କରି ଅମର ହୋଇ ପାରିଛନ୍ତି ।

ଏହି କ୍ଷେତ୍ରର ଗୋବିନ୍ଦ ସ୍ଥଳିକୁ ବ୍ରହ୍ମର୍ଷି, ମହର୍ଷିଗଣ ସପ୍ତ ସାରସତ ତୀର୍ଥ ସହ ଏତଚକ୍ରା ନଗରୀ ନାମେ ପରିଚିତ କରାଇଛନ୍ତି । ପୁନଃ ଭବିଷ୍ୟତକୁ ଗୋବିନ୍ଦ କ୍ଷେତ୍ର ସମ୍ଭଳ ଗ୍ରାମରେ ପରିଣତ ହେବ କହିଛନ୍ତି । କ୍ଷେତ୍ର ବିଶେଷତା ହେଉଛି, ଏହି କ୍ଷେତ୍ରରେ ଧର୍ମ ଓ ମୂର୍ତ୍ତିଙ୍କଠାରୁ ନରନାରାୟଣ, କୃଷ୍ଣ ଏବଂ ହରି ପ୍ରକଟ ହୋଇଥିଲେ । ପୁନଃ ସମୁଦ୍ର ମନ୍ଥନ କାଳେ ଭଗବାନ ଧନ୍ୱନ୍ତରି, ମୋହିନୀ, ଅମୃତ, ଐରାବତ ହସ୍ତୀ, ଅଶ୍ୱ, ସମନ୍ତକ ମଣୀ, ସ୍ୱୟଂ ମହାଲକ୍ଷ୍ମୀ ଆଦି ଏଠାରେ ପ୍ରକଟ ହୋଇଥିଲେ । ଇତ୍ୟାଦି କାରଣରୁ ଏବଂ ଆଧ୍ୟାତ୍ମିକତା ପ୍ରଭାବ ସାରା କ୍ଷେତ୍ରରେ ପ୍ରବାହିତ କାରଣରୁ ପରଧନ ପ୍ରତି କାହାରି ତିଳେ ମାତ୍ର ଆଶା ନଥିଲା । କିନ୍ତୁ ଆଧ୍ୟାତ୍ମିକତା ପ୍ରତି ଭକ୍ତି ଶ୍ରଦ୍ଧା ସମୂହଙ୍କ ମନରେ ଥିଲା ।

କାଳର ଏଠାରେ ଏପରି ପ୍ରଚଳିତ ହୋଇଥିଲା । ସୁନାମ ମଧ୍ୟ ଥିଲା । ତଥାପି କୌଣସି ଅନିର୍ଦ୍ଦିଷ୍ଟ ଅନିତୀ କାରଣରୁ ବର୍ଷାର ଅଭାବ ଲାଗି ରହିଥିଲା । କ୍ଷେତ୍ରାଞ୍ଚଳ ହାହାକାର ମୟର ସ୍ୱର ଶୁଣାଗଲା ପରେ, କୃଷିକାର୍ଯ୍ୟ ସମ୍ପାଦନ ପାଇଁ ଅଞ୍ଚଳବାସୀ ବାରମ୍ବାର ଆକାଶକୁ ଚାହୁଁଥିଲେ । ଏଳାକାରରେ ଏପରି ଚାହୁଁଥିବାକାଳେ ଶ୍ରାବଣ ମାସ ବିତିଯିବା ପରେ ଭାଦ୍ରବ ମାସ ମଧ୍ୟ ଅତିବାହିତ ହେବାରେ ଲାଗିଥିଲା । ମେଦିନୀ ଆଶାର ସଂସ୍କାର ସକାଶେ ଆକାଶରୁ ଟୋପାଏ ସୁଦ୍ଧା ବାରି ବିନ୍ଦୁ ପଡୁ ନଥିଲା । କ୍ଷେତ୍ରାଞ୍ଚଳ କୃଷକଙ୍କ ଅବସ୍ଥା ଏପରି ସ୍ଥରରେ ପହଞ୍ଚି ପାରିଥିଲା ଯେ କହିବା ଉଚିତ ହେବ, ସେମାନେ କୃଷି ସକାଶେ ଜଳ ଆଶା ଛାଡ଼ି କେବଳ ଜଳ ମନ୍ଦେ ପିଇ ଜୀବନ ଧାରଣ କରି ରହିବା ପାଇଁ ଆତୁର ହୋଇ ଉଠିଥିଲେ । ଆଧ୍ୟାତ୍ମିକତାର ଦୃଢ଼ ଧାରଣା ସମୂହ ଜନ ମନ ଜାଗ୍ରତ ହୋଇଉଠିଥିଲା । ପରିବେଶର ଦୟନୀୟ ଅବସ୍ଥା ଦେଖି ତଥା ଅତିଷ୍ଠ ହୋଇ ସ୍ଥାନୀୟ କୁମାର କୁମାରୀଗଣ କ୍ଷେତ୍ର ମଧ୍ୟରେ ବେଙ୍ଗ ବେଙ୍ଗୁଲି ବିବାହ ଆଳରେ ଏବଂ ଜନସାଧାରଣ ନାମ ସଂକୀର୍ତନ ସ୍ଥାନେ ସ୍ଥାନେ କରାଇ ଇନ୍ଦ୍ରଦେବଙ୍କୁ ଆହ୍ୱାନ କରୁଥିଲେ । ଏପରି କ୍ଷେତ୍ର ମଧ୍ୟରେ ରହି ଆସିଥିବା ଜୀବଜନ୍ତୁ ପ୍ରାଣୀଜନଙ୍କ ଆକୂଳ ବେଦନା ଅସହ୍ୟ ଥିଲା ।

## ପ୍ରଥମ ସର୍ଗ

### ଶ୍ଳୋକ-୧

**ମେଘୈର୍ମେଦୁରମମ୍ବରଂ ବନଭୁବଃ ଶ୍ୟାମାସ୍ତମାଳଦ୍ରୁମୈ-**
**ର୍ନକ୍ତଂ ଭୀରୁରୟଂ ତ୍ୱମେବ ତଦିମଂ ରାଧେ ଗୃହଂ ପ୍ରାପୟ ।**
**ଇତ୍ଥଂ ନନ୍ଦନିଦେଶତଶ୍ଚଲିତୟୋଃ ପ୍ରତ୍ୟଧ୍ୱକୁଞ୍ଜଦ୍ରୁମଂ**
**ରାଧାମାଧବୟୋର୍ଜୟନ୍ତି ଯମୁନାକୂଳେ ରହଃ କେଳୟଃ ॥୧॥**

ପରିବେଶ ଆକାଶର ଅତିଶୟତା କାଳେ, ଧିରେ ଧିରେ ମେଘ ଗୁଡ଼ିକର କୋମଳତା ଆକାଶରେ ଆଚ୍ଛାଦିତ ହେବାରେ ଆରମ୍ଭ ହୋଇଥିଲା । ଏବଂ ଧିରେ ଧିରେ ମେଘ ଖଣ୍ଡ ଗୁଡ଼ିକ ଘନିଭୁତ ହେବାରେ ଲାଗିଥିଲା । ତତ୍ପରେ ଆକାଶରେ ମେଘ ଦ୍ୱାରା ପରିବେଶ କଳା ବିମ୍ବର ତୁଲ୍ୟ ଦେଖାଗଲା । କଳାକମ୍ବରତା ମେଘ ଆକାଶରେ ବିସ୍ତାରିତତାର ସ୍ୱରୂପକୁ ଦେଖି ବୃକ୍ଷରାଜି ସମୁଦାୟ ଭୟ ଏବଂ ଆତଙ୍କିତ ହେବାରେ ଲାଗିଥିଲେ । ଇତ୍ୟବସରରେ ଆତଙ୍କିତ ବୃକ୍ଷରାଜିଙ୍କୁ ନିର୍ଭୟ କରିବା ସକାଶେ କଳାବିମ୍ବର ମେଘରୁ ବର୍ଷାରାଣୀ ଦୂତରୁପେ ଆସି ବୃକ୍ଷରାଜି ପ୍ରତି ସମ୍ବୋଧନ ହୋଇ କହିଲେ, ତୁମ୍ଭମାନଙ୍କ ସକାଶେ ମୁଁ ଏଠାକୁ ଆସିଛି । ତୁମେମାନେ ବାସ୍ତବ ସ୍ଥିତିକି ଭୟକରି ଏଠାକୁ ପ୍ରକୃତରେ ମୁଁ ନ ଆସିବାକୁ ଚାହୁଁଛି । ଏବଂ କାହିଁକି ଚାହୁଁଛ ତେବେ ମୋ ଠାରୁ

ଶୁଣି, ବୁଝିବା ପରେ କହିବ । ଅତୀତାତୀତ କାଳରେ ଏହି କ୍ଷେତ୍ରାଞ୍ଚଳ, ପର୍ବତ ପାହାଡ଼ ଗିରି ଗୁହାଙ୍କର ବିଶେଷ ପ୍ରଭାବ ଥିଲା । ଗୁମ୍ଫା କନ୍ଦରମାନଙ୍କରୁ ଭୟଙ୍କର ଶବ୍ଦମାନ ଉଚ୍ଚାରିତ ହେଉଥିଲା । କାଳରାତ୍ରିରେ ଖଣ୍ଡା ଗଦା ବ୍ୟାକୁଳିତ ହେବା ପରି ଅବସ୍ଥା ଥିଲା । ଏଣୁ କ୍ଷେତ୍ରାଞ୍ଚଳରେ ଉତ୍ପତ୍ତି ହୋଇ ରହିଅସିଥିବା ଲତା କୁଞ୍ଜ, ବୃକ୍ଷାଦି ଗୁଡ଼ିକର ସ୍ଥିତି ଉପଯୁକ୍ତ ନଥିଲା । କାରଣ କ୍ଷେତ୍ର ସମାଜ ପାଇଁ ଯୋଗ୍ୟ ଥିଲା । କ୍ଷେତ୍ର ମଧ୍ୟରେ ରହି ଆସିଥିବା ସାର ତତ୍ୱଗୁଡ଼ିକ ବିଧବା ସଦୃଶ୍ୟ ରହିଛି । ସାରତତ୍ୱଗୁଡ଼ିକୁ ପ୍ରକାଶ କରି କ୍ଷେତ୍ରଟିକୁ ମାତୃତ୍ୱର ପରିଚୟ କରାଇ ପରିବେଶ ମଧ୍ୟରେ ରଖାଇବା ମୋର ଇଛା । ଇତ୍ୟାଦି ସମୁଦାୟକୁ ଆଧାର କରି, ତୁମ୍ଭମାନଙ୍କ ଆହ୍ୱାନରେ ଏଠାକୁ ଆସିଅଛି । ଏହି ପବିତ୍ରତା ଓ ପୂଣ୍ୟ ପ୍ରଭାବ କ୍ଷେତ୍ରରେ ପ୍ରଚଳିତ, ଯମୁନା ସ୍ରୋତ ତଟ ଦେଶଙ୍କରେ ପୁନଃ ବିଜୟାନନ୍ଦ ଉତ୍ସ ଗୁଡ଼ିକ ଯେପରି ହସି ଉଠିବ ବିଚାରୁଛି ।

**ପ୍ରଥମ ସର୍ଗ**

**ଦ୍ୱିତୀୟ ଶ୍ଳୋକ**

**ବାଗଦେବତାଚରିତଚିତ୍ରିତଚିତ୍ତସଦ୍ମା**
**ପଦ୍ମାବତୀଚରଣଚାରଣଚକ୍ରବର୍ତ୍ତୀ ।**
**ଶ୍ରୀବାସୁଦେବରତିକେଳିକଥାସମେତ —**
**ମେତଂ କରୋତି ଜୟଦେବକବିଃ ପ୍ରବନ୍ଧମ୍ ॥ ୨ ॥**

ଦ୍ୱିତୀୟ ସ୍ତରରେ ପୁଣି ଆକାଶରୁ ପତିତ ବାରି, କ୍ଷେତ୍ରସ୍ଥ ବୃକ୍ଷ ସମୁଦାୟଙ୍କୁ ଅତୀତରେ ରାଷ୍ଟ୍ରନାମ ଅଜନାଭ ବର୍ଷ ବୋଲି ଥିବା କାଳର କଥା କହିଥିଲେ । ସୃଷ୍ଟି ପ୍ରକ୍ରିୟା ଉତ୍ପତ୍ତି ଆରମ୍ଭରେ ବ୍ରହ୍ମଦେବଙ୍କ ଛାୟାଯାତ ତଥା ମହିରେ ମହର୍ଷି କର୍ଦ୍ଦମ ପ୍ରକଟ ହୋଇଥିଲେ । କର୍ଦ୍ଦମ ମହିରେ ପ୍ରକଟ ହୋଇଥିଲେ କେବଳ ପ୍ରଜା ବୃଦ୍ଧି ପାଇଁ । ଋଷ୍ୟମାଳ ପଦ୍ମନାଭ ଗିରି ଥିଲା କର୍ଦ୍ଦମ ମହର୍ଷିଙ୍କ ପ୍ରକଟିତ କ୍ଷେତ୍ର ତଥା ତାଙ୍କରି ସମିପକୁ ବ୍ରହ୍ମର୍ଷିଗଣ ଅବତରଣ କରିଥିଲେ । ସେହି ବାରୁଣୀ ଯଜ୍ଞ କୁଣ୍ଡରେ ସ୍ୱତଃ କେଦାରନାଥ, ତତ୍ ସଙ୍ଗେ ସଙ୍ଗେ କୂଲ୍ୟା ସରସ୍ୱତୀର ଉତ୍ପତ୍ତି ହୋଇପାରିଥିଲା । କୂଲ୍ୟା ସରସ୍ୱତୀର ଉତ୍ପତ୍ତି ପରେ ପରେ ସେ ସ୍ରୋତ ଏଠାରେ ପ୍ରଚଳିତ କେନ୍ଦ୍ର ବା ଗୋବିନ୍ଦାୟ କ୍ଷେତ୍ରକୁ ସ୍ପର୍ଶ କରି ପ୍ରବାହିତ ହେଉଥିଲା । ବାଗଦେବୀ ସରସ୍ୱତୀ ଯେହେତୁ କ୍ଷେତ୍ର ସମୁଦାୟକୁ ନିଜ ବାସଗୃହ ତୁଲ୍ୟ ମଣିଥିଲେ । ଚରିତ୍ର ଆଧାରକୁ ନେଇ ସରସ୍ୱତୀଙ୍କ ନାମ ଏଠାରେ ପଦ୍ମାବତୀ ଥିଲା । କିନ୍ତୁ ରାଷ୍ଟ୍ର ନାମ ଅଜନାଭ ବର୍ଷ ଥିବା କାଳେ ସ୍ୱୟମ୍ଭୁବ ମନୁ ଓ ଶତରୂପା ଏହି କ୍ଷେତ୍ର ଅବତରଣ କରି ମେଦିନୀ ରୂପକ ପୃଥ୍ୱୀକୁ ଶାସନ କାର୍ଯ୍ୟ ଆରମ୍ଭ କରିଥିଲେ । ସୃଷ୍ଟ୍ୟାଦିରୁ ଏପରି ଅନେକ ପ୍ରାଥମିକ ଘଟଣାମାନ ଏଠାରେ ଘଟି ଆସିଛି । ପୁନଃ କ୍ଷେତ୍ର ଚତୁଃପାର୍ଶ୍ୱରେ ପ୍ରସାରିତ ହୋଇଥିଲା । ଗୋବିନ୍ଦାୟ କ୍ଷେତ୍ର ହିଁ ରାଧାପାଦ (ବାସ୍ତବ) କ୍ଷେତ୍ର କହିଲେ ଚଳେ । ଯାହାକିଛି କ୍ଷେତ୍ରରୁ ଉତ୍ପତ୍ତି ସମସ୍ତ ଐଶ୍ୱର୍ଯ୍ୟପୂର୍ଣ୍ଣ । ସାରା କ୍ଷେତ୍ର ଆନନ୍ଦର ଆନନ୍ଦ ପରମାନନ୍ଦ ଥିଲା । ଏଠାର ଘଟଣାଗୁଡିକ ଦିବ୍ୟ ତଥା ପ୍ରତିଭାଶାଳୀ, ଶୁଣିବାକୁ ମଧ୍ୟ ରୁଚିକର ତଥା ମନମୁଗ୍ଧକର ଅଟେ । ପ୍ରତ୍ୟେକ ବିଷୟ ବର୍ଣ୍ଣନା ଗୋଟିଏ ଗୋଟିଏ ଗ୍ରନ୍ଥ ହୋଇଯିବ । ଏପରି ଗ୍ରନ୍ଥକୁ ପ୍ରତିଭାଶାଳୀମାନେ ହିଁ ବୁଝି ପାରିବେ ।

**ତୃତୀୟ ଶ୍ଳୋକ**

**ଯଦି ହରିସ୍ମରଣେ ସରସଂ ମନୋ**
**ଯଦି ବିଳାସକଳାସୁ କୁତୂହଳମ୍ ।**
**ମଧୁରକୋମଳକାନ୍ତପଦାବଳୀଂ**
**ଶୃଣୁତଦା ଜୟଦେବ ସରସ୍ୱତୀମ୍ ॥୩॥**

ଆକାଶର ମେଘ ଗୁଡ଼ିକରୁ ପତୀତ ବାରି ବିନ୍ଦୁସଞ୍ଚଳ ପୁନଃ କହିଥିଲେ, ହେ ବନଜ ଶ୍ରେଣୀ ! ଯେଉଁ କ୍ଷେତ୍ରରେ ତୁମର ବାସ, ପ୍ରକୃତରେ କ୍ଷେତ୍ରର ସଞ୍ଜ୍ଞା, ଧର୍ମ ଅଟେ । ଧର୍ମଧାରି ବିଷ୍ଣୁଙ୍କ ବିସ୍ତାରିତ ଜଙ୍ଘରେ ମଧୁକୈଠଭଙ୍କ ଧର୍ମ ବଚନ ଯାଙ୍କ ମେଦରୁ ପ୍ରସ୍ତୁତ ମେଦିନୀ ହିଁ ଧର୍ମ କ୍ଷେତ୍ର ଅଟେ । ପୁନଃ ମନୁଙ୍କ ଶାସନ ପୂର୍ବରୁ ସ୍ୱୟଂ ଧର୍ମଙ୍କ ଶାସନ ପ୍ରଚଳିତ ଥିଲା । ଧର୍ମଙ୍କ ଔରସ ତଥା ମୂର୍ତ୍ତିଙ୍କ ଗର୍ଭରୁ ନରନାରାୟଣ, କୃଷ୍ଣ ଏବଂ ହରି ଏହି ମେରୁ କ୍ଷେତ୍ରରେ ପ୍ରକଟ ହୋଇଥିଲେ । ପଶ୍ଚିମରେ ଥିବା ଗନ୍ଧମାଦନ ଗିରି ପୀଠକୁ ତପସ୍ୟା ସକାଶେ ଭଗବାନ ନରନାରାୟଣ ଏଠାରୁ ଯାତ୍ରା କରିଥିଲେ । ସ୍ୱୟଂ କୃଷ୍ଣ ଏଠାରେ ଆଲାରନାଥ ବା ବ୍ରହ୍ମ ପଥକୁ ରକ୍ଷା ପାଇଁ ଅଲାରନାଥ ରୂପେ ଜଗି ରହିଛନ୍ତି । ଏବଂ ଜନସମୁଦାୟଙ୍କଠାରୁ ଶ୍ରଦ୍ଧା ପାଇ ଆସୁଛନ୍ତି । ତୁମମାନଙ୍କ ଶରୀରରେ ହରି

ସବୁଜତା ଭରି ପ୍ରକୃତିକୁ ସୌନ୍ଦର୍ଯ୍ୟତାରେ ଭରି ରଖିଛନ୍ତି । ଲତା ବୃକ୍ଷ ସବୁଜତାକୁ ଯଦି ପ୍ରକୃତରେ ସ୍ମରଣ କରିବା ତେବେ କ୍ଷେତ୍ର ମଧ୍ୟରେ ପ୍ରଚଳିତ ହୋଇ ରହି ଆସିଥିବା ଜଳଧାର ଗୁଡ଼ିକ ଯୋଡ଼ି ଯୋଡ଼ି ହୋଇ ଯମୁନାକୁ ସ୍ମରଣ କରାଇବ । ବିଶେଷ କାଳାଂଶ ରୂପେ ଜଳଧାରଗୁଡ଼ିକୁ ଯଦି ଆପଣାର କରି ଆଦରି ବସିବ, ତେବେ ଜଳଧାର ଗୁଡ଼ିକରୁ କୌତୁକ ଜନିତ ଆମୋଦ ପ୍ରମୋଦର ତରଙ୍ଗକୁ ନିଶ୍ଚୟ ପ୍ରାପ୍ତ ହୋଇ ପାରିବ । ବିଶାଳ ଖେଳ ପଡ଼ିଆ ପରି ଦେଖାଯାଉଥିବା କ୍ଷେତ୍ର ମଧ୍ୟରେ ସରସାୟିତ ହୋଇ ପ୍ରଚଳିତ ଥିବା ଜଳଧାର ଗୁଡ଼ିକ କେବଳ ସରଳତା, ମନୋହର, କମନୀୟତାକୁ ଆଧାର କରି ସ୍ରୋତାୟିତ ଅଟେ । ପ୍ରଚଳିତ ସ୍ରୋତଗୁଡ଼ିକରୁ ଯେଉଁ ଶବ୍ଦର ତରଙ୍ଗ ପ୍ରକାଶିତ ହେଉଛି ତାହା ମଧୁପ ଗୁଞ୍ଜନ ସହ ତାଳ ଦେଇ ଚାଲିଛି । ଇତ୍ୟାଦି ଆଧାରକୁ ନେଇ ଏପରି ଏକ ଧର୍ମ କ୍ଷେତ୍ରରେ ପରିବେଶକୁ ମୁଗ୍ଧ କରିବା ପାଇଁ ଦିବ୍ୟଗ୍ରନ୍ଥରେ ଦିବ୍ୟତାଥିବା ପରି ସ୍ରୋତର ପ୍ରବାହ ଚାଲିଛି ।

**୪ର୍ଥ ଶ୍ଳୋକ**

**ବାଚଃ ପଲ୍ଲବୟତ୍ୟୁମାପତିଧରଃ ସନ୍ଦର୍ଭଶୁଦ୍ଧିଗିରାଂ**
**ଜାନୀତେଜୟଦେବ ଏବ ଶରଣଃ ଶ୍ଳାଘ୍ୟୋ ଦୁରୂହଦ୍ରୁତେଃ ।**
**ଶୃଙ୍ଗାରୋତ୍ତରସତ୍ପ୍ରମେୟରଚନୈରାଚାର୍ଯ୍ୟଗୋବର୍ଦ୍ଧନ -**
ସ୍ପର୍ଦ୍ଧୀକୋଽପିନବିଶ୍ରୁତଃ ଶ୍ରୁତିଧରୋଧୋୟୀ କବିକ୍ଷ୍ମାପତିଃ ॥ ୪ ॥

ବାରିଦରୁ ବାରୀ ପତୀତ ହୋଇ ପୁନଃ ବନଜଙ୍କୁ ସରଳତା କ୍ରମେ ବୁଝାଇ କହିଥିଲେ । ହେ ବନଜ ! ଅତ୍ୟାତୀତରୁ ଏଠାରେ କଥା ରହିଛି । ମେଦିନୀର ଏହି କେନ୍ଦ୍ର ସ୍ଥଳିରେ ହିଁ ଜଳଧାରଣ କ୍ଷେତ୍ର ରହି ଆସିଛି । ପ୍ରଚଳିତ ଜଳସ୍ରୋତ ଗୁଡିକ ଏହି କ୍ଷେତ୍ରରେ ହିଁ ପ୍ରବାହିତ ହୋଇ ଗୋଟିଏ ସ୍ଥାନରେ ଏକତ୍ରୀତ ହେବାରେ ଲାଗିଛି । କ୍ଷେତ୍ରସ୍ଥଳିକୁ ଅନୁଧ୍ୟାନ ପରେ ଜଣାଗଲା ପ୍ରବାହ ମାର୍ଗ ଶୁଷ୍କ ଥିଲା । ଜଳ ପ୍ରବାହିତ ହେବାପରେ କ୍ଷେତ୍ର ପୁଣି ପଲ୍ଲବୀତ ହୋଇଥିଲା । ଏହାର ସତ୍ୟାସତ୍ୟ ଅଜଣା ହେଲେମଧ୍ୟ ପରଂପରାଗତ ଶିଦ୍ଧିବାଣୀ ପ୍ରମାଣ କରି ଆସିଛି । ଅତୀତର ଏହି କୃତିକୁ ସର୍ଗୀୟ ଆଦେଶ ରୂପେ ବିଚାର ନକଲେ ମଧ୍ୟ ବିଜୟାଶ୍ରିତ ଭାବିନେବା ଉଚିତ୍ ହେବ । ଯେହେତୁ କ୍ଷେତ୍ରସ୍ଥ ମୃତିକା ଯେପରି ସୃଷ୍ଟି ହୋଇଛି ଏଥିରେ ହଳ କରିବା ଅତି ସହଜ । ଅସମ୍ଭବକୁ ସମ୍ଭବ ଅତି ଚଞ୍ଚଳ କରିପାରେ । କ୍ଷେତ୍ର ଲଳିତ ସୁନ୍ଦର ଅଟେ । ଏବଂ କ୍ଷେତ୍ର ଦର୍ଶନରେ ଗଜ ଭୂଷଣ ନୃତ୍ୟ ଦେଖିଲା ପରି ବୋଧହୁଏ । କ୍ଷେତ୍ରକୁ ଶତ୍ରୁ ଦେଖିଲେ ମଧ୍ୟ ଆହ କହିବା ନିଶ୍ଚୟ ଅଟେ । କ୍ଷେତ୍ରକୁ ଶତ୍ରୁ ହେଲେ ମଧ୍ୟ ଯଦି ମାନ୍ୟତା ଦିଏ ତେବେ ଏପରି ଉର୍ବର ଜମିକୁ ଚିହ୍ନିବା ପରେ, କିଏବା କ୍ଷେତ୍ରକୁ ଆଦର ନ କରିବ ? କ୍ଷେତ୍ରର ଗୁଣ ରଚନା କରାଯିବା ପରେ ପଣ୍ଡିତ ବିଦ୍ୱାନଗଣ ପୃଥିବୀ ପୃଷ୍ଠର କାହିଁକି କ୍ଷେତ୍ରକୁ ମାନ୍ୟତା ନ ଦେବେ ? ଏପରି ଗୁଣ କ୍ରିୟା କ୍ଷେତ୍ରରେ ଦେଖିବା ପରେ ବିଚାରରେ ବିଦ୍ୱାନଗଣ କ୍ଷେତ୍ରକୁ ମାଳବ ନାମେ ସମ୍ବୋଧନ କଲେ । ଯେ କୌଣସି ଭୂମିର କେନ୍ଦ୍ରସ୍ଥଳି ମାଳବ ରୂପେ ଚିହ୍ନଟ । ପୃଥିବୀର କେନ୍ଦ୍ରାଞ୍ଚଳ ଚିଲିକା ଯେପରି କାଳଜୟୀ ବା ମେରୁକୁ ବିଦ୍ୱାନ ମାଳବ ସମ୍ବୋଧନ କରନ୍ତି । କାରଣ କ୍ଷେତ୍ର ମରୁତ ପ୍ରଭାବରେ ଥିଲା । ଇନ୍ଦ୍ରଦେବ ବଜ୍ରଦ୍ୱାରା ସାତ ଭାଗ ତଥା ଅଣଚାଷ ଭାଗ ଏଠାରେ କରିଥିଲେ ।

**ପ୍ରଥମ ପ୍ରବନ୍ଧ**

**ରାଗ- ମାଳବ ଗୌଡ଼ା, ତାଳ- ରୂପକ**

**ନିତମ୍ବ ନଚୁମ୍ବିତ ବକତ୍ରପଦ ଶୁକ ଦ୍ୟୁତିଃ କୁଣ୍ଡଳବାନ୍ ପ୍ରମଭଃ ।**
**ସଙ୍ଗୀତଶାଳା ପ୍ରବିଶମ୍ ପ୍ରଦୋଷ ମାଳାଧରୋ ମାଳବରାଗଃ ରାଜଃ ॥**

ସ୍ତ୍ରୀମାନଙ୍କ ନିତମ୍ବ ସ୍ଥଳି ଯେପରି ଚୁମ୍ବନ ଯୋଗ୍ୟ ନୁହେଁ, ସେପରି ସାରାକ୍ଷେତ୍ର ଜଳଚର ପ୍ରାଣିଙ୍କ ସକାଶେ ଅଯୋଗ୍ୟ ଥିଲା । ଏତଦ ବ୍ୟତୀତ ଆକାଶ ଦାତାର ଦାନ ମଧ୍ୟ ଲଜ୍ଜା ଜନକ ଥିଲା । ଏପରି ପରିବେଶ ସତ୍ୱେ ଶୁକ ସାରଣୀ ଗାଇବା ପରି କ୍ଷେତ୍ର ଜଳବାୟୁରୁ ଜଣାଯାଉଥିଲା । କ୍ଷେତ୍ର ପରିବେଶରେ ଏପରି କ୍ଲାନ୍ତ ଦୁର୍ବଳ କାଳର ଅତ୍ୟାଶକ୍ତ ଥିଲା ସଙ୍ଗୀତ । ଏବଂ ଏହାର କର୍ଣ୍ଣ ଭୂଷଣ ସଦୃଶ୍ୟ କାନ୍ତିର ପ୍ରବେଶ କ୍ଷେତ୍ର ମଧ୍ୟରେ ହୋଇ ପାରିଥିଲା । ସାଙ୍ଗକାଳ ସମୟରେ ସେପରି ବା ଗୃହ ପ୍ରବେଶ କଲାପରି, ଏହି ପାର୍ବତ୍ୟ ସ୍ଥଳିରେ କ୍ଷେତ୍ର ନିରୁପଣ କରି ପାରିଥିଲା । ଏବଂ ବାରିଦର ବାରି ପର୍ବତ ତୁଲ୍ୟ ତୋଫାନ ପରି ତଥା ରାଗ ମାଳବ ସରୂପ, କ୍ଷେତ୍ର ମଧ୍ୟରେ ରାଜତ୍ୱ କରିବାକୁ ଲାଗିଥିଲା ।

ସଙ୍ଗୀତରେ ଏପରି ଛଅଗୋଟି ସମୁଦାୟ ରାଗ ରହିଛି । ଏଥି ମଧ୍ୟରେ ରାଗ ମାଳବ ଅନ୍ୟତମ । ଜୟଦେବ କବି ସେହି ମାଳବ ରାଗକୁ ଆଧାର କରି ବିଭିନ୍ନ ବିଧ ବା ପ୍ରକାର ପ୍ରକାରକୁ ପ୍ରୟୋଗ କରିଛନ୍ତି । ତଥା ସମୁଦାୟ କ୍ଷେତ୍ର ସ୍ୱରୂପକୁ ବାନ୍ଧି ବର୍ଣ୍ଣନା କରିଛନ୍ତି । ଏପରି ରୂପ ତଥା ବାସ୍ତବ ଶରୀରର ମିଳନରେ ଗୀତ ଗୋବିନ୍ଦ ଗ୍ରନ୍ଥର ଜନ୍ମ ।

**ପ୍ରଥମ ବିଧ- ମୀନ ଶରୀର**

**ପ୍ରଳୟପୟୋଧିଜଳେ ଧୃତବାନସି ବେଦମ୍**
**ବିହିତବହିତ୍ରଚରିତ୍ରମଖେଦମ୍**
**କେଶବ ! ଧୃତ ମୀନଶରୀର ଜୟ ଦଗଦିଶ ହରେ ।କା**

ଅବିଶ୍ରାନ୍ତ ଭାବରେ ବାରିଦରୁ ବାରି ଅହରହ କ୍ଷେତ୍ରରେ ପତୀତ ହୋଇଥିଲା । ପ୍ରଳୟ କାଳିନ ଅବସ୍ଥାକୁ କାଳ ଧାରଣ କରିଥିଲା । ପରିସ୍ଥିତି ଏପରି ସଙ୍ଗୀନ ହୋଇ ଉଠିଥିଲା, ଯେପରିକି ଐଶ୍ୱର୍ଯ୍ୟ କାନ୍ତି ଭରି ରହିଥିବା କ୍ଷେତ୍ର ସମୁଦାୟ ଧିରେ ଧିରେ ପ୍ରଭାବିତ ହୋଇ ଜଳ ଦ୍ୱାରା ନଷ୍ଟ ହୋଇ ଯିବ କି ? ଏପରି ବିଚାର କରୁ କରୁ ବର୍ଷାର ସମାପ୍ତି ହୋଇ ଯାଇଥିଲା । ଅନୁଷ୍ଠିତ ବେଦ କ୍ଷେତ୍ର ନୌକା ସଦୃଶ୍ୟ ମୀନ ଶରୀର ସ୍ୱରୂପ ବିଦ୍ୟମାନ ଥିଲା । ପ୍ରଳୟକାଳୀନ ବର୍ଷାର ଚରିତ୍ର ଏପରି ହେବା ଆଶ୍ଚର୍ଯ୍ୟ ଲାଗେ । କାରଣ ଏପରି ଅପ୍ରତ୍ୟାସୀତ ରୂପରେ ସ୍ୱୟଂ କେଶବ, ଯେ ପରବ୍ରହ୍ମ ମୀନ ସ୍ୱରୂପ ବେଦ ହୋଇ ରହି ଗଲେ କି ? ଦୃଶ୍ୟ ଜଗତ ବ୍ରହ୍ମାଣ୍ଡ ମଧ୍ୟରେ କ୍ଷେତ୍ରଟି ଗ୍ରନ୍ଥ ରୂପେ ପ୍ରକାଶ ପାଇବ କି ?

**ଦ୍ୱିତୀୟ ବିଧ- କଚ୍ଛପ ରୂପ**

**କ୍ଷିତିରତି ବିପୁଳତରେ ତବ ତିଷ୍ଠତି ପୃଷ୍ଠେ**
**ଧରଣିଧରଣକିଣଚକ୍ରଗରିଷ୍ଠେ ।**
**କେଶବ ! ଧୃତ କଚ୍ଛପରୂପ, ଜୟ ଦଗଦୀଶ ହରେ ॥ ॥**

ମୀନ ଶରୀର ସ୍ୱରୂପ ବେଦ କ୍ଷେତ୍ରକୁ ଯଦି କେହି ବାହାରୁ ଦେଖିବାର ସୁଯୋଗ ପାଏ, ତେବେ ତା ସ୍ୱରୂପ ରୂପରୁ କଚ୍ଛପ ସଦୃଶ୍ୟ ଦେଖି ପାରିବ । ଏପରି କ୍ଷେତ୍ର ଜଳ କାରଣରୁ କଚ୍ଛପ ରୂପ ଧାକଣ କରିବା ପୂର୍ବରୁ ପରିବେଶକୁ ଛାତିରେ ହାତ ମାରି ଗର୍ବ, ଅହଂକାରରେ କହୁଥିଲା ମୁଁ ଧରଣୀଧର କିଣଚକ୍ର ଗରିଷ୍ଠ । ଅର୍ଥାତ୍ ପରିବେଶରେ ସୃଷ୍ଟି ହୋଇଥିବା ଭୂ ମଧ୍ୟରେ ମୁଁ ଧରଣୀରୂପେ ଧରାରେ ସମ୍ବଳ ଅଟେ । ଆଜି କିନ୍ତୁ ପରବ୍ରହ୍ମ କେଶବ ସାରା ଦୃଶ୍ୟ ବ୍ରହ୍ମାଣ୍ଡରେ ଏପରି ଅରୂପକୁ ରୂପରେ ପରିଣତ କରି ମୋ ମନରେ ସାଇତି ହୋଇ ରହି ଆସିଥିବା ଗର୍ବ ଏବଂ ଅହଂକାରକୁ ସ୍ୱଚ୍ଛଳତାକ୍ରମେ ନଷ୍ଟ କରି ଗୋଟିଏ ଗ୍ରନ୍ଥ ରୂପରେ ସଜାଇ ରଖିଦେଲେ ।

**ତୃତୀୟ ବିଧ — ଶୂକର ରୂପ**

**ବସତି ଦଶନ ଶିଖରେ ଧରଣୀ ତବ ଲଗ୍ନା**
**ଶଶିନି କଳଙ୍କକଳେବ ନିମଗ୍ନା ।**
**କେଶବ ! ଧୃତ ଶୂକରରୂପ, ଜୟ ଜଗଦୀଶ ହରେ ॥ଗ॥**

ମାଳବାଞ୍ଚଳରେ ସାରା କ୍ଷେତ୍ର ମେଦିନୀର କେନ୍ଦ୍ର ବିନ୍ଦୁ ରୁପେ ପରିଚିତ । ଦେବାସୁରଙ୍କ ସଂଗ୍ରାମ କାଳରେ ଏହି କ୍ଷେତ୍ରରେ ହିଁ ମନ୍ଥନ ସକାଶେ ମନ୍ଦର ଗିରିକୁ ଉଭୟ କୂଳ ଅଗ୍ରାଧିକାର ଦେଇଥିଲେ । ଦଶ ଅଙ୍ଗୁଳି ବିଶିଷ୍ଟ କ୍ଷେତ୍ର ମଧ୍ୟରେ ସମୁଦ୍ରକୁ ମନ୍ଥନ କରାଯାଇ ପାରିଥିଲା । ସେହି ମନ୍ଥନରୁ ମୌଳିକ ସ୍ତରରେ ଅମୂଲ୍ୟ ମୂଲ୍ୟର ଜିନିଷମାନ ପ୍ରକଟ ହୋଇ ପାରିଥିଲା । ପ୍ରକଟିତ ଜିନିଷ ମଧ୍ୟରୁ ଦେବତାମାନେ ଉତ୍ତମ ଜିନିଷ ଗୁଡ଼ିକ ବାଣ୍ଟି ନେଇଯିବା ପରେ, ଯେଉଁ ହଳାହଳ ବିଷ ପ୍ରକଟ ହୋଇଥିଲା ମହାଦେବଙ୍କୁ ଦିଆ ଯାଇଥିଲା । ସରଳତାର ହତ୍ୟା ଏଠାରେ ହୋଇଥିଲା । ଶିବଙ୍କ ବିଷ ଜ୍ୱାଳା ଉତ୍କଟ ହେବା ପରେ ଗଳାରେ ସର୍ପ, ଜଟାରେ ଗଙ୍ଗା ମଥାରେ ଚନ୍ଦ୍ର ସ୍ଥାପନ କରି କେଶବ ପରବ୍ରହ୍ମ ଦୃଶ୍ୟ ଜଗତରେ କ୍ଷେତ୍ରକୁ ଗ୍ରନ୍ଥ ରୂପେ ପ୍ରକାଶ କରିଥିଲେ ।

**ଚତୁର୍ଥ ବିଧ ନରହରି ରୂପ**

**ତବ କରକମଳବରେ ନଖମଦ୍ଭୁତଶୃଙ୍ଗମ୍**
**ଦଳିତହିରଣ୍ୟକଶିପୁତନୁଭୃଙ୍ଗମ୍ ।**
**କେଶବ ! ଧୃତ ନରହରି ରୂପ, ଜୟ ଜଗଦୀଶ ହରେ ॥ଘ॥**

ହେ ପରବ୍ରହ୍ମ କେଶବ, କେବଳ ମାଳବାଞ୍ଚଳରେ ସାରା ଦୃଶ୍ୟ ବ୍ରହ୍ମାଣ୍ଡରେ ତୁମର ରହିଆସିଥିବା ରଶ୍ମିର ପଦ୍ମ ପ୍ରଭାବ କୌଣସି ଶୂନ୍ୟ ସ୍ଥାନକୁ ବାଦ ନ ଦେଇ ପୂର୍ଣ୍ଣରେ ରହିଛ । ଅତୀତରୁ ଆଜଯାଏଁ ମଦୋନ୍ମତ ଭାବେ ମଧ୍ୟ କ୍ଷେତ୍ରରେ ରଖିଛ

ଏବଂ ରହିଥିବ ? ତୁମର ମଦୋନ୍ନତ ପ୍ରକ୍ରିୟା କେବଳ ମାଳବାଞ୍ଚଳରେ ସିମିତ ନକରି ସାରା ଦୃଶ୍ୟ ଜଗତରେ ବିସ୍ତାରିତ କରିବା ଉଚିତ୍ । ଯଦ୍ୱାରା ନରଗଣ କର୍ମ ତତ୍ପର ହୋଇ କୃଷି କାର୍ଯ୍ୟ କରିବେ । ବ୍ରହ୍ମାଣ୍ଡର କୋଣ ଅନୁକୋଣରେ କେବଳ ହରି, ହରି ମୟ ହୋଇ ଉଠିବ । ନର ଏବଂ ହରି ଉଭୟେ ମିଶି ନରହରି ଗ୍ରନ୍ଥ କହି ପରିବେଶ କହିବ । ଏଣୁ ହେ କେଶବ କେବଳ ମାଳବାଞ୍ଚଳରେ ପରିକ୍ଷା ନକରି ସାରା ଦୃଶ୍ୟ ଜଗତରେ ନିରିକ୍ଷା ଥରେ  କରାଯାଉ ।

**ପଞ୍ଚମ ବିଧ — ବାମନ ରୂପ**

**ଛଳୟସି ବିକ୍ରମଣେ ବଳିମଦ୍ଭୂତବାମନ**
**ପଦନଖନୀରଜନିତଜନପାବନ ।**
**କେଶବ ! ଧୃତ ବାମନରୂପ, ଜୟ ଜଗଦୀଶ ହରେ ॥ଙ॥**

ଅନନ୍ତ ବିଶ୍ୱ ମଧ୍ୟରେ ରହି ଆସିଛି ଅନେକ ଅନ୍ତରିକ୍ଷ । ପ୍ରତ୍ୟେକ ଅନ୍ତରିକ୍ଷ ମଧ୍ୟରେ ରହିଆସିଛି, ସୌର ଜଗତ ପରି ଅନେକ ଜଗତ ଅନ୍ତରିକ୍ଷ ମଧ୍ୟରେ ରହିଛି । ସେପରି ଅନେକ ଗ୍ରହରୂପି ବ୍ରହ୍ମାଣ୍ଡ ଜଗତରେ ରହିଛି । ବ୍ରହ୍ମାଣ୍ଡ ପୁଣି ତ୍ରିସ୍ତରିୟ ପ୍ରକ୍ରିୟା ମଧ୍ୟରେ ମର୍ତ୍ତ୍ୟମଣ୍ଡଳ ରହିଛି । ଏହା ମଧ୍ୟରେ ମେଦିନୀ ବା ପୃଥିବୀ ତଥା ପୃଥିବୀ ମଧ୍ୟରେ ରହିଛି ବାମନ ରୂପ ରୂପେ ମୀନ ଶରୀର । ମାଳବାଞ୍ଚଳ ମଧ୍ୟରେ ପରବ୍ରହ୍ମ କେଶବ ବାମନ ରୂପ ଏପରି ଧାରଣ କରି ସାରା ଦୃଶ୍ୟ ଜଗତ ସହିତ ବିଶ୍ୱ ସକାଶେ କ୍ଷେତ୍ର ବାମନ ରୂପେ ବା ପବନ ମଧ୍ୟରେ ରହିଥିବା ମନ ରୂପ କ୍ଷେତ୍ରଟି ପୁନଃ ପଞ୍ଚଭୁତର ଉତ୍ପତି ତଥା ଆଧ୍ୟାତ୍ମିକ ପ୍ରକ୍ରିୟାର ମାର୍ଗ କ୍ଷେତ୍ର ଯୋଗୁଁ ଏଠାରେ ବ୍ରହ୍ମଗିରି ବିଦ୍ୟମାନ । ଏଣୁ କ୍ଷେତ୍ର ଦୃଶ୍ୟ ବ୍ରହ୍ମାଣ୍ଡ ସକାଶେ ଗ୍ରନ୍ଥ ସରୂପ ।

**ଷଷ୍ଟ ବିଧ — ଭୃଗୁପତି ରୂପ**

**କ୍ଷତ୍ରିୟରୁଧିରମୟେ ଜଗଦପଗତପାପଂ ।**
**ସ୍ନପୟସି ପୟସି ଶମିତଭବତାପମ ।**
**କେଶବ ! ଧୃତ ଭୃଗୁପତିରୂପ, ଜୟ ଜଗଦୀଶ ହରେ ॥ଚ॥**

କ୍ଷତ୍ରିୟ ସଂହାର କରି ପରଶୁରାମ ପୃଥିବୀକୁ ରୁଧିରମୟ କରିଲା ପରି, ବାମନ ରୂପଧାରି ଏହି ମୀନ ଶରୀର କ୍ଷେତ୍ର, ସାରା ବ୍ରହ୍ମାଣ୍ଡର ପରିବେଶକୁ ଆଧ୍ୟାତ୍ମିକ ସୁରକ୍ଷା ମଧ୍ୟ ଦେଇ ଆସୁଛି । ସୁକର୍ମ ସକାଶେ ପରିବେଶ ମଧ୍ୟ ଯେତେ ପ୍ରକାରର କ୍ରିୟାକ୍ରମର ଉତ୍ପତି, ସମସ୍ତ ଏଠାରୁ ଏବଂ ଏହାର ସଂଲଗ୍ନ ଭୂମିରୁ ହୋଇପାରିଛି । କ୍ରିୟାର ଅପ୍ରିତିକାଳେ ତାହାର ସମାଧାନ ମଧ୍ୟ ଏହି କ୍ଷେତ୍ର କରି ଆସିଛି । କାରଣ ପୃଥ୍ୱୀର ସନ୍ତାପିତ କାଳରେ ଅଗ୍ନି ଏଠାରୁ ସ୍ଫୁଲିଙ୍ଗ ହୋଇ ଯାତ ହେଉଥାନ୍ତି । ଅପରି ଦୁର୍ଲଭ କ୍ଷେତ୍ର ପରିବେଶ ସକାଶେ ଗ୍ରନ୍ଥ ଅଟେ । ଆତୁର ପରିବେଶର କ୍ଷୁଧାସ୍ଥଳି ସହ ପରବ୍ରହ୍ମ କେଶବଙ୍କ ମନର 'ସପ୍ନମୟୀ' ରୁପେ କ୍ଷେତ୍ରର ପରିଚୟ ଅଟେ । ଏଣୁ ଦୃଶ୍ୟ ବ୍ରହ୍ମାଣ୍ଡ ସକାଶେ କ୍ଷେତ୍ର ମୀନ ଶରୀର ଏକ ଗ୍ରନ୍ଥ ଅଟେ ।

**ସପ୍ତମ ବିଧ — ରାମ ଶରୀର**

**ବିତରସି ଦିକ୍ଷୁ ରଣେ ଦିକ୍ପତିକମନୀୟଂ**
**ଦଶମୁଖମୌଳିବଳିଂ ରମଣୀୟମ୍ ।**
**କେଶବ ! ଧୃତ ରାମ ଶରୀର, ଜୟ ଜଗଦୀଶ ହରେ ॥ଛ॥**

ମୀନ ଶରୀର କ୍ଷେତ୍ର ସାରା ଦୃଶ୍ୟ ବ୍ରହ୍ମାଣ୍ଡ ମଧ୍ୟରେ କେବଳ ପବିତ୍ରତାର ଛାପ ପକାଇ ଆସିନାହିଁ । ସାରା କ୍ଷେତ୍ର ରାମ ସଦୃଶ ମଙ୍ଗଳମୟର ପ୍ରଭାବ ସଂସ୍କାରିତ ହୋଇ ରହି ଆସିଛି । ଏଠାରେ ପୁଣି କହିବା ଉଚିତ୍ ହେବ ମାଳବ ଅଞ୍ଚଳର ସାରା ମୀନ ଶରୀରକୁ ମଙ୍ଗଳ କରିବାକୁ ସଂକଳ୍ପ କରି ରାମ ଶବ୍ଦକୁ ବ୍ୟବହାର କରି ରାମ ଶରୀର କହି ସମ୍ବୋଧନ କରାଯାଇଛି । ଅର୍ଗଃକୋଣ ସମେତ ଦଶଦିଗ ସଂକଳ୍ପିତ ତଥା ଦୃଢ଼, ରମଣୀୟ ହୃଦୟ ସ୍ୱର୍ଶ ରୁପେ ପରବ୍ରହ୍ମ କେଶବ ପ୍ରଭାବ ବିସ୍ତାର କରି ସାରା କ୍ଷେତ୍ରରେ ବାସ କରି ଆସିଛନ୍ତି । ଏହି କ୍ଷେତ୍ର ପ୍ରତି ପରବ୍ରହ୍ମଙ୍କ ଆସ୍ପର୍ଦ୍ଧା କେବଳ ନୁହେଁ ସାରା ବ୍ରହ୍ମାଣ୍ଡ ପ୍ରତି ରହିଛି । ପୁନଃ ଶ୍ରେୟ ଏହି ଯେ କ୍ଷେତ୍ର ସାରା ସୃଷ୍ଟିର ରମଣୀୟ ଗ୍ରନ୍ଥ । କାରଣ ଗ୍ରନ୍ଥ ଆଧାରରେ ସାମାଜିକ ରମଣୀୟ ରିତି ନୀତି ପ୍ରଚଳନ କରିବା କେଶବଙ୍କ ଇଛା ।

**ଅଷ୍ଟମ ବିଧ — ହଳଧର ରୂପ**

**ବହସି ବପୁସି ବିଷଦେ ବସନଂ ଜଳଦାଭଂ**
**ହଳହତିଭୀତିମିଳିତଯମୁନାଭମ୍ ।**
**କେଶବ ! ଧୃତ ହଳଧରୂପ, ଜୟ ଦଗଦୀଶ ହରେ ॥ଜ॥**

ସମାଜ ବସତିର ସ୍ଥାପନା ସକାଶେ ଅଧିବାସୀଗଣ ମାଳବାଞ୍ଚଳରେ ତତ୍ପର ହୋଇ ବାସଗୃହ ନିର୍ମାଣ କରିଥିଲେ । ଆଗ ବାସ ପରେ ପରେ ଚାଷର ପଦ୍ଧତି ରହି ଆସିଛି । ପରଂପରା କ୍ରମେ କୃଷିର ବିକାଶ ଚିନ୍ତା କରିଥିଲେ । କୃଷକ କୃଷିକୁ ହାତ ଦ୍ୱାରା କେବଳ କରୁଥିବା ପରିବର୍ତ୍ତେ ହଳ ଲଙ୍ଗଳ ଦ୍ୱାରା କୃଷି ବିକାଶ କରିବାରେ ଲାଗିଥିଲେ । ମନୋଭାବକୁ ପରସ୍ପର ମଧ୍ୟରେ ବିନିମୟ କରିବା ସହ, କୃଷି ହିଁ ଶ୍ରେଷ୍ଠ କର୍ମ ରୂପେ ଗ୍ରହଣ କରିଥିଲେ । ଧିରେ ଧିରେ ମୀନ ଶରୀର କ୍ଷେତ୍ର ହଳଧର ରୂପ ଧାରଣ କରିଥିଲା । କ୍ଷେତ୍ରଗତ ସର୍ବ ସାଧାରଣଙ୍କ ବିଷୟରେ କୃଷି ପ୍ରତି ଉତ୍ସାହର ଶ୍ରେୟ ଦେଖି ପରବ୍ରହ୍ମ କେଶବ ଉତ୍ସାହର ପ୍ରେରଣା ଯୋଗଇ ଚାଲିଥିଲେ । ଏପରି ଯୋଗାଣ ଦୃଶ୍ୟ ବ୍ରହ୍ମାଣ୍ଡ ମଧ୍ୟରେ କ୍ଷେତଟି କୃଷି ଗ୍ରନ୍ଥର ପରିଚୟ ଦେଇ ପାରିଥିଲା

**ନବମ ବିଧ — ବୁଦ୍ଧ ଶରୀର**

**ନିନ୍ଦସି ଯଜ୍ଞବିଧେରହହ ଶ୍ରୁତିଜାତଂ**
**ସଦୟହୃଦୟଦର୍ଶିତପଶୁଘାତମ୍ ।**
**କେଶବ ! ଧୃତ ବୁଦ୍ଧଶରୀର, ଜୟ ଜଗଦୀଶ ହରେ ।।୯।।**

ଦୃଶ୍ୟ ବ୍ରହ୍ମାଣ୍ଡରେ ଥିବା ବାସ୍ତବ ଜନଙ୍କ ମଧ୍ୟରେ ଯେ ଶ୍ରେଷ୍ଠ ଚଚ୍ଚୁର ସେ ହିଁ ପ୍ରକୃତ ବୁଦ୍ଧ ରୁପେ ପରିଚିତ । ଯେପରି ମହାଭାରତ ସଂଗ୍ରାମ କାଳରେ ଶ୍ରୀକୃଷ୍ଣଙ୍କ ଚତୁରତା ପାଣ୍ଡବଙ୍କୁ ବିଜୟ ଦିଆଇଥିଲା । ଏଥକୁ ଶ୍ରୁତି ସମର୍ଥନ ଜଣାଉଥିବା ସତ୍ୱେ ପ୍ରଚଳନକୁ ବିଧିର ବିଧାନ ମଧ୍ୟ ଆତୁରତା କ୍ରମେ ଗ୍ରହଣ କରି ଆସିଛି । ବିଚାର ସତ୍ୟ ହେଲେ ମଧ୍ୟ ପଞ୍ଚଭୁତାକାର ପରିବେଶ ସାକାର ରହିବା ଆବଶ୍ୟକ । ପରିବେଶ ଧର୍ମରେ ଶ୍ରୀ ର ଶ୍ରୀତ୍ୱ ରହିବା ନିତାନ୍ତ ଆବଶ୍ୟକ । ପରିବେଶ ମଧ୍ୟରେ ଏହା କେବଳ ପରବ୍ରହ୍ମ କେଶବଙ୍କ ଦ୍ୱାରା ହିଁ ସମ୍ଭବ । କାରଣ ସେ ହିଁ ଅସମ୍ଭବକୁ ସମ୍ଭବ କରି ପାରିବେ । କିନ୍ତୁ ମୀନ ଶରୀରର ସାରା କ୍ଷେତ୍ର ସେପରି ଚତୁରତାର ଉର୍ବର ରୁପେ ସର୍ବ ଗ୍ରନ୍ଥରେ ପରିଚୟ ଦେଉଛି ।

**ଦଶମ ବିଧ — କଳ୍କୀ ଶରୀର**

**ମ୍ଲେଚ୍ଛନିବହନିଧନେ କଳୟସି କରବାଳଂ**
**ଧୁମକେତୁମିବ କିମପି କରାଳମ୍ ।**
**କେଶବ ! ଧୃତ କଳ୍କୀଶରୀର, ଜୟ ଜଗଦୀଶ ହରେ ।।୧୦।।**

ବାରିଦରୁ ବାରି ବର୍ଷା ପ୍ରଳୟଙ୍କର ହୋଇଥିଲା । ବର୍ଷା ଜଳ ସାରା ସ୍ରୋତରେ ପରିବର୍ତ୍ତନ ହୋଇ ପାରିଥିଲା । ଜଳସ୍ରୋତ ଗୁଡ଼ିକ ମଧ୍ୟରେ ଦି ଧାରର ମିଳନ ହୋଇ ଯମଜ ବୋଲାଇବା ପରେ ଯମୁନା ନାମରେ ପ୍ରବାହ ହୋଇ, ପୃଥିବୀର କେନ୍ଦ୍ର ଗର୍ଭକୁ ଅଗ୍ରସର ହେଉଥିଲା । ଜଳ ସ୍ରୋତ ଗୁଡ଼ିକର ଉଗ୍ର ତିକ୍ତତା ଯଥେଷ୍ଟ ତିବ୍ରତା ଥିଲା । ତିବ୍ରତା ବେଗ ଏତେ ପ୍ରଖର ଥିଲା, ଯାହା କେବେ ଶୁଣା ନଥିଲା କି ଜଣା ନଥିଲା । ଏବଂ ଏପରି ତିବ୍ର ସ୍ରୋତ ପ୍ରଥମରେ ହେବା କୁହା ଯାଉଥିଲା । ଅସ୍ୱଷ୍ଟ ବର୍ଷାର ତିକ୍ତତା ସ୍ୱଷ୍ଟ ହେବା ପରେ, ସ୍ରୋତର ମାନ ତିବ୍ରରୁ ତିବ୍ରତର ହେବା ଜଣାଗଲା । ମୀନ ଶରୀରର ସମସ୍ତ ଆବର୍ଜନା ଗର୍ଭ ମୁହାଁମୁହିଁ ସଂଗୃହିତ ହେଉଥିଲା । ଦୃଶ୍ୟ ବ୍ରହ୍ମାଣ୍ଡ ମଧ୍ୟରେ, ପରବ୍ରହ୍ମ କେଶବଙ୍କ ପ୍ରଥମ ଲୀଳା ପ୍ରଚଳିତ ହୋଇ ଗ୍ରନ୍ଥ ରୁପେ ଏଠାରେ ରହିଛି ।

**ଶ୍ଳୋକ ଏକାଦଶ କବିଙ୍କ ସୂଚନା**

**ଶ୍ରୀଜୟଦେବକବେରିଦମୁଦିତମୁଦାରଂ**
**ଶୃଣୁ ଶୁଭଦଂ ସୁଖଦଂ ଭବସାରମ୍ ।**
**କେଶବ ! ଧୃତ ଦଶବିଧରୂପ, ଜୟ ଜଗଦୀଶ ହରେ ।।୧୧।।**

ଦୃଶ୍ୟ ବ୍ରହ୍ମାଣ୍ଡ ସାରା ମଧ୍ୟରେ ରହି ଆସିଥିବା ମାଳବାଞ୍ଚଳ ବିଷୟକୁ ନେଇ ଯାହା ସବୁ ବର୍ଣ୍ଣନା କଲି ତାହା ଅତି ଶୋଭନୀୟ, ସୁଗମ ତଥା ଦିବ୍ୟ ଗ୍ରନ୍ଥର ଏକ ଏକ ସୁରମ୍ୟ ପରି ବୋଧ ହେଉଛି । ସମସ୍ତ ବର୍ଗର ଜନ ବା ସର୍ବ ସାଧାରଣଙ୍କ ଜଣା ନିମନ୍ତେ ଏହି ଗ୍ରନ୍ଥ ରୁପି ସାରାଂଶକୁ ପ୍ରକାଶ୍ୟରେ ଉତ୍ସର୍ଗ କଲି । ସର୍ବ ସାଧାରଣ ପାଠ କଲାପରେ ଯେପରି ଆନନ୍ଦ, ପ୍ରସନ୍ନତା କ୍ରମରେ, ନିଜକୁ ନିଜେ ରମଣ କଲା ପରି ବୋଧ କରି ଚାଲୁଥିବେ । ପାଠକ ବୋଲାଉଥିବା ସର୍ବ ସାଧାରଣଙ୍କ ଠାରୁ ଗ୍ରନ୍ଥଗତ ଥିବା ବିଷୟ ପ୍ରସଙ୍ଗର ପ୍ରଶଂସା ଶୁଣିବା ପରେ ମୋ ମନ, ସଂସାର ସାଗରରୁ ଉଠିଥିବା ଯୁଆର ସହିତ ଖେଳିବା ପରି ବୋଧ ହେଉଛି । ସାରା କ୍ଷେତ୍ରକୁ ଆକାରରେ ଶରୀର ଏବଂ ରୂପ ଦେଇ ବିଧ ମାଧ୍ୟମରେ ବର୍ଣ୍ଣନା କଲି ତାହା ସ୍ୱୟଂ ପରବ୍ରହ୍ମ କେଶବଙ୍କ ଲୀଳା ଅଟେ । ଦୃଶ୍ୟ ବ୍ରହ୍ମାଣ୍ଡ ପାଇଁ ଏହି

ମାଳବ କ୍ଷେତ୍ରାଞ୍ଚଳରେ ହିଁ ଲୀଳାମୃତ ଭାବେ ରଚନା କରି ଗ୍ରନ୍ଥ ରୂପରେ ପ୍ରକାଶ କଲି ।

**ଶ୍ଲୋକ ନଂ-୫**

**ବେଦାନୁଦ୍ଧରତେ ଜଗନ୍ତି ବହତେ ଭୂଗୋଳମୁଦ୍‌ବିଭ୍ରତେ**
**ଦୈତ୍ୟଂଦାରୟତେ ବଳିଂଛଳୟତେ କ୍ଷତ୍ରକ୍ଷୟଂକୁର୍ବତେ ।**
**ପୌଲସ୍ତ୍ୟଂ ଜୟତେ ହଳଂ କଳୟତେ କାରୁଣ୍ୟମାତନ୍ୱତେ**
**ମ୍ଲେଚ୍ଛାନ୍ ମୂର୍ଚ୍ଛୟତେ ଦଶାକୃତିକୃତେ କୃଷ୍ଣାୟ ତୁଭ୍ୟଂ ନମଃ ।।୫।।**

ସାରା ବ୍ରହ୍ମାଣ୍ଡ ମଧ୍ୟରେ ରହିଥିବା ପୃଥିବୀ କ୍ଷେତ୍ରରେ ଅହରହ ବର୍ଷା ହେଉଥିଲା । ବିସ୍ତାରିତ ରୂପରେ ବର୍ଷାଜଳ ପ୍ରବାହିତ ହେଉଥିଲା । ବର୍ଷା ଜଳରେ କ୍ଷେତ୍ରମଣ୍ଡଳ ମଣ୍ଡନ ହୋଇ ରହିଥିଲା । ପୃଥିବୀ କ୍ଷେତ୍ରାଞ୍ଚଳ ବ୍ୟତୀତ କେବଳ, ଅନନ୍ୟାଞ୍ଚଳ ଜଳମଗ୍ନ ହୋଇ ରହିଥିଲା । ଏପରି ସ୍ଥିତିରେ ମଧ୍ୟ ସ୍ୱଚ୍ଛ ନିର୍ମଳ ସ୍ଥଳରେ ମାଳବାଞ୍ଚଳ ସାରା ଗର୍ବିତ ଥିଲା । ପ୍ରସନ୍ନ ମଧ୍ୟ ଜଣା ଯାଉଥିଲା । ରାଜା ବଳିଙ୍କ ବିଚାରରେ ମଧ୍ୟ ପ୍ରସନ୍ନଚିତ୍ତ ସ୍ୱଚ୍ଛ, ନିର୍ମଳ ପରି ଜଣା ଯାଉଥିବା ସତ୍ୱେ ଦୈତ୍ୟଙ୍କ ସହ ଯେପରି ସମ୍ପର୍କ ଥିଲା କିନ୍ତୁ ଭଗବାନ ବାମନଙ୍କ ସ୍ୱଚ୍ଛ ଛଳନାରେ ଯେପରି ରାଜା ବଳି ପାତାଳି ହୋଇ ପାରିଥିଲେ ସେପରି ପ୍ରଳୟଙ୍କର ବର୍ଷା ଦ୍ୱାରା କ୍ଷେତ୍ରରେ ଜଳଧାରମାନ ପ୍ରକଟ ହୋଇ କେନ୍ଦ୍ରଗତ ଗୋବିନ୍ଦାୟ ଗର୍ଭକୁ ମୁହାଁଇଥିଲା । ଏତଦ୍ ସ୍ଥିତି ଦ୍ୱାରା ମେଦିନୀ ମାଟି କ୍ଷୟ ହେବା ପରେ ଦୃଶ୍ୟ ବ୍ରହ୍ମାଣ୍ଡରେ ରହିଥିବା ମୃର୍ତ୍ତିକା ସତ୍ୱ କେବଳ ବେଦ ରୂପକ ମେଦିନୀକୁ ହିଁ ଦେଖିବାକୁ ମିଳିଥିଲା । ବ୍ରହ୍ମର୍ଷି ପୌଲସ୍ତ୍ୟ କାରଣ ରୂପେ ଏହି ବେଦରୂପି ମେଦିନୀରେ କଳ୍ପନାର କୃଷି କରି ଚାଲିଥିଲେ । ବ୍ରହ୍ମର୍ଷିଙ୍କ କଳ୍ପନାର କୃଷିକୁ ମ୍ଲେଚ୍ଛଗଣ ତଦାରଖ କରି ଚାଲିଥିଲେ । ମ୍ଲେଚ୍ଛ ଦ୍ୱାରା କୃଷିର ତଦାରଖ କାରଣରୁ କୃଷି ଏଠାରେ ମୂର୍ଚ୍ଛା ହୋଇ ପଡ଼ିଥିଲା । କୃଷି, ମୂର୍ଚ୍ଛିତ ଅବସ୍ଥାରେ ମଧ୍ୟ ଅନେକ ଦୁଃଖ ପାଇଥିଲା । ଉତ୍ତରରେ ବ୍ରହ୍ମର୍ଷି କହିଥିଲେ କୃଷ୍ଣାୟ ତୁଭ୍ୟଂ ନମଃ ଉଚ୍ଚାରଣ ପରେ କୃଷକଙ୍କ ଏହା ଦଶାକୃତି କହିବା ପରେ ପୁନଃ କହିଲେ - ଯାହା ହେବା କଥା ହୋଇ ଚାଲିଛି ।

**ଦ୍ୱିତୀୟ ପ୍ରବନ୍ଧ**

**ରାଗ- ମଙ୍ଗଳ ଗୁର୍ଜ୍ଜରୀ, ତାଳ - ନିଃସାର**

**ଶ୍ୟାମା ସୁକେଶୀ ମାଳୟା ଦ୍ରୁମାଣଂ**
**ମୃଦୁର୍ଲସତ୍ ପଲ୍ଲବ ତଳ୍ପଯତା ।।**
**ଶ୍ରୁତେଃ ସରଣା ଦଧତୀ ବିରାଗଂ**
**ତନ୍ ତନ୍ ମୁଖୀମଙ୍ଗଳ ଗୁର୍ଜ୍ଜରୀୟମ୍ ।।**

ବାରିଦରୁ ବାରି ନିର୍ଗତ ପରେ ପରେ, ଉଚିତ ସମୟକାଳେ ପରୋପକାରିଣୀ କାଳରାତ୍ରୀରେ, ଗହ୍ୱର ଯୁକ୍ତ ଗିରି ଗୁହା ଗୁଡ଼ିକରୁ ହେଉଥିବା ପ୍ରବାହିତ ମଳୟ ଅତି କୋମଳ, ନିର୍ମଳ ତଥା ପ୍ରାଣଦାୟକ ଥିଲା । ସେହି ମଳୟ ସ୍ୱର୍ଶରେ ଶୁଷ୍କ ଦ୍ରୁମ ଗୁଡ଼ିକ ମଧ୍ୟରୁ ବାଞ୍ଛିତ କ୍ରିଡା ସକାଶେ କଅଁଳ କଅଁଳ ପତ୍ର ସେହି ଧ୍ରୁମ ମଧ୍ୟରୁ ଆସ୍ତେ ଆସ୍ତେ ଉତ୍ପତି ହେବାରେ ଲାଗିଥିଲା । କଅଁଳ ପତ୍ର ଧାରଣ କଲାପରେ ଧ୍ରୁମ ଗୁଡ଼ିକ ମଧ୍ୟରୁ ତଥା ମଳୟ ସ୍ୱର୍ଶରୁ ଅତି କୋମଳ ସ୍ୱର ଉତ୍ପତି ହେବା ଶୁଣା ଯାଉଥିଲା । ଧିରେ ଧିରେ ସ୍ୱର ସମୁଦାୟ ସାଁ ସାଁ ଶବ୍ଦ ଉଚ୍ଚାରଣରେ କ୍ଷେତ୍ର ବିଚଳିତ ହେବାରେ ଲାଗିଥିଲା । ଏପରି ଶବ୍ଦ ଜନିତ ସ୍ୱର ଧ୍ୱନୀକୁ ମଙ୍ଗଳ- ଗୁର୍ଜରୀ ରାଗ ନାମରେ ଖ୍ୟାତ । ଦ୍ୱିତୀୟ ପ୍ରବନ୍ଧଟି ଏହି ରାଗରେ ପ୍ରସ୍ତୁତ ଅଟେ ।

୧) ଶ୍ରିତକମଳା କୁଚମଣ୍ଡଳ ଧୃତକୁଣ୍ଡଳ ।
କଳିତଲଳିତବନମାଳ, ଜୟ ଜୟ ଦେବ ହରେ ।। କା ।।
କୋମଳ ଜନିତ କମଳ ଫୁଲ ସମୁହ ମଣ୍ଡଳାକାର ହୋଇ ଏକତ୍ର ଥିବା କାଳେ, କୁଣ୍ଡଳାକୃତି ଭାବରେ ମଳୟ ଯଦି ସେହି କ୍ଷେତ୍ରକୁ ବାରମ୍ବାର ପ୍ରବେଶ କରି ଅହରହ କ୍ରୀଡ଼ାରେ ମସଗୁଲ ହୋଇ ରହିଥାନ୍ତି, ସେହି ସମୟକାଳେ ଉକ୍ତ କ୍ଷେତ୍ରଟି ଏପରି ଜଣା ଯାଉଥିଲା, ଯେପରି ସତେକି କ୍ଷେତ୍ର ଗ୍ରନ୍ଥଙ୍କ ମଧ୍ୟରେ ଗ୍ରନ୍ଥଟିଏ ଦିବ୍ୟତା ସହ ପ୍ରସ୍ତୁତ କରାଇ ଅଛନ୍ତି । ଯେହେତୁ ସମୁଦାୟ କ୍ଷେତ୍ର ଦେବ ତୁଲ୍ୟ ଜଣା ଯାଉଛି ।

**୨) ଦିନମଣିମଣ୍ଡଳମଣ୍ଡନ, ଭବ ଖଣ୍ଡନ**
**ମୁନିଜନମାନସହଂସ, ଜୟ ଜୟ ଦେବ ହରେ ।। ଖା ।।**

କୋମଳ ଜନିତ କମଳଙ୍କ ସେହି କ୍ଷେତ୍ରରେ ବୃତ୍ତାକାର ରୂପରେ ଆଲୋକ ରଶ୍ମିକି ସୂର୍ଯ୍ୟଦେବ ପ୍ରକାଶ କରିଥିଲେ । ରାଜତ୍ୱ କରି ଆସୁଥିବା ଗାଢ଼ ଅନ୍ଧକାର ସୂର୍ଯ୍ୟ ରଶ୍ମିର ଭୟରେ ଦୂରେଇ ରହିଥିଲା । ଏପରି ପବିତ୍ର ଜନିତ ପୂଣ୍ୟ କ୍ଷେତ୍ରରେ ମୁନି, ଋଷି, ତପସ୍ୱୀଗଣସ ନିଜ ନିଜ ମାନସ ଜ୍ଞାନକୁ ଦିବ୍ୟତା ସହ ଏହି କ୍ଷେତ୍ରରେ ପ୍ରକାଶ କରାଇଥିଲେ ।

**୩) କାଳିୟବିଷଧରଗଞ୍ଜନ, ଜନରଞ୍ଜନ ।**
**ଯଦୁକୁଳନଳିନଦିନେଶ ! ଜୟ ଜୟ ଦେବ ହରେ ॥ ଗ ॥**

ଅତୀତରୁ କ୍ଷେତ୍ର ପବିତ୍ର ତଥା ଶୂନ୍ୟ ପ୍ରଭାବରେ ରହି ଆସିଥିବା ସତ୍ୱେ ବିଷକୁ ମଧ୍ୟ ଧାରଣ କରିଥିଲା । ପରବ୍ରହ୍ମ କେଶବ ମନ ମୋହିଲା ପରି ଆଷୁତୋଷଙ୍କୁ ପ୍ରକଟ କରାଇ ବିଷକୁ ପିଆଇଥିଲେ । ଯଦୁବଂଶ ଶ୍ରେଷ୍ଠ ମହାରାଜା ଯଯାତିଙ୍କ ପୁତ୍ର ଧି ସମ୍ପୂର୍ଣ୍ଣ ପୁତ୍ର ଏଠାରେ ଶାସନ କରି ସର୍ଗ ଯାତ୍ରା କରିଥିଲେ । ନହୁଷଙ୍କ ପରି ଅନେକ ରାଜା କୀର୍ତ୍ତୀ ସ୍ଥାପନ କରି ଗ୍ରନ୍ଥ ମଧ୍ୟରେ ଗ୍ରନ୍ଥଟିଏ ଦିବ୍ୟତା ସହ ନିର୍ମାଣ କରିଥିଲେ ।

**୪) ମଧୁମୁର ନରକବିନାଶନ ଗରୁଡ଼ାସନ !**
**ସୁରକୁଳକେଳିନିଦାନ, ଜୟ ଜୟ ଦେବ ହରେ ॥ ଘ ॥**

ଗରୁଡ଼ ଧ୍ୱଜ ଭଗବାନ ବିଷ୍ଣୁ ଗରୁଡ଼ ଆରୋହଣ କରି ମାଳବ କ୍ଷେତ୍ରର ଏଠାକୁ ଆସି ଧର୍ମକୁ ଆଦରି ମଧୁ କୈଠଭ ତଥା ସୁର ଦୈତ୍ୟଙ୍କୁ ସଂହାର କରି କ୍ଷେତ୍ରକୁ ପବିତ୍ରତା କରାଇ ଆସିଛନ୍ତି । ଏପରି କୌତକତା ଆଧାରରେ ଘୃଣ୍ୟ ସଂହାରୀ ଦେବ ଜନଙ୍କ ଆନନ୍ଦ ବର୍ଦ୍ଧନ କରାଇ ଗ୍ରନ୍ଥଙ୍କ ମଧ୍ୟରେ ଦିବ୍ୟ ଗ୍ରନ୍ଥଟିଏ ରଚନା କରାଇଛନ୍ତି ।

**୫) ଅମଳକମଳଦଳଲୋଚନ ! ଭବମୋଚନ !**
**ତ୍ରିଭୁବନଭବନନିଦାନ, ଜୟ ଜୟ ଦେବ ହରେ ॥ ଙ ॥**

ମାଳବ କ୍ଷେତ୍ରରେ ରହି ଆସିଥିବା ଦୈତ୍ୟଙ୍କୁ ସଂହାର କରି, କ୍ଷେତ୍ରଗତ ଥିବା ସାରା ଗରଳକୁ ସଂସ୍କାର କରି ଏହି କ୍ଷେତ୍ରରେ କମଳ ଫୁଲର ବିସ୍ତାର କରାଇ ପାରିଥିଲେ । ସ୍ୱଚ୍ଛ ତଥା ନିର୍ମଳକୁ ଆଦରିବା ପରେ କ୍ଷେତ୍ରକୁ ପ୍ରସ୍ତୁତ କରାଇ ରଖିଛି । କ୍ଷେତ୍ରାଞ୍ଚଳକୁ ଏପରି ସଜାଇ ରଖିଛ ଦେଖିବାକୁ କ୍ଷେତ୍ରାଞ୍ଚଳର ଦିବ୍ୟତା ସହିତ ମୁକ୍ତି ପ୍ରାପ୍ତ ହେବା ସହ ତ୍ରିଭୂବନ ଗ୍ରନ୍ଥ ମଧ୍ୟରେ ଗ୍ରନ୍ଥପରି ଜଣାଯାଏ ।

**୬) ଜନକସୁତାକୃତଭୂଷଣ, ଜିତଦୂଷଣ !**
**ସମରଶମିତଦଶକଣ୍ଠ, ଜୟ ଜୟ ଦେବ ହରେ ॥ ଚ ॥**

ରାଜର୍ଷି ଜନକ ନନ୍ଦିନୀ, ମାତା ସୀତାଙ୍କ ଭୂଷଣ ଦଶରଥ ନନ୍ଦନ ଶ୍ରୀରାମ, ପଣ୍ଡିତ ବ୍ରାହ୍ମଣ ଦଶାନନ ରାବଣଙ୍କୁ ସଂଗ୍ରାମରେ ପରାସ୍ତ ତଥା ବଧକରି ଯେଉଁ ବ୍ରହ୍ମହତ୍ୟା ପାପକୁ ଅର୍ଜନ କରିଥିଲେ, ସେହି ପାପରୁ ମୁକ୍ତି ପାଇବା ସକାଶେ ଏହି କ୍ଷେତ୍ରକୁ ଆସି ଗୋବିନ୍ଦାୟ କ୍ଷେତ୍ରରେ ସ୍ନାନ କରି ନିସ୍‌ପାପୀ ହୋଇଥିଲେ । ଏଥକୁ ନେଇ କହିବା ଉଚିତ ହେବ ଯେ, ଗ୍ରନ୍ଥଙ୍କ ମଧ୍ୟରେ ଏପରି ଗ୍ରନ୍ଥଟିଏ ଦେଖିବା ବିରଳ ।

୭) ଅଭିନବ ଜଳଧର ସୁନ୍ଦର, ଧୃତମନ୍ଦର
ଶ୍ରୀମୁଖଚନ୍ଦ୍ରଚକୋର, ଜୟ ଜୟ ଦେବ ହରେ ॥ ଛ ॥

ପୂର୍ଣ୍ଣମୀ ଚନ୍ଦ୍ରଙ୍କ ଜ୍ୟୋସ୍ନାକୁ ପକ୍ଷୀଙ୍କ ମଧ୍ୟରେ ଚାତକ ପକ୍ଷୀ ଯେପରି ଚାହିଁ ରହିଥାନ୍ତି, ସେପରି ଏଠାରେ ପ୍ରତିଷ୍ଠିତ ଥିବା ମନ୍ଦର ଗିରି ମେଘକୁ ଚାହିଁ ରହିଥାଏ । ଏପରି ପବିତ୍ର କ୍ଷେତ୍ର ପବିତ୍ରତାର ମନ୍ଦର ଗିରି ଧାରଣ କରି କେଉଁ ଅତୀତରୁ ଆସି ରହିଥିବା କାରଣରୁ କ୍ଷେତ୍ର ଗ୍ରନ୍ଥ ମାନଙ୍କ ମଧ୍ୟରେ ଦିବ୍ୟ ଗ୍ରନ୍ଥ ଅଟେ ।

**୮) ତବ ଚରଣେ ପ୍ରଣତାବୟମିତି ଭାବୟ ।**
**କୁରୁ କୁଶଳଂ ପ୍ରଣତେଷୁ, ଜୟ ଜୟ ଦେବ ହରେ ॥ ଜ ॥**

ପରବ୍ରହ୍ମ କେଶବଙ୍କ ଚରଣ ଯୁଗଳକୁ ମୁଁ ସର୍ବଦା ଏଠାରେ ପ୍ରଣାମ କରି ଆସୁଛି । କାରଣ ଏଠାରେ ହିଁ ଯଥାର୍ଥ ଜ୍ଞାନକୁ ପ୍ରୟୋଗ କରି ଅତୀତରେ ଘଟି ଆସିଥିବା ଘଟଣା ମାନଙ୍କ ତାଲିକା ସଂଗ୍ରହ କରୁଛି । ଚନ୍ଦ୍ରବଂଶି ରାଜା କୁରୁ କ୍ଷେତ୍ର ନିର୍ମାଣକାଳେ ଏହି ଗୋବିନ୍ଦାୟ କ୍ଷେତ୍ରକୁ ମଚକ୍ରୁକ ଦ୍ୱାର ନାମରେ ନାମିତ କରିଥିଲେ । ଯେହେତୁ ଏଠାରେ ମଚକ୍ରୁକ ଯକ୍ଷ ଦ୍ୱାରପାଳ ଥିବା କାରଣରୁ ସମୁଦାୟ ଗ୍ରନ୍ଥ ମଧ୍ୟରେ କ୍ଷେତ୍ର ଏକ ଗ୍ରନ୍ଥ ଅଟେ ।

**୯)　ଶ୍ରୀଜୟଦେବକବେରିଦଂ କୁରୁତେ ମୁଦମ୍ ।**
**ମଙ୍ଗଳମୁଜ୍ଜ୍ୱଳଗୀତଂ ଜୟ ଜୟ ଦେବ ହରେ ॥ ଝ। ॥**

**ଉତ୍ସର୍ଗ**

ନିର୍ମଳ, ସ୍ୱଚ୍ଛ, ପବିତ୍ରତା ପରିବେଶରେ ଏପରି ସମୃଦ୍ଧିର ବିକାଶ ସକାଶେ ଦିବ୍ୟ ଗ୍ରନ୍ଥର ଆବଶ୍ୟକ ନିହାତି ରହିଛି । ବିନ୍ଦୁ ସ୍ୱରୂପ ଏହି ମନ୍ତ୍ର କବି ସମାଜକୁ ଅତ୍ୟନ୍ତ ଆନନ୍ଦରେ ଉତ୍ସର୍ଗ କରିଛନ୍ତି । ପଞ୍ଚଭୂତାକାର ପରିବେଶ ମଧ୍ୟରେ ଯେପରି ମଙ୍ଗଳ ହୋଇ ପାରିବା ଭଳି କୁଶାନ୍ନ ମନ୍ତ୍ର ଦ୍ୱାରା ଏପରି ଗୋବିନ୍ଦାୟ କ୍ଷେତ୍ରରେ ସାରା ଗ୍ରନ୍ଥ ସହିତ ଏହି ଗ୍ରନ୍ଥର ମଧ୍ୟ ଶୁଭ ଅଟେ ।

**ଶ୍ଳୋକ-୬**

**ପଦ୍ମାପୟୋଧରତଟୀପରିରମ୍ଭଲଗ୍ନ-**
**କାଶ୍ମୀରମୁଦ୍ରିତମୁରୋମଧୁସୂଦନସ୍ୟ ।**
**ବ୍ୟକ୍ତାନୁରାଗମିବ ଖେଳଦନଙ୍ଗଖେଦ -**
**ସ୍ୱେଦାମ୍ବୁପୂରମନୁପୂରୟତୁ ପ୍ରିୟଂବଃ ॥ ୬ ॥**

ସତ୍ୟ କିନ୍ତୁ ଏୟା ଯେ ବାରିଦରୁ ବାରି ବର୍ଷା ହେବା ଯାହା, ଦିବ୍ୟ ପ୍ରକାଶ ମଧ୍ୟରୁ ତେଜ ରଶ୍ମି ନିର୍ଗତ ହେବା ସେପରି ଅଟେ । କ୍ଷେତ୍ରରେ ଏପରି କିନ୍ତୁ ବର୍ଷାର ବିପରିତ ଜଣା ଯାଉଥିଲା । ଏଠାରେ କିନ୍ତୁ ପ୍ରକୃତି ଦ୍ୱାରା ହୋଇ ରହିଥିବା ରଚନା ଅତି ବିଚିତ୍ର ଥିଲା । କାରଣ ମୁଦ୍ରାଙ୍କିତ ସାରା ବୃକ୍ଷରାଜି ନିଶ୍ଚଳ ଜଡ଼ ସଦୃଶ ହୋଇଥିବା କାରଣରୁ ଭ୍ରମରଗଣ ଘେରି ରହୁଥିଲେ । ଗୁଣୁଗୁଣୁ ଶବ୍ଦ ସ୍ୱରରେ ଗାନ କରି ଘେରି ରହୁଥିଲେ । ସେମାନଙ୍କ ସ୍ୱର ରଚିତ ଗୁଣୁଗୁଣୁ ଗୀତ କିନ୍ତୁ ମନୁଷ୍ୟଙ୍କ ପ୍ରତି ଥିଲା ଯେହେତୁ ମନୁଷ୍ୟ ଦୁଃଖର ସହ ମୁଣ୍ଡର ଝାଳ ତୁଣ୍ଡରେ ମାରି କ୍ଷେତ୍ରକୁ ଜଳାର୍ଣ୍ଣବ କରି ଚାଲିଥିଲେ । ପୁନଃ ମାନବ ସମାଜ ଏହି କ୍ଷେତ୍ରକୁ ଅତି ଆପଣାର କରି ଜଳ ଘରରେ ପରିଣତ କରି, ସାରା ସମାଜ ମଧ୍ୟରେ ନିଜ ପରିଚୟର ବିକାଶ କରି ଆସୁଥିଲେ ।

**ଶ୍ଳୋକ- ୭**

**ବସନ୍ତେ ବାସନ୍ତୀକୁସୁମସୁକୁମାରୈରବୟବୈ**
**ଭ୍ରମନ୍ତୀଂ କାନ୍ତାରେ ବହୁବିହିତକୃଷ୍ଣାନୁସରଣାମ୍ ।**
**ଅମନ୍ଦଂକନ୍ଦର୍ପଜ୍ୱରଜନିତଚିନ୍ତାକୁଳତୟା**
**ଚଳଦ୍‌ବାଧାଂରାଧାଂ ସରସମିଦମୂଚେ ସହଚରୀ ॥୭॥**

ବସନ୍ତ ଋତୁ ପ୍ରଭାବରେ ବୃକ୍ଷରାଜି ଆସି ପୁଷ୍ପ, ଫଳାଦି ଦାନ କରିବା ସଙ୍ଗେ ସଙ୍ଗେ ପୁଷ୍ପ ସମୁଦାୟକୁ କୋମଳ, ସୁକୋମଳ ତଥା ଅତି କୋମଳ ରୂପେ ପ୍ରକଟ କରାଇଥାନ୍ତି । ବୃକ୍ଷ ଗୁଡ଼ିକରେ ପ୍ରକଟିତ ପୁଷ୍ପଗୁଡ଼ିକ ପରିବେଶର ଶୋଭା ବୃଦ୍ଧି କରିବା ସହିତ ପ୍ରକୃତିର ସୌନ୍ଦର୍ଯ୍ୟକୁ ବୃଦ୍ଧି କରାଉଥାନ୍ତି । ପରେ ପୁଣି ମଳିନ ଜଣା ଯାଉଥାନ୍ତି । ଠିକ୍ ତାଦୃଶ କାଳରେ ଜଳର ଅତ୍ୟଧିକ ଅଭାବ ହେବା କାରଣରୁ, ପ୍ରାଣି ସମାଜ ଅସ୍ଥିର ଏବଂ ନିରୁତ୍ସାହିତ ହୋଇ ରହିଥିଲେ । କୃଷ୍ଣାନୁସରଣ ପୁଷ୍ପମାନ ମଳିନ ଜଣାଗଲେ ମଧ୍ୟ ସମର୍ପିତ ହୋଇଥିବା ପରି ଜଣା ଯାଉଥିଲେ । ତଦପରି କାମଦେବଙ୍କ ଶରୀରରୁ ଯାତ ବୁଦ୍ଧି ପ୍ରାପ୍ତ ହେବା କିଛି ମନ୍ଦ ନୁହେଁ । କାରଣ କ୍ଷେତ୍ରସ୍ଥ ଅଧିବାସୀ, ଯେଉଁମାନେ କ୍ଷେତ୍ର ବିଷୟରେ ଚିନ୍ତା କରୁଥିଲେ, ସେମାନେ ବାଧା ସମ୍ମୁଖୀନ ହେଲେ ମଧ୍. ବାସ୍ତବ ମାନ୍ୟତା ଦେବାକୁ ପ୍ରସ୍ତୁତ ଥିଲେ । ଏବଂ ଏଠାର ସହଚରୀଗଣ ମୂଢ଼ଙ୍କ ସହ ସମ୍ପର୍କ ରଖି ମଧ୍ୟ କ୍ଷେତ୍ରକୁ ମାନ୍ୟତା ଦେବାରେ ଅବହେଳା କରୁନଥିଲେ ।

**ତୃତୀୟ ପ୍ରବନ୍ଧ**

**ରାଗ- ବସନ୍ତ, ତାଳ- ଯତି**

**ଶିଖଣ୍ଡ ବହୋଜୟ ବନ୍ଧ ଚୁଡ଼ଃ ପୁଷ୍ପନ୍ ପିଙ୍କଂ ଚୂଡ ନବାଙ୍କୁରେଣ ।**
ଭ୍ରମନ ମୁଦାକମ୍ ମନଙ୍ଗ ମୂର୍ତିର୍ମିରେ ମତଙ୍ଗାହି ବସନ୍ତ ରାଗଃ ॥

ବସନ୍ତ କାଳର ପ୍ରଶସ୍ତି, ଆମ୍ଭ ବୃକ୍ଷରେ ବଉଳ ପ୍ରକଟ କାଳରୁ ମହୁମାଛି ସମୁହ ମହୁ ସଂଚୟ ସକାଶେ ମୁର୍ତ୍ତିମନ୍ତ ହୋଇ ଆନନ୍ଦରେ ଘୁରି ବୁଲୁଥାନ୍ତି । ମହୁ ସଞ୍ଚୟ କାଳରେ ଗୁଣୁ ଗୁଣୁ ଗୁଞ୍ଜନ କରି ସ୍ୱର ଉତ୍ତୋଳନ କରୁଥାନ୍ତି । ଠିକ୍ ସେହିକାଳେ ଯଦି ଆକାଶରେ ମେଘ ଉଦୟ ହୁଏ ତେବେ ମୟୁରମାନେ ନିଜ ନିଜ ଡେଣା

ବିସ୍ତାର କରି ନୃତ୍ୟ ଆରମ୍ଭ କରିଥାନ୍ତି । ମୟୁରଙ୍କ ହର୍ଷ ସେକାଳେ ଅତୁଳନୀୟ ତଥା ମାନସ ଅଙ୍ଗ ପ୍ରିୟତାରେ ମଜ୍ଜି ଥାଆନ୍ତି । ଯେପରି ବିରହିମାନେ ସମାଜଠାରୁ ଦୂରରେ ରହନ୍ତି ।

**ଉନ୍ମଦମଦନମନୋରଥପଥିକବଧୂଜନଜନିତବିଳାପେ ।**
**ଅଳିକୁଳସଙ୍କୁଳକୁସୁମସମୂହନିରାକୁଳବକୁଳକଳାପେ ।। ଖ ।।**

ସମୁଦାୟ ଦେବ ପୁଷ୍ପ ଆଲିଙ୍ଗନ କଳାପରି ଲଦା କୁଞ୍ଜମାଳରେ ଦେଖାଯାଉଥିଲେ । ତଥା ସମୁଦାୟ ଲତାକୁଞ୍ଜ ସହିତ ସଙ୍ଗମରେ ଥିଲେ । ଅର୍ଥାତ୍ ପ୍ରଚଳିତ ଲତାକୁଞ୍ଜ ତଥା ଝୋପଡ଼ି କୁଞ୍ଜ ଇତ୍ୟାଦି ସମୁଦାୟରେ ହରି ସ୍ମରଣ ଧ୍ୱନି ଉଚ୍ଚାରଣରେ କ୍ଷେତ୍ର ପ୍ରତିଧ୍ୱନିତ ହେଉଥିଲା । ସେଠାରେ ବସବାସ କରୁଥିବା ଅଧିବାସୀ ତରୁଣୀଗଣ ବସନ୍ତ ପ୍ରଚଳନ କାଳରେ ନୃତ୍ୟରଥା ଥିଲେ । ଏବଂ ସେଠାରେ ବସତି ସ୍ଥାପନ କରି ଆସୁଥିବା ଦୁଃଖିଜନଙ୍କଠାରୁ ବିରହିମାନେ ଯେପରି ସମାଜଠାରୁ ଦୂରେଇ ରହନ୍ତି ।

**ମୃଗମଦସୌରଭରଭସବଶମ୍ବଦନଦଳମାଳତମାଳେ ।**
**ଯୁବଜନହୃଦୟବିଦାରଣମନଲିଜନଖରୁଚିକିଂଶୁକଜାଳେ ।।**
**ବିରହିଜନସ୍ୟ ଦୂରନ୍ତେ ।। ଗ ।।**

ବସନ୍ତ ଋତୁ କାଳରେ ପଥ ଅତିକ୍ରମକୁ ପଥିକମାନେ ଅତି ସୁନ୍ଦର ଭାବେ କରିଥାନ୍ତି । ନିଶାଗ୍ରହଣ କରି ମତୁଆାଳଙ୍କ ଯାତ୍ରୀ ପୁଣି ଅତ୍ୟନ୍ତ ମନୋହର ଜଣା ଯାଉଥିଲା । କାରଣ ଉକ୍ତ ଯାତ୍ରୀକାଳରେ ସହ ସହ ମତୁଆଳ ଥିଲେ । ପଥଚାରିମାନେ ମତୁଆଳଙ୍କ ସହ ଯାତ୍ରାକରି ଯେଉଁ ଅସୁବିଧାର ସମ୍ମୁଖୀନ ହେଉଥିଲେ, ସେପରି ଭ୍ରମର ପୁଷ୍ପରୁ ଏକାଧାରାରେ ରସ ଟାଣିବାକୁ ଚେଷ୍ଟା କରି ଅସୁବିଧାର ଦୁଃଖକୁ ଭୋଗ କରୁଥିଲା । ଏଣୁ ବିରହି ମଧୁପ କ୍ଷେତ୍ର ସମୁଦାୟରୁ ଦୂରରେ ରହିବାକୁ ଭଲ ପାଆନ୍ତି ।

**ମଦନମହୀପତିକନକଦଣ୍ଡରୁଚିକେସରକୁସୁମବିକାସେ ।**
**ମିଳିତ ଶିଳୀମୁଖପାଟଳୀପଟଳକୃତସ୍ମରତୂଣବିଳାସେ ।।**
**ବରହିଜନସ୍ୟ ଦୂରନ୍ତେ ।। ଘ ।।**

କ୍ଷେତ୍ରରେ କ୍ଷେତ୍ର ପବିତ୍ରତାର ଯେପରି ପ୍ରକାଶ ପାଉଥିଲା ତା ସହିତ ମଧୁପର ମଧୁର ମଧୁମୟ ହେଉଥିବା ଜଣାଯାଉଥିଲା । ତାହା ପୁଣି ଭବିଷ୍ୟତକୁ ରହିବ ଅବସ୍ୟ ସତ, ଏହାର ପ୍ରତିବଦଳରେ ରହିବ କିନ୍ତୁ ମାଳତୀ ଫୁଲର ଶୋଭା । ଏବଂ ଆଭାର ପ୍ରଭାବ ଯାହାକି ଆଗକୁ ଦେଖା ଯାଉଛି । କ୍ଷେତ୍ର ମଧ୍ୟରେ ଏପରି ସ୍ଥିତିକୁ ବାରି କାଳ, ଦୁଃଖ କଷ୍ଟରେ ଅଗ୍ରସର ହେଉଥିଲା । କଳାର ଉଦ୍ଦେଶ୍ୟ ଥିଲା ଏହି କନ୍ଦର୍ପ କ୍ଷେତ୍ର ହିଁ ଜ୍ଞାନର କ୍ଷେତ୍ର । କେଉଁ କାରଣରୁ ଦୁର୍ଦ୍ଧଷ ଏବଂ ଅପରିଚିତ ହେତୁ ଦୂରେଇ ରହିବା ଉଚିତ୍ ।

**ବିଗଳିତଲଜ୍ଜିତଜଗଦବଲୋକନତରୁଣକରୁଣକୃତହାସେ ।**
**ବିରହିନିକୃନ୍ତନକୁନ୍ତମୁଖାକୃତିକେତକୀଦନ୍ତୁରିତାଶେ ।।**
**ବିରହିଜନସ୍ୟ ଦୂରନ୍ତେ ।। ଙ ।।**

ମାଳବ କ୍ଷେତ୍ରରେ ଯେତେବେଳେ ସୁବର୍ଣ୍ଣର ସିଂହାସନ ଥିଲା, ସେ କାଳେ ଅତି ସୁନ୍ଦର ଦେଖା ଯାଉଥିଲା । ବିଶାଳ ଚଟାଣର ପ୍ରଭାବ ମଧ୍ୟ ରଚିକର ଥିଲା । ସାରା କ୍ଷେତ୍ର ବିକାଶ ପ୍ରଭାବରେ ଥିବା କାରଣରୁ ପ୍ରଣାମ କରିବାକୁ ଇଛା ହେଉଥିଲା । ମୃର୍ତିକାର ଉର୍ବରତା କାରଣରୁ ଗୋଲାପ ଫୁଲ ଗୁଡ଼ିକ ଘାଷପରେ ଶୋଇରହିଲା ପରି ଜଣା ଯାଉଥିଲା । କିନ୍ତୁ ଗୋଲାପ ଫୁଲରେ କେବଳ ସୌନ୍ଦର୍ଯ୍ୟତା ଥିଲା ସିନା, ରସ ମହୁ ନଥିବାରୁ ଭ୍ରମରଗଣ ଗୋଲାପଠାରୁ ଦୂରରେ ରହିବା ଭଲ ପାଉଥିଲେ ।

**ମାଧବିକାପରିମଳଲଳିତେ ବନମାଳିକୟାତିସୁଗନ୍ଧୌ ।**
**ମୁନିମନସାମପି ମୋହନକାରିଣି ତରୁଣାକାରଣବନ୍ଧୌ ।।**
**ବିରହିଜନସ୍ୟ ଦୂରନ୍ତେ ।। ଚ ।।**

ଗନ୍ଧହୀନ ଅସମ୍ପାଦିତ ମାଳବ କ୍ଷେତ୍ର ସମ୍ପାଦିତ ହେବା ସତ୍ତ୍ୱେ ସମୁହଙ୍କୁ ଲଜ୍ଜିତ ହେବାକୁ ପଡ଼ିଥିଲା । କାରଣ ସମ୍ପାଦିତ କ୍ଷେତ୍ର ଜଙ୍ଗଲ ପରି ଥିଲା ବହୁ ଆଗରୁ କରିବାରଥିଲା । ତରୁଣଙ୍କ ଅବସ୍ଥା ଏଠାରେ କରୁଣ ହୋଇ ପଡ଼ିଥିଲା । ଯେହେତୁ ତରୁଣୀଙ୍କ ହାସ୍ୟ ଅତୁଳନୀୟ ଥିଲା । କ୍ଷେତ୍ର ସମୁଦାୟ ବିରହିଣୀ ସଜେଇହେଲା ପରି ମଜ୍ଜି ରହିଥିଲା । ଅସମତଳ ଜମିର ଚାଳକ ସମତଳ କରାପରେ,

ତେତକୀବନ ସୃଷ୍ଟି କରିଥିଲେ ସତ କିନ୍ତୁ ମଧୁ ବିରହରେ ଭ୍ରମରଗଣ ଦୂରେଇ ଯାଇଥିଲେ ।

**ସ୍ଫୁରଦତିମୁକ୍ତଲତାପରିରମ୍ଭଣମୁକୁଳିତପୁଲକିତଚୂତେ ।**
**ବୃନ୍ଦାବନବିପିନେ ପରିସରପରଗତଯମୁନାଜଳପୂତେ ॥**
**ବିରହିଜନସ୍ୟ ଦୂରନ୍ତେ ॥ ଛ ॥**

ବାରିଦରୁ ବାରି ବର୍ଷା ପରେ ପରେ, ମାଳବର କ୍ଷେତ୍ର ଜୀବନ ପୁଣି ଫେରି ଆସିଥିଲା । ଶୁଷ୍କ ବୃକ୍ଷ ଗୁଡ଼ିକ ପଲ୍ଲବିତ ହେବାରେ ଲାଗିଥିଲା । ସାରା କ୍ଷେତ୍ର ସବୁଜ ପ୍ରଭାବରେ ବିସ୍ତାରିତ ହୋଇ ପାରିଥିଲା । ଏପରି କାଳରେ ତପସୀଙ୍କ ମନରେ ଯେଉଁ ଆନନ୍ଦ ଉତ୍ପତି ହେବା ପୂର୍ବରୁ ମାଧବୀ ଲତା ପୁଷ୍ପ ପ୍ରକାଶିତ ହୋଇ ସମୁହକ ପ୍ରକାଶ ପାଇଥିଲା । କିନ୍ତୁ ଭ୍ରମରଗଣ ମାଧବୀ ଲତା ପୁଷ୍ପପ୍ରତି ଆକର୍ଷଣ ହେବା ସତ୍ୱେ ମଧୁ ଶୂନ୍ୟ ଲତାଠାରୁ ଦୂରେଇବାକୁ ବାଧ ହୋଇଥିଲେ ।

**ଶ୍ରୀଜୟଦେବଭଣିତମିଦମୁଦୟତି ହରିଚରଣସ୍ମୃତିସାରମ୍ ।**
**ସରସବସନ୍ତସମୟବନବର୍ଣ୍ଣନମନୁଗତମଦନବିକାରମ୍ ॥**
**ନୃତ୍ୟତି ଯୁବତିଜନେନ ସମଂ ସଖି,**
**ବିରହିଜନସ୍ୟ ଦୂରନ୍ତେ ॥ ଜ ॥**

ତୁଳସୀ ବୃକ୍ଷ ଚଉଁରା କ୍ଷେତ୍ରରେ ରହିଲେ ଯେପରି ପବିତ୍ରତାର ସତ୍ୱ ସୂଚାଏ, ସେପରି ସେଠାରେ ସୂର୍ଯ୍ୟ କନ୍ୟା ତପତି ଯମୁନା ନାମରେ ପବିତ୍ରତା ମାଳବ କ୍ଷେତ୍ରରେ ଉତ୍ପତି କରାଇ ଆସିଛି । ଏପରି ସ୍ୱଚ୍ଛ, ନିର୍ମଳ ପବିତ୍ରତା ଇତ୍ୟାଦିର କାରଣ ଏହି ଯେ, ଏହି କ୍ଷେତ୍ର ମଧ୍ୟରେ ବର୍ଷର ପ୍ରଥମ ବର୍ଷା ଯମୁନା ଜଳରେ ମିଶ୍ରଣ ହୋଇ ପାରୁଛି । ଏବଂ ଯମୁନା ଜଳଧାର ଗୁଡ଼ିକ ଆନନ୍ଦ ତଥା କୁଳୁ କୁଳୁ ନାଦ କରି ପ୍ରବାହିତ ହେଲେ ମଧ୍ୟ, ଏଥିରେ ଭ୍ରମର ବିଚଳିତ ହୋଇ ଦୂରାନ୍ତକୁ ଚାଲିଯାଏ ।

ଉତ୍ସର୍ଗ

ମାଳବ ଅଞ୍ଚଳର ଏହି ଦିବ୍ୟଗ୍ରନ୍ଥର ସମୃଦ୍ଧିକୁ ନେଇ ଅତ୍ୟନ୍ତ ଆନନ୍ଦରେ କ୍ଷେତ୍ର ସ୍ଥିତିର ବିଷୟ ବର୍ଣ୍ଣନା କଲି । ଏପରି ବର୍ଣ୍ଣନାକୁ ଜନସାଧାରଣ ପାଠ କରି ସର୍ବଦା ଖୁସି ହିଁ ଖୁସି ପାଉଥିବେ । ପରିବେଶ ମଧ୍ୟରେ ସାର ଗୁଡ଼ିକରେ ସବୁଜତା ଯେପରି ସ୍ମରଣୀୟ ହୋଇ ରହିଥିବା, ଋତୁ ବସନ୍ତକାଳ କ୍ଷେତ୍ରରୁ ବାରମ୍ବାର ସ୍ପର୍ଶ କରୁଥିବ । ବନ ରୂପକ ଏହି ଜଙ୍ଗଲରୁ ଯେଉଁ ଶବ୍ଦର ସୃଷ୍ଟି, ସେ ଶୁଭ ସ୍ୱର ଶବ୍ଦର ଅର୍ଥକୁ ବିଚାକ କରିବା ପାଇଁ ପ୍ରତି ବ୍ୟକ୍ତିର ଅଧିକାର ରହିଛି । ବିଚାରର ପବିତ୍ରତାକୁ ନେଇ ଗ୍ରନ୍ଥ ପ୍ରକାଶ କଲି । ସାଧାରଣରେ ଉତ୍ସର୍ଗ କରି ସାଧାରଣ ଶକ୍ତିପ୍ରାପ୍ତ କରିବି ।

**ଶ୍ଳୋକ-୮**

**ଦରବିଦଳିତମଲ୍ଲୀବଲ୍ଲିଚଞ୍ଚତ୍ପରାଗ**
**ପ୍ରକଟିତପଟବାସୈର୍ବାସୟନ୍ କାନନାନି ।**
**ଇହ ହି ଦହତି ଚେତଃ କେତକୀଗନ୍ଧବନ୍ଧୁଃ**
**ପ୍ରସରଦସମବାଣପ୍ରାଣବଦ୍‌ଗନ୍ଧବାହଃ ॥ ୮ ॥**

ଚଳ ଚଞ୍ଚଳ ହୋଇ ମାଳି ଚାଲିଥିବା ଲତା ଗୁଡ଼ାକ ମାଳବ କ୍ଷେତ୍ରାଞ୍ଚଳରେ ଲଟି ପରି ଥିଲା । ସମୁଦାୟ ଲତା କ୍ଷେତ୍ରରେ ମଲ୍ଲୀ ଫୁଲ ମାନଙ୍କ ପ୍ରଭାବ ଥିଲା । ଯେପରି କ୍ଷେତ୍ର ସମୁଦାୟ ଶୁକ୍ଳ ବସ୍ତ୍ର ପରିଧାନ କଲାପରି ବୋଧ ହେଉଥିଲା ବା ଦ୍ୱାରା ଫୁଲ ରେଣୁ ଗୁଡ଼ିକ ଇତଃସ୍ତତଃ ହୋଇ ସମୁଦାୟ ବାସନାକୁ ଭାଗ ଭାଗ କରୁଥିଲା । ପରିବେଶକୁ ମଲ୍ଲୀଫୁଲ ବାସନା ଭରପୁର ଥିବା କାଳେ ମିତ୍ରଭାବ ସମ୍ପନ୍ନ କ୍ରମେ କେତକୀ ଫୁଲ ମଧ୍ୟ ଉଭା ହୋଇଥିଲା । ଉଭୟ ପୁଷ୍ପ ପରିବେଶର ଆମ୍ର ସ୍ପର୍ଶ ସକାଶେ ସୁଗନ୍ଧ ବାସନା ପ୍ରକାଶ କରାଇ ଆସୁଥିଲେ ।

**ଶ୍ଳୋକ- ୯**

**ଉନ୍ମୀଳନ୍ମଧୁଗନ୍ଧଲୁବ୍ଧମଧୁପବ୍ୟାଧୂତଚୂତାଙ୍କୁର —**
**କ୍ରୀଡତ୍କୋକିଳକାକଳୀକଳକଳୈରୁଦ୍ଗୀର୍ଣ୍ଣକର୍ଣ୍ଣଜ୍ୱରାଃ ।**
**ନୀୟନ୍ତେ ପଥିକୈଃ କଥଂ କଥମପି ଧ୍ୟାନାବଧାନକ୍ଷଣ**
ପ୍ରାପ୍ତପ୍ରାଣସମାସମାଗମରସୋଲ୍ଲାସୈରମୀ ବାସରାଃ ॥ ୯ ॥

ଉନ୍ମୁକ୍ତ, ନିଶ୍ଚଳ ପରିବେଶରେ, ଭ୍ରମର ସମୁହ ଆମ୍ବ ବଉଳ ଗୁଡ଼ିକ ସହ କ୍ରିଡ଼ା କରି ଚାଲିଥିଲେ । ଗୁଣୁଗୁଣୁ ଶବ୍ଦ ଗୁଞ୍ଜନରେ ଗୀତ ଗାଇ ମଧୁ ସଂଗ୍ରହରେ ଲାଗିଥାନ୍ତି । ଶୁଷ୍କ ବୃକ୍ଷ ଗୁଡ଼ିକରେ ପଲ୍ଲବିତ ହୋଇ ଉଠୁଥିବା ନୂତନ ପତ୍ର ଗୁଡ଼ିକ ଇତଃସ୍ତତଃ ହୋଇ ପ୍ରକାଶ ପାଇଥିଲା । ପୁନଃ ଅସ୍ତବ୍ୟସ୍ତ ହୋଇ ରହିଥିଲା । ସେ

କାଳରେ କୋକିଳକାକଳୀ ଗଣ ନିଜ ନିଜ ପ୍ରକ୍ରିୟା କ୍ରମେ ଉଚ୍ଚାରଣ କରି ଚାଲିଥିଲେ । ପଥର ପଥିକମାନେ ଉକ୍ତ ଉଚ୍ଚାରଣ ଶୁଣିବା ପରେ ମନରେ ଉତ୍ସାହ ଆକର୍ଷିତ କରି ଚାଲିଥିଲେ । ଋତୁରେ ବସନ୍ତ ସ୍ପର୍ଶ କଳାପରେ ପ୍ରାଣ ପ୍ରିୟାର ସ୍ମରଣ ମନକୁ ଆସୁଥିଲା । ପ୍ରାଣପ୍ରିୟା ବିରହକୁ ପଥିକମାନେ କେବଳ ଅନୁଭବ କରି ପାରୁଥିଲେ । ପଥିକବୃନ୍ଦ ନବବଧୁଙ୍କୁ କେବଳ ସ୍ମରଣ ବିରହରେ ବିକଳ ତଙ୍କସ୍ଥ ହୋଇ ପଥେ ପଥିକ ଅଗ୍ରସର ହେଉଥିଲେ ।

**ଶ୍ଳୋକ-୧୦**

**ଅନେକନାରୀ ପରିରମ୍ଭସମ୍ଭ୍ରମ**
**ସ୍ଫୁରନ୍ମନୋହାରୀ ବିଳାସଲାଲସମ୍ ।**
**ମୁରାରିମାରାଦୁପଦର୍ଶୟନ୍ତ୍ୟସୌ**
**ସମୀମକ୍ଷଂ ପୁନରାହ ରାଧିକାମ୍ ॥ ୧୦ ॥**

ନିଜ ନିଜର ଦୈନିକ କାର୍ଯ୍ୟ ସାରି କାର୍ଯାରତ ନାରୀଗଣ ସନ୍ଧ୍ୟାକାଳେ ଯେବେ ସ୍ୱଗୃହ ଫେରିଥାନ୍ତି ତଥା ଫେରିବା କାଳେ, ବିଭିନ୍ନ ବିଳାଷପୂର୍ଣ୍ଣ ମନୋହର ରସ କଥା ମନରେ ବିଚାର କରି, ମାନସୀକତାରେ ଧ୍ୟାନ କରି ସେ ନାରୀ ଫେରିଥାନ୍ତି । ବିଶେଷକରି ନବନାଗରଙ୍କୁ ଆଲିଙ୍ଗନ କରିବା ଇଚ୍ଛାରେ ବହୁ ନାରୀ ଫେରିଥାନ୍ତି । ମନରେ ଏପରି ଇଚ୍ଛା ରଖି ସ୍ୱଗୃହ ପ୍ରତି ଅଗ୍ରସର ହେଉଛାନ୍ତି । ଏପରିକାଳେ ଆକାଶରେ ମେଘ ଆଚ୍ଛାଦିତ ହେବାରେ ଲାଗିଥିଲା । ଦେଖୁ ଦେଖୁ ଅନ୍ଧକାର ମାଡ଼ି ଆସିଲା । ସେ କାଳେ ଥଟ୍ଟାରେ ସହଚରୀକୁ ସହଚରୀ କହୁଥିଲା, ଲୋ ସଖି ! ଏପରି ରାଳେ ନାଗର ତୋର ପାଖରେ ଯଦି ଥାଆନ୍ତା, ତେବେ ତୋ ସରସ ମନ କଣ କୁହନ୍ତା ?

**ଚତୁର୍ଥ ପ୍ରବନ୍ଧ**

**(ରାଗ- ରାମକେରୀ, ତାଳ- ଯତି)**

**ସୂଚନା**

**ସ୍ୱର୍ଣ୍ଣପ୍ରଭା ଭାସ୍କର ଭୂଷଣା ନାଙ୍ଗ ନିତୋଙ୍ଗ ବପୁଷାବହନ୍ତୀ ।**
**କାନ୍ତେ ପ୍ରଦୋଶାନ୍ତ ମଧୁଶ୍ରତୋଽପି ମନୋଜ୍ଞର୍ଗ ରାମକରୀୟ ମିଷ୍ଟମ୍ ॥**

ସାରା ପରିବେଶ ମଧ୍ୟରେ ସୂର୍ଯ୍ୟ କିରଣ ରଶ୍ମି ପ୍ରବେଶ କରିବା ପରେ, ଆକାଶରେ ମେଘ ଓଢ଼ଣା ଢାଙ୍କିଲାପରି ଆର୍ଯ୍ୟଙ୍କ ଆକୃତିରେ ପରିଲକ୍ଷିତ ହୋଇଥିଲା । ପୁନଃ କ୍ଷେତ୍ର ମଧ୍ୟରେ ବସବାସ କରି ଆସୁଥିବା ମନୁଷ୍ୟ ତଥା ଜୀବଯନ୍ତୁଙ୍କ ସର୍ବ ବିକାଶ ପ୍ରଚଳିତ ଥିଲା । ଏପରି ବିଚାର ସହ ବିପରିତ ଆଚରଣ ବିଚାର ସମାପ୍ତ ହୋଇଥିଲା । କୁପଥ ବଦଳରେ ମଙ୍ଗଳର ସଦିଷ୍ଟ ପ୍ରତିଷ୍ଠା ହୋଇ ପାରିଥିଲା ।

**କ)** **ଚନ୍ଦନଚର୍ଚ୍ଚିତନୀଳକଳେବରପୀତବସନ ବନମାଳୀ ।**
**କେଳିଚଳନ୍ମଣିକୁଣ୍ଡଳମଣ୍ଡିତଗଣ୍ଡଯୁଗସ୍ମିତଶାଳୀ ॥**
**ହରିରିହ ମୁଗ୍ଧବଧୂନିକରେ,**
**ବିଳାସିନି ବିଳସତି କେଳିପରେ ॥ ୧ ॥**

ସାରା କ୍ଷେତ୍ରରେ ଚମକ ଉଦୟ ନ ହୋଇଥିବା ପୂର୍ବରୁ, ସମସ୍ତ ଜୀବଯନ୍ତୁ ପ୍ରାଣୀ କ୍ଷେତ୍ର ବିଷୟରେ ଚର୍ଚ୍ଚାକରି ଚାଲିଥିଲେ । ଯେହେତୁ ନୀଳ କ୍ଷେତ୍ର ପରିବେଶ ସମୁଦାୟ, ହଳଦିଆ ବସ୍ତ୍ର ପରିଧାନ କରିବା ପରି ଜଣାଯାଉଥିଲା । ପରିବେଶର ପରିବର୍ତ୍ତନ କାଳରେ ଅସନ୍ତୁଳନ ବୋଧ ହେଉଥିଲା । ଚଳ ପ୍ରଚଳ କ୍ଷେତ୍ରମଣି ଚକ୍ରାକାର ରୂପରେ ମଣ୍ଡିତ ଥିବାପରି ଜଣା ଯାଉଥିଲା । ଏଠାରେ ଏପରି ଐଶ୍ୱର୍ଯ୍ୟଶାଳୀ ପରବର୍ତ୍ତନରେ ସ୍ମିତ ହେବାକୁ ପଡ଼ିଥିଲା । ଏବଂ ସବୁଜତା ହିଁ ଦେଖାଯାଉଥିଲା ।

**ଖ)** **ପୀନପୟୋଧରଭାରଭରେଣ ହରିଂ ପରିରଭ୍ୟ ସରାଗମ୍ ।**
**ଗୋପବଧୂରନୁଗାୟତି କାଚିଦୁଦଞ୍ଚିତପଞ୍ଚମରାଗମ୍ ॥**
**ହରିରିହ ... ॥ ୨ ॥**

ଆକାଶରେ ମେଘ ଆଚ୍ଛାଦିତ ହୋଇଥିଲା । ଧିରେ ଧିରେ କଠିନତ୍ୱ ହେବାରେ ଲାଗିଥିଲା । ଆକାଶ ମେଘର ଆଦର ପାଇ ସବୁଜତା ପାଇଁ ଆକର୍ଷିତ ହୋଇଥିଲା । ବର୍ଷାର ସମ୍ଭାବନା ନଥିଲେ ମଧ୍ୟ ସବୁଜତା ପ୍ରତି କ୍ଷେତ୍ର ଆକର୍ଷିତ ହେଉଥିଲା । ଏପରି କାଳେ ଗୋପାଳ ନାରୀଗଣ କଷ୍ଟ ସହି ମଧ୍ୟ ଭାର ପିଠିରେ ଧରି, ଦାନ୍ତକୁ ଚିପି ଚିପି ମେଘକୁ ପ୍ରଶଂଶା କରି ଚାଲିଥିଲେ । କାରଣ ଚତୁର୍ଦ୍ଦିଗ ସବୁଜ ହି ସବୁଜ ଦେଖାଯାଉଥିଲା ।

ଗ) କାପିବିଳାସବିଲୋଳବିଲୋଚନଖେଳନିଜନିତମନୋଦମ୍ ।
ଧ୍ୟାୟତି ମୁଗ୍ଧବଧୂରଧିକଂ ମଧୁସୂଦନବଦନସରୋଜମ୍ ।।
ହରିରିହ ... ।। ୩ ।।

କ୍ରିଡ଼ନକ ପରିବେଶ ଯାହାଙ୍କ କୃପାରେ ପ୍ରସ୍ତୁତ ହୋଇ ରହି ଆସିଛି, ସେ ସାରା କ୍ଷେତ୍ରକୁ ସ୍ମରଣକରି ପ୍ରସ୍ତୁତକାରୀଙ୍କୁ ପ୍ରଣାମ କରିବା ଉଚିତ୍ । ଯେହେତୁ ସେ ମନରଂଜନ ସକାଶେ ଅଶ୍ରୁ ତୁଲ୍ୟ ଅସ୍ଥିର ଅଟେ । ବଦନ ଆଘାତରେ ଆତ୍ମାକୁ ଯେପରି ବ୍ୟଥା ହୁଏ ସେପରି ସାରା ମହୁମାଛି, କ୍ଷେତ୍ର ଭୋଗ କରୁଥିଲେ । ଜଳଧାର ମାନଙ୍କରେ ପଦ୍ମଫୁଲମାନଙ୍କ ଉତ୍ପତି ଥିଲା । ଗୋପାଳୁଣୀମାନେ ମୂର୍ଚ୍ଛିତ ହେଲାପରି ହୋଇ ରହି ସ୍ମରଣରେ ହିଁ ସବୁଜ ହିଁ ସବୁଜତା ଥିଲା ପରି ଭାବୁଥିଲେ ।

**(ଘ) କାପି କପୋଳତଳେ ମିଳିତା ଲପିତୁଂ କିମପି ଶ୍ରୁତିମୂଳେ ।**
**ଚାରୁଚୁଚୁମ୍ବ ନିତମ୍ବବତୀ ଦୟିତଂ ପୁଲକୈରନୁକୂଳେ ।।**
**ହରିରିହ .... ।। ୪ ।।**

ସାରା କ୍ଷେତ୍ର ଅତି ମନୋହର ଥିବା ଶୁଣାଯାଏ । ବିଶେଷ ଭାବରେ ପୁଣି ସ୍ଥଳ କ୍ଷେତ୍ର ଏପରି ଥିଲା ଯେପରି ଚୁମା ଦେବାକୁ ଇଛା ହେଉଥିଲା । କପାଳ ପରି ଚିକ୍କଣ ପରି ମନୋହର ଥିଲା । ଏପରି ସତ୍ୱେ କ୍ଷେତ୍ର ଅସମତଳ ଥିଲା । ଜଳଧାରମାନ ବିଭିନ୍ନ କ୍ଷେତ୍ରରୁ ଆସି କ୍ଷେତ୍ର ଗୋବିନ୍ଦାୟରେ ଏକତ୍ରୀତ ହେଉଥିଲା । ଜଳାଧାରର ଗଭୀର କ୍ଷେତ୍ରରେ ନୌକା ପ୍ରଚଳନ ମଧ୍ୟ ଥିଲା । ନୌକା ଚାଳନା କ୍ଷେତ୍ର ଶବ୍ଦ ତରଙ୍ଗ ସବ ରୋମାଞ୍ଚକର ଥିଲା । ଏଠାରେ ହରି ସ୍ମରଣ ମଧ୍ୟରେ ସବୁଜ ହିଁ ସବୁଜତା ଥିଲା ।

**ଙ) କେଳିକଳାକୁତୁକେନ ଚ କାଚିଦମୁଂ ଯମୁନାଜଳକୂଳେ ।**
**ମଞ୍ଜୁଳବଞ୍ଜୁଳକୁଞ୍ଜଗତଂ ବିଚକର୍ଷ କରେଣ ଦୁକୂଳେ ।।**
**ହରିରିହ ... ।। ୫ ।।**

ଚମଡ଼ା ଥଳିରୁ ଜଳ ନିର୍ଗତ ତୁଲ୍ୟ, ସୃଷ୍ଟି ଉତ୍ପତି କାଳରୁ ବ୍ରହ୍ମର୍ଷିଗଣ ବାରୁଣୀ ଯଜ୍ଞ କୁଣ୍ଡରୁ ମନ୍ତ୍ର ଆଧାରରେ ଜଳ ଉତ୍ପତି କରିଥିଲେ । ଯାହାର ନାମ କୂଲ୍ୟା ଥିଲା । ସେପରି ଜଳସ୍ରୋତ ଗୁଡ଼ିକ ଏଠାର ବିଭିନ୍ନ ପଥ ଦେଇ ଗୋବିନ୍ଦାୟ କ୍ଷେତ୍ରକୁ ପ୍ରବାହିତ ହେଉଥିଲା । ଧାର ଗୁଡ଼ିକର ପୁନଃ ମିଳନ ମଧ୍ୟ ହେଉଥିଲା । ଏପରି ମିଳନରୁ ଜଳ ପ୍ରେମିକଙ୍କ ପ୍ରିୟସ୍ଥଳି କହି କୁହାଯାଉଥିଲା । ମିଳନ, ଏଳାକାର ହୋଇ ଗର୍ଭ ଆଡ଼କୁ ମୁହାଁଇଥିଲା । ପ୍ରକ୍ରିୟା ନାମ ଯମୁନା ଥିଲା । ଜଳସ୍ରୋତ ପାର୍ଶ୍ୱରେ ବେତ ବଣ ସହ, ସବୁଜ ହିଁ ସବୁଜତା ଥିଲା ।

**ଚ) କରତଳତାଳତରଳବଳୟାବଳିକଳିତକଳସ୍ୱନବଂଶେ**
**ରାସରସେ ସହନୃତ୍ୟପରାହରିଣା ଯୁବତିଃ ପ୍ରଶଶଂସେ ।।**
**ହରିରିହ .... ।। ୬ ।।**

ଯମଜ ସ୍ରୋତ ଏକତ୍ର ପ୍ରବାହ ପରେ ସିଦ୍ଧ ଗର୍ଭ ପ୍ରତି ଆକର୍ଷିତ ହୋଇପାରିଥିଲା । ହସ୍ତ ତାଳିରେ ଉତ୍ପତି ଶବ୍ଦ, ବାଉଁଶ ବାଉଁଶର ସଂଘର୍ଷ ଶବ୍ଦ ପରି ସେହି ସିଦ୍ଧ ଖାଲରୁ ସେପରି ଶବ୍ଦ ଯାତ ହେଉଥିଲା । ମଧ୍ୟ ବୟସୀ ନାରୀଙ୍କ ଅଣ୍ଟାରେ ବଳି ସୃଷ୍ଟି ହେଲାପରି କ୍ଷେତ୍ର ସ୍ଥିର ଥିଲା । କିନ୍ତୁ କୋଳାହଳ ତରଙ୍ଗ ଧ୍ୱନୀ ଆଧାର ବଶରେ ତରୁଣୀଗଣ ଶବ୍ଦ ସହିତ ତାଳ ଦେଇ ଉତ୍ସାହର ସହ ହରିଣୀ ନୃତ୍ୟ କରି ଚାଲିଥିଲେ । କ୍ଷେତ୍ର ଏପରି ହରି ସ୍ମରଣ ରିତିରେ ଥାଇ, କ୍ଷେତ୍ର ସାରା ସବୁଜତାର ହିଁ ସବୁଜ ଥିଲା ।

**ଛ) ଶ୍ଳିଷ୍ୟତି କାମପି ଚୁମ୍ବତି କାମପି କାମପି ରମୟତି ରାମାମ୍ ।**
**ପଶ୍ୟତି ସସ୍ମିତଚାରୁପରାମପରାମନୁଗଚ୍ଛତି ବାମାମ ।।**
**ହରିରିହ ..... ।। ୭ ।।**

ମନୋହାରିଣୀ ସୁନ୍ଦରୀ ଗୋପାଳ ତରୁଣୀ, ନିଜ ନିଜ ଅନୁରାଗ ସିଦ୍ଧ ପାଇଁ କ୍ଷେତ୍ରଗତ ଥିଲେ । ସ୍ନେହ ସରାଗ ମମତା ପାଇଁ ସେଠାରେ ଥିଲେ । କୂପ ଦର୍ଶନ ପରେ ସାରା କ୍ଷେତ୍ରକୁ ଆହ୍ଲାଦର ସହ ଚୁମ୍ବନ ଦେଇ ବାରମ୍ବାର ଚାଲିଥିଲେ । କ୍ଷେତ୍ର ଦର୍ଶନ ପରେ ତରୁଣୀଗଣ ଆନନ୍ଦିତ ହୋଇଥିଲେ । ପରେ କ୍ଷେତ୍ର ସୌନ୍ଦର୍ଯ୍ୟ ପ୍ରତି ଆକୃଷ୍ଟ ହୋଇଥିଲେ । ସରାଗ, ଅନୁରାଗ ପୂର୍ଣ୍ଣଥିବା କାଳେ ତରୁଣୀଙ୍କ ଚୁମ୍ବନରେ କ୍ଷେତ୍ର ପ୍ରିୟ ବୋଲାଇଥିଲା । ନୃତ୍ୟାଙ୍ଗନାଗଣ ନୃତ୍ୟକାଳେ ମୁରୁକି ହସ ହସି, ହରି ସ୍ମରଣ ସମ୍ଭବରେ ସବୁଜତା ହିଁ ସବୁଜ କ୍ଷେତ୍ର ଥିଲା ।

**ଜ) ଶ୍ରୀଜୟଦେବକବେରିଦମଦ୍ଭୁତକେଶବ କେଳିରହସ୍ୟମ ।**
**ବୃନ୍ଦାବନବିପିନେ ଲଳିତଂ ବିତନୋତୁ ଶୁଭାନି ଯଶସ୍ୟମ୍ ।।**

**ହରିରିହ ... ॥ ୮ ॥**

ସମୃଦ୍ଧି କ୍ଷେତ୍ର ମାଳବ ତଥା ଏହାରି ଉପରେ ରଚନାକାର ଏହାର ଅନେକ ଭବ୍ୟତାକୁ ନେଇ ବର୍ଣ୍ଣନା କରିଛନ୍ତି । କ୍ଷେତ୍ର ଅତୀତର ଶ୍ରଦ୍ଧା, ମସ୍ତିକୁ ଆଧାର କରି ରଚନା କରିଛନ୍ତି । ପରବ୍ରହ୍ମଙ୍କ ଖେଳାଲୀଳାକୁ ନେଇ କ୍ଷେତ୍ରରେ ଅନେକ ରହସ୍ୟ ବିଷୟ ମଧ୍ୟ କହିଛନ୍ତି । କ୍ଷେତ୍ରସାରା ତୁଳସୀ ଅରଣ୍ୟ ଥିଲା । ଅତି କୋମଳ ସମ୍ପଦରେ ପ୍ରସାରିତ ହେଉଥିଲା । ନିଜେ ଯଶ, କୀର୍ତି ଆଦି ପାଇବା ପାଇଁ ପରବ୍ରହ୍ମ ତୁଳସୀ ଅରଣ୍ୟ ଗଢ଼ିଥିଲେ । ସମୂହ ପ୍ରାଣି ସହ ମଙ୍ଗଳ ଭୋଗ ପାଇଁ କ୍ଷେତ୍ର ପ୍ରସ୍ତୁତ କରି ହରି ସ୍ମରଣରେ ସବୁଜତା ହିଁ ସବୁଜ ଜଣାଇଥିଲେ ।

**ଶ୍ଳୋକ ୧୧**

**ବିଶ୍ୱେଷାମନୁରଞ୍ଜନେନ ଜନୟନ୍ନାମନ୍ଦମିନ୍ଦୀବରଃ**
**ଶ୍ରେଣୀଶ୍ୟାମଳକୋମଳୈରୂପନୟନ୍ନଙ୍ଗୈରନଙ୍ଗୋତ୍ସବମ୍ ।**
**ସ୍ୱଚ୍ଛନ୍ଦଂ ବ୍ରଜସୁନ୍ଦରୀଭିତଃପ୍ରତ୍ୟଙ୍ଗମାଲିଙ୍ଗିତଃ**
**ଶୃଙ୍ଗାରଃସଖ୍ମୂର୍ତ୍ତିମାନିବ ମଧୌମୁଗ୍ଧୋହରିଃକ୍ରୀଡତି ॥ ୧୧ ॥**

ଆଲୋକ ବିହିନ କାଳେ ବ୍ରହ୍ମାଣ୍ଡର ସ୍ଥିତି ଯେପରି ଅନ୍ଧକାର ଥିଲା, ସେପରି ସ୍ଥିତି ଏହି କ୍ଷେତ୍ରରେ ଥିଲା । ବର୍ତ୍ତମାନ ମଧ୍ୟ ଉକ୍ତ ସ୍ଥିତିକୁ ଏଠାରେ କରିହୁଏ । ଅବଶ୍ୟ କ୍ଷେତ୍ର ସୂର୍ଯ୍ୟ ତେଜକୁ ପାଇ ମଧ୍ୟ ସ୍ଥିତି ଯେପରି ସେପରି । ପୃଥ୍ୱୀ ବାସୀଙ୍କ ପ୍ରିୟ କହି କ୍ଷେତ୍ର ଜାଣିହୁଏ । ପ୍ରାଣିଙ୍କ ଅଙ୍ଗକାନ୍ତି ସର୍ବଦା କାର୍ଯ୍ୟରତ ଥିବା ଜଣାଯାଏ । ଏପରିକି କ୍ଷେତ୍ର ବାସିନ୍ଦା ସର୍ବଦା ଏଠାରେ କର୍ମ ତତ୍ପର । ଗୋପା। ତରୁଣୀଗଣ କ୍ଷେତ୍ର ପ୍ରାଣ ଥିଲେ । ଏଥକୁ ନେଇ କ୍ଷେତ୍ରକୁ ଶୃଙ୍ଗାର ପ୍ରକ୍ରିୟା ସ୍ଥଳି କହିବା ଅନୁଚିତ୍ କାରଣ ସର୍ବକାଳେ ଋତୁ ବସନ୍ତ ପ୍ରଭାବରେ ପରିବେଶ ରହି ନଥାଏ ।

**ଶ୍ଳୋକ-୧୨**

**ଆଦ୍ୟୋତ୍ସଙ୍ଗବଶାଦଭୁଜଙ୍ଗକବଳକ୍ଳେଶାଦିବେଶାଚଳଂ**
**ପ୍ରାଳେୟପ୍ଳବନେଚ୍ଛୟାନୁସରତିଶ୍ରୀଖଣ୍ଡଶୈଳାନିଳାଃ ।**
**କିଚିତ୍ସ୍ନିଗ୍ଧରସାଳମୌଳିକୁସୁମାନ୍ୟାଲୋକ୍ୟହର୍ଷୋଦୟା-**
**ଦୁନ୍ମୀଳନ୍ତି କୁହୂଃ କୁହୂରିତିମୁହୁସ୍ତାରାଃପିକାନାଂଗିରଃ ॥ ୧୨ ॥**

ବୃଷଭାନୁ କୁମାରୀଙ୍କ ପରି ଗୋପାଳ ନବନାଗରୀଙ୍କୁ ଏହି କ୍ଷେତ୍ରରେ ଦେଖିବାକୁ ମିଳେ । କାରଣ ମଳୟ ଗିରିରୁ ମଳୟ ପ୍ରବାହିତ ପରି, ଏହି କ୍ଷେତ୍ରରୁ ମଧ୍ୟ ପ୍ରବାହିତ ହୁଏ । ମଳୟ ସ୍ପର୍ଶର ଚନ୍ଦନ ବନରେ ଯେପରି ଅହିରାଜର ବିଷ ହରଣ ହୋଇଥାଏ ସେପରି ମଳୟ ଏଠାରେ ପ୍ରଭାବ ପକାଇ (ଶୁକ୍ତିମାନ ପର୍ବତ) ହିମାଳୟ ଯାଏଁ ପ୍ରବାହିତ ହୋଇଥାଏ । ସୁବାସିତ ଆମ୍ର ବଉଳର ମଳୟ ଦ୍ୱାରା କୋକିଳ ଆକର୍ଷିତ ହୋଇ କୁହୁକୁହୁ ନାଦ କରିଥାଏ । କୋଇଲିଙ୍କ ଏପରି ଉଲ୍ଲସିତ ହର୍ଷ ଗାନ ପରିବେଶକୁ ସମୃଦ୍ଧ କରିଥାଏ । ଗାନ ଶୁଣିବା ପରେ ଋତୁ ବସନ୍ତ ମନରେ ପ୍ରକଟିତ ପୀଡାକୁ କାମୁକ ଜନ ଅକ୍ଳେଶରେ ଦୁଃଖ ବୁଝି ପାରିଥିଲେ ।

**ଶ୍ଳୋକ ୧୩**

**ବିହରତିବନେ ରାଧା ସାଧାରଣପ୍ରଣୟେ ହରୌ**
**ବିଗଳିତନିଜୋତ୍କର୍ଷାଦୀର୍ଷ୍ୟାବଶେ ଗତାନ୍ୟତଃ ।**
**କ୍ୱଚିଦପିଲତାକୁଞ୍ଜେ ଗୁଞ୍ଜନ୍ମାଧୁବ୍ରତମଣ୍ଡଳୀ**
**ମୁଖରଶିଖରେ ଲୀନାଦୀନାଽପ୍ୟୁବାଚ ରହଃ ସଖୀମ୍ ॥ ୧୩ ॥**

ପ୍ରଥମ ପ୍ରଣୟକୁ ନେଇ ଜଙ୍ଗଲରେ ରହିଆସିଥିବା ସାଧାରଣ ପ୍ରାଣି, ବାସ୍ତବ କ୍ଷେତ୍ରରେ ପ୍ରତ୍ୟେକ ବିଚରଣ ରତ ଥିଲେ । କ୍ଷେତ୍ର ସ୍ଥିତିକୁ ଏପରି ବୃଷଭାନୁଙ୍କ କନ୍ୟାଗଣ ଦେଖିବା ପରେ କ୍ରୋଧାନ୍ୱିତ ହୋଇ ଉଠିଥିଲେ । ଯେହେତୁ କ୍ଷେତ୍ର ସାଧାରଣ ପ୍ରେମ ପାଇଁ ଅନୁପଯୁକ୍ତ ଥିଲା । କୁମାରୀଗଣ ଏଣୁ ସାରା କ୍ଷେତ୍ର ତ୍ୟାଗ କରି ଚାଲି ଯାଇଥିଲେ । କ୍ଷେତ୍ରସ୍ଥ ମାତୃତ୍ୱ ଭାବକୁ ଅନ୍ୟଜନେ ଆପଣେଇ ଅତ୍ୟନ୍ତ କ୍ଳେଶ ସହନ କରିଥିଲେ । କ୍ଷେତ୍ରସ୍ଥ କୁଞ୍ଜ ଗୁଡ଼ିକରେ ସେ ପ୍ରତିଛବି ଲୁଚି ରହିଛି । ଯେହେତୁ ଭ୍ରମରମାନେ ଅବଶରେ ଗୁଞ୍ଜରଣର ତିକ୍ତତା ଜଣାଏ । ତଥାପି ସାଖିକୁ ସଖି ଚାହିଁ କହେ, ଲୋ ସଖି ! ଯାହା ମୁଁ ମନରେ ଭାବିଛି ନିଶ୍ଚୟ କହିବି ।

**୫ମ ପ୍ରବନ୍ଧ**

**ରାଗ- ଗୁର୍ଜରୀ, ତାଳ- ଯତି**

**କ) ସଞ୍ଚରଦଧରସୁଧାମଧୁରଧ୍ୱନିମୁଖରିତ ମୋହନବଂଶ ।**

**ଚଳିତଦୃଗଞ୍ଚଳଚଞ୍ଚଳମୌଳିକପୋଳବିଲୋଳବତଂସମ୍ ।**
**ରାସେ, ହରିମିହବିହିତ ବିଳାସଂ,**
**ସ୍ମରତି ମନୋ ମମ କୃତପରିହାସମ୍ ॥ ୧ ॥**

କ) ସାତଟି କୂଳେ ପର୍ବତ ଧାରଣ କରିଥିବା ମେଦିନୀର କ୍ଷେତ୍ର ମଧ୍ୟରେ ରହି ଥିବା ଏହି କ୍ଷେତ୍ର ଅନ୍ୟତମ । ବିକଶିତ ବ୍ରହ୍ମାଣ୍ଡର ପ୍ରଥମ ଚରଣରୁ ଶୂନ୍ୟଗତ ସର୍ବୋଚ୍ଚ ବିନ୍ଦୁ (ଖୋର୍ଦ୍ଧା)ରୁ ଏଠାର କ୍ଷେତ୍ରସହ ସମ୍ପର୍କ ରହିଛି । ସମ୍ପର୍କ ଆଧାରରେ ଏହି କ୍ଷେତ୍ର ସାରା ମଧୁରତା, ଅମୃତମୟ ଥିଲା । ସପ୍ତସରର ରାଗ ପରି ତରଙ୍ଗରେ ଧ୍ୱନୀ ଶୁଣା ଯାଉଥିଲା । ବଂଶୀ ସନର ଆକର୍ଷଣତା ମଧ୍ୟ ଶୁଣାଯାଉଥିଲା । ଏପରି ଅନେକ ଆଦରରେ କ୍ଷେତ୍ର ଥିଲା । କପାଳ ଚିହ୍ନଟ ପରି କ୍ଷେତ୍ର ଥିବା ସତ୍ୱେ କ୍ଷେତ୍ର ଅସ୍ଥିର ଥିଲା । ଏପରି ଅସ୍ଥିର ମଧ୍ୟରେ ହରି ନାମ ଉଚ୍ଚାରିତ ହେଉଥିଲା । ହରିନାମ ଉଚ୍ଚାରଣର କୋଳାହଳ ମଧ୍ୟରେ ମଧ୍ୟ ସ୍ଥିର କ୍ରିଡ଼ା ପ୍ରଚଳିତ ଥିଲା । ଏପରି ସମ୍ମାନର ମଧ୍ୟରେ ମଧ୍ୟ ପରିହାସର ସ୍ମରଣ ମନକୁ ଆସୁଥିଲା ।

**ଖ) ଚନ୍ଦ୍ରକଚାରୁମୟୂରଶିଖଣ୍ଡକମଣ୍ଡଳବଳୟିତକେଶମ୍ ।**
**ପ୍ରଚୁରପୁରନ୍ଦରଧନୁରନୁରଞ୍ଜିତମେଦୁରମୁଦିତସୁବେଶମ୍ ।**
**ରାସେ ..... ॥ ୨ ॥**

ଖ) ଆକାଶରେ ମେଘର ଉଦୟ ହୋଇଥିଲା । ସେ କାଳେ ମେଘ ସହିତ ଲୁଚକାଳି ଖେଳିଲା ପରି ଜଣାଯାଉଥିଲା । ସେ କାଳେ ହିଁ ନୃତ୍ୟ ପ୍ରିୟ ମୟୁରମାନେ ନୃତ୍ୟ କରିବାରେ ଲାଗିଥିଲେ । ଅଗ୍ନିରେ ପଙ୍ଗପାଳ ଯେପରି ଜଳିଉଠେ, ଠିକ୍ ସେହିପରି ମୟୁରଙ୍କ ଜ୍ୱଳନ୍ତ ନୃତ୍ୟ ଦେଖିବାକୁ ମିଳିଥିଲା । ପରିବେଶକୁ ପ୍ରଚୁର ଆନନ୍ଦ ମଧ୍ୟରେ ଠାଣି ସହିତ ମୟୁର ନୃତ୍ୟରେ ଲାଗିଥିଲେ । ସୁନ୍ଦର ସୁଲଳୀତ ରୂପରେ ନୃତ୍ୟରେ ଲାଗିଥିଲେ । ପରେ ପରେ ମୃଦୁବର୍ଷା, ଜନ ମନକୁ ଆନନ୍ଦ ଦେଇଥିଲା । ଗୋପାଳ ତରୁଣୀ ଗଣ ନିଜ ନିଜର ଅଜାଣତରେ ପାଦ ଦ୍ୱୟକୁ ନୃତ୍ୟରେ ଲଗାଇଥିଲେ । ଇତ୍ୟାଦି ସହିତକ ଏକ ସୁନ୍ଦର ପରିବେଶ ପ୍ରସ୍ତୁତ ହୋଇଥିଲା ।

**ଗ) ଗୋପକଦମ୍ବନିତମ୍ବବତୀମୁଖଚୁମ୍ବନଲମ୍ଭିତଲୋଭମ୍ ।**
**ବନ୍ଧୁଜୀବମଧୁରାଧରପଲ୍ଲବମୁଲ୍ଲସିତସ୍ମିତଶୋଭମ୍ ॥**
**ରାସେ ...... ॥ ୩ ॥**

ଗ) ବିଶେଷ ପାହାଡ଼ ପର୍ବତ କ୍ଷେତ୍ର ମଧ୍ୟରେ ଥିଲା । ଅନେକ ସମତଳ ଅଞ୍ଚଳ ମଧ୍ୟ ପରଂପରା କ୍ରମେ ଥିଲା । ମେଘ ନିଜ ଗର୍ଜନର ସର ମଧ୍ୟ କ୍ଷେତ୍ରରେ ଶୁଣା ଯାଉଥିଲା । ଲୋକ କଥାରେ କଥା ରହିଛିସ ମେଘ ନିଦ ଗର୍ଜନ ଦ୍ୱାରା ମୟୁରଙ୍କ ନୃତ୍ୟ କରାଏ । ପର୍ବତ ସଂଲଗ୍ନ ଅଞ୍ଚଳ ସମତଳ ଥିଲା । ତଥା ଚୁମ୍ବନ ଯୋଗ୍ୟ ଥିଲା । ଇତ୍ୟାଦି ପ୍ରକାରେ ପବିତ୍ର ମଧ୍ୟ ଥିଲା । ମିତ୍ର ପ୍ରାଣିଙ୍କୁ ଚୁମ୍ବନ ଦେଇ ଆପଣା କଲାପରି, ସମତଳ ଅଞ୍ଚଳକୁ ସେପରି କରାଯାଇଥିଲା । ଶୁଷ୍କ ଧୁମରୁ ଯେପରି ମଧୁର, ସୁକ୍ଷ୍ମରେ ନୂତନ ପତ୍ରର ସୃଷ୍ଟି, ଠିକ ସେପରି ଜଳ ପ୍ରବାହ ପରେ ମୃଦୁ ଚୁମ୍ବନ ଦେବାପରି ବୋଧ ହେଉଥିଲା ।

**ଘ) ବିପୁଳପୁଲକଭୁଜପଲ୍ଲବବଳୟିତବଲ୍ଲବଯବତୀସହସ୍ରମ ।**
**କରଚରଣୋରସି ମଣିମୟଭୂଷଣକିରଣବିଭିନ୍ନତମିଶରମ୍ ।**
**ରାସେ ..... ॥ ୪ ॥**

ଘ) ସମତଳ ତଥା ଚକ୍ରାକାର କ୍ଷେତ୍ର ଜମିରେ ବିପୁଳ ବର୍ଷା ହେଇଥିଲା । ସୁସ୍କକାଳେ ବର୍ଷା ଯୋଗୁଁ ଶୁଷ୍କ ବୃକ୍ଷ ଗୁଡିକରେ ରୋମାଞ୍ଚିତ ଭାବରେ ନୂତନ ପତ୍ର ଉଦୟ ହୋଇଥିଲା । ତା ସହ ସମଚଳ ଅଞ୍ଚଳ ଗୁଡିକରେ ତୃଣର ମଧ୍ୟ ଉଦୟ ଥିଲା । ଶ୍ରେଷ୍ଠ ଜନଙ୍କୁ ବା ତାଙ୍କ ଚରଣକୁ ସ୍ୱର୍ଶ କରି ମଥାରେ ଲଗାଇବା ଉଚିତ କିମ୍ବା ରତ୍ନ ଭୂଷଣ ବାକ୍ତିଙ୍କ ସମିପ ହେବାପାଇଁ ଯେପରି ଉତ୍କଣ୍ଠା ମନରେ ଉଦୟ ହୋଇଥାଏ, ସେପରି ଏଠାରେ ପ୍ରାତଃ କାଳରେ କିମ୍ବା ସନ୍ଧ୍ୟାର ଅନ୍ଧାର ମିଶା ଆଲୋକରେ ରଶ୍ମି ତୁଲ୍ୟ ଶିଶିର ଦେଖିବାକୁ ମିଳୁଥିଲା । ପୁନଃ ବହୁ ତରୁଣୀଙ୍କ ପ୍ରେମ ପ୍ରତି ଆକର୍ଷିତ ଥିଲା ।

**ଙ) ଜଳଦପଟଳଚଳଦିନ୍ଦୁବିନିନ୍ଦକଚନ୍ଦନତିଳକଲଲାଟମ୍ ।**
**ପୀନପୟୋଧରପରିସରମର୍ଦ୍ଦନନିର୍ଦ୍ଦୟହୃଦ.କପାଟମ୍ ॥**
**ରାସେ ..... ॥ ୫ ॥**

ଙ) କଠିନ ମେଘ ସୃଷ୍ଟି ହେବା ଆକାଶରୁ ଜଣା ଯାଇଥିଲା । ମେଘ ସାରା ତଳଚଞ୍ଚଳ ହେବା ଜଣା ଯାଇଥିଲା । ମଥାରେ ଚନ୍ଦନ ଟୋପାର ସୌନ୍ଦର୍ଯ୍ୟ ପରି ଜଣାଯାଉଥିଲା । କପାଳ ଟିକା ପରି ଆକାଶରେ ମେଘ ଦେଖାଦେବା ପରେ, ଉଥଳ ପୁଥଳ ହେବାରେ ଲାଗିଥିଲା । ଜନମନରେ କିନ୍ତୁ ଆକାଶର ମେଘ ମେଦିନୀ ପାଇଁ ନିଷ୍ଠୁର ଥିବା ପରି ମନେ ହେଉଥିଲା । କାରଣ ଜନ ସମୁଦାୟ ଆକାଶକୁ ବାରମ୍ବାର ଚାହୁଁଥିଲେ ଏବଂ ଆସଂକାରେ ଥିଲେ । ଅତୀତ ଉକ୍ତିରୁ ଜଣାଯାଏ, ଶ୍ୱଶୁର ଘରକୁ ନୂତନ ବଧୂ ଯିବାପରେ କବାଟର ଭିତର ପଟୁ ବନ୍ଦଥିବା ଦେଖିଲେ ଯେଉଁ ପରିସ୍ଥିତି ଜନ୍ମେ ସେପରି ସ୍ଥିତି ଥିଲା ।

**ଚ) ମଣିମୟମକରମନୋହରକୁଣ୍ଡଳମଣ୍ଡିତଗଣ୍ଡମୁଦାରମ୍ ।**
**ପୀତବସନମନୁଗତମୁନିମନୁଜାସୁରାସୁରବରପରିବାରମ୍ ॥**
**ରାସେ .... ॥ ୬ ॥**

ଚ) ଅତୀତ ଜନ ପ୍ରବାଦରୁ ଜଣାଯାଏ, ବ୍ରହ୍ମାଣ୍ଡର ପ୍ରଥମ ଶାସନ କ୍ଷେତ୍ର ଏଠାରେ ଥିଲା । ଏବଂ ପ୍ରଥମ ଶାସକ ଥିଲେ ସୟମ୍ଭୁବ ମନୁ । ମନୁ ରାଜପଦ ଗ୍ରହଣ କରିବା ପୂର୍ବରୁ କିନ୍ତୁ କ୍ଷେତ୍ର ସାରା ପୀତବସ୍ତ୍ର ପରିଧାନ କଲାପରି ଜଣାଯାଉଥିଲା । ମଣିଭୁଷିତ ପରି କ୍ଷେତ୍ର ମନୋହର ଦେଖାଯାଉଥିବା ସତ୍ୱେ ଆଭାର ଦିବ୍ୟତା ଥିବା ଜଣା ଯାଉଥିଲା । କର୍ଣ୍ଣରେ ଭୂଷଣ ଧାରଣ ପରେ, ଯେପରି ମୂଖ ଆକର୍ଷିତ ଜଣାଯାଏ, ସ୍ଥିତି ସେପରି ଜଣାଯାଉଥିଲା । ମନୁଙ୍କ ରାଜତ୍ୱ କାଳରେ ନିଜ କୁଟୁମ୍ବ ସହ ପରଂପରା ସହ ତାପସ ବୃନ୍ଦଙ୍କ ସହ ଦେବ, ରାକ୍ଷସ, ନାଗ, କିନ୍ନର, ଅପ୍ସରା ସହିତ ଇନ୍ଦ୍ର ମଧ୍ୟ ଏଠାରେ ବାସ କରୁଥିଲେ ।

**ଛ) ବିଶଦକଦମ୍ବତଳେ ମିଳିତଂ କଳିକଳୁଷଭୟଂ ଶମୟନ୍ତମ୍ ।**
**ମାମପି କିମପିତରଙ୍ଗମନଙ୍ଗଦୃଶା ମନସା ରମୟନ୍ତମ ॥**
**ରାସେ .... ॥ ୭ ॥**

ଛ) ପ୍ରଚଳିତ ଆକାଶ ମେଘ ଅଦୃଶ ପରେ ବର୍ଷାର ସ୍ଥିରତା ମଧ୍ୟ ଆସି ଯାଇଥିଲା । ନିର୍ମଳ ପରିବେଶ ମଧ୍ୟରେ ଅଞ୍ଚଳବାସୀ କଦମ୍ବ ବୃକ୍ଷ ମୂଳେ ଏକତ୍ରିତ ହୋଇଥିଲେ । ଜନସମୁଦାୟ ସ୍ଥିର ଜଣାଯାଉଥିଲେ । ନିଜ ନିଜ ଉଚ୍ଚାରଣ ମଉରୁ ଯାହା ହେଉ ପଛକେ ପ୍ରାଣି ପ୍ରତି ପ୍ରଭାବ ମଧ୍ୟ ଘୁରି ବୁଲୁଛି । ଅନ୍ୟ ପ୍ରାଣୀଙ୍କ ଗମନାଗମନ ଏହି ଦିବ୍ୟ କ୍ଷେତ୍ରରେ ନଥିଲେ ମଧ୍ୟ ସର୍ପ ମାନଙ୍କ ପ୍ରଭାବ କ୍ଷେତ୍ରରେ ଯଥେଷ୍ଟ ଥିବା ଜଣାଯାଏ । ଇତ୍ୟାଦି କ୍ରମରେ ସାରା କ୍ଷେତ୍ର ଦୃଶ୍ୟ ମନୋହର ପ୍ରଭାବରେ କେବଳ ଆନନ୍ଦ ହିଁ ଆନନ୍ଦ ଥିଲା ।

**ଜ) ଶ୍ରୀଜୟଦେବଭଣିତମତିସୁନ୍ଦରମୋହନମଧୁରିପୁରୂପମ ।**
**ହରିଚରଣସ୍ମରଣଂ ପ୍ରତି ସମ୍ପ୍ରତିପୁଣ୍ୟବତାମନୁରୂପମ୍ ॥ ୮ ॥**

ଜ) କ୍ଷେତ୍ରାଞ୍ଚଳ ପରିବେଶର ସମୃଦ୍ଧି, ସଂସ୍କାର ଓ ଦୃଶ୍ୟର ରଚନାକୁ ନେଇ, ନିଜ ବୁଦ୍ଧି ଓ ବିବେକକୁ ମନୋହର ଆକର୍ଷଣୀୟ କରାଇଲି । ପରିବେଶର ପ୍ରାଥମିକତା ମଧୁମୟ ରୂପରେ ବର୍ଣ୍ଣନା କରି ସମାଜକୁ ଉତ୍ସର୍ଗ କରି ଦେଲି । ଯେଉଁ ଅମୃତମୟ, ଅମୂଲ୍ୟ ତଥ୍ୟ କ୍ଷେତ୍ରରେ ଘଟିଥିବା ଘଟଣାମାନ, ବର୍ଣ୍ଣନା ଏଥିରେ ରହିଛି, ସେ ସାରା ତଥ୍ୟ ଅତୀତର ଅମୂଲ୍ୟ ସମ୍ପଦ । ରଚନାକାରଙ୍କ ରଚନାରେ ଥିବା ବର୍ଣ୍ଣନା କେବଳ ମନଯାତ ନୁହେଁ, କଳ୍ପନା ମଧ୍ୟ ହୋଇପାରେ, କାରଣ କିନ୍ତୁ କ୍ଷେତ୍ର କୃଷ୍ଣରୂପରେ ଥିଲା ରାଧା ପ୍ରଭାବରେ ବର୍ଣ୍ଣନା କଲି ।

**ଦ୍ୱିତୀୟ ସର୍ଗ ଶ୍ଳୋକ-୧୪**

**ଗଣୟତି ଗୁଣଗ୍ରାମଂ ଭ୍ରାମଂଭ୍ରମାଦପି ନେହତେ**
**ବହତି ଚ ପରିତୋଷଂ ଦୋଷଂ ବିମୁଞ୍ଚତି ଦୂରତଃ ।**
**ଯୁବତିଷୁ ଚଳତୃଷ୍ଣେ କୃଷ୍ଣେ ବିହାରିଣି ମାଂ ବିନା**
**ପୁନରପି ମନୋବାମଂକାମଂ କରୋତି କରୋମି କିମ୍ ॥ ୧୪ ॥**

ପଞ୍ଚ ଭୁତାକାର ପରିବେଶ ମଧ୍ୟରେ ଥିବା କ୍ଷେତ୍ରକୁ ନେଇ ଜଳ, ବାୟୁକୁ କହୁଛି, ଏପରି ଏକ ନିର୍ଜନ, ନିଶ୍ଚଳ, ନିଛାଟିଆ କ୍ଷେତ୍ରରେ ଅଗଣିତ ଗୋପ ତରୁଣୀଗଣ ନିର୍ଭୟରେ କିପରି ରହିଛନ୍ତି ? ସମୁଦାୟଙ୍କ ମଧ୍ୟରୁ କେହି ହେଲେ ଜଣେ ମତେ ଆପଣାର କରି ପାରିଲେ ନାହିଁ । ସମୁହଙ୍କୁ ମତେ କିନ୍ତୁ ଆପଣେଇବାକୁ ପଡୁଛି । କ୍ଷେତ୍ର ମତେ କିନ୍ତୁ ଆପଣେଇବାକୁ ପଡୁଛି । କ୍ଷେତ୍ର ଜନ ମୋର ପ୍ରାଣ । ମୋର ମୃତ୍ୟୁ କେବେ ନହେଉ । ଦିନରାତି କ୍ଷେତ୍ରଗୁଣ କେବଳ ଜପୁଥିବି । ଇଛା ମୃତ୍ୟୁରେ ସଂସ୍କାର ହେବି । କିନ୍ତୁ ମରିବା ଯାଏଁ କ୍ଷେତ୍ର ସହ ଥିବି । କାରଣ କ୍ଷେତ୍ରର ପ୍ରେମ ଲାଳସା ମତେ ବାନ୍ଧି ରଖିଛି । କ୍ଷେତ୍ର ମନୋହର ଦୃଶ୍ୟକୁ ଦେଖି

ଦେଖି ଗୁଣଗାନ କରୁଥିବି । ବାୟୁଙ୍କୁ ଶେଷରେ ପଚାରିଥିଲେ – ଏହି ଭୂତାକାର କାଳରେ ବିନା ବିମୁଖରେ ଏପରି ପ୍ରଶଂସା କରିବା ମୋଦ୍ୱାରା ସମ୍ଭବ କି ?

**ଷଷ୍ଠ ପ୍ରବନ୍ଧ**

**ରାଗ- ମାଳବ, ତାଳ – ରୂପକ**

**ସୂଚନା-**

**ରତୋ ସୁକାନ୍ତ ପଥ ପ୍ରତୀକ୍ଷା ମାଳା ପୟନ୍ତ ମୃଦୁ ପୁଷ୍ପ ତଲ୍ପେ**

**ଇତସ୍ତତଃ ପ୍ରେରିତ ଦୃଷ୍ଟିରାର୍ଦ୍ରା ଶ୍ୟାମା ତନୁ ଗୁଣ୍ଠକିରୀ ପ୍ରବିଷ୍ଟା ॥ ୧ ॥**

ଅତି ଆନନ୍ଦର ପରିଚୟ ସାରା କ୍ଷେତ୍ର ଦେଉଥିଲା । ଆତ୍ମିୟତା ତୁଲ୍ୟ ସୁପ୍ରିୟ ଥିଲା । କ୍ଷେତ୍ର ମଧରେ ଯେପରି ଶ୍ରଦ୍ଧାର ମାଳା ରହିଛି, ସେ ଶ୍ରଦ୍ଧା କ୍ଷେତ୍ର ସୀମା ମଧରେ ରହି ଆସିଥିବା ସୁକ୍ଷ୍ମ ପୃଷ୍ଠ ମୃର୍ତ୍ତିକା ଯାହାକି ମୃଦୁଳା ତୁଲ୍ୟ ଉର୍ବର ଥିଲା । କ୍ଷେତ୍ର ସୁମୁଦାୟ ଦେଖିବା ପରେ ଲତା ପୁଷ୍ପ ଗୁଡ଼ିକ ଉକ୍ତ ଉର୍ବର ମୃତ୍ତିକାରେ ଠିଆ ହୋଇ ରହିବା ପରି ଜଣା ଯାଉଥିଲା । କ୍ଷେତ୍ର ସାରାର ଯେଉଁ ସ୍ଥଳକୁ ଦେଖିବ, ସ୍ଥିର ସେପରି ହିଁ ଦେଖିବ । ନିରିକ୍ଷେଇ ଯଦି ଦେଖିବ ତେବେ କ୍ଷେତ୍ର ଶରୀର ହୀନ ଶ୍ୟାମ ବେଶ ପରିବେଶ ତୁଲ୍ୟ ଜଣାଯିବ ଅନୁଭବ ସ୍ୱର୍ଶ କରିବା ପରେ କ୍ଷେତ୍ରକୁ ସେ ଅପୂର୍ବ ଦୃଶ୍ୟ, କେବଳ ପ୍ରାର୍ଥନା କଲା ପରି ଜଣା ଯାଉଥିଲା ।

**କ) ନିଭୃତ ନିକୁଞ୍ଜଗୃହଂ ଗତୟାନିଶି ରହସି ନିଲୀୟ ବସନ୍ତମ୍ ।**
**ଚଳିତବିଲୋକିତସକଳଦିଶା ରତିରଭସବସେଣ ହସନ୍ତମ୍ ।**
**ସଖି ହେ, କେଶିମଥନମୁଦାରମ୍ ॥**
**ରମୟ ମୟା ସହ ଧ୍ରୁବମଦନ ମନୋରଥ ଭାବିତୟା ସବିକାରମ୍ ॥**

କ) ସାରା ମାଳବ କ୍ଷେତ୍ରରେ ଅନେକ ଲତାକୁଞ୍ଜ ଥିଲା । ପ୍ରସ୍ତୁତ କୁଞ୍ଜ ଗୁଡିକ ଗୃହ ତୁଲ୍ୟ ଜଣାଯାଉଥିଲା । କୁଞ୍ଜ କୋଟର ଗୁଡ଼ିକ ଅନ୍ଧାର, ରହସ୍ୟମୟ ଜଣାଯାଉଥିଲା । ଋତୁ ବସନ୍ତରେ ଏକାନ୍ତ କୁଞ୍ଜ ଗୁଡ଼ିକ ଭିନ୍ନ ସରୂପ ତଥା ଦେଖିଲେ ଆଶ୍ଚର୍ଯ୍ୟ ଲାଗୁଥିଲା । କାରଣ ସାରା କୁଞ୍ଜ ଆନନ୍ଦ ପ୍ରଦାୟକ ଥିଲା । ମହୁମାଛି ବୃନ୍ଦ ପ୍ରସନ୍ନତା ତଥା ଗୁଣୁଗୁଣୁ ଧ୍ୱନୀ କରି ମଧୁ ସଂଗ୍ରହରେ ବ୍ୟସ୍ତ ରହୁଥିଲେ । ସେମାନେ ପୁନଃ ପୁଷ୍ପକେଶରକୁ ଦଂଶନ କରି ଆନନ୍ଦକୁ ପାଉଥିଲେ । ଏପରି କାଳେ ଗୋଟିଏ ମହୁମାଛି, ଅନ୍ୟ ଏକ ମହୁମାଛିକି କହୁଥିଲା, ହେ ସଖି ! ଆମ୍ଭ ସମୁଦାୟରୁ ଯେ ଉତ୍ତମ ମହୁ ସଂଗ୍ରହ କରିପାରିବ, ସେ ଆମ ସହିତ ରହିପାରିବ । ପ୍ରକୃତରେ ଏପରି ପ୍ରାଣିଙ୍କ ସହ ମୁଁ କିନ୍ତୁ ବିଚାର କରି ମିଶିବି ।

**ଖ) ପ୍ରଥମସମାଗମଲଜ୍ଜିତୟା ଶପଟୁଚାଟୁଶତୈରନୁକୁଳମ୍ ।**
**ମୃଦୁମଧୁରସ୍ମିତଭାଷିତୟା ଶିଥିଳୀକୃତଜଘନଦୁକୁଳମ୍ ॥**
**ସଖି ହେ .... ॥ ୨ ॥**

ଖ) ଯେଉଁ ସାରା ମାଳବ କ୍ଷେତ୍ରରେ ଏବଂ ଯେବେ ପ୍ରଥମ ମିଳନ ହୋଇଥିଲା, ସେ ସ୍ୱର୍ଶ କାଳର ପରିବେଶର ଦୃଶ୍ୟ ଶ୍ରଦ୍ଧାର ସହ ବିନୟତା ଥିଲା । ପୁଣି କେଉଁ ମହାପୁରୁଷଙ୍କ ଚାଟୁ କଥାରେ କିମ୍ୱା ଅଭିଶାପରେ ସାରା କ୍ଷେତ୍ର ସଂଗ୍ରାମ ସ୍ଥଳି ପାଲଟି ଯାଇଥିଲା । କ୍ଷେତ୍ର ସାରା ରଣାଙ୍ଗନ ହେବା ସତ୍ୱେ, ପରିବେଶ ମଧରେ ଋଚି, କୋମଳତା ମଧୁରତା, ଆତ୍ମିୟତା ତଥା ମୃଦୁ ଯୁକ୍ତ ଜଳବାୟୁର ପ୍ରଭାବ ପ୍ରଚଳନ ଥିଲା । ଏପରି ପ୍ରଭାବରେ ପ୍ରଚଳିତ ହୋଇ ରହିଆସିଥିବା ସାରା ମାଳବ କ୍ଷେତ୍ର ଯୁକ୍ତ ହେବାପରେ ସେହି ମାସ ସାରା ଶୀତଳତା ସହ ଉଷ୍ଣତାର ଅନୁଭବକୁ ଦାନ, ପରିବେଶ କରୁଥିଲା ।

**ଗ) କିଶଳୟଶୟନନିବେଶିତୟା ଚିରମୁରସି ମମୈବ ଶୟାନମ୍ ।**
**କୃତପରିରଣଚୁମ୍ୱନୟା ପରିରଭ୍ୟ କୃତାଧରପାନମ୍ ।**
**ସଖି ହେ ... ॥ ୩ ॥**

ଗ) ମାଳବାଞ୍ଚଳ ମଧରେ ରହିଥିବା ବୃକ୍ଷ ଲତାଦିରେ ନୂତନ ପତ୍ରମାନ ଅଙ୍କୁରିତ ହେବାରେ ଲାଗିଥିଲା । ଲତା ଗୁଡିକ ଦ୍ୱାରା ପ୍ରସ୍ତୁତ ହୋଇଥିବା କୁଞ୍ଜ ବାସଗୃହ ଗୁଡିକ ମଧରେ ବହୁ ସମୟ ଶୋଇବା ପରି ବୋଧଗମ୍ୟ ହେଉଥିଲା । ଲତା ଦ୍ୱାରା କୁଞ୍ଜ ବାସଗୃହକୁ ସଜେଇ ଦିଆ ଯାଇଥିଲା । ପୁନଃ କୁଞ୍ଜ ଗୃହଗୁଡିକୁ ବାଡ଼ ଦ୍ୱାରା ମୋର କହି ଆବଦ୍ଧ କରା ହୋଇଥିଲା । ବାଡ଼ ଦ୍ୱାରା କୁଞ୍ଜ ଗୃହଗୁଡିକ ଆବଦ୍ଧ ହେବା ପରେ ଅତି ସୁନ୍ଦର ଦେଖା ଯାଉଥିଲା । କ୍ଷେତ୍ରର ପରିବେଶ ସ୍ଥିତି ଏପରି ଥିଲା, ଚୁମା ଦେବାକୁ ଇଚ୍ଛା ହେଉଥିଲା । କିନ୍ତୁ ଗୃହ ଗର୍ଭସ୍ଥ ଶୟନ ସ୍ଥଳି ଜଳ କଷ୍ଟ ତୁଲ୍ୟ ବୋଧ ହେଉଥିଲା ।

**ଘ) ଅଳସନିମୀଳିତଲୋଚନୟା ପୁଲକାବଳିଲଳିତକପୋଳମ୍ ।**
**ଶ୍ରମଜଳସିକ୍ତକଳେବରୟା ବରମଦନମଦାଦତିଲୋଳମ୍ ॥**
**ସଖି ହେ .... ॥ ୪ ॥**

ଘ) ପୃଥିବୀ ପୃଷ୍ଠରେ ମାଳବାଞ୍ଚଳ ମୁକୁଟ ସଦୃଶ ଜଣାଗଲେ ମଧ୍ୟ ସମ୍ପୂର୍ଣ୍ଣ ରୂପେ ପୂର୍ଣ୍ଣ ପରିବେଶ ହୋଇ ପାରିନଥିଲା । ପରିବେଶ ଅବସ୍ଥା ଦୁର୍ବଳ ଦ୍ୱାରା ଅବସ୍ଥା କ୍ଳାନ୍ତ ଜଣା ଯାଉଥିଲା । କିନ୍ତୁ କଳ୍ପିତ ଆନନ୍ଦର କୋମଳତା ସହ ଶ୍ରମ କରିବାରେ ଦୃଢ଼ତା ଥିଲା । ଅଭିଷ୍ଟ ସନ୍ଧିପାଇଁ ଇନ୍ଦ୍ରଦେବତା ଏହି କ୍ଷେତ୍ରରେ ନିଶାଖୋର ପରି ବର୍ଷା କରାଇଥିଲେ । କନ୍ଦର୍ପ ତୁଲ୍ୟ ବର୍ଷା ମଧ୍ୟ ହୋଇଥିଲା । ଅଞ୍ଚଳ ଜନସମୁହ ମନେ ମନେ ବିଚାର କରି ପରସ୍ପର ମଧ୍ୟରେ କୁହା କୁହି ହେଉଥିଲେ । ସେମାନଙ୍କ କୁହା କୁହି ଶବ୍ଦ ତଥା ଅଙ୍ଗ ଭଙ୍ଗିରୁ ଜଣାଯାଉଥିଲା ଯାହା ହେଉ ବର୍ଷା ଠିକ୍ ସମୟରେ ଫେରି ଆସିଛି ।

(ଙ) କୋକିଳକଳରବକୂଜିତୟା ଜିତମନସିଜତନ୍ତ୍ରବିଚାରମ୍ ।
ଶ୍ଳଥକୁସୁମାକୁଳକୁନ୍ତଳୟା ନଖଲିଖିତଘନସ୍ତନଭାରମ୍ ॥
ସଖି ହେ .... ॥ ୫ ॥

ଙ) ଅସ୍ପଷ୍ଟ, ମଧୁର ରାଗରେ କୋଇଲିର କୁହୁ କୁହୁ ସ୍ୱର ଏହି ମାଳବ କ୍ଷେତ୍ରରେ ଚମକ ଦେଉଥିଲା । କୋଇଲିର ସେ ମଧୁର ସ୍ୱରକୁ କନ୍ଦର୍ପଗଣ ଏହି କ୍ଷେତ୍ରରେ ବଶିକୃତ ହୋଇ ଶୁଣୁଥିଲେ । ସ୍ଥିତିର ଏପରି ବିଚାରରେ ବୁଝିବା ଉଚିତ ହେବ ଏହି ଯେ, ତନ୍ତରେ ଯେପରି ମାଙ୍କୁକଣ୍ଡା ଏକତ୍ର ଏ ଅଡ଼ାରୁ ସେ ଅଡ଼ା, ସେ ଅଡ଼ାରୁ ଏ ଅଡ଼ାକୁ ହୋଇ ଶବ୍ଦ ଆଲୋଡ଼ନ ଯେପରି ସୃଷ୍ଟି କରିଥାଏ, ସେପରି କ୍ଷେତ୍ରରେ ଶବ୍ଦ ଶୁଣା ଯାଉଥିଲା । ତ୍ରିଭୁବନ ଅକ୍ତିଆର ପାଇଁ ବାମନ ଦେବତା ଆକାଶକୁ ଡାହାଣ ପାଦ ଘୁରାଇବା କାଳେ ବୁଢ଼ା ଆଙ୍ଗୁଳି ନଖ ବାଜି ଆକାଶ ଚିରି ହୋଇ ଜଳ ପ୍ରକଟକୁ ଗଙ୍ଗା କୁହାଗଲା ।

**(ଚ) ଚରଣରଣିତମଣିନୂପୁରୟା ପରିପୂରିତସୁରତବିତାନମ୍ ।**
**ମୁଖରବିସୃଙ୍ଖଳ ମେଖଳୟା ସକଚଗ୍ରହଚୁମ୍ବନଦାନମ୍ ॥**
**ସଖି ହେ .... ॥ ୬ ॥**

ଚ) କ୍ଷେତ୍ର ମାଳବର କେନ୍ଦ୍ର ବା ମେରୁ ଚରଣ ପ୍ରତି ତଥା ପରିବେଶ ପାଇଁ ଚୁମ୍ବକୀୟ ଥିଲା । ଆକାଶରେ ପ୍ରକଟିତ ଶବ୍ଦ ଘଡ଼ ଘଡ଼ି, ଚଡ଼ଚଡ଼ି ଆଦିର ଶବ୍ଦ କେନ୍ଦ୍ର ଗର୍ଭପାଇଁ ଆକର୍ଷଣୀୟ ଥିଲା । କ୍ଷେତ୍ର ଆକାଶରେ ଉଇଁଥିବା ଶବ୍ଦ ନୃତ୍ୟର ଘଂଘୁର ଶବ୍ଦତୁଲ୍ୟ ପାଦଦେଶ ଆଗ୍ରହୀ ଥିଲା । ଆକାଶର ଶବ୍ଦ ଦକ୍ଷତା ପ୍ରତିବଦଳରେ, ଅସ୍ତବ୍ୟସ୍ତ ପରିବେଶ ମଧ୍ୟରେ ବିଶୃଙ୍ଖଳିତ ଥିଲା । ଚୁମ୍ବକୀୟ ପୂର୍ଣ୍ଣ କ୍ଷେତ୍ର ରହିଥିବା କାରଣକୁ ନେଇ ପରିବେଶ ମଧ୍ୟ ଚୁମ୍ବକୀୟ ଥିଲା । ଯଦ୍ୱାରା କ୍ଷେତ୍ର ମଧ୍ୟରେ ସ୍ନେହ, ଶ୍ରଦ୍ଧା, ନିଷ୍ଠା, ଆତ୍ମିକତା ଆଦି ପ୍ରାଣିକୁ ଏଠାରେ ବାନ୍ଧି ରଖିଥିଲା ।

**(ଛ) ରତିସୁଖସମୟରସାଳସୟା ଦରମୁକୁଳିତନୟନସରୋଜମ୍ ।**
**ନିଃସହନିପତିତତନୁଲତୟା ମଧୁସୂଦନମୁଦିତମନୋଜମ୍ ॥**
**ସଖି ହେ .... ॥ ୭ ॥**

ଛ) ଆନନ୍ଦର ଆନନ୍ଦ ବା ପରମାନନ୍ଦ ସମୟ ବୋଧହୁଏ ଆସିଯାଇଥିଲା । କ୍ଷେତ୍ରରେ ରହିଥିବା ଗିରି ଗୁହା ପର୍ବତ, କନ୍ଦରରୁ ମଧୁମଧୁରସ, ରସରସାଳ, ଶ୍ରୁତି ଆକର୍ଷିତ ଶବ୍ଦମାନ ଉତ୍ପତ୍ତି ହୋଇ କ୍ଷେତ୍ର ଶୂନ୍ୟରେ ପ୍ରଭାବ ବିସ୍ତାର କରି ଚାଲିଥିଲା । ସାରା କ୍ଷେତ୍ର ପରିବେଶ ମଧ୍ୟରେ ଅତି ଆଶ୍ଚର୍ଯ୍ୟ ବିଷୟ ଦେଖିବାକୁ ମିଳିଥିଲା । ବିଷୟ ଗୁଡ଼ିକ କେବଳ ମାଳବ ଅଞ୍ଚଳ ସ୍ପର୍ଶ କରୁଥିଲା । ବାହ୍ୟ ସ୍ପର୍ଶ ନକଲେ ମଧ୍ୟ ମାଳବ କ୍ଷେତ୍ରସ୍ଥ ଭୂଭାଗରେ ଥିବା ଲତା, ଅପୂର୍ବତାକୁ ନେଇ ମାଲୁଥିଲା । ଇତ୍ୟାଦିରୁ ସ୍ପଷ୍ଟ ଏହି ଯେ ମହୁମାଛିଙ୍କ ମଧୁ ସଂଗ୍ରହ କ୍ଷେତ୍ର କେବଳ ଏହି ମାଳବ କ୍ଷେତ୍ରା ଥିଲା ।

**(ଜ) ଶ୍ରୀଜୟଦେବଭଣିତମିଦମତିଶୟମଧୁରିପୁନିଧୁବନଶୀଳମ୍ ।**
**ସୁଖମୁତ୍କଣ୍ଠିତଗୋପବଧୂକଥିତଂବିତନୋତୁସଲୀଳମ୍ ॥ ୮ ॥**

ଜ) ଦିବ୍ୟ ଗ୍ରନ୍ଥଟିର ବିକାଶ ସହିତ ରଚନା କରିଛନ୍ତି, ରଚନା କାରଣ ଶ୍ରୀଜୟଦେବ କବି ଅତି ଆନନ୍ଦ ସହ କ୍ଷେତ୍ର ବର୍ଣ୍ଣନା କରି ଯାଇଛନ୍ତି । ଶୋଇ ରହିଥିବା ବିଷୟ ଗୁଡିକୁ ଜୀବନ ପ୍ରଦାନ କରି ଅବଲୋକନ ସମାଜକୁ କରାଇଛନ୍ତି । ଯାହାକି ପରିବେଶ ଆପାଶୋରା ପରିବେଶ ମଧ୍ୟରେ ଲୁଚି ରହିଥିବା ବିଷୟ ଗୁଡିକୁ ଲୋକଲୋଚନକୁ ଅଣାଇବାକୁ ତତ୍ପର ହୋଇ ପଡିଛନ୍ତି ।

ମହୁମାଛି ଯେପରି ମହୁ ସଂଗ୍ରହ କାଳେ ପୁଷ୍ପବନେ ମୈଥୁନ କରି ମହୁ ସଞ୍ଚୟ କରିଥାନ୍ତି, କବି ସେପରି ଚେଷ୍ଟା କରିଛନ୍ତି । କ୍ଷେତ୍ରକୁ ଗୋପନାରୀମାନେ ଯେପରି ପ୍ରସନ୍ନ କରି ରଖିବା ପରି, ଅତୀତ ଗୌରବ ଫେରାଇ ଆଣିବା ତାଙ୍କ ଉଦ୍ଦେଶ୍ୟ ।

**ଦ୍ୱିତୀୟ ସର୍ଗ ଶ୍ଳୋକ ୧୫**

**ହସ୍ତସ୍ରସ୍ତିଳାସବଂଶମନୃଜୁଭ୍ରୂବଲ୍ଲିବଦ୍ଧଲ୍ଲବୀ-**
**ବୃନ୍ଦୋତ୍ସାରିଦୃଗନ୍ତବୀକ୍ଷିତମତି ସ୍ୱେଦାର୍ଦ୍ରଗଣ୍ଡସ୍ଥଳମ୍ ।**
**ମାମୁଦ୍‌ବୀକ୍ଷ୍ୟବବିଲଜ୍ଜିତସ୍ମିତସୁଧାମୁଗ୍ଧାନନଂକାନନେ**
**ଗୋବିନ୍ଦଂ ବ୍ରଜସୁନ୍ଦରୀଗଣବୃତଂପଶ୍ୟାମି ହୃଷ୍ୟାମି ତ ॥ ୧୫ ॥**

କ୍ଷେତ୍ର ମାଳବ ପରିବେଶରେ ପଞ୍ଚଭୂତାକାରର ପ୍ରକଟ ହୋଇଥିଲା । ପ୍ରକୃତି ଇଛାରେ କ୍ଷେତ୍ର ମାତୃତ୍ୱ ପ୍ରଭାବକୁ ସୃଷ୍ଟି କରିପାରିଥିଲା । ନିଜେ ମା (ପ୍ରକୃତି) ପ୍ରଶ୍ନ କରିଥିଲେ- ଏଠାରେ ଏହି ସଚେତନକୁ କିଏ ପ୍ରସ୍ତୁତ କରିଚି । କ୍ଷେତ୍ରବାସୀଙ୍କ ଚଳଣୀ ଦେଖିଲେ ନିଶ୍ଚୟ ହସ ତ ଲାଗିବ କିନ୍ତୁ ବିଚାରରେ ଉଷ୍ମତା ଭରି ରହିଛି । ଯଥାର୍ଥତାର ସୃଷ୍ଟି ଏପରି ଯେ, ଗୋପନାରୀଙ୍କ ଦୃଷ୍ଟିରେ ଯଥାର୍ଥତା ସାରା କ୍ଷେତ୍ରରେ ଘେରି ରହିଛି । ଘେରି ରହିଥିବା ଦୃଷ୍ଟିରେ ରହିଥିଲା ପ୍ରେମର ପୁଲକ, ଆଶ୍ଚର୍ଯ୍ୟ, ଐଶ୍ୱର୍ଯ୍ୟ, ଏହାଙ୍କ ସଂକେତ । ଗୋପାଙ୍ଗମାନଙ୍କୁ ପ୍ରକୃତି ଦେଖିବା ପରେ ମାଙ୍କ ମାତୃତ୍ୱ ଦେଖି ହସିବା କାରଣ କଣ ? ମୋ ମାତୃତ୍ୱ ପରିବେଶକୁ ବ୍ୟାଜ ପକ୍ଷୀ ଦେଖି ହସିଲା ପରି, ହସି ଅନୁତାପ କରି କହିଥିଲେ- ଆଉ ସେ ଅତୀତ ଦୁଃଖକୁ ଏଠାରେ ଦେଖିବା ବିରଳ । ମୁଁ କିନ୍ତୁ ଆନନ୍ଦିତ ଏହି ଯେ ଆଉ ସେ ଅପଘନ ଏଠାରେ ଆଉ ନାହିଁ ।

**ଶ୍ଳୋକ- ୧୬**

**ଦୂରାଲୋକସ୍ତୋକସ୍ତବକନବକାଶୋକଲତିକା-**
**ଭିକାସଃ କାସୀରୋପବନପବନୋଽପି ବ୍ୟଥୟତି ।**
**ଅପି ଭ୍ରାମ୍ୟଦ୍ ଭୃଙ୍ଗୀରଣିତରମଣୀୟାନମୁକୁଳ-**
**ପ୍ରସୂତିଶ୍ଚୂତାନାଂ ସଖ୍ଯ ! ଶିଖରିଣୀୟଂ ସୁଖୟତି ॥୧୬॥**

ମାନବାଞ୍ଚଳ ଶୋର ବିହିନ କ୍ଷେତ୍ର ଥିଲା, ଦେବରାକ୍ଷସାଦି କେହିହେଲେ କ୍ଷେତ୍ରକୁ ଦୁଃଖ ଦେବାରେ ସମର୍ଥ ହୋଇ ପାରିନଥିଲେ । ଅଶୋକ ଛାୟା ଯଦି ପୁନଃ ସେଠାରେ ଦେଖିବାକୁ ମିଳେ ତେବେ ମଧ୍ୟ ମନକୁ ସଚ୍ଛତା ହିଁ ସ୍ପର୍ଶ କରୁଥିବ । କାରଣ ସେଠାରେ ବିରହ ସୃଷ୍ଟି ବେଦନା ସୃଷ୍ଟି ହୋଇ ସାରିଥିଲା । ଏପରି ଦୁଃଖ ସୁଖ ବିହିନ ସ୍ଥିତିରେ କିପରି ଜୀବନ ଧାରଣ କରିହେବ ? ପରିବେଶ ସଂସ୍କାରକୁ ନଜାଣି ଗୋପ ତରୁଣୀମାନେ ଏଠାରେ କିପରି ଚଳ ପ୍ରଚଳ ହେବେ ? ଏଠାରେ ଜଳାଶ୍ରୟ ତୀରରେ ଅବଶ୍ୟ ମଳୟ ପ୍ରବାହ ରହିଛି । ତଥାପି ଅତୀତର ସେ ପ୍ରିତି ନାହିଁ । ଏଥିରେ ସହ୍ୟ କରି ପରିବେଶ କିପରି ବହନ କରି ପାରିବ ? କ୍ଷେତ୍ରକୁ ମଧ୍ୟ କିପରି ସମ୍ଭାଳି ପାରିବ ? ଆମ୍ବ ବଉଳ ଶେଷରେ ଭ୍ରମରଙ୍କ ମହୁ ସଂଗ୍ରହରେ ଯେପରି ବାଧା ଆସେ, ସେପରି ଅବସ୍ଥା ମୋର ହେବନୀ ତ ?

**ଶ୍ଳୋକ-୧୭**

**କଂସାରିରପି ସଂସାରବାସନାବଦ୍ଧଶୃଙ୍ଖଳାମ୍ ।**
**ରାଧାମାଧାୟ ହୃଦୟେ ତତ୍ୟାଜ ବ୍ରଜସୁନ୍ଦରୀ ॥୧୭॥**

ପରିବେଶ ମଧ୍ୟରେ ବାସ୍ତବର ବାସ୍ତବତା ତତ୍ୱର ଆବଶ୍ୟକତା ରହିଛି । ବର୍ତ୍ତମାନ ମଧ୍ୟ ଉକ୍ତଆବଶ୍ୟକତା ମନକୁ ସ୍ପର୍ଶ କରି ଚାଲିଛି । ପ୍ରକୃତିସ୍ଥ ସ୍ଥରର ଏପରି ବିଷୟକୁ ଦୃଷ୍ଟିରେ ରଖି ଗୋପ ତରୁଣୀଗଣ, ସେପରି ପବିତ୍ର କ୍ଷେତ୍ରକୁ ତ୍ୟାଗ କରିପାରି ନଥିଲେ । ସାରା କ୍ଷେତ୍ରର ସଚ୍ଛଳତାକୁ ନିର୍ମଳ, ଶୁଭ୍ର, ସର୍ବଦା ରଖିବା ଦୃଷ୍ଟିରେ ମନସ୍ଥ କରି, ଗୋପ ତରୁଣୀଗଣ ପରିବେଶ ଯେପରି ସୁରକ୍ଷା ରହିବ କ୍ଷେତ୍ର ମଧ୍ୟରେ ରହି ଆସୁଥିବା ସାଧୁଜନମାନଙ୍କୁ ସୂଚାଇ ଚାଲିଥିଲେ ।

**ଶ୍ଳୋକ- ୧୮**

**ଇତସ୍ତତସ୍ତାମନୁସୃତ୍ୟରାଧିକାମନଙ୍ଗବାଣବ୍ରଣଖିନ୍ନମାନସଃ ।**
**କୃତାନୁତାପଃକଳିନ୍ଦନନ୍ଦିନୀତଟାନ୍ତକୁଞ୍ଜେ ନିଷସାଦମାଧବଃ ॥୧୮॥**

ମାଳବ କ୍ଷେତ୍ରରେ ଯେଉଁ ତୁଳସୀବନ ପ୍ରତିୟମାନ ଥିଲା, ତାର ଉଭୟ ପାର୍ଶ୍ୱକୁ ଖୋଜିବା ପରେ ମଧ୍ୟ ବାସ୍ତବତାକୁ କେହି ପାଇ ପାରି ନଥିଲେ । କିନ୍ତୁ ବାସ୍ତବତାକୁ ନପାଇ ମନରେ ଯେଉଁ ସନ୍ତାପ ରହିଥିଲା, ତା ପ୍ରଭାବ ଲତା କୁଞ୍ଜ ପ୍ରତି ଆସକ୍ତ ହୋଇ ରହି ଆସିଥିଲା । ସ୍ଥିତି ଏପରି ପ୍ରକାରର ସେଠାରେ ପ୍ରକାଶ

ପାଇଥିଲା, ଯଦ୍ୱାରା କ୍ଷେତ୍ର କାମବାଣ ପରିଶର ଭୁକ୍ତ ହୋଇ ପାରିଥିଲା । ଏଣୁ କାମବାଣ ଇଛାରେ ଉକ୍ତ କୁଞ୍ଜମାନଙ୍କ ମଧ୍ୟରେ ଥିବା ପ୍ରତ୍ୟେକ ପଞ୍ଚପ୍ରାଣତତ୍ୱକୁ ପ୍ରାପ୍ତ ହୋଇ ଅନୁତାପର ସହିତ ପହଞ୍ଚି ପାରିଥିଲେ ।

**ତୃତୀୟ ସର୍ଗ ସପ୍ତମ ପ୍ରବନ୍ଧ**

**ରାଗ ଗୁର୍ଜରୀ, ଯତି – ତାଳ**

**ମାମିୟଂ ଚଳିତାବିଲୋକ୍ୟବୃତଂ ବଧୂନିଚୟେନ ।**
**ସାଽପରାଧତୟା ମୟାଽପିନବାରିତାଽତିଭୟେନ ॥**
**ହରି ହରି ।**
**ହତାଦରତୟା ଗତା ସା କୁପିତେବ ॥ କ ॥**

ଏପରି ଏକ ଦିବ୍ୟ କ୍ଷେତ୍ରରେ ରହି ଆସିଥିବା ମୋର ପବିତ୍ର ଦୃଶ୍ୟର ସ୍ଥିତି ପ୍ରଚଳିତ ଏହି କାଳରେ ଆଉ ଦେଖିବାକୁ ମିଳିବ ନାହିଁ କି ମିଳୁନି । ସେ ଗୋପନାରୀଙ୍କ ପ୍ରଭାବ ଆଉ ପୂର୍ଣ୍ଣଭାବେ ନାହିଁ । ଅପରାଧି କରଣ ପ୍ରଭାବକୁ କ୍ଷେତ୍ର ଆସି ଯାଉଛି । ଦାନବ ଶିଳ୍ପି ମୟଦେବଙ୍କ ଇଛା ଶକ୍ତି କ୍ଷେତ୍ର ମଧ୍ୟରେ ପ୍ରୟୋଗ ହୋଇଥିଲା । ଏଥକୁ ଆଧାର ପୂର୍ବକ ଅନୁଧ୍ୟାନରୁ ଜଣାଯାଏ ପରିବେଶରୁ ସ୍ୱତଃ ଉଠିଥିବା ଉୟରୁ କେବଳ ଘଟଣାମାନ ଘଟୁଛି । କ୍ଷେତ୍ର ସବୁଜ ଅତୀତରୁ ପ୍ରଭାବ ବିସ୍ତାର କରି ଆସିଛି । ବର୍ତମାନ ସହ ଅତୀତ ତୁଳନାରୁ ଜଣାଯାଏ ସେଠାରେ ରହିଥିବା ଗହ୍ୱର ସେଠାରେ ନାହିଁ କି, କୃଷିର ପ୍ରଭାବ ମଧ୍ୟ ଆଉ ନାହିଁ । କିନ୍ତୁ ପ୍ରତିକ ରୂପେ ସବୁଜତା ରହି ଆସିଛି ।

**କିଂ କରିଷ୍ୟତି କିଂ ବଦିଷ୍ୟତି ସା ଚିରଂ ବିରହେଣ ।**
**କିଂ ଜନେନ ଧନେନ କିଂ ମମ କିଂ ଗୃହେଣ ସୁଖେନ ॥**
**ହରିହରି .... ॥ ଖ ॥**

ମାଳବ କ୍ଷେତ୍ରାଞ୍ଚଳ ପରିବେଶକୁ ଆଧାର କରି ଯଦି ମୁଁ ବିଚାର କରିଥାନ୍ତି ତେବେ ମୁଁ କଣ କହିପାରିଥାନ୍ତି, ଏହି କ୍ଷେତ୍ର ଭବିଷ୍ୟତକୁ,  ବିଚାର କରିଥିଲେ ମଧ୍ୟ କଣ ବା ମୁଁ ଅଧିକ କରି ପାରିଥାନ୍ତି ? ମୋ ବିଛେଦରେ ଲକ୍ଷ୍ମୀଦେବୀ ସର୍ବଦା ରହି ଆସିଛନ୍ତି । ତା ସତ୍ୱେ ଜନ କଣ ? ମନ କଣ ? ବିଚାର କରି, ଜୀବନର ମୁଁ ମୋର ସମୁଦାୟ କାଳ, ଏହି ଗୃହ ମଧ୍ୟରେ ହିଁ ଅତିବାହିତ କରି ଆସିଛି । ପୁଣି ଅନୁଭବରୁ ଜାଣି ପାରିଛି, ସବୁଜ ସବୁଜତାର ପ୍ରତିକ ରୂପରେ ହିଁ ଏଠାରେ ରହି ଆସିଛି ।

**ଚିନ୍ତୟାମି ତଦାନନଂ କୁଟିଳଭ୍ରୁରୋଷଭରେଣ ।**
**ଶୋଣପଦ୍ମମିବୋପରି ଭ୍ରମତାଽକୁଳଂ ଭ୍ରମରେଣ ॥**
**ହରି ହରି .... ॥ ଗ ॥**

ମାଳବ କ୍ଷେତ୍ରାଞ୍ଚଳ ଚିନ୍ତାରେ ସର୍ବଦା ମୁଁ ଚିନ୍ତା କରୁଥିଲି । ମୁଁ କ୍ଷେତ୍ରର ଚିନ୍ତାରେ ଥିବାକାଳେ ଭ୍ରମର ବୃନ୍ଦ ମଧୁ ସଂଗ୍ରହ ପାଇଁ ଏପଟ ସେପଟ ବିଚରଣ କରୁଥିଲେ । ତତ ସହ ଭ୍ରୂଲତା ବକ୍ର କରି ଚାରି ପାର୍ଶ୍ୱ କ୍ଷେତ୍ରର ଦେଖୁଥିଲେ । କ୍ରୋଧ ରୂପକ ମନୋଭାବ ଧାରଣ କରି ଭ୍ରମର ବୃନ୍ଦ, କ୍ଷେତ୍ରଗତ କୋମଳ ପୁଷ୍ପ ଗୁଡ଼ିକୁ ଦଳି ଚଳୁଟି ବିକଳାଙ୍ଗ କରିଚାଲିଥିଲେ । ଆଜିର କାଳରେ କିନ୍ତୁ ସମୃଦ୍ଧିର କ୍ଷେତ୍ର ରୂପରେ ବିଚାର କରିଥାନ୍ତି । ତଥା ସମୁଦାୟ କ୍ଷେତ୍ରରେ ସେମାନେ ବିଚରଣ କରୁଥାନ୍ତି । ତଥା ସବୁଜତାର ସବୁଜକୁ ହିଁ ଦେଖନ୍ତି ।

**ତାମହଂ ହୃଦି ସଙ୍ଗତାମନିଶଂ ଭୃଶଂ ରମୟାମି**
**କିଂ ବନେଽନୁସରାମି ତାମିହ କିଂ ବୃଥା ବିଳପାମି ॥**
**ହରି ହରି .... ॥ ଘ ॥**

ଅସତ୍ୟର ସତ୍ୟ ଭାବାତ୍ମକ ରୂପି ଦୁଃଖ ପ୍ରତ୍ୟେକ ମନୁଷ୍ୟ ହୃଦୟ ମଧ୍ୟରେ ଯେପରି ସମାନ୍ତରାଳ ପ୍ରଭାବ ରଖିଥାନ୍ତି, ସେପରି ପ୍ରତ୍ୟେକ ଜନ ମନ ମଧ୍ୟରେ ଶକ୍ତି ତଥା ବୁଦ୍ଧିର ମଧ୍ୟ ପ୍ରଭାବ ରହିଛି । ମାଳବାଞ୍ଚଳ କ୍ଷେତ୍ର ମଧ୍ୟରେ ଗତିଶୀଳ ହୋଇ ରହି ଆସିଥିବା ସମୟ କାଳରେ, ସତ୍ୟ କଣ ଯଥାର୍ଥତାକୁ ବୁଝି ନପାରି ସେପରି କେବଳ ରୋଦନ କରିବାରେ ଲାଗି ରହିଥାନ୍ତି, ସେପରି କ୍ଷେତ୍ର ମାଳବାଞ୍ଚଳ ମଧ୍ୟରେ ସବୁଜର ସବୁଜତା ହିଁ ଦେଖିବାକୁ ମିଳିଥାଏ ।

**ତନ୍ୱି ! ଖିନ୍ନମସୂୟୟା ହୃଦୟଂ ତବାକଳୟାମି ।**
**ତନ୍ନ ବେଦ୍ମିକୁତୋ ଗଚ୍ଛାସି ନ ତେନ ତେଽନୁନୟାମି ।**
**ହରି ହରି .... ॥ ଙ ॥**

ମାଳବାଞ୍ଚଳର ଗୋବିନ୍ଦାୟ କ୍ଷେତ୍ରରେ ବସବାସ କରି ଆସୁଥିବା ଗୋପ ନାରୀଗଣ ଅଥବା କୁହାଯାଉଥିବା କୋମଳାଙ୍ଗୀଙ୍କ ହୃଦୟର କନ୍ଦରରେ ରହି ଆସିଥିବା ମନ ଅତି ନିର୍ମଳ, ସଂସ୍କାରିତ ତଥା ସୁଧାକର । କିନ୍ତୁ ସେ ମନ ମଧ୍ୟରେ ଯଦି ସୁଖ, ଦୁଃଖ, ଆନନ୍ଦାଦିର ପ୍ରଭାବ ଥାଆନ୍ତା, ସେମାନେ ତେବେ ବେଶାାବୃତ୍ତି ସକାଶେ କାହିଁକି ଆକର୍ଷିତ ହେଉଥାଆନ୍ତେ ? ଏପରି ଭାବନା ବିଚାର ପରିବେଶରେ ଉବଁବା ପରେ, ହେବାକୁ ଥିବା ବିକାଶ ଅପେକ୍ଷା ଅବକାଶର ସୂଚନା ଥିଲା । ତଥାପି ସବୁଜର ସବୁଜତା ଉପରେ ପ୍ରଭାବ ପଡିନଥିଲା ।

**ଦୃଶ୍ୟସେ ପୂରତୋ ଗତାଗତମେବ ମେ ବିଦଧାସି ।**
**କିଂ ପୁରେବ ସସଂଭ୍ରମଂ ପରିରମ୍ଭଣଂ ନ ବଦାସି ॥**
**ହରି ହରି .... ॥ ଚ ॥**

ପ୍ରଚଳିତ ମାଳବାଞ୍ଚଳ ସାରାର ସମୁଦାୟତାକୁ ଆଧାର କରି ବିଦ୍ୱାନ୍ ମାନଙ୍କ ମନରେ ବିଚାର, ବିଶେଷ ଧାରଣା ଆଦି ଉଚ୍ଛୃଙ୍ଖଳିତ ହେବା ଉଚିତ୍ । କାରଣ ଆଗତ କାଳରେ ଅତୀତର ସାର କ୍ଷେତ୍ର ପୂଜ୍ୟ, ସେବା ଇତ୍ୟାଦିରେ ଦୃଶ୍ୟାଦି ଆପ୍ୟାୟିତ ଥିଲା । ସମ୍ମୁଖଗତ ଆବଶ୍ୟକତା କାରଣରୁ, ଏହି କ୍ଷେତ୍ର ସତ୍ୟତାକୁ ବିଦ୍ୱାନ୍‌ମାନେ ବିବେଚନା କରିବା ଉଚିତ୍ ଥିଲା । ପୂର୍ବ ସଂଯୁକ୍ତପୁର ବିଜ୍ଞାନର ମର୍ଯ୍ୟଦା ରକ୍ଷା କରିବା ପାଇଁ ରମ୍ଭାସୁର କବଳରେ ଥିଲା । ଏଣୁ କ୍ଷେତ୍ର ଏପଟ ସେପଟ ନହୋଇ ସବୁଜ ହିଁ ସବୁଜ ଥିଲା ।

**କ୍ଷମ୍ୟତାମପରଂ କଦାପି ତବେଦୃଶଂ ନ କରୋମି**
**ଦେହି ସୁନ୍ଦରି ! ଦର୍ଶନଂ ମମ ମନ୍ମଥେନ ଦୁନୋମି ॥**
**ହରି ହରି ..... ॥ ଛ ॥**

ମାଳବାଞ୍ଚଳ ସାରା କ୍ଷେତ୍ର ପରିବେଶ ପ୍ରସନ୍ନତା ପୂର୍ଣ୍ଣ ଶୋକରେ ପ୍ରଭାବିତ ଥିଲା । ଅତୀତର ପ୍ରଭାବରେ ଥିବା ଦୃଶ୍ୟକୁ କଦାପି ଦୂରେଇ ହେବ ନାହିଁ କିମ୍ବା ପୁନର୍ବାର ପ୍ରତିଷ୍ଠା କରାଯାଇ ପାରିବ ନାହିଁ । ଶରୀରଧାରୀଙ୍କ ମଧ୍ୟରୁ ଯେକୌଣସି ବାକ୍ତି ଏଠାରେ ପ୍ରସନ୍ନତାକୁ ମନ୍ଥନ ଯଦି କରି ପାରିବ ତେବେ ସେ ଏହି କ୍ଷେତ୍ରରେ ହିଁ ଅକ୍ଳେଶରେ ଅତୀତକୁ ବୁଝି ପାରିବ । କାରଣ ଏହି କ୍ଷେତ୍ରରେ ପୀଡା ପ୍ରାପ୍ତ ହେଲେ ମଧ୍ୟ ସବୁଜ ହିଁ ସବୁଜତାର ପ୍ରେମକୁ କେହି ତ୍ୟାଗ କରି ନାହିଁ ।

**ବର୍ଣ୍ଣିତଂ ଜୟଦେବକେନ ହରେରିଦଂ ପ୍ରଣତେନ ।**
**କେନ୍ଦୁବିଲ୍ୱସମୁଦ୍ରସମ୍ଭବରୋହିଣୀରମଣେନ ॥ ଜ ॥**

ଏହି ଦିବ୍ୟଗ୍ରନ୍ଥର ଅମୁଲ୍ୟ ସ୍ଥିତି ଏପରି ରହି ଆସିଛି । ଆଦ୍ୟାତୀତରୁ ରହି ଆସିଥିବା ଏହି କ୍ଷେତ୍ର ମଧୁକୈଠଭ ମେଦରୁ ମେଦିନୀ, ପରବର୍ତ୍ତୀ କାଳରେ ପୃଥିବୀ ତଥା ବର୍ତ୍ତମାନ ବେଦ ବୋଲାଉଛି । ପୃଥିବୀ ଥିବା କାଳରୁ ଘଡଘଡ଼ି, ଚଡ଼ଚଡ଼ି ମଧ୍ୟରୁ ତରଙ୍ଗ ସୃଷ୍ଟି କାଳୁ କ୍ଷେତ୍ରରୁ ଚମକ ବିସ୍ତାରିତ ହେଉଥିଲା । ପୁନଃ ପ୍ରବଳ ବର୍ଷା ହୋଇ କେନ୍ଦୁବିଲ୍ୱ ଜନପଦ ଜଳାର୍ଣ୍ଣବ ହୋଇ ସମୁଦ୍ର ତୁଲ୍ୟ ଜଣାଯାଉଥିଲା । ପରିବେଶ ସ୍ଥିତି ଗୁମମାରି ରହିବା ସହ ବର୍ଷା ସବୁଜର ସବୁଜତାର ସହାୟକ ଥିଲା ।

**ଶ୍ଳୋକ- ୧୯**

**ଭ୍ରୂପଲ୍ଲବଂ ଧନୁରପାଙ୍ଗତରଙ୍ଗିତାନି**
**ବଣାଗୁଣାଃ ଶ୍ରବଣପାଳିରିତି ସ୍ମରେଣ ।**
**ତସ୍ୟାମନଙ୍ଗଜୟଜଙ୍ଗମଦେବତାୟା**
**ମସ୍ତ୍ରାଣି ନିର୍ଜିତଜଗନ୍ତି କିମର୍ପିତାନି ॥ ୧୯ ॥**

ଭ୍ରୂଲତା ମଧ୍ୟରେ ରହି ଆସିଥିବା ଦୃଷ୍ଟି ଲକ୍ଷ ଯେପରି ସରଳରେଖା ତୁଲ୍ୟ ସେପରି ବର୍ଷା କାଳରେ ବର୍ଷା ତଥା ଦୁଇଧାର ବର୍ଷାର ଦୁଇ ପାର୍ଶ୍ୱ ମଧ୍ୟରେ ବର୍ଷା ଧାରର ପ୍ରଚଳନ ଅତି ସୁନ୍ଦର ଥିଲା । ଅନୁସନ୍ଧାନ କାଳେ ଶର ଗୁଡ଼ିକ ଯେପରି ଲକ୍ଷଭେଦ ସ୍ଥଳର ସୁକ୍ଷ୍ମ କ୍ଷେତ୍ରକୁ ଲକ୍ଷ କରାଯାଇଥାଏ, ଠିକ୍ ସେପରି ଜଳ ସ୍ରୋତ ଗୁଡ଼ିକର ଗତି ଥିଲା । ଅବଶ୍ୟ ସାରା ମାଳବାଞ୍ଚଳ ଜଙ୍ଗଲ ପୂର୍ଣ୍ଣ ଥିଲା । ପରେ ପରେ କୃଷି ବଳୟକୁ ଆସି ଗ୍ରନ୍ଥ ରୂପେ ମାର୍ଜିତ ହୋଇ ପାରିଥିଲା । ସଙ୍ଗୀତ ମଧ୍ୟରେ ଯେପରି ଦୃତରୁ କୋମଳତାକୁ ଆସିଯାଇଥାଏ ଠିକ୍ ସେପରି ଥିଲା ।

**ଶ୍ଳୋକ-୨୦**

**ହୃଦି ବିସଲତା ହାରୋନାୟଂ ଭୂଜଙ୍ଗମନାୟକଃ**
**କୁବଳୟଦଳଶ୍ରେଣୀ କଣ୍ଠେନ ସା ଗରଳଦ୍ୟୁତିଃ ।**

**ମଳୟଜଜରଜୋ ନେଦଂ ଭସ୍ମ ପ୍ରିୟାରହିତେ ମୟି**
**ପ୍ରହର ନହରଭ୍ରାନ୍ତ୍ୟାଽନଙ୍ଗ ! କ୍ରୁଧା କିମୁ ଧାବସି ॥ ୨୦ ॥**

ଗୋବିନ୍ଦାୟ କ୍ଷେତ୍ରରେ ପ୍ରବାହିତ ଜଳସ୍ରୋତ ଗୁଡ଼ିକରେ ପଦ୍ମନାଡ଼ ମାନ ଉତ୍ପତି ହୋଇଥିଲା । ଜଣାଯାଉଥିଲା ସତେକି, କ୍ଷେତ୍ରାଖଳାରେ କେହି ସର୍ପ ସାଲୁବାଲୁର ସ୍ରୋତ ମାଳ ମାଳ ହୋଇଚାଲିଛି । ତାହା ସର୍ପ ସ୍ରୋତ ନହେଲେ ମଧ୍ୟ ନୀଳ ପଦ୍ମମାଳାର ମାଳ କଣ୍ଠ ଦେଶରେ ପ୍ରବାହିତ ହେଉଥିବା ଜଣାଯାଉଥିଲା । କଣ୍ଠ ଦେଶରେ ସ୍ରୋତ ପ୍ରବାହ ଏପରି ହେଉଥିବା ଦେଖି ହଳାହଳ ବିଶତୁଲ୍ୟ ସ୍ରୋତ ଚାଲିଥିବା ବୋଧ ହେଉଥିଲା । ଏପରିକି ପରିବେଶ ବିରହ ପୀଡ଼ିତରେ ଥିଲା ପରି ମନେ ହେଉଥିଲା । ଚିତାଭସ୍ମ ଶରୀରରେ ବୋଲି ହୋଇ ରକ୍ତ ଚନ୍ଦନ ପ୍ରଭାବରେ ରହିବା ପରି କହିବା ହୋଇଥିଲା । ପ୍ରିୟରେ ବିରହ ହୋଇ ଅଯାଗାରେ କିଏ ସତେକି ପୀଡ଼ା ଦେଉଥିଲା । ପିକ ସ୍ୱନ ଯଥାର୍ଥ ହେଲେ ମଧ୍ୟ ନିରିହମାନେ ବୁଝିବା ପରି ଆନନ୍ଦ ପ୍ରତୀକ ହେଲେ ମଧ୍ୟ, ଅପରାଧି ତୁଲ୍ୟ କଷ୍ଟ ଦେଉଥିଲା ।

**ଶ୍ଲୋକ-୨୧**

**ପାଣୌ ମା କୁରୁ ବୂତସାୟକମମୁଂ ମା ଚାପମାରୋପୟ**
**କ୍ରୀଡାନିର୍ଜିତବିଶ୍ୱମୁର୍ଚିତଦନାଘାତେନ କିଂ ପୌରୁଷମ୍ ।**
**ତସ୍ୟା ଏବ ମୃଗୀଦୃଶୋମନସିଜପ୍ରେକ୍ଷତ୍‌କଟାକ୍ଷାନଳ-**
**ଜ୍ୱାଳାଜର୍ଜରିତଂ ମନାଗପି ମନୋ ନାଦ୍ୟାପି ସନ୍ଧୁକ୍ଷତେ ॥ ୨୧ ॥**

ପରିବେଶର ବିନୟ ନିବେଦନରେ ପ୍ରକୃତି ରାଜି ହୋଇ ଶେଷରେ ଅନୁସନ୍ଧାନ ଯେପରି କରିଥିଲେ । ସେପରି ଜଡ଼ତାକୁ ଜିତି କ୍ଷେତ୍ରକୁ ସୃଷ୍ଟିରେ ଜଣେଇବା ପାଇଁ ଏଠାରେ କ୍ରୀଡ଼ାର ଆରମ୍ଭ ହୋଇଥିଲା । ଏହା କିନ୍ତୁ ସତ୍ୟ ଯେ, ମୃଗନୟନୀର କଟାକ୍ଷ ବାଣରୁ ପରିତ୍ୟକ୍ତ ହେଲାପରି କ୍ଷେତ୍ରଟି ରହିଥିଲା । ବିଜୟୀ ପୁରୁଷ ଏଥିରୁ ଫଳ ପାଇବାକୁ ଅନିଚ୍ଛୁକ ଯଦି କେ ଆନନ୍ଦ ପ୍ରାପ୍ତିର ପ୍ରତୀକ ସେ ଏହି ଗର୍ଭ ଗର୍ତ୍ତର ବିନତି ଶୁଣି ପାରିଲେ । କ୍ରୀଡ଼ାର ପ୍ରତୀକ, ମୋ ବଚନ ପ୍ରତି ସଦୟ ହୋଇ ମୋ ଗର୍ଭକୁ ଉପଯୁକ୍ତ ସମ୍ମାନ ଦିଅ । ବାସ୍ତବରେ ବିରହ ତାକୁ ଜଳାଉ ଅଛି । ଏପରି ହତ୍ୟା ନକରି ନିଜ ପୌରୁଷ ପ୍ରତି ଧ୍ୟାନ ଦିଅ । ଆନନ୍ଦ ପାଇବା ପାଇଁ ଏପରି ନର୍ଦୟ ନହୋଇ ପ୍ରିୟପ୍ରାଣ ହୋଇ କ୍ଷେତ୍ର ପ୍ରସ୍ତୁତି କରିଥିଲା ।

**ଶ୍ଲୋକ- ୨୨**

**ଭ୍ରୂଚାପେ ନିହିତଃ କଟାକ୍ଷବିଶିଖୋନିର୍ମାତୁ ମର୍ମବ୍ୟଥାଂ**
**ଶ୍ୟାମାତ୍ମା କୁଟିଳଃ କରୋତୁ କବରୀଭାରୋଽପି ଭାରୋଦ୍ୟମମ୍ ।**
**ମୋହଂ ତାବଦୟଂ ଚ ତନ୍ୱି ! ତନୁତାଂ ବିମ୍ବାଧରୋ ରାଗବାନ୍**
**ସଦ୍‌ବୃତ୍ତସ୍ତନମଣ୍ଡଳସ୍ତବ କଥଂ ପ୍ରାଣୈର୍ମମ କ୍ରୀଡ଼ତି ॥ ୨୨ ॥**

ମାଳବାଞ୍ଚଳ କ୍ଷେତ୍ର ସାରାକୁ ସମ୍ମୁଖରେ ରଖି ପରିବେଶ ବର୍ଣ୍ଣନା କରିବା ବିଷୟ ଏହି ଯେ, ଭ୍ରୂଲତା ମଧ୍ୟ ଦେଇ କାମବାଣ ସାଜିଥିବା ଏବଂ ନାକ ଆଗରେ ଥିବା ସରଳରେଖା ଅଗ୍ରସରକୁ ଯେପରି ଲକ୍ଷ କରିହୁଏ, କ୍ଷେତ୍ର ସ୍ଥିତି ସେପରି ହିଁ ଜଣାଯାଉଥିଲା । ଏପରି ଯାତନା ପରିପ୍ରେକ୍ଷିରେ ମଧ୍ୟ ଯାତନାର ଉଦୟ ହେଉଥିଲା । ଏପରି ଯାତନାର ପ୍ରଭାବରେ କ୍ଷେତ୍ର ଥାଇ ସୁଦ୍ଧା ଅବିଚଳିତ ଥିଲା । କ୍ଷେତ୍ର ସ୍ଥିତି ଶ୍ୟାମଳ ଓ କୁଟିଳ କେଶ ସଦୃଶ୍ୟ ଜଣାଯାଉଥିଲା । ସନ୍ତାପ ପ୍ରତି ଭ୍ରୂକ୍ଷେପ ନଥିଲା । ଅଧରର ଓଷ୍ଠ ବିମ୍ବ ଫଳପରି ଜଣା ଯିବା ପରେ, ମନରେ ଅନୁରାଗ ବୃଦ୍ଧି ପାଇଥିଲା । କ୍ଷେତ୍ର ଉରଜ ଦ୍ୱୟ ଫଳତୁଲ୍ୟ କାମନା କରି ସୌଭାଗ୍ୟ ବୃଦ୍ଧିକୁ ବୋଧ କରିଥିଲେ । ବର୍ତ୍ତୁଳ ସ୍ତନ ମଣ୍ଡଳକୁ ମନରେ ଜଳାଇ ଅନଳ ପ୍ରକାଶ କରାଇଥିଲେ । ଏପରି କରିବା ଠିକ୍ ନଥିଲେ ମଧ୍ୟ, କ୍ଷେତ୍ର ମନ ଉରଜାଞ୍ଚଳ ଥିଲା ।

**ଶ୍ଲୋକ- ୨୩**

**ତାନି ସ୍ପର୍ଶସୁଖାନି ତେ ଚ ତରଳସ୍ନିଗ୍ଧା ଦୃଶୋର୍ବିଭ୍ରମା**
**ସ୍ତଦ୍‌ବକ୍ତ୍ରାମ୍ବୁଜସୌରଭଂ ସ ଚ ସୁଧାସ୍ୟନ୍ଦୀ ଗିରାଂ ବକ୍ରିମା ।**
**ସା ବିମ୍ବାଧରମାଧୁରୀତି ବିଷୟାସଙ୍ଗେଽପି ମନ୍ମାନସଂ**
**ତସ୍ୟାଂ ଲଗ୍ନସମାଧି ହନ୍ତ ବିରହବ୍ୟାଧିଃ କଥଂ ବର୍ତ୍ତତେ ॥ ୨୩ ॥**

ତା ଅଙ୍ଗର ସମୁଦାୟ ସ୍ଥିତିକୁ ସ୍ପର୍ଶ କରିବାରେ ଯେଉଁ ଆନନ୍ଦ ମିଳିଥାଏ, ସେପରି ତୁମର ବାଣୀ ଶୁଣିବା ପରେ ମଧ୍ୟ ଆନନ୍ଦ ମିଳିଥାଏ । ସେ ଆନନ୍ଦ ଏପରି ଲାଗେ ଯେପରି ଅମୃତ ପାନ ପରେ ଆମ୍ ବୋଧ ଲାଗେ । ପୂର୍ବ କାଳରେ ସକଳ ବିଧାନ

ସହଜରେ ଥିଲା । ସମିପରେ ରହି ଆସିଥିବା ବିଦ୍ୟାଧର ମନକୁ ରଞ୍ଜାଇ ରଖି ପାରୁଥିଲା, ସମ୍ମୁଖରେ ବିସ୍ତାରିତ ଭାବେ ପଡ଼ିରହିଥିବା ବାସ୍ତବତାର ଧ୍ୟାନ ରହିଛି, ଏପରି ଅଘଟଣ ରୂପରେ କାହିଁକି ପଡ଼ି ରହିଛନ୍ତି । କାହିଁକି କିଏ ସଜାଇ ଦେଉ ନାହିଁ, କ୍ଷେତ୍ର ବିଷୟକୁ ନେଇ ବେଳକୁ ବେଳ କାହିଁକି ବିରହ ଅନଳ ଯାତ ହୁଏ ଜଣା ପଡୁନଥିଲା । ପରିବେଶ ଦୁର୍ଭିକ୍ଷ କାରଣରୁ ଏପରି ବିଷମ ସ୍ଥିତି ଉଠିଥିବା ଜଣାଯାଏ ।

ଅଷ୍ଟମ ପ୍ରବନ୍ଧ

୪ର୍ଥ ସର୍ଗ

**ଶ୍ଳୋକ- ୨୪**

**ଯମୁନାତୀରବାନୀରନିକୁଞ୍ଜେ ମନ୍ଦମାସ୍ଥିତମ୍ ।**

**ପ୍ରାହ ପ୍ରେମଭରୋଦ୍‌ଭ୍ରାନ୍ତଂ ମାଧବଂ ରାଧିକାସଖୀ ॥ ୨୪ ॥**

କ୍ଷେତ୍ରସ୍ଥ ରହି ଆସିଥିବା ଜଳସ୍ରୋତ ଯମୁନା ଗୁଡ଼ିକର ତଟ ଦେଶମାନଙ୍କରେ ବେତକୁଞ୍ଜମାନଙ୍କ ସ୍ଥିତି ଥିଲା । ପ୍ରତ୍ୟେକ କୁଞ୍ଜ ମଧ୍ୟରେ ସୂକ୍ଷ୍ମ ଅନ୍ଧାରର ରାଜତ୍ୱ ଥିଲା । ପରିବେଶର ବାସ୍ତବ ସ୍ଥିତିକୁ ଛନ୍ଦ ମାଧ୍ୟମରେ ଅନୁଧ୍ୟାନ କରିବାର ଥିଲା । ପ୍ରିତୀ ଉଲ୍ଲାସ ଜଳି ଉଠୁଥିଲା ସତ କିନ୍ତୁ ସେ ସମୟ ମଧ୍ୟରେ ବାସ୍ତବ ପ୍ରକୃତ ସ୍ଥିତିକୁ ପରଖିବା ପାଇଁ ଉଚିତ କାଳ ଥିଲା ।

**ରାଗ-କର୍ଣ୍ଣାଟ**

**ଅଷ୍ଟମ ପ୍ରବନ୍ଧ**

**ସୂଚନା –**

**କୃପାଣ ପାଣିର୍ଗଜଦାନ୍ତ ପତ୍ରମେବଂବହନ୍ ଦକ୍ଷିଣ କର୍ଣ୍ଣପୁରେ ।**

**ସଂସ୍ତୁୟମାନଃ ସୁରଚାରଣାଦ୍ୟୈ କର୍ଣ୍ଣାଟ ରାଗ ଶିଖିକଣ୍ଠ ନୀଳଃ ।**

କ୍ଷେତ୍ର ଗୋବିନ୍ଦାଞ୍ଚଳରେ ଖଣ୍ଡାଧାର ପରି ବର୍ଷା ଲାଗିରହିଥିଲା । ଏହାର କେତେ ସମୟପରେ ବର୍ଷା ଜଳ ହାତୀ ଶୁଣ୍ଢରୁ ପଡ଼ିଲା ପରି ବର୍ଷା ହେବାରେ ଲାଗିଥିଲା । ବର୍ଷାର ପ୍ରବଳତା ଏପରି ବୃଦ୍ଧି ପାଇଥିଲା, ଯାହାକୁ ବନ୍ଦ କରିବାକୁ ସ୍ଥାନୀୟ ଜନ ସାଧାରଣ ତତ୍ପର ହୋଇଥିଲେ । ବିଭିନ୍ନ ସାମଗ୍ରୀ ସହ ଫଳପୁଷ୍ପ ଦ୍ୱାରା ପୂଜା କରିବାକୁ ଲାଗିଥିଲେ । ଦକ୍ଷିଣ ଦିଗସ୍ଥ କର୍ଣ୍ଣପୁରରୁ ମେଘର ବର୍ଷା ପରିମାଣ ପଶୁତୁଲ୍ୟ ବୃଦ୍ଧି ପାଇଥିଲା । ଦ୍ୱିତୀୟରେ ଦେବ, ଚାରଣ ଗଣ ସେହି ବର୍ଷା ସମୟରେ କର୍ଣ୍ଣାଟ ରାଗରେ ସଙ୍ଗୀତର ପ୍ରଭାବ ବିସ୍ତାର କରିଥିଲେ । ଏତଦ୍‌ଦ୍ୱାରା ବର୍ଷାର ସ୍ଥିରତା ଅବଶ୍ୟ ଆସି ଯାଇଥିଲା ।

(୧) **ନିନ୍ଦତି ଚନ୍ଦନମିନ୍ଦୁକିରଣମନୁବିନ୍ଦତି ଖେଦମଧୀରମ୍ ।**
**ବ୍ୟାଳନିଳୟମିଳନେନ ଗରଳମିବ କଳୟତି ମଳୟ ସମୀପମ୍ ।**
**ସା ବିରହେ ତବ ଦୀନା,**
**ମାଧବ ମନସିଜବିଶିଖଭୟାଦିବ ଭାବନୟା ତ୍ୱୟି ଲୀନା ॥ କ ॥**

ଗୋବିନ୍ଦାଞ୍ଚଳ କ୍ଷେତ୍ର ପରିବେଶ ମଧ୍ୟରେ ଏପରି ଲୋକ ମଧ୍ୟ ଥିଲେ, ଯେ କି ନିଜେ ନିଜକୁ ନିନ୍ଦା କରିବାକୁ ପଛାଉ ନଥିଲେ । ଏବଂ ଅନ୍ୟକୁ ନିନ୍ଦା କରିବାରେ ଧୁରନ୍ଧର ଥିଲେ । ଅନ୍ୟକୁ କନ୍ଦାଇ କିମ୍ବା ନିଜେ କାନ୍ଦି କରି ହେଉ ନିନ୍ଦାକରିବା ପ୍ରବୃତ୍ତି ମନରେ ଦୃଢ଼ ହୋଇ ରହିଥିଲା । ଅତି ଚିକଣରେ, ମନ ମଧ୍ୟରେ କାରଣକୁ ବରଣ କରି ନିନ୍ଦା କରିଥାନ୍ତି । ମନ ମଧ୍ୟରେ ଅବଶ୍ୟ ସେ ଭାବକୁ ଧୂଳିତାସ୍ କରିଦେଲେ ମଧ୍ୟ ତର୍କ ବିତର୍କ ଖେଦକୁ ମନରେ ଧରି ନିଜକୁ ପାପିଷ୍ଠ ବୋଲାନ୍ତି ସିନା, ନିନ୍ଦା କରିବା ପ୍ରବୃତ୍ତି ଛାଡ଼ନ୍ତି ନାହିଁ । ନିଜ ସତର୍କିତ ଜନଙ୍କ ସହ ନିନ୍ଦୁକମାନଙ୍କ ମିଳନ ପରେ ପ୍ରଚଳିତ ବିଷକୁ କଳନା କଲା ପରି କରିଥାନ୍ତି । ପ୍ରବାହିତ ବାୟୁ ମଧ୍ୟରେ ସୁଗନ୍ଧ ବାୟୁ ଗ୍ରହଣର ବାହାବାଃ ନେଲାପରି ନିଜକୁ ଭାବି ଥାନ୍ତି । ଲକ୍ଷ୍ମୀ ବିରହରେ ପରିବେଶ ଯେପରି ଦୁଃଖ ପ୍ରକାଶ ପାଏ, ସେପରି ଅତି ସୁନ୍ଦର ମିଠା ପଦାର୍ଥ କନ୍ଦର୍ପ ପ୍ରସ୍ତୁତ କଲେ ସୁଦ୍ଧା ମୁକୁଟ ବିହିନ ରାଜା ବୋଲାଏ ସିନା ରାଜା ନୁହେଁ । ସେପରି କ୍ଷେତ୍ର ଆଲୋକ ହୀନ ଥିଲା । ଏପରି ସ୍ଥିତିରେ ଭୟରେ ମଳିନ ପଡ଼ିବା ଉଚିତ୍ କି ?

(୨) **ଅବିରତ ନିପତିତ ମଦନଶରାଦିବ ଭବଦବନାୟ ବିଶାଳମ୍ ।**
**ସ୍ୱହୃଦୟମର୍ମଣି ବର୍ମ କରୋତି ସଜଳନଳିନିଦଳଜାଳମ୍ ।**
**ସା ବିରହେ ... (ଖ)**

ସମୁଦାୟ ଗୋବିନ୍ଦାଞ୍ଚଳ କ୍ଷେତ୍ର ସହ ଅରଣ୍ୟକୁ ମଳୟ ବହିବା ପରେ ପରେ ବିରାମ ଶୁନ୍ୟ ବର୍ଷା ହେବାରେ ଲାଗିଥିଲା । ମୃର୍ତିକା ପାତ୍ର ତୁଲ୍ୟ ସେହି ଗୋବିନ୍ଦାଞ୍ଚଳ କ୍ଷେତ୍ରରେ ବର୍ଷା ଜଳ ଗୁଡ଼ିକ ଜମାଟ ବାନ୍ଧି ରହିଥିଲା । ଭାବନା ମର୍ମରେ ବିସ୍ଫୋଟକ ହୋଇ ଉକ୍ତ କ୍ଷେତ୍ରରେ ଆକାଶ ମେଘ ବର୍ଷା କରି ଚାଲିଥିଲା । ପଦ୍ମଫୁଲର ପାଖୁଡ଼ା ଥିବା ପରି କ୍ଷେତ୍ରଟି ଜଳରେ ପରିପୂର୍ଣ୍ଣ ଥିବା ଜଣାଯାଉଥିଲା ।

**(୩) କୁସୁମବିଶିଖଶରତଳ୍ପମନଳ୍ପବିଳାସକଳାମନୀୟମ ।**
**ବ୍ରତମିବ ତବପରିରମ୍ଭସୁଖାୟ କରୋତି କୁସୁମଶୟନୀୟମ୍ ।**

ମହାଭାରତ ସଂଗ୍ରାମ କାଳରେ, କ୍ଷେତ୍ର ସମୁଦାୟ ମଧ୍ୟରେ ଶର ଶଯ୍ୟା ସୃଷ୍ଟି ହୋଇଥିବା ପରି, ଏଠାରେ ମଧ୍ୟ କିଏ ସଜାଇ ରଖିଥିଲା । ଉକ୍ତ ଫୁଲବଣ ବିସ୍ତାରିତ ହୋଇଥିବାବେଳେ ଅନ୍ୟର ମନକୁ ଆକର୍ଷଣ କରୁଥିଲା । ସେହି ଫୁଲ ବଣ ଆମୋଦ ପ୍ରମୋଦର କମନୀୟ ଅଂଶ ବିଶେଷ ପରି ଜଣାଯାଉଥିଲା । ଦୃଶ୍ୟ ଆଲିଙ୍ଗନ ପ୍ରିୟ ଥିଲା । ଏହି ଫୁଲବଣକୁ କେହି ସଂକଳ୍ପ କରି ଶଯ୍ୟା କରି ରଖିଥିଲା କି ?

**(୪) ବହତି ଚ ଚଳିତବିଲୋଚନଜଳଧରମାନନକମଳମୁଦାରମ୍ ।**
**ବିଧୁମିବ ବିକଟବିଧୁନ୍ତୁଦଦନ୍ତଦଳନଗଳିତାମୃତଧାରମ୍ । (ଘ)**

ପଦ୍ମ ସଦୃଶ୍ୟ ସେହି ଗୋବିନ୍ଦାଂଚଳ କ୍ଷେତ୍ର ମଧ୍ୟରେ ଅନେକ ସରୁ ସରୁ ଜଳସ୍ରୋତ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଥିଲା । ଆଦରର ସହିତ ଆକାଶର ମେଘ ଗୋବିନ୍ଦାଞ୍ଚଳ କ୍ଷେତ୍ରପ୍ରତି ଦୃଷ୍ଟି ରଖିଥିଲା । ଆକାଶର ପ୍ରଚଳିତ ଚନ୍ଦ୍ରଙ୍କ ଦୃଷ୍ଟିରେ ଥିଲା ସମୁଦାୟ ମେଘ । ଚନ୍ଦ୍ର ଦେବଙ୍କୁ ଉପହାର ଦେବା ଆଳରେ ମର୍ଦ୍ଦନ କରି ଚାଲିଥିଲା । ମର୍ଦ୍ଦନର କିଛି ସମୟ ପରେ ମେଘର ଜଳ ଗୋବିନ୍ଦାଞ୍ଚଳ ସ୍ରୋତକୁ ଚଳନ ହେବାରେ ଲାଗିଥିଲା ।

**(୫) ବିଲିଖତି ରହସି କୁରଙ୍ଗମଦେନ ଭବନ୍ତମସମଶରଭୂତମ ।**
**ପ୍ରଣମତି ମକରମଧୋ ବିନିଧାୟ କରେ ଚ ଶରଂ ନବଚୁତମ୍ ।। ଙ ।।**

ଅତୀତରୁ ଏହି କ୍ଷେତ୍ରକୁ ନେଇ ଇତିହାସ ଏକାନ୍ତରେ ଲେଖା ହୋଇ ରହିଆସିଛି । ସମୁଦାୟ କ୍ଷେତ୍ର ମଧ୍ୟରେ ମୃଗମାନେ ଏପଟ ସେପଟ ହୋଇ ଭଁ ଭଁ କରି ଖେଳି ବୁଲୁଥିଲେ । କ୍ଷେତ୍ର ମଧ୍ୟରେ ଉତ୍ପନ୍ନ ଖାଦ୍ୟକୁ ପ୍ରଣାମ କଲାପରି ଚରି ଚରି ବୁଲୁଥିଲେ । ସେହି କ୍ଷେତ୍ରରେ ମୃଗମାନଙ୍କ ଏହା ଥିଲା ଖୋଲା ନିର୍ଭୟତା । କ୍ଷେତ୍ରରେ ବର୍ଷାଜଳ ଜମାଟ ହେବାରୁ କୁମ୍ଭିରଙ୍କ ଆଗମନ ହୋଇଥିଲା । ଜନ କୁମ୍ଭୀରମାନଙ୍କ ମଧ୍ୟରେ ସଂଘର୍ଷ ହେଉଥିଲା । ମନୁଷ୍ୟ ହାତରେ କିମ୍ବା ଶରରେ କୁମ୍ଭୀର ଶିକାର କରୁଥିଲେ ।

**(୬) ପ୍ରତିପଦମିଦମପି ନିଗଦତି ମାଧବ ! ତବ ଚରଣେ ପତିତାହମ୍ ।**
**ତ୍ୱୟି ବିମୁଖେ ମୟି ସପଦି ସୁଧାନିଧିରପି ତନୁତେ ତନୁଦାହମ୍ ।। ଚ ।।**

ହେ ମାତୃତ୍ୱର ସାଧକ, ସଧବା ଗୋବିନ୍ଦାଞ୍ଚଳ କ୍ଷେତ୍ର ପ୍ରତି, ସର୍ବସାଧାରଣଙ୍କ ଆକୃଷ୍ଟିତ ହୋଇ ରହି ଆସିଥିବା ଭୂଗର୍ଭକୁ ମୋର କୋଟି କୋଟି ପ୍ରଣାମ । କାରଣ ଏହି ଭୂଗର୍ଭ ମଧ୍ୟରେ ଅସାମିକ ସମ୍ପତିରେ ଚଞ୍ଚଳ ରହିଆସିଛି । ପୁନଃ ତୁମର ସ୍ୱାଭାବିକ ଶରୀରକୁ ଜଳେଇବାରେ ଲାଗିଛି । ତୁମର ପ୍ରତିନିଧି ରୁପେ ଚନ୍ଦ୍ର କିନ୍ତୁ ସ୍ନେହ ଶ୍ରଦ୍ଧା ସର୍ବଦା ଦେଇ ଆସୁଛି । କ୍ଷେତ୍ରର ପାଦଦେଶ ମତୁଆଳ ପରି ପଡ଼ି ରହିଛି । ଏଥକୁ ନେଇ ଆପଣଙ୍କ ଶ୍ରୀଚରଣରେ, ମୁଁ ମୋର ସ୍ତୁତି ଅର୍ପଣ କଲି ।

**(୭) ଧ୍ୟାନଲୟେନ ପୁରଃ ପରିକଳ୍ପ୍ୟ ଭବନ୍ତମତୀବ ଦୁରାପମ୍ ।**
**ବିଳପତି ହସତି ବିଷୀଦତୀ ରୋଦିତି ଚଞ୍ଚତି ମଞ୍ଚତି ତାପମ୍ । ଛ ।।**

କ୍ଷେତ୍ର ଗୋବିନ୍ଦାଞ୍ଚଳର ପରିକଳ୍ପନାକୁ ଧ୍ୟାନ କରିବା ଉଚିତ୍ । ପରିବେଶ ନିଜ ଲକ୍ଷରେ ଯେପରି ସାଇତି ରଖିବା ପାଇଁ ସ୍ଥିର କରିଛି, ତାହା ଅତୁଳନୀୟ ଥିଲା । କିନ୍ତୁ ଭାଗ୍ୟ ନିର୍ଣ୍ଣୟ ପ୍ରକାରେ ଯାହା ହେବାକୁ ଥିବ ହେବ । ଏହି କ୍ଷେତ୍ର ପାଇଁ ତମ ମଥାରେ କଣ ଲେଖା ରହିଛି କହିବା କଷ୍ଟକର । ବେହେଲେଇ ହୋଇ ରହିଥିବା ଜୀବନ ପଥରେ ଦୁଃଖକୁ ପାଦ ତଳେ ରଖି, ଆଗକୁ ହସି ହସି ଅଗ୍ରସର ହେବା ଉଚିତ୍ । ଯେହେତୁ ପରିବେଶ ମଧ୍ୟରେ ରହି ଆସିଥିବା ଏହି ପୃଥ୍ୱୀ କ୍ଷେତ୍ରରେ ଜୀବନ ସମୁଦାୟକୁ ବଞ୍ଚାଇ ରଖିବା ଅତ୍ୟନ୍ତ କଷ୍ଟ ଦାୟକ ।

**(୮) ଶ୍ରୀଜୟଦେବଭଣିତମିଦମଧିକଂ ଯଦି ମନସା ନଟନିୟମ୍ ।**
**ହରିବିରହାକୁଳବଲ୍ଲବଯୁବତିସଖୀବଚନଂ ପଠନୀୟମ୍ ।।ଜ।।**

ସମାଜର ପ୍ରତ୍ୟେକ ବ୍ୟକ୍ତି ଗ୍ରନ୍ଥଟିର କଥାସାର ଜାଣିବା ସକାଶେ ପାଠ କରିବା ଉଚିତ୍ । ଯେହେତୁ କ୍ଷେତ୍ର ଗୋବିନ୍ଦାଞ୍ଚଳରେ ରହିଛି ଦିବ୍ୟତା, ଅଲୌକିକତା, ସୃଷ୍ଟିର ଉତ୍ପତି କଥା । ଉଲ୍ଲାସ ପ୍ରେମର ବିଚାର ଇତ୍ୟାଦି ଭରପୁର ରହିଛି । ନୃତ୍ୟ ନୀୟମର ପ୍ରଭାବ ସହ ନିତି ଆଦର୍ଶର ପ୍ରଭାବ ଯଥେଷ୍ଟ ଥିବା ଏଠାରେ ଜଣାଯାଏ । ପରିବେଶ ମଧ୍ୟରେ ଏପରି ଅନେକ ରହସ୍ୟ କଥା ରହିଛି । ଅଭିଳଷିତ ଏହି ଦିବ୍ୟ ଗ୍ରନ୍ଥରେ ଫୁଙ୍ଖାନୁପୁଙ୍ଖ ଜାଣିଲେ ହିଁ କ୍ଷେତ୍ର ବିଷୟ ଜାଣିହେବ ।

**ଶ୍ଳୋକ-୨୫**

**ଆବାସୋ ବିପିନାୟତେ ପ୍ରିୟସଖୀମାଳାପି ଜାଳାୟତେ**
**ତାପୋଽପି ଶ୍ୱସିତେନ ଦାବଦହନଜ୍ୱାଳାକରାଳାୟତେ ।**
**ସାପି ତ୍ୱଦ୍‌ବିରହେଣ ହନ୍ତ ! ହରିଣୀ ରୂପାୟତେ ହା କଥଂ**
**କନ୍ଦର୍ପୋଽପିଯମାୟତେ ବିରଚୟନ୍ ଶାର୍ଦ୍ଦୂଳବିକ୍ରୀଡିତମ୍ ॥୨୫॥**

ଋତୁ ବସନ୍ତର କାଳ ଶାଗୁଆ ବା ପୁଷ୍ପ ଫୁଟି ନଉଠିଥିବା ସମୟରେ ଭ୍ରମର ତା ପ୍ରିୟ ଓ ପ୍ରିୟାକୁ ଖୋଜିବାରେ ଲାଗିଥିଲା । ଖୋଜି ଖୋଜି ଶେଷରେ ନିଜ ଘରକୁ ହିଁ ବଗିଚା ବୋଲି ଭାବିଥିଲା । ଭ୍ରମର ନିଜ ପ୍ରିୟାକୁ ନପାଇ, ପାଇଥିଲା ଏନେକ ସଖୀ ସହଚରୀ । ସେହି ସଖି ସହଚରୀ ହୋଇ ନିଜ ଘରେ ଜାଲ ସଦୃଶ ଏକତ୍ରରେ ଘୁରି ବୁଲୁଥିଲେ । ସେଠାରେ ସେମାନେ ଖର ନିଶ୍ୱାସ ତ୍ୟାଗ କରି ଚାଲିଥିଲେ । ସମସ୍ତ ଅଳୀଙ୍କ ସନ ଧିରେ ଧିରେ ବୃଦ୍ଧି ପାଇବାରେ ଲାଗିଥିଲା । ଦାବାନଳ ପରି ଦିବାରାତ୍ରି ଜଣାଉଥିଲା । ଫୁଲ ଅଭାବରେ ଅଳୀର ଯେଉଁ ଅବସ୍ଥା, ସେପରି ପବନ ପ୍ରିୟ ହରିଣୀ ତାରି ଅଭାବରେ ଭୂମି ଉପରେ ପଡ଼ି ରହୁଥିଲା । ଏପରିକି ଶମନ ପାଇବାପରେ ଜଳିଲା ପରି ଜଳି ଉଠୁଥିଲା ।

**ସୂଚନା —**

**ଆସ୍ଫୋଟାନାବିସ୍ମୃତ ଲୋମର୍ଷେ**
**ନିବଦ୍ଧ ସନ୍ନ୍ୟାହ ବିଶାଳ ବାହୁଃ ।**
**ପଶୁପ୍ରଚଣ୍ଡଦ୍ୟୁତି ରିନ୍ଦୁ ଗୌରୋ**
**ଦେଶାକ୍ଷରାଗଃ କିଳ ମଲ୍ଲରାଜ ॥**

କ୍ଷେତ୍ର ଗୋନିନ୍ଦାଞ୍ଚଳ ଅନାବିସ୍ମୃତ ସମୟରେ, ସମୁଦାୟ ଭୂଖଣ୍ଡ ଆଁ ଆଁ ପରି ଉପରକୁ ଚାହିଁ ରହିଥିଲା । ତୃଣାଦି ଘାସର ମଧ୍ୟ ଚିହ୍ନବର୍ଣ୍ଣ ନଥିଲା । ଭୂଖଣ୍ଡ ସମୁଦାୟ ଏପରି ଅବସ୍ଥାରେ ସମ୍ମୁଖୀନ ହୋଇଥିବା ବେଳେ, ଜଳ ଧାରଣ କାରି ବିଶାଳ ଆକାଶର ମେଘ ପଶୁ ଆଚରଣ କରିଥିଲା । ପୁଣି ସେ ନିମ୍ନକୁ ଚାହିଁ ରହିଥିଲା । ଉତ୍କଟ ମରୁଡ଼ି, ଭୂଖଣ୍ଡର ପରିଚୟକୁ ଯେପରି ଦର୍ଶାଇଥାଏ କ୍ଷେତ୍ର ସେପରି ଥିଲା । ଉତ୍ପତି ହେଉଥିବା ଭୂଖଣ୍ଡର ପରିସ୍କାର ପ୍ରତି ପ୍ରୀତି ଆଚରଣ କରିଥିଲା । ମଲ୍ଲରାଜାଙ୍କ କ୍ଷେତ୍ର ପରି ଭୟଙ୍କର ଥିଲା ।

**ନବମ ପ୍ରବନ୍ଧ**

**ରାଗ — ଦେଶାଖ୍ୟ, ତାଳ- ଏକତାଳି**

**(୧) ସ୍ତନବନିହିତମପି ହାରମୁଦାରଂ**
**ସା ମନୁତେ କୃଶତନୁରିବ ଭାରମ୍ ।**
**ରାଧିକା, ତବ ବିରହେ କେଶବ ! ॥କା ॥**

ବିଶାଳ ଆକାଶ ଛାତିରେ ରାଇବହନକାରୀ ଜଳଙ୍କ ଢାଙ୍କି ହୋଇ ରହିଥିଲା । ପ୍ରସନ୍ନତା କ୍ରମେ ଦେବୀ ଲକ୍ଷ୍ମୀ ଉର୍ଦ୍ଧତ୍ୟାଗ କରି କ୍ଷେତ୍ର ହିତ ସକାଶେ ନିମ୍ନକୁ ଆସିଥିଲେ । ଭାରଯୁକ୍ତ ଶରୀରକୁ କୃଶ କରି ଆସିଥାଆନ୍ତି । କ୍ଷେତ୍ର ଅଭାବକୁ ତୁମର ବାସ୍ତବ ମାୟା ଦ୍ୱାରା ପୂର୍ଣ୍ଣ କର ହେ ପରବ୍ରହ୍ମ ପୂର୍ଣ୍ଣକର । ସଦାପୂର୍ଣ୍ଣକର ହେ ବାସ୍ତବତା ପୂର୍ଣ୍ଣକର ।

**(୨) ସଜସମସୃଣମପି ମଳୟଜପଙ୍କମ୍**
**ପଶ୍ୟତି ବିଷମିବ ବପୁଷି ସଶଙ୍କମ୍ ।**
**ରାଧିକା ... ॥ ଖା ॥**

ହେ ବାସ୍ତବ ! କ୍ଷେତ୍ରରେ ବର୍ଷାହୋଇଥିଲା । ତୁମର ଏହି ବର୍ଷାଜଳ ସ୍ରୋତାୟିତ ହୋଇ ପ୍ରବାହିତ ହେବାରେ ଲାଗିଥିଲା । ମସୃଣ ତଟାଞ୍ଚଳ ହେବାରେ ଲାଗିଥିଲା । ପଙ୍କ ଯୁକ୍ତ କ୍ଷେତ୍ର ଚିହ୍ନଟ ସକାଶେ କଷ୍ଟ ହେଉଥିଲା । ଠାଏଁ ଠାଏଁ ଚନ୍ଦନ ବୃକ୍ଷର ସତା ଥିଲା । ପ୍ରତି ବୃକ୍ଷରେ ସର୍ପ ରହି ମଣି ଯୁକ୍ତ ପରି ଜଣାଯାଉଥିଲା । ସେହି ବୃକ୍ଷ ସ୍ୱର୍ଶକରି ମଳୟ ପ୍ରବାହିତ ହେଉଥିଲା ।

**(୩) ଶ୍ୱସିତପବନମନୁପମପରିଣାହମ୍ ।**
**ମଦନଦହନମିବ ବହତି ସଦାହମ୍ ॥**
**ରାଧିକା .... ॥ ଗ ॥**

ହେ ବାସ୍ତବ ! ବ୍ରହ୍ମାଣ୍ଡର ଜୀବ ଜଗତ, ନିଶ୍ୱାସ ପ୍ରଶ୍ୱାସ ନେବା ଆଣିବା କାଳରୁ ବା ଆଦିରାଜ ମନୁଙ୍କ ଶାସନ କାଳରୁ ଜୀବ ସମୁଦାୟ ଜୀବନ ଧାରଣ କରି ଆସିଛନ୍ତି । ବୃତାକାର ବ୍ରହ୍ମାଣ୍ଡ ମଧ୍ୟରେ ପ୍ରାଣବାୟୁର ପ୍ରଚଳିତ ଏହି କ୍ଷେତ୍ରରେ ହୋଇଥିଲା । ସେ ସମୟରେ ଜଳସ୍ରୋତ ସମିପରେ ନଇଁ କରି ବାଜା ବଜେଇବା ପରି ନିଶ୍ୱାସ ଗ୍ରହଣ ପ୍ରଥା ଥିଲା ।

**(୪) ଦିଶିଦିଶି କିରତି ସଜଳକଣଜାଳଂ**
**ନୟନନଳିନମିବ ବିଗଳିତନାଳମ୍ ॥**
**ରାଧିକା.... ॥ ଘ ॥**

ହେ ବାସ୍ତବ! କ୍ଷେତ୍ରରେ ବର୍ଷା ହବାପରେ ପରେ ଗୁଡାଏ ଜଳସ୍ରୋତ ପ୍ରଚଳିତ ହେବାରେ ଲାଗିଥିଲା । ପୁରାତନ ସ୍ରୋତ ଗୁଡିକରେ ପଦ୍ମନାଡ଼ ଉତ୍ପତି ହୋଇଥିଲା । ସୁକ୍ଷ୍ମରୁ ସୁକ୍ଷ୍ମ ତୃଣ ଗୁଡ଼ିକ ସ୍ରୋତଗୁଡିକରେ ବାରମ୍ବାର ସଂସ୍ପର୍ଶରେ ଆସି ସୁକ୍ଷ୍ମାଣୁର ସୃଷ୍ଟି କରାଇଥିଲା । ସେଠାର ସ୍ରୋତ ଜଳରେ ବର୍ଷାଜଳ ମିଶି ପ୍ରଥମେ ଉଦଜାନ ସୃଷ୍ଟି ହୋଇଥିଲା ।

**(୫) ନୟନବିଷୟମପି କିଶଳୟତଳ୍ପଂ**
**କଳୟତି ବିହିତହୁତାଶବିକଳ୍ପମ୍ ॥**
**ରାଧିକା .... ॥ ଙ ॥**

ହେ ବାସ୍ତବ ! ଜ୍ଞାନର ଉତ୍କୃଷ୍ଟ ସ୍ଥଳି ରୂପେ ନିଜ ପରିଚୟ ଗୋବିନ୍ଦାୟ କ୍ଷେତ୍ର ଦେଇ ଆସିଛି । ସେଠାରେ ଜ୍ଞାନେନ୍ଦ୍ରୀୟଙ୍କ ଦ୍ୱାରା ବିଷୟଗୁଡିକୁ କରାଯାଇଥିବା ପ୍ରସ୍ତୁତି, ସଂକଳ୍ପ ପରି ଅଟେ । ବୃକ୍ଷ ଗୁଡିକର ପ୍ରକଟ ପରେ ପରେ ସେଥିରେ ନୂତନ ପତ୍ର ପ୍ରକଟ ହୋଇଥିଲା । ସେଥିରେ ବିଭିନ୍ନ ପକ୍ଷ୍ୟାଦିଙ୍କ ଦ୍ୱାରା ଅସ୍ପଷ୍ଟ ମଧୁର ଧ୍ୱନୀ ଶୁଣାଯାଉଥିଲା । ସେଥିରେ ସଂସ୍କୃତିର ସ୍ଥିରତା ଉତ୍ପତି ହୋଇଥିଲା । ହେ ବାସ୍ତବ ! ତବ ବିରହରେ ପରବ୍ରହ୍ମଙ୍କର ସ୍ଥିତିର ଉତ୍ପତି ନୁହେଁକି ?

**(୬) ତ୍ୟଜତି ନ ପାଣିତଳେନ କପୋଳଂ ।**
**ବାଳଶଶିନମିବ ସାୟମଲୋଳମ୍ ॥**
**ରାଧିକା .... ॥ ଚ ॥**

ପ୍ରତିପଦା ଚନ୍ଦ୍ର ଅନନ୍ତ ଆକାଶରେ ଉଦୟ ହେବାପରେ ଗୋବିନ୍ଦାୟ କ୍ଷେତ୍ରର ପାଦଦେଶକୁ ନିଜ କଳ୍ପନା ଦ୍ୱାରା ହାତ ବଢ଼ାଇ ସର୍ବଦା ନମସ୍କାର କରି ଆସୁଥିଲେ । ପ୍ରତିପଦା ସନ୍ଧ୍ୟାପରେ ବାଳ ଶଶିଙ୍କ ଏପରି ପ୍ରକ୍ରିୟା ପ୍ରକାଶ ପାଉଥିଲା । ଏପରି ଘଟଣା ଘଟିବା କାରଣ ଏହି ଯେ, ସନ୍ଧ୍ୟାରେ ଜଳସ୍ରୋତ ନିମ୍ନମୁଖୀ ହୋଇ ଶବ୍ଦ ସୃଷ୍ଟି କରୁଥିଲେ । ହେ ବାସ୍ତବ ! ତବ ବିରହରେ ପରବ୍ରହ୍ମଙ୍କର ସ୍ଥିତି ପରା ନଗଣ୍ୟ ।

**ହରିରିତି ହିରିରିତି ଜପତି ସକାମମ୍ ।**
**ବିରହବିହିତମରଣେବ ନିକାମମ୍ ।**
**ରାଧିକା .... ॥ ଛ ॥**

ନିଜର ପ୍ରକ୍ରିୟା ବ୍ୟତୀତ ଉଦୟ ଶିଶୁ ଚନ୍ଦ୍ର ଆକାଶରେ ପ୍ରକଟ ରହିବା ପରେ ସ୍ଥିର ରହିଥିବା ଗୋବିନ୍ଦାଞ୍ଚଳ କ୍ଷେତ୍ରର ପଦାରବିନ୍ଦଙ୍କୁ ସର୍ବଦା ନମସ୍କାର କରୁଥିଲେ । ଯେହେତୁ ସେଠାରେ ସବୁଜ ପ୍ରକ୍ରିୟା ପ୍ରଚଳିତ ଥିଲା । ସେହି ସବୁଜ କ୍ଷେତ ଅମଳ ପରେ ମଧ ଶିଶୁ ଚନ୍ଦ୍ର କ୍ଷେତକୁ ଅତି ପ୍ରେମରେ ପ୍ରାର୍ଥନା କରୁଥିଲେ ହେ ବାସ୍ତବ ! ତବ ବିରହରେ ପରବ୍ରହ୍ମଙ୍କର ସ୍ଥିତି ପରା ନଗଣ୍ୟ ।

**(୮) ଶ୍ରୀଜୟଦେବଭଣିତମିତି ଗୀତମ୍ ।**
**ସୁଖୟତୁ କେଶବପଦମୁପନୀତମ୍ ॥ ଜ ॥**

ଦିବ୍ୟଗ୍ରନ୍ଥ ଗୋବିନ୍ଦାଞ୍ଚଳର ବିକାଶକୁ ଆଧାର କରି ଅତି ଯତ୍ନରେ ଗୀତ ଆକାରରେ ରଚନା କରି କହି ଯାଇଛନ୍ତି । ଯଥାର୍ଥ ଶବ୍ଦ ସ୍ମରଣ କରି ଗୀତରେ ପ୍ରୟୋଗ କରିବା ଉଚିତ୍ । ସ୍ମରଣରେ ଉଚିତ୍ ଶବ୍ଦ ଉତୋଳନ ପାଇଁ ବାରମ୍ବାର ପରବ୍ରହ୍ମଙ୍କୁ ପ୍ରାର୍ଥନା କରିବା ବିଧେୟ । ମୋ ମନରେ ଉଚିତ୍ ଶବ୍ଦ, ରଚନା କାଳରେ ହିଁ ନେତୃତ୍ୱ ନେଉଥିଲା । ହେ ବାସ୍ତବ ! ତବ ବିରହରେ ପରବ୍ରହ୍ମଙ୍କ ସ୍ଥିତି ପରା ଅସତ୍ୟ ।

**ଶ୍ଳୋକ-୨୬**

**ସା ରୋମଞ୍ଚତି ସୀତ୍କରୋତି ବିଳପତ୍ୟୁତ୍କମ୍ପତେ ତାମ୍ୟତି**
**ଧ୍ୟାୟତ୍ୟୁଦ୍ଭ୍ରମତି ପ୍ରମୀଳତି ପତତ୍ୟୁଦ୍ୟାତି ମୂର୍ଚ୍ଛତ୍ୟପି ।**
**ଏତାବତ୍ୟତନୁଜ୍ୱରେ ବରତନୁର୍ଜୀବେନ୍ନ କିଂତେ ରସାତ୍**
**ସ୍ୱର୍ବୈଦ୍ୟପ୍ରତିମ ! ପ୍ରସୀଦସି ଯଦି ତ୍ୟକ୍ତୋଽନ୍ୟଥା ହସ୍ତକଃ ॥ ୨୬ ॥**

ଅମାପ ସମ୍ପଦର ଅଧିକାରିଣୀ ମା ଲକ୍ଷ୍ମୀ ଦେବୀଙ୍କ ଏହା ଜମା କ୍ଷେତ୍ର । କ୍ଷେତ୍ର ଭୂଗର୍ଭର ଗର୍ଭ ଅଟେ । ବଭିନ୍ନ ପ୍ରଭାବରେ ପ୍ରଭାବିତ ହୋଇ ଗର୍ଭ ରୋମାଞ୍ଚିତକର ସ୍ଥିତି ଉତ୍ପତି କରୁଥାଏ । ସାରା କ୍ଷେତ୍ର ପ୍ରସଂଶନୀୟ କାରଣରୁ ତ୍ୟାଗ କରି ଯିବାର ଇଚ୍ଛା ନଥିଲା । ମନରେ କେବଳ କ୍ଷେଦର ଜାଗ୍ରତ ହେଉଥିଲା । ଆହାର ପାଇଁ କେବଳ ଏଠାରେ ବାସ କଲେ ମଧ୍ୟ ତପ ପାଇଁ ଇଚ୍ଛା ହେଉଥିଲା । ସାରା ପରିବେଶ ଭାବର ଭାବନା ଏଠାରେ ରହିଛି । ପ୍ରଚୁରତା ମଧ୍ୟରେ କରୁଣାର ଆଭା ମଧ୍ୟ ରହିଛି  । ଭଗବତ୍ ମଧ୍ୟ ଏଠାରୁ  । ବର ପ୍ରାପ୍ତ ହୋଇ ମେରୁ ଏଠାରେ କ୍ଷେତ୍ରସ୍ଥ ହୋଇଥିଲା । ବ୍ରହ୍ମାଣ୍ଡର ଜୀବନ ଏଠାରୁ ଆରମ୍ଭ ହୋଇଥିଲା । ଏବଂ ଶେଷ ମଧ୍ୟ ଏଠାରେ ହେବା ନିଜେ ନିଜର ଚିକିତ୍ସକ ନ ହେଲେ ମଧ୍ୟ ନିଜର ସରସତକୁ ଜାଣିବା ଉଚିତ୍ । ହାତଛଡ଼ା କରିବା ମଧ୍ୟ ଅନୁଚିତ୍ ।

**ଶ୍ଳୋକ-୨୭**

**ସ୍ମରାତୁରାଂ ଦୈବତବୈଦ୍ୟହୃଦ୍ୟ-**
**ତ୍ୱଦଙ୍ଗସଙ୍ଗାମୃତମାତ୍ରସାଧ୍ୟାମ୍ ।**
**ବିମୁକ୍ତବାଧାଂ କୁରୁଷେ ନ ରାଧା –**
**ମୁପେନ୍ଦ୍ରବଜ୍ରାଦପି ଦାରୁଣୋଽସି ॥ ୨୭ ॥**

ସାରା ଶୂନ୍ୟ ମଧ୍ୟରେ କ୍ଷେତ୍ର ଶରୀର ଅତୀତରୁ ବ୍ୟାପ୍ତ ଜଙ୍ଘ ରୂପେ ପ୍ରଚଳିତ । ଦୈବିକ ଚିକିତ୍ସକ ହୃଦୟକୁ ଯେପରି ଅମୃତାୟ, ବୈଭ୍ରାନ୍ତିୟ ପ୍ରଭାବରେ ଚିକିତ୍ସା କରାଯାଇଥାଏ, ସେପରି କ୍ଷେତ୍ରକୁ କରିବା ଉଚିତ୍ । ଆଜିର କ୍ଷେତ୍ର ସ୍ଥିତି ପରିତ୍ୟକ୍ତ ହେଲେ ମଧ୍ୟ ସାଧନା ସ୍ଥଳି ଥିଲା । ଯେତେ ପ୍ରକାର ବାଧା ବିଘ୍ନର ସମ୍ମୁଖୀନ ହେଲେ ମଧ୍ୟ କୁରୁ ତାର ପ୍ରତିକାର କରି ସୁରକ୍ଷା କରୁଥିଲେ । କୁରୁଙ୍କ ରକ୍ଷା କବଚ ଦ୍ୱାରା ଅଳଙ୍କୃତ ହୋଇ ପାରିଥିଲା । ଏପରିକି ଇନ୍ଦ୍ରଦେବ ବଜ୍ର ଦ୍ୱାରା ପ୍ରହାର କଲେ ମଧ୍ୟ, କାର୍ଯ୍ୟକାରୀ ହୋଇ ପାରୁ ନଥିଲା । ସତ୍ୟ ଶକ୍ତିଶାଳୀ ରୂପେ ବାରମ୍ବାର ଖଡ୍ଗରେ କ୍ଷେତ୍ରକୁ ପ୍ରହାର କଲେ ମଧ୍ୟ କୌଣସି ପ୍ରକ୍ରିୟା ଅକ୍ରିୟା ହୋଇ ପଡୁଥିଲା ।

**ଶ୍ଳୋକ- ୨୮**

**କନ୍ଦର୍ପଜ୍ୱରସଂଜ୍ୱରାକୁଳତନୋରାଶ୍ଚର୍ଯ୍ୟମସ୍ୟାଶ୍ଚିରଂ ।**
**ଚେତଶ୍ଚନ୍ଦନଚନ୍ଦ୍ରମଃ କମଳିନୀଚିନ୍ତାସୁ ସନ୍ତାମ୍ୟତି ।**
**କିନ୍ତୁ କ୍ଳାନ୍ତିବଶେନଶୀତଳତରଂ ତ୍ୱାମେକମେବ ପ୍ରିୟଂ**
**ଧ୍ୟାୟନ୍ତୀ ରହସି ସ୍ଥିତା କଥମପି କ୍ଷୀଣା କ୍ଷଣଂ ପ୍ରାଣିତି ॥ ୨୮ ॥**

କନ୍ଦର୍ପ ତାପ, ସଂଶୟ ତାପ ଉଭୟ ସମ୍ୟକ ଭାବରେ ପରିବେଶ ମଧ୍ୟରେ ଉଦୟ ହୋଇଥିଲେ । ଏପରିକି ବିସ୍ମୟ ପ୍ରକାଶ କରାଇ ଅନୁପ୍ରାଣିତ ଭାବରେ ଶରୀର ଯୁକ୍ତ ପ୍ରାଣୀର ଉତ୍ପତି କରାଉଥିଲା । ଜ୍ୟୋତି ସହ ଦେବୀ କାଳଙ୍କର ଯେଉଁ କ୍ଷେତ୍ରରେ ବାସ, ବିକଳ୍ପ ସରୂପ ମା ଲକ୍ଷ୍ମୀଙ୍କର ମଧ୍ୟ ସେହି କ୍ଷେତ୍ରରେ ବାସ ଥିଲା । ଉଭୟେ କ୍ଷେତ୍ରକୁ ଶାସନ କରୁଥିଲେ । ଉଭୟଙ୍କ ବିଚାର ଠିକ୍ କାର୍ଯ୍ୟକାରୀ ହେଉଥିଲା । ଏଣୁକରି ସାଧୁ ଏବଂ ସେମାନଙ୍କ ଅନୁଚରମାନେ ହିଁ ଏଠାରେ ବାସ କରିବା ଶ୍ରେୟ ଥିଲା । କିନ୍ତୁ ଏଠାରେ ଶୀତଳତା ସାଧକଙ୍କ ମାନସିକ ଦୁର୍ବଳତାର କାରଣ ହୋଇପାରିଥିଲା । କିନ୍ତୁ ସାଧନା ପାଇଁ ଏପରି ନିର୍ଜନ, ନିଶ୍ଚଳ ସ୍ଥାନ ଅନ୍ୟ କୌଣସିଠାରେ ନଥିଲା । ତେବେ ଏପରି ଶ୍ରେୟ କ୍ଷେତ୍ରରେ ଛେଳି ବଳି ଆଦି ଦେବା ଉଚିତ୍ ? ଯେହେତୁ କ୍ଷେତ୍ର ସ୍ମରଣୀୟ ହୋଇ ରହିବା ଆବଶ୍ୟକ ଥିଲା । କାରଣ ଏଠାରେ କ୍ଷଣ ଅକ୍ଷଣରେ ପରିବର୍ତନ ହୋଉ ଉଦୟ ଲୋପର ପ୍ରକ୍ରିୟା ଅତୀତରୁ ପ୍ରଚଳିତ ହୋଇ ରହି ଆସିଥିଲା ।

**ଶ୍ଳୋକ- ୨୯**

**କ୍ଷଣମପି ବିରହଃ ପୁରା ନ ସେହେ**
**ନୟନନିମୀଳନଖିନ୍ନୟା ଯୟା ତେ ।**
**ଶ୍ୱସିତିକଥମସୌ ରସାଳଶାଖାଂ**
**ଚିରବିରହେଣବିଲୋକ୍ୟ ପୁଷ୍ପିତାଗ୍ରାମ୍ ॥ ୨୯ ॥**

ସେହି ମୁହୂର୍ତ୍ତରେ ସେହି କ୍ଷଣକୁ ସ୍ମରଣ କର । ଚକ୍ଷୁ ବୁଜିବା ଆରମ୍ଭରୁ ଯେଉଁ ଦୃଶ୍ୟ ଦେଖିବା କଥା ସେହି ଦୃଶ୍ୟ ଦେଖିବା ପରେ, ଅନ୍ୟ ଦୃଶ୍ୟ ଦେଖିବାକୁ ମିଳୁଥିଲା । ସେପରି ଦୁଃଖଦ ସମୟର ବିଷୟକୁ ବଦଳାଇ ହେଉ ନଥିଲା । ସମସ୍ତ ଦୃଶ୍ୟର ପରିବର୍ତ୍ତନ ସକାଶେ ବାରମ୍ବାର କହିବାକୁ ପଡୁଥିଲା । ସେଠାରେ ବାରମ୍ବାର ଏପରି ହେବା କାରଣରୁ ପ୍ରାଣୀମାନେ ନିଶ୍ୱାସ ଗ୍ରହଣ ଓ ତ୍ୟାଗ କରିବାକୁ ସକ୍ଷମ ଏଠାରେ ହୋଇଥିଲେ । ପୁନଃ ପରିବେଶ ପରବର୍ତ୍ତନରେ ପ୍ରାଣୀ ଜନ ସହାୟକ ହୋଇଉଠିଥିଲେ । ଆମ୍ବ ବୃକ୍ଷ ସହ ତାର ଡାଳ ସର୍ବଦା ବିଚ୍ଛେଦ ହୋଇ ରହି ଆସିଥିଲେ । ଉତ୍ପତି କ୍ଷେତ୍ର ସେହି ସମୟରେ ହିଁ ପୂର୍ଣ୍ଣ ହୋଇଥିଲା । ଆଜିର ଦୃଶ୍ୟରେ କିନ୍ତୁ ଜନପଦ ଗୁଡିକର ଦୃଶ୍ୟ ଦେଖିବାକୁ ମିଳୁନି । ପୂର୍ଣ୍ଣାଙ୍ଗ ତଥା ପୁଷ୍ପିତ ରୂପରେ ।

### ୫ମ ସର୍ଗ

### ଶ୍ଳୋକ – ୩୦

ସୂଚନା –

ଅହମିଚ ନିବସାମି ଯାହି ରାଧାମନୁନୟ ମଦ୍ ବଚନେନ ଚାନୟେଥାଃ ॥
ଇତିମଧୁରିପୁଣାସଖୀନିଯୁକ୍ତା ସୟମିଦମେତି ପୁନର୍ଜଗାଦ ରାଧାମ୍ ॥ ୩୦ ॥

ଦିନସାରା ବର୍ଷା ଦ୍ୱାରା ପରିବେଶରେ ଆଦ୍ରତା ବୃଦ୍ଧି ପାଇଥିଲା । କ୍ଷେତ୍ରବିଳାସ ଆଡକୁ ଆକ୍ରମଣ କରି ଚାଲିଥିଲା । ରାଜର୍ଷି ସ୍ୱୟଂମ୍ଭୁବ ମନୁ ସେଠାରେ ଶାସନ ଭାର ଗ୍ରହଣ କଲାପରେ, ପ୍ରାଣୀଙ୍କ ସକାଶେ ଯେଉଁ ବିଚାର କରିଥିଲେ, ତାହା ବାସ୍ତବକୁ ସାକାର କରିଥିଲା । ବାସ୍ତବତାକୁ ଯେପରି ରକ୍ଷା କରାଯାଇ ପାରିବ, ସେହି କଳ୍ପନାକୁ ବିଚାର କରି ବିସ୍ତାରିତ ଭାବେ ରଖାଯାଇଥିଲା । ସମୁଦାୟ କ୍ଷେତ୍ର ପାହାଡ଼ ପରିପୂର୍ଣ୍ଣ ହୋଇ ରହିଥିଲା । ଏହି ଦୃଶ୍ୟ ସମାପ୍ତ ପରେ ମହୁମାଛି ଗଣ ନିଜ ନିଜ ସହଚରୀଙ୍କ ସହ ସାକ୍ଷାତ ପାଇଁ ଅନୁମତି ଦେଇଥିଲେ । ସେମାନେ ନିଜେ ନିଜ ନିଜ ବିଚାରରେ ପୁନର୍ବାର ବାସ୍ତବତାକୁ ସଜାଡିବାକୁ ଲାଗିଯାଇ ଥିଲେ ।

ବିନୋଦୟଞ୍ଚୀ ଦୟିତଂ ସୁକେଶୀସୁଙ୍କ କଚ୍ଛାଚାମର ଚାଳନେନକର୍ଣ୍ଣେ)
ଦଧାନାସୁର ପୁଷ୍ପଗୁଚ୍ଛଂ ବରାଙ୍ଗନେଙ୍ଗଂ କଥିତ ବରାଡ଼ି )

ପରିବେଷ ମଧ୍ୟରେ ଗୋବିନ୍ଦାଞ୍ଚଳ କ୍ଷେତ୍ରର ଅବସ୍ଥା ସେପରି ଥିଲା, ଯେପରି ରାଗ ବରାଡ଼ି ଗାୟନ ସମୟରେ ପ୍ରାଣୀ ସମୁଦାୟଙ୍କ ମୁଗ୍ଧତାକୁ ବାରି ହୋଇପାରୁଥିଲା । ମୁଗ୍ଧତାର ପୁଣି ଏପରି ଆକର୍ଷଣ ରହିଥିଲା, ଯେପରି ଚକ୍ରବର୍ତୀ ରାଜା ସିହଂାସନରେ ବିଜେ ହୋଇଥିବା କାଳେ, ଦାସୀ ଚାମର ଧରି ଆହୁଲାଇଥାଏ । ସେହି ଆହୁଲାରେ ମଳୟ ଯେପରି ସୃଷ୍ଟି ହୁଏ, ସେହି ସୃଷ୍ଟି ମଳୟ ଚକ୍ରବର୍ତୀଙ୍କ କର୍ଣ୍ଣ ସିଧା ସୌଖ୍ୟ ଦେଉଥିଲା । କଥାରେ କହନ୍ତି ବିସ୍ତାରିତ ରୁପରେ ରାଜା ଚାମର ଚଳନ୍ତି କାଳରେ, ଅତି ମନୋରଞ୍ଜନ ସହ ରାଜା ସ୍ୱପ୍ନ ଦେଖିଲା ପରି କଳ୍ପନାରେ ମଜ୍ଜି ବସିଥାଆନ୍ତି । ଚାମର ଚାଳକର ସାମାନ୍ୟ ତ୍ରୁଟିରେ ଏପଟ ସେପଟ ହୋଇଗଲେ ରାଜା ଯେପରି ଚାମର ଚାଳକକୁ କଣେଇଁ ଚାହିଁଥାନ୍ତି । ସେପରି ବରାଡ଼ି ରାଗ ତରଙ୍ଗାୟୀତର ଆକର୍ଷଣୀୟ ଅଟେ ।

### ଦଶମ ପ୍ରବନ୍ଧ

### ରାଗ- ଦେଶୀବରାଡ଼ି

(୧) **ବହତି ମଳୟମୀରେ ମଦନମୁପନିଧାୟ**
**ସ୍ଫୁଟତି କୁସୁମନିକରେ ବିରହିହୃଦୟଦଳନୀୟ ।**
**ତବବିରହେ ବନମାଳୀ ସଖୀ ସୀଦତି ॥ କ ॥**

ଜଳଧାର ଗୁଡ଼ିକ ଗୋବିନ୍ଦାଞ୍ଚଳ କ୍ଷେତ୍ରରେ ସ୍ରୋତାୟୀତ ତଥା ମନୋହର ଜଣାଯାଉଥିଲା । ସୁଗନ୍ଧ ଯୁକ୍ତ ବାୟୁର ଆହୁଲା ପ୍ରବାହରେ ବିଶେଷଭାବେ ପରବେଶ ଆନନ୍ଦ ଦାୟକ ବୋଧ ହେଇଥିଲା । ବିଭିନ୍ନ ଫୁଲର ସମାହାର ହୋଇ ରହି ଆସିଥିବା ବଗିଚା ମଧ୍ୟରେ ଯେପରି ଫୁଲ ଫୁଟି ଉଠି କ୍ଷେତ୍ର ସ୍ଥାପନ ହୋଇଥାଏ, ସେପରି କ୍ଷେତ୍ରର ସାର ଅଂଶକୁ ସାମର୍ଥ୍ୟଶାଳୀ ହୃଦୟହିଁ ସହଜରେ ସହନ କରି ପାରୁଥିଲା । କିମ୍ବା ବିଚ୍ଛେଦରେ ଦୂରେଇ ରହୁଥିଲା । ସେପରି କ୍ଷେତ୍ରସ୍ଥ ଜଳସ୍ରୋତ ଗୁଡିକ ତୁମ ବିଚ୍ଛେଦରେ ସମୁଦାୟ ବନରାଜି ସହଚରୀମାନଙ୍କ ସହ ଅତି କ୍ଲାନ୍ତ ଜଣା ଯାଉଥିଲା ।

(୨) **ଦହତି ଶିଶିରମୟୁଖେ ମରଣମନୁକରୋତି ।**
**ପତତି ମଦନବିଶିଖେ ତତିବିଳପତି ବିକଳତରୋଽତି ।**
**ତବ ବିରହେ ...... ॥ଖ॥**

ଗୋବିନ୍ଦାଞ୍ଚଳର ସମୂହ ଶୀତଳତା ଜଳାଇବାରେ ଲାଗିଥିଲା । ପ୍ରକାଶିତ ହେବାପରେ ଅନ୍ତଃକରଣକୁ ସୂଚିତ କରାଇ ମରଣ ତୁଲ୍ୟ ପ୍ରଭାବ ବିସ୍ତାର କରିଥିଲା । ଶିତଳତା ଯଦି ଏପରି ପ୍ରକ୍ରିୟା ସହ ଅବତରଣ କରି ଚାଲିଥାଏ ତେବେ ବୁଝିବାକୁ ପଡ଼ିବ ମୁକୁଟ ବିହିନ ରାଜାପରି ଏହି ବିସ୍ତୃତ ଅଞ୍ଚଳକୁ ଶୀତଳ ଅବତରଣ କରି ଚାଲିଛନ୍ତି । ଯେହେତୁ ବର୍ତମାନର ଚଳଣୀ କାତର ହୋଇଥିବା, ଗୁଂଜରଣରେ ଶୁଣାଯାଉଛି ।

(୩) **ଧ୍ୱନତି ମଧୁପସମୂହେ ଶ୍ରବଣମପି ଦଧାତି ।**
**ମନସି ବଳିତବିରହେ ନିଶି ନିଶି ରୁଜମୁପଜାତି ॥**
**ତବ ବିରହେ .... ।ଗ।**

କ୍ଷେତ୍ର ଗୋବିନ୍ଦାଞ୍ଚଳର ସମୂହ ମହୁମାଛି ଏକତ୍ରିତ ହୋଇ ଗୁଞ୍ଜରଣ ଆରମ୍ଭ କରିବାରେ ଲାଗିଥିଲେ । ସେହି ଗୁଞ୍ଜରଣ ଶବ୍ଦ ସମିପରେ ଶୁଣିବାକୁ ମିଳିଥିଲା । ସମୟାନୁକ୍ରମେ ମହୁମାଛିଙ୍କର ଗୁଣୁଗୁଣୁ ଶବ୍ଦ ଗତିଶୀଳତା ହେବାରେ ଲାଗିଥିଲା । ଧିରେ ଧିରେ ସେ ଶବ୍ଦ ଦୂର ହେବାରେ ଲାଗିଥିଲା । ଏପରି ଶବ୍ଦ ଦୂର ହେବାର ଦେଖି ଭାବୁକ ବିଚାରକରେ ରାତ୍ର ଯେପରି ତା ଆରମ୍ଭରୁ ସକାଳ ଦେବାଯାଏ ଗତିଶୀଳ ହେବାକଥା ହୋଇଥିଲା ।

(୪) **ବସତି ବିପିନବିତାନେ ତ୍ୟଜତି ଲଳିତଧାମ ।**
**ଲୁଠତି ଧରଣୀଶୟନେ ବହୁ ବିଳପତି ତବ ନାମ ॥**
**ତବ ବିରହେ ..... ।ଘ।**

କ୍ଷେତ୍ର ସମୁଦାୟ ସର୍ବ ପ୍ରଥମେ ନିବାସ ସ୍ଥାନର ପରିଚୟ ଦେଉଥିଲା । ସେ ସମୟରେ କ୍ଷେତ୍ର ସମୁଦାୟ ସୁକ୍ଷ୍ମ ତଥା ଲାଳିତ୍ୟ ଥିଲା । ପୁନଃ ତୀର୍ଥଧାମ ବୋଲାଉଥିଲା । ପରେ ପରେ କ୍ଷେତ୍ର ସମୁଦାୟ ବନ ରୂପରେ ପରିଚୟ ଦେଇଥିଲା । ପୁନଃ ଶୋଭା ରହିଲା ପରି ରହିଥିଲା । ସେ ସମୟରେ ସେଠାରେ ସର୍ପମାନେ କାନ୍ଦି କାନ୍ଦି ଅତୀତକୁ ଖୋଜି ବୁଲୁଥିଲେ ।

(୫) **ରଣତି ପିକସମୁଦାୟେ ପ୍ରତିଦିଶମନୁଯାତି,**
**ହସତି ମନୁଜନିଚୟେ ବିରହମପଲତି ନେତି ।**
**ତବ ବିରହେ .... ।ଙ।**

କ୍ଷେତ୍ରରେ ସର୍ବଦା ରହି ଆସିଥିବ । ସମୁଦାୟ କୋଇଲି ପରିବେଶ ମଧ୍ୟରେ କର୍ମ ତତ୍ପର ଥିଲେ । ନିଜର ଇଛା ପ୍ରକାରେ ଗାୟନ କରି ପରିବଶେକୁ ଆନନ୍ଦ ଯୋଗାଇଥିଲେ । ମନୁଷ୍ୟ ଏଠାରେ ପ୍ରାପ୍ତ ହୋଇଥିବା ସମସ୍ତ ମୂଲ୍ୟବାନ ପଦାର୍ଥ ସହ ସବୁକିଛିର ବିଛେଦ ହୋଇ ରହି ଆସିଛି । ବର୍ତମାନର ବିକଳ୍ପ ବାୟୁରେ ବାନ୍ଧି ରହିବା ପରି, କ୍ଷେତ୍ର କେବଳ ପୂଜା ଯୋଗ୍ୟ ହୋଇ ରହିଛି ।

(୬) **ସ୍ଫୁରତି କଳରବରାବେ ସ୍ମରତି ଭଣିତମେବ ।**
**ତବ ରତିସୁଖବିଭବେ ବହୁ ଗଙ୍ଗୟତି ଗୁଣମତୀବ ॥**
**ତବ ବିରହେ ... ।ଚ।**

ଅତୀତରେ ଘଟିଥିବା, ଘଟଣା ଗୁଡ଼ିକ ସ୍ମରଣୀୟ ହୋଇ ପରିବେଶ ମଧ୍ୟରେ ରହି ଆସିଛି । ଅତୀତର ଘଟଣା ଗୁଡ଼ିକର ଭାବନା ଭାବକୁ ସ୍ମରଣକୁ ନେଇ ସିଦ୍ଧରେ ରଚନା କରିବା ପରେ ସେହି ରଚନାକୁ ପୂଜା କରିବା ଉଚିତ୍ ଥିଲା । ତେବେ ଯାଇ ଅତୀତର ସେ ଆନନ୍ଦର ଆନନ୍ଦ ସହ ପରମାନନ୍ଦଙ୍କର ପ୍ରଭୂତ୍ୱ ରୂପେ ପାଇ ପାରିଥିଲା । ଏହି ପରିବେଶ ମଧ୍ୟରେ ଅନେକ ବିଭାଜିତ ଗୁଣ ରହି ଆସିଥିଲା । ବୁଦ୍ଧିନ୍ୟୁନ ବ୍ୟକ୍ତି ଏହା କିପରି ବୁଝିବ ?

(୭) **ଦ୍ୱିଦଭିଧଶୁଭଦମାଙ୍ଗ ବଦତି ନାଭିଶୃଣୋତି ।**
**ତମପି ଜପତି ସରସଂ ପରଯୁବତିଷ୍ଟୁନ ରତିମୁପୈତି ॥**
**ତବ ବିରହେ .... ।ଛ।**

ଏପରି ଏକ ସମୃଦ୍ଧିକୁ ଯଦି ଦାନ କରିବାକୁ ପଡ଼େ ତେବେ କଣ କ୍ଷେତ୍ର ସମୁଦାୟକୁ ଖଣ୍ଡ ଖଣ୍ଡ କରିବାକୁ ପଡ଼ିବ ? ଏହି କ୍ଷେତ୍ରରେ ଧ୍ୟାନ, ଜପକୁ ନେଇ କଥାରେ ରହି ଆସିଛି । ଏହିପରି ସଦୃଶ୍ୟ ପବିତ୍ର ଗର୍ଭ କ୍ଷେତ୍ରରେ ଘଟିଥିବା ଘଟଣାର ସ୍ମରଣୀୟ ଶୁଣିବାକୁ ମିଳେ । ଦୁଃଖ ପ୍ରଭାବରେ ରହି ଯେ ଏହି କ୍ଷେତ୍ରରେ ପ୍ରାର୍ଥନା କରେ, ତେବେ ସେ ଜଳସ୍ରୋତ ଦ୍ୱାରା ସାଗରେ ସମ୍ପର୍କ ରଖିଲା ପରି ହେବ ।

(୮) **ଭଣତି କବିଜୟଦେବ ବିରହବିଳସିତେନ ।**
**ମନସି ରଭସବିଭବେ ହରିରୁଦୟତୁ ସୁକୃତେନ ।ଜ।**

ଏହି ଦିବ୍ୟ ଗ୍ରନ୍ଥର ଭାବୁକ ତଥା ଶବ୍ଦାର୍ଥ ସଂଯୋଜକ ଭାବିବା ଆବଶ୍ୟକ । କିନ୍ତୁ ଏଥି ସହିତ ନିଜ ନାମ ମଧ୍ୟ ଯୁକ୍ତ ରହିବା ଉଚିତ୍ । ଏପରି ଯଦି ନହୁଏ ତେବେ ସେ କ୍ଷେତ୍ର ବିଚ୍ଛେଦରେ ପ୍ରସାର କଲାପରି ନିଜକୁ ବୋଧ ହେବ । କାରଣ ସେଠାରେ ସମୁହ ଜ୍ୟୋତି ପ୍ରତିଦାନ କରି ଆସୁଛି । କ୍ଷେତ୍ର ତେଜିୟାନ କେବଳ ଆନନ୍ଦ ହିଁ ଆନନ୍ଦର ପ୍ରାଚୁର୍ଯ୍ୟ  କ୍ଷେତ୍ରରେ ଭରି ରହିଛି । ସ୍ମକଣରେ କେ କନ୍ଦାଇବା ସହ ତ୍ୟାଗକୁ ଇଛା ହୁଏ ନାହିଁ ।

**ଶ୍ଳୋକ- ୩୧**

**ପୂର୍ବଂଯତ୍ର ସମଂ ତ୍ୱୟା ରତିପତେରାସାଦିତା ସିଦ୍ଧୟ-**
**ସ୍ତସ୍ମିନ୍ନେବ ନିକୁଞ୍ଜମନ୍ମଥମହାତୀର୍ଥେ ପୁନର୍ମାଧବଃ ।**
**ଧ୍ୟାଙ୍ଗ ସ୍ତ୍ୱାମନିଶଂ ଜପନ୍ନପି ତବୈବାଳାପମନ୍ତ୍ରାବଳୀଂ**
**ଭୂୟସ୍ତତ୍‌କୁଚକୁମ୍ଭନିର୍ଭରପରିରମ୍ଭାମୃତଂ ବାଞ୍ଛତି । ।।୩୧।।**

ଅତୀତରେ ଏହି କ୍ଷେତ୍ର ଯେପରି ଥିଲା, ସେପରି ହିଁ ରହି ଆସିଛି । ଆନନ୍ଦର ଆନନ୍ଦ ଗୁଣ ବା ମିଳିଥିବା ଅନୁଦାନ ପରମାନନ୍ଦ ସେଠାରେ ହିଁ ରହିଆସିଛି । ସେଠାରେ ବାସିନ୍ଦା ହୋଇଥିବା ମୂଳ ଆତ୍ମା ଗୁଡିକ ଆଜି କନ୍ଦର୍ପ ପରି ନିକୁଞ୍ଜରେ ପରିବର୍ତିତ ହୋଇ ରହିଛନ୍ତି । ଏଣୁ ମହାତୀର୍ଥ ରୂପ କ୍ଷେତ୍ର ନିଜ ପରିଚୟକୁ ଦେଇ ଆସୁଛି । ସେହି ସଧବା ମାତୃତ୍ୱ ପରିବେଶ ସହ ତୁଳନାରୁ ଜଣାଯାଏ, ସ୍ଥିତିର ପୂର୍ଣ୍ଣ ପରିବର୍ତନ ହୋଇ ସାରିଛି । ପ୍ରଚଳିତ ଭାବେ ରହି ଆସିଥିବା ସ୍ତୁତି ପ୍ରକ୍ରିୟାକୁ ହତ୍ୟା କରାଯାଇଛି । ପ୍ରାର୍ଥନା ସଭା ଗୃହରେ ତାହା ପଡିଛି । ଅମୃତ ସିଦ୍ଧ ଗ୍ରନ୍ଥ ଗୁଡିକ ଆଳାପ ଆଉ ହୋଇପାରୁନି । ଜମି ସମୁଦାୟ ଉଚ୍ଚ, ନିଚ୍ଚ ହୋଇ ବଗଡ଼ କ୍ଷେତ୍ର ପରି ଜଣାଯାଉଛି । ବର୍ତମାନ ସେ ମୃର୍ତିକା କଦଳୀ ବଣ ସକାଶେ ପ୍ରଯୁଜ୍ୟ ।

**ଏକାଦଶ ପ୍ରବନ୍ଧ**

**ରାଗ- ଗୁର୍ଜରୀ (ଏକ- ଏକତାଳି)**

**୧)**	**ରତିସୁଖସାରେ ଗତମଭିସାରେ ମଦନ ମନୋହର ବେଶଂ**
**ନ କୁରୁ ନିତମ୍ବିନି ଗମନ ବିଳମ୍ବନ ମନୁସର ତଂ ହୃଦୟେଶମ୍ ।**
**ଧୀରସମୀରେ ଯମୁନାତୀରେ ବସତି ବନେ ବନମାଳୀ ।**
**ପୀନପୟୋଧର ପରିସରମର୍ଦ୍ଦନଚଂଚଳକରଯୁଗଶାଳୀ ।କ।**

ଆନନ୍ଦର ଉତ୍କର୍ଷ ବା ଆନନ୍ଦର ଆନନ୍ଦ ପରମାନନ୍ଦ ପରି ଏହି କ୍ଷେତ୍ର ଥିଲା । ଏପରି ଆନନ୍ଦ ଅତୀତରୁ ପ୍ରଚଳିତ ହୋଇ ଆସିଥିଲା । ଆନନ୍ଦର ଆନନ୍ଦ ବା ପ୍ରଚଳିତ ପରମାନନ୍ଦ ଅତୀତରୁ ପ୍ରଚଳିତ ଭାବେ ରହି ଆସିଛି । ଅତୀତରୁ କେବଳ ରହି ଆସିନି, ଯେପରି ମଦନ ମନୋହର ବସ୍ତ୍ର ଧାରଣ କରି ଆସିବା ଜଣା ଯାଉଛି । ଏପରି ବେଶରେ କ୍ଷେତ୍ର ସମୁଦାୟକୁ ନିଜ ମେରୁରେ ଧରି ଧିରେ ଧିରେ ଘୁରି ଏତାଦୃଶ ମନକୁ ପ୍ରଭାବିତ କରି ଚାଲିଥାଏ ।

**(୨)**	**ନାମସମେତଂ କୃତସଙ୍କେତଂ ବାଦୟତେ ମୃଦୁବେଣୁମ୍ ।**
**ବହୁମନୁତେନନୁତେ ତନୁସଙ୍ଗତପବନଚଳିତମପି ରେଣୁମ୍ ।।**
**ଧୀରସମୀରେ .... ।ଖ।**

ସୟମ୍ଭୁବ ମନୁଙ୍କ ଏହି କ୍ଷେତ୍ରରେ ବର୍ଷାର ପରମ୍ପରା କାର୍ଯ୍ୟ ଆରମ୍ଭ ହୋଇଥିଲା । ଅତୀତର ଏହି ସୂଚନା ଅନୁକ୍ରମେ ଝିପି ଝିପିରୁ ଝର ଝର ବର୍ଷା ଆରମ୍ଭ ହେବାରେ ଲାଗିଥିଲା । ବୃକ୍ଷର ପତ୍ରଗୁଡ଼ିକରେ ବିନ୍ଦୁ ବିନ୍ଦୁ ବାରି ଆକାଶରୁ ପଡ଼ି ସ୍ୱର୍ଶ କରୁଥିଲା । ସେହି ସ୍ୱର୍ଶରେ ବଂଶି ବାଦନ ପରି ସୂକ୍ଷ୍ମ ଶବ୍ଦରେ ଧ୍ୱନୀ ବାଜି ଉଠିଥିଲା । ବିନ୍ଦୁ ବିନ୍ଦୁ ଅସୁମାର ବାରି ଦ୍ୱାରା ସମୁଦାୟ ଅଞ୍ଚଳ ଭିଜିଲା ପରି ଜଣା ଯାଉଥିଲା । ବର୍ଷା ସହ ପବନର ପ୍ରଭାବ ମଧ୍ୟ ପ୍ରଚଳନ ହୋଇପାରିଥିଲା । ଝଡ଼ ପରି ଅମାପ ଧୂଳିର ପ୍ରଭାବ ବିସ୍ତାରିତ ଏଠାରେ ହୋଇଥିଲା ।

**(୩)**	**ପତତି ପତତ୍ରେ ବିଚଳିତ ପତ୍ରେ ଶଙ୍କିତ ଭବଦୁପଯାନଂ**
**ରଚୟତି ଶୟନଂ ସଚକିତନୟନଂ ପଶ୍ୟତି ତବ ପନ୍ଥାନମ୍ ।**
**ଧୀରସମୀରେ ..... ।ଗ।**

ରାଜା କୁରୁଙ୍କ କୁରୁକ୍ଷେତ୍ରର ପ୍ରଥମ ଦ୍ୱାର ମଚକ୍ରୁକ କ୍ଷେତ୍ରରେ ପ୍ରଥମେ ଆକାଶରୁ ବାରି ବର୍ଷା ହେବାରେ ଲାଗିଥିଲା । ବିନ୍ଦୁ ବିନ୍ଦୁ ବାରି ଗୁଡ଼ିକ ଭୁମି ସ୍ୱର୍ଶ ନ କରିବା ପୂର୍ବରୁ ବୃକ୍ଷରେ ଥିବା ପତ୍ର ଗୁଡ଼ିକୁ ସ୍ୱର୍ଶ କରୁଥିଲା । ଜଳ ବିନ୍ଦୁ ଉର୍ଦ୍ଧ୍ୱରୁ ପଡୁଥିବା ବୃକ୍ଷମାନେ ଦେଖି ସେହି ବୃକ୍ଷ ପତ୍ର ଗୁଡିକ ସଙ୍କିତ ହେବାରେ ଲାଗିଥିଲେ । ପତ୍ର

ଗୁଡ଼ିକ ଆଶ୍ଚର୍ଯ୍ୟ ହୋଇ କହିଥିଲେ, ହେ ପରମାତ୍ମା ତୁମ ବିଧାନ ପ୍ରକାରେ ସମସ୍ତ ଏଠାରେ ପ୍ରଚଳିତ ହୋଇ ଚିଲିଛି ।

(୪) **ମୁଖରମଧୀରଂ ତ୍ୟଜ ମଞ୍ଜୀରଂ ରିପୁମିବ କେଳିଷୁ ଲୋଳମ୍ ।**
**ଚଳ ସଖି କୁଞ୍ଜଂସତିମିରପୁଞ୍ଜଂ ଶୀଳୟ ନୀଳନିଚୋଳମ୍ ।**
**ଧୀର ସମୀରେ .... ।ଘ।**

କ୍ଷେତ୍ରର ଅନ୍ୟନାମ ସପ୍ତସାରସତ ତୀର୍ଥ । କ୍ଷେତ୍ର କୋଳାହଳ ଶବ୍ଦ ତ୍ୟାଗ କରି ନୁପୁର ସ୍ୱନ ଶବ୍ଦ ଉଦୟ କରିପାରିଥିଲା । ବର୍ଷାଜଳ ସ୍ରୋତ ପରସ୍ପର ମିଳନରେ ନୁପୁର ସ୍ୱନ ସୃଷ୍ଟି କରୁଥିଲା । ମିଳନ ପରେ ଏକତ୍ର ସ୍ରୋତ ହୋଇ ମହା ଗର୍ଭରେ ପ୍ରବେଶ କରୁଥିଲେ । କାର୍ଯ୍ୟରତ ସ୍ରୋତ ଗୁଡିକ ପରସ୍ପରକୁ ସଖି ସମ୍ବୋଧନ କରୁଥିଲେ । ପୁନଃ ଏକତ୍ର ହୋଇ ଗର୍ଭକୁ ମୁହାଁଇଥିଲେ । ଜୀବଜନ୍ତୁଙ୍କ ସହ ଏକତ୍ର ହୋଇ ସାଗର ସମୀପକୁ ଚାଲିଥିଲେ । ଲତା ଗୃହରୁ ସ୍ରୋତ ଗୁଡିକ ଏପରି ମିଳିମିଶି ସାଗର ଯେଉଁ ଦିଗରେ ଅଛି, ସେହି ଦିଗକୁ ଚାଲୁଥିଲା ।

(୫) **ଉରସି ମୁରାରେରୁପହିତହାରେ ଘନଇବ ତରଳବଳାକେ**
**ତଡ଼ିଦିବ ପୀତେ ରତିବିପରୀତେ ରାଜସି ସୁକୃତବିପାରେ ॥**
**ଧୀର ସମୀରେ .... ।ଙ।**

ସ୍ୱୟଂଭୁବ ମନୁଙ୍କ ଏହି କ୍ଷେତ୍ର ପରିସର ମଧ୍ୟରେ ଆକର୍ଷଣୀୟ ରୂପାକୃତି ଯେତେ ସବୁ କଷୟ ଜମାଟ ବାନ୍ଧିବାକୁ ପଡ଼ିଥିଲା । ସମସ୍ତ ବିଷୟ ସମାଜ ସକାଶେ ଯୋଗ୍ୟ ବିବେଚିତ ହୋଇ ପାରିଥିଲା । କ୍ଷେତ୍ର ବଳୟ ମଧ୍ୟରେ ହୋଇପାରିଥିବା ସୃଷ୍ଟି ପରିବେଶର ଆଘାତ ଜନିତ ଦ୍ୱାରା ପ୍ରକାଶ ପାଇବାର ଥିଲା । କ୍ଷେତ୍ରରେ ପ୍ରତ୍ୟେକ ଗୁଣର ଉତମ ପ୍ରଭାବ ପାଇବା ଏବଂ ଆନନ୍ଦ ପରମାନନ୍ଦର ପରିସର ମଧ୍ୟରେ ଉଦୟ ହେବା ପରିବର୍ତେ, ପରିଣାମର ବିଷୟ ଠିକ୍ ତାର ଓଲଟା କରାଯାଉଥିବାର ଶୁଣାଯାଉଥିଲା ।

(୬) **ବିଗଳିତବସନଂ ପରିହୃତରସନଂ ଘଟ୍ଟୟ ଜଘନମପିଧାନମ୍ ।**
**କିଶଳୟଶୟନେ ପଙ୍କଜନୟନେ ନିଧିମିବ ହର୍ଷନିଧାନମ୍ ।**
**ଧୀରସମୀରେ ... ।ଚ।**

ମାଳବ ଅଞ୍ଚଳରେ ଏହା ଏକାନୃତ୍ୟ କ୍ଷେତ୍ର ଥିଲା । ଏହି ଉଡ୍ର କ୍ଷେତ୍ରରେ ମହର୍ଷୀ ମଂକଣକ ଓଡ଼ିଶି ନୃତ୍ୟ ଆରମ୍ଭ କରିଥିଲେ । ପରିଧାନ ବସ୍ତ୍ର ବିଚଳିତ ହୋଇ ଯିବା ପରେ ତା ପାଇଁ ଯେଉଁ ଅନୁଶୋଚନା କରିବାକୁ ପଡିଥାଏ, ସେପରି ଏହି ଜଘନ କ୍ଷେତ୍ରରେ ଘଟିଥିଲା । ଆମାପ ଶଷ୍ୟ ବଦଳରେ କଅଁଳ ପତ୍ର ଉତ୍ପତି ପରେ ଶଯ୍ୟା ପରି ପଡି ରହିଥିଲା । ସର୍ବତ୍ର କେବଳ ପଦ୍ମଫୁଲର ସ୍ଥିତି ଜଣାଯାଉଥିଲା । ଏପରି ଦୃଶ୍ୟ ଦେଖି ଅତୀତ ଯେପରି ନ ଫେରିବ ଶଙ୍କା ମନରେ ପ୍ରବେଶ କରିଥିଲା ।

(୭) **ହରିରଭିମାନୀ ରଜନିରିଦାନୀମିୟମପି ଯାତି ବିରାମ୍ ।**
**କୁରୁ ମମ ବଚନଂ ସତ୍ୱରରଚନଂ ପୂରୟ ମଧୁରିପୁକାମମ୍ ॥**
**ଧୀର ସମୀରେ ..... ।ଛ।**

ଏକଚକ୍ରା ନଗରୀର ଏହି କ୍ଷେତ୍ରାଞ୍ଚଳରେ ସବୁଜତାର ପ୍ରଭାବ ଯଥେଷ୍ଟ ଥିଲା । ଏହାର ଶକ୍ତି ଓ ମାନ୍ୟତାର ରଜ ଏଠାରେ ପ୍ରବାହିତ ହେଉଥିଲା । ଏହି ପରିବେଶ କ୍ଷେତ୍ର ବ୍ରହ୍ମାଣ୍ଡକୁ ସବୁ କିଛି ଦେଇ ଦାନୀ ରୂପେ ନିଜକୁ ପରିଚୟ କରାଇଛି । ଜଳାଞ୍ଜଳି ଦେଇଥିବା ଆମାପ ସମ୍ପତିର କ୍ଷେତ୍ରଥିଲା । ଦାସକେରଣ୍ଡା ଫୁଲର ଅବଦାନ ପରି କ୍ଷେତ୍ରର ବଚନକୁ, ଆତ୍ମ ରଚନା ପରି ବିସ୍ତାରିତ କରିଥିଲେ । ମର୍ତ୍ୟମଣ୍ଡଳର ପ୍ରଥମ ମୂର୍ତିକାର ପ୍ରତିକ ରୂପେ ଶତ୍ରୁ ମଧୁଦୈତ୍ୟଙ୍କ ଇଛାକୁ ଏହି କ୍ଷେତ୍ରରେ ଗ୍ରହଣ କରାଯାଇଥିଲା ।

(୮) **ଶ୍ରୀଜୟଦେବେ କୃତହରିସେବେ ଭଣତି ପରମରମଣୀୟମ୍ ।**
**ପ୍ରମୁଦିତହୃଦୟଂ ହରିମତିସଦୟଂ ନମତ ସୁକୃତକମନୀୟମ୍ ।।ଜ।।**

ପୃଥିବୀର ଏହି ଜଘନାଞ୍ଚଳକୁ ସମୃଦ୍ଧିର ଆଧାର ରୂପେ ଦିବ୍ୟଗ୍ରନ୍ଥ ପ୍ରସ୍ତୁତ କରାଯାଇଥିଲା । ସବୁଜତା ସୃଷ୍ଟିପରେ ବିକାଶର ପ୍ରତିଟି ବିଷୟରେ ବର୍ଣ୍ଣନା ଏଥିରେ ଲିପିବଦ୍ଧ ହୋଇ ରହିଆସିଛି । ବର୍ଣ୍ଣନା ଗୁଡିକ ରମଣୀୟ ମନମୁଗଧକର ତଥା ସର୍ବଦା ଗ୍ରହଣୀୟ । ଯଦି ଏହା ଗ୍ରହଣୀୟ ତେବେ ପରବ୍ରହ୍ମ କୃପାକୁ ଉଲ୍ଲସୀତରେ ଗ୍ରହଣ କରିବା ଉଚିତ୍ । ଆତ୍ମା ମାନସୀକତାକୁ ସବୁଜତାର ରୂପ ଦେଇ ଗ୍ରହଣ କରିନେବା ଉଚିତ୍ । ସ୍ରଷ୍ଟାଙ୍କ ପ୍ରଥମ ମୂର୍ତିକା, ପୃଥ୍ୱୀର ଜଘନ କ୍ଷେତ୍ର

ତଥା କେନ୍ଦ୍ର ଅଟେ । ଅନ୍ଧାକାରର ପ୍ରତିକ କୃଷ୍ଣ, ବାସ୍ତବର ପ୍ରତୀକ ରାଧା ଏଠାରେ ଉତ୍ପତି ହୋଇଥିଲେ ।

**ଶ୍ଳୋକ- ୩୨**

**ବିକିରତି ମୁହୁଃ ଶ୍ୱାସାନାଶାଃ ପୁରୋମୁହୁରୀକ୍ଷତେ**
**ପ୍ରବିଶତି ମୁହୁଃ କୁଞ୍ଜଂ ଗୁଞ୍ଜନ୍ ମୁହୁର୍ବହୁ ତାମ୍ୟତି ।**
**ରଚୟତି ମୁହୁଃ ଶଯ୍ୟାଂ ପର୍ଯ୍ୟାକୁଳଂ ମୁହୁରୀକ୍ଷତେ**
**ମଦନକଦନକ୍ଲାନ୍ତଃ କାନ୍ତେ ପ୍ରିୟସ୍ତବ ବର୍ତତେ ।୩୨।**

ସମସ୍ତ କିଛି ଖେଳେଇ ଦେବା ପରି କାର୍ଯ୍ୟ ହେବାପରେ ଏଠାରେ ଆନନ୍ଦର ଆନନ୍ଦ ପରମାନନ୍ଦର ସୁଅ ପ୍ରଚଳିତ ହେବାରେ ଲାଗିଥିଲା । ପରମାନନ୍ଦର ସୀନାପରେ ଶ୍ୱାସର ରୁଦ୍ଧ ହୋଇ ମୂର୍ଚ୍ଛା ଯେପରି ବ୍ୟକ୍ତି ହୋଇଥାଏ, ସେପରି ମହୁମାଛି ମହୁ ସଂଗ୍ରହ କଲାପରେ ମୂର୍ଚ୍ଛିତ ଅବସ୍ଥାକୁ ଆପଣେଇ ଥାଏ । ବହୁ ସମୟ ମୂର୍ଚ୍ଛିତ ହୋଇ ରହିବା ପରେ ଧିରେ ଧିରେ ଉଠି ଲତା ଗୃହ ଗୁଡିକରେ ଗୁଣୁଗୁଣୁ ଶବ୍ଦ କରି ଘୁରି ବୁଲୁଥିଲେ । ସେହି ଶବ୍ଦରେ ଲତାଗୃହ ଗୁଡିକ ଭରି ଉଠୁଥିଲା । ମଧୁ ପ୍ରସ୍ତୁତର ଭୟରେ କିମ୍ବା ମଧୁ ସଞ୍ଚୟର ପରିଶ୍ରମରେ ମୂର୍ଚ୍ଛା ହେବାକୁ ପଡୁଥିଲା । କାରଣ ମନୋହର ଇଛା, ପୀଡନର କ୍ଲାନ୍ତ ହେବାକୁ ପଡୁଥିଲା । ଏଥିରୁ ସ୍ପଷ୍ଟ ହୁଏ ନିଜ କଥା ନିଜେ କରି ଜୀବିକା ନିର୍ବାହ କରିବା ଉଚିତ୍ ଥିଲା ।

**ଶ୍ଳୋକ- ୩୩**

**ତ୍ୱଦ୍ ବାମ୍ୟେନ ସମଂ ସମଗ୍ରମଧୁନା ତିଗ୍ମାଂଶୁରସ୍ତଂ ଗତୋ**
**ଗୋବିନ୍ଦସ୍ୟ ମନୋରଥେନ ଚ ସମଂ ପ୍ରାପ୍ତଂ ତମଃ ସାନ୍ଦ୍ରତାମ୍ ।**
**କୋକାନାଂ କରୁଣସ୍ୱନେନ ସଦୃଶୀ ଦୀର୍ଘା ମଦଭ୍ୟର୍ଥନା**
**ତନ୍ମୁଗ୍ଧେ ! ବିଫଳଂ ବିଳମ୍ବନମସୌ ରମ୍ୟୋଽଭିସାରକ୍ଷଣଃ ।।୩୩।।**

ଏଠାରେ ଆକୃତି ଅତି ମିସିତ ହେଲେ ମଧ ସମଗ୍ର ସମାନ୍ତରାଳ । ଏତଏବ ଏଠାରେ ଅତୀତରୁ ତାଜା, ଗରମ ମହୁ ଆଦାୟର ଶକ୍ତିଶାଳୀ କ୍ଷେତ୍ରରୂପେ ନିଜ ପରିଚୟ ଦେଇ ଆସିଛି । କ୍ଷେତ୍ର ଗୋବିନ୍ଦାଞ୍ଚଳ ମାନ ସମ୍ମାନର ଅଞ୍ଚଳ ଥିଲା । ଏଠାରେ ଉୟର ପ୍ରଭାବ ଯଥେଷ୍ଟ ରହିଛି । ଯେହେତୁ ସମିପରେ ଘଞ୍ଚ ଅନ୍ଧାରର ସାମ୍ରାଜ୍ୟ (କୃଷ୍ଣ) ରହିଛି । ଅନ୍ଧାର ହେବାପରେ କୋଇଲିର ସର ମଳିନ ପଡି ଯାଉଥିଲା । ଦୀର୍ଘ ସମୟ ପରେ ପୁଣି ମସ୍ତ ହୋଇ ଉଠୁଥିଲା । ଅବିଳମ୍ବେ ଶରୀର ଉଶ୍ୱାସ କରି ସମୟକୁ ମାପ କରାଯାଉଥିଲା । ପରିବେଶ, ସହଯୋଗ ପାଇଁ ରମଣୀୟତାର ଅଭିସାର ସୃଷ୍ଟି କରୁଥିଲା । ଏପରି ଯଶର ସହଯୋଗରେ କ୍ଷେତ୍ର ଆସିଥିଲା ।

**ଶ୍ଳୋକ- ୩୪**

**ଆଶ୍ଳେଷାଦନୁଚୁମ୍ବନାଦନୁନଖୋଲ୍ଲେଖାଦନୁସାନ୍ତଜ**
**ପ୍ରୋଦ୍ ବୋଧାଦନୁସମ୍ଭ୍ରମାଦନୁରତାରମ୍ଭାଦନୁପ୍ରୀତୟୋଃ ।**
**ଅନ୍ୟାର୍ଥଂ ଗତୟୋର୍ଭ୍ରମାନ୍ମିଳିତୟୋଃ ସମ୍ଭାଷଣୈର୍ଜାନତୋ-**
**ଦମ୍ପତ୍ୟୋର୍ନିଶି କୋନ କୋନ ତମସି ବ୍ରୀଡାବିମିଶ୍ରୋରସଃ ।।୩୪।।**

ସଙ୍ଗଭୂବ ମନୁଙ୍କ ଏହି ଶାସନକ୍ଷେତ୍ରରେ ରାକ୍ଷା, ପ୍ରବୃତି ନଥିଲା । ଏଣୁ କ୍ଷେତ୍ରଟିକୁ ଆଲିଙ୍ଗନ କରିବାକୁ ମନ ବଳୁଥିଲା । କ୍ଷେତ୍ର ପ୍ରଚଳିତ ସମୟରୁ ବୀଣା ପରି ଶବ୍ଦ ଏଠାରେ ଉତ୍ପତି ହୋଇଥିବା କଥା ରହିଥିଲା । ଅତଏବ କ୍ଷେତ୍ରଗଣ ପ୍ରଶଂସନୀୟ ଥିଲା । କ୍ଷେତ୍ରଟିରେ ନିଜ ଭାବର ବିଷୟ ଗୁଡିକ ଯାତ ହେଉଥିଲା ଅଣରାକ୍ଷାସ କ୍ଷେତ୍ର କାରଣରେ ଭାବ ଆମ୍ ରଚି ପ୍ରକାରେ ଯାତ ହେଉଥିଲା । ଅଣରାକ୍ଷାସ ଜନିତ କ୍ଷେତ୍ର ପରିଚୟକ କାରଣ ଥିଲା । ପ୍ରସନ୍ନଛାର ଆଧାର କ୍ଷେତ୍ର ମଧ୍ୟରେ ପ୍ରଚଳିତ ଥିଲା । ଅତୀତରୁ ପ୍ରବର୍ତିତ ଆବର୍ତର ଆବର୍ତନ ରହି ଆସିଥିଲା । ପୁନଃ ଅତୀତରୁ କ୍ଷେତ୍ର ଅଣରାକ୍ଷସ ପ୍ରତି ଅନୁକରଣରେ ଥିଲା କ୍ଷେତ୍ର ଭିନ୍ନ ଭାବ ଗଚ୍ଛିରେ ପ୍ରଚଳିତ ଥିବା କାରଣରୁ କ୍ଷେତ୍ରରେ ହିଁ ଲିପ୍ତ ରହି ଦିନରାତି କାର୍ଯ୍ୟରତ ଥିଲା । ଅପରି କର୍ମ ତତ୍ପର ହେବା କ୍ଷେତ୍ର ବ୍ରହ୍ମାଣ୍ଡରେ ବିରଳ ଥିଲା । ସାରା ମର୍ତ୍ୟ ମଣ୍ଡଳ ସହିତ ଘୁରାଇ ଆସୁଥିବା ବ୍ରହ୍ମାଣ୍ଡର ଅକ୍ଷ ଏଠାରେ ଥିବା କିଏ ନଜାଣେ ? କ୍ଷେତ୍ର ଗାଢ଼ ଅନ୍ଧକାର (କୃଷ୍ଣ)ରୁ ପ୍ରକଟ ହେତୁ ଜଗତର ସମୁଦାୟ ତତ୍ତ୍ୱ ଏଠାରେ ବିଦ୍ୟମାନ ଥିଲା ।

ଗୋବିନ୍ଦାଞ୍ଚଳ କ୍ଷେତ୍ରରେ ରହିଥିବା ସମୁଦାୟ ବନ୍ୟାଞ୍ଚଳରେ ଯେଉଁ ଦୃଶ୍ୟ ତାହା ଅତି ମୂଲ୍ୟବାନ ଥିଲା । ଗାଢ଼ ଅନ୍ଧାର ମଧ୍ୟରେ ପଥିକ ହୋଇ ଚାଲିଲେ ମଧ୍ୟ ଆଶ୍ଚର୍ଯ୍ୟ ହେବାର ନାହିଁ କି, ଭୟଯୁକ୍ତ ହେବାନ ମଧ୍ୟ ନଥିଲା । ସେଠାରେ ଉପୁଜି ରହି ଆସିଥିବା ବୃକ୍ଷରାଜିର ସ୍ଥିତି ମଧ୍ୟ ସମ୍ଭବ ଥିଲା । ଯେହେତୁ ଏହି ଶୂନ୍ୟ କ୍ଷେତ୍ର ସମୁଦାୟରେ ନୂତନତ୍ୱକୁ ନଦେଖି, ସେ ଅତୀତ ହିଁ ପ୍ରଚଳିତ ଥିଲା । ନୂତନତ୍ୱ ପ୍ରତି ସେଠାରେ ବାସିନ୍ଦା ଅମଙ୍ଗ ଥିଲେ । କାରଣ ଅତୀତର ଚମକ ସେ କ୍ଷେତ୍ରରେ ଯେ ଥରେ ଦେଖୁଛି ସେ ନୂତନତା ପ୍ରତି ନିଶ୍ଚୟ ଅମଙ୍କ ହେବ । ଦୃଶ୍ୟ ଜଗତକୁ ନାଟ୍ୟଶାଳା ରୂପେ ଯଦି ବିଚାର କରାଯାଏ ତେବେ ଏହି କ୍ଷେତ୍ର ତାର ମୁଖଶାଳୀ ରୂପେ ପରିଚିତ ଥିଲା । କ୍ଷେତ୍ର ପ୍ରବେଶ ପୂର୍ବରୁ ସୁମୁଖି ସମ୍ବୋଧନ କରାଯାଉଥିଲା । ପୁନଃ ମାୟା ଜଗତରେ କ୍ଷେତ୍ର ଗୁରୁତ୍ୱ ନଷ୍ଟ ହୋଇନଥିବା କୁହାଯାଉଥିଲା, ଏଣୁ ହେ ଗୋବିନ୍ଦାଞ୍ଚଳ କ୍ଷେତ୍ର ମୋ ପ୍ରଣାମକୁ ଗ୍ରହଣ କର । ସ୍ଥିତିକୁ ଅପେକ୍ଷା ନ କରି ନିଜ କ୍ଷେତ୍ରର କୃତାର୍ଥ ପାଇଁ ସର୍ବଦା ଅଗ୍ରସର ହୁଅ ।

# ଷଷ୍ଠ ସର୍ଗ

### ଶ୍ଳୋକ- ୩୬

ଅଥ ତାଂଗନ୍ତୁମଶକ୍ତାଂ ଚିରମନୁରକ୍ତାଂ ଲତାଗୃହେ ଦୃଷ୍ଟା ।
ତଚ୍ଚରିତଂ ଗୋବିନ୍ଦେ ମନସିଜମନ୍ଦେ ସଖୀ ପ୍ରାହ ।।୩୬।।

ପ୍ରକୃତରେ, ଯେ ନିଜ ମନରେ ଥିବା ମାନସିକ ଦୃଢ଼ ଶକ୍ତିକୁ ଯଦି ଆପଣେଇଥାଏ କିମ୍ବା ବନ୍ଧନରେ ଥାଏ ସେ ଦୀର୍ଘକାଳ ପର୍ଯ୍ୟନ୍ତ ଅତୀତର ମଙ୍ଗଳ ଚିନ୍ତା କରୁଥିଲା କହିଲେ ଅତ୍ୟୁକ୍ତି ହେନନାହିଁ । କ୍ଷେତ୍ର ମଙ୍ଗଳ ପାଇଁ ବିଚାରରେ ଆବଶ୍ୟକ ଯେପରି କରାଯାଇଥାଏ, ସେପରି ଲତାଗୃହ ଗୁଡ଼ିକର ସଦୃଶ ଅନୁରକ୍ତ ରହି ବିଚାର କରିବା ଉଚିତ୍ । କ୍ଷେତ୍ରରେ ଥିବା ମୃତିକା ଠାରୁ ଯୋଗର ଉର୍ଦ୍ଧ ବା ଅନ୍ତିମ ସ୍ୱର୍ଶ କରିବା ମଧ୍ୟରେ, ରହି ଆସିଥିବା ପରିବେଶ ଅତି ଧିର ଏବଂ ସ୍ଥିର ଅଟେ । ଏପରି ବେଶରେ ସେପରି ସ୍ରୋତ ଗୁଡ଼ିକର ପ୍ରବାହ ସଖିସ୍ୱରୂପ ଧିର ସ୍ଥିର ଥିଲା ।

## ଦ୍ୱାଦଶ ପ୍ରବନ୍ଧ

### ରାଗ – ଗୁଣ୍ଡକିରି, ତାଳ- ରୂପକ

ସୂଚନା –

(ରତୋ ସୁ କାନ୍ତ ପଥ ପ୍ରତୀକ୍ଷା ସଖାଦୟନ୍ତୀ ମୃଦୁ ପୁଷ୍ପତଲାଙ୍ଗ ।
ଉତସ୍ତସ୍ତଃ ପ୍ରେରିତ ଦୃଷ୍ଟି ରାର୍ତ୍ତା, ଶ୍ୟାମାତନୁ ଗୁଣ୍ଡକରି ପ୍ରଦିଷ୍ଠା)

ଗୋରୁ ମଥାରେ ରହିଥିବା, ଉଭୟେ ଶିଙ୍ଗର ମଧ୍ୟସ୍ଥଳି କ୍ଷେତ୍ର ଯେପରି ପ୍ରସନ୍ନ ଜଣାଯାଏ, ସେପରି ଏହି କ୍ଷେତ୍ର ପ୍ରସ୍ତୁତ ହୋଇ ରହିଆସିଥିବା କାଳରୁ ଦିବ୍ୟବ୍ରହ୍ମଙ୍କର ମର୍ତ୍ତ୍ୟ ପ୍ରବେଶ ଦ୍ୱାର ରୂପେ ପରିଚୟ ଦେଇ ଆସିଛି । ସମୁଦାୟ କ୍ଷେତ୍ର ଦୃଶ୍ୟକୁ ଦୃଷ୍ଟିରେ ଏଣେତେଣେ ଯଦି ଦେଖିବା ତେବେ ବିସ୍ତାର ଅଞ୍ଚଳରେ କେବଳ କୋମଳ ଫୁଲ ଭଣ୍ଡାର ଥିଲା ପରି ଉପଲବ୍ଧି ହେଉଥିଲା । ମେଘାଛନ୍ନ ଆକାଶକୁ ରାତ୍ର କାଳରେ ବିଜୁଳି ଚମକରେ ମେଘକୁ ଦେଖିଲେ ଯେପରି ଦୃଶ୍ୟ ଜଣାଯାଏ, ସେପରି ଏହିକ୍ଷେତ୍ର ଦୃଶ୍ୟ ଖଣ୍ଡ ଖଣ୍ଡ ପରି ଦେଖାଯାଉଥିଲା ।

(୧) ପଶ୍ୟତି ଦିଶିଦିଶି ରହସି ଭବନ୍ତମ୍ ।
ତ୍ୱଦଧର ମଧୁର ମଧୁନି ପିବନ୍ତମ୍ ।
ନାଥ ହରେ, ସୀଦତି ରାଧା ବାସଗୃହେ ।।କ।।

ସୟମ୍ଭୁବ ମାନୁଙ୍କ ଏହି ଶାସନ କ୍ଷେତ୍ରରେ ଯେଉଁ ଦିଗକୁ ଚାହିଁବ କେବଳ ଏକାନ୍ତ ହିଁ ଏକାନ୍ତର ଦୃଶ୍ୟ ଦେଖିବାକୁ ମିଳୁଥିଲା । ସେହି କ୍ଷେତ୍ରରେ ଧାରଣ ହୋଇ ରହିଥିବା ପ୍ରଚୁର ମହୁର ମହୁଫେଣା ମାନ ଦୃଶ୍ୟକୁ ଆସୁଥିଲା । ଏବଂ ମହୁ ପାନ ପ୍ରତି ଇଚ୍ଛା ହେଉଥିଲା । ନତୁବା କ୍ଷେତ୍ର ସମୁଦାୟରେ ସିଦ୍ଧ ହୋଇ ରହି ଆସିଥିବା ବାସ୍ତବ ମାୟାର ବାସଗୃହ କି, ବିଚାର କରିବାକୁ ପଡୁଥିଲା ।

(୨) ତ୍ୱଦଭିସରଣରଭସେନ ବଳନ୍ତୀ ।
ପତତି ପଦାନି କିୟନ୍ତି ଚଳନ୍ତି ।।
ନାଥ ହରେ .... ।। ଖ ।।

ଗୋବିନ୍ଦାଞ୍ଚଳ କ୍ଷେତ୍ରରେ ଏପରି ଆଶ୍ରୟସ୍ଥଳିରେ କେବଳ ବଳବାନମାନେ ଆଶ୍ରୟ ନେଇ ନିଜକୁ ସ୍ୱାମୀ ରୂପେ ପରିଚୟ ଦେଇ ପାରିବ । ଆନନ୍ଦରେ ଅଧୋଗତି ଗଣ ପଦ ପଦବୀକୁ ଗ୍ରହଣ କରି ରହିବାକୁ ଚେଷ୍ଟା କରୁଥିଲେ । କ୍ଷେତ୍ରାଦି ମାନେ କ୍ଷେତ୍ରରେ ଜୟ ଜୟ ଜୟ କରିବା ପରେ ମଧ୍ୟ ଜୟ ଜୟକାର କରି ସଚଳ ହୋଇ ଚାଲିଥିଲେ ।

(୩) ବିହିତବିଶଦବିସକିଶଳୟବଳୟା ।
ଜୀବତି ପରମିହ ତବ ରତିକଳୟା ॥
ନାଥ ହରେ .... ॥ ଗ ॥

ସମୁଦାୟ ପରିବେଶ ମଧ୍ୟରେ ସ୍ଥିରତା ଆସିବା ପରେ, କ୍ଷେତ୍ର ସମୁଦାୟ ପଦ୍ମନାଢ଼ର ପଦ୍ମ ଫୁଟିଲା ପରି ଅତି ସୁନ୍ଦର ଦେଖାଯାଉଥିଲା । ନବ ପଲ୍ଲବର ବେଷ୍ଟନ ଦ୍ୱାରା ଆରପାରିରୁ କ୍ଷେତ୍ରର ପ୍ରାଣ ଆସିଲା ପରି ହୃଦ୍‌ବୋଧ ହେଉଥିଲା । ଆଦ୍ରତା ପୂର୍ଣ୍ଣ ଜଣାଯାଉଥିଲା । କ୍ଷେତ୍ରସ୍ଥିତ ଆନନ୍ଦର ଆନନ୍ଦ ଲୀଳାର ମଧୁରତାକୁ ପ୍ରବେଶ କରିବାର ଜଣାଯାଉଥିଲା ।

(୪) ମୁହୁରବ ଲୋକିତମଣ୍ଡଳ ଲୀଳା ।
ମଧୁରିପୁରହମିତି ଭାବନାଶୀଳା ॥
ନାଥ ହରେ .... ॥ ଘ ॥

ଏହି ଭୂମଣ୍ଡଳ ମଧ୍ୟରେ ପ୍ରଥମ କରି ଏହି ଗୋବିନ୍ଦାଞ୍ଚଳ ଉତ୍ପତ୍ତି ହୋଇଥିଲା । ଏଥି କାରଣରୁ ଏଠାରେ ବାରମ୍ୱାର କୋଇଲିର ସ୍ୱନ ଶୁଣାଯାଇଥିଲା । ଏହି ଲୋକର ପ୍ରଥମ ଲୀଳା ଏହି କ୍ଷେତ୍ରରେ ଆରମ୍ଭ ହୋଇଥିଲା । ପରିବେଶ ସୃଷ୍ଟି ସକାଶେ ବିଷ୍ଣୁଙ୍କ ଦ୍ୱାରା ମଧୁକୈଠବର ହତ ଏଠାରେ ହୋଇଥିଲା । ଧ୍ୟାନ ରହିତରୁ ଦୃଷ୍ଟିକୁ ଆସେ ନାହିଁ ।

(୫) ତ୍ୱରିତମୁପୈତ ନ କଥମଭିସାରମ୍ ।
ହରିରିତି ବଦତି ସଖୀମନୁବାରମ୍ ।
ନାଥ ହରେ .... ॥ ଙ ॥

ଅତୀତରେ ସବୁଜତାର ଉତ୍ପତ୍ତି ଏହି କ୍ଷେତ୍ର ମଧ୍ୟରେ ହୋଇପାରିଥିଲା । ସବୁଜତାର ଅଂଶ ବିଶେଷକୁ କ୍ଷେତ୍ରର କେହି ବାନ୍ଧି ରଖିପାରିନଥିଲେ । ଏଠାରେ ଅତୀତର ସମ୍ପର୍କ ରହିପାରିନଥିଲା । ଏଣୁ କଥା ରହି ଆସିଛି, ସବୁଜରୁ ସାରତ୍ୱ କେବଳ ପ୍ରକୃତି ନିୟମ ପରିବର୍ତ୍ତନରେ ଘଟି ଆସିଛି । ଯେପରି ସ୍ରୋତ ଗୁଡ଼ିକ ସଖି ରୂପରେ ଯାତ ହୋଇ ସ୍ୱଙ୍ଗ କ୍ରିୟ ହୋଇପାରିବେ ।

(୬) ଶ୍ଲିଷ୍ୟତି ଚୁମ୍ବତି ଜଳଧରକଳ୍ପମ୍ ।
ହରିରୁପଗତ ଇତି ତିମିରମନକଳ୍ପମ୍ ॥
ନାଥ ହରେ .... ॥ ଚ ॥

ସେଠାରେ ରହି ଆସିଥିବା ଆଦ୍ୟାତୀତର ସମୁଦାୟ ଗୋବିନ୍ଦାଞ୍ଚଳ କ୍ଷେତ୍ର ସବୁଜତା ପୂର୍ଣ୍ଣ ରହୁଥିଲା । ଆକାଶ ମଧ୍ୟରେ ମେଘର ଉଦୟ କାଳରେ ଚୁମ୍ବକୀୟ ଆଲିଙ୍ଗନ ପରେ ପରେ, ଆପେ ଆପେ ବର୍ଷା ହେବାରେ ସେପରି ଲାଗୁଥିଲା । ସେହି କାଳର ନାମ ବ୍ୟବହାର କଳ୍ପ ଥିଲା । ଏପରି ପ୍ରକ୍ରିୟାର ପରିବେଶ ରୁପ ଦେବା ପୂର୍ବରୁ ବା କଳ୍ପ ଆରମ୍ଭ ପୂର୍ବରୁ ସର୍ବତ୍ର ଅନ୍ଧାର ଥିଲା ।

(୭) ଭବତି ବିଳମ୍ବିନି ବିଗଳିତ ଲଜ୍ଜା ।
ବିଳପତି ରୋଦିତି ବାସକସଜ୍ଜା ॥
ନାଥ ହରେ ..... ॥ ଛ ॥

ପରିବେଶ ମଧ୍ୟରେ ଏକ ପ୍ରକ୍ରିୟା ରହି ଆସିଛି, ନାୟକ ଯେପରି ଆକର୍ଷିତ ହେବ ସେପରି ନାୟିକା ନିଜକୁ ସଜାଇ ରଖୁଥିଲା । ସେପରି ଏହି ସମୁଦାୟ କ୍ଷେତ୍ର ମଧ୍ୟରେ ବିଳମ୍ବରେ ମେଘର ଉତ୍ପତ୍ତି ହେଲେ ମଧ୍ୟ ତାପୂର୍ବରୁ ମଲ୍ଲୀଫୁଲ ନିଜକୁ ସଜେଇ ଲଜ୍ଜାବୋଧ କଲେ ମଧ୍ୟ ଉର୍ଦ୍ଧ୍ୱକୁ ଚାହିଁ ରହିଥାଏ । ଏପରି ସ୍ଥିତିକୁ ସହ୍ୟ ନକରି ପାରି ବିଳପିତ (ସର୍ପ) ଦୁଃଖ କରୁଥିଲା ।

(୮) ଶ୍ରୀଜୟଦେବକବେରିଦମୁଦିତଂ
ରସିକଜନଂ ତନୁତାମତିମୁଦିତମ୍ ॥
ନାଥ ହରେ .... ॥ ଜ ॥

ବାସ୍ତବ କଳ୍ପନାରେ ଏହି ଦିବ୍ୟଗ୍ରନ୍ଥ ରଚନା କରିବା ପୂର୍ବରୁ କ୍ଷେତ୍ର ପରିବେଶର ବିକାଶକୁ ନେଇ ଗୋବିନ୍ଦାଞ୍ଚଳ କ୍ଷେତ୍ରକୁ ଆଧାର କରିଥିଲେ । ଯାହା ସେ

ରଚନାରେ ଦର୍ଶାଇ ଆସିଛନ୍ତି, ସେସବୁ ସମାଜ ପ୍ରତି ପ୍ରସନ୍ନତା ବିଷୟ ଥିଲା । ସଞ୍ଜା ବ୍ୟକ୍ତି ହେଲେ ମଧ ଜ୍ଞାନକୁ ଫୋପାଡିଲା ପରି ଗ୍ରନ୍ଥ ରଚନା ହୋଇଛି । ଶରୀର ମଥା ଦୁଃଖ ଜଡ଼ିତ ସତ୍ୱେ ବି ଗୁଣକୁ ପ୍ରସନ୍ନ ଚିତରେ ସଜାଡ଼ି ଥିଲା ।

ଶ୍ଳୋକ- ୩୭

ବିପୁଳପୁଲକପାଳିଃ ସ୍ଫୀତସୀତ୍କାରମନ୍ତ-
ର୍ଜନିତଜଡ଼ିତମକାକୁବ୍ୟାକୁଳଂବ୍ୟାହରନ୍ତୀ ।
ତବ କିତବ ! ବିଧାୟାମନ୍ଦକନ୍ଦର୍ପଚିନ୍ତାଂ
ରସଜଳନିଧିମଗ୍ନା ଧ୍ୟାନଲଗ୍ନାମୃଗାକ୍ଷୀ ।। ୩୭ ।।

ମହତ୍ ଆନନ୍ଦର ପରମାନନ୍ଦ ନିର୍ଦ୍ଦିଷ୍ଟ ସମୟରେ କ୍ଷେତ୍ର ମଧରେ ଫୁଲି ଉଠୁଥିଲା । ସାଧକମାନଙ୍କ ବିଚାର ଶିଦ୍ଧ ମୁଖଶବ୍ଦ ମାଧ୍ୟମରେ ଗ୍ରନ୍ଥ ଶବ୍ଦ ରହସ୍ୟ ଜନକ ଭାବରେ ଶୁଣିବାକୁ ମିଳୁଥିଲା । ଚେରାମୂଳାଦି ସହିତ ମକା ଶାଷ୍ୟାଦିର ଆବଶ୍ୟକତା ପୃଥିବୀ ବାସୀ ପ୍ରଥମେ ଏହି କ୍ଷେତ୍ରରୁ ପ୍ରାପ୍ତ ହୋଇଥିଲେ । ଏଠାରେ ବୟ ବରାଦ ପ୍ରକ୍ରିୟାକୁ ମଧ ଗ୍ରହଣ କରାଯାଇଥିଲା । ଅବଶ୍ୟ ପରିବେଶ ନିଜର ବ୍ୟବସ୍ଥା ଅଧିକାରରେ ଅତି ସୁନ୍ଦର ଭାବନାର ବିଚାର ସ୍ମରଣକୁ ଅଣାଇ ପାରିଥିଲା । ରସାଳ ଇନ୍ଦ୍ରିୟମାନଙ୍କ ଗ୍ରହଣୀୟ ବସ୍ତୁ ଗୁଡ଼ିକ ଉପରେ ଯେଉଁ ପ୍ରଭାବ ରହିଆସିଛି, ସେପରି ପ୍ରଭାବ ସୃଷ୍ଟି ଆରମ୍ଭ କାଳରୁ ସମୁଦ୍ର ମଧରେ ପ୍ରବାହିତ ହୋଇଥିଲା । ବର୍ତ୍ତମାନ ମଧ ରହିଛି ।

**ଶ୍ଳୋକ-୩୮**

ଅଙ୍ଗେଷ୍ୱାଭରଣଂ କରୋତି ବହୁଶଃ ପତ୍ରେଽପି ସଞ୍ଚାରିଣି
ପ୍ରାପ୍ତଂ ତ୍ୱାଂ ପରିଶଙ୍କତେ ବିତନୁତେ ଶଯ୍ୟାଂ ଚିରଂ ଧ୍ୟାୟତି ।
ଇତ୍ୟାକଳ୍ପବିକଳ୍ପତଳ୍ପରଚନାସଙ୍କଳ୍ପଲୀଳାଶତ
ବ୍ୟାସକ୍ତାପି ବିନା ତ୍ୱୟା ବରତନୁର୍ନୈଷାନିଶାଂ ନେଷ୍ୟତି ।। ୩୮ ।।

ସମୁଦାୟ ଗୋବିନ୍ଦାଞ୍ଚଳ କ୍ଷେତ୍ର ମଧରେ ଅଷ୍ଟାଙ୍ଗ ଯୋଗର ପୋଷଣ ଶରୀରରେ ଚାଲିଥିଲା । କିନ୍ତୁ, ହସ୍ତ, ପାଦ, ବୁଦ୍ଧି, ଶୀର ବାକ୍ୟ ଚକ୍ଷୁ ଶରୀରର ଅଷ୍ଟାଙ୍ଗ ରୂପେ ପ୍ରଚଳିତ ଥିଲା । ବାରମ୍ବାର ଏଠାରେ ଯୋଗର ବିସ୍ତାର ହୋଇଥିଲା । ସମ୍ଭାବନା ଏପରି ହୋଇପାରେ ବୃକ୍ଷ ଗୁଡିକରେ ଆକାଶରୁ ବାରି ବାରମ୍ବାର ପଡିବା ପରେ ଯୋଗର ବିଚ୍ଛିନ୍ନ ହୋଇ ପଡ଼ିଥିଲା । ସର୍ବୋଚ୍ଚ ଭାବର ବିକାଶ ହେବାପରେ ପକ୍ଷୀଗଣ ମୃତ୍ତିକାକୁ ଶଯ୍ୟା ବିଚାର କରି ଆଶ୍ରୟ ନେଇ ଧ୍ୟାନରତ ହେଉଥିଲେ । ଏପରି ବିଭିନ୍ନ କଳ୍ପନା ରଚିରେ ବେଦ, ବେଦାଙ୍ଗ, ସଂହିତା ସହିତ ପ୍ରାୟ ଏକଶହ ଗ୍ରନ୍ଥ, ଏଠାରେ ପ୍ରସ୍ତୁତ ହୋଇଥିବା ସମ୍ଭାବନା । ବିନା ଜଳମୟ କ୍ଷେତ୍ର ଥିବା ସମୟରେ ଏପରି ଦିନରାତି ତମାମ ଆଶିର୍ବାଦ ଥିଲା । ପ୍ରଭାବ ପୁଣି ଏପରି ଥିଲା ଯେପରି ବସନ୍ତ ଋତୁରେ ପ୍ରଭାବ ପ୍ରକାଶ ପାଉଥିଲା । କ୍ଷେତ୍ରରେ କେବଳ ବସନ୍ତ ଋତୁରେ ବସନ୍ତ ପ୍ରଭାବ ନଥିଲା । ସର୍ବକାଳୀନ ଋତୁ ବିଶେଷର ପ୍ରଭାବ ମଧ ଥିଲା ।

## ସପ୍ତମ ସର୍ଗ

**ଶ୍ଳୋକ – ୩୯**

ଅତ୍ରାନ୍ତରେ ଚ କୁଳଟାକୁଳବର୍ତ୍ମପାତ –
ସଞ୍ଜାତପାତକ ଇବ ସ୍ଫୁଟଲାଞ୍ଛନଶ୍ରୀଃ ।
ବୃନ୍ଦାବନାନ୍ତରମଦୀପୟଦଂଶୁଜାଳୈ -
ଦିକ୍ସୁନ୍ଦରୀବଦନଚନ୍ଦନବିନ୍ଦୁରିନ୍ଦୁଃ ।। ୩୯ ।।

ଏହି କ୍ଷେତ୍ରରେ ବସବାସ କରି ଆସୁଥିବା ବଂଶ ସମୁହର ଉପାସନା କାର୍ଯ୍ୟ ପ୍ରଚଳିତ ଥିଲା । ଏଠାରେ ଉପାସନା ପ୍ରତିଫଳିତ ହୋଇ ଆସିଥିବା ସ୍ଥଳେ ମଧ ଅନ୍ତର କୁଳଟା ପରି ଜଣାଯାଉଥିଲା । କାରଣ କ୍ଷେତ୍ର ଦୁସ୍ସାର୍ଯ୍ୟ ରୂପେ ଚିହ୍ନଟ ହୋଇ ରହି ଆସିଛି । ସଞ୍ଜ ସକାଳ, କ୍ଷେତ୍ର କୋମଳ ବାୟୁର ପ୍ରଭାବରେ ଆସୁଥିଲା । ଶୋଭା ବିକଶିତ ହୋଇ ଚାଲିଥିଲା । ବାସ କରି ଆସୁଥିବା ସମାଜ ବୀନୟଶୀଳ ଥିଲେ ପ୍ରଭେଦର କାଳ ପରିବର୍ତ୍ତନ ହେବାରେ ଲାଗିଥିଲା । ଦଂଶନ କରି ଜଳବାୟୁର ଗତି ଜ୍ୱାଳା ଦେଇ ଆସୁଥିଲା । କ୍ଷେତ୍ର ପରିବେଶ ମନୋରମ ନଥିବା କାରଣରୁ ପ୍ରାଣୀ ଗଣ ଜୀବନଧାରଣ ତଥା ବ୍ରହ୍ମାଣ୍ଡ ଚଳପ୍ରଚଳ ପାଇଁ କେନ୍ଦ୍ରବିନ୍ଦୁ ସ୍ଥଳି ତତ୍ପର ହୋଇ ଉଠିଥିଲା ।

**ଶ୍ଳୋକ- ୪୦**

ପ୍ରସରତି ଶଶଧରବିମ୍ବେ ବିହିତ ବିଳମ୍ବେ ଚ ମାଧବେ ବିଧୁରା ।
ବିରଚିତ ବିବିଧବିଳାପଂ ସା ପରିତାପଂ ଚକୋରୋଚ୍ଚୈଃ ॥ ୪୦ ॥

ଚନ୍ଦ୍ରଙ୍କ ଦ୍ୱାରା ଆକାଶରେ ଯେଉଁ ମଣ୍ଡଳ ପ୍ରକାଶ ପାଉଛି, ସେହି ମଣ୍ଡଳ ମଧ୍ୟରେ ଜ୍ୟୋତିର ସ୍ଥିରତା ରହୁଥିଲା । ଯେହେତୁ କ୍ଷେତ୍ର ପରିବେଶରେ ସାଧନାରେ ମାତୃତ୍ୱର ଭାବ ପ୍ରକାଶ ପାଇଥିଲା । ଅସମର୍ଥ କାରଣର ବିଷୟ ବିରଚିତ ପୂର୍ବରୁ ନାନା ପ୍ରକାର ଦୁଃଖର ପ୍ରଭାବ ପ୍ରକାଶ ପାଉଥିଲା । ପରିତାପର ବିଷୟ ଏହି ଯେ, ଏଠାରେ ଲକ୍ଷ୍ମୀ ଓ ସରସ୍ୱତୀଙ୍କ ଆନ୍ତରିକ ଶକ୍ତିର ପ୍ରଭାବ ଥିଲା । ଚନ୍ଦ୍ର ପକ୍ଷୀ କ୍ଷେତ୍ରରେ ଥିବା ଚନ୍ଦ୍ରମଣ୍ଡଳ ମଧ୍ୟରେ ଘୁରି ଆସିବାପରି, ଏଠାକୁ ଆସୁଥିଲା

## ତ୍ରୟୋଦଶ ପ୍ରବନ୍ଧ

ରାଗ – ମାଳବଗୌଡ଼ା, ତାଳ- ଯତି

(୧) କଥିତସମୟେଽପି ହରିରହହ ନ ଯଯୌ ବନମ୍ ।
ମମ ବିଫଳମିଦମମାଳରୂପ ଯୌବନମ୍ ।
ଯାମି ହେ କମିହ ଶରଣଂ ?
ସଖୀଜନବଚନବଞ୍ଚିତା ॥ କ ॥

କଥା ରହି ଆସିଛି ଯେ ବିନା ବସ୍ତ୍ରରେ ଯାତ୍ରା କଲାପରି ଶୂନ୍ୟ ଗୋପନୀୟତାର ମଧ୍ୟ ବିଶେଷ କାରଣ ଥିଲା । ସମୟଚକ୍ର ଅନୁକ୍ରମେ ଏହା ଯୁବକଙ୍କ ସକାଶେ କେବଳ ସମ୍ଭବ ଥିଲା । ନିଜ ସ୍ଥିତିକୁ ନେଇ ଗୋବିନ୍ଦାଞ୍ଚଳ କ୍ଷେତ୍ର କିନ୍ତୁ କହେ, ହେ ମିତ୍ର ! ମୋର ସବୁଜତା ବର୍ଣ୍ଣ କେବଳ ବୃଥା ହୋଇଗଲା । କାରଣ ବର୍ତମାନର ପରିବେଶରେ ମୋର ସ୍ଥିତି କେବଳ ଚିକକଣ ପ୍ରକଟ କରାଉଛି । ମୋର ଏଠାରେ ଏପରି ମନ୍ତବ୍ୟ ଦେବା ଠିକ୍ ହେବ । ମୋ ଯୌବନର ସୂକ୍ଷ୍ମତ୍ୱ ସୂଚାଏ, କ୍ଷେତ୍ର ମଧ୍ୟରେ ଯେତେ ବ୍ୟକ୍ତି ଅଛନ୍ତି, ତୁମକୁ ସମୁହ କେବଳ ପ୍ରତାରିତ କରି ଚାଲିଛନ୍ତି ।

(୨) ଯଦନୁଗମନାୟ ନିଶି ଗହନମମପି ଶୀଳିତମ୍ ।
ତେନ ମମ ହୃଦୟମିଦମସମଶରକୀଳିତମ୍ ॥
ଯାମି ହେ .... ॥ ଖ ॥

ବିକଶିତ ହୋଇଥିବ, ଅଞ୍ଚଳର ଯଶ ଥିବ, ସେପରି କ୍ଷେତ୍ରରୁ ନିର୍ଜନ ତଥା ଗାଢ଼ ରାତ୍ର କାଳରେ ସାଧାରଣତଃ ରାକ୍ଷାସ ମାନଙ୍କ ଆଗମନ, ଅତୀତରେ ହେଉଥିଲା । ଗାଢ଼ ରାତ୍ରରେ ଏପରି କ୍ଷେତ୍ରକୁ ରାକ୍ଷସଙ୍କ ଆଗମନ ହେଲେ ମଧ୍ୟ କ୍ଷେତ୍ରକୁ ମର୍ଯ୍ୟଦା ଜଣାଇଥାନ୍ତି । କିନ୍ତୁ ଆକର୍ଷିତ ହୋଇ ହୃଦୟ ବିଚାରକୁ କହେ, ରାକ୍ଷାସ ନିଜ ରୂପରେ ବାନ୍ଧି ରଖିଥିବା ଗୁଞ୍ଜନ ପ୍ରଭାବଠାରୁ ଜନସାଧାରଣଙ୍କ ପ୍ରତାରଣା ଅତି ଭୟଙ୍କର ନୁହେଁ ।

(୩) ମମ ମରଣମେବ ବରମିତି ବିତଥକେତନା ।
କିମିହ ବିଷହାମି ବିରହାନଳମଚେତନା ॥
ଯାମି ହେ ... ॥ ଗ ॥

ଅବଶ୍ୟ ମୋକ ମୃତ୍ୟୁ ଦିନେ ନା ଦିନେ ନିଶ୍ଚୟ ହେବ । ନିଜର ଯଥାର୍ଥ ଜ୍ଞାନ ଦ୍ୱାରା କ୍ଷେତ୍ରକୁ ଶ୍ରେଷ୍ଠ ସେବା ମୃତ୍ୟୁ ପୂର୍ବରୁ କରି ମରିବି । ବିସ୍ତାରିତ ହୋଇ ସମସ୍ତ ବାସଗୃହ କ୍ଷେତ୍ରରେ ରହିଆସିଛି । ସମସ୍ତ ମିଥ୍ୟା ହେଲେ ମଧ୍ୟ ଏହା କିନ୍ତୁ ସତ୍ୟ । ସମସ୍ତ କିଛି ନଷ୍ଟ ହୋଇଯିବ ସଞ୍ଜା ପ୍ରମାଣ ଦିଏ କେବଳ ବିରହାଗ୍ନି ହିଁ ବିକଳ୍ପ ରହିଛି । ମାତ୍ର ବିରହାଗ୍ନି ଜନସାଧାରଣଙ୍କ ପ୍ରତାରଣା ଠାରୁ ଭୟଙ୍କର ନୁହେଁ ।

(୪) ମାମହହବିଧୁରୟତି ମଧୁରମଧୁଯାମିନୀ ।
କାପି ହରିମନୁଭବତି କୃତସିକୃତକାମିନା ॥
ଯାମି ହେ .... ॥ ଘ ॥

ମର୍ତାଞ୍ଚଳରେ ସ୍ଥାନ ଭାଗ ଅପ୍ରସ୍ତୁତ ଭାବେ ରହିଥିବା ସମୟରେ ଗୋବିନ୍ଦାଞ୍ଚଳରେ ଏହି କ୍ଷେତ୍ର ପବିତ୍ର ତଥା ମୁକ୍ତି ଦାୟକ ଥିଲା । ବିଶୁଦ୍ଧ ଆକାଶରେ ବିଧୁ ଚଳନ ଆରମ୍ଭ କାଳରେ ଆଦିରାଜ ସ୍ୱୟଂମ୍ଭୁବ ମନୁଙ୍କ ଶାସନ କ୍ଷେତ୍ର ଥିଲା । ବ୍ରହ୍ମାଣ୍ଡ ସକାଶେ ସେ ଏଠାରେ ପୂଜ୍ୟ ହୋଇ ପୂଜା ପାଉଥିଲେ । ସେ ଏଠାରେ ସବୁଜ ଅନୁଷ୍ଠାନ ମାନ ଯେପରି ତୋଳିଥିଲେ ତାହା ଅବିସ୍ମରଣୀୟ, କାରଣ ଚୈତ୍ରରେ ମଧ୍ୟ ଜଳସ୍ରୋତର ପ୍ରବାହ ଥିଲା । ମାତ୍ର ଜନସାଧାରଣଙ୍କ ପ୍ରତାରଣା ଠାରୁ ଅଧିକ ନଥିଲା ।

(୫) ଅହହ କଳୟାମି ବଳୟାଦିମଣିଭୂଷଣଂ ।

हरिविरहदहनवहनेन बहुदूषणम् ॥

ଯାମି ହେ ..... ॥ ଙ॥

ଥରେ ଏହି ଗୋବିନ୍ଦାୟ କ୍ଷେତ୍ରରେ ଜନ ସମୁଦାୟର ଅଭାବ ଦେଖାଦେଇଥିଲା । ଜଳବାୟୁର ଆଦ୍ରହୀନ ହୋଇ ନିଷ୍କାମ ଜଣା ଯାଉଥିଲା । ଇତ୍ୟାଦି କାରଣମାନଙ୍କୁ ଆଧାର କରି ଅର୍ଦ୍ଧରାତ୍ର କାଳରେ ପରିବେଶ ମଧ୍ୟରୁ ଅସ୍ପଷ୍ଟ ସ୍ୱନ ଶୁଣାଯାଉଥିଲା । ସେହି ସ୍ୱନଧ୍ୱନୀ ତରଣଙ୍ଗାୟୀତ ହେବାପରେ ମଧୁରତା ହୀନ ହୋଇ ସବୁଜ ବିଛେଦ କ୍ଷେତ୍ର ଧାରଣ କରିଥିଲା । କ୍ଷେତ୍ରରେ ଏପରି ଅନେକ ତ୍ରୁଟି ଥିଲା କିନ୍ତୁ, ଭୂଷଣ ସ୍ୱରୂପ ମୁକ୍ତିର ପ୍ରଭାବ ଥିବା ସତ୍ୱେବି ସର୍ବସାଧାରଣଙ୍କ ପ୍ରତାରଣା ଠାରୁ ଅଧିକ ନଥିଲା ।

(୬) କୁସୁମସୁକୁମାରତନୁମତନୁଶରଲୀଳୟା ।

ସ୍ରଗପି ହୃଦି ହନ୍ତି ମାମତିବିଷମଶୀଳୟା ॥

ଯାମି ହେ ...... ॥ ଚ॥

ଈରଡ କୁମାର ମାନଙ୍କ ମନ, କ୍ଷେତ୍ର ମଧ୍ୟରେ ପୁଷ୍ପପରି ଥିଲା । ଶରୀରର ସ୍ୱରୂପ ନଳଗଛ ପରିଥିଲା । ଖେଳ ସମୟରେ ଶରୀରକୁ ଶରୀର ମଧ୍ୟରେ ପରସ୍ପର ହୃଦୟ ସହ ହୃଦୟକୁ ମିଶାଇ ପ୍ରସନ୍ନ ପ୍ରକାଶ କରୁଥିଲେ । ନିଜ ବୁଦ୍ଧିରେ କ୍ଷେତ୍ରାଞ୍ଚଳର ବିକାଶ ଓ ସମୃଦ୍ଧି ବିଚାର କରି କାର୍ଯ୍ୟକାରୀ କରି ଆସୁଥିଲେ । କିନ୍ତୁ ଅନ୍ୟ ବ୍ୟକ୍ତିମାନଙ୍କୁ ଯେପରି ମ୍ଳାନ କକ୍ଷୁରେ ଦେଖି ଅବଶ୍ୟ ହରକତ କରୁଥିଲେ କିନ୍ତୁ ଜନସାଧାରଣଙ୍କ ପ୍ରତାରଣା କରିବାଠାରୁ ଏହି ପ୍ରତାରଣା ଅଧିକ ନଥିଲା ।

(୭) ଅହମିହ ନିବସାମି ନ ଗଣିତବନବେତସା ।

ସ୍ମରତି ମଧୁସୂଦନୋ ମାମପି ନ ଚେତସା ॥

ଯାମି ହେ .... ॥ ଛ ॥

ଦିନସାରା ଝିପିଝିପି ବର୍ଷା ସମୁଦାୟ କ୍ଷେତ୍ରରେ ଲାଗି ରହିଥିଲା । ଆଦ୍ରରେ ଭୂସାରା ଆଦ୍ରତା ସ୍ଥିର ରହିଥିଲା । ବାରିବିନ୍ଦୁ ଗଛିଲା ପରି ଆକାଶରୁ ପଡୁଥିବାର ବର୍ଷା ନିନ୍ଦନୀୟ ନଥିଲା । ସେଠାରେ ଥିବା ବନ ମଧ୍ୟରେ ଅନୁଗ୍ରହ ପୂର୍ବକ ବେତବନର ପ୍ରଭାବ ଥିଲା । ସେହି ବନ ମଧ୍ୟରେ ଠାଏଁ ଠାଏଁ ମହୁଫେଣାମାନ ଥିଲା । ଫେଣାଗୁଡିକରେ ମହୁମାଛିମାନେ ବସି ମଧୁପାନ କରୁଥିଲେ । ଅବଶ୍ୟ ଆମ ଚେତନା ଶକ୍ତି ଦୁର୍ବଳ କିନ୍ତୁ ଜନ ସର୍ବସାଧାରଣ ପ୍ରତାରଣା କରିବାଠାରୁ ଅଧିକ ନଥିଲା ।

(୮) ହରିଚରଣଶରଣ ଜୟଦେବକବି ଭାରତୀ ।

ବସତୁ ହୃଦି ଯୁବତିରିବ କୋମଳକଳାବତୀ ॥ ଜ ॥

ସମୁଦାୟ ଗୋବିନ୍ଦାଞ୍ଚଳ କ୍ଷେତ୍ର ସବୁଜ ହିଁ ସବୁଜ ପ୍ରଭାବରେ ଥିଲା । ସବୁଜତା ଗୋବିନ୍ଦ ଚରଣରେ ସରଣ ଗଲାପରି ଜଣାଯାଉଥିଲା । କ୍ଷତ୍ରକୁ ପରବ୍ରହ୍ମ ଯେପରି ରଚନା କରିଛନ୍ତି, ପ୍ରକୃତରେ ଦିବ୍ୟଗ୍ରନ୍ଥ ପରି ଜଣାପଡୁଥିଲା । ନିର୍ମାଣରେ ସ୍ୱୟଂ ସରସ୍ୱତୀ ସହାୟତା କରିଥିବା ବିବେଚନାରୁ ଜଣାଯାଏ । ସ୍ରୋତ ତଟରେ ତରୁଣୀମାନେ ହୃଦୟ ମନରେ ବିନା ହଲଚଲରେ କୋମଳତା ସହ ନୃତ୍ୟ କରି କରି ଚାଲିଥିଲେ । କିନ୍ତୁ ସର୍ବସାଧାରଣଙ୍କ ପ୍ରତାରଣା ଠାରୁ ଅଧିକ ଜଣା ଯାଉନଥିଲା ।

**ଶ୍ଳୋକ- ୪୧**

ତତ୍କିଂ କାମପି କାମିନୀମଭିସୃତଃ କିଂ ବା କଳାକେଳିଭି

ର୍ବଦ୍ଧୋବନ୍ଧୁଭିରନ୍ଧକାରିଣି ବନୋପାନ୍ତେ କିମୁଦଭ୍ରାମ୍ୟତି ।

କାନ୍ତଃ କ୍ଳାନ୍ତମନା ମନାଗପି ପଥି ପ୍ରସ୍ଥାତୁମେବାକ୍ଷମଃ

ସଙ୍କେତୀକୃତମଞ୍ଜୁବଞ୍ଜୁଳଲତାକୁଞ୍ଜେଽପି ଯନ୍ନାଗତଃ ॥ ୪୧ ॥

ସମ୍ଭୋଗ ପ୍ରବୃତିକୁ ସହଯୋଗ କରି ଆସୁଥିବା ଏହି ପୁଷ୍ପ କ୍ଷେତ୍ର ସର୍ବ ପ୍ରଥମରୁ ପ୍ରକଟ ହୋଇ ରହି ଆସିଛି । ଶୁଣାଯାଏ ଚନ୍ଦ୍ରଙ୍କ ଚନ୍ଦ୍ରାଂଶ ସହ ଈଶ୍ୱରୀୟ ବୋଧତା ଏଠାରେ ବନ୍ଦି ହୋଇ ରହିଛି । ଏଠାରେ ଭୟା ଭୟକୁ ଭୟ ନକରି ମିତ୍ର ରୂପେ ଅଛନ୍ତି । ଜଙ୍ଗଲ ମଧ୍ୟରେ ନିର୍ଭୟତା ନିଶ୍ଚଳରେ ଭ୍ରମଣ କରି ଚାଲିଥାନ୍ତି । ଯାତ୍ରୀ ଆଗମନରେ ଭାବ ନିଶ୍ଚଳରେ ସ୍ଥିର ସ୍ତରରେ ପୂଜାକରି ଚାଲିଥିଲେ । କାରଣ ଅତୀତରେ ଏପରି ପ୍ରଚଳିତ ଥିଲା । ଏପରି ଅକ୍ଷମ କାର୍ଯ୍ୟ କାର୍ଯ୍ୟକାରୀ ହୋଇ ପାରିଥିଲା । ସୂଚନା ମିଳେ ଯବାନ୍ନର ଉତ୍ପତି ଓ ପ୍ରସ୍ତୁତି ଏଠାରେ ଆରମ୍ଭ ହୋଇଥିଲା । କ୍ଷେତ୍ରରେ କ୍ଷେତ୍ର ସମୁଦାୟ ମନୋହର

ଦେଖାଯାଉଥିଲା । ଏଠାରେ ଲତାଗୃହ ସମୁଦାୟ ବେତରେ ନିର୍ମାଣ ହୋଇପାରୁଥିଲା ।

**ଶ୍ଳୋକ-୪୨**

ଅଥାଗତାଂ ମାଧବମନ୍ତରେଣ
ସଖୀମିଙ୍ଗ ବୀକ୍ଷ୍ୟ ବିଷାଦମୂକାମ୍ ।
ବିଶଙ୍କମାନାରମିତଂ କୟାପି
ଜନାର୍ଦ୍ଦନଂ ଦୃଷ୍ଟବଦେତଦାହ ॥୪୨॥

ପରିବେଶରେ ମଙ୍ଗଳ ତଥା ମା ମମତାର ଶୁଦ୍ଧି ପାଇଁ, ବୈଦିକ ମନ୍ତ୍ର ଗୁଡ଼ିକୁ ପ୍ରସ୍ତୁତି ଏଠାରେ କରାଯାଇଥିଲା । ଯଜ୍ଞାନୁଷ୍ଠାନ ମାନଙ୍କରେ ମନ୍ତ୍ର ଗୁଡିକର ଉଚ୍ଚାରଣ ହୋଇ ଆସୁଥିଲା । ମନୁଷ୍ୟକୁ ଦୁଃଖ, ଶଙ୍କା, ଭୟ ହୀନ କରାଇବାରେ ଉଚିତ୍ ସମ୍ମାନ କ୍ଷେତ୍ର ଦେଇ ଆସୁଥିଲା । ସେହି କ୍ଷେତ୍ରରେ ଚକୋର ପକ୍ଷୀ ପରି ଘୁରି ବୁଲିବା ଶ୍ରେୟ ଥିଲା । ମିତ୍ର ପରି ପକ୍ଷୀ କିପରି ହେବ । ଜନଙ୍କ ଉଦ୍ଦେଶ୍ୟରେ ରହି ଆସିଥିବା ଦୁର୍ଜନଙ୍କ କଥା ଯେପରି ସନ୍ତାପ ନ ଦେବ ପ୍ରଚଳିତ ଥିଲା ।

## ଚତୁର୍ଦ୍ଦଶ ପ୍ରବନ୍ଧ

ରାଗ- ବସନ୍ତ, ତାଳ- ଯତି

(୧) ସ୍ମରମରୋଚିତ ବିରଚିତ ବେଶା ।
ଗଳିତକୁସୁମଦଳବିଲୁଳିତ କେଶା ॥
କାପି ମୁଧୁରିପୁଣା,
ବିଳସିତ ଯୁବତିରଧିକଗୁଣା ॥ କ ॥

ସ୍ମରଣା କର । ଅତୀତର ସେହି ସମାନ ଦୃଶ୍ୟ ସମୁଦାୟ କନ୍ଦର୍ପ ପରିଥିଲା । ରଚନାରେ ଥିବା ଅତୀତର ରୁଚିକର ମନୋରମ, ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ ଥିଲା । ବିସ୍ତାରିତ କ୍ଷେତ୍ର ପରିଧି ମଧ୍ୟରେ ଥିଲା ବିଭିନ୍ନ ପୁଷ୍ପମାନଙ୍କ ସମାହାର । ଯେହେତୁ ବ୍ରହ୍ମାଣ୍ଡର ଏହି ସ୍ଥଳଟି ଥିଲା ମସ୍ତିଷ୍କ କ୍ଷେତ୍ର । ବୃକ୍ଷରେ ପୁଷ୍ପ ଗୁଡିକ ଫିରି ଫିରି ହୋଇ ମଳୟ ପ୍ରଭାବରେ ଖେଳିଉଠୁଥିଲା । କ୍ଷେତ୍ରସ୍ଥ ପରିବେଶ ଯେଉଁ ସମୟରେ ଚଳିତ ହେବାକୁ ଲାଗିଥିଲା । ଏବଂ ମହୁଶତ୍ରୁ ମହୁମାଛି ସମୁଦାୟ କ୍ଷେତ୍ର ପରିବେଶକୁ ଯେପରି ଉପଭୋଗ କରି ଆସୁଥିଲେ, ସେପରି ସ୍ଥାନୀୟ ତରୁଣୀଗଣ କ୍ଷେତ୍ର ନିନ୍ଦାକୁ ସହ୍ୟକରି, ଗୋବିନ୍ଦାଞ୍ଚଳ ପରିଚୟକୁ ସମ୍ମାନ ଦେଇ ଆସୁଥିଲେ ।

(୨) ହରିପରିରମଣ ବଳିତବିକାରା ।
କୁଚକଳଶୋପରି ତରଳିତହାରା ॥
କାପି ... ॥ ଖ ॥

ପଦ୍ମିନୀ ଜାତୀ. ଅପ୍ସରାମାନଙ୍କ ଯୁଗଳ ସ୍ତନ ପରି କ୍ଷେତ୍ର ଦୃଶ୍ୟ ଥିଲା । ପ୍ରକୃତିର ବିକାର ତଥା ଶକ୍ତିଶାଳୀଙ୍କ କାରଣ ଯୋଗୁଁ ଏପରି ହୋଇପାରିଥିଲା । ମୃତିକା ଗଦା ଗୁଡିକ କଳସ ପରି କ୍ଷେତ୍ର ସମୁଦାୟରେ ଉତ୍ପତି ହୋଇଥିଲା । ସ୍ରୋତ ଗୁଡିକ ସ୍ରୋତିୟିତ ହେଉଥିବା ବେଳେ ମୃତିକା ଗଦା ହାର ସ୍ୱରୂପ ଜଣା ଯାଉଥିଲା । ଏପରି ଭାବ ପ୍ରକାରରେ କ୍ଷେତ୍ର ଅପ୍ରସ୍ତୁତ ଥିଲା ।

(୩) ବିଚଳଦଳକଲଳିତାନନଚନ୍ଦ୍ରା ।
ତଦଧରପାନରଭସକୃତତନ୍ଦ୍ରା ॥
କାପି ... ॥ ଗ ॥

ଅସ୍ଥିର ଭାବରେ କ୍ଷେତ୍ର ଥିବା ସମୟରେ ଅତ୍ୟାଚାରିତ ହୋଇ ଚାଲିଥିଲା । ଏପରି ସମୟରେ ଆକାଶ ମଧ୍ୟରୁ ଚନ୍ଦ୍ରଦେବଙ୍କ କୋମଳ ଜ୍ୟୋସ୍ନା, କ୍ଷେତ୍ର ସମୁଦାୟରେ ପଡିଥିଲା । ଚନ୍ଦ୍ର ଜ୍ୟୋସ୍ନା ସମୁଦାୟ କ୍ଷେତ୍ର ଧାରଣ କରିବାପରେ ପରେ କ୍ଷେତ୍ର ମଧ୍ୟରେ ଉତ୍ସାହ ଜନ୍ମିଥିଲା । ଉଦବେଗର ସହ କାର୍ଯ୍ୟ ଆରମ୍ଭ ହୋଇପାରିଥିଲା । ଏପରି ଭାବ ପ୍ରକାରର କ୍ଷେତ୍ର ଅପ୍ରସ୍ତୁତ ଥିଲା ।

(୪) ଚଞ୍ଚଳକୁଣ୍ଡଳଦଳିତକପୋଳ ।
ମୁଖରିତରଶନଜଘନଗତିଲୋଳା ॥
କାପି .... ॥ ଘ ॥

କ୍ଷେତ୍ର ସମୁଦାୟରେ ରହି ଆସିଥିବା କର୍ଣ୍ଣଭୂଷଣ ପରି ମାଟିକୁଦ ଗୁଡିକ ନଷ୍ଟକରି ସମଘନ କରାଯାଇଥିଲା । ମନୁଷ୍ୟର ଗଣ୍ଡସ୍ଥଳି ପରି ଚିକକଣ ଜଣାଯାଉଥିଲା । ଚିକକଣ ସ୍ୱରୂପ ସମତଳ କ୍ଷେତ୍ରହେବାପରେ ସ୍ଥାନୀୟ ଜନ କୋଳାହଳରେ

ଚିତ୍କାର କରି ଉଠିଥିଲେ । କ୍ଷେତ୍ରାଗତ ଜଘନ ଗତି ଠିକ୍ ଚାଲିଥିଲା । ଏପରି ଭାବ ପ୍ରକାରର କ୍ଷେତ୍ର ଅପ୍ରସ୍ତୁତ ଥିଲା ।

(୫) ଦୟିତବିଲୋକିତଜ୍ଜିତ ହସିତା ।

ଇହୁବିଧକୂଳିତରତିରସରସିତା ॥

କାପି ... ॥ ଙ ॥

କ୍ଷେତ୍ର ସମୁଦାୟରେ ଦେଖାଯାଉଥିବା ଦୃଶ୍ୟାଞ୍ଚଳରେ ହୋଇଥିବା ବିକାଶରେ ସମାଜର ବିନୟ ଓ ଉର୍ବରତାର ଅତି ପ୍ରିୟ ଥିଲା । ଏପରି ରହି ଆସିଥିବା ସମୁଦାୟ ବୃକ୍ଷର ବହୁବିଧ ଦୃଶ୍ୟରେ ଆନନ୍ଦର ଆନନ୍ଦ ଲହରି ଖେଳି ଚାଲିଥିଲା । ସେଥି ମଧ୍ୟରୁ ଉତ୍ପତ୍ତି ସାରାଂଶ ଗ୍ରହଣ କରି ଜନତା ଚାଲିଥିଲେ । ଏପରି ଭାବ ପ୍ରକାରରେ ମଧ୍ୟ କ୍ଷେତ୍ର ଅପ୍ରସ୍ତୁତ ଥିଲା ।

(୬) ବିପୁଳପୁଲକପୃଥୁବେପଥୁଭଙ୍ଗା ।

ଶ୍ୱସିତନିମୀଳିତବିକସଦନଙ୍ଗା ॥

କାପି .... ॥ ଚ ॥

ସ୍ୱୟମ୍ଭୁବ ମନୁ ବଂଶଜ ରାଜା ପୃଥୁ ବହୁ କଷ୍ଟ ସ୍ୱୀକାର କରି କ୍ଷେତ୍ର ସମୁଦାୟକୁ ସମତୁଲ କରିଥିଲେ । ତାଙ୍କ ଭାବନାରେ ମହତ ଚିନ୍ତା ଥିଲା । ଏଣୁ ସମୁଦାୟ ଅମାର୍ଗକୁ ମାର୍ଗୀ କରାଇଥିଲେ । କ୍ଷେତ୍ରଗତ ପର୍ବତ, ପାହାଡକୁ ସଫା କରାଇ ନିଶ୍ୱାସ ପ୍ରଶ୍ୱାସ ନେବା ଆଣିବାକୁ ସରଳ କରାଇଥିଲେ । ଏପରି ସେ କ୍ଷେତ୍ର ବିକାଶ କରିଥିଲେ । ଏଥିପୂର୍ବରୁ କ୍ଷେତ୍ର କିନ୍ତୁ ଅପ୍ରସ୍ତୁତ ଥିଲା ।

(୭) ଶ୍ରମଜଳକଣଭରସୁଭଗଶରୀରା ।

ପରିପତିତୋରସି ରତିରର ଧୀରା ॥

କାପି .... ॥ଛ॥

କ୍ଷେତ୍ର ମଧ୍ୟରେ ଶ୍ରମର ପ୍ରଭାବ, ଜଳର ସ୍ରୋତ, ଶବ୍ଦର ତରଙ୍ଗାଦି ଅତୀତରୁ ସଂପୂର୍ଣ୍ଣ ହୋଇ ପାରିଥିଲା । କେବଳ ସିମୀତାଞ୍ଚଳ ନଥିଲା, ଥିଲା ସମୁଦାୟ ଅଞ୍ଚଳ । ପୁଣି ଅତି ମନୋରମରେ ଶରୀର ଦେଖାଯାଉଥିଲା । ପରିବେଶ ଏଥିପ୍ରତି ଆସକ୍ତ ଥିଲା । ଆନନ୍ଦର ଆନନ୍ଦ ପ୍ରଭାବ ଧିରେ ଧିରେ ବିସ୍ତାର ହୋଇପାରିଥିଲା । ଏପରି ଭାବପ୍ରକାରରେ କ୍ଷେତ୍ର ଅପ୍ରସ୍ତୁତ ଥିଲା ।

(୮) ଶ୍ରୀଜୟଦେବଭଣିତହରିରମିତମ୍ ।

ଜନୟତୁ କଳିକଲୁଷଂ ପରିଶମିତମ୍ ॥ ଜ ॥

ଗୋବିନ୍ଦାଞ୍ଚଳ କ୍ଷେତ୍ରରେ ଐଶ୍ୱର୍ଯ୍ୟମୟ ବିକଶିତ ସହିତଏହି ଦିବ୍ୟ ଗ୍ରନ୍ଥ ରଚନା କରାଗଲା । ସବୁଜତାର ସମ୍ୟକ ଚମକ୍ ଦେଉଥିବା ପରିମାଣକୁ ଏଥିରେ ଦର୍ଶାଗଲା । ବସବାସ କରି ଆସୁଥିବା ଏହି କ୍ଷେତ୍ରର ଜନସାଧାରଣ ବିଶ୍ୱାସର ସହ ପରସ୍ପରକୁ ଆଲିଙ୍ଗନ କରୁଥିଲେ । କଳି ଯୁଗପ୍ରବେଶ ପରେ ପରେ ମଳିନତା ଉଠିଥିଲା । ପ୍ରଥମରେ କିନ୍ତୁ ଅପ୍ରସ୍ତୁତ ଥିଲା ।

ଶ୍ଳୋକ- ୪୩

ବିରହପାଣ୍ଡୁମୁରାରିମୁଖାମ୍ବୁଜ

ଦ୍ୟୁତିରୟଂତିରୟନ୍ନପି ଚେତନାମ୍ ।

ବିଧୂରତୀବ ତନୋତି ମନୋଭୂବଃ

ସୁହୃଦୟେ ହୃଦୟେ ମଦନବ୍ୟଥାମ୍ ॥ ୪୩ ॥

ଅତୀତର ମହାନ ଅସୁର ମୁର ଶତ୍ରୁ ମୁରାରୀଙ୍କ କ୍ଷେତ୍ର ଥିଲା । ମୁଖଶାଳା ମେରୁର ଏହି କ୍ଷେତ୍ର ପାଣ୍ଡୁର ବର୍ଣ୍ଣ ରଙ୍ଗ ଧାରଣ କରିବାରେ ଲାଗିଥିଲା । ପ୍ରକାଶରେ ମେରୁ ବଦନ କ୍ଷେତ୍ର ଜଳପ୍ରଭାବ ଥିଲା । ଅନେକ ଜନ ସ୍ରୋତର ମୁଖ୍ୟ ଏହି ବଦନ କ୍ଷେତ୍ରକୁ ମୁହାଇଁ ଥିଲା । ପବନ ଆଘାତରେ ଶଷ୍ୟ ବୃକ୍ଷ ମାନ ହଲଚଲ ହେବାରେ ଲାଗିଥିଲା । ବିସ୍ତାରରେ ବ୍ୟାଧମାନେ ଶଷ୍ୟ କ୍ଷେତ୍ରକୁ ପ୍ରବେଶ କରୁଥିଲେ । ସୁତ୍ରରେ ମୃଗ କସ୍ତୁରୀ ସଂଗ୍ରହ କରୁଥିଲେ । ମନରେ ଭୂବନ ବିଚାର ସ୍ୱତଃ ପ୍ରକଟିତ ହୋଇ ଆସୁଥିଲା । ହୃଦୟ, ମନ ଯେଉଁମାନଙ୍କ ସତ୍ ମାର୍ଗରେ ଚାଳିତ ସେମାନଙ୍କ ବିଚାରରେ ଅତି ମନୋହର ବ୍ୟଥାମାନ ଆପେ ଆପେ ଉତ୍ପତ୍ତି ହୋଇଉଠୁଥିଲା ।

**ପଞ୍ଚଦଶ ପ୍ରବନ୍ଧ**

ରାଗ- ଗୁର୍ଜରୀ,ତାଳ ଏକତାଲି

୧) ସମୁଦିତମଦନେ ରମଣୀବଦନେ ଚୁମ୍ବନବଳିତାଧରେ
ମୃଗମଦତିଳକଂ ଲିଖତି ସପୁଲକଂ ମୃଗମିବ ରଜନୀକରେ ।।
ରମତେ ଯମୁନାପୁଳିନବନେ, ବିଜୟୀ ମୁରାରିମଧୁନା ।। କ ।।

ସମୁଦାୟ ମର୍ତ୍ତ୍ୟମଣ୍ଡଳ ମଧ୍ୟରେ ଏହି ଗୋବିନ୍ଦାଙ୍କ ଜଘନ କ୍ଷେତ୍ରାଞ୍ଚଳ ବିକାଶରେ ଉଲ୍ଲସିତ ତଥା ଐଶ୍ବର୍ଯ୍ୟମହ ହୋଇଉଠିଥିଲା । ଏପରିକି ବିକାଶର ଚରମ ସୀମାରେ ପହଞ୍ଚି ପାରିଥିଲା । ସେପରି କ୍ଷେତ୍ରରେ ଯୁବତୀମାନେ ସଳିତା ଜଳାଇ କ୍ଷେତ୍ର ମୃତିକାକୁ ଚୁମ୍ବନ ଦେଉଥିଲେ । ସ୍ରୋତ ସମିପରେ ଯୁବତୀଗଣ ଚୁମ୍ବନ ଦେବାବେଳେ ମୃଗଗଣ ମସ୍ତିରେ ଘୁରି ବୁଲୁଥିଲେ ।ସେମାନଙ୍କ ପ୍ରତି ମଧ୍ୟ ଧ୍ୟାନ ଦେବା ଉଚିତ୍ ଥିଲା । କାରଣ ମଥାରେ ଚନ୍ଦନ ଟୋପା ଯେପରି ଦେଖାଯାଏ ସେପରି କ୍ଷେତ୍ର ଦେଖାଯାଉଥିଲା । ସନ୍ଧ୍ୟା ଆଗମନ ସମୟରେ ମଧ୍ୟ ଯମୁନା ସ୍ରୋତ ପଥରେ ମୃଗଗଣ ମସ୍ତ ହେବାରେ ଜଣାଯାଉଥିଲା । ବିଜୟ ବାନା ଉଡାଇବା କାଳେ, ଯେପରି ଉଲ୍ଲାସ ପ୍ରବେଶ କରିଥାଏ, ସେପରି ଚମକ ପୂର୍ଣ୍ଣତା ସେହି କ୍ଷେତ୍ରରେ ମୁରାରୀଙ୍କ ମୁରଲୀ ସ୍ୱନ ପରି ପ୍ରତିବିମ୍ବିତ ହେଉଥିଲା ।

(୨) ଘନଚୟରୁଚିରେ ରଚୟତି ଚିକୁରେ
ତରଳିତ ତରୁଣାନନେ ।
କୁରୁବକକୁସୁମଂ ଚପଳାସୁଷମଂ
ରତିପତିମୃଗକାନନେ ।।
ରମତେ .. ।। ଖ ।।

ସେହି ସନ୍ଧ୍ୟା ପରବର୍ତ୍ତୀ ରାତ୍ର ସମୟରେ ଗିରି, ପର୍ବତ ଶିଖର ମାନଙ୍କରେ ଅତ୍ୟନ୍ତ ଖୁସିରେ ମେଘ ସମୁଦାୟ ଚଳାଚଳ ହେବାରେ ଲାଗିଥିଲା । ଭାବ ବିସ୍ତାରରେ ମେଘ ଚହଲି ଝିପି ଝିପି ବର୍ଷା ହେବାକୁ ଲାଗିଥିଲା । ଏପରିକି ଆକାଶରେ ବିଜୁଳି ପ୍ରକାଶ ପାଉଥିଲା । ମେଘ ମୁହଁରୁ ବାରିବର୍ଷା ପରେ, କ୍ଷେତ୍ର ମଧ୍ୟରେ ବିଚରିତ ମୃଗଗଣ ଆନନ୍ଦ ମୁଗ୍ଧରେ ମସ୍ତି ହୋଇଥିଲେ । ବୃକ୍ଷ ଗୁଡିକ ମଧ୍ୟ ହର୍ଷ ଉଲ୍ଲସିତ ହୋଇଥିଲେ । ସେଠାରେ ଉତମ ଶୋଭା ଦେଖି ଆଶ୍ଚର୍ଯ୍ୟ ହେବାକୁ ପଡିଥିଲା । ଜଳସ୍ରୋତ ଗୁଡିକ ମଧ୍ୟରେ ଉଠିଥିବା ଦାସକଣ୍ଠା ଫୁଲ ଗଛ ଗୁଡିକ ଅତି ଉଲ୍ଲସିତ ଥିବା ଜଣାଯାଉଥିଲା ।

(୩) ଘଟୟତି ସୁଘନେ କୁଚଯୁଗଘଗନେ
ମୃଗମଦରୁଚିରୂଷିତେ ।
ମଣିସରମମଳଂ ତାରକପଟଳଂ
ପଦନଖଶଶିଭୂଷିତେ ।
ରମତେ ... ।। ଗ ।।

ସେହି ରାତ୍ର କାଳରେ ଉତମ ମେଘର ଉତ୍ପତି ହୋଇପାରିଥିଲା । ଉତମ ମେଘର ଉତମ ବର୍ଷା ହେବାରେ ଲାଗିଥିଲା । ମୃଗମାନେ ମର୍ତ୍ତ୍ୟ କ୍ଷେତ୍ରରେ ମସ୍ତି ହେବାପରି, ଅନୁରାଗ କ୍ରମରେ ମେଘ ମଧ୍ୟ ଆକାଶରେ ମସ୍ତି ହେଉଥିଲା । ରତ୍ନଖଚିତ ଶାଳାମାନଙ୍କ ମଧ୍ୟରେ ଘର୍ଷଣ ଶବ୍ଦ ଉତ୍ପତି ହେଉଥିବା ପରି ଆକାଶରେ ଭୟଙ୍କର ଚଡଚଡି ଶବ୍ଦ ଉତ୍ପତି ହେଉଥିଲା । ମେଘ ଆଚ୍ଛାଦନରେ ନକ୍ଷତ୍ର ଗୁଡିକ ଦୃଶ୍ୟ ହେଉଥିବା ଆକାଶରେ ଆଉ ଦେଖା ମିଳିନଥିଲା । ଏପରିକି ନକ୍ଷତ୍ର ମାନଙ୍କ ଭୂଷଣ ଚନ୍ଦ୍ର ମଧ୍ୟ ସେହି ପଟଳ ପାଳନ କରିଥିଲେ । ସେଦିନର ରାତ୍ର ଘଟଣା ଉପରୋକ୍ତ ପ୍ରକାରେ ଘଟିଥିଲା ।

(୪) ଜିତବିସଶକଳେ ମୃଦୁଭୂଜଯୁଗଳେ
କରତଳନଳିନୀଦଳେ ।
ମରକତବଳୟଂ ମଧୁକରନିଚୟଂ
ବିତରତି ହୀମଶୀତଳେ ।। ଘ ।।

କ୍ଷେତ୍ର ଆକାଶରେ ମେଘ ବିଜୟ ଲାଭକଲା ପରେ, ନିମ୍ନକୁ ସେହି ବିଜୟ ବାର୍ତ୍ତାକୁ ଫୋପାଡି ଦେଇଥିଲା । ଘନୀଭୁତ ହୋଇ ଆକାଶରେ ରହିଥିବା ମେଘ ଖଣ୍ଡ ଖଣ୍ଡ ପରି ସମୁଦାୟ ବର୍ଷାଜଳ ମୃଦୁରିତରେ ବିସ୍ତାରିତ ହୋଇ ମର୍ତ୍ତ୍ୟରେ ପଡୁଥିଲା । ଉଭୟ ପାପୁଲି ହସ୍ତରେ ପଦ୍ମଫୁଲ ଓ ନାଡକୁ ଟିକି ଟିକି କରି ଚାରିଦିଗରକୁ ଫୋପାଡିଲା ପରି ଫୋପାଡିବା କାରଣରୁ ଗୋଛା ଗୋଛା ପଦ୍ମ ଓ ତା ନାଡ ଗୁଡିକ ମରକତ ମଣି ସ୍ୱରୂପ କଙ୍କଣ ପରି ପଡିଥିଲା । ସେପରି

ଆକାଶରୁ ଜଳ ବିନ୍ଦୁ ପଡିବା ଜଣାଯାଉଥିଲା । ପ୍ରତ୍ୟେକ ପୁଷ୍ପରେ ଭ୍ରମର ମଧୁ ସଂରଚନା କଲା ପରି, ମର୍ତ୍ୟ କ୍ଷେତ୍ରରେ ବିନ୍ଦୁ ବିନ୍ଦୁ କାକର ଆଧାରିତ ହେବା ଦୃଶ୍ୟ ଜଣାଯାଉଥିଲା ।

(୫) ରତିଗୃହଜଘନେ ବିପୁଳାପଘନେ
ମନସିଜକନକାସନେ
ମଣିସରସନଂ ତୋରଣହସନଂ
ବିକିରତି କୃତବାସନେ ।। ଙ ।।

ସୃଷ୍ଟିର ଉତ୍ପତି ପୂର୍ବରୁ ଏହି କ୍ଷେତ୍ରରେ ଏପରି ଜଘନ ସ୍ଥଳି ରହି ଥିଲା । ମର୍ତ୍ୟ କ୍ଷେତ୍ରରେ ବହୁଳ ଅଞ୍ଚଳର ଘରକହିଲେ ଅତ୍ୟୁକ୍ତି ହେବ ନାହିଁ । କ୍ଷେତ୍ର ଶରୀର କନ୍ଦର୍ପ ପରି ଥିଲା । ସୁବର୍ଣ୍ଣ ତୁଲ୍ୟ ଅକ୍ଷ ଥିଲା । ତଥା ବ୍ରହ୍ମାଙ୍କ ପ୍ରବେଶ ଦ୍ୱାର । କେବଳ ଅକ୍ଷ ଥିଲା । ଏବଂ କ୍ଷେତ୍ର ବିଶ୍ରାମ ସ୍ଥଳି ରୂପେ ନିର୍ଦ୍ଧାରିତ ହୋଇଆସିଛି । ତନ୍ତ୍ର ଶାସ୍ତ୍ର ଗୁଡିକରୁ ସୂଚନା ମିଳେ ଯେ, କ୍ଷେତ୍ର ରତ୍ନ ଜଡିତ ହୋଇଥିଲା । ଏପରି କ୍ଷେତ୍ର ପରିସ୍ଥିତି ସମ୍ମୁଖୀନ ହୋଇଥିଲା । ଯଦ୍ୱାରା ପରିବେଶକୁ କାନ୍ଦିବାକୁ ପଡିଥିଲା । ସର୍ବସାଧାରଣ ସକାଶେ ବିଷୟ ହାସ୍ୟାସ୍ପଦ ନ ଥିଲା । କାରଣ କ୍ଷେତ୍ରଟି ପୃଥିବୀରେ ରହିଛି ଏବଂ କ୍ଷେତ୍ରଟି ପୃଥିବୀର ପ୍ରଥମ ବାସସ୍ଥାନ ରୂପେ ପରିଚିତ ।

(୬) ଚରଣକିଶଳୟେ କମଳାନିଳୟେ
ନଖମଣିଗଣପୂଜିତେ ।
ବହିରପବରଣଂ ଯାବକଭରଣଂ
ଜନୟତି ହୃଦି ଯୋଜିତେ ।। ଚ ।।

ବୃକ୍ଷର ନବ ପଲ୍ଲବ ଉଇଁଲା ପରି ମର୍ତ୍ତ୍ୟରେ ଏହି କ୍ଷେତ୍ରର ଉତ୍ପତି । କ୍ଷେତ୍ରଟି ପୃଥିବୀର ପାଦଦେଶ ତଥା ସମୁଦାୟ ପ୍ରାଣୀଙ୍କ ଉତ୍ପତି କାଳରେ କ୍ରୀଡ଼ା କ୍ଷେତ୍ର ରୂପେ ପରିଚିତ ଥିଲା । ଯେହେତୁ କ୍ଷେତ୍ର ଅତ୍ୟନ୍ତ ଶୋଭନୀୟ ଥିଲା । ସ୍ଥାନୀୟ ପ୍ରାଣୀଙ୍କ ଦ୍ୱାରା ଏହି ପୂଜ୍ୟପାଦ କ୍ଷେତ୍ର ଅପୂଜ୍ୟ ହେବାରୁ ମଣି ସ୍ୱରୂପ ବ୍ୟକ୍ତିମାନେ ଶୂନ୍ୟରୁ ଏଠାକୁ ଅବତରଣ କରି ଗୋବିନ୍ଦାଞ୍ଚଳ ମେରୁର ପାଦପୂଜା କରୁଥିଲେ । ପୃଥିବୀ ବିସ୍ତାରର ଏହି କେନ୍ଦ୍ରକୁ ଆଧାର କରି ଚାରି ଦିଗରୁ ସମ୍ପର୍କ ଥିଲା । ଏଠାକୁ ବାୟୁ ପ୍ରବାହ ହେଉଥିଲା । ଏବଂ ସଂଗ୍ରାମ ସ୍ଥିତି ସୃଷ୍ଟି କରୁଥିଲା । କୃଷିର ବିକାଶ ପାଇଁ ସ୍ଥାନୀୟ ଜନଙ୍କ ମନ ଥିଲା । ଏଣୁ ଏହି କ୍ଷେତ୍ରରେ ସେମାନେ ସାଧନା ସହିତ କର୍ମ ତତ୍ପର ଥିଲେ । ସମୁହ ଜନସାଧାରଣ କିନ୍ତୁ ନିୟମ ମାନୁଥିଲେ ।

(୭) ରମୟତି ସୁଭୃଶଂ କାମପି ସୁଦୃଶଂ
ଖଳୁ ହଳଧରସୋଦରେ
କିମଫଳମବସଂ ଚିରମିହ ବିରସଂ
ବଦ ସଖି ! ବିଟପୋଦରେ ।। ଛ ।।

ପ୍ରକୃତରେ ଏଠାରେ କହିବା ଉଚିତ୍ ଏୟା ହେବ ଯେ, ଏହି କ୍ଷେତ୍ରାଞ୍ଚଳ ଜନବସତି ସକାଶେ ଉତମ ଶକ୍ତିଶାଳୀ ଅଟେ । ଦୃଶ୍ୟରେ ପ୍ରଭାବ ମଧ ଉତମତାକୁ ନେଇ ରହିଛି । ନିଃସନ୍ଦେହ ଏହି ଯେ କାମୁକ ପୁରୁଷଙ୍କ ପାଇଁ କ୍ଷେତ୍ର ସମ୍ପୂର୍ଣ୍ଣ ଅଯୋଗ୍ୟ । କୃଷକମାନେ ଏଠାରେ ଅବଶ୍ୟ କୁଟୁମ୍ବ ପରିପୋଷଣ କରି ଆସିଛନ୍ତି । ଭାତୃତ୍ୱ ଭାବ ବ୍ୟତୀତ ଆଉ କଣ ପାଇଛନ୍ତି । ହଳଦ୍ୱାରା ବିଲରେ କାଦ କରିବା ଛଡା ଆଉ କଣ କରିଛନ୍ତି । ଉଦର ପୂର୍ଣ୍ଣ ପାଇଁ ଯାହା ଅନାବନା କାର୍ଯ୍ୟ କରିବା ବ୍ୟତୀତ ଗୋବିନ୍ଦଙ୍କ ସେବାରେ କେବେ ମନ ବଳାଇ ଥିଲେ କି ? ତୁମକୁ ମୁଁ ଏହା ଅପ୍ରିୟ କଥା କହୁଛି ।

(୮) ଇହ ରସଭଣନେ କୃତହରିଗୁଣନେ
ଉଧୁରିପୁପଦସେବକେ ।
କଳିଯୁଗଚରିତଂ ନ ବସତୁ ଦୁରିତଂ
କବିନୃପଜୟଦେବକେ ।। ଜ ।।

ଏଠାରେ ଘଟିଆସିଥିବା ଘଟଣା ଗୁଡିକର ବିଷୟକୁ କହିବା କିମ୍ବା ସବୁଜତାର ହୋଇଥିବା ସୃଷ୍ଟିକୁ ସ୍ମରଣ କରିବାରୁ, ଏହା ସହିତ ମଧୁଦୈତ୍ୟର ଶତ୍ରୁ, ଭଗବାନ ବିଷ୍ଣୁ ବା ପରିବେଶ ନିର୍ମାଣ କାରି ଗୋବିନ୍ଦ କ୍ଷେତ୍ରର କେନ୍ଦ୍ର ଚରଣକୁ ମୋର କୋଟି କୋଟି ପ୍ରଣାମ । ସବୁଜ ଭରା ସୃଷ୍ଟିର ଏହି ପ୍ରାଥମିକ କ୍ଷେତ୍ରକୁ

ସମସ୍ତେ ସ୍ମରଣରେ ରଖିବା ଉଚିତ୍ । ଚରିତ କଳିଯୁଗରେ କ୍ଷେତ୍ରଟିର ସତା ରହିବ ନାହିଁ । ମାତ୍ର କ୍ଷେତ୍ରରେ ବ୍ୟବଧାନରେ ଜନପଦମାନ ରହିବ । କଳ୍ପନାର ସମ୍ରାଟ କବି ଇତ୍ୟାଦିକୁ ଆଧାର କରି ଏପରି ଦିବ୍ୟଗ୍ରନ୍ଥକୁ ରଚନା କରିଛନ୍ତି । ଏହି କ୍ଷେତ୍ରର ସ୍ୱରୂପ କେଉଁ ଅତୀତରୁ ନିର୍ମାଣ ହୋଇ ରହି ଆସିଛି । ବାସ୍ତବ ପ୍ରତୀକ ରାଧାଙ୍କୁ ଆଜି ଚିଲିକା ହ୍ରଦ ରୂପରେ ଦେଖୁଛେ ।

**ଶ୍ଲୋକ-୪୪**

**ନାୟାତଃ ସଖି ! ନିର୍ଦ୍ଦୟୋ ଯଦି ଶଠସ୍ତ୍ୱଂ ଦୂତି ! କିଂ ଦୂୟସେ**
**ସ୍ୱଚ୍ଛନ୍ଦଂ ବହୁବଲ୍ଲଭଃ ସ ରମତେ କିଂ ତତ୍ର ତେ ଦୂଷଣମ୍ ।**
**ପଶ୍ୟାଦ୍ୟ ପ୍ରିୟସଙ୍ଗମାୟ ଦୟିତସ୍ୟାକୃଷ୍ୟମାଣଂ ଗୁଣୈ**
**ରୁତ୍କଣ୍ଠାର୍ତ୍ତିଭରାଦିବ ସ୍ଫୁଠଦିଦଂ ଚେତଃ ସ୍ୱୟଂ ଯାସ୍ୟତି ॥ ୪୪ ॥**

ସମୁଦାୟ କ୍ଷେତ୍ର ନିଜ ଆୟତରେ ନଥିଲା । ନତୁବା ଯେଉଁବ୍ୟକ୍ତି ହୃଦୟହୀନ କିମ୍ବା ପ୍ରଶଂସା କ୍ଷେତ୍ରର ବାର୍ତ୍ତାବହକ ବି ସା ଉଭୟ ନିର୍ମଳ ବାୟୁର ପ୍ରିୟ ହୋଇ ମଧ୍ୟ କ୍ଷେତ୍ରରେ ପ୍ରଚୁର କ୍ରୀଡା କାହିଁକି କରିଥାନ୍ତି ? ସେଠାରେ ସେପରି ଦୋଷ ଅଛି ବୋଲି କହିବା ଉଚିତ୍ ନୁହେଁ । ସେ ବ୍ୟକ୍ତି ସେଠାରେ କୃଷି ସାମୀ ହୋଇପାରନ୍ତି । ଚୋର, ଠକ, ଲୁଟେରା ମଧ୍ୟ ହୋଇପାରନ୍ତି । କିନ୍ତୁ ସେ ହିଁ କ୍ଷେତ୍ରର ସାଧୁ ସ୍ନେହି, ପ୍ରୀତିର ପ୍ରେମୀକ ଆଦିର ସାମୀ ହୋଇ ପାରନ୍ତି । ପ୍ରଗତିର କୁଶକୁ ଆଧାର କରି କ୍ଷେତ୍ରରେ କୃଷି କଲେ ତଥା ବିଚାରିଲେ କଣ୍ଠ ପର୍ଯ୍ୟନ୍ତ କାନ୍ଦର ପ୍ରଭାବ ଆସି ଯାଇଥାଏ । ସାରା ଦିବସ ମନକୁ ଭାଙ୍ଗି ଏପରି କାନ୍ଦ ପ୍ରାୟ ଚୁରମାର କରିଦେଇଥାଏ । ପୁନଃ ଧର୍ଯ୍ୟ ଧାରଣ କରି, ଚେତନାକୁ ସ୍ମରଣ କରି କ୍ଷେତ୍ର ପବିତ୍ରତା ଗ୍ରହଣ କରିବା ଉଚିତ୍ ।

**ଷୋଡଶ ପ୍ରବନ୍ଧ**

**ରାଗ- ଦେଶୀ ବରାଡ଼ି, ତାଳ- ରୂପକ**

(୧) ଅନିଳତରଳକୁବଳୟନୟନନେନ
ତପତି ନ ସା କିଶଳୟଶୟନେନ ।
ସଖି ! ଯା ରମିତା ବନମାଳିନା ॥ କ ॥

କଳିଯୁଗ ଆରମ୍ଭର ପ୍ରାରମ୍ଭରେ ସମୁଦାୟ କ୍ଷେତ୍ର ସ୍ଥିତି ଦୃଶ୍ୟ ଦର୍ଶନରେ ଶୋଭନୀୟ ଜଣାଯାଉଥିଲା । ବାୟୁ ପ୍ରଭାବରେ ଯେପରି ସମୁଦ୍ର ଚଞ୍ଚଳ ହୋଇଉଠେ, ପକ୍ଷୀମାନେ ଶୂନ୍ୟ ଆକାଶରେ ଯେପରି ଉଡୁଥାନ୍ତି, ସେହି ସମୟରେ ଗିରି, ପର୍ବତ ତଥା ନୂତନ ପଲ୍ଲବାଦି ଶୋଇଥିବା ପରି ଜଣାଯାଉଥିଲା । ସମୁଦାୟ ବନକ୍ଷେତ୍ର ଏପରି ଜଣାଯିବା ସତ୍ୱେ ହର୍ଷଥିବା ଜଣାଯାଉଥିଲା । କ୍ଷେତ୍ର ମଧ୍ୟକୁ ଯାଇ ଦେଖି ଆସିବା ଉଚିତ୍ ।

(୨) ବିକସିତସରସିଜଲଲିତମୁଖେନ ।
ସ୍ଫୁଟତି ନ ସା ମନସିଜବିଶିଖେନ ॥
ସଖି... ॥ ଖ ॥

ଗୋବିନ୍ଦାଞ୍ଚଳ କ୍ଷେତ୍ରରେ ସୃଷ୍ଟି ଆରମ୍ଭରୁ ହିଁ ମାନବ ସମୃଦ୍ଧି ହେବାରେ ଲାଗିଥିଲା । ସରସିକ କୋମଳ ସୁଖରେ କ୍ଷେତ୍ର ବିକଶିତ ହୋଇ ଉଠୁଥିବା ଜଣାଯାଉଥିଲା । କ୍ଷେତ୍ର ମଧ୍ୟରେ ପାହାଡ ପର୍ବତର ପ୍ରଭାବ ନ ଥିଲା । କ୍ଷେତ୍ର ଏପରି ଥିଲା ଯେପରି କନ୍ଦର୍ପ ଦେଖିଲେ ବିମୁଖ ହେବାକୁ ବାଧ୍ୟ ହେଉଥିଲା ।

(୩) ଅମୃତମଧୁରମୃଦୁତରବଚନେନ
ଜ୍ୱଳତି ନ ସା ମଳୟଜପବନେନ ॥
ସଖି.... ॥ ଗ ॥

ସମୁଦାୟ ପରିବେଶ ମଧ୍ୟରେ କ୍ଷେତ୍ରର ସ୍ଥିତି ମଧୁରତା ସମୁଦାୟ ଥିଲା । ଏତଦ୍ଵି ବ୍ୟତୀତ ପରିସ୍ଥିତି ଅତି କୋମଳତା ରହିଥିବା କଥାରେ ରହି ଆସିଛି । କୌଣସି ସମୟରେ ଜ୍ୱଳନ ହେଉନଥିଲା । କିନ୍ତୁ ଏହି ବିଶାଳ ବନ ମଧ୍ୟରେ କ୍ଷେତ୍ର ପର୍ବତକୁ ଆଶ୍ରୟ ଦେଇଥିଲା । ମଳୟ ପ୍ରବାହଯୋଗୁଁ ଧ୍ୟାନ କ୍ଷେତ୍ର ରୂପେ ପରିଚିତ ଥିଲା ।

(୪)ସ୍ଥଳଜଳରୁହରୁଚିକରଚରଣେନ ।
ଲୁଠତି ନ ସା ହିମକରକିରଣେନ ॥
ସଖି ... ॥ଘ॥

ସମୁଦାୟ କ୍ଷେତ୍ରର ଜମି ଅକୃତ୍ରିମ ସ୍ରୋତାୟିତ ଜଳର ପ୍ରଭାବରେ ମଧ୍ୟ ଥିଲା । ପରିବେଶ ମଧ୍ୟରେ ଫୁଟିଉଠି ଯାଉଥିବା ଏହି କ୍ଷେତ୍ର ଅତି ରଚିପୂର୍ଣ୍ଣ ଥିଲା ।

କ୍ଷେତ୍ରର ପାଦ ଦେଶ ସତଃ ହୋଇପାରିଥିଲା । କିନ୍ତୁ କ୍ଷେତ୍ର ସ୍ଥିତିର ପରିବର୍ତନ ନିଜ ଇଚ୍ଛାରେ ହୋଇ ପାରିନଥିଲା । ଚନ୍ଦ୍ରଙ୍କ ପ୍ରଭାବରୁ ପର୍ବତ ଗୁଡିକର ପରିବର୍ତନ ସାମାନ୍ୟ ହୋଇଥିଲା ।

(୫) ସଜଳଜଳଦସମୁଦୟରୁଚିରେଣ ।
ଦଳିତ ନ ସା ହୃଦି ବିରହଭରେଣ ॥
ସଖି ... ॥ ଙ ॥

ମେଘ ସମୁଦାୟକୁ ଶୂନ୍ୟ ଆକାଶରେ ଦେଖିବା ପରେ ହୃଦୟକୁ ରତିକର ବୋଧ ହୋଇଥିଲା । ବାସିନ୍ଦାଙ୍କ ବିଚାର ଥିଲା, କ୍ଷେତ୍ର ନିଶ୍ଚୟ ଜଳାର୍ଣ୍ଣବ ହୋଇଯିବ । ଏପରି ପର୍ବତ ଦେଖିଲେ ବୋଧେ ହୁଏ ନାହିଁ, ପିଡିତଙ୍କୁ ଦେଖିଲେ ମନରେ ବିଚ୍ଛେଦ ପ୍ରବେଶ କରେ । ପୃଥ୍ୱୀ ମଧ୍ୟରେ ଏପରି କ୍ଷେତ୍ର ବୋଧହୁଏ ଆଉ କେଉଁଠାରେ ନଥିଲା ।

(୬) କନକନିଚୟରୁଚିଶୁଚିବସନେନ ।
ଶ୍ୱସିତି ନ ସା ପରିଜନହସନେନ ॥
ସଖି... ॥ଚ॥

ପର୍ବତର ପାର୍ଶ୍ୱକ୍ଷେତ୍ର ଗୁଡିକ ସୁବର୍ଣ୍ଣ ପରି ଚମକ ଦେଇ ଆସୁଥିଲା । ସରଳ ପ୍ରକୃତି ତଥା ନିର୍ଦ୍ଦେଷ ବ୍ୟକ୍ତିଙ୍କ ଅଣ୍ଟାଭାଗରୁ ବସ୍ତ୍ରଖସି ନିମ୍ନଗାମୀ ହେବାପରି ପର୍ବତ ଗୁଡିକରୁ ବର୍ଷାପାଣି ନିମ୍ନଗାମୀ ହୋଇ ଚାଲିଥିଲା । ସେପରି ଦୀର୍ଘ ନିଶ୍ୱାସ ପ୍ରଶ୍ୱାସ ନେବା ଆଣିବା ସମୟରେ ପରିଜନ ଯେପରି ଚାହିଁ ରହିଥାନ୍ତି ଏଠାରେ ସେପରି ନିମ୍ନଗାମୀ ଜଳକୁ ଜନେ ଚାହିଁ ରହିଥିଲେ ।

(୭) ସକଳଭୁବନଜନବରତରୁଣେନ ।
ବହତି ନ ସା ରୁଜମତିକରୁଣେନ ॥
ସଖି... ॥ ଛ ॥

ମର୍ତ୍ୟ ଜନ ସମୁଦାୟଙ୍କ ପ୍ରବାହିତ ବଟବୃକ୍ଷ ପବନ ଦ୍ୱାରା, କେବଳ ସତଃ ହୋଇ ନଥାଏ ୪୯ ପବନର ଏକତ୍ରୀକରଣ ପ୍ରଚଳନରୁ ହୋଇ ପାରୁଥିଲା । ଏକତ୍ରୀକରଣ ପବନର ଜନ୍ମ ଏହି କ୍ଷେତ୍ରରୁ ହୋଇଥିବା ଜଣାଯାଏ । ଭଗ୍ନ ବିଚାର କହି, ଦୁଃଖର ସହ କହିବା ଏପରି ଉଚିତ୍ ହେବ । ସେହି ପ୍ରବାହ ଦ୍ୱାରା ପର୍ବତ ଗୁଡିକର କିଛି କିଛି ଅଂଶ ନଷ୍ଟ ହୋଇ ପଡ଼ିଥିଲା ।

(୮) ଶ୍ରୀଜୟଦେବଗଣିତବଚନେନ ।
ପ୍ରବିଶତୁ ହରିରପି ହୃଦୟମନେନ ॥

ଜଘନାଞ୍ଚଳ ଅନ୍ତର୍ଗତ ସମୃଦ୍ଧିର ବର୍ଣ୍ଣନା ଦିବ୍ୟଗ୍ରନ୍ଥରେ କରାଗଲା । ଘଟଣା ଗୁଡିକର ବିଷୟ ସମୁହ କେବଳ କଥା ଦ୍ୱାରା ହିଁ ହୋଇପାରିଥିଲା । ସୃଷ୍ଟିର ହଜି ଯାଇଥିବା ସବୁଜ ଶୋଭା ପୁନରପି ଏଠାରେ ପ୍ରବେଶ କରି ଚମକ ସୃଷ୍ଟି କରିଥିଲା । କ୍ଷେତ୍ର ଅଭିଳାଷ ସହିତ ପ୍ରକୃତି କୃତ ବିଷୟ ତ୍ୟାଗର ସର୍ବାତ୍ମାମାନ ମୁକ୍ତି ପାଇଁ ବିଚଳିତ ଥିଲା ।

### ଶ୍ଳୋକ- ୪୫

ମନୋଭବାନନ୍ଦନଚନ୍ଦନାନିଳ
ପ୍ରସୀଦ ରେ ଦକ୍ଷିଣ ମୁଞ୍ଚ ବାମତାମ୍ ।
କ୍ଷଣଂ ଜଗତ୍ପ୍ରାଣ ବିଧାୟ ମାଧବଂ
ପୁରୋମମ ପ୍ରାଣହରୋ ଭବିଷ୍ୟତି ॥ ୪୫ ॥

ସଂସାର ମଧ୍ୟରେ ମନଦ୍ୱାର ହିଁ କେବଳ ଆନନ୍ଦ ପ୍ରାପ୍ତ ହୋଇନଥାଏ, ବାସନା, ପବନ ମଧ୍ୟ ପ୍ରାପ୍ତ ହୋଇଥାଏ । ପ୍ରସିଦ୍ଧ କିନ୍ତୁ ଏହି ମୂଲ୍ୟରେ ହିଁ ବଞ୍ଚି ରହିଛି । ପରିବେଷ ନିର୍ମଳ କରି ମୁକ୍ତ କରିବା ସକାଶେ ଡାହାଣରୁ ବାମ ଦିଗ ଯାଏଁ ମଳୟ ବହି ଚାଲିଛି । ମଳୟ ଯେପରି ସଂସାରର ପ୍ରାଣ, ସେପରି ଜଳମଧ ଜଗତର ଜୀବନ । ବିଧାୟକ ବିଧାନ କରିବା ସମୟରେ ମାତୃତ୍ୱ ସଧବାତ୍ୱର ସଧବାତ୍ୱକୁ ସ୍ଥିତିବାନ କରାଇଥିଲା । ବ୍ରହ୍ମାଣ୍ଡ ମଧ୍ୟରେ ଏଣୁ ମୋର ସମୁଦାୟ ଭବିଷ୍ୟତ ଗୋବିନ୍ଦାଞ୍ଚଳ କ୍ଷେତ୍ରରେ ଭବିଷ୍ୟତ ପରି ଭବିଷ୍ୟତ ଅଟେ ।

### ଶ୍ଳୋକ- ୪୬

ରିପୁରିବ ସଖୀସମ୍ୟାସେଽୟଂ ଶିଖୀବ ହିମାନିଳୋ ।

ବିଷମିବ ସୁଧାରଶ୍ମିର୍ଯସ୍ମିନ୍ ଦୁନୋତି ମନୋଗତେ ॥
ହୃଦୟମଦୟେ ତସ୍ମିନ୍ନେବଂ ପୁନର୍ବଳତେ ବଳାତ୍ ।
କୁବଳୟ ଦୃଶାଂବାମଃ କାମୋ ନିକାମନିରଙ୍କୁଶଃ ॥ ୪୬ ॥

ଆବୃତିତ ହୋଇ ରହିଥିବା ଶତୃ ଗହଳ ମଧରେ ସହଚରୀଗଣ ଆଳାପ କରିବାରେ ବାସ୍ତ ଥିଲେ । ସମ୍ଭବତ ଶିଖର କ୍ଷେତ୍ରରେ ଅସ୍ତ ହେବାକୁ ଯାଉଥିବା ସୂର୍ଯ୍ୟ, ସନ୍ଧ୍ୟା କାଳରେ ଥଣ୍ଡା ସହିତ ନିର୍ମଳ ବାୟୁ ପ୍ରଚଳିତ ହେଉଥିବା ସତ୍ୱେ, ଅମୃତ ତୁଲ୍ୟ ଚନ୍ଦ୍ର କିରଣ ପୁଣୁଥାଇ ମଧ ପରିବେଶ ବିଷ ପରି କାହିଁକି ବୋଧ ଲାଗୁଥିଲା, ସଖି ? ବାୟୁ ଓ କିରଣ କ୍ଷେତ୍ରକୁ ପରିବେଶର ଉପହାର ସରୂପ ଥିଲା । ଏଠାକୁ ମହାପୁରୁଷଗଣ ଅବତରି ଥିଲେ । ହୃଦୟରେ ମନରେ ଆନନ୍ଦ ହିଁ ଆନନ୍ଦ ଉପଲବଧି ହେଉଥିଲା । ପୁନଃ ସେଠାକାର କୃଷକ ଗଣ ନିଜ ବାହୁ ଶକ୍ତିକୁ ବ୍ୟବହାର କରି ଶଷ୍ୟ ଉତ୍ପାଦନ କରୁଥିଲେ । ପଦ୍ମ ଫୁଲର ଦୃଶ୍ୟ ଦେଖିବାକୁ ମିଳୁଥିଲା । ବର୍ତମାନ କାର୍ଯ୍ୟକାରିତାର କାର୍ଯ୍ୟରେ ସେଚ୍ଛାଚାରୀତ ଯୋଗୁଁ ବିଷପରି ଲାଗୁଛି ।

### ଶ୍ଳୋକ ୪୭

ବାଧାଂ ବିଦେହି ମଳୟାନିଳ ପଞ୍ଚବାଣ ।
ପ୍ରାଣାନ୍ ଗୃହାଣ୍ ନ ଗୃହଂ ପୁନରାଶ୍ରୟିଷ୍ୟେ ॥
କିଂ ତେ କୃତାନ୍ତଭଗିନି ! କ୍ଷମୟା ତରଙ୍ଗୈ ।
ରଙ୍ଗାନି ସିଞ୍ଚ ମମ ଶ୍ୟାମତୁ ଦେହଦାହଃ ॥ ୪୭ ॥

ଇହ ଜଗତ ମଧରେ କ୍ଲେଶ ସଦୃଶ ଏପରି କନ୍ଦର୍ପ ପିବେଶର ମଳୟ ଅପ୍ରିୟ ହେବାରେ ଲାଗିଥିଲା । ଶରୀରରେ ରହିଥିବା ପ୍ରାଣ ନିଜ ଘର ମଧରେ ନାହିଁ ନ ଥିବା କ୍ଲେଶ ଭୋଗ କରୁଥିଲା । ବିଚାର କରିବାକୁ ପଡୁଛି ଯେ ପୁନଃ ଅତୀତର ଆଶ୍ରୟ ଅବଲମ୍ବନ କରିବାକୁ ଇଛା ହେଉଛି । କାହିଁକି ନା ସେଠାରେ ଭଗିନୀ ସଦୃଶ ସିଦ୍ଧାନ୍ତ ବୋଧହେତୁ ରଚନା ହୋଇଛି । ପରିବେଶର ତରଙ୍ଗ ସଦୃଶ ଜଳବାୟୁକୁ ତୃଟି ମାର୍ଜନା ସକାଶେ କ୍ଷମା ମାଗିବା ଆବଶ୍ୟକ । ସେଚନ ସମୟରେ ଯେପରି ସଂଗ୍ରାମ ସ୍ଥିତି ଉପୁଜିଥାଏ, ସେପରି ମୋତେ ବା ମୋ ଶରୀରକୁ ହତ୍ୟା କଲା ପରି ଜ୍ୱଳନ ବୋଧ ହେଉଛି ।

## ଅଷ୍ଟମ ସର୍ଗ

### ଶ୍ଳୋକ- ୪୮

କଥଂ କଥମପି ଯାମିନୀଂ ବିନୀୟ
ସ୍ମରଶରଜର୍ଜରିତାପି ସା ପ୍ରଭାତେ ।
ଅନୁନୟବଚନଂ ବଦନ୍ତ ମଗ୍ରେ
ପ୍ରଣତମପି ପ୍ରିୟାମାହ ସାଭ୍ୟସୂୟମ୍ ॥ ୪୮ ॥

କଥା ରହିଛି କିନ୍ତୁ କଥାର ବିକଳ୍ପକୁ ପ୍ରଚାର ପ୍ରସାର କରାଯାଉଛି । ନିର୍ଜନ ରାତ୍ରରେ ଅତି କାର୍ପଣ୍ୟ ହୋଇ ସ୍ମରଣ କର । ଦୁଧର ସାରଅଂଶ ଶାରପରି ବୋଧ ହେବ । ଜର୍ଜ୍ଜରିତ ହୋଇ ମନ ପ୍ରଭାତରେ ପର୍ବତ ଦୃଶ୍ୟ ହେବା ଭଳି ହେବ । ଭାବନାରେ ମଗ୍ନ ହୋଇ ଅନୁନୟ ବଚନ କହିବା ଅନୁଚିତ । କିମ୍ବା ଅତିପ୍ରିୟ ହୋଇ ପ୍ରଣାମ ପୂର୍ବକ ରାତ୍ର ସମୟର ସତ୍ୟକୁ ପ୍ରାତଃ ସମୟରେ ସମାନତା ରକ୍ଷାକରି ବିଚାର କର । ସତ୍ୟ ଆପେ ଆପେ ପ୍ରକାଶିତ ହୋଇ ଉଠିବ ।

### ସପ୍ତଦଶ ପ୍ରବନ୍ଧ

ରାଗ- ଭୈରବୀ, ତାଳ- ଯତି
ସରୋବରସ୍ତେ ସ୍ଫଟିକସ୍ୟ ମଣ୍ଡପେ
ସଭାରୁହୈଃ ଶଙ୍କର ମର୍ଚୟନ୍ତି
ତାଳ ପ୍ରୟୋଗେ ପ୍ରତିବଦ୍ଧ ଗୀତା
ଗୌରିତନ୍ନର୍ନାରଦ ଭାରବୀୟମ୍ ॥

କଥିତରେ ରହି ଆସିଛି ସମୁଦାୟ ପୃଥିବୀ ମଧରେ ଚିଲିକା ହ୍ରଦ ସରୋବପ କ୍ଷେତ୍ର ଅଟେ । ଏହି ସରୋବର ମଧରେ ଥିବା ମଣ୍ଡପ କ୍ଷେତ୍ରରୁ ସମସ୍ତ କିଛି ଉଦାଗରଣ ହୋଇପାରିଥିଲା । ସମାଜ ଡାକ ସରରେ ଶୁଭ୍ରତାର ସ୍ୱରୂପ, ଲକ୍ଷ, ବିତୀର୍ଣ୍ଣ ଗୁଣ ଶ୍ରେୟ, ପ୍ରତିବଦ୍ଧ, ଶୁଭ୍ରତାର, ଆଲୋକ, ଶ୍ରେୟସ୍କର, ମହାତ୍ମ୍ୟ ବୃନ୍ଦ ଆଦି ବିସ୍ତାରିତ ଭାନେ ଏଠାକୁ ପ୍ରଚଳନ ହୋଇପାରିଥିଲା । କ୍ଷେତ୍ରର ଗୌରବତାକୁ ପ୍ରକାଶ କରେଇଥିଲୋ ।

(୧) ରଜନୀଜନିତଗୁରୁଜାଗରରାଗକଷାୟିତମଳସନିମେଷମ୍ ।
ବହତିନୟନମନୁରାଗମିବସ୍ଫୁଟମୁଦିତରସାଭିନିବେଶମ୍ ।।
ହରିହରି ! ଯାହିମାଧବ ! ଯାହି କେଶବ ! ମାବଦକୈତବବାଦମ୍ ।
ତାମନୁସର ସରସୀରୁହଲୋଚନ ! ଯା ତବହରତି ବିଷାଦମ୍ ।। କ ।।

ସ୍ୱୟଂମ୍ଭୁବ ମନୁଙ୍କଠାରୁ ବୈବସ୍ୱତ ମନୁଙ୍କ ଆରମ୍ଭ କାଳ ଗାଢ଼ ନିଶାକାଳ ଥିଲା । ଜାଗର ରାତ୍ର ପରି ସମୟ ଥିଲା । ସମୟର ପ୍ରଭାବରେ ପାପ ପ୍ରିତିର ମିଳନ ପରେ ଗେରୁଆ ପରି ଜଣାଯାଉଥିଲା । ଯେହେତୁ ମେଷ ଅକ୍ଷାଂଶରେ ସୂର୍ଯ୍ୟଦେବଙ୍କ ଗତି ରହିଥିବା ଦୃଶ୍ୟରେ ଦେଖିବାକୁ ମିଳିଥିଲା । କ୍ଷେତ୍ର ସମୁଦାୟ ପ୍ରିତିରେ ସ୍ଫୁଟିତ ହେବାରେ ଲାଗିଥିଲା । ଯେହେତୁ ପୃଥିବୀ କ୍ଷେତ୍ର ଖଣ୍ଡର ଭିନ୍ନ ପ୍ରକାରର ଚିହ୍ନଟ ଥିଲା । ସେସମୟରେ ସମୁଦାୟ କ୍ଷେତ୍ର ସବୁଜ ହିଁ ସବୁଜତାର ନିବେଶ ହୋଇଥିଲା । କ୍ଷେତ୍ର ସମୁଦାୟ ମାତୃତ୍ୱ ଭାବରେ ମଜ୍ଜି ବସନ୍ତ ଋତୁର ପ୍ରଭାବିତ ଥିଲା । ପରବ୍ରହ୍ମଙ୍କ ଦୃଷ୍ଟିରେ ଏହା ଭୂମାତାଙ୍କ ଅବଦାନ ବୋଲି ଧରାଯାଇଥିଲା । ପ୍ରବାଦରେ କିନ୍ତୁ ରହି ଆସିଛି ଭୂମାତା କପଟ କରି ସବୁଜତା ପରିବର୍ତେ କ୍ଷେତ୍ର ସମୁଦାୟରେ ତଥା ସପ୍ତମ ମନ୍ୱନ୍ତର ଆରମ୍ଭରୁ ବା ଜନ୍ମରୁ ସାର ସ୍ୱରୂପ କେବଳ ପଦ୍ମଫୁଲର ପ୍ରଭାବ ହିଁ ରହି ଆସିଥିଲା । ଏହି ଦୃଶ୍ୟ ପ୍ରଭାବକୁ ହରଣ କରିବା ଅତି ଦୁଃଖର ବିଷୟ ଅଟେ । ସବୁଜ ହିଁ ସବୁଜ ଥିଲା ।

(୨) କଜ୍ୱଳମଳିନବିଲୋଚନଚୁମ୍ବନବିରଚିତନୀଳିମରୂପମ୍ ।
ଦଶନସନବସନନମରୁଣଂ ତବ କୃଷ୍ଣ ତନୋତି ତନୋରନୁରୂପମ୍ ।।
ହରିହରି .... ।। ଖ ।।

ବିଶେଷ ଅଶ୍ରୁଗତ ଚକ୍ଷୁର ଦୃଶ୍ୟରେ ଅନ୍ଧାର ଓ ମ୍ଳାନ ଜଣାଗଲା ପରି ଏହି ଚୁମ୍ବକୀୟ କ୍ଷେତ୍ର, ଦେଖିଲେ ଜଣାଯାଉଥିଲା । ସମସ୍ତ ପ୍ରକାର ଜୀବଜନ୍ତୁଙ୍କ କ୍ଷେତ୍ର ଉପରେ ପ୍ରଭାବ ଥିଲା । ଏହାର ଆକୃତିର ନିର୍ମାଣ ବୋଧହୁଏ ଦଂଶନ ପାଇଁ ହୋଇଥିଲା । ଯେପରି ବସ୍ତ୍ର ପୁରାତନ ହେବା ପରେ ଚିରିଚିରି ଯାଏ, ସେପରି ବୃକ୍ଷଲତାଦି ଶୂନ୍ୟ ଶରୀରରେ ଆକୃତି ବିସ୍ତାରିତ ଅନ୍ଧାର ମଧ୍ୟରେ ଗତି କରୁଥିଲା । ବର୍ତମାନ ତୁମର ଏହି ଜଳପୂର୍ଣ୍ଣ କ୍ଷେତ୍ରକୁ ସ୍ତୁତି କରି କହୁଛି, ପୁନଃ ଅତିତର ସେ ଚମକ୍ ଫେରି ଆସୁ । ସବୁଜ ହିଁ ସବୁଜ ରହୁ ।

(୩) ବପୁରନୁହରତି ତବ ସ୍ମରସଙ୍ଗରଖରନଖରକ୍ଷତରେଖମ୍ ।
ମରକତଶକଳକଳଧୌତଲିପେରିବ ରତିଜୟଲେଖମ୍ ।।
ହରିହରି .... ।। ଗ ।।

କ୍ଷେତ୍ରକୁ ଆଧାର କରି ସ୍ମରଣ କର । ପ୍ରକୃତିର ଶରୀର କେବଳ ନଥିଲା, ଥିଲା ଆନନ୍ଦର ଆନନ୍ଦ ପରିବେଶ । ତୁମ ସହ ରହି ଆସିଥିବା ବେଗ ହଜିଯାଇଛି । ଆହତ ପ୍ରବେଶ କରି ଚଞ୍ଚଳ ରେଖା ସୃଷ୍ଟି କରି ପାରିଛି । ସମୁଦାୟତାକୁ ପୀତବର୍ଣ୍ଣ କରାଯାଇଛି । ସମୁହ ଜାଣିବା ବେଳକୁ ତୁମ ସ୍ୱରର ମଧୁର ଧ୍ୱନୀ ଅସ୍ୱଷ୍ଟ ତଥା କ୍ଷୀଣ ପଡ଼ି ଯାଇଥିଲା । ଏଥକୁ ପରିସ୍କାର କରି ଜଳବୃଦ୍ଧି ସ୍ରୋତ ଗୁଡ଼ିକୁ ସୁରକ୍ଷିତ କରି ପୁନଃ ସେହି ଆନନ୍ଦର ଆନନ୍ଦକୁ ଫେରାଇ ଆଣିବା ଆବଶ୍ୟକ । ତେବେ ଯାଇ ଲେଖା ମାଧ୍ୟମରେ ଗ୍ରନ୍ଥ ରୂପେ ନିଜକୁ ପରିଚିତ କରାଇବା ସବୁଜ ହିଁ ସବୁଜ ହେବ ।

(୪) ଚରଣକମଳଗଳଦଲକ୍ତକସିକ୍ତମିଦଂ ତବହୃଦୟ ମୁଦାରଂ ।
ଦର୍ଶୟତୀବ ବହିର୍ମଦନଦ୍ରୁମନବକିଶଳୟପରିବାରମ୍ ।।
ହରିହରି .... ।। ଘ ।।

ଗୋବିନ୍ଦାୟ ସ୍ଖଳିର ପାଦପଦ୍ମ ଜଳଯାତ ତୃଣ ଗୁଡିକ ଜଳ ସହ ଗଳାଠାରୁ ଉର୍ଦ୍ଧଭାଗ ଦେଖାଯାଥିଲା । ପ୍ରସନ୍ନ ପରିବେଶ ମଧ୍ୟରେ ତୁମର ଆତ୍ମା ପ୍ରସନ୍ନତାରେ ଦେଖିବାକୁ ମିଳୁଥିଲା । ସେହି ଦର୍ଶନୀୟ ସାଗରର ବାହାର କ୍ଷେତ୍ର ଦେଖିଲେ ଋତୁପରିବେଶ ବସନ୍ତ ପରି ଅନୁଭବ ହେଉଥିଲା । ସାଗର ତୁଲ୍ୟ ଜଳପୂର୍ଣ୍ଣ କ୍ଷେତ୍ରରେ ମହାଧୂମ ତୁଲ୍ୟ ବୃକ୍ଷମାନ ଥିଲା । ସେହି ମହାଧୂମ ଗୁଡିକର ଦୃଶ୍ୟାଂଶ ଗୁଡିକରେ ନୂତନ ଭାବରେ ପଲ୍ଲବିତ ହେବାରେ ଲାଗିଥିଲା । ଦୃଶ୍ୟ ମନୋହର ଥିଲା । ସମୁଦାୟ କ୍ଷେତ୍ର ଗୋଟିଏ କୁଟୁମ୍ବ ପରି ଜଣାଯାଉଥିଲା । ସବୁଜ ହିଁ ସବୁଜ ଥିଲା ।

(୫) ଦଶନପଦଂ ଭବଦଧରଗତଂ ମମ ଜନୟତି ଚେତସି ଖେଦମ୍ ।
କଥୟତି କଥମଧୁନାପି ମୟା ସହ ତବ ବପୁରେତଦଭେଦମ୍ ।।

ହରିହରି .... ॥ ଙ ॥

ଅତୀତରୁ ଧାରଣ କରି ଆସିଥିବା ଏହି ଗୋବିନ୍ଦଙ୍କ ଚରଣ କ୍ଷେତ୍ର ଅତି ଭଦ୍ରତା କ୍ରମରେ ଉତ୍ପତି ହୋଇ ପାରିଥିଲା । ଚରଣ କ୍ଷେତ୍ରଟି ଦଂଶନ ହେବାପରେ ଆମ୍ଭର ବ୍ୟକ୍ତି ବିଶେଷଙ୍କ ଚେତନାର ଦୁଃଖରେ ଗତି ପ୍ରବେଶ କରିଥିଲା । କଥାରେ ରହି ଆସିଛି ଜନ ଚେତନାରେ ଯେଉଁ ସବୁ ମିଠା କଥା ପ୍ରକାଶ ପାଉଛି ସେସବୁ ରଚି ଲାଗିବା ପରିବର୍ତେ ଅପ୍ରାସଙ୍ଗିକ ଲାଗେ । କ୍ଷେତ୍ର ଶରୀରରେ ମୋର ତତ୍ପରତାରେ ଭେଦ ସୃଷ୍ଟି କରି ଆସୁଛି । ଏହାର ସମାଧାନ ସରୂପ ମାନସିକ ପ୍ରସ୍ତୁତି ଆବଶ୍ୟକ । ସବୁଜି ହିଁ ସବୁଜ ଥିଲା ।

(୬) ବହିରିବ ମଳିନତରଂ ତବକୃଷ୍ଣ ! ମନୋଽପି ଭବିଷ୍ୟତିନୂନଂ ।
କଥମଥ ବଞ୍ଚୟସେ ଜନମନୁଗତମସମଶରଜ୍ୱରଦୂନମ୍ ॥

ହରିହରି ..... ॥ ଚ ॥

ଏହି ଗୋବିନ୍ଦାଞ୍ଚଳର ବାହ୍ୟ କ୍ଷେତ୍ରରେ ଘୋଡ଼ାଇ ହୋଇ ଲୁଚିରହିଥିବା ମ୍ଳାନ ପଦାର୍ଥ ଗୁଡ଼ିକ ଦିନେନାଦିନେ ନିଶ୍ଚୟ ପ୍ରକାଶ ପାଇବ । ତୁମ୍ଭର ମତାନୁସାରେ ଯେଉଁ ପଦାର୍ଥ ଅନ୍ଧାରରେ ରହିଛି । ଭବିଷ୍ୟତ କାଳରେ ପ୍ରଶଂସାର ପାତ୍ର କାହିଁକି ନ ହେବ ? କଥାକୁ ମନ୍ଥନ କରି ସାର ତତ୍ତ୍ୱ ଜାଣି, ଠକୁଥିବା ବ୍ୟକ୍ତି ଅସ୍ତ୍ର ଆଘାତରେ ଆଘାତିତ ବ୍ୟକ୍ତି ପରି ପରିଣାମ ଘଟିବ । ଅତୀତକୁ ମାପରେ ପରିକ୍ଷା ଯଦି କରାଯାଏ ତେବେ କ୍ରୋଧରେ ଉତାପ ଦୁଇଗୁଣ ହୋଇଯିବା ସମ୍ଭବ । ସବୁଜ ହିଁ ସବୁଜ ଥିଲା ।

(୭) ଭ୍ରମତିଭବାନବଳାକବଳାୟ ବନେଷୁ କିମତ୍ର ବିଚିତ୍ରମ୍ ।
ପ୍ରଥୟତି ପୂତନିକେବବଧୂବଧ ନିର୍ଦ୍ଦୟବାଳଚରିତମ୍ ॥

ହରିହରି .... ॥ ଛ ॥

ଆଧ୍ୟାତ୍ମିକ ସୁତ୍ର କ୍ରମରେ ହେଉ କିମ୍ବା ଅୟନ କ୍ରମରେ ହେଉ ପୂରା ମର୍ତ୍ତ୍ୟ ଭବନ ନିଜର ବଙ୍ଗଳା ସହ ଏହି ବନ ମଧ୍ୟରୁ ଘୁରି ବୁଲି ଆସୁଛି । ଆଶ୍ଚର୍ଯ୍ୟ କଥା ଏହି ଯେ ଘୁରିବା ଦ୍ୱାରା ଏଠାରୁ ପ୍ରଥମରୁ ହିଁ କ୍ଷେତ୍ର ନିମ୍ନସ୍ତରରୁ ପାପର ବିଶାଳତା ଏଠାରୁ ଉତ୍ପତି ହୋଇଛି । କିମତ୍ର ନାମରେ ବର୍ଷ, ଋତୁ, ମାସ ଓ ଦିବାରାତ୍ର ହୋଇଚାଲିଛି । ଏଥକୁ ନେଇ ସ୍ଥିର କରାଯାଇଛି ଯେ, ପ୍ରଥମରୁ ହିଁ କ୍ଷେତ୍ରବଧୂ ବଧ କ୍ଷେତ୍ର ରୂପେ ରହି ଆସିଛି । ସବୁଜ ହିଁ ସବୁଜ ରହିଛି ।

(୮) ଶ୍ରୀଜୟଦେବଭଣିତରତିବହାତଖଣ୍ଡିତଯୁବତିବିଳାପମ୍ ।
ଶୃଣତ ସୁଧାମଧୁରଂ ବିବୁଧାଳୟତୋଽପି ସୁଖଂଦୁରବାପମ୍ ॥ ଜ ॥

ସମୃଦ୍ଧିଶାଳୀ ଦିବ୍ୟ ଗ୍ରନ୍ଥର କ୍ଷେତ୍ରଟି କୁ ରଚନାକାରଙ୍କ ଦ୍ୱାରା ସତଃ ନିର୍ମିତ ହୋଇ ରହିଆସିଛି । ଏହି ଦିବ୍ୟ କ୍ଷେତ୍ର ଆନନ୍ଦର ଆନନ୍ଦ ପ୍ରସନ୍ନତା ଦେବାସହ ବିଚ୍ଛେଦ ମଧ୍ୟ ଦେଇ ଆସିଛି । ତ୍ୟକ୍ତତା ପୂର୍ଣ୍ଣ ତରୁଣୀଙ୍କ ବିଳାପକୁ ଶୁଣ । ସେଥିରେ ମଧୁର ଭରା ଅମୃତ ଭାବ ରହିଛି ।। ଯେହେତୁ ସେଥିରେ କ୍ଷେତ୍ରଟିର ଘର ସମ୍ଭବ ହେଲେ ମଧ୍ୟ କଷ୍ଟ ଦେବା ରୂପ ସ୍ୱଷ୍ଟରେ ଦେଖାଯାଉଥିଲା । ସବୁଜ ହିଁ ସବୁଜ ଥିଲା ।

ଶ୍ଳୋକ- ୪୯

ତବେଦଂ ପଶ୍ୟନ୍ତ୍ୟାଃ ପ୍ରସରଦନୁରାଗଂ ବହିରିବ ।
ପ୍ରିୟାପାଦାଲକ୍ତଚ୍ଛୁରିତମରୁଣଚ୍ଛାୟହୃଦୟମ୍ ॥
ମମାଦ୍ୟ ପ୍ରଖ୍ୟାତ ପ୍ରଣୟଭରଭଙ୍ଗେନକିତବ !
ତ୍ୱଦାଲୋକାଃ ଶୋକାଦପି କିମପି ଲଜ୍ଜାଂ ଜନୟତି ॥ ୪୯ ॥

ବ୍ରହ୍ମଉତ୍ପତି ଅଞ୍ଚଳଟି ଜନ୍ମକ୍ଷେତ୍ର । ଏହି ଜନ୍ମ କ୍ଷେତ୍ରରୁ ଦେଖୁ ଦେଖୁ ବେଦକୁ ଅପହରଣ କରାଯାଇଥିଲା । ବେଦକୁ ହଜମ କରି ବା ବିଚାର କରି ହୟଗ୍ରୀବ ଓଠରେ ଧରି ଚାଲିବା ସମୟରେ ଏଠାରେ କୋଳାହଳର ସର ଶୁଣାଯାଇଥିଲା । ଲାଲରଙ୍ଗ ଲାଖରେ ଜଡ଼ିତ ହୋଇ ମରୁ ସରୂପ ଛାୟା ବା ଜଳ ବିହିନ ବେଦକୁ ଅପସରଣ କରି ନେଇଯିବା ସମୟେ ପରିବେଶର ପ୍ରତିବିମ୍ବ ପ୍ରତିମାସ ଆଦରରେ ହୃଦୟରେ ଧରିବା ପରେ ସୃଷ୍ଟିର ପ୍ରଥମ ପୁରୁଷ, ନିଜ ରୂପକୁ ପରିବର୍ତନ କରିଥିଲେ । ପ୍ରଖ୍ୟାତ ଅଭିଳାଷର ଧାରଣ କର୍ତ୍ତା, ଭାଗ୍ୟହୀନ କପଟିଠାରୁ ତୁମର ଦୁଃଖ ନଷ୍ଟ କରିବା ଇଚ୍ଛାରେ ଅଥବା ଉତ୍ପତି ଏହି ବେଦକୁ ଏଠାରେ ସୁରକ୍ଷା ଦେଇ ଆସିଛନ୍ତି ।

**ନବମ ସର୍ଗ**

ଶ୍ଳୋକ- ୫୦

ତାମଥମନ୍ମଥଖିନ୍ନା ରତିରସଭିନ୍ନାଂ ବିଷାଦସମ୍ପନ୍ନାଂ
ଅନୁଚିନ୍ତିକ ହରିଚରିତାଂ କଳହାନ୍ତରିତାମୁବାଚ ରହସି ସଖୀ ।। ୫୦ ।।

ଅଗ୍ନି ସୂଚକ ଇର୍ଷା ପର୍ବତ ଗୁଡିକର ନଥିଲେ ମଧ ପାହାଡ଼ ଗୁଡିକର ଥିବା ପରି ଜଣାଯାଏ । ଅବସାଦ ବିହିନ କାମ ଦେବଙ୍କ ମନରେ କେବଳ ଆନନ୍ଦର ଆନନ୍ଦ ହିଁ ଚିତ୍କାର କରି ଉଠିଥିଲା । ଯେହେତୁ ଏଠାରେ କାମଦେବ ଭିନ୍ନ ରୂପରେ ଦୁଃଖକୁ ଦେଖିଥିଲେ । ଦୁଃଖର ସମୃଦ୍ଧିରେ ବିଚାରର ଜ୍ୟୋତିକୁ ସବୁଜତାର ଚରିତକୁ ନେଇ ବିଚାର କରିବା ଉଚିତ୍ । ସେଥିରେ ଝଗଡ଼ା କରିବା ଆବଶ୍ୟକ ନାହିଁ । କାରଣ ମର୍ତ୍ତ୍ୟ ଓ ଆକାଶ ମଧରେ ଯେଉଁ ରହସ୍ୟର କଥା ରହିଛି, ରେ ସଖି ତାହାକୁ ଏକାନ୍ତରେ କହିବି ।

**ଅଷ୍ଟାଦଶ ପ୍ରବନ୍ଧ**

ରାଗ – ରାମକେରି

ହରିରଭିସରତି ବହତି ମଧୁପବନେ ।
କିମପରମଧୂରସୁଖଂ ସଖିଭବନେ ।
ମାଧବେ ମା କୁରୁ ମାନିନି ମାନମୟେ ।। ୧ ।।

ଗୋବିନ୍ଦାଞ୍ଚଳ କ୍ଷେତ୍ର ସମୁଦାୟ ଦୋଷ ଯୁକ୍ତ ହେଉ କିମ୍ବା ନିନ୍ଦାର ସ୍ଥଳି ହେଉ କିନ୍ତୁ ମଧୁରତାର ସୁଆଦ ଭିନ୍ନ ଶୈଳୀରେ ପରମାନନ୍ଦ ପ୍ରଦାନ କରି ଆସୁଥିଲେ । ଯେଉଁ ସମୟରେ ସୃଷ୍ଟିର ପୂର୍ଣ୍ଣାଙ୍ଗ ପରିବେଶ ଆରମ୍ଭ ହୋଇଥିଲା, ସେହି ସମୟରୁ ହିଁ ଏହି କ୍ଷେତ୍ରରେ ସବୁଜତାର ପ୍ରାରମ୍ଭ ହୋଇଥିଲା । ମଧୁରତାର ବାୟୁ ସ୍ରୋତର ପ୍ରବାହ ହୋଇଥିଲା । ତଥା ଭିନ୍ନଧରଣ ଜଳବାୟୁ ପରମାନନ୍ଦ ପ୍ରଦାନ କରୁଥିଲେ । ଭୂଦେବୀ, ମାୟା ପରିବେଶ ସହଚରୀ ରୂପେ ଏଠାରେ ଉତ୍ପତି ହୋଇଥିଲେ । ରାଜା କୁରୁଙ୍କ ସମୟରେ ଯେଉଁ କୁରୁକ୍ଷେତ୍ର ନିର୍ମାଣ ହୋଇଥିଲା, ସେହି କ୍ଷେତ୍ରରେ ସ୍ଥଳିଟି ମଚକୃକ ଦ୍ୱାର ଥିଲା ଏବଂ ରହିଆସିଛି । ଚନ୍ଦ୍ରବଂଶୀ ରାଜା କୁରୁ ଆଦରଣୀୟ, ସମ୍ମାନନୀୟ ଥିଲେ ସର୍ବକାଳୀନ ହେଉ ।

ତାଳଫଳାଦପି ଗୁରୁମତି ସରସମ୍ ।
କିମୁ ବିଫଳୀ କୁରୁଷେ କୁଚ କଳଶମ୍ ମାଧବେ ।। ୨ ।।

ଅତୀତର ଆରମ୍ଭ କାଳରେ ସେହି କ୍ଷେତ୍ରରେ ସଙ୍ଗୀତ ଜନ୍ମ ନେଇଥିଲା । ପରେ ପରେ ସବୁଜତାର ସମୃଦ୍ଧି ଘଟି କୃଷିର ନାମ ଗର୍ବ ସହିତ କ୍ରମେ ପ୍ରକାଶ ପାଇଥିଲା । ଉକ୍ତ କ୍ଷେତ୍ରରେ ପ୍ରଚଳିତ କ୍ରିୟା ବିତାରରେ କିନ୍ତୁ ଗମ୍ଭୀରତା ଥିଲା । କେଉଁ ସକାଶରୁ ଏହି ପ୍ରଚଳିତ କାଳରେ ବୃଥା ହୋଇ ରହିଚି ରାଜା କୁରୁଙ୍କ ସମ୍ମାନାର୍ଥେ ନା କୁମ୍ଭ କୁଚର ଅବସ୍ଥା ପାଇଁ ସର୍ବକାଳୀନ ହେଉ ।

କତି ନ କଥିତମିଦମନୁପଦମଚିରମ୍ ।
ମା ପରିହର ହରିମତିଶୟରୁଚିରମ୍ ।।
ମାଧବେ .... ।। ୩ ।।

କଥା ରହିଛି, କ୍ଷେତ୍ରର ସମିପ ସ୍ଥଳିଟି ମନୁ ଗଣଙ୍କର ରାଜଧାନୀ ଥିଲା । ବର୍ତ୍ତମାନ ମନ୍ୱନ୍ତରରେ ବୈବସତ୍ୱ ମନୁଙ୍କ ରାଜଧାନୀ ଅଟେ । କ୍ଷେତ୍ରରେ ଅମୃତ ସହ ଅନେକ ଦେବ ଭୋଗ୍ୟ ବସ୍ତୁର ପ୍ରକଟ ହୋଇ ପାରିଥିଲା । ଚରଣ କ୍ଷେତ୍ରରେ ମାନବ ଜନଙ୍କ ପ୍ରକୃତ ରଚିର କ୍ଷେତ୍ର ଥିଲା । ଆଜି କିନ୍ତୁ ଶୟନ କଲାପରି ପଡିରହିଛି । ପଣ୍ଡିତ ଜନେ ପରସ୍ପରକୁ ତ୍ୟାଗ କଲାପରି ପରିସର ମଧରେ ରହିଛି । ସର୍ବକାଳୀନ ରହୁ ।

କିମିତିବିଷୀଦସି ରୋଦିଷି ବିକଳା ।
ବିହସତି ଯୁବତିସଭାତବ ସକଳା ।।
ମାଧବେ ... ।। ୪ ।।

ଉର୍ଦ୍ଧରୁ ତୁମ୍ଭର ଦୃଶ୍ୟାକାର ଦେଖି ଦୁଃଖ ଲାଗେ, ତୁମକୁ କେଉଁ ନାମରେ ସମ୍ବୋଧନ କରି ଡାକିବି ? ତୁମେ ତ ବିକଳରେ କେବଳ କିଛି ଅଂଶର ଅଂଶ ରୂପେ ଜଳାଉଛ । ତରୁଣୀ ଗଣ ସଭା ମଧରେ ବସି ଏହି ବିଚାର ଯଦି ଶୁଣିବେ ତେବେ ମନ୍ଦହାସ ଦେଇ କହିବେ । ତୁମେ ତ ସମସ୍ତ କାରଣର କାରଣ ତୁମକୁ କିଏ ନାମ ଦେଇ ସମ୍ବୋଧନ କରିବ । ସର୍ବକାଳୀନ ରହୁ ।

ମୃଦୁଳ ନଳିନୀ ଦଳ ଶୀଳିତ ଶୟନେ ।
ହରିମବ ଲୋକୟ ସଫଳୟ ଶୟନେ ମାଧବେ ।। ୫ ।।

ଗୋବିନ୍ଦାଞ୍ଚଳ ଚରଣ କ୍ଷେତ୍ର ସରୋବର ସଦୃଷ୍ୟ ଥିଲା । ସରୋବର କ୍ଷେତ୍ର ଜଳପୂର୍ଣ୍ଣ ଥିଲା । ସେଥିରେ ପ୍ରାୟ ପୂର୍ଣ୍ଣରେ ପଦ୍ମଫୁଲ ପ୍ରକଟିତ ଥିବା ଜଣାଯାଇଥିଲା । ସମୁଦାୟ ସରୋବରରେ ପତ୍ର ସହ ଫୁଲ ଥିଲା । ଅଭ୍ୟାସ କାରଣରୁ ଜଳ ସହିତ ପତ୍ର ଗୁଡିକ ଶୋଇରହିଥିଲା । ଏଣୁକରି ସରୋବର ସବୁଜତା ପ୍ରକାଶ କରିଥିଲା । ସବୁଜତା ଦୃଷ୍ଟି ଆକର୍ଷଣ କରି ସମୁଦାୟ ଲୋକଙ୍କୁ ସବୁଜ ହିଁ ସବୁଜ ବୋଲି ଜଣାଇଥିଲା, ସବୁରି ନୟନ ସଫଳ ଥିଲା ସର୍ବକାଳୀନ ରହୁ ।

ଜନୟସି ମନସି କିମିତିଗୁରୁଖେଦମ୍ ।
ଶୃଣୁମମବଚନମନୀହିତଭେଦମ୍ ॥
ମାଧବେ .... ॥ ୬ ॥

ଅତୀତରେ ଏହି ପବିତ୍ର କ୍ଷେତ୍ରକୁ ନେଇ ଜନ ସମୁଦାୟଙ୍କ ମନ ମଧ୍ୟରେ ବିଭିନ୍ନ ପ୍ରତିକ୍ରିୟା ଆରମ୍ଭ ହୋଇଯାଇଥିଲା । ସେମାନଙ୍କ ବିଚାର ଥିଲା, କ୍ଷେତ୍ର ଉଦୟ ସମୟରେ କେଉଁ ନାମରେ ଥିଲା ନା ଗମ୍ଭୀର ଖେଳ ଦ୍ୱାରା ପ୍ରସ୍ତୁତ ହୋଇପାରିଥିଲା । ମୋର କଥା ଶୁଣ ପ୍ରତ୍ୟକ୍ଷ ଜ୍ଞାନ ଏହି କ୍ଷେତ୍ର ତଥା କ୍ଷେତ୍ର ହିତକୁ ନେଇ କହେ, ଏହି କ୍ଷେତ୍ର ବିଭିନ୍ନ ଆଘାତର ସମ୍ମୁଖୀନ ହୋଇ ମଧ୍ୟ ଅଞ୍ଚଳ ସହିତ ସମସ୍ତ ସଂସାରକୁ ପବିତ୍ରତା ଦେଇ ଆସିଛି ସର୍ବକାଳୀନ ରହୁ ।

ହରିରୂପଯାତୁ ବଦତୁ ବହୁମଧୁରମ୍ ।
କିମିତି କରୋଷି ହୃଦୟମତିବିଧୁରମ୍ ॥
ମାଧବେ .... ॥ ୭ ॥

ମୁକ୍ତି ଦାୟକ ଏହି କ୍ଷେତ୍ର ଅଞ୍ଚଳର ଆକାର ସବୁଜତା ପୂର୍ଣ୍ଣ ଥିଲା । ସବୁଜତାର ସମୃଦ୍ଧି ହେବାପରେ ପ୍ରଶ୍ନ ଉଠେ ଏପରି ଏଠାରେ ଘଟିଲା କିପରି ? ଅତୀତ ଘଟଣାକୁ ହୃଦୟଙ୍ଗମ କର । ହୃଦୟର ସହ ବିଚାର କରିବା ଏପରି ଉଚିତ୍ ହେବ ଯେ ପ୍ରଥମେ କ୍ଷେତ୍ର ଶୋକଗ୍ରନ୍ତ ଥିଲା ? ଏବଂ କେଉଁ ନାମରେ ହୋଇଥିଲା ? କଥାରେ କହନ୍ତି ପତି ବିରହରେ ପତ୍ନୀ କିମ୍ବା ପତ୍ନୀ ବିରହରେ ପତିଙ୍କ ଯେପରି ସ୍ଥିତି ଉପୁଜିଥାଏ ସେପରି ସର୍ବକାଳୀନ ନ ରହୁ ।

ଶ୍ରୀ ଜୟଦେବ ଭଣିତମତି ଲଳିତମ୍ ।
ସୁଖୟତୁ ରସିକ ଜନଂ ହରି ଚରିତମ୍ ମାଧବେ ॥ ୮ ॥

ବିଦ୍ୱାନଗଣ ଜାଣନ୍ତୁ ଦିବ୍ୟ ଗ୍ରନ୍ଥ ସମୃଦ୍ଧିର ଚରିତ । ସେମାନେ ଏହି ଚରିତକୁ ନେଇ ପରମାନନ୍ଦ ପ୍ରାପ୍ତ ହେବାପରେ ଜନ ସମୁଦାୟକୁ ସବୁଜତାର ଆକର୍ଷଣକୁ ଜଣାଇଥାନ୍ତୁ । ଏଠାରେ ଉତ୍ପତି ରହସ୍ୟକୁ ସାମାନ୍ୟ ଆକାରରେ ହୋଇଥିବା କ୍ଷେତ୍ର ବର୍ଣ୍ଣନାରୁ ଅତି କୋମଳତାରେ ବୁଝାଇ ଦେଇପାରିବେ । ଯଦ୍ୱାରା ଅତୀତ ଘଟଣା ଜାଣିବା ପରେ ପରିବେଶ ମର୍ଯ୍ୟଦା ପୂର୍ଣ୍ଣ ରହିବ ସର୍ବକାଳୀନ ରହୁ ।

ଶ୍ଲୋକ- ୫୧

ସ୍ନିଗ୍ଧେୟଯତ୍ ପୁରୁଷାସି ଯତ୍ ପ୍ରଣମତି ସ୍ତବ୍ଧାସି ଯଦ୍ରାଗିଣି ।
ଦ୍ୱେଷସ୍ଥାସି ଯଦୁନ୍ମୁଖେ ବିମୁଖତାଂ ଯାତାସି ତସ୍ମିନ୍ ପ୍ରିୟେ ।
ତଦ୍ୟୁକ୍ତଂ ବିପରୀତକାରିଣି ତବ ଶ୍ରୀଖଣ୍ଡଚର୍ଚ୍ଚା ବିଷଂ ।
ଶୀତାଂଶୁସ୍ତପେନୋ ହିମଂ ହୁତବହଃ କ୍ରୀଡ଼ାମୁଦୋଯାତନାଃ ॥୫୧॥

କ୍ଷେତ୍ର ସନୁଦାୟରେ ଅତୀତର ମଧୁରତା ପ୍ରାପ୍ତ ହେବାର ପରେ ପରେ ନିଜେ ନିଜକୁ ବିଦ୍ୱାନ ପୁରୁଷସିଂହ ଗଣ ଯତ୍ନବାନ କରିଉଠିଥିଲେ । ଯତ୍ନବାନ ନିଜକୁ କରିବା ପରେ କ୍ଷେତ୍ରକୁ ପ୍ରଣାମ କରିଥିଲେ । ପୁନଶ୍ଚ ଆଶ୍ଚର୍ଯ୍ୟ ହୋଇ ଉଠିଥିଲେ । କ୍ଷେତ୍ରମଧ୍ୟରୁ ଯେତେବେଳେ ସ୍ଥାବର ବିନ୍ୟାସର ରାଗ ଶୁଣିବାକୁ ପାଇଥିଲେ । ସେହି ସମୟରେ ପୁରୁଷ ସିଂହଙ୍କ ଶରୀର ଶକ୍ତିରେ ଦ୍ୱେଶ ଭାବ ଭରି ଯାଇଥିଲା । ଉପରମୁହାଁ ହୋଇ ବିଚାର କଲାପରେ ସେଠାରେ ନିବୃତ୍ତ ହୋଇ ପଡିଥିଲେ । ସେଠାରେ ହିଁ ଅସୀସରୂପ ଯାତ ସରକୁ ଲକ୍ଷକରି ପରସ୍ପର ମଧ୍ୟରେ ବାର୍ତ୍ତାଳାପକରି ସମ୍ବୋଧନରେ ପ୍ରିୟ ଉଚ୍ଚାରଣ କରି, ମତ୍ତ ରଖୁଥିଲେ । ବୋଧହୁଏ ସେଠାରେ ମିଳିତରେ ସବୁକିଛି ରହିଛି । ଏଣୁ ଏପରି ଓଲଟା କଥା ଉଦୟ ହେଉଛି । ସେହି ଆହ୍ୱାନୀୟ ଓଲଟାକୁ ଗ୍ରହଣ କରି ଚନ୍ଦନକୁ ବିଚାରରେ ବିଷ କହିବା, ଚନ୍ଦ୍ର ରଶ୍ମି ଦ୍ୱାରା ସ୍ଥାପିତ ଥଣ୍ଡା ଓ ଶୀତଳକୁ ସେହି କ୍ରିଡ଼ା ଉତ୍ପତିର ବରଫ କହିବା ଉଚିତ୍ କି ?

**ଦଶମ ସର୍ଗ**

ଶ୍ଲୋକ- ୫୧

ଅତ୍ରାନ୍ତରେ ମସୃଣରୋଷବଶାମସୀମ-

ନିଃଶ୍ୱାସନିଃସହମୁଖୀଂ ସମୁପେତ୍ୟ ରାଧାମ୍ ।
ସବ୍ରୀଡ଼ମୀକ୍ଷିତସଖୀବଦନାଂଦିନାନ୍ତେ
ସାନନ୍ଦଗଦଗ୍ଦପଦଂ ହରିରିତ୍ୟୁବାଚ ॥ ୫୨ ॥

ଏହି ମେରୁ କ୍ଷେତ୍ରର କିଛି ଦୂର ଅନ୍ତରରେ ଯେଉଁ କ୍ଷେତ୍ର ରହିଛି ସେହି କ୍ଷେତ୍ର ଅତ୍ୟନ୍ତ କୋମଳ ତଥା ବ୍ରହ୍ମଦେଙ୍କ ଚରଣ ସ୍ଥଳି ଥିଲା । କ୍ଷେତ୍ର ଗୋବିନ୍ଦଙ୍କ ଅନ୍ତ ସ୍ଥଳି ପୃଥିବୀ ବା ଭୂଦେବୀଙ୍କ ନିଶ୍ୱାସ ତ୍ୟାଗ ସ୍ଥଳି । ଏବଂ ଏଠାରୁ ବ୍ରହ୍ମ ସଙ୍ଗହୀନ ରୂପେ ଉର୍ଦ୍ଧ ଲକ୍ଷ୍ୟକୁ ଏକାଗ୍ରତାରେ ଯାତ୍ରା କରି ଆସୁଛନ୍ତି । ଏବଂ ଏଠାରେ ପଞ୍ଚ ମହାଭୁତର ମିଳନ ଘଟିଛି । ଏପରି ମିଳନ ଘଟି ବାସ୍ତବମାୟାର ପ୍ରତୀକ ବା ରାଧାଙ୍କ ପ୍ରକଟ ସ୍ଥଳି ରୂପେ ଚିହ୍ନଟ ହୋଇ ରହି ଆସିଛି । ଲଜ୍ଜାର ସହ କହିବା ଉଚିତ୍ ହେବ, ଏପରି ପବିତ୍ର କ୍ଷେତ୍ରକୁ ପୃଥିବୀ ମଧ୍ୟରେ ନଷ୍ଟ କରିବା ଅତି ବିରଳ, ନିନ୍ଦନୀୟ, ହେ ସଖୀ ! କ୍ଷେତ୍ର ଦିବସ ଅନ୍ତ ପର୍ଯ୍ୟନ୍ତ ଦୃଶ୍ୟ ହେବ । ଆନନ୍ଦ ସହ ଗଦ ଗଦ ହୋଇ କହିବା ଉଚିତ୍ ହେବ, ଏଠାରେ ସବୁଜତାର ଶରଣାଗତ ତଥା ଋତୁ ଗଣଙ୍କ ସତକଥା ଉତ୍ପତ୍ତି ହୋଇଥିଲା ।

## ଊନବିଂଶ ପ୍ରବନ୍ଧ

ରାଗ – ଦେଶୀବରାଡ଼ି, ତାଳ - ଆଠତାଳ

କୁନ୍ଦେନ୍ଦୁ କାନ୍ତି ତନୁ ଦେହ ବଲ୍ଲୀ
ଶୁକ୍ଳାମ୍ବରା ଯ ପତିତ ସୁବେଶା
ଉର୍ଦ୍ଧ୍ୱଂ ସ୍ମରନ୍ତି ଶୟନେ ବିହଗାଧା
ଆଖିଦ୍ୟମାନା ନିଶିବେଶି କେୟମ୍

ପୁଷ୍ପଗୁଡିକ, ଡାଳ ଗୁଡିକରେ ଥିବା ସମୁଦାୟ କ୍ଷେତ୍ରରେ ଅତି ସୌନ୍ଦର୍ଯ୍ୟ ଦେଖାଯାଉଥିଲା । କ୍ଷେତ୍ର ସମୁଦାୟର ସର୍ବାଙ୍ଗରେ ଲୟୀପରି ମାଳି ଡାଳଗୁଡିକ ବ୍ୟାପ୍ତ ଥିଲା । ନୀଳ ଆକାଶ ତଳେ ବ୍ୟାପ୍ତ କ୍ଷେତ୍ର ଡାଳଲୟୀ ପରି ମାଳି ବା ଅଗ୍ରସର ହୋଇ ଏପରି ପ୍ରଭାବ ବିସ୍ତାରରେ ରହିଛି । ଯାହାକୁ ରାଜା ଭର୍ତ୍ତୃହରି ତ୍ରିଶତକ ରଚନା କଲାବେଳେ କ୍ଷେତ୍ର ସମୁହକୁ ସ୍ମରଣ କରିଥିଲେ । କାରଣ ସମାଚାରରେ ପ୍ରକାଶିତ ଯେ, କ୍ଷେତ୍ରରେ ଡାଳଲୟୀ ଗୁଡିକ ବିପ୍ଳବ କରି ପରସ୍ପର ମଧ୍ୟରେ ଜଳି ପାଉଁଶ ହୋଇ ଯାଇଥିଲେ । ସମୁଦାୟ କ୍ଷେତ୍ର ବାଜୁବନ୍ଧ ସରୂପ ଦେଖାଯାଉଥିଲା ।

ବଦସି ଯଦି କିଞ୍ଚିଦପି ଦନ୍ତରଚି କୌମୁଦି ।
ହରଣି ଦରତିମିରମତି ଘୋରମ୍ ॥
ସ୍ଫୁଭୁଦଧରସୀଧବେ ତବ ବଦନଚନ୍ଦ୍ରମା ।
ରୋଚୟତୁ ଲୋଚନଚକୋରମ୍ ॥
ପ୍ରୟେଚାରୁଶୀଳେ,
ମୁଞ୍ଚମୟି ମାନମନି ଦାନମ୍ ।
ସପଦି ମଦନାନଲୋ ଦହତି ମମ ମାନସଂ
ଦେହି ମୁଖକମଳମଧୁପାନମ୍ ॥ କ ॥

କଥା କୁହାଯାଇଛି ଏବଂ ରହି ଆସିଛି । କେବେ ଯଦି ଏହି ପ୍ରାଙ୍ଗଣରେ କୌଣସି ବିଷୟ ପ୍ରସଙ୍ଗକୁ ଆଧାର କରି ଜ୍ୱଳନ ଜଳି ଉଠେ, ତେବେ ଚନ୍ଦ୍ର ଜ୍ୟୋତ୍ସ୍ନା ପରି ଆପେ ଆପେ ଶୀତଳ ହୋଇ ଯାଉଥିଲା । କ୍ଷେତ୍ର ଅଭିଷ୍ଟ ବର ପ୍ରାପ୍ତି ହୋଇ ପାରିଥିଲା । ତିମି ସଦୃଶ ମୀନପ୍ରକଟ କ୍ଷେତ୍ରର ଏହା କ୍ରିଡାସ୍ଥଳି ଥିଲା । ଯେହେତୁ କ୍ଷେତ୍ର ଅତି ଗଭୀର ଏବଂ ସୃଷ୍ଟି ଆରମ୍ଭରେ ସୃଷ୍ଟିକୁ ଜନ୍ମଦେଇ ଧାରଣ କରିଥିବା ଯୋଗୁଁ କ୍ଷେତ୍ରର ଅନ୍ୟ ନାମ ଧର୍ମ କ୍ଷେତ୍ର । ଏଠାରେ ତୁମେ ପ୍ରକାଶ କରିଛ । ସୃଷ୍ଟିର ତୁମେ ହିଁ ଚକ୍ଷୁ, ତୁମେ ହିଁ ଚକୋର ତୁମେ ହିଁ ପ୍ରିୟ, ସୁନ୍ଦର, ଧୀର ମୁଞ୍ଚର କ୍ଷେତ୍ର ଅଟ । ତୁମେ ହିଁ ବିସ୍ତାରର ପ୍ରତ୍ୟକ୍ଷ ଜ୍ଞାନ, କନ୍ଦର୍ପ ହେଲେ ମଧ୍ୟ ଅନଳ ହୋଇ ଜଳାଉଛ ଏଣୁ ତୁମ ବଦନ ମଣ୍ଡଳର ଦନ୍ତରଚି ସଦୃଶ ହୋଇ ମୋମନ ଦ୍ୱାରା ତୁମ ସୁଖ ପଦ୍ମରୁ ସର୍ବଦା ମଧୁ ପାନ କରିବାରେ ଇଛା ହେଉଥାଏ ।

ସତ୍ୟମେବାସି ଯଦିସୁଦତିମୟିକୋପିନୀ
ଦେହିଖରନଖରଶରଘାତମ୍ ।
ଘଙ୍କୟଭୂଜବନ୍ଧନଂ ଜନୟ ରଦଖଣ୍ଡନଂ
ଯେନ ବା ଭବତି ସୁଖଜାତମ୍ ॥
ପ୍ରିୟେ ଚାରୁଶୀଳେ .... ॥ ୨ ॥

ଧର୍ମ କ୍ଷେତ୍ରସ୍ଥ ଏହି ଗୋଚରଣକୁ ସର୍ବଦା ସତ୍ୟ ଆସି ପୂଜା କରୁଛନ୍ତି । ଯଦି ସମୁଦାୟ କ୍ଷେତ୍ର ସୁଦର୍ଶନ ପରି ସ୍ଥଳି ଥିଲା, ଆଜି କାହାରି କ୍ରୋଧ ଦ୍ୱାରା କ୍ଷେତ୍ର ଭସ୍ମ ହୋଇଥିବା ଦେଖିବାକୁ ମିଳୁଛି । ଯେପରି କୌଣସି ଘାତକ ତୀର ପେଶି ଘଟଣା ଘଟାଇଛି । ଜନ ସମୁଦାୟ ନିଜ ନିଜ ହାତକୁ ବାନ୍ଧି ବସିଥିଲେ । ଘଟଣା ଘଟିଥିଲା ଯେପରି ଭବନ ଛେଦନ ଘଟିଥିବା ସମୟରେ, କ୍ଷେତ୍ର ପରମାନନ୍ଦରେ ସମୟକୁ ବିତାଉଥିଲା ।

ତ୍ୱମସି ମମ ଭୂଷଣଂ ତ୍ୱମସି ମମଜୀବନଂ
ତ୍ୱମସିମମଭବଜଳଧିରତ୍ନମ୍
ଭବତୁ ଭବତୀହମୟୀ ସତତ ମନୁରୋଧିନୀ
ତତ୍ରମମ ହୃଦୟମତି ଯତ୍ନମ୍
ପ୍ରିୟେ ଚାରୁଶୀଳେ ... ।। ୩ ।।

ହେ ପବିତ୍ର କ୍ଷେତ୍ର ! ତୁମେ ଗାଢ଼ ଅନ୍ଧାରରେ ପ୍ରତିତ ହେଲେ ମଧ ମୋର ଭୂଷଣ ! ତୁମେ ଅନ୍ଧକାର ହେଲେ ବି ମୋ ଜୀବନ । ତୁମ ବିନା ଆଉ କେ ମୋର ଅଛି । ତୁମେ ଅନ୍ଧାର ହେଲେ ବି ମୋ ଭବଧି ଜଳର ରତନ । ତୁମେ ଜଳ ରତନ ହୋଇ ମଧ ସଂସାର ମଧରେ ଏକ ସାଂସାରିକ ନିରନ୍ତର । ତୁମେ ମର୍ତ୍ତ୍ୟ ମଣ୍ଡଳ ମଧରେ ସଂସାରର ଏକ ପର୍ବ ଅଟ । ଏହି ମୃତ୍ତିକା ସୟମ୍ଭୁବ ମନୁଙ୍କ ନିରନ୍ତର ବ୍ୟବହାର୍ଯ୍ୟ କାର୍ଯ୍ୟରେ ଥିଲା । ଏଣୁ ମୋର ଏଠାରେ ସତଃ ଉତ୍ପତ୍ତି । କାରଣ ।

ନୀଳନଳିନାଭମପି ତନ୍ୱି ତବ ଲୋଚନଂ
ଧାରୟତି କୋକନଦରୂପମ୍ ।
କୁସୁମ ଶରବାଣଭାବେନ ଯଦି ରଞ୍ଜୟସି
କୃଷ୍ଣମିଦମେତଦନୁପୂପମ୍
ପ୍ରିୟେ ଚାରୁଶୀଳେ ..... ।। ୪ ।।

କ୍ଷେତ୍ରସ୍ଥ ଜୀବଜନ୍ତୁ ସମୁଦାୟ ପଦ୍ମଫୁଲ ସଦୃଶ ଦେଖାଯାଉ ଥିଲେ । ଜଳ ସ୍ରୋତ ଗୁଡିକ ତୁମର କନ୍ୟା ରୂପରେ ଦୃଶ୍ୟରେ ଜଣାଯଉଥିଲେ । ସ୍ରୋତାୟିତ ଜଳଧାର ଗୁଡିକ କ୍ଷେତ୍ରର ପଦ୍ମଫୁଲ ସଦୃଶ ଜଣାଯାଉଥିଲା । ସନ୍ତୋଷ କ୍ରମ ଭାବରେ ଯଦି ଫୁଲ ଗୁଡିକୁ ଶର ବାଣ ପରି ବିଚାର କରାଯାଏ, ତେବେ ଅନ୍ଧକାର ମଧରେ ସ୍ନିଗ୍ଧ ଶ୍ୟାମଳ ରାକ୍ଷାସ ପରି, ରୂପରେ ବୋଧ ହେଉଥିଲା ।

ସ୍ଫୁରତ କୁଚକୁମ୍ଭୟୋରୁପରି ମଣିମଞ୍ଜରୀ
ରଞ୍ଜୟତୁତବ ହୃଦୟଦେଶମ୍ ।
ରସତୁରସନାପି ତବ ଘନଜଘନମଣ୍ଡଳେ
ଘୋଷୟତୁମନ୍ମଥ ନିଦେଶମ୍
ପ୍ରିୟ ଚାରୁଶୀଳେ .... ।। ୫ ।।

କ୍ଷେତ୍ରାଞ୍ଚଳର କେନ୍ଦ୍ର ବା ମେରୁ ସ୍ଥଳିରେ କମ୍ପନର ଆରମ୍ଭ ଜଣାଯାଇଥିଲା । ସେପରି ମେରୁରେ ରହିଥିବା କୁଚ ସରୂପ ଉଭୟ କୁମ୍ଭରେ ମଧ ଶ୍ରୀହରଣ ଲାଗି ରହିଥିଲା । ମୁକ୍ତାପରି ପଲ୍ଲବାଙ୍କୁର ଗୁଡିକ ପ୍ରକାଶ ପାଇ, କ୍ଷେତ୍ର ସନ୍ତୋଷ ଥିଲାପରି ଜଣାଯାଉଥିଲା । ଯେହେତୁ ତୁମ ହୃଦୟ କ୍ଷେତ୍ରରେ ରସର ସାର ଗୁଡିକ ରହିଛି । ଯେପରି ଜିହ୍ୱାରସ ମର୍ଯ୍ୟଦା ଜାଣିପାରେ, ସେପରି କନ୍ଦର୍ପ ତୁଲ୍ୟ କହୁ ଏହି ଜଘନ କ୍ଷେତ୍ରରେ ବିଧି ଘୋଷଣା କରାଯାଉଥିଲା ।

ସ୍ଥଳକମଳଗଞ୍ଜନଂ ମମ ହୃଦୟ ରଞ୍ଜନଂ
ଜନିତରତିରଙ୍ଗପରଭାଗମ୍
ଭଣ ମସୃଣବାଣି କରବାଣି ଚରଣ ଦ୍ୱୟଂ
ସରସରସ ଦଲକ୍ତକରାଗମ୍
ପ୍ରିୟ ଚାରୁଶୀଳେ .... ।। ୬ ।।

ସମୁଦାୟ ମର୍ତ୍ତ୍ୟ ମଣ୍ଡଳ ମଧରେ ରହିଥିବା ଭୂଖଣ୍ଡଟି ଅତି ତୁଚ୍ଛ । ତଥାପି ମୋର ଆତ୍ମା କହେ ମୋ ସକାଶେ କ୍ଷେତ୍ର ଅତି ସନ୍ତୋଷ ଜନକ । ଏଠାରୁ ଉତ୍ପତ୍ତି ପ୍ରୀତି ଚିକକଣ ତଥା ରଙ୍ଗଭୂମି ପରି ଅଟେ । କ୍ଷେତ୍ରର ପର ଅପର କାଳରେ ଉଭୟ ପାଦ ପ୍ରବଚନ ତୁଲ୍ୟ ବାଣୀ ଉତ୍ପତ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । କରବାଣୀ ମସୃଣ ହେଲା ପରି ମଧୁର ଥିଲା । ପୁଷ୍ପ ପାଖୁଡ଼ା ଗୁଡିକ ଯେପରି ପୁଷ୍ପର ସୁନ୍ଦର

ବୃଦ୍ଧିକରେ ସେପରି ଥିଲା । କ୍ଷେତ୍ରଟି ସଂସାରରେ ସୁଖ ଦୁଃଖର ପ୍ରଥମ ସାଥିରୂପେ ବର୍ଣ୍ଣିତ ।

ସ୍ମରଗରଳଖଣ୍ଡନଂ ମମଶିରସି ମଣ୍ଡନଂ
ଦେହି ପଦପଲ୍ଲବମୁଦାରମ୍ ।
ଜ୍ୱଳତି ମୟି ଦାରୁଣୋ ମଦନ କଦନାନଳୋ
ହରତୁ ତଦୁପାହିତବିକାରମ୍
ପ୍ରିୟ ଚାରୁଶୀଳେ .... ॥ ୭ ॥

ଅତୀତରେ ଘଟିଥିବା ଘଟଣାକୁ ହେତୁ କର । କ୍ଷେତ୍ର ମଧ୍ୟରେ ରହିଥିବା ଗରଳକୁ ଛେଦନ କରିପାରିଥିଲ । ଏବଂ ମୋର ମଥାରେ ମୁକୁଟ ରଖିଲା ପରି ରଖି ଭୂଷଣ କରେଇପାରିଥିଲ । ତଦ୍ୱାରା ତୁମ ଚରଣକୁ ପାଇ ପାରିଥିଲି । ତୁମରି ପ୍ରସନ୍ନ ପରେ ପତ୍ର ଝଡ଼ ଦେଇଥିବା ବୃକ୍ଷରେ ଯେପରି ନୂତନ ପତ୍ରର ଉଦୟ ହୁଏ, ସେପରି ହୋଇଥିଲା । ବସନ୍ତ କାଳରେ ମୟ ପ୍ରକାଶ କଲାପରି ପରିବର୍ତ୍ତନ ହୋଇଥିଲା । ଦାରୁଣ ପୀଡ଼ା ଭୋଗ ସମୟରେ ନିର୍ଗୁଣ ଅମୃତ ସହ ଗରଳକୁ ମୋ ଠାରୁ ବାହାର କଲ । ଶିବଙ୍କୁ ଆହ୍ୱାନ କରିଦେଲ । ତୁମେ ଅଦୃଶ୍ୟରେ ରହି ଏପରି କାରଣ ବିଚାର କଲ ।

ଇତି ବଟୁଳ ଚାଟୁପଟୁଚାରୁମୁପବୈରିଣୋ
ରାଧିକାମଧିବଚନଜାତମ୍ ।
ଜୟତି ପଦ୍ମାବତୀରମଣଜୟଦବେକବି ଭାରତୀ
ଭଣିତମିତି ଗୀତମ୍ ॥ ୮ ॥

କ୍ଷେତ୍ର ପ୍ରକ୍ରିୟା ସମାପ୍ତ ହେବା ପୂର୍ବରୁ କ୍ଷେତ୍ରରେ ବହୁ ଘଟଣା ଘଟିଥିଲା । ସେଥି ମଧ୍ୟରୁ ସର୍ବଦା ଏଠାରେ ସ୍ତୁତୀ ବାଣୀକୁ ଦକ୍ଷତାର ସହ ପାଠ କରାଯାଉଥିଲା । ଯେହେତୁ ସୁରାସୁରର ଦକ୍ଷ ଛାୟା ସରୂପ ବାସ୍ତବ ଶତୃ ପ୍ରସନ୍ନତାର ସହ ଏଠାରେ ବାସ କରୁଥିଲେ । ବର୍ତମାନ ମଧ୍ୟ କରୁଛନ୍ତି । ରହି ଆସିଥିବା କିମ୍ବଦନ୍ତିରୁ ଜଣାଯାଏ, ଏଠାରେ ଜନସମାଜ କ୍ଷେତ୍ରରେ ସର୍ବଦା ଜୟ ହେଉ ଥିଲା । ଏଠାରେ ଉପ୍ତି ଏହି ଦିବ୍ୟ ଗ୍ରନ୍ଥର ରଚୟତାକୁ ସରସ୍ୱତୀଙ୍କ ଅନୁକମ୍ପା ଥିଲା । ଅଘଟଣ ସୂଚନାରୁ ଅବଗତ ହୁଏ, ସୃଷ୍ଟି ପାଳନ ପାଇଁ ଏଠାରୁ ହିଁ ପୃଥିବୀର ପ୍ରଥମ ଶାସନ ପ୍ରକ୍ରିୟା ଆରମ୍ଭ ହୋଇଥିଲା ।

ଶ୍ଳୋକ-୫୩

ପରିହରକୃତାତଙ୍କେ ସଙ୍କାତ୍ୱୟା ସତତଂ ଘନ
ସ୍ତନ ଜଘନୟାକ୍ରାନ୍ତେ ସାନ୍ତେପରାନବକାଶିନି ।
ବିଶତି ବିତନୋରନ୍ୟୋ ଧନ୍ୟୋନକୋଽପି ମମାନ୍ତରଂ
ସ୍ତନଭର ପରୀରମ୍ଭାରମ୍ଭେ ବିଧେହି ବିଧେୟତାମ୍ ॥ ୫୩ ॥

କ୍ଷେତ୍ର ସମୁଦାୟ ଅନାଦର ହେବା ପୂର୍ବରୁ ଅନେକ କାର୍ଯ୍ୟ ସମ୍ପାଦନ ହୋଇ ଏଠାରେ ରହି ଆସିଛି । ସମ୍ଭବତଃ ଆତଙ୍କରେ କ୍ଷେତ୍ର ତମାମ୍ ପୁରି ଉଠିଥିଲା । ନିରନ୍ତର ଜଳ ସଙ୍କଟ ପଡିବାରେ ଲାଗିଥିଲା । ଗତିବାନ୍ ଏହି ଜଘନ କ୍ଷେତ୍ରରେ ସଙ୍ଘ ଆକ୍ରମଣର ସମ୍ମୁଖୀନ ହୋଇଥିଲା । ଜଘନର ଉର୍ଦ୍ଧ ଆକାଶରେ ଆଚ୍ଛନ୍ନ ମେଘ ପ୍ରକଟ ହେଉଥିବା ସତ୍ୱେ ବର୍ଷାର ଅଭାବ ଥିବା ଜଣା ଯାଉଥିଲା । ଜୀବଜନ୍ତୁଙ୍କ ଅନ୍ତ ହେବା ବେଳକୁ କାଁ ଭାଁ ଅସରାଏ ବର୍ଷା ହେଉଥିଲା । ଜଙ୍ଗଲ ମଧ୍ୟରେ ପରିତ୍ୟକ୍ତ ଭାବେ ଜଳ ବିହୁନେ, ସାମାନ୍ୟ ବର୍ଷା ସ୍ପର୍ଶରେ ନବ ପତ୍ର ଅଙ୍କୁରିତ ହେଉଥିଲା । କାହିଁକି ଏପରି ସ୍ଥିତି ଆସିଲା ? କେହି କେହି ହେଲେ ମୋର ହୃଦୟର ଦୂରତ୍ୱକୁ ବୁଝି ପାରିନଥିଲେ । ଯେଉଁ କ୍ଷେତ୍ରରେ ରମ୍ଭା ନାମକ ଅପସରା, ପକ୍ଷ ଯୁକ୍ତ ନାରୀ, ପରୀମାନେ ପ୍ରକଟ ହେଉଥିଲେ ସେହି କ୍ଷେତ୍ରରେ ରମ୍ଭାସୁର, ଶୁମ୍ଭ ନିଶୁମ୍ଭ ଚଣ୍ଡ ମୁଣ୍ଡ, ରକ୍ତବୀଜ ଶହଦେବ ଆଦି ରମ୍ଭେଙ୍କ ପ୍ରକଟ ହେଲେ ପରିସ୍ଥିତି ଯାହା ହେବା କଥା ତାହା ହୋଇଛି । ବିଧି ପ୍ରକାରେ ବିଧାନରେ ଯାହା ହେବା କଥା ତାହା ହୋଇଛି । ବିଧି ପ୍ରକାରେ ବିଧାନରେ କାର୍ଯ୍ୟ ଏଠାରୁ ଆରମ୍ଭ ହୋଇ ଚାଲିଛି ।

ଶ୍ଳୋକ- ୫୪

ମୁଗ୍ଧେ ! ବିଧେହି ମୟି ନିର୍ଦ୍ଦୟ ଦନ୍ତା ଦଂଶ ।
ଦୋର୍ବଲ୍ଲିବନ୍ଧନିବିଡ଼ସ୍ତନପୀଡ଼ିତାନି ॥
ଚଣ୍ଡି ! ତ୍ୱମେବ ବତ ମୁଞ୍ଚ ପଞ୍ଚବାଣ ।

ଚଣ୍ଡାଳକାଣ୍ଡଦଳନା ଦସବଃ ପ୍ରୟାନ୍ତୁ ।। ୫୪ ।।

କ୍ଷେତ୍ରରେ ବିଧିନିୟମ ପ୍ରକାରେ ମୋତେ ମୋହପରବେଶ କରି ନିର୍ଦ୍ଦୟ ଭାବରେ ଦାନ୍ତ ଦ୍ୱାରା ଦହନ କରି ଚାଲିଥିଲେ । ଯେପରି ଘାସକଟା ସରିଲେ ଘାସକୁ ଏକତ୍ର କରି, ରଶି ଦ୍ୱାରା କଶି କରି ବାନ୍ଧି ଦିଆଯାଇଥାଏ । ବୋଧହୁଏ କୌଣସି ଅଭିଶାପ କାରଣରୁ ସେହି ପୀଡ଼ା ସହ ପରେ ଆଉ ଠିକ୍ ଭାବେ ଛିଡ଼ା ହୋଇ ପାରୁନାହିଁ । ହେ ମା ଚଣ୍ଡି, ତୁମେ ହିଁ ସର୍ବ ଚଣ୍ଡାଳତ୍ୱକୁ ଆପଣାଇ ନେଇଛ । ବୃକ୍ଷ ଶରୀରରେ ଗଣ୍ଠି ଥିବା ପରି, ସମୁହେ ଏକତ୍ର ହୋଇ ଯଜ୍ଞ କରିବା ଚେଷ୍ଟା ଦ୍ୱାରା ଏଥକୁ ନିୟନ୍ତ୍ରଣ କରିବା ଆବଶ୍ୟକ ଥିଲା ।

ଶ୍ଳୋକ- ୫୫

ଶଶିମୁଖି ! ତବ ଭାତି ଭଙ୍ଗୁରଭ୍ରୂ
ର୍ଯୁବଜନମୋହକରାଳକାଳସର୍ପୀ ।
ତଦୁଦିତଭୟଭଞ୍ଜନାୟ ଯୂନାଂ
ତ୍ୱଦଧରସୀଧୁସୁଧୈବସିଦ୍ଧମନ୍ତ୍ରଃ ।। ୫୫ ।।

ହେ ଚନ୍ଦ୍ରମୁଖି କ୍ଷେତ୍ର । ଏଠାରେ ତୁମର ଜାଗ୍ରତ ହୋଇ ଆସିଥିବା କିରଣ ସହଜରେ ନଷ୍ଟ ହେବାର ନଥିଲା । ନିଜର ଇଚ୍ଛାରେ ହିଁ ତାହା ନଷ୍ଟ ହୋଇଛି । ଯୁବକ ଶ୍ରେଣୀ ବ୍ୟକ୍ତି ବିଶେଷ ନିଜର ଅଜ୍ଞାନରେ ଯେପରି ଝୁଣା ଧୂଆଁ ପ୍ରଭାବରେ ଆସି ନଷ୍ଟ ହୋଇଥାନ୍ତି । ଏହା ଏକ ପ୍ରକାର ଚର୍ମରୋଗ ପ୍ରଭାବର ଆକ୍ରାନ୍ତରେ ଆସି ନଷ୍ଟ ହୋଇଛି । ପୁନଃ ଅନ୍ୟ କୌଣସି ରୋଗର ଜମାଟ ବାନ୍ଧିବା ସମ୍ଭାବନା ନାହିଁ । ଏଠାରେ ତୁମଦ୍ୱାରା ଧାରଣ କରାଯାଇଥିବା ସାଧୁ କିମ୍ବା ଉତମ ସାମର୍ଥ୍ୟକ ଦୈର୍ଘ୍ୟ ଯାହାକି ସଂସ୍କାର ପଥର ଜାଗ୍ରତ ଅଧିକାରକୁ ବହନ କରିଛି ।

ଶ୍ଳୋକ- ୫୬

ବ୍ୟଥୟତି ବୃଥା ମୌନଂ ତ୍ୱନ୍ୱି ! ପ୍ରପଞ୍ଚୟ ପଞ୍ଚମଂ
ତରୁଣି ! ମଧୁରାଳାପୈସ୍ତାପଂ ବିନୋଦୟ ଦୃଷ୍ଟିଭିଃ ।
ସୁମୁଖି ! ବିମୁଖୀଭାବଂ ତାବଦ୍‌ବିମୁଞ୍ଚ ନ ମୁଞ୍ଚ ମାଂ
ସ୍ୱୟମତିଶୟସ୍ନିଗ୍ଧୋ ! ପ୍ରିୟୋଽହମୁପସ୍ଥିତଃ ।। ୫୬ ।।

ଅତୀତରୁ ପ୍ରଚଳିତ ହୋଇ ରହି ଆସିଥିବା ଦକ୍ଷ କ୍ଷେତ୍ର ଆଜି ଅନାୟାସରେ ପୀଡ଼ିତ ତଥା କୋମଳାଙ୍ଗୀ ମୁକତାର ପରିଚୟ ଦେଇଛନ୍ତି । ଅନୁତାପ କରିବା ଯଥାର୍ଥ ଏହି ଯେ ଏହି ମଧୁରତା ପୂର୍ଣ୍ଣ କ୍ଷେତ୍ରରେ ଆନନ୍ଦର ଦୃଶ୍ୟ ହିଁ ଥିଲା । ହେ ସୁନ୍ଦରୀ ତୁମେ ସେସବୁ ତ୍ୟାଗ ନ କରି ବିମୁଖ ଭାବ କାହିଁକି ଆଦରିଲ ? ତ୍ୟାଗ କରି ମୁଁ ମୋର ସଙ୍ଗ ବିଚାରକୁ ଦୁଃଖ ଦେବା ସପକ୍ଷରେ ନ ଥିଲି । ସ୍ନେହରେ ଶ୍ରଦ୍ଧାରେ ରଚି ପ୍ରିୟ ଆଦରକୁ ପୁନଃ ପ୍ରଚେଷ୍ଟା କରି, ପୁରାତନ ବାୟୁର ପ୍ରଚଳନକୁ ଚାହୁଁଥିଲି ।

ଶ୍ଳୋକ- ୫୭

ବନ୍ଧୁକଦ୍ୟୁତିବାନ୍ଧବୋଽୟମଧରଃ ସ୍ନିଗ୍ଧୋ ମଧୂକଚ୍ଛବି
ର୍ଗଣ୍ଡଶ୍ଚଣ୍ଡି ! ଚକାସ୍ତି ନୀଳନଳିନଶ୍ରୀମୋଚନଂ ଲୋଚନମ୍ ।
ନାସାନ୍ୱେତି ତିଳପ୍ରସୂନପଦବୀଂ କୁନ୍ଦାଭଦନ୍ତି ! ପ୍ରିୟେ ।
ପ୍ରାୟସ୍ତନୁ ଖସେବୟାବିଜୟତେ ବିଶ୍ୱଂସପୁଷ୍ପାୟୁଧଃ ।। ୫୭ ।।

ଅଞ୍ଚଳ ସମୁଦାୟ ଜଳମଗ୍ନ କ୍ଷେତ୍ରରେ ସମ୍ପର୍କିତ । ଗଣ ମଥା ଟେକି ମିତ୍ରମାନଙ୍କ ସହ ପ୍ରକାଶିତ ହୋଇ ରହିଥିଲେ । ସମୁଦାୟ ସ୍ଥିତି କୋମଳତା ଧାରଣ କରିଥିଲା, ମଧୁର ମୟ ଥିଲା । ଆଜି କିନ୍ତୁ ଜଳମଗ୍ନ କ୍ଷେତ୍ର ରୂପେ ପରିଚିତ । ବିଶେଷତଃ ଜଳ ସ୍ଥଳିର ବିଶେଷ କ୍ଷେତ୍ର ଗଣ୍ଡ ଦେଶରେ ପରିଣତ ହୋଇ ରହିଛି । ସମୁଦାୟ ଗଣ୍ଡ ଦେଶ ଚକାରାନ୍ତ ବୃତାକାର ମଧରେ ରହିଛି । ଦୃଶ୍ୟରୁ ଜଣାପଡ଼େ ଉକ୍ତ ଜଳ ମଧରେ ଜୀବଜନ୍ତୁଙ୍କର ମଧ ସମୃଦ୍ଧି ଘଟି ଉର୍ଦ୍ଧରେ ଚଳ ପ୍ରଚଳ ହେଉଛନ୍ତି । ଘ୍ରାଣେନ୍ଦ୍ରିୟ ପଥରେ କେବଳ ନିଶ୍ୱାସ ଗ୍ରହଣ କରି ପୁଷ୍ପତୁଲ୍ୟ ରାଶି ରାଶି ଜଳ ମଧରେ ରହି ଧଳାଫୁଲ ପରି ଦେଖାପଡ଼ନ୍ତି । ହେ ପ୍ରିୟେ ! ପୟୋଧର ତୁଲ୍ୟ ମେଘ ମଧରୁ ବୁଣିବା ପରି ଜଳବାୟୁ କ୍ଷେତ୍ରକୁ ଖସି ପଡ଼ନ୍ତି । ବ୍ରହ୍ମାଣ୍ଡ ହିତ ସକାଶେ ବାୟୁ ବିକାଶ ପରି ପୁସ୍ୱାସୁ ପ୍ରବାହିତ ହୁଏ ।

ଶ୍ଳୋକ- ୫୮

ଦୃଶୌତବ ମଦାଳସେ ! ବଦନମିନ୍ଦୁମତ୍ୟୁନ୍ନତଂ
ଗତିର୍ଜନମନୋରମାବିଧୂତରମ୍ଭମୂରୁଦ୍ୱୟମ୍
ରତିସ୍ତବ କଳାବତୀ ରୁଚିରଚିତ୍ରଲେଖେ ଭ୍ରୁବା ।

ବହୋବିବୁଧଯୌବତଂ ବହସି ତନ୍ୱି ! ପୃଥ୍ୱୀଗତା ।। ୫୮ ।।

ହେ ମଦାଳସେ ! ଦୃଶ୍ୟରେ ଦେଖିବାକୁ ଚନ୍ଦ୍ରଙ୍କ ବଦନ ସରୂପ । ତୁମର ଅଭିପ୍ରାୟ ଅତି ଉଚ୍ଚ କୋଟୀର କହି ମନେ ହୁଏ । ତୁମ ମନରେ ଥିବା ଭାବକୁ ଜନେ ଗ୍ରହଣ କରି ସାରିଛନ୍ତି । ସଂସାରରେ ଆତ୍ମହିତ ଭାବରେ ସାରାଂଶକୁ ଗ୍ରହଣ କରି ଆସୁଥିବା ରମ୍ୟାସୁର ଦ୍ୱୟ ଯେବେ ଦେବୀ ରମାଙ୍କୁ ସ୍ତୁତିରେ ଅନୁଗତ ହୋଇ କହିଥିଲେ, ହେ କଳାବତୀ, ତୁମେ ଏହି କ୍ଷେତ୍ରରେ ଚିତ୍ର ଅଭିରଚି ବୋଧ କରି ରଚନା କର । ମର୍ତ୍ତ୍ୟ ମଣ୍ଡଳ ମଧ୍ୟରେ ତୁମେ ଯେଉଁ ସଂସାର ଗଠନ କରିଛ, ସେହି ସଂସାରରେ ଯେଉଁ ପ୍ରଥମ ଭୂଖଣ୍ଡରେ ପୃଥିବୀ ଗଠନ କରିଛ ସେହି ପୃଥିବୀର ତୁମେ କନିଷ୍ଠା ଶୋଭା । ସୃଷ୍ଟିର ଅଧିକାରିଣୀ କାରଣରୁ ତୁମ ନାମ ରମା ପରିବେଷଣ ସୌନ୍ଦର୍ଯ୍ୟକୁ ସୁରକ୍ଷା ପାଇଁ ଏହି କ୍ଷେତ୍ରରେ ହିଁ ତୁମକୁ ପ୍ରକଟ କରିଛି । ଏଠାରେ ଚୁଟିକୁ ତୁମେ ଯୌବନ ଅବସ୍ଥାରୁ ଧାରଣ କରି ଆସିଥିବା ପଣ୍ଡିତ ମାନଙ୍କର ମଧ୍ୟ ମତ ।

**ଏକାଦଶ ସର୍ଗ**

ଶ୍ଳୋକ — ୫୯

ସୁଚିରମନୁନୟେନ ପ୍ରୀଣୟିତ୍ୱାମୃଗାକ୍ଷୀଂ ।
ଗତବତୀ କୃତବେଶେ କେଶବେ କୁଞ୍ଜଶଯ୍ୟାମ୍ ।।
ରଚିତରୁଚିରଭୂଷାଂଦୃଷ୍ଟିମୋକ୍ଷେ ପ୍ରଦୋଷେ ।
ସ୍ଫୁରତି ନିରବସାଦାଂ କାପି ରାଧାଂ ଜଗାଦ ।। ୫୯ ।।

ଅତୀତରେ ଜଳି ଉଠିଥିବା ବତୀକୁ ମୃଗ ଚାହିଁଲା ପରି ଚାହିଁ ଏକ ଲକ୍ଷରେ ବୋଧେ ଖୋଜୁଥିଲ । ସୁଚିର ଅଗ୍ରଭାଗ ତୁଲ୍ୟ ଚନ୍ଦ୍ର ଦୃଷ୍ଟିରେ ତୁମେ ପଡ଼ିଥିଲ । ଏଠାକୁ ଲକ୍ଷ କରିବା କାରଣରୁ ଜୀବନ ଯିବା ଆସିବା ପରି ଗର୍ତ୍ତ ପାଇଥିଲ । ଯେଉଁ ଗର୍ତ୍ତ ପରବ୍ରହ୍ମ ଦ୍ୱାରା ସମ୍ପାଦିତ ହୋଇଥିବା ସମ୍ଭବ । ଗର୍ତ୍ତ କ୍ଷେତ୍ର ବେଗ ଜନିତ ହେବା କାରଣରୁ ବିଶାଳ ବିଶାଳ ତରୁବୃକ୍ଷ ଉତ୍ପତି ହୋଇପାରିଥିଲା । ଲତା ପ୍ରଭାବିତ କୁଞ୍ଜ ଗୁଡ଼ିକ ମଧ୍ୟ ଆପେ ଆପେ ସୃଷ୍ଟି ହୋଇପାରିଥିଲା । ଯାହାକି ଆନନ୍ଦର ଆନନ୍ଦ ପାଇଁ ଶଯ୍ୟା ଗ୍ରହଣ କରାଯାଇ ପାରିଥିଲା । ସ୍ରୋତ ଗୁଡ଼ିକରେ ମୋକ୍ଷ ଦାୟକ ରୂପରେ ଦୃଷ୍ଟି ଗୋଚର ହେଉଥିଲା । ସନ୍ଧ୍ୟା ପରେ ପରେ ଜାଗ୍ରତ ହୋଇ ଆସୁଥିବା ନିଶ୍ଚଳ ସରଳତା ମଧ୍ୟରେ, ବାସ୍ତବ ହିଁ ସତ୍ୟ ଥିଲା । ପ୍ରତିକ ରାଧା, ଯେ କି ଦୃଶ୍ୟ ଜଗତରେ ଅପ୍ରସ୍ତୁତ ହୋଇପଡୁଥିଲେ ।

**ବିଂଶ ପ୍ରବନ୍ଧ**

ରାଗ- ବସନ୍ତ, ତାଳ- ଯତି

ବିରଚିତଚାଟୁବଚନକଚନଂଚରଣେ ରଚିତପ୍ରଣିପାତମ୍ ।
ସମ୍ପ୍ରତି ମଞ୍ଜୁଳବଞ୍ଜୁଳସୀମନିକେଳିଶୟନମନୁଯାତମ୍ ।
ମୁଗ୍ଧେ ମଧୁମଥନ ମନୁଗତମନୁସରରାଧିକେ ।। କ ।।

ମେରୁ ବା ଗୋବିନ୍ଦଙ୍କୁ ଆଧାର କରି ରଚିତ ସ୍ତୁତିକୁ ବଚନର ମୌଳିକତାକୁ ତଥା ଗୋବିନ୍ଦ ପାଦରେ ରଚିତ ସ୍ତୁତି ସର୍ବସ୍ୱକୁ ମୋର ପ୍ରଣାମ । ସେଠାରେ ଉତ୍ପତି ବେତ ବୃକ୍ଷ ଗୁଡ଼ିକରେ ସଜ୍ଜିତ କୁଞ୍ଜ ଗୁଡ଼ିକ କ୍ରିଡନକଙ୍କ ପାଇଁ ସୁନ୍ଦା ପରି ଶୋଇ ରହିଛି । ତଥାପି ଅତି ସୁନ୍ଦର ଦେଖାଯାଉଛି । ସୁନ୍ଦା ଉତ୍ପତି ବେତ ବୃକ୍ଷ ଫୁଲରୁ ମହୁମାଛି ମହୁ ଆଶାରେ ନିଜର ବିନାଶିତ ଶୁଣ୍ଢଦ୍ୱାରା ଯେପରି ମନ୍ଥନ ହେଉଛି । ଏବଂ ଏହି ମନ୍ଥନ ସୟମ୍ଭବ ମନୁଙ୍କ ମନ୍ୱନ୍ତର ଆରମ୍ଭରୁ ପ୍ରଚଳିତ । ଏବଂ ଏହା ବାସ୍ତବ ମାୟାର ସରୂପ ଯୋଗୁଁ ସମୁଦାୟକୁ ମଧ୍ୟ ପ୍ରଣାମ । ଆନନ୍ଦରେ ।

ଘନଜଘନସ୍ତନଭାରଭରେ
ଦରମନ୍ଥରଚରଣବିହାରମ୍ ।
ମୁଖରିତମଣି ମଞ୍ଜୀରମୁପୈହି
ବିଧେହି ମରାଳବିକାରମ୍ ।
ମୁଗ୍ଧେ .... ।। ୨ ।।

ପୃଥିବୀର ଏହି ନିତମ୍ବ କ୍ଷେତ୍ରରେ ଗାଢ଼, ଓଜନଦାର ହୋଇଥିବା ପୟୋଧରର ମୂଲ୍ୟ ଧିରେ ମୁଖରିତ ହେବାରେ ଲିଗିଥିଲା । ଜଘନ କ୍ଷେତ୍ରରେ, ସମୟର ଗତି, ଚରଣ କ୍ଷେତ୍ରରେ ମେରୁ ଧିରେ ଧିରେ ଭ୍ରମଣରେ ଲାଗିଥିଲା । ତଦ୍ୱାରା ମୁକ୍ତା ସରୂପ ଜଳ ପଡିବାରେ ଲାଗିଥିଲା । ଚାଷପରେ ବୀଜ କ୍ଷେତ୍ରରେ ବୁଣାଯିବା ପରେ ରାଜହଂସମାନେ କର୍ତ୍ତବ୍ୟ ପରାୟଣ ହୋଇ ପ୍ରକୃତିକୁ ବିକୃତ କରିବାରେ ଲାଗି ଯାଉଥିଲେ । ଆନନ୍ଦରେ ।

ଶୃଣୁ ରମଣୀୟତରଂ ତରୁଣୀଜନମୋହନ
ମଧୁରିପୁରାବମ୍ ।
ସୁମନଶରାସନଶାସନବନ୍ଦିନି !
ପିକନକରେ ଭଜ ଭାବମ୍ ।
ମୁଗ୍ଧେ .... ॥ ୩ ॥

ଶୁଣିବାକୁ ମିଳେ, ଅତି ରମଣିୟତା କ୍ଷେତ୍ରଟିଥିଲା । ତରୁଣୀମାନଙ୍କ ମନରେ ମୋହ ନଥିଲା । ମାତ୍ର ଅହରହ ମହୁମାଛିଙ୍କ ଧ୍ୱନୀ ଶୁଣାଯାଉଥିଲା । ପୁଷ୍ପଧନୁ ଶାସନ ସ୍ୱରୂପ ରାଜତ୍ୱ ଚାଲିଥିଲା । କାରାରୁଦ୍ଧ ସଦୃଶ ସମସ୍ତ ଜୀବ ରହିଥିଲେ । କ୍ଷେତ୍ରକୁ ସ୍ତୁତି କଲା ସ୍ୱରୂପ ସମୁହ ପିକଙ୍କ ସ୍ୱରରେ ସ୍ୱନ ରହିଥିଲା । ଆନନ୍ଦରେ ।

ଅନିଳତରଳକିଶଳୟନିକରେଣ
କରେଣ ଲତାନିରରମ୍ୟମ୍ ।
ପ୍ରେରଣମିବକରଭୋରୁ ! କରୋତି ଗତିଂ
ପ୍ରତି ମୁଞ୍ଚ ବିଳମ୍ୱମ୍ ।
ମୁଗ୍ଧେ ..... ॥ ୪ ॥

ସମୁଦାୟ କ୍ଷେତ୍ରରେ ଅନିଳ ପ୍ରବାହ ଚାଲିଥିଲା । ଉକ୍ତ ବାୟୁ ସ୍ପର୍ଶରେ ବୃକ୍ଷ ଗୁଡିକ ନବପଲ୍ଲବରେ ଧିରେ ଧିରେ ପଲ୍ଲବିତ ହେବାରେ ଲାଗିଥିଲେ । ଅବଶ୍ୟ ସେ ସମସ୍ତ କ୍ଷେତ୍ର ବାୟୁର ପରେ ଥିଲେ । କିନ୍ତୁ ସେ ସ୍ୱୟଂ ଅହଂ ଭାବ ଧରି ଚୁପ୍ ରହିଥିଲା । କ୍ରମଭାବେ ଅତୀତରୁ ପ୍ରତି ମୁହୁର୍ତ୍ତରେ କ୍ଷେତ୍ର ସ୍ପର୍ଶ କରି ଅଗ୍ରସର ହେଉଥିଲା । ଆନନ୍ଦରେ ।

ସ୍ଫୁରିତମନଙ୍ଗତରଙ୍ଗବଶାଦିବ
ସୂଚିତହରିପରିମ୍ଭମ୍ ।
ପୃଚ୍ଛମନୋହରହାରବିମଳଜଳ
ଧାରମମୁଂ କୁଚକୁମ୍ଭମ୍ ।
ମୁଗ୍ଧେ .... ॥ ୫ ॥

ବଙ୍ଗଳା ମଧ୍ୟରେ ଅନ୍ତଃକରଣ ପରି ପ୍ରତିକ୍ଷେତ୍ରରେ କମ୍ପନ ସୃଷ୍ଟି ହୋଇଥିଲା । ବର୍ଷାଦିନ ଅଭାବ ଥିଲା । ବର୍ଷାଦିନ ଅଦିନ ସତ୍ତ୍ୱେ ତରଙ୍ଗ ମଧ୍ୟରୁ ସୂଚନା ମିଳିଥିଲା । ତରଙ୍ଗର ସୂଚନା ଥିଲା । କ୍ଷେତ୍ରରେ ବିଭିନ୍ନ ପ୍ରକାରର ସବୁଜତା ଏପରି ଧାରଣ କରିବ ଏବଂ ଯେପରି ଅପସରା ଦୃଶ୍ୟ ପରି ଦେଖାଯିବ । ପଛଭାଗ ଦୃଶ୍ୟ ମନୋହର ଥିଲା । ବିଭିନ୍ନ ଅଙ୍ଗ କୃତ ରୂପରେ ସ୍ରୋତ ଗୁଡିକ କୁଚକୁମ୍ଭ ଆଡ଼କୁ ସରସ ଥିଲା । ଆନନ୍ଦରେ ।

ଅଧିଗତମଖିଳସଖାଭିରିଦଂ ତବବପୁରପି ରତିରଣସଜ୍ଜମ୍ ।
ଚଣ୍ଡୀ ! ରସିତରଶନାରବଡିଣ୍ଡିମମଭିସର ସରସମଲଜ୍ଜମ୍ ।
ମୁଗ୍ଧେ ..... ॥ ୬ ॥

ଜ୍ଞାନପ୍ରାପ୍ତ ପରେ ପରେ କ୍ଷେତ୍ରରେ ସହଚର ସହିତ ସର୍ବଦା ଯଜ୍ଞ ପ୍ରକାଶ ପାଉଥିଲା । ତୁମର ଗର୍ଭ କ୍ଷେତ୍ରରେ ଯଜ୍ଞହେବା କାରଣକୁ ଆଧାର କରି ଏକ ପ୍ରକାର ଘାସ ଉତ୍ପତି ହୋଇ ପାରିଥିଲା । ଘାସ ଉତ୍ପତି ହେବାର ଦେଖି ପ୍ରକୃତି ଦେବୀ ଚଣ୍ଡି ଆନନ୍ଦରେ ସବୁଜ ସଂଗ୍ରାମ ପାଇଁ ପ୍ରସ୍ତୁତି ହୋଇ ପଡ଼ିଥିଲେ । କ୍ଷେତ୍ର ମଧ୍ୟରେ ବିଭିନ୍ନ ସ୍ତରରୁ ଜଳ ସ୍ରୋତ ଗୁଡିକ ଅତି ଧିରେ ଧିରେ ସ୍ରୋତାୟିତ ହୋଇ ଚାଲିଥିଲା । ଖାରିଜଳ ସାଗର ଆଡ଼କୁ ଚଞ୍ଚଳ ହେବାରେ ଲାଗିଥିଲା । ଆନନ୍ଦରେ ।

ସ୍ମରଶରସୁଭଗନଖେନ ସଖୀମବଲମ୍ବ୍ୟ କରଣ ସଲୀଳମ୍ ।
ଚଳବଳୟ କ୍ୱଣିତୈରବବୋଧୟ ହରିମପି ନିଜଗତିଶୀଳମ୍ ।
ମୁଗ୍ଧେ .... ॥ ୭ ॥

ଅତୀତକୁ ମନେ ପକାଅ । ମୃତିକାକୁ ତୀରମୂଳରେ ସୁନ୍ଦର ଭାବେ ଖୋଳିବା ପରି, ନିଜ ହସ୍ତ ନଖଦ୍ୱାରା ସହଚର ସହ କର୍ତବ୍ୟ କରି ଚାଲିଥିଲେ । ଧିର ସ୍ରୋତକୁ ପ୍ରବଳ କରିବା ଇଛାରେ ବଳୟ ମଧ୍ୟରେ ଥିବା ଦୀର୍ଘତମ ସ୍ରୋତକୁ ସଫା କରିଥିଲେ । ସେଚ ପାଇଁ ସ୍ରୋତ ଗଭୀର କରିଥିଲେ । ସେଥିରେ ପହଁରିଲା

ପରି ବୋଧ ହେଉଥିଲା । ତଦ୍ୱାରା ସବୁଜ ଫସଲ ସଙ୍ଗ ହେବା ଗତିଶୀଳ ହୋଇଥିଲା । ଆନନ୍ଦରେ ।

ଶ୍ରୀଜୟଦେବଭଣିତମଧରୀକୃତହାରମୁଦାସିତବାମମ୍ ।
ହରିବିନିହିତମନସମାଧି ତିଷ୍ଠତୁ କଣ୍ଠତଟୀମଭିରାମମ୍ ॥ ୮ ॥

ଦିବ୍ୟଗ୍ରନ୍ଥର ସମୃଦ୍ଧି ପାଇଁ ପ୍ରସ୍ତୁତି କରାଯାଇଛି । ଏଥିରେ ମଧୁରତା ପୂର୍ଣ୍ଣ ଶୀତଳତାକୁ ଅଳଂକୃତ କରାଯାଇଛି । ମାନସ ସ୍ତରରେ ଉପଯୁକ୍ତ ସମ୍ପର୍କ ରହିଛି । କ୍ଷେତ୍ର ସମୁଦାୟର କେନ୍ଦ୍ରସ୍ଥଳ ଓ ତଟଦେଶ ବର୍ଣ୍ଣନା ଏଥିରେ ରହିଛି । ଅତୀତରୁ ସ୍ଥିତି ଏପରି ପ୍ରଚଳିତ ରହିଆସିଛି । ପରିବେଶରେ ନିର୍ଭୟତା ତଥା ବଶବର୍ତୀ ହୋଇ ରହିଆସିଛି । ଯେହେତୁ କ୍ଷେତ୍ର ମଙ୍ଗଳ ହିଁ ମଙ୍ଗଳମୟ ଥିଲା । ଆନନ୍ଦରେ ।

ଶ୍ଲୋକ- ୬୦

ସା ମାଂ ଦ୍ରକ୍ଷତି ବକ୍ଷ୍ୟତି ସ୍ମରକଥାଂ ପ୍ରତ୍ୟଙ୍ଗମାଲିଙ୍ଗନୈଃ ।
ପ୍ରୀତିଂ ଯାସ୍ୟତିରଂସ୍ୟତେସଖିସମାଗତ୍ୟେତି ଚିନ୍ତାକୁଳଃ ॥
ସ ତ୍ୱାଂ ପଶ୍ୟତିବେପତେପୁଲକୟତ୍ୟାନନ୍ଦତିସିଦ୍ୟତି ।
ପ୍ରତ୍ୟୁଦଗଚ୍ଛତିମୂର୍ଚ୍ଛତିସ୍ଥିରତମଃପୁଞ୍ଜେ ନିକୁଞ୍ଜେ ପ୍ରିୟଃ ॥ ୬୦ ॥

ଦେବୀ ମହାଲକ୍ଷ୍ମୀ ଯେ କି ସର୍ବସମ୍ପଦର ଅଧିକାରିଣୀ, କ୍ଷମତା ସମ୍ପନ୍ନ ତଥା ଯାହାଙ୍କ ବକ୍ଷ ଉପରେ କ୍ଷେତ୍ର ପ୍ରତିଷ୍ଠା ରହିଛି । ଅତୀତର ସେହି ପୁରାତନ କଥା ଗୁଡ଼ିକୁ ମନେ ପକାଅ, ସେହି ପର୍ବତ୍ୟାଞ୍ଚଳ ନୂତନତାରେ ଯେଉଁ ଆନନ୍ଦ ତଥା ଆନନ୍ଦ ପ୍ରଦାନ କାରିଣୀ ଯେଉଁ ପ୍ରସନ୍ନ ରହିଥିଲା ତାହା ପୁନଃ ଫେରେଇ ଆଣିବା ପାଇଁ ପ୍ରୟାସ ହେବା ଆବଶ୍ୟକ । ସେଠାକାର ପରିବେଶରେ ଚମକ୍ ଦେବାକୁ ଥିବା ଜଳବାୟୁ ଆଜି ମଳିନ ହୋଇ ଯାଇଛି । ରେ ସହଚରି ! କ୍ଷେତ୍ର କିନ୍ତୁ ଅତୀତରୁ ରହି ଆସିଛି । ବର୍ତମାନ ଚିନ୍ତାକଲେ ଆକୂଳ ହେବାକୁ ବାଧ । ସେପରି ସଦୃଶ୍ୟ ଏଠାରେ ଦୃଶ୍ୟରେ ରୋମାଞ୍ଚିତ ସହ ଆନନ୍ଦ ମଧ ଥିଲା । ତେବେ ସ୍ୱାଗତ କରିବା ସହ ଜକଡ଼ି ଧରିବାକୁ ଇଛା ହେଉଥିଲା । ବର୍ତମାନ ଯଦି ସେଠାକୁ ଯାଇ ଦେଖିବା ତେବେ ମୂର୍ଚ୍ଛା ହୋଇ ଯିବାକୁ ପଡ଼ିବ । ଆସ୍ତେ ଆସ୍ତେ କ୍ରୋଧ ମଧ ପ୍ରବେଶ କରିବ । ଯେହେତୁ ଆଦରର ସମସ୍ତ ଲତାଗୃହ ଆଉ ସେଠାରେ ଦେଖିବାକୁ ମିଳେ ନାହିଁ ।

ଶ୍ଲୋକ- ୬୧

ଅକ୍ଷଣୋର୍ନିକ୍ଷିପ କଜ୍ୱଳଂ ଶ୍ରବଣୟୋସ୍ତାପିଞ୍ଛଗୁଚ୍ଛାବଳୀ ।
ମୂର୍ଦ୍ଧ୍ନିଶ୍ୟାମସରୋଜଦାମକୁଚୟୋଃକସ୍ତୁରିକାପତ୍ରକମ୍ ॥
ଧୂର୍ତ୍ତାନାମଭିସାରସତ୍ୱରହୃଦାଂବିଷଙ୍ନିକୁଞ୍ଜେ ସଖି ॥
ଧ୍ୱାନ୍ତଂ ନୀଳନିଚୋଳଚାରୁସଦୃଶାଂପ୍ରତ୍ୟଙ୍ଗମାଲିଙ୍ଗତି ॥ ୬୧ ॥

ସମୁଦାୟ ଖୋଲା ଥିଲା । ଗୋଟିଏ ମୁହୂର୍ତ୍ତରେ ଫୋପାଡିଲା ପରି ଅନ୍ଧାରର ପ୍ରଭାବ ପ୍ରକଟ ହୋଇପାରିଥିଲା । ଶୁଣିବାକୁ ମିଳେ ପୈତୃକ ସମ୍ପତ୍ତି ବିନା ପ୍ରୟାସରେ ଯେପରି ପ୍ରାପ୍ତ ହୋଇଥାଏ ସେପରି ଅମୃତ ଏଠାରେ ପ୍ରାପ୍ତ ହୋଇଥିଲା । ଅମୃତ ପରେ ପରେ ଉଭୟଙ୍କ ମନବଳ ଗୋଛା ବାନ୍ଧିଲା ପରି ବଳବାନ ହୋଇଥିଲା । ମନୁକୁ ମୂର୍ଦ୍ଧ୍ୱା କରି ମୂଲ୍ୟ ପ୍ରାପ୍ତ ପାଇଁ ସନ୍ଧ୍ୟାରୁ ସକାଳ ଯାଏଁ ପରିଶ୍ରମ କରୁଥିଲେ । କିନ୍ତୁ ବୃକ୍ଷାଦି ପତ୍ର ଗୁଡିକ ମଧରେ କସ୍ତୁରି ରୁଛାୟା (ବାସନ) ଉତ୍ପତି ହେବା ପରି ଉତ୍ପତି ହୋଉଥିଲା । ବିଷ ବୃକ୍ଷ ପତ୍ର ସର୍ବସ୍ୱ ମନ୍ଥନ ସମୟରେ ଧାରଣ କ୍ଷେତ୍ର, ଶ୍ରେଷ୍ଠ ସାରକୁ ନେଇ ଉପାଧି ନାମ ପାଇଥିଲା । ସକାଳ ସକଳ ହୃଦୟ କଥାକୁ ଶିଘ୍ର ଆଗ୍ରହ ପଡି କୋକିଳ ସ୍ୱର ଉଚ୍ଚାରଣ କରୁଥିଲା । ଲତାଗୃହ ଗୁଡିକ ବୃକ୍ଷ ଛାୟା ମଧରେ ଅନ୍ଧାର ଜଣା ଯାଉଥିଲା । ସେହି ଛାୟା ଅନ୍ଧକାର ମଧରେ ସେଠାରେ ଜୀବଯନ୍ତୁ ସହ ବେତ ବୃକ୍ଷ ଗୁଡିକ ଦେଖିବାକୁ ଅତି ସୁନ୍ଦର କଥା ମନୋହର ଜଣାଯାଉଥିଲା । ସେହି ଉତ୍ତମ ଦୃଶ୍ୟରେ ତଥା ସମସ୍ତ କ୍ଷେତ୍ର ରେ ମା ଲକ୍ଷ୍ମୀଙ୍କର ଅଙ୍ଗ ପ୍ରତ୍ୟଙ୍ଗରେ ସତ୍ତା ଥିବା ପରି ବୋଧ ହେଉଥିଲା । ଉଭୟ କୁଚ ମଧରେ ବାତାବରଣର ପ୍ରଭାବ ପଡ଼ିଥିଲା ।

ଶ୍ଲୋକ – ୬୨

କାଶ୍ମୀରଗୌରବପୁଷ୍ପାମଭିସାରିକାଣା –
ମାବନ୍ଧରେଖମଭିତୋରୁଚିମଞ୍ଜରୀଭିଃ ।
ଏତତ୍ତମାଲଦଳନୀଳତମଂତମିସ୍ରଂ

ତତ୍ପ୍ରେମହେମନିକଷୋପଳତାଂ ତନୋତି ॥ ୬୨ ॥

କ୍ଷେତ୍ର ପରିବେଶ କାଶ୍ମୀର ପରି ଶୁଭ୍ର ଥିଲା । ଶରୀରର ଅନିଷ୍ଟ ସକାଶେ ଯଦି କେହି ସେଠାକୁ ଯାତ୍ରା କଲେ ମଧ୍ୟ ସାରୀଙ୍କ ମଧୁର ଉଚ୍ଚାରଣ ଶୁଣିବା ପରେ ମାନସିକ ପରିବର୍ତ୍ତନ କରି ମା ଲକ୍ଷ୍ମୀଙ୍କୁ ପ୍ରଣାମ କରି ଫେରି ଆସୁଥିଲେ । ଯେହେତୁ ସାଠାରେ ଶରୀରର ସଜୀବ ପ୍ରାଣମୂଳକ ଜଳଭାଗ ଯଥେଷ୍ଟ ଥିଲା । ଭୟଭୀତ ହେବା ପରିବର୍ତ୍ତେ ପୁଷ୍ପ କଳିକାଙ୍କ ପ୍ରଭାବ, ରଙ୍ଗ ବିରଙ୍ଗର ମାଳଭୂମି ସମୂହରେ ରହିଥିବା ଜୀବଜନ୍ତୁ ମାନଙ୍କୁ ରଚି ପ୍ରଦାନ କରି ପାରୁଥିଲା । ତୁମର ସେଠାରେ ଅନ୍ଧକାର ସମୟ କାଳରେ ସୁନ୍ଦର ଆଦରର ଶୀତଳତା ସ୍ମରଣକୁ ଆସି ଯାଉଥିଲା । ପୁଣି ସେଠାରେ ଆମିଷ ଭୋଜନ ହାନୀକାରକ ରୂପେ ପ୍ରମାଣ ରହିଛି ।

**ଶ୍ଳୋକ- ୬୩**

ହାରାବଳୀତରଳକାଞ୍ଚନକାଞ୍ଚିଦାମ ।
ମଞ୍ଜୀରକଙ୍କଣମଣିଦ୍ୟୁତିଦୀପିତସ୍ୟ ॥
ଦ୍ୱାରେନିକୁଞ୍ଜନିଳୟସ୍ୟହରିଂ ନିରୀକ୍ଷ ।
ବ୍ରୀଡ଼ାବତୀମଥସଖୀନିଜଗାଦରାଧାମ୍ ॥ ୬୩ ॥

ବଳବାନ୍ ହାତରେ ରତ୍ନର ହାର ବିଭିନ୍ନ ରଙ୍ଗ ବିରଙ୍ଗର ଥିଲା । ସୁବର୍ଣ୍ଣର ଅଳଙ୍କାର, ବେଶ୍ୟାଳୟ, କ୍ରିଡନକ କ୍ଷେତ୍ରରେ ଜୁଆ ଖେଳ ଇତ୍ୟାଦିରେ କ୍ଷେତ୍ର ସହାୟକ ନଥିଲା । କେବଳ ଶାନ୍ତି ପ୍ରକାଶ ଆଲୋକର କ୍ଷେତ୍ର ଥିଲା । ସେଠାରେ ଉଦ୍ଦିଷ୍ଟ ଥିବା ଲତା ଗୃହ ଗୁଡିକରେ ବସି ରହି ବାୟୁ ପ୍ରଭାବକୁ ଉପଭୋଗ କରୁଥିବା ସତ୍ୱେ ନିଜ ସଂରକ୍ଷଣରେ ଥିବା ସବୁଜତାକୁ ମଧ୍ୟ ନିରୀକ୍ଷଣ କରି ଆସୁଥିଲେ । ଆଲୋକ ଥିବା ସମୟରେ, କ୍ରୀଡାକୁ ମନ୍ଥନ କରି ମଧ୍ୟ ଆସୁଥିଲେ । ହେ ସଖି ! ଏତଦ୍ ବ୍ୟତୀତ ଯେ ସତଃ ସିଂହାସନ ଅଧିକାର କରି ମଧ୍ୟ ବାସ୍ତବ ମାୟାର ସମ୍ମୁଖୀନ ହୋଇ ଏ କ୍ଷେତ୍ରରେ ଆସୁଥିଲେ ।

**ଏକବିଂଶ ପ୍ରବନ୍ଧ**

ରାଗ- ବରାଡ଼ୀ, ତାଳ – ରୂପକ
ମଞ୍ଜୁତରକୁଞ୍ଜତଳକେଳିସଦନେ
ବିଳସ ରତିରଭସହସିତବଦନେ ।
ପ୍ରବିଶ ରାଧେ ! ମାଧବସମୀପମିହ ॥ ଧ୍ରୁବ ॥

ସୁନ୍ଦର ଲତାଗୃହରେ ଅବସର ନେବା ପରେ, ବ୍ରହ୍ମାଣ୍ଡରେ ପ୍ରାଦୁର୍ଭାବ ହୋଇ ରହି ଆସିଥିବା ଏହି ମୃତ୍ତିକା ଉପରେ କ୍ରୀଡ଼ା ଆରମ୍ଭ ହୋଇଥିଲା । ଭବନର କ୍ରୀଡ଼ା କ୍ଷେତ୍ରରେ ଆନନ୍ଦର ସହିତ ହର୍ଷ ପ୍ରଚଳିତ ଥିଲା । ହସ ହସ ବଦନରେ କ୍ରୀଡ଼ାଶୀଳ ବର୍ଦ୍ଧିତ ମଧ୍ୟ ପିଡ଼ିତ ଥିଲେ । ଏହା ହିଁ ବାସ୍ତବତାର ମାୟା ମାତୃତ୍ୱର ସଧବା ସାଧନା ସ୍ଥଳି । କ୍ଷେତ୍ର ସ୍ଥିତିକୁ  ଆଧାର କରି ସୂକ୍ଷ୍ମରୁ ସୂକ୍ଷ୍ମ ବିଚାରର ଆବଶ୍ୟକ । ଯାହାକି ସମିପରେ ପ୍ରମାଣିତ ହୋଇପାରି ବାସ୍ତବରେ ଥିଲା ।

ନବଭବଦଶୋକଦଳଶୟନସାରେ !
ବିଳସକୁଚକଳସ ତରଳ ହାରେ
ପ୍ରବିଶ ରାଧେ .... ॥ ୨ ॥

ଭବନର ନୂତନ କ୍ରିୟା ଉପରେ ବିଚାର କରାଯାଉ । ଦୀର୍ଘ ପ୍ରାପ୍ତ କଦଳୀ ଗଛ ପ୍ରାୟ ଶୋଇ ରହିଲାପରି ମର୍ତ୍ତ୍ୟ ଉପରେ ପଡ଼ି ରହିଥାନ୍ତି । ଶୁଭ କାର୍ଯ୍ୟରେ ପୁଣି ଚଞ୍ଚଳତାକୁ ପ୍ରାପ୍ତ ହୋଇ କୁମ୍ଭ ସମର୍ପଣରେ ପୀଡ଼ା ପାଇବା ପରେ ମଧ୍ୟ ଛିଡ଼ା ହୋଇଥାନ୍ତି । ଯେହେତୁ ଏପରି ଚଞ୍ଚଳ ହେବାରେ ପ୍ରତିକୃତି ବୃକ୍ଷ ଗୁଡିକରୁ ଜଣାଯାଏ । ତଥା ମୁକ୍ତାହାର ସଦୃଶ କୁମ୍ଭ ସମିପରେ ଦେଖାଯାଉଥାଏ । ଏହା ହିଁ ମାତୃତ୍ୱର ସଧବାତ୍ୱକୁ ବାସ୍ତବ ମାୟାର କାରଣ କୁହାଯାଇପାରେ ।

କୁସୁମଚୟରଚିତଶୁଚିବାସଗେହେ
ବିଳସକୁସୁମସୁକୁମାରଦେହେ ।
ପ୍ରବିଶ ରାଧେ ..... ॥ ୩ ॥

ସମୁଦାୟ ବନ୍ୟସ୍ତ ଝଡିପଡ଼ି ଥିବା ବୃକ୍ଷ କ୍ଷେତ୍ରସ୍ଥ ଫୁଲ ଅତି ପବିତ୍ର ଥିଲା । ଏପରିକି ବାସ ସଞ୍ଚୟରେ ଯେଉଁ ଫୁଲରେ କ୍ରିଡ଼ା ରଚନା କରାଯାଏ ସେଗୁଡିକ ଅତି କୋମଳ ସୁଗନ୍ଧ ଯୁକ୍ତ ଥିଲା । ଶରୀର ଯୁକ୍ତରେ ବାସ୍ତବ ଅତି ଶୋଭା ଜଣାଯାଉଥିଲା ।

ଚଳମଳୟପବନସୁରଭିଶୀତେ
ବିଳସ ରସରସିତଲଳିତଗୀତେ ।

ପ୍ରବିଶ ରାଧେ .... ।। ୪ ।।

ପବନର ଚଳପ୍ରଚଳ ଧାରା ବାହାକ ଥିଲା । ତାହା ପୁଣି ବସନ୍ତ ଋତୁ ଓ ଶୀତ ଋତୁ ସ୍ପର୍ଶରେ ଆସି ମଳୟ ପ୍ରଦାନ କରୁଥିଲା । ଉକ୍ତ ମଳୟ ପବନ କ୍ରୀଡ଼ା କଉତୁକକୁ ରସ ଯୋଗାଉଥିଲା । ପରିବେଶ ଆକର୍ଷିତ ଏପରି କରିପାରୁଥିଲା, ଯେପରି ହୀରାମାଳ ମଧ୍ୟରେ ମଣି ଥିଲାପରି ବୋଧ ହେଉଥିଲା, ଯାହା ବାସ୍ତବରେ ବର୍ଣ୍ଣିତ ହୋଇ ରହିଆସିଛି ।

ବିତତ ବହୁବଲ୍ଲିନବପଲ୍ଲବଘନେ ।

ବିଳସଚିରମଳସପୀନଜଘନେ ।।

ପ୍ରବିଶ ରାଧେ .... ।। ୫ ।।

ଏହି ବିସ୍ତୃତ କ୍ଷେତ୍ରରେ ଅଳ୍ପ ଦିନ ମଧ୍ୟରେ ଅନେକ ନୂତନ ଲତା ପ୍ରକଟ ହୋଇଥିଲା । ସେହି ଲତା ଗୁଡିକରେ ହର୍ଷ ଦ୍ୱାରା ନୂତନ ପତ୍ର ପଲ୍ଲବିତ ହୋଇ ଉଠିଥିଲା । ଆମୋଦ ପ୍ରମୋଦରେ ଦୀର୍ଘକାଳ ସ୍ଥାୟୀ ରହିଥିଲା । ସେଥିରେ ଥିବା ମଇଳା ସଫା ହୋଇନଥିଲା । ଯେହେତୁ କ୍ଷେତ୍ରଟି ଜଘନ ବା ମେରୁ ଅଞ୍ଚଳର ବାସ୍ତବତା ଅଟେ ।

ମଧୁମୁଦିତମଧୁପକୁଳକଳିତରାବେ ।

ବିଳସମଦନଶରସରସଭାବେ ।।

ପ୍ରବିଶ ରାଧେ .... ।। ୬ ।।

ମଧୂପ କୂଳ ବା ମହୁମାଛି ସଂପ୍ରଦାୟ ମହୁ ସଂଗ୍ରହ କରି ସଞ୍ଚୟ କଲାପରେ ସନ୍ତୋଷ ଅନୁଭବ କରୁଥିଲେ । ସେମାନେ ସନ୍ତୋଷ ହେବାପରେ ଧ୍ୱୃତ ଭାବରେ ଶବ୍ଦ କରୁଥିଲେ । ଆମୋଦପ୍ରମୋଦରେ ମଜ୍ଜି ରହୁଥିଲେ । ଯେପରି କାମଦେବ କାମତୀର ମଧୁର ଭାବେ ପ୍ରୟୋଗ କରି ବାସ୍ତବ ସନ୍ତୋଷ ପାଉଥିଲେ ।

ମଧୁରତରପିକନିକରନିନଦମୁଖରେ

ବିଳସଦଶନରୁଚିରୁଚିଚିରଶିଖରେ ।।

ପ୍ରବିଶ ରାଧେ .... ।। ୭ ।।

କାମନା ଶିଦ୍ଧ ସକାଶେ ଆସକ୍ତ ଥିବା ମଧୁ ପାଇଁ ମହୁମାଛିଙ୍କ ଯେପରି କନ୍ୟାଗଣ ଏକତ୍ରରେ ଶବ୍ଦକରି ଉଠନ୍ତି, ସେପରି ମଧୁରତ ପକ୍ଷୀଗଣ ବାଚାଳ ହୋଇଉଠିଥିଲେ । ଆମୋଦ ପ୍ରମୋଦ ଆଳରେ ଦଂଶନ କରି ସାକାର କରିବା ପାଇଁ ଅନୁରାଗର ଶୀର୍ଷକୁ ସ୍ପର୍ଶ କରେଇବାରେ ବାସ୍ତବ ସଫଳ ହୋଇଥିଲେ ।

ବିହିତ ପଦ୍ମାବତୀ ସୁଖସମାଜେ ।

ଭଣତି ଜୟଦେବ କବିରାଜରାଜେ ।

କୁରୁ ମୁରାରେ ମଙ୍ଗଳ ଶତାନି

ପ୍ରବିଶ ରାଧେ .... ।। ୮ ।।

କର୍ତବ୍ୟ ଦୃଷ୍ଟିରୁ ପଦ୍ମଲୋଚନ ଅସୁରକୁ ଯେପରି ସଂକୁଚିତ କରିଥିଲେ, ସେପରି ଦିବ୍ୟ ଗ୍ରନ୍ଥାକାର, ବା ରାଜମିସ୍ତ୍ରୀ ନିଜ ଇଚ୍ଛାରେ ପ୍ରସ୍ତୁତ କରି ରଖିଥିବା ବ୍ରହ୍ମାଣ୍ଡ ମଧ୍ୟରେ ଏହି କ୍ଷେତ୍ରକୁ ସମାଜକୁ ଅର୍ପଣ କରିଥିଲେ । ଆନନ୍ଦର ଆନନ୍ଦ ମଧ୍ୟରେ କ୍ଷେତ୍ର ଥିଲା । ସଳିତା ପରି ନଦୀଧାର ଗୁଡିକ ବାସ୍ତବରେ ସ୍ଥିରଥିଲା ।

ଶ୍ଳୋକ- ୬୪

ତ୍ୱାଂବିତେନ ଚିରଂ ବହନ୍ନୟମତିଶ୍ରାନ୍ତୋ ଭୃଶଂ ତାପିତଃ ।

କନ୍ଦର୍ପେଣ ଚ ପାତୁମିଚ୍ଛତି ସୁଧାସମ୍ବାଧ ବିମ୍ବାଧରମ୍ ।।

ତସ୍ୟାଙ୍କ ତଦଳଂକୁରୁ କ୍ଷଣମିହ ଭୃକ୍ଷେପ ଲକ୍ଷ୍ମ୍ୟାସ୍ତବ ।

କ୍ରୀତେଦାସଜନେଂପିସେବିତପଦାମ୍ଭୋଜେକୁତଃ ସମ୍ଭ୍ରମଃ ।। ୬୪ ।।

ସେହିଠାରେ ଯେଉଁ ଅନ୍ତଃକରଣ ରହିଛି, ସେହି ଅନ୍ତକରଣ ମଧ୍ୟରେ ଥିବା ଅନ୍ତଃକରଣକୁ ଗ୍ରହଣ କରିବା ଉଚିତ୍ । ଯେହେତୁ ଖିନ୍ନ ହୋଇ ପଡିରହିଥିବା ଜ୍ଞାନ ପୁନଃ ଶକ୍ତିଶାଳୀ ହୋଇ ଉଠିବ । ଯମୁନା ନଦୀ ଧାର ଗୁଡିକ ପୁନଃ ଶେୟସ୍କର ହୋଇପଡିବ । କ୍ଷେତ୍ର ସମୁଦାୟକୁ ଚିହ୍ନଟ କରି କନ୍ଦର୍ପଗଣ ବା ଯେଉଁମାନେ ଏଠାର ଅନିଷ୍ଟ ଚିନ୍ତକ ବୃଦ୍ଧ ଖବର ପାଇଁ ଅମୃତ ପାନ କରିବାକୁ ଆସିବେ । ଯାହାଙ୍କ ରକ୍ତବର୍ଣ୍ଣର ଅଧର ସେହିଠାରେ ପର୍ଯ୍ୟାପ୍ତ କର୍ତବ୍ୟ ପାଳନ କରି ପୁନଃ ସେ କ୍ଷେତ୍ରକୁ ଚିହ୍ନଟ କରି ପାରିବେ । ସମୟ ଅକ୍ଷରକୁ ଖାତିରି ନକରି ମା ଲକ୍ଷ୍ମୀଙ୍କ ସ୍ତବ ଗାୟନ କରି ଚାଲିଥିବ । ଲକ୍ଷ୍ମୀ ଦେବୀଙ୍କ ପ୍ରଶସ୍ତି ଗାନ କରି ଦାସ ଜନେ

ସେବା କରି ଚାଲିଥିବେ । ସମ୍ଭବତଃ ଦାତା ପଣେ ପ୍ରକାଶିତ ହୋଇ ଉଠିବେ । ସପସ୍ୟା କରି ଏପରି ପ୍ରଭାବ ସୃଷ୍ଟି କରିପାରିବେ । ଯଦ୍ୱାରା ପୁନଃ ସେଠାରେ ପଦ୍ମ ଫୁଟି ଉଙ୍କିବ । କେଉଁଠାରୁ ହେଲେ ଶକ୍ତି ପ୍ରଭାବକୁ ଅଣାଇ ସେଠାରେ ବ୍ୟବସ୍ଥା ସୁଦୃଢ଼ କରାଇବ ।

ଶ୍ଲୋକ- ୬୫

ସା ସସାଧ୍ୱସସାନନ୍ଦା ଗୋବିନ୍ଦେ ଲୋଳ ଲୋଚନା ।
ସିଞ୍ଜାନାମଣିମଞ୍ଜୀରଂ ପ୍ରବିବେଶ ନିବେଶନମ୍ ।। ୬୫ ।।

ମଳୟ ପର୍ବତ ଯୁକ୍ତ ସମୁଦାୟ ମୃତିକା ମୟରେ ଆନନ୍ଦର ସହ ସେଠାରୁ ଉର୍ଦ୍ଧ୍ୱରେ ଥିବା ମଧ୍ୟରେ ବିନ୍ଦର ଦୃଶ୍ୟାଂଶ କ୍ଷେତ୍ରରେ ସଦ୍‌ଜ୍ଞାନ, ବହୁ ମୂଲ୍ୟବାନ, ମୁକ୍ତା ତୁଲ୍ୟ ସମ୍ପଦର ପଲ୍ଲବାଙ୍କୁରର ପ୍ରବେଶ ହୋଇ ରହି ଆସିଛି । ଏବଂ ଏସମସ୍ତ ପ୍ରକାର ଦାଖଲ ହୋଇ ଏଠାରୁ ହିଁ ପ୍ରକାଶ ପାଇ ଆସିଛି । ପୁନଃ ବିକଶିତ ହେବା ସନ୍ଧାନ ମିଳୁଛି ।

**ଦ୍ୱାବିଂଶ ପ୍ରବନ୍ଧ**

ରାଗ – ବରାଡ଼ୀ, ତାଳ- ରୂପକ

ରାଧାବଦନବିଲୋକନବିକସିତବିବିଧବିକାରବିଭଙ୍ଗମ୍
ଜଳନିଧିମିବବିଧୂମଣ୍ଡଳଦର୍ଶନତରଳିତତୁଙ୍ଗରଙ୍ଗମ୍ ।।
ହରିମେକରସଂ ଚିରମଭିଳଷିତବିଳାସଂ ।
ସା ଦଦର୍ଶଗୁରୁହର୍ଷବଶୟଦବଦନମନଙ୍ଗ ନିବାସମ୍ ।। ଧ୍ରୁବ ।।

କ୍ଷେତ୍ରର ମୁଖ ଦର୍ଶନରୁ ହିଁ ବାସ୍ତବ ମାୟାର ଲୀଳା ଜଣାଯାଏ । ବିଭିନ୍ନ ବିକାରର ବିଭିନ୍ନ ପ୍ରକାରର ଭାବ ପ୍ରକାଶିତ ହେଉଥାଏ । ସାଗର ଯେପରି ଚନ୍ଦ୍ରବିମ୍ବ ପ୍ରଭାବରେ ତେଜିୟାନ୍ ହୋଇ ବାରମ୍ବାର ରୂପ ପରିବର୍ତନ କରୁଥାଏ । ନିରିଖେଇ ଦର୍ଶନରୁ ଜ୍ଞାତ ହୁଏ ଯେପରି ଅଚ୍ୟୁତ ଆକାଶ ରଣସ୍ଥଳରେ ବଦଳି ଯାଇଛି । ଖାଦକ ଛେଳି ଦୀର୍ଘ କାଳ ଧରି ସବୁଜ ଖାଦ୍ୟରୁ ବଞ୍ଚିତ ହୋଇ, ପୁନଃ ପ୍ରାପ୍ତପରେ ତା ମନରୁ ଯାହା ଜଣାଯାଏ ସେପରି କ୍ଷେତ୍ର ବାସଂ ଆମାବାସ୍ୟା ରାତ୍ରକୁ ନ ଭୟ କଲାପରି ହର୍ଷରେ କ୍ଷେତ କରିବା ସତ୍ୱେ ଛାଗ ବଶବର୍ତୀ ହୋଇ ବିନାଶ କରିବା ପାଇଁ ପଛାଇ ନଥାଏ । ଯେପରି, ସେପରି ସଇଚ୍ଛାରେ ନିଜ ଶରୀର ଅଙ୍ଗକୁ ଭାରି ଓଜନର ସହିକ ପରିବର୍ତନ କଲାପରି କ୍ଷେତ୍ର ପରିବେଶ ପରିବର୍ତନ ମୁଖରେ ଲାଗି ରହିଥାଏ । ଅର୍ଥାତ୍ ଛାଗଙ୍କ ପାଗଳ ପରି ହରିରସ ଚରି ଚାଲିଥାଏ ।

ହାରମମଳତରତାରମୁରସି ଦଧତଂ ପରିରଭ୍ୟ ବିଦୂରଂ ।
ସ୍ଫୁଟିରଦଫେନକଦମ୍ବକରୟିତମିବଯମୁନାଜଳପୂରମ୍ ।
ହରିମେକରସଂ ..... ।। ୨ ।।

ମୋର ଏହି କ୍ଷେତ୍ରରେ ଲତାମାନଙ୍କ ପ୍ରଭାବ ଥିଲା । ଚାରିଆଡ଼େ ଗଳା ମାଳି ହାରପରି ଜଣାଯାଉଥିଲା । ଲତାଗୁଡିକ ମାଳିଥିବା ସତ୍ୱେ ମୁର୍ଚ୍ଛା ଗଲାପରି ପଡିରହିଥିଲା । ଯେପରିକି କିଏ ହତ୍ୟା କରି ଲମ୍ବରେ ପାଖରେ ପକାଇ ପଳାଇଛି । ସେହି ଦିନୁ ଫୁଟି ଉଠିଥିବା କଦମ୍ବ ବୃକ୍ଷ ଗୁଡିକ ପ୍ରଚଳିତ ରହିଛି । ଏପରି ମିଶ୍ରିତରେ ଲତା ଓ କଦମ୍ବ ସେହି ଯମୁନା ଜଳରେ ପ୍ରଭାବ ବିସ୍ତାରି ପୁରଗତ ରହିଆସି ଥିବା ଆଗୁଆ ଜଣାଯାଉଥିଲା ।

ଶ୍ୟାମଳମୃଦୁଳକଳେବରମଣ୍ଡଳମଧିଗତଗୌରଦୁକୁଳମ୍ ।
ନୀଳନଳିନମିବପୀତପରାଗପଟଳଭରବଳୟିତମୂଳମ୍
ହରିମେକ ରସଂ .... ।। ୩ ।।

କ୍ଷେତ୍ର ସଭାବ ଧିର ତଥା ବର୍ଣ୍ଣରେ ଶ୍ୟାମଳ ଥିଲା । କ୍ଷେତ୍ରରେ ଉଭୟ ସୀମା ମଧ୍ୟରେ ଥିବା ମଧ୍ୟାଞ୍ଚଳରେ, ବୃତ୍ତାକାରରେ ଚନ୍ଦ୍ର ବିମ୍ବ ପଡୁଥିଲା । ରହି ଆସିଥିବା ଜଳ ରାଶି ମଧ୍ୟରେ ଜୀବ ଜନ୍ତୁଙ୍କ ପ୍ରଚଳନ ଥିଲା । ଏବଂ ଜଳର ଶୁଭ୍ରତା ନଷ୍ଟ ହୋଇନଥିଲା । କ୍ଷେତ୍ର ଆବରଣ ମଧ୍ୟରେ ପୁଷ୍ପଲତା ପ୍ରଭାବରେ ହଳଦିଆ ଆବରଣ ଉତ୍ପତି ହେଉଥିଲା । କ୍ଷେତ୍ରାକୃତି ଆରମ୍ଭରୁ ହିଁ ଏପରି ଆବରଣରେ ରହିଥିଲା ଆଗୁଆ ଜଣାଯାଉଥିଲା ।

ତରଳଦୃଗଞ୍ଚଳବଳନମନୋହରବଦନଜନିତରତିରାଗଂ ।
ସ୍ଫୁଟକମନୋଦରଖେଳିତଖଞ୍ଜନଯୁଗମିବଶରଦିତଡାଗମ୍
ହରିମେକ ରସଂ ..... ।। ୪ ।।

ଅତୀତରୁ ଆଦରିତ ଭାବରେ ଜଳସ୍ରୋତ ଗୁଡ଼ିକ ତଞ୍ଚଳ ଦୃତ ଭାବରେ ସରୋବର ଆଡ଼କୁ ମୁହାଁଇ ଚାଲିଥିଲେ । କାର୍ଯ୍ୟକାରି ଅତି ମନୋହର ଥିଲେ, ସରୋବର ମୁଖପରି ଥିବା କ୍ଷେତ୍ରରେ ଆନନ୍ଦର ଆନନ୍ଦ ହିଁ ଥିଲା । ଯେହେତୁ ସେଠାରେ ବିସ୍ତାରିତ ଭାବରେ ଜଳ ପଡୁଥିଲା । କଜଳପାତିଆ ପକ୍ଷୀ ପ୍ରବଳ ଆସୁଥିଲେ । କାଳ ପ୍ରଚଳିତ କ୍ରମର ଚଞ୍ଚଳ ପରିବର୍ତ୍ତନରେ ସରୋବର ସମର୍ପି ହୋଇ ଚାଲିଥିବା ଆଗୁଆ ଜଣାଯାଉଥିଲା ।

ବଦନକମଳପରିଶୀଳନମିଳିତ

ମିହିରସକୁଣ୍ଡଳଶୋଭମ୍ ।

ସ୍ମିତରୁଚିରୁଚିରସମୁଲ୍ଲସିତାଧର

ପଲ୍ଲବକୃତରତିଲୋଭମ୍ ॥

ହରିମେକରସମ୍ .... ॥ ୫ ॥

କ୍ଷେତ୍ର ସମୁଦାୟର ମୁଖ ମଣ୍ଡଳ, ପଦ୍ମପରି ପ୍ରଭାବରେ ଥିଲା । ସେଥିରେ ପଞ୍ଚଭୁତ ମିଳନର ପରିବେଶ ଥିଲା । ସମସ୍ତ ଭୁତ ସମ ଭାବରେ ପ୍ରଭାବ ବିସ୍ତାର କରିଥିଲେ । ଏବଂ କୁଣ୍ଡଳ ପରି ଥିଲେ । ପୁଷ୍ପଭରା କ୍ଷେତ୍ର ସମୁଦାୟ ଥିଲା । କୋମଳ ପତ୍ର ସହିତ ପୁଷ୍ପଦୁଡିକ ପ୍ରକାଶତି ହୋଇ ପାରିଥିବା କାରଣରୁ କ୍ଷେତ୍ର ଲୋଭାୟିତ ଥିଲା । ହାସ୍ୟମୟ ଆନନ୍ଦ ପ୍ରକାଶ କରାଇ ମନକୁ ପ୍ରସନ୍ନ କରାଉଥିବା ଆଗୁଆ ଜଣାଯାଉଥିଲା ।

ଶଶିକିରଣଚ୍ଛୁରିତୋଦରଜଳଧର

ସୁନ୍ଦରକୁସୁମସୁକେଶମ୍ ।

ତିମିରୋଦିତବିଧୁମଣ୍ଡଳନିର୍ମଳ

ମଳୟଜତିଲକନିବେଶମ୍ ।

ହରିମେକ ରସମ୍ .... ॥ ୬ ॥

ଚନ୍ଦ୍ରଙ୍କ ରଶ୍ମି ଆକାଶରେ ବ୍ୟାପ୍ତ ହେବାପରେ ବ୍ରହ୍ମାଣ୍ଡର ଆଭ୍ୟନ୍ତରଣୀୟ ପରିବେଶ ମଧ୍ୟରେ ପ୍ରବେଶ କରିଥିଲା । ସୁ ଆକାଶରେ ଅନ୍ଧାର ହେବା ପୂର୍ବରୁ ଚନ୍ଦ୍ର ମଣ୍ଡଳ ନିର୍ମଳ ଥିଲା । ମନୋହର ମେଘ ମଧ୍ୟରେ କେବଳ ଚନ୍ଦ୍ର ଶ୍ରେଷ୍ଠ ପରି ଜଣାଯାଉଥିଲା । ଏବଂ ଗୋଟିଏ ପୁଷ୍ପ ପରି ଦେଖାଯାଉଥିଲା । ସେଠାରେ ଅନ୍ଧାର ହେବା ପୂର୍ବରୁ ଚନ୍ଦ୍ର ଉଦୟ ହୋଇ ନିଜ ରଶ୍ମିକୁ ବ୍ରହ୍ମାଣ୍ଡ ଗର୍ଭରେ ନିବେଶ କରାଉଥିଲେ । ଆଗୁଆ ଜଣାଯାଉଥିଲା ।

ବିପୁଳପୁଲକଭରଦନ୍ତରିତଂରତିକେଳିକଳାଭିରଧୀରମ୍ ।

ମଣିଗଣକିରଣସମୁହସମୁଜ୍ଜଳଭୂଶଣସୁଭଗଶରୀରମ୍ ।

ହରିମେକରସମ୍ ..... ॥ ୭ ॥

ବ୍ରହ୍ମାଣ୍ଡ ପରିବେଶର ଏହି କ୍ଷେତ୍ରରେ ଆଧାତ୍ମିକ ଭୟ ଧିରେ ଧିରେ ବୃଦ୍ଧି ହେବାର ଲାଗିଥିଲା । ତଦ୍ୱାରା ଏହି ମହତ୍ୱପୂର୍ଣ୍ଣ ଅସମତଳ କ୍ଷେତ୍ର ସମତଳ ହୋଇପାରିଥିଲା । ତଦ୍ୱାରା ରୋମାଞ୍ଚକାର ହର୍ଷ ଭରି ଯାଇଥିଲା । ପରିହାସପୂର୍ଣ୍ଣ ରୋମାଞ୍ଚ କ୍ରୀଡାର ଉତ୍ପତି ହୋଇପାରିଥିଲା । ପ୍ରତ୍ୟେକ କ୍ରୀଡ଼ା ମୁକ୍ତା ପରି ରଶ୍ମି ପ୍ରଦାନ କରୁଥିଲା । ଏବଂ ସେହି ରଶ୍ମି ସମଭାବରେ ବିତରଣ କରି ଶ୍ରେଷ୍ଠ ବୋଲାଇ ପାରିଥିଲା । ପ୍ରତ୍ୟକ୍ଷ୍ୟରେ କ୍ଷେତ୍ର ବିମଣ୍ଡିତ ହୋଇପାରିଥିଲା । ସବୁଜ ଜଣାଯାଉଥିଲା ।

ଶ୍ରୀଜୟଦେବଭଣିତବିଭବେନଦ୍ୱିଗୁଣୀକୃତଭୂଷଣଭାରମ୍ ।

ପ୍ରଣମତହୃଦିବିନିଧାୟ ହରିଂଭବଜଳସୁକୃତୋଦୟସାରମ୍

କ୍ଷେତ୍ରାଞ୍ଚଳର ଜଘନ ସ୍ଥଳିକେ ଗୋଟିଏ ଗର୍ତ୍ତଥିଲା । କାଳକ୍ରମେ ଗର୍ତ୍ତ ଦ୍ୱିଗୁଣ ପରିମାଣକୁ ବୃଦ୍ଧି ପାଇଥିଲା । ନିଜ ହୃଦୟର ବିନୟ ଭାବ କାରଣରୁ ପୃଥିବୀର ଭୂଷଣ କ୍ଷେତ୍ର ରୂପେ ପରିଚୟ ଦେଉଥିଲା । ଭକ୍ତି ଧ୍ୟାନରେ ଏହି ପରମ କ୍ଷେତ୍ରରେ ସର୍ବଦା ଉତ୍ତମ କାର୍ଯ୍ୟରେ ଥିଲା ସାର ରୂପେ କୃପା । ପ୍ରଥମ ସବୁଜ ଉତ୍ପତି କ୍ଷେତ୍ର ରୂପେ ଦିବ୍ୟ ଗ୍ରନ୍ଥର ସମୃଦ୍ଧିର ପରିଚୟ ପ୍ରସ୍ତୁତି ହୋଇ ରହିଆସିଛି । ସବୁଜ ଜଣାଯାଉଥିଲା ।

ଶ୍ଲୋକ- ୬୬

ଅତିକ୍ରମ୍ୟାପାଙ୍ଗ ଶ୍ରବଣପଥପର୍ଯ୍ୟନ୍ତଗମନ

ପ୍ରୟାସେନୈବାକ୍ଷ୍ଣୋସ୍ତରଳତରତାଂପତିତୟା ।

ଇଦାନୀଂରାଧାୟାଃପ୍ରିୟତମସମାଲୋକସମୟେ

ପପାତେସ୍ୱେଦମ୍ବୁପ୍ରସରଇବ ହର୍ଷାଶ୍ରୁନିକରଃ ॥ ୬୬ ॥

କ୍ଷେତ୍ର ଅନାଦର, ଅପାଙ୍ଗ ହେବା ଶୁଣିବା ପରେ, ଏହି ପର୍ଯ୍ୟନ୍ତ ମାର୍ଗରେ ଯାତ୍ରା କରିଥିଲେ । ଅବସାନ ହେବା ଦେଖି କ୍ଷଣଟିଏ ମଧ ନଷ୍ଟ ନକରି ତାର ଉତ୍କୃଷ୍ଟ ପରିଚଳନ ହୋଇ ଆସୁଥିଲା । ବର୍ତ୍ତମାନର ମାୟା ରୂପକ ବାସ୍ତବ ଗୁଡିକ ଅତିପ୍ରିୟ ଏଠାରେ ହୋଇ ପଡ଼ିଥିଲା । ସମାନ ଆଲୋକର ପ୍ରଭାବ ଥିବା ସମୟରେ ବାୟୁ ରକ୍ଷକ ହୋଇ ରହିଥିଲା । ଯେପରି ଜଳ ସହିତ ସେଦକୁ ତୁଳନା କରାଯାଏ, ଯେଉଁ ସମୟେ ସାମାନ୍ୟ ଅଗ୍ରସରରେ ହର୍ଷଯାତ ହେଉଥିଲା, ଆଜି ସେହି କ୍ଷେତ୍ରରେ କେବଳ ଅଶ୍ରୁ ପରିଜଳ ସମୁହ ଦେଖିବାକୁ ମିଳେ ।

**ଶ୍ଳୋକ – ୬୭**

ଭଜନ୍ତ୍ୟାସ୍ତଲ୍ଲାନ୍ତଂ କୃତକପଟକଣ୍ଡୁତିପିହିତ
ସ୍ମିତେଜାତେଗେହାଦବହିରବହିତାଳୀପରିଜନେ ।
ପ୍ରିୟାସ୍ୟଂପଶ୍ୟନ୍ତ୍ୟାଃ ସ୍ମରଶରବଶାକୂତସୁଭଗଂ ।
ସଲଜ୍ଜାଲଜ୍ଜୈବବ୍ୟଗମଦିବଦୂରଂମୃଗଦୃଶଃ ।। ୬୭ ।।

କ୍ଷେତ୍ର ତରଳ ବା ଜଳାର୍ଣ୍ଣବ ଥିଲା । କ୍ଷେତ୍ରର କୃତକାର୍ଯ୍ୟ ଅନ୍ତ ହେବା ପରେ ମଧ ସମାପ୍ତକୁ ଭଜନ କରିବା ଉଚିତ୍ ଥିଲା । କ୍ଷେତ୍ର ପ୍ରତି ଅତି ଚତୁରତା ସହ କୁଣ୍ଡିଆ ପରି ପ୍ରଭାବ ଆଚ୍ଛାଦିତ ହୋଇ ପାରିଥିଲା । ସେହି ଗୃହର ବିସ୍ତାରିତ ଅଞ୍ଚଳରେ ହାସ୍ୟରୁ ଜାତ ହୋଇଥିବା ତଥା ବାହ୍ୟଜନ୍ତୁଙ୍କ କରତାଳି ଶବ୍ଦ ପରିବାରର ସମୁହେ ଶୁଣିପାରିଥିଲେ । ନିଜ ଆଦର କ୍ଷେତ୍ରରେ କିଛି ଅଂଶରେ ଜଳର ପ୍ରବେଶ ପରେ ସମୁହେ ଅତୀତରେ ବିଭିନ୍ନ ପକ୍ଷୀଙ୍କ ଶ୍ୱରଧ୍ୱନୀ, ଲଜ୍ଜା ଜନିତ ମଙ୍ଗଳ ପ୍ରାର୍ଥନା ବିଚାର କରିଥିଲେ । କିନ୍ତୁ ଦୂରରେ ମୃଗ ଗୋଠର ଦୃଶ୍ୟ ଦେଖି ସାମାନ୍ୟ ଆଶ୍ୱସ୍ତି ଲାଭ କରିଥିଲେ ।

**ଦ୍ୱାଦଶ ସର୍ଗ**

**ଶ୍ଳୋକ- ୬୮**

ଗଚ୍ଛବତିସଖୀବୃନ୍ଦେଽମନ୍ଦତ୍ରପାଭରନିର୍ଭର
ସ୍ମରଶରବଶାକୂତସ୍ପୀତସ୍ମିତସ୍ନପିତାଧରମ୍ ।
ସରସମନସଂଦୃଷ୍ଟାରାଧାଂମୁହୁର୍ନବପଲ୍ଲବ ।
ପ୍ରସବଶୟନେ ନିକ୍ଷିପ୍ତାକ୍ଷୀମୁବାଚହରିଃପ୍ରିୟାମ୍ ।। ୬୮ ।।

ହେ ସହଚରୀ ବୃନ୍ଦ ! ପୂର୍ବ, ବଳିତାର ଉତ୍ତମ କଥା କହିବାକୁ ଲଜ୍ଜା ଆଶ୍ରୟରେ ଭରିବା ପରି ବୋଧ ହେଉଛି । ବିଚାର କର, ତୀର ବଶା ପରିମାଣ ଗଣିବାକୁ ହସ ଲାଗୁଛି । ଯେଉଁ କ୍ଷେତ୍ରରେ ଧର୍ମର ପବିତ୍ରତା ମନଜ୍ଞାନରେ ରସଯୁକ୍ତ ହୋଇ ଉଠୁଥିଲା, ସେହି କ୍ଷେତ୍ର ଆଜି ବାସ୍ତବ ମାୟାର ପ୍ରଭାବରେ ଆସି ମୂର୍ଚ୍ଛିତ ହୋଇ ପଡ଼ିଛି । ଜନ୍ମ ପରେ ଶିଶୁ ଯେପରି ଶୋଇ ରହିଲା ପରି ରହେ ସେପରି ନୂତନ ପଲ୍ଲବର ପ୍ରଥା ଜଣା ଯାଉଛି । ଶାସନ କ୍ଷେତ୍ରରେ ଫୋପାଡ଼ିଲା ପରି ବଚନ ପ୍ରଭାବ ଏହି କ୍ଷେତ୍ରରେ ବନ୍ଧନ ପରି ହୋଇଛି । ଯେହେତୁ ଆଦରର ତଥା ଆଗ୍ରହର ସବୁଜତା ଆଉ ଦେଖିବାକୁ ଏଠାରେ ମିଳେ ନାହିଁ ।

**ତ୍ରୟୋବିଂଶ ପ୍ରବନ୍ଧ**

ରାଗ- ବିଭାସ, ତାଳ – ଏକତାଳି

କିଶଳୟଶୟନତଳେ କୁରୁ କାମିନି ! ଚରଣନଳିନବିନିବେଶମ୍ ।
ତବ ପଦପଲ୍ଲବବୈରିପରାଭବମିଦମନୁଭବତୁସୁବେଶମ୍ ।
କ୍ଷଣମଧୁନା, ନାରାୟଣମନୁଗତମନୁସର ରାଧିକେ ।। ଧ୍ରୁବ ।।

ରଚନାକାର ରଚନାର ଅୟମାରମ୍ଭରେ କ୍ଷେତ୍ର ପ୍ରସ୍ତୁତ କରିଥିଲେ । ସ୍ୱୟମ୍ଭୁବମନୁଙ୍କ ମନ୍ୱନ୍ତର ଆରମ୍ଭ ପୂର୍ବରୁ କ୍ଷେତ୍ରଟି ନବ ପଲ୍ଲବ ଧାରଣ କରି ଶୋଇ ରହିବା ପରି ରହିଥିଲା । କର୍ତ୍ତବ୍ୟ ଦୃଷ୍ଟିରୁ ଚରଣ ରୂପକ ନିମ୍ନ କ୍ଷେତ୍ରରେ ଜଳ ସମୁଦାୟ ବିନୟ ବେଶ ଧାରଣ କରି ରହିଥିଲା । ନବ ପତ୍ର ଉଦୟ ହେବା ପରି କ୍ଷେତ୍ର ଉଦୟ ହୋଇଥିଲା । ଆଜି କିନ୍ତୁ ପରିବେଶର ବୈରିତା ପ୍ରକୃତିର ତିରଷ୍କାରକୁ ଗ୍ରହଣ କରିସାରିଛି । ସ୍ୱୟମ୍ଭୁବ ମନୁଙ୍କ ସମୟରେ ତୁମେ ଉତ୍ତମ ଆକାରର ବେଶରେ ଥିଲ । କର୍ତ୍ତବ୍ୟ ଦୃଷ୍ଟି କାରଣରୁ ସମସ୍ତ ଜଳ ତବ ଚରଣ ଧୌତ କରି ଚାଲିଥିଲେ । ମର୍ତ୍ତ୍ୟ ସମୁହ ତୁମର ସ୍ନିଗ୍ଧ ତଥା ମନୋହର ଥିଲା । ଅୟନର ଏହି ଚରଣ କ୍ଷେତ୍ର ଖାରିଜଳର ପ୍ରଭାବରେ ଥିଲା । ମନୁଙ୍କ ମନ୍ୱନ୍ତର ମୁହୁର୍ତ୍ତରୁ ବାସ୍ତବ ମାୟାର ( ରାଧାଙ୍କ) ପ୍ରକଟ ହୋଇ କ୍ଷେତ୍ର ରହିଆସିଛି ।

କରକମଳେନକରୋମିଚରଣମହମାଗମିତାସି ବିଦୂରମ୍ ।
କ୍ଷଣମୁଶୟନୋପରିମାମିବନୂପୁରମନୁଗତି ଶୁରମ୍
କ୍ଷଣମଧୁନା .... ।। ୨ ।।

କର୍ତ୍ତବ୍ୟ ଦୃଷ୍ଟିରୁ କ୍ଷେତ୍ର ମୌଳିକତା ଅତି ମୂଲ୍ୟବାନ ଥିଲା । ସୃଷ୍ଟି କର୍ତ୍ତବ୍ୟ ରତ ଦୃଷ୍ଟିରୁ ମୋର ଚରଣରେ ନିଜ କର କମଳରେ କାର୍ଯ୍ୟ କରିଥିଲା । ତଦ୍ୱାରା ଭୂମାତା ଆଗ୍ରହ ପ୍ରକାଶ କରି ଅସୀ ସରୂପ ଅମୃତ ପ୍ରଦାନ ଏଠାରେ କରିଥିଲେ । ବିଶେଷ ଦୂର ନଥିବା ସ୍ଥଳରେ ନୂପୁର ଶବ୍ଦ ଶୁଣା ଯାଇଥିଲା । ସେଇ ସମୟରେ ଶୋଇ ରହିଥିବା ମଳୟ ଜାଗ୍ରତ ହୋଇ ଉଠିଥିଲା । ନୂପୁର ଶବ୍ଦ ଚାରିଆଡ଼େ ପ୍ରସାରିତ ହୋଇ ପାରିଥିଲା । ଅତୀତରେ ସ୍ୱୟଂମ୍ଭୁବ ମନୁ ଯେପରି ସୁରଙ୍କୁ ସହଯୋଗ କରି ଆସୁଥିଲେ । ସେପରି ସମୟ ଅତିବାହିତ ହେଉଥିଲା ।

ବଦନସୁଧାନିଧିଗଳିତମମୃତମିବରଚୟବଚନମନୁକୂଳମ୍ ।
ବିରହମିବାପନୟାମି ପୟୋଧରରୋଧକମୁରସି ଦୂକୁଳମ୍
କ୍ଷଣମଧୁନା .... ॥ ୩ ॥

କ୍ଷେତ୍ରମୁଖ ଅମୃତ ତଥା ଭୂଗର୍ଭସ୍ଥ ଅସ୍ୱାମିକ ସମ୍ପତିର ଦ୍ୱାର ଅଟେ । ତୃଟି ହେବା କାରଣରୁ ଚଳିତ ମର୍ମ କ୍ଷେତ୍ରରେ ମନ୍ୱନ୍ତର ଆରମ୍ଭରୁ କଥା ରହିଆସିଛି । ମନୁ ଦେବଙ୍କ ପରମ୍ପରା ଏଠାରେ ପ୍ରଚଳିତ ହୋଇ ରହି ଆସିଛି । ପରମ୍ପରା ବିଛେଦ କାରଣ ଯୋଗୁଁ କ୍ଷେତ୍ର ଚାଳନା ଅସହାୟ ହୋଇ ପଡ଼ିଛି । ସାଗର ତୁଲ୍ୟ ଜଳ ଦୃଶ୍ୟ ଦେଖିବାକୁ ମିଳୁଛି । ଯେପରି ମୁରାସୁରର ଖଣ୍ଡା ଅର୍ଦ୍ଧଚନ୍ଦ୍ରାକାର ସେପରି ଦୃଶ୍ୟର ଉଭୟକୂଳ ଦେଖିବାକୁ ମିଳୁଛି ।

ପ୍ରିୟପରିକମ୍ପଣ ରଭସବଳିତମିତି ପୁଲକିତମନ୍ୟଦୁରାପମ୍ ।
ମଦୁରସିକୁଚକଳଶଂବିନିବେଶୟ ଶୋଷୟମନସିଜତାପମ୍ ॥
କ୍ଷଣମଧୁନା .... ॥ ୪ ॥

କ୍ଷେତ୍ର ଅତି ଆଦରର ଥିଲା । ଯେପରି ଅପସରା ପରୀଙ୍କ କ୍ରୀଡ଼ା କ୍ଷେତ୍ରସ୍ଥଳି ଥିଲା । କ୍ଷେତ୍ର ସମୁଦାୟ ପ୍ରଖର ଶ୍ଳଥଚର୍ମ ଯୁକ୍ତ ପରିବେଶ ଚଳନ କାରଣରୁ ଜଳବାୟୁ ଜ୍ଞାନ ଅଚି ଉଲ୍ଲସିତ ତଥା ଶୋଭାମୟ ଏଠାରେ ଥିଲା । ବର୍ତ୍ତମାନ କ୍ଷେତ୍ର ସ୍ଥିତି ଅସାଧ ହେଲେ ମଧ ପିତୃତ୍ୱ ପ୍ରଭାବରେ ମସ୍ତିମୟ ଅଟେ । ଏଥକୁ ନେଇ କ୍ଷେତ୍ର ଭରସି କୁମ୍ଭ ତୁଲ୍ୟ କ୍ଷେତ୍ରରେ ନିମ୍ନକୁ ଦୃଶ୍ୟର ତ୍ୟାଗ କଲାପରି ଜଣାଯାଏ । ଜଳ ସମୁଦାୟକୁ ଯଦି ଶୋଷଣ କରାଯାଇ ପାରିବ ତେବେ କ୍ଷେତ୍ର, ଉଷ୍ଣତା ପ୍ରାପ୍ତ ହୋଇ କନ୍ଦର୍ପ ପରି ଦେଖାଯିବ ।

ଅଧରସୁଧାରସମୁପନୟଭାମିନି ! ଜୀବୟମୃତମିବ ଦାସମ୍ ।
ତ୍ୱୟିବିନିହିତ ମନସଂ ବିରହାନଳ ଦସାବପୁଷମବିଳାସମ୍ ॥
କ୍ଷଣମଧୁନା .... ॥ ୫ ॥

କ୍ଷେତ୍ରର ଉପର ସ୍ଥଳି ଅଦ୍ଭୁତ ତୁଲ୍ୟ ସାର ଅଟେ । ଏବଂ ବାୟୁର ଅଭାବ ଜଣାଯାଏ । କାମିନୀ ସହ ସମୁହପ୍ରାଣୀ ମୃତ ତୁଲ୍ୟ ଚଳନ ଜଣାଯାଇଥିଲା ତଥାପି ଗୃହରୂପେ ପରିଚୟ ଦେଉଥିଲା । ନଇଁକରି ସେଠାର ହିତ ସକାଶେ ମନ ମଧ୍ୟରେ ଅନୁଭବ କଲେ ବିଛେଦ ପରେ ଅଗ୍ନିରେ ଦଗ୍ଧ ହେଲାପରି ଲାଗୁଥିଲା । ଶରୀର ବିକଳ୍ପକୁ ନଷ୍ଟ କରି କେବଳ ଆନନ୍ଦ ପ୍ରମୋଦରେ ମଜ୍ଜି ରହିବାପରି ଅନୁଭବ ଏଠାରେ ହେଉଥିଲା ।

ଶଶିମୁଖି ! ମୁଖରୟ ମଣିରଶନାଗୁଣମନୁଗୁଣ କଣ୍ଠ ନିନାଦମ୍ ।
ମମଶ୍ରୁତିଯୁଗଳେ ପିକରବବିକଳେ ଶମୟ ଚିରାଦବସାଦମ୍ ॥
କ୍ଷଣମଧୁନା ... ॥ ୬ ॥

ଚନ୍ଦ୍ରମୁଖି କ୍ଷେତ୍ରର ମୁହଁ ଭାଗରେ ଅହରହ ସ୍ରୋତ ଲାଗିରହିଥିଲା । ସେହି ସ୍ରୋତ କ୍ଷେତ୍ରରେ ମୁକ୍ତାର ଲକ୍ଷଣ କ୍ଷେତ୍ର ଜିହ୍ୱା ଅନୁଭବ କରି ପାରୁଥିଲା । ଉକ୍ତ ଲକ୍ଷଣକୁ ଆଦି ରାଜ ମନୁ, ସେହି ସମୟରେ ସୀମା ମଧ୍ୟରେ ସିଦ୍ଧ କରିଥିବା ଶୁଣା ରହିଆସିଛି । ଯୁଗ୍ମ କୋକିଳ ଯେପରି ଯୋଗ୍ୟ କାଳକୁ ଅପେକ୍ଷାରେ କାତର ସ୍ୱନ ପ୍ରକାଶ କରିଥାନ୍ତି, ସେପରି ଅପେକ୍ଷା କରି ସିଦ୍ଧ କଲା ପର୍ଯ୍ୟନ୍ତ ସର୍ବଦା ପ୍ରତିସ୍ୱାଦକୁ ପ୍ରଣାମ କରିବା ଉଚିତ୍ ।

ମାମତିବିଫଳରୁଷାବିକଳୀକୃତମବଲୋକିତମଧୁନେଦାମ୍ ।
ମୀଳିତଲଜ୍ଜିତମିବନୟନଂ ତବବିରମ ବିସୃଜରତିଖେଦମ୍ ॥
କ୍ଷଣମଧୁନା ॥ ୭ ॥

ମମତାମୟୀ ଜ୍ଞାନଧାର ବର୍ତ୍ତମାନ ତୁମ ବିଫଳକୁ ନିଜେ ମଣ୍ଡିତ ହୋଇ ରହିଛି । ଏହି ଲୋକରେ ତୁମେ କର୍ତ୍ତବ୍ୟର କାତରତା ଦୃଷ୍ଟିରୁ କାତରତାକୁ ଆପଣେଇ

ନେଇଛ । ତୁମ ସମିପରେ ପୁଷ୍ପରୁ ମହୁ ବାହାରୁଥିଲା । ଆଜି କିନ୍ତୁ ବିସ୍ତାର ଜଳରାଶିକୁ ଦୃଶ୍ୟରେ ଦେଖି ଲଜ୍ଜିତ । ତୁମର ଲୁକାଛପାର ବିସ୍ମୃତାରେ ରହି ଆସିଥିବା ଆନନ୍ଦର ଆନନ୍ଦ ପରିବର୍ତ୍ତେ ଦୁଃଖ ଏଠାରେ ଖେଳୁଛି ।

ଶ୍ରୀଜୟଦେବଭଣିତମିଦମନୁପଦନିଗଦିତମଧୁରିପୁମୋଦମ୍ ।
ଜନୟତୁରସିକଜନେଷୁମନୋରମରତିରସଭାବବିନୋଦମ୍ ॥
କ୍ଷଣମଧୁନା ... ॥ ୮ ॥

ଏହି ବିସ୍ତୃତ ଦିବ୍ୟଗ୍ରନ୍ଥର ସମୃଦ୍ଧକୁ ନେଇ ପ୍ରସ୍ତୁତ କରାଗଲା । ଏହାର କଥା ସ୍ୱୟଂମ୍ଭୁବ ମନୁଙ୍କ ଚରଣ ସ୍ପର୍ଶ ମୁହୁର୍ତ୍ତରୁ ଏଠାରେ କଥା ରହି ଆସିଛି । ଏଠାରେ ମଧୁଦୈତ୍ୟକୁ ସଂହାର ସମୟରୁ ହର୍ଷ ରହି ଆସିଥିବା ଜନଙ୍କ ମଧ୍ୟରେ ବାର୍ତ୍ତାଳାପ ହେଉଛି । ତୁମେ ହିଁ ମଧୁରିପୁ ରୁପେ ପରିଚିତ । ଏହି ଗ୍ରନ୍ଥାର୍ଥ କେବଳ ଗୁଣଗ୍ରାହୀ ଜନଗଣ ଆହ୍ଲାଦରେ ଗ୍ରହଣ କରି ଆନନ୍ଦର ଆନନ୍ଦ ସହିତ ଭାବରେ ଭାବନା ଭାବାର୍ଥର ସାର ଅଂଶକୁ ଅତି ବିନୋଦରେ ଗ୍ରହଣ କରି ପାରିବେ । ଅନ୍ୟ କେହି ଗ୍ରହଣ କରିବା ଅସମର୍ଥ ।

**ଶ୍ଳୋକ – ୬୯**

ପ୍ରତ୍ୟୁହଃ ପୁଲକାଙ୍କୁରେଣ ନିବିଡାଶ୍ଲେଷେ ନିମେଷେଣ ଚ
କ୍ରୀଡ଼ାକୂତବିଲୋକନେଽଧରସୁଧାପାନେ କଥାନର୍ମଭିଃ ।
ଆନନ୍ଦାଧିଗମେନ ମନ୍ମଥକଳାୟୁଦ୍ଧେଽପି ଯସ୍ମିନ୍ନଭୁ ।
ଦୁଦ୍‌ବୃତ୍ତଃସ ତୟୋର୍ବଭୂବ ଲଳିତାରମ୍ଭଃ ପ୍ରିୟଂଭାବୁକଃ ॥ ୫୯ ॥

କ୍ଷେତ୍ରସ୍ଥଳରେ ବିପୁଳ ବାଧା କଷ୍ଟ ପ୍ରକାଶ ପାଇ ଆସୁଥବା ସତ୍ତ୍ୱେ ଅଶ୍ଳେଷା ନକ୍ଷତ୍ରରେ, ବୁଧ ଗ୍ରହଙ୍କ ଗୁରୁତ୍ୱ ନିମିଷରେ ବା ତାଙ୍କର ଖେଳର ପରିମାଣ ଦେଖିବା ସକାଶେ, ଓଠରେ ଅମୃତ ଗ୍ରହଣ କରି କୌତୁକରେ ବଚନ କହିବା ବା ଆନନ୍ଦରେ ଅଧିକାରୀ ହେବା ଉଚିତ୍ । କନ୍ଦର୍ପ ପରି ଗମନ କରି ସଂଗ୍ରାମରେ ଅଂଶ ଗ୍ରହଣ କଳାପରି ସମ୍ଭାବନା ଉପୁଜିବାରେ ଯେଉଁ ସ୍ଥଳି ସର୍ବଦା ପୂଜାର ଯୋଗ୍ୟ ବିବେଚିତ, ସେହି ସ୍ଥଳି ନିଜେ କଷ୍ଟକୁ ସ୍ୱୀକାର କରି ଅର୍ଜନ କରିଥିବା ବିଷୟ ଗୁଡିକୁ ଦାନ କରି ଆସିଛି । ଯେପରି ସେଠାରୁ ବାୟୁ ପ୍ରକଟ ହୋଇ ପ୍ରସାରିତ ହୋଇ ଆସୁଛି । ତଦ୍ୱାରା ଜୀବ ଜଗତ ଚଳପ୍ରଚଳ । ଏଣୁ ସେ ରକ୍ଷାକର୍ତ୍ତା ରୂପେ ପରିଚିତ । ପୁନଃ ସ୍ଥଳିରୁ ମୃତ୍ତିକା ସହିତ ଅଗ୍ନି ଅଚି କୋମଳରେ ପ୍ରକାଶ ହୋଇ ଆପେ ଆପେ ଫିକା ପଡ଼ି ଆସୁଛି । ଇତ୍ୟାଦି କାରଣରୁ ଭାବୁକମାନଙ୍କ ଭାବନାର କ୍ଷେତ୍ରଟି ଅତି ପ୍ରିୟ ଅଟେ ।

**ଶ୍ଳୋକ- ୭୦**

ଦୋର୍ଭ୍ୟାଂ ସଂୟମିତଃ ପୟୋଧରଭରେଣାପୀଡ଼ିତଃ ପାଣିଜୈ -
ରାବିଦ୍ଧୋ ଦଶନୈଃ କ୍ଷତାଧରପୁଟଃଶ୍ରୋଣୀତଟେନାହତଃ ।
ହସ୍ତେନାନମିତଃ କଚେଽଧର ମଧୁସ୍ୟନ୍ଦେନ ସମ୍ମୋହିତଃ
କାନ୍ତଃ କାମପି ତୃପ୍ତିମାପ ତଦହୋ କାମସ୍ୟ ବାମାଗତିଃ ॥ ୭୦ ॥

ଗୋବିନ୍ଦଙ୍କ ଚରଣ ତଳ ଗର୍ଭ ପ୍ରବେଶ କରିବା ଅତି ଭୟଙ୍କର । ରସି ପକାଇ ଗର୍ଭ ପ୍ରବେଶ କରିବା ମଧ୍ୟ ଭୟର ଆଶଂକା ରହିଛି । ଯେହେତୁ ସ୍ଥଳି, ଗର୍ଭ ନିୟମ ପାଳନ କରି ସ୍ମରଣୀୟ ହୋଇ ରହି ଆସିଛି । ଏହି ଗର୍ଭମଧ୍ୟରେ ଦଶ ଦିଗରୁ ଦଶଟି ମୋକ୍ଷଦାୟ ଜଳ ଧାର ଆସି ପଡ଼ିଛି । ଧାର ଜଳ ଗୁଡିକ ଗର୍ଭ ପ୍ରବେଶ କରିବା ଚେଷ୍ଟା କରୁଥିବା ସତ୍ତ୍ୱେ ସଗର୍ଭ ଜଳରାଶିରେ ଭରଣ ହେବା ପରିବର୍ତ୍ତେ ପୀଡ଼ା ସହନ କରି ମଧ୍ୟ ପାଣି ଗର୍ଜନ କରି ସାଗରକୁ ଯୋଗାଇବା ବାୟାପରି ଅନୁଦାନ କରି ଆସୁଛି । ଗର୍ଭଦଶ ପ୍ରକାରର ମୋକ୍ଷ ସ୍ରୋତ ଦ୍ୱାରା ବାରମ୍ବାର କ୍ଷତ ସହି ଆସୁଛି । ଖୋଲାଅଞ୍ଚଳରେ ଅଧର ପାନଛେପ ପକାଇଲେ ଯେପରି କକ୍ତ ଛିଟା ପଡିଲା ପରି ଦେଖାଯାଏ, ସେପରି ପ୍ରକୃତି କୃତ ନିଜ ହସ୍ତରେ ହତ୍ୟାପରେ ରକ୍ତ ପରି ଜଣାଯାଉଛି । ବନ୍ଧୁଃ । ପ୍ରାଚୀନ ପଦ୍ୟ ଗୁଡିକରେ କୁହାରହିଛି ଓଠ ଗୁଡ଼ିକରେ ଯେପରି ମହୁ ଥାଏ ସେପରି କେଶ ଗୁଡ଼ିକରେ ମଧ୍ୟ ରହୁଥିବ । ଯେପରି କାନ୍ତ କାମ ଇଛାକରି ଅକଥନୀୟ ପରିମାଣର ତୃପ୍ତି ଲାଭ କରିଥାଏ । ସେପରି ଗର୍ଭରେ ବାମଗତି ରୁପରେ ସ୍ରୋତ ଗୁଡିକର ତିବ୍ର ସ୍ରୋତ ଗର୍ଭକୁ ତଥା ଗର୍ଭରୁ ସାଗରକୁ ଥିଲା ।

**ଶ୍ଳୋକ- ୭୧**

ମାରାଙ୍କେରତିକେଳିସଙ୍କୁଳରଣାରମ୍ଭେ ତୟାସାହାସ-
ପ୍ରାୟଂକାନ୍ତଜୟାୟ କିଞ୍ଚିଦୁପରି ପ୍ରାରମ୍ଭି ଯତ୍ ସମ୍ଭ୍ରମାତ୍ ।
ନିଷ୍ପନ୍ଦାଜଘନସ୍ଥଳୀ ଶିଥିଳତା ଦୋର୍ବଲ୍ଲିରୁତ୍‌କମ୍ପିତଂ

ବକ୍ଷୋମିଳିତମକ୍ଷି ପୌରୁଷରସଃସ୍ତ୍ରୀଣାଂ କୁତଃ ସିଦ୍ଧ୍ୟତି ।। ୭୧ ।।

ଆରମ୍ଭରେ ଏହି ବ୍ୟାପ୍ତ ତଥା ବିସ୍ତୃତ କ୍ଷେତ୍ରରେ କ୍ରୀଡ଼ା ସକାଶେ କନ୍ଦର୍ପ ଅଙ୍ଗରେ ଆନନ୍ଦର ଆନନ୍ଦ ସହ ସଂଗ୍ରାମ ଆରମ୍ଭ ହୋଇ ପାରିଥିଲା । ସେହି କ୍ଷେତ୍ର ଭୟଶୂନ୍ୟ ହୋଇ ଅତ୍ୟନ୍ତ କମନୀୟ ଥିଲା । କିନ୍ତୁ ଗ୍ରନ୍ଥ କ୍ଷେତ୍ର ସାଧାରଣ ପୁରାତନ ଲୌହଧାତୁ ପରି ହେବା ପରେ, ସାମାନ୍ୟ ଦୁଃଖ ପରି ଦୁଃଖ ଆରମ୍ଭ ହୋଇଥିଲା । ଯେହେତୁ ଏଠାରେ ନିୟମିତ ଭାବରେ କାର୍ଯ୍ୟ ଆରମ୍ଭ ହୋଇଥିଲା । ଅନୁମାନରୁ ଜଣାଯାଏ, କ୍ଷେତ୍ର ମାତା ସଦୃଶ ତୃଣ ଗୁଡିକୁ ଜନ୍ମାଇ ଥିଲା । ଏହି ଦୁର୍ଭେଦ୍ୟ ତଥା ଖୋଲା ପଡ଼ିଥିବା ଉତ୍ପନ୍ନ କ୍ଷମ ଭୂମିରେ କୃଷି ବିସ୍ତୃତ ହୋଇ ପାରିଥିଲା । ପରିବେଶରେ କୃଷିର ବାସ୍ତବ ସରୂପ ଗରମ ଆସିବା ପରେ ସମ୍ଭବ ହୋଇପାରିଥିଲା । ପଶୁ ପକ୍ଷୀ ସମୁଦାୟଙ୍କ ସନ ସହ ମଧ୍ୟ କ୍ଷେତ୍ରରେ ମିଳନ ହୋଇ ଆସିଅଛି । ଯେପରି ପୌରୁଷର ପୌରୁଷତ୍ୱ ସ୍ତ୍ରୀମାନଙ୍କ ଗହଣରେ ସିଦ୍ଧ ହୋଇଥାଏ, ସେପରି ବିଭିନ୍ନ ସନରେ କ୍ଷେତ୍ର କର୍ମିଲେ ମଧ୍ୟ ଯଥାର୍ଥ ଦେଇ ଆସିଛି ।

**ଶ୍ଳୋକ- ୭୨**

ତସ୍ୟାଃପାଟଳ ପାଣିଜାଙ୍କିତମୁରୋ ନିଦ୍ରାକଷାୟେ ଦୃଶୌ
ନିର୍ଦ୍ଧୁକାଽଧର ଶୋଣିମା ବିଲୁଳିତାଃ ସ୍ରସ୍ତସ୍ରଜୋମୁର୍ଦ୍ଧଜାଃ ।।
କାଞ୍ଚିଦାମଦର ଶ୍ଲଥାଞ୍ଚଳମିତି ପ୍ରାତର୍ନିଖାତୈର୍ଦ୍ଦୃଶୋ –
ରେଭିଃକାମଶରୈସ୍ତଦଦ୍‌ଭୂତମହୋପତ୍ୟୁର୍ମନଃ କୀଳିତମ୍ ।। ୭୨ ।।

ପାଣିସମୂହ ଥିବା କ୍ଷେତ୍ରଟି ଗୋଲାପ ରଙ୍ଗର ବର୍ଣ୍ଣ ପରି ଦେଖାଯାଉଥିଲା । ସେଠାରୁ ଜଳର ସଂକ୍ରମଣ ହୋଇଥିଲା । ସେ ଦୃଶ୍ୟଦେଖି ତୁମେ ମାତା ଗର୍ଭରୁ ଯାତ ପରଠାରୁ ତା ଅଧର ଲାଲ ହୋଇରହିଥିଲା । ବ୍ୟାପ୍ତରୁ ସମାପ୍ତ ତଥା ଅସ୍ଥିରତାରେ ରହି, ସେଗୁଡିକ ମୁର୍ଦ୍ଧନା ସ୍ଥଳିକୁ ସ୍ୱର୍ଶ କରୁଥିଲା । ଅକ୍ଷ ବା ଗୋବିନ୍ଦ ପଦାର ବିନ୍ଦରେ ନୃତ୍ୟ କଳାପରି ଘୁଙ୍ଗୁର ଶବ୍ଦରତା ଦରଦାମ୍ ସ୍ଥିର ରହିବା ପରି କ୍ଷେତ୍ରରେ ସ୍ଥିର ରହୁଥିଲା । ଶିତଳତା ପୂର୍ଣ୍ଣରେ ଆଦୃତ ହୋଇ ରହିଥିବା ଦୃଶ୍ୟରୁ ଜଣାଯାଇଛି ଯେ, ସେଠାରେ ଶରୀର ଧାରି ଗଣ ଆତଙ୍କ ସୃଷ୍ଟି କରୁଥିବା ପରିବର୍ତେ ସେହି ଖୋଲା ଅଞ୍ଚଳରେ ସକାଳ ବେଳାର ଯଥାର୍ଥ ଜ୍ଞାନ ଅର୍ଜନ କରିବା ଉଚିତ୍ ଥିଲା । ଯଦ୍ୱାରା ଏହି କ୍ଷେତ୍ରରେ ମହାନ୍ ପଞ୍ଚଭୂତଙ୍କ ପ୍ରଭାବରେ ପ୍ରତ୍ୟେକଙ୍କ ମନକ୍ଷେତ୍ର ମଧ୍ୟରେ ବଦ୍ଧକରି ରହିଆସିଛି ।

**ଶ୍ଳୋକ- ୭୩**

ଅଥକାନ୍ତଂ ରତିଶ୍ରାନ୍ତଂ ପୁନର୍ମନବାଞ୍ଛୟା ।
ନିଜଗାଦ ନିରାବାଧା ରାଧା ସାଧୀନଭର୍ତୃକା ।। ୭୩ ।।

କମନୀୟତାର ମଙ୍ଗଳ ପାଇଁ ଆନନ୍ଦର ଆନନ୍ଦ ପ୍ରାପ୍ତହୋଇ କ୍ଷେତ୍ର କ୍ଲାନ୍ତ ହୋଇ ପଡ଼ିଛି କହି ପୁନର୍ବାର ଭୂଷିତ କରିବା ପାଇଁ କିମ୍ବା ସଙ୍ଗ ସିଂହାସନ ମୁକ୍ତ ହେବାକୁ ବାଧାହୀନ ହେବା ଇଛା କୀ ? ତୁମେ ପରା ବାସ୍ତବ ମାୟାର ସତନ୍ତ୍ର ତଥା ମୁଖ୍ୟ ଛାୟା ।

ଉପରୋକ୍ତ ଶ୍ଳୋକ ପ୍ରକାରରେ, ଅନୁରୂପ ଶ୍ଳୋକଟିଏ ପାଠାନ୍ତରରେ ଦେଖିବାକୁ ମିଳେ ।

ଅଥସହସା ସୁପ୍ରୀତଂ ସୁରତାନ୍ତେ ସା ନିତାନ୍ତଖିନ୍ନାଙ୍ଗୀ ।
ରାଧାଜଗାଦ ସାଦରମିଦମାନନ୍ଦେନ ଗୋବିନ୍ଦମ୍ ।।

ମର୍ତ୍ତ୍ୟ ସମୁଦାୟ ମଧ୍ୟରେ ରହିଥିବା ପୃଥିବୀର ମଧ୍ୟ କେନ୍ଦ୍ର ସ୍ଥଳିରୁ ଗୋ ଠାରୁ ଉର୍ଦ୍ଧ୍ୱରେ ଥିବା ବିନ୍ଦ ବା ଗୋବିନ୍ଦ ପଦଶବ୍ଦର ଉତ୍ପତି ଅତ୍ୟନ୍ତ ଆଦରର ସ୍ନିଧ ଅଟେ । ଏହି କ୍ଷେତ୍ରରୁ ହିଁ ସୃଷ୍ଟିର ମଙ୍ଗଳ ସକାଶେ ସବୁକିଛି ଉତ୍ପତି ହୋଇ ରହି ଆସିଛି, ରାଧା ! ବାସ୍ତବ ମାୟା ଓ ପରିବେଶର ମିଳନରେ ସୃଷ୍ଟି ହୋଇ ରହି ଆସିଥିଲା । ଦୟା, କ୍ଷମା ତଥା ଉତ୍ତମ ଆଦର ଶେଷରେ କିନ୍ତୁ ପରିବେଶ ଅତିଶୟ ଖିନ୍ନ ହେବା କାରଣରୁ ସୃଷ୍ଟିର ରକ୍ଷକ ତଥା ଦାତା ରୂପେ ପରିଚିତ ପର୍ବତ ଗୁଡିକ ହେଲେ ମଧ୍ୟ ଆଜି ନିରବ, ନିଶ୍ଚଳ କାହିଁକି ? ଯେହେତୁ ଦୃଶ୍ୟର ପ୍ରତ୍ୟେକ ବାସ୍ତବ ଏକ ଏକ ରାଧା ।

**ଚତୁର୍ବିଂଶ ପ୍ରବନ୍ଧ**

ରାଗ – ରାମକିରୀ, ତାଳ - ଯତି

କୁରୁ ଯଦୁନନ୍ଦନ ! ଚନ୍ଦନଶିଶିରତରେଣ କରେଣ ପୟୋଧରେ ।
ମୃଗମଦପତ୍ର କମତ୍ର ମନୋଭବମଙ୍ଗଳକଳଶସହୋଦରେ ।

ନିଜଗାଦ ସା ଯଦୁନନ୍ଦନେ,
କ୍ରୀଡ଼ତି ହୃଦୟାନନ୍ଦନେ ।। ଧୃବ ।।

ରାଜା ସଂବରଣ ବଂଶଜ ମାହାରାଜା ଯଦୁଙ୍କ ପୁତ୍ର ରାଜା କୁରୁ ଅତି ଶ୍ରେଷ୍ଠ ରାଜା ଥିଲେ । ସେ ଅତି ଧିର ସ୍ଥିର ଥିଲେ । ନିଜ ରାଜ୍ୟର ପ୍ରତ୍ୟେକ ଆତ୍ମା ଯେପରି ମୁକ୍ତି ପାଇବେ, ସେପରି ଉତ୍ତମ କାର୍ଯ୍ୟ କରି ଚାଲିଥିଲେ । ପୁରାଣ ରଚିତ ଯେ, ରାଜାଙ୍କ ଜ୍ଞାନବିଚାରରେ ମନ ଭାବନାରେ କୁମ୍ଭ ସ୍ୱରୂପ ମଙ୍ଗଳ ତଥା ଭାତୃତ୍ୱ ଭାବ ମନରେ ରଖି ମେଘ ସମିପ କ୍ଷେତ୍ରରେ ମୃଗ ସମୁହଙ୍କ ମସ୍ତିରେ ଖେଳି ବୁଲୁଥିଲେ । କିନ୍ତୁ ପର୍ବତ ଉପରେ ଥିବା ନିଜ ସିଂହାସନ ସମୀପରେ କେବଳ ତାଙ୍କରି ସନ୍ତାନମାନେ ଯେପରି ହୃଦୟ ଆନନ୍ଦର ସହ ଖେଳି   ବୁଲୁଥିଲେ ।

ଅଳିକୁଳ ଗଞ୍ଜନମଞ୍ଜନକଂ ରତିନାୟକସାୟକ ମୋଚନେ ।
ତ୍ୱଦଧର ଚୁମ୍ବନ ଲମ୍ବିତ କଜ୍ଜ୍ୱଳଉଜ୍ଜ୍ୱଳୟ ପ୍ରିୟଲୋଚନେ ।
ନିଜଗାଦ ସା .... ।। ୨ ।।

ଭ୍ରମର ସମୁହ ଗୋଟିଏ ପରିବାର ପରି ଆନନ୍ଦର ଆନନ୍ଦରେ ବିଶେଷ ଢଙ୍ଗରେ ଶବ୍ଦ କରି କାଷ୍ଠାଦିର ସାରଭାଗକୁ କ୍ଷତ କରୁଥିଲେ । ମୁକ୍ତି ପାଇଁ ସେମାନେ ସେଠାରେ ପ୍ରଚଳିତ ଥିଲେ । ସ୍ୱଚ୍ଛ ତାହାଙ୍କ ସ୍ୱାମୀ ତୁମ୍ଭର ସେହି ବିଛିନ୍ନାଞ୍ଚଳ ଭ୍ରମର ମାନଙ୍କ ଗଣ୍ଡଦେଶରେ ଚୁମ୍ବନ ଦେଲା ପରିଥିଲା । ସେମାନଙ୍କୁ ତୁମେ ନିଜ ଚକ୍ଷୁରେ କଜ୍ଜଳ ଅଙ୍କନ କଲାପରି ରଖିଥିଲ । କାରଣ ତୁମର କ୍ଷେତ୍ର ସର୍ବଦା ଆଦରର ଥିଲା । ପରିବେଶ ମଧ୍ୟରେ ମଧ୍ୟ ସ୍ୱଚ୍ଛ ଥିଲା ।

ନୟନକୁରଙ୍ଗତରଙ୍ଗବିକାଶନିରାଶକୃତି
ଶ୍ରୁତି ମଣ୍ଡଳେ ।
ମନସିଜପାଶବିଳାସଧରେଶୁଭବେଶ
ନିବେଶୟ କୁଣ୍ଡଳେ
ନିଜଗାଦସା .... ।। ୩ ।।

ମୃଗ ଚାହାଣିପରି ଯହିଁ ଦେଖିବ ତହିଁ ବିକାଶର ତରଙ୍ଗ ପ୍ରଚଳିତ ଥିଲା । ଶୁଣାଯାଏ ଧାରଣ କର୍ତ୍ତା ଧାରଣ କରି ପରିବେଶର ସମୁହ କ୍ଷେତ୍ର କନ୍ଦର୍ପ ତୁଲ୍ୟ ଦୃଶ୍ୟରେ ଫାସ ପଡିଥିଲା । ଆମୋଦ ପ୍ରମୋଦରେ ଜନେ ସମୟ ଅତିବାହିତ କରୁଥିଲେ । ଧାରଣ କର୍ତ୍ତା ଧାରଣ କରି ମଧ୍ୟ ସୁଖ ପାଉଥିଲା । ଦୃଶ୍ୟ ବଳୟ ମଧ୍ୟରେ ପ୍ରବେଶ କରିବାଠାରୁ କ୍ଷେତ୍ର ରୂପ ନିର୍ମଳ ଥିଲା । ଆଜି କିନ୍ତୁ ତୁମେ ନିଜ ହାତରେ ପରିବେଶ ନିର୍ମାଣ କରି ଆସିଥିବା ସତ୍ୱେ ବି ହତାସ ।

ଭ୍ରମରଚଞ୍ଚଂ ରଚୟନ୍ତମୁପରି
ରୁଚିରଂ ସୁଚିରଂ ମମସମ୍ମୁଖେ ।
ଜିତକମଳେ ବିମଳେ ପରିକର୍ମୟ
ନର୍ମଜନକମଳଙ୍କଂମୁଖେ ।।
ନିଜଗାଦ ସା .... ।। ୪ ।।

ସମୁଦାୟ ଭ୍ରମର ନିଜ ନିଜ ଚୁଟିରେ ପ୍ରସାଦ ଅନୁସାରେ ବନ୍ଧନ ପରି ଭାବନା ରଚନା କରି ଥାଆନ୍ତି । କିନ୍ତୁ ମୋ ସମ୍ମୁଖକୁ ଆସି ପରାସ୍ତ ହୋଇଥାନ୍ତି । ମୁଁ ପଦ୍ମଫୁଲ ଅତି ସ୍ୱଚ୍ଛ, ମୋର ସ୍ୱଚ୍ଛ ପ୍ରତି ଆକର୍ଷିତ ହୋଇଥାନ୍ତି । ସ୍ୱଚ୍ଛତାର ସୁଯୋଗ ନେଇ ପଦ୍ମଫୁଲର ମୁଖ ପାଖୁଡା ଯେପରି ବୁଜି ହୋଇଯାଇଥାନ୍ତି ସେପରି ଜନ ଏହି କ୍ଷେତ୍ରରେ ବୁଜି ହୋଇ ରହୁଥିଲେ ।

ମୃଗମଦରସଦଳିତଂଲଳିତଂ କୁରୁ
ତିଲକମଳିକରଜନୀକରେ ।
ବିହିତକଳଙ୍କକଳଂ କମଳାନନ
ବିଶ୍ରମିତ ଶ୍ରମଶୀକରେ ।।
ନିଜଗାଦ ସା .... ।। ୫ ।।

ଶ୍ଳଥଚର୍ମ ଯୁକ୍ତ ମୃତ୍ତିକାରେ ଉନ୍ମାଦ ଜନିତ ମୃଗଗଣ କମନୀୟ କର୍ତ୍ତବ୍ୟ କରି କ୍ଷେତ୍ରରେ ଶ୍ରେଷ୍ଠ ବୋଲାଇ ଆସୁଥିଲେ । ସମୁଦାୟ କ୍ଷେତ୍ରର ମଇଳା ରାତ୍ର କାଳିନ ସମୟରେ କ୍ଷେତ୍ର ମଧ୍ୟରେ ସ୍ଥିର ରହୁଥିଲା । ଏପରି କାର୍ଯ୍ୟ ଦୁର୍ନାମବଳୟ

**ମଧ୍ୟରେ ରହି ସୁଦ୍ଧା ଅସ୍ପଷ୍ଟ ମଧୁର ଧ୍ୱନୀର ଶ୍ୱନ ଶୁଣାଯାଉଥିଲା । କୁହାଯାଇପାରେ ପରିବେଶର କର୍ତବ୍ୟ ଦୃଷ୍ଟିରୁ ସମୃଦ୍ଧି ହସ୍ତରେ ଶୋଭାମୟତା ନିଶ୍ଚୟ ଥିବା କୁହାଯିବା ଉଚିତ୍ ।**

**ମମରୁଚିରେ ଚିକୁରେ କୁରୁମାନନ୍ଦ**
**ମନସିଜ ଧ୍ୱଜଚାମରେ ।**
**ରତିଗଳିଳେମିଳିତେକୁସୁମାନି**
**ଶିଖଣ୍ଡିଶିଖଣ୍ଡ ଡାମରେ ॥**
**ନିଜଗାଦ ସା .... ॥ ୬ ॥**

**ମୋ କ୍ଷେତ୍ରରେ ଥିବା ପର୍ବତ ଗୁଡିକ ରୁଚିପୂର୍ଣ୍ଣ କାର୍ଯ୍ୟରତ ଥିଲେ । ଯେପରି ବିକଳ୍ପ ଆନନ୍ଦ ଧ୍ୱଜା କନ୍ଦର୍ପ ଗଣଙ୍କୁ ଚାମରର ସେବାକୁ ଅନ୍ତର୍ଭୁକ୍ତ ଭାବନ୍ତି । ଗଳି ଗଳିରେ ଆନନ୍ଦର ଆନନ୍ଦ ପ୍ରଭାବିତ ଥିଲା । ଏକତ୍ରିତ ଭାବେ ମିଳିତ ହୋଇ ରହି ଆସିଥିବା ବିଭିନ୍ନ ପ୍ରକାରର ପୁଷ୍ପ ରହିଥିଲା । ଯେପରି ମୟୁର ବିଭିନ୍ନ ପକ୍ଷୀ ବିଶେଷଙ୍କ ଶୋଭା ସେହିଠାରେ ପାଉଥାଏ । ସେପରି ଡାମରା କାଉ ମଧ୍ୟ ପକ୍ଷୀଗଣଙ୍କ ମଧ୍ୟରେ ଚିହ୍ନଟ ହୋଇଥିଲା ।**

ସରସଘନେ ଜଘନେ ମମ
ଶମ୍ବରଦାରଣବାରଣକନ୍ଦରେ ।
ମରିଣିଶନାବସନାଭରଣାନି
ଶୁଭାଶୟ ! ବାସୟ ସୁନ୍ଦରେ ॥
ନିଜଗାଦ ସା ... ॥ ୭ ॥

ଆକାଶେ ମେଘ ଘୋଟିବାରେ ଲାଗିଥିଲା । ଚଳପ୍ରଚଳ ମଧ୍ୟ ହେଉଥିଲା । ଏପରି ମୋର ବୋଲାଇ ଆସିଥିବା ଜଘନ କ୍ଷେତ୍ରରେ ମଧ୍ୟ ବାରମ୍ବାର ବଜ୍ର ପ୍ରଭାବ ଭୟ ସଞ୍ଚାରୁଥିଲା । ନିଷେଧ କ୍ଷେତ୍ର ସ୍ଥିତି ଥିବା ସତ୍ୱେ ମଧ୍ୟ ବାରମ୍ବାର ବଜ୍ର ପ୍ରଭାବ ମତେ ବିଦାରିତ କରି ଚାଲିଛି ।  ଅବଶ୍ୟ ଗୁମ୍ଫା ଗୁଡିକ ନଷ୍ଟ ନହୋଇ ରହି ଆସିଛି ।  ବସ୍ତ୍ର ପରିଧାନ କଲାପରି ଗୃହସମୁଦାୟର ମଙ୍ଗଳ ପାଇଁ ମଧ୍ୟ ଅତି ସୁନ୍ଦରର ପୂର୍ଣ୍ଣ ହୋଇ ଥିବା ଜଣା ଯାଉଥିଲା ।

ଶ୍ରୀଜୟଦେବବଚସି  ଜୟଦେ
ସଦୟଂ ହୃଦୟଂ କୁରୁମଣ୍ଡନେ ।
ହରିଚରଣସ୍ମରଣାମୃତନିର୍ମିତ
କଳିକଳୁଷଜ୍ୱର ଖଣ୍ଡନେ ॥ ୮ ॥

ଦିବ୍ୟ ଗ୍ରନ୍ଥର ସମୃଦ୍ଧିକୁ ନେଇ କହିଲା । କ୍ଷେତ୍ରର ଦିନକୁ ଦିନ ଜୟ ହେଉ । ଆତ୍ମାଗତି ଆତ୍ମାଦ୍ୱାରା ସଦୟ ହୋଇ ସର୍ବଦା ରହିଥାଉ । କର୍ତବ୍ୟର ତତ୍ପରତା କାରଣକୁ ନେଇ କ୍ଷେତ୍ରକୁ ମଣ୍ଡନ କରି ଭୂଷଣ ବୋଲାଇ ପାରିଛି । ତୁମ ଚରଣ ସ୍ଥଳିରେ ସବୁଜତା ଉତ୍ପତି କରାଇ ସ୍ମରଣୀୟ ହୋଇ ପାରିଥିଲା । ତୁମେ ଅମୃତ  ମଧ୍ୟ ପିଆଇ ଥିଲ । କିନ୍ତୁ କଳି ଯୁଗର ପାଳି ଆଶିବା ପରେ କଳଙ୍କିତ ତାତି ଏଠାରେ ସୃଷ୍ଟି ହୋଇ ତୁମ୍ଭେ ନଷ୍ଟ ହେବାରେ ଲାଗିଛ ।

ଶ୍ଳୋକ- ୭୪

ରଚୟ କୁଚୟୋ ପତ୍ରଂଚିତ୍ରଂକୁରୁଷ୍ୱ କପୋଳୟେ
ର୍ଘଟୟ ଜଘନେ କଞ୍ଚୀ ମଞ୍ଚସ୍ରଜା କବରୀଭରମ୍
ର୍ଘଟୟ ବଳୟ ଶେଣୀଂ ପାଦୌ ପଦେ କୁରୁନୂପୁରା –
ବିତି ନିଗଦିତଃପ୍ରୀତଃ ପୀତାମ୍ବରୋଽପି ତଥାଽକରୋତ୍ ॥ ୭୪ ॥

ପରିବେଶ ପ୍ରତି – ତୁମେ ସୃଷ୍ଟି ରଚନାକଲ । ଆକାଶରେ ମେଘ ମଧ୍ୟ ରଚନା କଲ । ବୃକ୍ଷରେ ପତ୍ର ପ୍ରକୃତିରେ ଛବି ଏପରିକି ଅବାସ୍ତବରେ ବାସ୍ତବ ରୂପେ ସର୍ବତ୍ମାପ୍ରକାଶ କରାଇଲ । ଏସମସ୍ତ ଘଟଣା ଘଟାଇବା ପରେ ଏହି ଜଘନ କ୍ଷେତ୍ରରେ ମର୍ତ୍ତ୍ୟାସନ ମେଖଳା ସୃଷ୍ଟି କରାଇ ସର୍ଜନା କଲ । ଏବଂ ଯୁଡ଼ା କବରୀ ତୁଲ୍ୟ କ୍ଷେତ୍ର ଭରି ଦେଲ । ଅସ୍ପଷ୍ଟ ମଧୁର ଧ୍ୱନୀ ମଧ୍ୟ ଏଠାରେ ପ୍ରକାଶ କରାଇ ଥିଲ । କ୍ଷେତ୍ର ବଳୟକୁ ସ୍ଥର ସ୍ଥର କରି ଭାଗ କରାଇଥିଲ । ମେରୁ ପାଦଦେଶରେ ପାଦରେ ଘୁଙ୍ଗୁର ଏପରି କଷୀ ବାନ୍ଧି ଦେଇଥିଲ  ଯଦ୍ୱାରା ଆଉ କେବେ ଫିଟିବାର ନଥିଲା । କଥିତ ଅଛି ତୁମେ ପରିବେଶକୁ ଯାହା ଦାନ କରିଛ ଭାଷାରେ କହିବା ଅସଙ୍ଗତ । ବିନା ରାଜସ୍ୱରେ ତୁମର ଦାନ ମର୍ତ୍ତ୍ୟ ସମୁଦାୟରେ ପ୍ରଥମେ ତଥା ଶେଷଥିଲା । ହେଲେ ମଧ୍ୟ

ସମ୍ଭାବନାରୁ ଜଣାଯାଏ ପୁନଃ ଆକାଶ ପୀତ ବସନ ପରିଧାନ କଲା ପରି ଦେଖାଯାଉଅଛ ।

ଶ୍ଳୋକ- ୭୫

ଯଦଗାନ୍ଧର୍ବକଳାସୁକୌଶଳମନୁଧାନଂ ଯଦ୍ ବୈଷ୍ଣବଂ
ଯଚ୍ଛୃଙ୍ଗାରବିବେକତତ୍ୱମପି ଯତ୍‌କାବ୍ୟେଷୁ ଲୀଳାୟିତମ୍ ।
ତତସର୍ବଂ ଜୟଦେବପଣ୍ଡିତକବେଃ କୃଷ୍ଣୈକତାତ୍ମନଃ
ସାନନ୍ଦାଃପରିଶୋଧୟନ୍ତୁସୁଧିୟଃ ଶ୍ରୀ ଗୀତଗୋବିନ୍ଦତଃ ।। ୭୫ ।।

ଆଦି ସମ୍ରାଟ ସ୍ୱୟଂଭୁବ ମନୁଙ୍କ ରାଜତ୍ୱ କାଳରେ ଏହି କ୍ଷେତ୍ର ମନୁଙ୍କ ଧ୍ୟାନରେ ଥିଲା । ସେହି ସମୟରେ ଚତୁରତାସହ ଏଠାକୁ ଗନ୍ଧର୍ବଗଣ ଆସି ବିଭିନ୍ନ କ୍ରୀଡ଼ା ସମ୍ପୃକ୍ତ କରି ଉଲ୍ଲାସରେ ଫେରି ଯାଉଥିଲେ । ଅଥଚ ଶ୍ରୀ ବୈଷ୍ଣବ ଗଣ ସ୍ୱତଃପ୍ରବୃତ ଭାବରେ ଇଚ୍ଛୁକ ହୋଇ ଏଠାକୁ ଆସୁଥିଲେ । ଆତ୍ମାର ବିଚାର ତତ୍ୱ ବ୍ରହ୍ମସତ୍ୟକୁ ମନ୍ଥନ କରି ଆତ୍ମ ମର୍ଯ୍ୟଦାକୁ ସଶକ୍ତି ରଚି ଫେରିଥାନ୍ତି । ସେପରି କାବ୍ୟ କର୍ତା ପଣ୍ଡିତ ଗଣ ତଥା କାଳ୍ପନିକ ଗଣ ଚିନ୍ତା କଲେ, ଏଠାରେ ଗାଢ଼ ଅନ୍ଧାର, ଜ୍ୟୋତିରୂପେ ପ୍ରକାଶ ହେବା ଉଚିତ୍ । ଜୟଦେବ କିନ୍ତୁ ଉକ୍ତ ବିଚାରକୁ ଭ୍ରୁକ୍ଷେପ ନକରି, ନଡିଆ ଉପରେ ଥିବା ଆବରଣ ସଞ୍ଜକ ଚୋପା, ଛଡ଼ାଇଲା ପରି ଛଡାଇ ଚାଲିଲେ । ନ କରାତ୍ମକ କ୍ଷେତ୍ରକୁ ସମୃଦ୍ଧିର ନିମ୍ନରୁ ଉର୍ଦ୍ଧକୁ ବର୍ଣ୍ଣନା ଆନନ୍ଦର ସହିତ ପ୍ରସନ୍ନତା କ୍ରମେ ପ୍ରୟାସ କରିଥିଲେ । ତାଙ୍କରି ଇଛା ଥିଲା ଏପରି କରି କାର୍ଯ୍ୟ କରିବା ଦ୍ୱାରା ପ୍ରକୃତିର ପ୍ରକୃତ ଋଣ ପରିଶୋଧ ହୋଇ ପାରି ଗୀତର ନାମ ଗୋବିନ୍ଦ ରହି ପାରିବ ।

ଶ୍ଳୋକ- ୭୬

ସାଧ୍ୱୀମାଧ୍ୱିକଚିନ୍ତାନ ଭବତି ଭବତଃଶର୍କରେ କର୍କରାସି ।
ଦ୍ରାକ୍ଷେ ଦ୍ରକ୍ଷନ୍ତି କେ ତ୍ୱାମମୃତମୃତମସି କ୍ଷୀରନୀରଂ ରସସ୍ତେ ।
ମାକନ୍ଦ କ୍ରନ୍ଦ କାନ୍ତାଧରଧରଣିତଳଂ ଗଚ୍ଛ ଯଚ୍ଛନ୍ତି ଯାବଦ୍ ।
ଭାବଂ ଶୃଙ୍ଗାରସାରସ୍ୱତମିହ ଜୟଦେବସ୍ୟ ବିଷ୍ୱଗବଚାଂସି ।। ୭୬ ।।

ସାଧାରଣତଃ କର୍କଟ ରାଶିର ସ୍ତ୍ରୀ ପତିବ୍ରତାକୁ ସୂଚାଏ । ସେପରି ନାରୀ ମାଧବୀ ଲତାର ରସରୁ ପ୍ରସ୍ତୁତ ହୋଇଥିବା ମଦ ଚିନ୍ତାନକରି ଶର୍କ ସହିତ ପୂଜା କରି ସେବନ ଯଦି କରେ ତେବେ ଯାହା ହେବାକଥା ତାହା ନିଶ୍ଚୟ ହେବ । ଦ୍ରାକ୍ଷା ତଥା ଦ୍ରାକ୍ଷା ରସକୁ ଯେ କେହି ତୁ ଏବଂ ମୁଁ, ଶବ ଓ ଶବ ପରି କଳା କଜ୍ୱଳ ଲଗାଇ ସଜେଇ ହେବା, ନୀରକୁ କ୍ଷୀର କହି ପାନ କରିବା ଯାହା, ଆଜି କ୍ଷେତ୍ର ଦର୍ଶନ କରି ବୁଝିବା ତାହା । କ୍ଷେତ୍ର ରସରେ ଅମା ଘୋଟିବା ପରେ ମାତା କ୍ରନ୍ଦନ କରିବାରେ ଲାଗିଛନ୍ତି । କ୍ରନ୍ଦନ ହେଲେ ମଧ୍ୟ ଏହି ଧରଣୀର ଓଠ ନିମ୍ନଗତିରେ ଥିଲେ ମଧ୍ୟ ଆଲୋକର କମନୀୟତା ରହିଅଛି । ରହି ଆସିଛି ମଧ୍ୟ । ଆଦ୍ୟରସ ଯୁକ୍ତ ମଜ୍ଜା ସ୍ୱୟଂ ସୂକ୍ଷ୍ମ ଅଟେ । ଅଥଚ ଦିବ୍ୟତାର ଏହି ଗ୍ରନ୍ଥକୁ କବି ଭାବୁକ ଜୟଦେବ ନାମଧାରୀ ଯେଉଁ ରୂପେ ଦେଇଛନ୍ତି ତଦ୍ୱାରା କ୍ଷେତ୍ରଟି ବ୍ରହ୍ମାଣ୍ଡ ପରିବେଶ ମଧ୍ୟରେ ବଞ୍ଚିରହି ଆସିଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ଶ୍ଳୋକ- ୭୭

ଶ୍ରୀଭୋଜଦେବପ୍ରଭାବସ୍ୟ ରାଧାଦେବୀସୂତ ଶ୍ରୀଜୟଦେବକସ୍ୟ ।
ପରାଶରାଦିପ୍ରିୟବର୍ଗକଣ୍ଠେ ଶ୍ରୀଗୀତଗୋବିନ୍ଦ କବିତ୍ୱମସ୍ତୁ ।। ୭୭ ।।

ଦିବ୍ୟ ମର୍ତ୍ୟ ଦେଶର, ବାସ୍ତବ ମାୟାର ପ୍ରକୃତ ସମୃଦ୍ଧି ପ୍ରଭାବରେ ସମୃଦ୍ଧିର ଦିବ୍ୟ ଗ୍ରନ୍ଥ ରୂପେ ପ୍ରକାଶିତ ହୋଇ ରହି ଆସିଛି । ଗ୍ରନ୍ଥ କାହାର । ଯାହାର ହେଉ ପରାଶର ମହର୍ଷିଙ୍କ ପରି ସ୍ୱଜାତୀୟ କଳିଧର୍ମ ପ୍ରବର୍ତକ ମହର୍ଷିଙ୍କ ଆଦରର ସମୃଦ୍ଧିର ବର୍ଣ୍ଣନାତ୍ମକ ଉଚ୍ଚାରଣ ସେମାନଙ୍କ କଣ୍ଠରୁ ପ୍ରକାଶ ହେଉ । ପରିବେଶ ମଧ୍ୟରେ, ନିଜ ନିଜ ଜ୍ଞାନ ମଧ୍ୟରେ ଯାହାଙ୍କ ପଣ୍ଡିତ ପଣିଆ ରହିଛି ସେହି ମାନେ ହିଁ ଏହି ଗ୍ରନ୍ଥ ତତ୍ୱ ବିଚାର ବହନ କରି ପାରିବେ ।

(ଉତ୍ତରଉତ୍କଳ ପରମ୍ପରା ଭିନ୍ନ ଅନ୍ୟାନ୍ୟ ଅଞ୍ଚଳରେ ମିଳୁଥିବା ଗୀତଗୋବିନ୍ଦ ସମ୍ପର୍କିତ ଅଧିକ ଶ୍ଳୋକ ର ବିବରଣୀ ।

**ଶ୍ଳୋକ – ୧**

ରାସୋଲ୍ଲାସଭରେଣବିଭ୍ରମଭୃତାମାଭୀରବାମଭ୍ରୁବା-।
ମଭ୍ୟର୍ଣ୍ଣେ ପରିରଭ୍ୟ ନିର୍ଭରମୁରଃ ପ୍ରେମାନ୍ଧୟା ରାଧୟା ।।

ସାଧୁ ତ୍ୱଦ୍‌ବଦନଂ ସୁଧାମୟମିତି ବ୍ୟାହୃତ୍ୟ ଗୀତସ୍ତୁତି
ବ୍ୟାଜାଦୁଭଟଚୁମ୍ବିତଃସ୍ମିତମନୋହାରୀହରିଃପାତୁବଃ ॥ ୧ ॥ (ପ୍ରଥମ ସର୍ଗ)

ଉକ୍ତ କ୍ଷେତ୍ର ପରିସୀମା ମଧ୍ୟରେ ଉଲ୍ଲାସର ଚିତ୍କାର ଉଚ୍ଚସ୍ୱରରେ ପୂର୍ଣ୍ଣହେବାରେ ଲାଗିଥିଲା । ପୂର୍ଣ୍ଣହେବା ପରେ ଭୃତ୍ୟ ସ୍ୱରୂପ ଶଂସୟ ପ୍ରକଟ ହୋଇଥିଲା । ଏହି ଜନନୀ କ୍ଷେତ୍ରର ପ୍ରସନ୍ନତା ଆସିବା ପୂର୍ବରୁ ବାମ ଭ୍ରୁଲତା ଯେପରି ଡେଇଁ ଉଠେ ତତୁଲ୍ୟ ଅଲଗା ଡେଇଁବା ଆରମ୍ଭ ହୋଇଥିଲା । ସେହି ପ୍ରେମ ପୁଲକର ବାସ୍ତବ ମାୟା ଅନ୍ଧାର ମଧ୍ୟରେ ଉପଲବ୍ଧି ହେବାପରି ବିର୍ଭରତା କ୍ରମେ ଘେରି ରହିଥିଲା । ସେଠାକେ ସାଧୁଗଣ କ୍ଷେତ୍ର ମୁଖରେ ଅମୃତମୟର ପ୍ରଭାବ ସୃଷ୍ଟି କଲାପରି ସ୍ତୁତି ବର୍ଣ୍ଣନା କରି ଚାଲିଥିଲେ । ସେହି ସ୍ତୁତିରେ ହିଂସ୍ରତାର ଛଟା ବିଲକୁଲ ନଥିଲା । ସାଙ୍ଗସାଥି ପରି ବୀର ପ୍ରକାରେ ଆକର୍ଷିତ କରୁଥିଲା । ଆଶ୍ଚର୍ଯ୍ୟର ବିଷୟ ଏହି ଯେ, ଉକ୍ତ ସ୍ତୁତି ଦ୍ୱାରା ଚିର ଆକର୍ଷଣ କରିବା ସକାଶେ ପତିତ ହୋଇ ରହିଥିବା ସ୍ଥାନ ଗୁଡିକରେ ପ୍ରସନ୍ନତା ପରି ସବୁଜତା ଭରି ଯାଇଥିଲା ।

ଶ୍ଳୋକ- ୨

ସାକୂତସ୍ମିତମାକୂଳାକୁଳଗଳଦ୍‌ଧମ୍ମିଲ୍ଲମୁଲ୍ଲାସିତ
ଭ୍ରୂବଲ୍ଲୀକମଳୀକଦର୍ଶିତଭୂଜାମୂଳାର୍ଦ୍ଧଦୃଷ୍ଟସ୍ତନମ୍ ।
ଗୋପିନାଂନିଭୃତଂନୀରିକ୍ଷ୍ୟଦୟିତଂକାଞ୍ଚିଚିରଂ ଚିନ୍ତୟନ୍ ।
ନନ୍ତର୍ମୁଗ୍ଧ ମନୋହରୋ ହରତୁବଃକ୍ଲେଶଂନବଃକେଶବଃ ॥ (ଦ୍ୱିତୀୟ ସର୍ଗଃ)

କ୍ଷେତ୍ର ସମୁଦାୟ ସ୍ୱେଚ୍ଛାଚାରିତା ବଜାୟ ରଖିଥିଲା । ତଥା ପ୍ରକୃତ ମାତା ନିଜ ଗ୍ରହଣୀୟ ବଂଶକୁ ଆକୂଳତା ସହ ଗ୍ରହଣ କରି ଯେପରି ସ୍ମିତ ହାସ ଦେଉଥାଏ, ସେପରି କ୍ଷେତ୍ର ସମୁଦାୟ ମର୍ତ୍ତ୍ୟ ମଣ୍ଡଳ ମଧ୍ୟରେ ଦେଉଥିଲା । ଅଙ୍ଗହୀନତା ପରି କ୍ଷେତ୍ର ଥିବା ସତ୍ୱେ ସଂଯତ କେଶ ପରି ଦେଖାଯାଉଥିଲା । କ୍ଷେତ୍ର ଉଦ୍ବଳିତ ସ୍ମରଣୀୟ ମୂଲ୍ୟ ପ୍ରଦାବ କରି ଆସୁଥିଲା । ପୃଥିବୀ ଭ୍ରୁଲତାର କମଳ ସ୍ୱରୂପ ପ୍ରାପ୍ତ ହୋଇ ଥିବା ଦୃଶ୍ୟ ଦେଉଥିଲା । କ୍ଷେତ୍ରସ୍ଥିତ ଏପରି ପ୍ରଦର୍ଶିତ ସମୟରେ ଗୋ ରୁ ଅଧା ଦୃଶ୍ୟ ଆକାଶର ମେଘକୁ ହାତ ବଢ଼ାଇ ଆଣିବା ପାଇଁ ତତ୍ପର ହେଉଥିଲା । ସେ ସମୟରେ ଜଳ ଧାର ଗୁଡିକ ଗୋପିଙ୍କ ପରି ପ୍ରବାହିତ ହୋଇ ଚାଲିଥିଲା । ପ୍ରବାହିତ ନିଜନିଜ ଆଗ୍ରହ କରି ଆସୁଥିଲେ ଧ୍ୟାନ ଏକାଗ୍ରତା ଆଧାର କରି ପ୍ରିୟ ହୋଇ ପାରିଥିଲା । ସର୍ବଦା ମେଖଳା ତୁଲ୍ୟ ରହି ଆସିଥିଲା । ଚିନ୍ତା କରିବା ଉଚିତ୍ ହେବ କ୍ଷେତ୍ର ତୃପ୍ତି ଅତି ସୁନ୍ଦର, ଯାହାରକି ଅନ୍ତ ନାହିଁ । ହେ ହରଣ କର୍ତ୍ତା ତୁମ୍ଭେ ହରଣ କରିବାରେ ସମର୍ଥ ସିନା ବୃଦ୍ଧିରେ ନୁହଁ । ତୁମ୍ଭେ କ୍ଷେତ୍ରକୁ କ୍ଲେଶ ନ ଦେଇ ନୁତନତାର ଅଭିବୃଦ୍ଧି ପାଇଁ ପରବ୍ରହ୍ମଙ୍କୁ ଆବେଦନ କର ।

ତିର୍ଯ୍ୟକ୍ କଣ୍ଠବିଲୋଳମୌଳିତରଳୋତ୍ତଂସସ୍ୟବଂଶୋଚ୍ଚପଦ୍ ॥
ଗୀତସ୍ଥାନକୃତାବଧାନଲଳନାଲ କ୍ଷୈର୍ନସଂଲକ୍ଷିତାଃ
ସଂମୁଗ୍ଧଂମଧୁସୂଦନସ୍ୟମଧୁରେରାଧାମୁଖେନ୍ଦୌ ମୃଦୁ ।
ସ୍ପନ୍ଦଂ ପଲ୍ଲବିତାଶ୍ଚିରଂଦଧତୁବଃକ୍ଷେମଂକଟାକ୍ଷୋର୍ମୟଃ ॥ ୩ ॥ (ତୃତୀୟ ସର୍ଗ)

ସୃଷ୍ଟିର ମୂଳ ବା ଅଗ୍ରକ୍ଷେତ୍ର ନିକଟରେ ହେଲେ ବି ସେଠାରେ ଚଞ୍ଚଳ ପହଞ୍ଚିବା କଷ୍ଟକର । ଯେହେତୁ କ୍ଷେତ୍ରଫଳ ପାଇଁ ଅନେକ ଆଙ୍କବାଙ୍କ ଅଠାସୁଆ ପଥ ଅତିକ୍ରମ କରିବାକୁ ପଡ଼ିବ । ମୂଳକ୍ଷେତ୍ରକୁ ଆଧାର କରି ଅବସର ସମୟରେ ଭାବିଲେ କେବଳ ଚକ୍ଷୁରୁ ଅଶ୍ରୁ ନିଗିଡ଼ି ଥାଏ । କାରଣ ସୁବର୍ଣ୍ଣ ତୁଲ୍ୟ ସମୁଦାୟ କ୍ଷେତ୍ର ଆଜି ଓଦାଳିଆ । ଏଣୁ ପରିବାର ସହ ସେଠାକୁ ଯିବା ପାଇଂ ଅଗ୍ରାହ୍ୟ । ବର୍ଣ୍ଣିତ ପ୍ରକାରେ କ୍ଷେତ୍ର ଗଠନ ସମୟରେ ସ୍ୱିତ ପ୍ରକାରେ ଲକ୍ଷ ବେନିୟମ ହୋଇ ରହି ଆସିଛି । ମୁଖ୍ୟ ବା ସୃଷ୍ଟିର ମୁଖ କ୍ଷେତ୍ର ନିଶ୍ଚଳ, ନିଶଙ୍କା ଜଣାଯିବା କାରଣକୁ ନେଇ ମହୁ ପ୍ରାପ୍ତ ଆଶାରେ ପୁଷ୍ପକୁ ବିନାଶ କରୁଥିଲେ ମହୁମାଛିଗଣ । ମହୁ ସଂଗ୍ରହ କରି ନରସିଂହ ସ୍ୱରୂପ ସେହି ବାସ୍ତବ ମୁଗ୍ଧକର ହେଉଥିଲେ । ଜ୍ଞାନ କ୍ଷେତ୍ରରେ ସଞ୍ଚୟ କରି ଚାଲିଥିଲେ । ଯେହେତୁ କାର୍ତ୍ତିକ ମାସରେ କ୍ଷେତ୍ର ମୁଖ କୋମଳତାପୂର୍ଣ୍ଣ ରହୁଥିଲା । ଅଞ୍ଚଳ ନୂତନ ପତ୍ର ସମୁଦାୟକୁ ମଥାରେ ଧାରଣ କଲା ପରି ଜଣାଯାଉଥିଲା । ହେ ବାସ୍ତବ ମାୟା ରାଧା କ୍ଷେତ୍ରଟି ତୁମ୍ଭର କେବଳ ନିବାସ ନୁହେଁ । ତୁମ୍ଭେ ସେଠାରେ ନିବାସ କରି ଆସୁଥିବା ସତ୍ୱେ ବି ସେଠାରୁ ଚାରିଦିଗରୁ ଦୃଷ୍ଟି ପକାଇ ପରିବେଶ ମଧ୍ୟରେ ପ୍ରସନ୍ନତା ପ୍ରକାଶ କରାଇ ଯାଇପାରୁଛ ।

ଶ୍ଳୋକ – ୪

ବୃଷ୍ଟିବ୍ୟାକୁଳଗୋକୁଳାବନବଶାଦୁଦ୍‌ଧୃତ୍ୟ ଗୋବର୍ଦ୍ଧନଂ
ବିଭ୍ରଦ୍‌ବଲ୍ଲବସୁନ୍ଦରୀଭିରଧିକାନନ୍ଦାଚିରଂଚୁମ୍ବିତଃ ।
କନ୍ଦର୍ପେଣ ତଦର୍ପିତାଧରତଟୀସିନ୍ଦୁରମୁଦ୍ରାଙ୍କିତୋ
ର୍ବାହୁର୍ଗୋପତନୋସ୍ତନୋତୁ ଭବତାଂଶ୍ରେୟାଂସିକଂସଦ୍ୱିଷଃ ॥ ୪ ॥ (୪ର୍ଥ ସର୍ଗ)

ପରିବେଶ ବର୍ଷା ଅଭାବରୁ ବ୍ୟାକୁଳ ଥିଲା । ଗୋ କୁଳ ଇଚ୍ଛାପ୍ରକାରେ ଅବଳା ତୁଲ୍ୟ ରହୁଥିଲେ । ଯେହେତୁ କ୍ଷେତ୍ର ମଧ୍ୟରେ ଜ୍ୱଳନ ସୃଷ୍ଟି ହେଉଥିଲା । ତତଲା ସୁବର୍ଣ୍ଣ ପରି କ୍ଷେତ୍ରର ସ୍ଥିତି ଥିଲା । ଗୋମାତା ମାନଙ୍କ ବିସ୍ତାରିତ ହେବା ଉନ୍ନତିରେ ବାଧା ସୃଷ୍ଟି ହେଉଥିଲା । ଗୋ ରକ୍ଷକଗଣ ଭୟମୁକ୍ତ ସୁନ୍ଦରୀମାନେ ବସବାସ କଲାପରି ତାଟକା ହୋଇଥିବା ସ୍ଥଳେ ମଧ୍ୟ ଛାୟା ସ୍ୱରୂପ ପ୍ରସନ୍ନତାରେ ରହୁଥିଲେ । ଏପରି ଲୌକିକ ପ୍ରସନ୍ନ ଚିରସ୍ଥାୟୀ ହୋଇ ପାରିନଥିଲା । କାରଣ କନ୍ଦର୍ପଙ୍କ ପ୍ରଭାବ ଆଉ ସେଠାରେ ନଥିଲା । ସେଠାରେ ସେମାନେ ଅନ୍ୟକିଛି ଅର୍ପଣ କରିବା ସାମର୍ଥ୍ୟ ନଥିଲା । ଧାରଣ କରିବା ସାମର୍ଥ୍ୟ ନଥିବା ସତ୍ୱେ ବି ଏହାର ତଟ କ୍ଷେତ୍ର ମାନଙ୍କରେ ସେପରି ସ୍ଥିତିର ଆତ୍ମ ମର୍ଯ୍ୟଦା ନଥିବା ସ୍ଥଳେ ମଧ୍ୟ ବିଶ୍ୱାସର ଭାବ ସୁନ୍ଦର ଭାବେ ଥିଲା । ଗଉଡୁଣୀ ସମୁଦାୟ ନିଜ ନିଜ ହାତଦ୍ୱାରା ସ୍ୱାର୍ଥ ସ୍ଥାପନ ପାଇଁ ବୋଲି କର୍ମ କରି ଅମୃତ ଉତ୍ପାଦନ କରି ଚାଲିଥିଲେ । ଏବଂ କହୁଥିଲେ, ନାହିଁ ତୁମ୍ଭେତ ଉତମ କ୍ଷେତ୍ରର ଶ୍ରେଷ୍ଠାଂଶ ଅଟ । କଂସାସୁରର ଶତ୍ରୁ ଅସୁରକୁ ପରାଜିତ କଲା ପରି ନିଶ୍ଚୟ ପରିବର୍ତ୍ତନ କରିବ ।

**ଶ୍ଲୋକ-୫**

ରାଧାମୁଗ୍ଧମୁଖାରବିନ୍ଦମଧୁପସ୍ତ୍ରୈଲୋକ୍ୟ ମୌଳିସ୍ଥଳୀ ।
ନେପଥ୍ୟୋଚିତନୀଳରତ୍ନମବନୀଭାରାବତାରକ୍ଷମଃ ।।
ସ୍ୱଚ୍ଛନ୍ଦଂବ୍ରଜସୁନ୍ଦରୀଜନମନସ୍ତୋଷପ୍ରଦୋଷଶ୍ଚିରଂ ।
କଂସଧ୍ୱଂସନଧୂମକେତୁରବତୁ ତ୍ୱାଂ ଦେବକୀନନ୍ଦନଃ ।। ୫ ।। (୫ମ ସର୍ଗ)

ବାସ୍ତବତାର ଉତ୍ପତି ତଥା ତାର ମୁଖକ୍ଷେତ୍ର ଅତ୍ୟନ୍ତ ସୁନ୍ଦର ଥିଲା । ଯେପରି ଏହି ଲୋକ ମଧ୍ୟରେ ଭ୍ରମର ପଦ୍ମଫୁଲକୁ ଅଳଙ୍କୃତ କରିବା ଦୃଶ୍ୟ ଦେଖାଯାଉଥାଏ । ପୃଥିବୀର ଏହି ମଥା କ୍ଷେତ୍ରରେ ନର୍ତ୍ତକୀଗଣ ନିଜକୁ ସଜେଇବା ସ୍ଥଳି ପରି ବୋଧ ହୋଇପାରୁଥିଲା । ଅର୍ଥାତ୍ ନୀଳବର୍ଣ୍ଣ ରତ୍ନ ସିଂହାସନରେ କଷିକରି ବାନ୍ଧିବା ଦ୍ୱାରା ଅବତାର ଉଦୟ ହେବାପରି ହେଉଥିଲା । ସଦୃଷ ଯେପରି ଦେଖାଯାଏ ସେପରି ଦେଖାଯାଉଥିଲା । ସେଠାରେ ପ୍ରାକୃତିକ ସମର୍ଥର ଜଣାଯାଉଥାଏ ଯେ, କ୍ଷେତ୍ର ସମୁହ ଅତି ସୁନ୍ଦରର ପସନ୍ଦ ଜଣାଯାଉଥିବା ବେଳେ ଜନଗଣଙ୍କ ଚିତରେ ଅତି ନିର୍ମଳ ବୋଧ ହୋଇଆସୁଥିଲା । କିନ୍ତୁ ପ୍ରକୃତିର ବିଚାରରେ ବୋଧହୁଏ ତୃଟି ସଂକେତ ଆସିଯାଇଥିଲା। କଂସର ମାନସିକତା ଯେପରି ସର୍ବଦା ବିନାସ ଓ ବିପ୍ତାତର ଭାବ ଜନ୍ମନେଇ କାର୍ଯ୍ୟ କରୁଥିଲା, ସେପରି ସେଠାରେ ଉତାପର ବିପ୍ତାତ ବୃଦ୍ଧି ପାଇଥିଲା ।

ସଂସାରରେ ସେପରି ସଦୃଶ ଉତାପକୁ କେବଳ ଦେବକୀ ନନ୍ଦନ ଶ୍ରୀକୃଷ୍ଣ ହିଁ ଲୋପ କରିପାରିବେ । ନାମାନୁସାରେ ସେ ଆଚାର ଅନ୍ଧାର ମଧ୍ୟରୁ ସମୃଦ୍ଧିର ସୂଚନା ପ୍ରକାରେ ପୁନଃ ଅତୀତକୁ ପ୍ରତିଷ୍ଠା କରି ପାରିବେ ।

**ଶ୍ଲୋକ- ୬**

କିଂବିଶ୍ରାମ୍ୟସିକୃଷ୍ଣଭୋଗିଭବନୋଭାଣ୍ଡୀରଭୂମିରୁହି ।
ଭ୍ରାତର୍ଯ୍ୟାସି ନଦୃଷ୍ଟିଗୋଚରମିତଃସାନନ୍ଦନନ୍ଦାସ୍ପଦମ୍ ।
ରାଧାୟା ବଚନଂ ତଦଧ୍ୱଗମୁଖାନ୍ନନ୍ଦାନ୍ତିକେ ଗୋପତୋ ।
ଗୋବିନ୍ଦସ୍ୟ ଜୟନ୍ତି ସାୟମତିଥିପ୍ରାଶସ୍ତ୍ୟଗର୍ଭାଗିରଃ ।। ୬ ।। (୬ଷ୍ଠ ସର୍ଗ)

କ୍ଷେତ୍ରରେ ଥିବା ଘଞ୍ଚଅନ୍ଧକାର ଭବନକୁ ଭୋଗ କରିବା ସକାଶେ ବିଶ୍ରାମ କରିଥିଲେ । ପ୍ରୟାସ କରିବା କାହିଁକିର ମୃତିକାଭୂମି ଭଣ୍ଡାରରେ ଭାଇ ଭାର୍ଯ୍ୟା ସହ ଯେପରି କୃଷି ଦ୍ୱାରା କୃଷକ ଅଙ୍କୁରିତ କରାଇଥାଏ, ଯାହା ପ୍ରଚଳିତ ଥିଲା ତାହା ଆଉ ସମ୍ଭବ ନାହିଁ। ଗୋଚର ଜମି ସମୁଦାୟ ଦୃଶ୍ୟରେ ଯେପରି ପରବ୍ରହ୍ମଙ୍କ କୃପାରୁ ଆନନ୍ଦର ମିତ୍ରତ୍ୱ ସ୍ଥାନ ପ୍ରାୟ ଥିଲା । ପ୍ରକୃତିରେ ସେସବୁ ବାସ୍ତବ ମାୟା ଥିଲା । ପ୍ରକୃତ କଥାରେ ଯାହା କୁହାଯାଇଛି ସେହି ବିନ୍ଦୁ ( ଗୋ) କ୍ଷେତ୍ର ଆଜି ଅବିଦ୍ୟମାନ ଅଟେ । ଏପରି ନିନ୍ଦାକୃତ ହେଲେ ମଧ୍ୟ କ୍ଷେତ୍ର ମୁଖରେ ବ୍ରହ୍ମଆତ୍ମା ବଶିକୃତ ହୋଇରହିଛି । ଏହି ରାଧାପାଦ ଗୋ କ୍ଷେତ୍ର କାହାର ଧାରଣ ଦ୍ୱାରା ନିମ୍ନରୁ ଉର୍ଦ୍ଧ ଯାଏ ରହିଛି । ତାହା କେବଳ ପରବ୍ରହ୍ମ ଦ୍ୱାରା ସମ୍ଭବ ହୋଇଛି । କ୍ଷେତ୍ର ଗର୍ଭଯାତ ହୋଇଥିବା ଏବଂ ରହି ଆସିଥିବା କଥାରୁ ଶୁଣାଯାଏ ଯେ, ସମୟ ସନ୍ଧ୍ୟାର ଏଇ ଶୁଭ ମୂହୁର୍ତ କାଳରେ ଗୋବିନ୍ଦ ପ୍ରଶସ୍ତି ପାଇଁ ଏଠାରେ ଗର୍ଭରୁ ଉତ୍ପତି ହୋଇପାରିଥିଲେ ।

**ଶ୍ଲୋକ- ୭**

ସାନ୍ଦ୍ରାନନ୍ଦପୁରନ୍ଦରାଦିବିଷଦବୃନ୍ଦୈରମନ୍ଦାଦରା
ଦାନନ୍ଦ୍ରୈର୍ମୁକୁଟେନ୍ଦ୍ରନୀଳମଣିଭିଃସନ୍ଦର୍ଶିତେନ୍ଦୀବରମ୍ ।
ସ୍ୱଚ୍ଛନ୍ଦଂମକରନ୍ଦସୁନ୍ଦରଗଳନ୍ମନ୍ଦାକିନୀମ୍ନେରଂ
ଶ୍ରୀଗୋବିନ୍ଦପଦାରବିନ୍ଦମଶୁଭସ୍କନ୍ଦାୟବନ୍ଦାମହେ ।। ୭ ।। (୭ମ ସର୍ଗ)

ଇନ୍ଦ୍ରାଦି ଦେବତାଗଣ ସମୂହ କ୍ଷେତ୍ର ପ୍ରତି ଆକର୍ଷିତ ହୋଇ ନିବିଡ଼ ଆନନ୍ଦ ପ୍ରାପ୍ତ ହୋଇପାରୁଥିଲେ । ସେହି ସମୟରେ କ୍ଷେତ୍ର ଉତାପ ସମୁଦାୟକୁ ଅତି ଧିର ତଥା ନିର୍ଭରତା କ୍ରମରେ ପ୍ରଦାନ କରିଚାଲିଥିଲା । ବିଳମ୍ବରେ ହେଲେ ମଧ୍ୟ ନୀଳମଣି ଖଚିତ ଶିରଭୂଷଣ ଧାରଣ କରି ଇନ୍ଦ୍ରଦେବ କ୍ଷେତ୍ରରେ ପ୍ରକଟ ହୋଇଥିଲେ । ଯେହେତୁ ସେଠାରେ କ୍ଷେତ୍ର ଗୋ ପଦ୍ମଫୁଲ ସ୍ୱଚ୍ଛନ୍ଦରେ ପ୍ରକଟିତ ହୋଇ ରହିଥିଲା । ସୁନ୍ଦରତାର ଅଭିବୃଦ୍ଧି ସକାଶେ ପୁଷ୍ପରେଣୁ ପ୍ରଭାବ ବିସ୍ତାରିତ ହୋଇ ତରଳ ସ୍ୱରୂପ ତରଳି ଚାଲିଥିଲା । ସ୍ୱର୍ଗରୁ ଗଙ୍ଗା ଧାର ପଡିଲା ପରି କ୍ଷେତ୍ର ପରିବେଶ ପବିତ୍ର ତଥା କୋମଳତା ଜଣାଯାଉଥିଲା । କ୍ଷେତ୍ରରେ ଗୋବିନ୍ଦ ସ୍ୱରୂପ ମେରୁ ଅକ୍ଷ୍ୟର ସମୃଦ୍ଧି ତଥା ଐଶ୍ୱର୍ଯ୍ୟମୟତାକୁ ଦେଖି, ଇନ୍ଦ୍ରଦେବ ସେହି ପବିତ୍ର କାର୍ତ୍ତିକ ମାସରେ ବନ୍ଧା ହେଲାପରି ହୋଇଥିଲେ । ମାନସିକତାରେ ହୋଇ ବା ଅଧିନସ୍ଥ ରହି ଗୋବିନ୍ଦଙ୍କ ପାଦପଦ୍ମକୁ ବାରମ୍ବାର ପ୍ରଣାମ କରୁଥିଲେ ।

**ଶ୍ଳୋକ- ୮**

ପ୍ରାତର୍ନୀଳନିବେଳାମଚ୍ୟୁତମୁରଃସମ୍ବୀତପୀତାଂଶୁକଂ
ରାଧାୟାଶ୍ଚକିତଂବିଲୋକ୍ୟହସତିସ୍ୱୈରଂ ସଖୀମଣ୍ଡଳେ ।
କ୍ରୀଡାଚଞ୍ଚଳମଞ୍ଚଳଂ ବୟନୟୋରାଧାୟ ରାଧାନନେ ।
ସ୍ମେରସ୍ମେରମୁଖୋଽୟମସ୍ତୁ ଜଗଦାନନ୍ଦାୟ ନନ୍ଦାତ୍ମଜଃ ।। ୮ ।। (୮ସର୍ଗ)

ପ୍ରାତଃ କାଳରେ ପାଣିର ସ୍ଥିତି ଯେପରି ନିର୍ମଳ, ସ୍ୱଚ୍ଛ ଜଣାଯାଏ, ସେପରି ବସ୍ତୁର ପତନ ସମୟରେ ଧିରେ ଧିରେ ଆହୁଲେଇ ନିମ୍ନରେ ପତନ ହୋଇଥାଏ । ଏଥକୁ ସମ୍ପର୍କ କରି କୁହାଯାଇପାରେ ରାକ୍ଷାସ ମୁର ତଥା ଶୁକଦେବଙ୍କ ପିତା ବ୍ୟାସଦେବଙ୍କ ଚରିତ୍ରରେ ପ୍ରଭେଦ ଥିଲେ ମଧ୍ୟ ଉଭୟେ ବାସ୍ତବ ମାୟା ଦ୍ୱାରା ପ୍ରଚଳିତ ଥିଲେ । ସ୍ୱେଚ୍ଛାଚାରୀ ସଦୃଶ ଉଭୟଙ୍କ ବିଚାର ଉଭୟେ ନିଜ ମାନସୀକତା ପ୍ରକାରେ ହସି ହସି କାର୍ଯ୍ୟ କରୁଥିବା ପରି ଏହି କ୍ଷେତ୍ର ମଣ୍ଡଳୀରେ ଗଣ କାର୍ଯ୍ୟକରି ଚାଲିଥିଲେ । ସଖି ଖେଳିଲା ପରି ପ୍ରବାହିତ ହେଉଥିଲେ । ଯାହାକି ବାସ୍ତବମାୟାର ପ୍ରତୀକ ରୂପେ ଚକ୍ଷୁରେ ଦଖିବାକୁ ମିଳୁଥିଲା । ହେ ମାୟାର ବାସ୍ତବ ମୂଖକ୍ଷେତ୍ର, ପ୍ରକୃତରେ ତୁମେ ବାସ୍ତବ ଥିଲ । ହେତୁ କରି କରି ଚାଲ । ସ୍ମରଣ ନହେଲେ ପୁଣି ଅତୀତକୁ ହେତୁ କରି କରି ଚାଲ । ଜାଣିବ ଗୋବିନ୍ଦଙ୍କ ଏହି ପାଦ ବା ସୁଖ କ୍ଷେତ୍ର ଜଗତ ସମୁଦାୟକୁ ଆନନ୍ଦ ଦେଇଆସିଛି ଯେପରି ରାଜାନନ୍ଦ ଶ୍ରୀକୃଷ୍ଣଙ୍କୁ ଆତ୍ମଜ ରୂପେ ପାଇବା ପରେ ବୋଧ କରୁଥିଲେ ।

**ଶ୍ଳୋକ - ୯**

ଅନ୍ତର୍ମୋହନମୌଳିଘୂର୍ଣ୍ଣନଚଳମନ୍ଦାରବିସ୍ରଂସନଃ ।
ସ୍ତବ୍ଧାକର୍ଷଣଦୃଷ୍ଟିହର୍ଷଣମହାନ୍ତ୍ରଃକୁରଙ୍ଗୀଦୃଶ୍ୟମ୍ ।
ଦୃପ୍ୟଦ୍‌ଦାନବଦୂୟମାନଦିବିଷଦ୍‌ଦୁର୍ବାରଦୁଃଖାପହାଂ ।
ଭ୍ରଂ ଶଃକଂସରିପୋବ୍ୟପୋହୟତୁବଃ ଶ୍ରେୟାଂସିବଂଶୀରବଃ ।। ୯ ।। (୯ମ ସର୍ଗ)

ସୃଷ୍ଟି ଆରମ୍ଭର ଶେଷରେ ସର୍ବୋତମ ମନମୁଗ୍ଧକର ଥିଲା । ଘୂର୍ଣ୍ଣନ ବା ଗତିବାନ୍ ହେବା ଲାଗିଥିଲା । କ୍ଷେତ୍ର ଥିଲା ପୃଥିବୀ ଉତ୍ପତି ହେବାଠାରେ ଗୋବିନ୍ଦ ରୂପକ ମେରୁ ଦୃଶ୍ୟ ଜଗତରେ ଦିନରାତି ମାସ ଋତୁ ବର୍ଷ ପରିବେଶ ମଧ୍ୟରେ ପ୍ରବେଶ କରିପାରିଥିଲା । ଏଥକୁ ନେଇ ସ୍ୱାଗତ ମନ୍ଦାର ମନ୍ଥନ ମାଧ୍ୟମରେ ବିଶେଷ ଗନ୍ଧର ପ୍ରଭାବ ବର୍ଷ ତମାମ ହେବାକୁ ଲାଗିଥିଲା । ଗୋବିନ୍ଦ ପାଦ କ୍ଷେତ୍ର ଦୃଢ଼ ଥିଲା । ସେଠାରେ ଆକର୍ଷଣ ବିଚିତ୍ର ପ୍ରକାର ଥିଲା । ଦୃଶ୍ୟରେ ଆନନ୍ଦ ପ୍ରକାଶ ପାଉଥିଲା ବା ଶ୍ରେଷ୍ଠ ବୀଜବାକ୍ୟ ବା ମନ୍ତ୍ର ହେଉଥିବା ଦୃଶ୍ୟ ଦେଖାଯାଉଥିଲା । ଦାନବ ପୀଡା ଦେବା ସତ୍ୱେ ମର୍ଯ୍ୟଦାଦିର ସୁରକ୍ଷା ସକାଶେ ଅନିବାର୍ଯ୍ୟ ନିର୍ମଳର ପ୍ରଭାବ ମଧ୍ୟ ରହିଥିଲା । ରକ୍ଷକର କ୍ରୋଧରେ ଦୁଃଖତଥା କଂସ ତୁଲ୍ୟ ଅସୁରର ଅତ୍ୟାଚାର ପ୍ରଭାବରେ ବରଦାନ ହେବା ପରି ହୋଇଥିଲା । ଅଶ୍ୱ ଅତ୍ୟାଚାରରେ ଗ୍ରାମର ପତନ ହେବାପରି ତୁମର ଶ୍ରେୟବକ୍ଷର ଅଂଶ ବିଶେଷ ମଧ୍ୟ ନଷ୍ଟ ହେବାର ନଥିଲା । କାରଣ ଏଠାରେ ସର୍ବଦା ମୁରଲୀ ସ୍ୱନର ପ୍ରଭାବ ରହି ଆସିଛି, ରହିଥିବ ।

**ଶ୍ଳୋକ- ୧୦**

ପ୍ରୀତିଂବସ୍ତନୁତାଂହରିଃକୁବଳୟାପୀଡେନସାର୍ଦ୍ଧଂ ରଣେ ।
ରାଧାପୀନପୟୋଧରସ୍ମରଣକୃତ୍‌କୁମ୍ଭେନସମ୍ଭେଦବାନ୍ ।
ପତ୍ରେବିଭ୍ୟତିମୀଳତିକ୍ଷଣମପିକ୍ଷିପ୍ରଂତଦାଲକନାଦ୍
ବ୍ୟାମୋହେନଜିତଂଜିତଂଜୀତାମିତିବ୍ୟାଲୋଳକୋଳାହଳଃ ।। ୧୦ ।। (୧୦ମ ସର୍ଗ)

କ୍ଷେତ୍ର ସମାଜର କ୍ଷତିକରିବା ପରିବର୍ତେ ଅତିପ୍ରିୟ ଥିଲା । ସବୁଜକୃଷିର ଅଗ୍ରସର ହେବାରେ ଲାଗିଥିଲା । ବିଶେଷ କରି ସମୁହ କ୍ଷେତ୍ରରେ ନୀଳ ପଦ୍ମର ପ୍ରଭାବ ବିଶେଷ

ଭାବରେ ଥିଲା । ସଂଗ୍ରାମରେ ଦରଖଣ୍ଡିଆ ହୋଇ ପୀଡ଼ା ପାଇବା ପରି ମାୟାର ଏହି ବାସ୍ତବ କ୍ଷେତ୍ର ସମ୍ମୁଖିନ ହୋଇ ପାରିଥିଲା । ଅତୀତରେ ସେହି ସମୟକୁ ସ୍ମରଣ କରାଯାଉ, କଳସରେ ଜଳ ସଂଗ୍ରହ କରି ଅଜାଡ଼ିଲା ପରି ଠିକ୍ ମେଘରୁ ତେଜ ଧାରର ବର୍ଷା ହେଉଥିଲା । ସେହି ବର୍ଷାଜଳ ରାଶି ବିଭିନ୍ନ ଜଳ ସ୍ରୋତରେ ଭାଗ ଭାଗ ହୋଇ ସ୍ରୋତାୟିତ ହେଉଥିଲା । ସ୍ରୋତ ଗୁଡିକ ପ୍ରତି କ୍ଷଣରେ ଅତି ଚଞ୍ଚଳ ଜଣାଯାଉଥିଲା । ସେହି କ୍ଷେତ୍ରରେ ପରସ୍ପରର ମିଳନ ତଥା ବିଭାଜନ ହୋଇ ଚାଲିଥିଲା । ଏପରି ସ୍ଥିତିରେ ଜନ ସମୁଦାୟ କ୍ଷେତ୍ର ସମୁଦାୟ ପ୍ରତି ଆକର୍ଷଣରେ ବିସ୍ତାରିତ ସ୍ୱରରେ କହି ଉଠିଥିଲା । ତଥା କୋଳାହଳରେ ବଞ୍ଚଳ ବିସ୍ତାର ହୋଇ ପାରିଥିଲା । ହେ ସମାଜ ! ପରାସ୍ତ ନ ହୋଇ ବଞ୍ଚିବାକୁ ଚେଷ୍ଟା କର ।

ଶ୍ଳୋକ- ୧୧

ସାନନ୍ଦଂ ନନ୍ଦସୂନୁର୍ଦଶତୁମିତପରଂସଂମଦଂମନ୍ଦମନ୍ଦଂ ।
ରାଧାମାଧାୟ ବହ୍ୱୋର୍ବିବରମନୁ ଦୃଢଂ ପୀଡୟନ୍ ପ୍ରୀତିଯୋଗାତ୍ ॥
ତୁଙ୍ଗୌ ତସ୍ୟାଉରୋଜାବତନୁବରତନୋର୍ଗତୌସାସ୍ମଭୂତାଂ ।
ପୃଷ୍ଠଂ ନିର୍ଭର୍ତ୍ୟ ତସ୍ମାଦ୍ ବିହିରିତିବଳିତଗ୍ରୀବାମାଲୋକୟନ୍ ବଃ ॥ ୧୧ ॥
(ଏକାଦଶ ସର୍ଗ)

ଶ୍ରୀକୃଷ୍ଣଙ୍କ ସମୃଦ୍ଧିରେ କୃଷ୍ଣରୂପି ଅନ୍ଧାରର ଯେପରି ଅବସାନ ଘଟି ଆନନ୍ଦ ପ୍ରକାଶିତ ହୋଇଥିଲା ସେପରି ପରିବେଶ ମଧ୍ୟରେ ଦେଖା ଯାଉଥିଲା । ସେପରି ତୁମ୍ଭ କ୍ଷେତ୍ରର ମିତ୍ର ରୂପେ ପରବର୍ତ୍ତୀ କାଳରେ ଜ୍ଞାନ ଦ୍ୱାରା ମସ୍ତି ହୋଇଥିଲା । ତଥା ବାସ୍ତବ ମାୟାର ଆଧାର ସ୍ୱରୂପ ଧିରେ ଧିରେ ଏଠାରେ ନିଚତ୍ୱକୁ ଉଭୟ ବାହୁରେ ଉର୍ଦ୍ଧଗାମୀ କରାଇଥିଲେ । ସ୍ଥିତିର ମଙ୍ଗଳ ସକାଶେ ଆଦିରାଜ ସ୍ୱୟମ୍ଭୁବ ମନୁ ପୀଡ଼ାପାଇ ଆସୁଥିବା କ୍ଷେତ୍ରକୁ ଦୃଢ଼ତାର ସହ ପ୍ରିୟତାକୁ ଯୋଗାଇ ଅତିଉର୍ଦ୍ଧରେ ସ୍ଥାପନ କରାଇଥିଲେ । ସ୍ତନ ଯୁଗଳ ଶରୀରର ନିମ୍ନଗାମୀ ହେବାପରି ସେ କ୍ଷେତ୍ରରେ ତୁଙ୍ଗ ଶରୀରର ଅଭିଳଷିତ ହୋଇଥିଲା । ସେଠାରେ ପର୍ବତ ଶରୀର ମଧ୍ୟ ଆସ୍ତେ ଆସ୍ତେ ନଷ୍ଟ ହୋଇଥିବା ପ୍ରକାଶିତ ଅଟେ । ପ୍ରଶ୍ନଦ୍ୱାରା ଜଣାଯାଏ ସେଠାରେ ମୃତିକା ଅଗ୍ନି ପରଂପରାରେ ଦିକ୍ଷିତ ଥିଲା । ଯେହେତୁ କ୍ଷେତ୍ରଟି ଶରୀରର ଗଳାଭାଗ ରୂପେ ଏହି ମହି ଲୋକରେ ବୃଦ୍ଧି ପାଇଥିଲା ।

**ଶ୍ଳୋକ- ୧୨**

ଜୟଶ୍ରୀବିନ୍ୟସ୍ତୈର୍ମହତିଇବମନ୍ଦାରକୁସୁମୈଃ ।
ସ୍ୱୟଂସିନ୍ଦୁରେଣଦ୍ୱିପରଣମୁଦାମୁଦ୍ରିତଇବ ।
ଭୂଜାତ୍ପୀଡକ୍ରୀଡାହତକୁବଳୟାପୀଡ କରିଣଃ ।
ପ୍ରକୀର୍ଣ୍ଣାସୃଗ୍ବିନ୍ଦୁର୍ଜୟତି ଭୂଜଦଣ୍ଡୋ ମୁରଜିତଃ ॥ ୧୨ ॥ (୧୨ଶ ସର୍ଗ)

ଗ୍ରନ୍ଥ ସ୍ୱରୁପ ସମୃଦ୍ଧି କ୍ଷେତ୍ରଟିର ସେହି ଗୋବିନ୍ଦାୟ ପଦକ୍ଷେତ୍ର ଅତି ବିନୟ ଯୁକ୍ତ ହୋଇଥିଲା । ନିକଟରେ ଶତ୍ରୁ ସମିପରେ ବାସକଲେ ମଧ୍ୟ ମହତ୍ୱ ଦେଇ ଆସୁଥିଲା ଯେହେତୁ କ୍ଷେତ୍ର ସୌନ୍ଦର୍ଯ୍ୟ ମନ୍ଦାର ଫୁଲ ସମୁଦାୟରେ ଗୁନ୍ଥି ହେଲା ପରି ଜଣାଯାଉଥିଲା । ସ୍ୱତଃ ସୁନ୍ଦରର ଏହି କ୍ଷେତ୍ରଟି ଲାକ୍ଷାଦ୍ୱିପ ତୁଲ୍ୟ ଶଙ୍କୁଚିତ ଜଣାଯାଇଥିଲା । ସର୍ମିପରେ ଉପୃତି ମୃତିକା ସ୍ଥର ସ୍ଥର ହୋଇ ଖେଳ ପଡିଆ ସଦୃଶ ଜଣାଗଲେ ମଧ୍ୟ ବିନାଶିତ ପରି ଜଣାଯାଉଥିଲା । ସ୍ଥର ସ୍ଥରରେ ରହି ଆସିଥିବା ନୀଳପଦ୍ମ କୁଦ ଗୁଡିକ ପ୍ରକୀର୍ଣ୍ଣ ଭାବରେ ଥିଲା । କ୍ଷେତ୍ର ସଫା ନ ହୋଇ ମଧ୍ୟ ସଫା ଦେଖାଯାଉଥିଲା । ସଫା କୃତ କ୍ଷେତ୍ର ବିନ୍ଦୁ ବଶିକରଣ ଭିତରେ ଥିବା ଏପରି ଜଣାଯାଉଥିଲା । କଥା ରହିଛି ରାଜ୍ୟର ଶାସକ ଯିଏ, ଦଣ୍ଡ ଦେବାର ଅଧିକାର ଯାହାର ରହିଛି, ତାହାର ହିଁ ଜୟ ହେବ । ପଦ୍ଧତି ପ୍ରକାରେ ମୁର ଅସୁରର ଜୟ ହୋଇଥିଲା ।

**ଶ୍ଳୋକ- ୧୩**

ସୌନ୍ଦର୍ଯ୍ୟୈକନିଧେରନଙ୍ଗଲଳନାଲନାଲାବଣ୍ୟଲୀଳାୟୁଷୋ ।
ରାଧାୟାହୃଦିପଲ୍ଲଳେମନସିଜକ୍ରୀଡୈକରଙ୍ଗସ୍ଥଳେ ॥
ରମ୍ୟୋରୋଜୟୁଗେ ହିଖେଳନରସିତ୍ୱାଦାମୃନଃ ଖ୍ୟାପୟନ୍ ।
ଧ୍ୟାତୁଃମାନସରାଜହଂସନିଭତାଂଦେୟାନମୁକୁନ୍ଦୋମୁଦମ୍ ॥ ୧୩ ॥ (୧୩ଶ ସର୍ଗ)

ସମୁଦାୟ ବ୍ରହ୍ମାଣ୍ଡରେ ରହିଥିବା ସୌନ୍ଦର୍ଯ୍ୟ ଏଠାରେ ଏକତ୍ରୀତ ହୋଇଥିବା ବେଳେ, କ୍ଷେତ୍ର ଭୁଗର୍ଭରେ ରହିଛି ଆସ୍ୱାମିକ ଅକଳନ୍ତି ଧନ । ଏଥି କାରଣରୁ କ୍ଷେତ୍ର ବିନ୍ଦୁରେ ଇଛା ଶକ୍ତିର ଚମକ୍ ଖେଳି ଉଠୁଛି କି । ନାହିଁ, ନାରୀ ସତ୍ୱର କାନ୍ତି ଲୀଳା ତଥା ସମୁଦାୟ ବାସ୍ତବ ମାୟାର ମଧୁର । ରସ ଏହାର ଅଙ୍ଗ ବିଶେଷରେ ବିନ୍ୟାସ ହୋଇ ରହିଛି । ଆତ୍ମାରେ କୌଣସି ମଇଳା ସ୍ୱରୂପ ଅବର୍ଯ୍ୟା ନାହିଁ । ଏଠାରେ ଯେଉଁ କ୍ରୀଡା ଚାଲିଛି, ତାହା ବ୍ୟାପ୍ତ ରଙ୍ଗ ରୂପରେ କନ୍ଦର୍ପ ତୁଲ୍ୟ ଅଟେ । କ୍ଷେତ୍ରଗତ କ୍ରୀଡା

ଅତିମନୋହର ଏବଂ କାଳର ପ୍ରତିଦିନ ଏଠାରେ କ୍ରୀଡାରେ କୌଣସି ପ୍ରତିବନ୍ଧକ ନାହିଁ । ସେଠାରେ କ୍ରିଡନକ ବସ୍ତୁ ଗୁଡିକରେ ଆଦର ମଧ୍ୟ ବଢ଼ିଛି । କ୍ଷେତ୍ରଟି ଦାନୀ, ପ୍ରସିଦ୍ଧ ରୂପେ ନିଜେ ବିଚାରକୁ ଦୃଢ଼ କରି ପାରିଛି, ମନରେ ଶ୍ରେଷ୍ଠଶାସକ ରୂପେ ସେଠାରେ ଦୃଶ୍ୟ ବ୍ରହ୍ମାଣ୍ଡକୁ ଦେଇ ଆସିଥିବା ହର୍ଷ ହିଁ ମୁକ୍ତିର ଚିହ୍ନ କ୍ଷେତ୍ର ହୋଇ ରହିଆସିଛି ।

**ଶ୍ଳୋକ- ୧୪**

ତ୍ୱାମପ୍ରାପ୍ୟମୟି ସ୍ୱୟୟରପରଂ କ୍ଷୀରୋଦତୀରୋଦରେ
ଶଙ୍କେ ସୁନ୍ଦରୀ ! କାଳକୂଟମପିବନମୁଢ଼ୋ ମୃଡାନୀପତିଃ ।
ଇତ୍ଥଂ ପୂର୍ବକଥାଭିରନ୍ୟମନସୋବିକ୍ଷିପ୍ୟବାମାଞ୍ଚଳଂ ।
ରାଧାୟାଃସ୍ତନକୋରକୋପରିଚଳନ୍‌ନେତ୍ରୋହରିଃପାତୁବଃ ॥ ୧୪ ॥ (୧୪ଶ ସର୍ଗ)

କ୍ଷେତ୍ର ଗୋବିନ୍ଦ ପାଦପ୍ରତି ପରିବେଶର ଭକ୍ତି । ମୋଠାରୁ ପାଉଣା ସ୍ୱୟଂଭୂବ ମନୁଙ୍କ ଦାନ ଅତ୍ୟଧିକ ଥିଲା । ମୋର ସମ୍ପୂର୍ଣ୍ଣତା ହେବା ପୂର୍ବରୁ ଅଗ୍ନିଙ୍କ ପ୍ରଭାବ ଯଥେଷ୍ଟ ଥିଲା । ଆଦିରାଜ ମନୁ କ୍ଷୀର ସାଗର ( ବଙ୍ଗୋପସାଗର) ତଟ ଦେଶରେ ଆଦର ଓ ଶଙ୍କା ସହିତ ଏହି ସୁନ୍ଦର କ୍ଷେତ୍ରରେ ଶ୍ରେୟ ବୋଲାଇଥିଲେ । କିନ୍ତୁ କାଳର ମଳୟ ପର୍ବତ ସମିପରେ ବିକଳ୍ପ ଜଳ ନିଜକୁ ସ୍ୱାମିତ୍ୱ ବୋଲାଉଥିଲା । ସେହି ସମୟରେ ମୂର୍ଖଗଣ ତଥା ମୁର୍ଖଙ୍କ ଅଧିପତି ସେଠାରେ ପ୍ରକଟ ଥିଲେ । ସେଠାରେ ପୁର୍ବକଥା ଗୁଡିକୁ ସ୍ମରଣ କରିବା ଉଚିତ ହେବ । ପ୍ରକୃତି ଭିଆଇଥିବା ଅରଣ୍ୟ କ୍ଷେତ୍ର ମାନସୀକତାକୁ ବର୍ଦ୍ଧିତ କରି ପାରିଥିଲା । ଉକ୍ତ କ୍ଷେତ୍ରରୁ ବାସ୍ତବ ମାୟା ଧିରେ ଧିରେ ବାମାଂଚଳକୁ ଅଗ୍ରସର ହେବାକୁ ଲାଗିଥିଲା । କାରଣ ଏହି ଯେ ଅଫୁଟା ଫୁଲ ଫୁଟିବା ପରି ମେଘ ଚଳନ ହେବାରେ ଲାଗିଥିଲା । ପରେ ପରେ ଦୃଶ୍ୟରୁ ଜଣାଗଲା, ବର୍ଷା ହେବାଦ୍ୱାରା ପତନ ହେବାକୁ ଯାଉଥିବା ସବୁଜତାର ପୁନଃ ଉଜ୍ଜିବିତ ହେବାରେ ଲାଗିଥିଲା ।

**ଶ୍ଳୋକ- ୧୫**

ବ୍ୟାଲୋକଃକେଶପାଶସ୍ତ ରଳିତମଳକୈଃସ୍ୱେଦଲୋଲୌକପୋଲୌ
ସ୍ପଷ୍ଟା ବିମ୍ୱାଧରଶ୍ରୀଃକୁଚକଳଶରୁଚାହାରିତାହାରଯଷ୍ଟିଃ ॥
କାଞ୍ଚିକାନ୍ତି ର୍ହତାଶା ସ୍ତନଜଘନପଦଂ ପାଣିନାଛାଦ୍ୟ ସଦ୍ୟଃ ।
ପଶ୍ୟନ୍ତୀ ସତ୍ରପା ସା ତଦପି ବିଲଳଇତା ମୁଗ୍ଧକନ୍ତିର୍ଧ୍ନୋତି ॥ ୧୫ ॥(୧୫ଦଶ ସର୍ଗ)

ଅବ୍ୟବସ୍ଥିତ ମଥାର କେଶକୁ ସଜାଡି ବିସ୍ତାରରେ ବାନ୍ଧି ରଖିଲାପରି ଅପବିତ୍ର ପଦାର୍ଥ ଗୁଡିକକୁ ମଧ୍ୟ ଅଲଗା ଅଲଗା ରଖାଯାଇଥିଲା । ଯେପରି ଉଚିତ ଝାଳ ସ୍ରୋତକୁ କଳ୍ପନାର ନିର୍ମଳ ପରି ଉଚିତ୍ ବିଚାରିବା, ଯାହାର ରକ୍ତବର୍ଣ୍ଣ ଓଷ୍ଠ ସେ ନିଜ ସମୃଦ୍ଧିର ସୂଚନା ଦେଲାପରି କଳସରେ ଅନୁରାଗ ସହ ଜଳ ଢାଳିଲାପରି ମେଘ ମଧ୍ୟ ବର୍ଷା କରି ଚାଲିଥିଲା । ଉତାପ ସମୟରେ ଆଶାଶୂନ୍ୟ ହେଲେ ମେଖଳାରେ ବସି ପ୍ରାର୍ଥନା କଲେ ଯଷ୍ଟି ସ୍ୱରୂପ ହାର ଦିପ୍ତି ସ୍ୱରୂପ ଜଣାଯାଏ କି ? ଜଘନର ପାଦ ଦେଶରେ କେବଳ ମେଘ, ପାଣି ବର୍ଷା କରେ କି ? ନାହିଁ ଅତୀତରୁ ବର୍ତ୍ତମାନ ସୁଦ୍ଧା ଜଳର ନିର୍ମଳତା ରହି ଆସିଛି । ସେହି କାଳରେ ବିଶେଷ ପ୍ରକାରର ଧ୍ୱନୀ ଅସ୍ଥିରତାରେ ବିନୟ ଭାବ ନେଇ ପ୍ରକାଶିତ ହୋଇଥିଲା । ପ୍ରାଚୁର୍ଯ୍ୟର ଶକ୍ତି ପ୍ରଖ୍ୟାତ ହେବାରେ ଲାଗିଥାଏ ତଥା ମୁଗ୍ଧ କାନ୍ତିକୁ ସାଇତି ରଖିଲା ପରି ବୋଧ ହେଉଥିଲା ।

**ଶ୍ଳୋକ- ୧୬**

ଇଷନ୍ମୀଳିତ ଦୃଷ୍ଟିମୁଗ୍ଧହସିତଂ ସୀତ୍କାରଧାରାବଶା –
ଦିବ୍ୟକ୍ତାକୁଳକେଳିକାକୁବିକସଦଦନ୍ତାଂସୁଧୌତାୟରମ୍ ।
ଶ୍ୱାସୋତ୍କମ୍ପିପୟୋଧରୋପରି ପରିଷ୍ୱଙ୍ଗାତ୍ କୁରଙ୍ଗୀ ଦୃଶୋ
ହର୍ଷୋତ୍କର୍ଷବିମୁକ୍ତନିଃସହତନୋର୍ଧନ୍ୟୋଧୟତ୍ୟାନନମ୍ ॥ ୧୬ ॥ (୧୬ଷ ସର୍ଗ)

ଏହି କ୍ଷେତ୍ର ସମୁଦାୟ ଶକ୍ତି ସମ୍ପନ୍ନ ଥିବା ସତ୍ୱେ ଦୃଶ୍ୟରେ ଧୂଆଁଳିଆ ମୁଗ୍ଧକର ତଥା ହସ ହସ ଜଣାଯାଉଥିଲା । ଏହି ସ୍ୱର୍ଗୀୟ ଅସ୍ଥିର କ୍ଷେତ୍ରର ଧାରାରେ ପୀଡ଼ା ଜନିତ ଚିତ୍କାର ମଧ୍ୟ ଘନୀଭୂତ ହୋଇ ରହିଥିଲା । ଏହି ମାଳବ ଦେଶରେ ବଳଶାଳୀ କ୍ରୀଡ଼ା ଛାୟାର ପ୍ରଭାବ ଉଚିତ ଭାବରେ ପ୍ରଚଳିତ ଥିଲା । ଆକାଶ କ୍ଷେତ୍ର ସଫା, ଶୁଭ୍ର ଥିବା କାଳରେ ଶ୍ୱାସ ପ୍ରଶ୍ୱାସ ପ୍ରକ୍ରିୟା ଯେପରି ଅନ୍ତବ୍ୟାପ୍ତ ହୋଇଥାଏ, ସେପରି ମେଘ ଏହି କ୍ଷେତ୍ରକୁ ଆଲିଙ୍ଗନ ସର୍ବଦା କରିରଖୁ । କ୍ଷେତ୍ର ପରିତ୍ୟକ୍ତ ଜଣାଯିବା ସତ୍ତ୍ୱେ ତଥା କ୍ଷେତ୍ରରେ ନିଶ୍ଚୟ ମୃତ୍ୟୁ ହେବା ସୂଚନା ଥିବା ସତ୍ତ୍ୱେ ମଧ୍ୟ ଏଠାରେ ଦୃଶ୍ୟ କ୍ଷେତ୍ରରେ ହର୍ଷର ସହିତ ମୃଗୁଣୀ ସମୁଦାୟ ଅତିଶୟତାରେ ଖେଳି ବୁଲୁଥିଲା । କାରଣ ଏଠାରେ ସଂଗ୍ରାମ ହେଉଥିଲା । ଯେ ନିମ୍ନରୁ ଉର୍ଦ୍ଧ ସରିକି କୌଣସି ପ୍ରକାରେ ପରିବେଶ ଅଶୁଦ୍ଧ ନଥିଲା । କିମ୍ୱା ଯାନ ବାହାନ ପ୍ରଚଳିତ ଜଳବାୟୁରେ ଅପବିତ୍ରତା ନ ଥିଲା । ପରିବେଶ ମୁଗ୍ଧକର ଥିଲା ।

**ଶ୍ଲୋକ - ୧୭**

ଅଥସହସା ସୁପ୍ରୀତଂ ସୁରତାନ୍ତେ ସା ନିତାନ୍ତ ଖିନ୍ନାଙ୍ଗୀ

ରାଧା ଜଗାଦ ସାଦରମିଦମାନନ୍ଦେନଗୋବିନ୍ଦମ୍ ।। ୧୭ ।। (୧୭ଶ ସର୍ଗ)

ପରିବେଶରେ ମଙ୍ଗଳ ସକାଶେ କ୍ଷେତ୍ର ସମୁଦାୟରେ ଶିଘ୍ରରୁ ଶିଘ୍ର ବା ଅତି ଚଞ୍ଚଳ ଉତ୍ତମ ପ୍ରୀତିରେ ସମୟର ଶୃଙ୍ଗାର କରାଇଥିଲେ । ଶେଷରେ ଶକ୍ତି ସମ୍ପନ୍ନ ହୋଇ ରହିଆସିଥିଲା । ଜଗି ରହିଥିବା ଅସାଧାରଣ ବାସ୍ତବ ମାୟା କୌଣସି କାରଣରୁ ଅପଦସ୍ତ ହେବାପରେ ଉତ୍ତମ ଆଦରର ଆନନ୍ଦ ପାଇବା ପରେ, ଅକ୍ଷ କ୍ଷେତ୍ରରେ ଗୋବିନ୍ଦଙ୍କୁ ସମ୍ମାନ ଦେଇ ଆସିଥିଲା । ଏହି କାରଣ ଯୋଗୁଁ କୌଣସି ପ୍ରକାର ଶୃଙ୍ଗ ରୂପକ ଗିରି ନଥିବା ସ୍ଥଳେ ବ୍ରହ୍ମଗିରି ନାମ ସ୍ମରଣୀୟ ହୋଇ ରହି ଆସିଛି । କାଳଜୟୀ ସ୍ୱରୂପ ଗୋବିନ୍ଦ କ୍ଷେତ୍ରକୁ ପ୍ରକାରାନ୍ତରେ କାଳିଜାଇ ବୋଲି କୁହାଯାଇଛି ।

ଶ୍ଲୋକ- ୧୮

ପର୍ଯଙ୍କୀକୃତନାଗନାୟକଫଂଣାଶ୍ରେଣୀମଣୀନାଂ ଗଣେ ।

ସଙ୍କ୍ରାନ୍ତ ପ୍ରତିବିମ୍ବସଂବଳନୟାବିଭ୍ରଦ୍‌ବପୁର୍ବିକ୍ରିୟାମ୍ ।।

ପାଦାମ୍ଭୋରୁହଧାରି ବାରିଧିସୁତାମକ୍ଷ୍ଣାଂଦିଦୃକ୍ଷୁଃ ଶତୈଃ ।

କାୟବ୍ୟୁହମିବାଚରନ୍ନୁପଚିତାକୂତୋହରିଃପାତୁ ବଃ ।। ୧୮ ।। (୧୮ଶ ସର୍ଗ)

କର୍ତ୍ତାଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ସୃଷ୍ଟିର ଚାରି ଦିଗ, ନାଗନାୟକ ବାସୁକୀ ଧାରଣ କରିଥିବା ପୃଥିବୀକୁ ସେହି ସପ୍ତ ଫେଣାରେ ଆବରଣ କରି ଶ୍ରେଣୀ ସ୍ତରରେ ରଖିଥିବା ସତ୍ତ୍ୱେ ଏହି କ୍ଷେତ୍ରରେ ଗୋବିନ୍ଦଙ୍କ ପଦରେ ମଣୀ ସଜାଇ ରଖିଛନ୍ତି । ଏହା ଶ୍ରୀକ୍ଷେତ୍ର ରୂପେ ଜ୍ଞାନୀ ମଣ୍ଡଳ ସମୁହ ଜାଣନ୍ତି । ଏହାର ପ୍ରତିବିମ୍ବକୁ ସମୁଦାୟ ଜାଣନ୍ତି । ଏହି ଅଖଣ୍ଡ ଶରୀରର ପ୍ରସ୍ତୁତି ବିଷୟକୁ ନେଇ ଉପଦେଶ କରିବା ମଧ୍ୟ ସମର୍ଥ ଅଟନ୍ତି । ଏହି କ୍ରିୟା କଳାପକୁ ନେଇ ବାହ୍ୟ କ୍ଷେତ୍ରରେ ଉଠୁଥିବା ବାର୍ତ୍ତା, କ୍ଷେତ୍ର ପୃଥିବୀ ଧାରଣ କର୍ତ୍ତା ବାରିଧି କନ୍ୟାଙ୍କୁ ଦର୍ଶନ କରିବାକୁ ଇଚ୍ଛା ଜାଗ୍ରତ ରହିଛି । ସେହି ଇଚ୍ଛା ପୁଣି କ୍ଷଣଟିଏ ନୁହେଁ ଶତଶତ ବାର ଶରୀର ସମୁହକୁ ଅନାଇଁ ରହିବାକୁ ଇଚ୍ଛା ହେଉଛି । ଯେହେତୁ ସେହି ସମୁଦ୍ର କନ୍ୟାର ପତନ କ୍ଷେତ୍ରରୁ ତଥା ଗୋବିନ୍ଦଙ୍କ ଉର୍ଦ୍ଧରୁ ପାଦ ଦେଶ ଯାଏଁ, ଆବଶ୍ୟକତା କ୍ରମରେ ଯେଉଁ ବାୟୁ ପ୍ରକଟ ହୋଇ ସ୍ପର୍ଶ କରି ଆସୁଛି । ତଦ୍ୱାରା ପତିତ ହୋଇ ଯାଉଥିବା କ୍ଷେତ୍ର ସବୁଜତାର ସମ୍ବୋଧନ ହୋଇ ପାରିଛି ।

**ଶ୍ଲୋକ- ୧୯**

ଇତ୍‌ଥଂକେଳିତତୀର୍ବିହୃତ୍ୟ ଯମୁନାକୂଳେ ସମଂ ରାଧୟା ।

ତଦ୍ରୋମାବଳିମୌକ୍ତିକାବଳିଯୁଗେବେଣୀଭ୍ରମଂ ବିଭ୍ରତି ।।

ତତ୍ରାହ୍ଲାଦିକୁଚପ୍ରୟାଗଫଳୟୋର୍ଲିପ୍ସାବତୋର୍ହସ୍ତୟୋ –

ବ୍ୟାପାରାଃ ପୁରୁଷୋତମସ୍ୟ \\ZêÆúZûõcê\ûõ ସମ୍ପଦମ୍ ।। ୧୯ ।। (୧୯ଶ ସର୍ଗ)

ଏହି ଗୋବିନ୍ଦାୟ କ୍ଷେତ୍ରରେ ଅତୀତରୁ ପ୍ରଚିଳିତ ହୋଇ ଆସିଥିବା ବିସ୍ତାରିତ ମୋହନ କ୍ରୀଡ଼ା ବା ଖେଳକୁ ସାମୟୀକ ଭାବେ ବର୍ଣ୍ଣନା କରାଗଲା । ସ୍ୱୀକାରିତ ରୂପେ କ୍ଷେତ୍ରର ବଞ୍ଜର ଭୁମି ଏଠାରେ ପ୍ରଚଳିତ ଯମୁନା ସ୍ରୋତମାନଙ୍କ ଯମଜକୁ ନେଇ ଯମୁନା ସିଦ୍ଧି ଅଟେ । ନଦୀ ତଟ ଦେଶରେ, ସମଭାବାପନ୍ନ ରୂପରେ ଚଳଚଞ୍ଚଳ ହେଉଥିଲା । ଉକ୍ତ କ୍ଷେତ୍ରରେ ବାସ୍ତବ ମାୟାର ସତ୍ୟତା ଉପଲବ୍ଧି ହେଉଥିଲା । ଯେହେତୁ ସେଠାରେ ବଳବାନ ମାତୃତ୍ୱର ପ୍ରତିକ ମୁକ୍ତା ମଣିର ଖଚି ରହିଛି । କିନ୍ତୁ ଆଜିର ଏହି ଦୁର୍ବଳ କାଳରେ ଜ୍ଞାନିମାନେ ମଧ୍ୟ ଭ୍ରମ ପ୍ରଭାବରେ ଆସି, ମିଥ୍ୟା ଜ୍ଞାନର କ୍ଷେତ୍ର କହି ପ୍ରଚାର ପ୍ରସାର ଚଳାଇ । ଫଳ ସ୍ୱରୂପ ସେହି କ୍ଷେତ୍ରରେ ଆନନ୍ଦ କ୍ରମେ ମେଘର ଉଦୟ ହୋଇପାରିଥିଲା । ମେଘର ପ୍ରଚଳନ ପରେ କ୍ଷେତ୍ରର ମୂଲ୍ୟ ଓଜନର ବୃଦ୍ଧି ପାଇଥିଲା । ଉତମ ପୁରୁଷଗଣ ଏଠାକୁ ଆସି ବରଦେବା ଫଳରେ କ୍ଷେତ୍ରରେ ଲୋକ ବୃଦ୍ଧି ପାଇଥିଲା । କର ପାଇବା ତଥା ଲୋଭ ବୃଦ୍ଧି ପାଇବା ପରେ ପରିବେଶ କ୍ଷେତ୍ରକୁ କହେ ଏପରି ଫମ୍ପା ଆନନ୍ଦରୁ ତୁମ୍ଭେ କି ସମ୍ପତି ପାଇବ ।